Ranjan Pradhan's

a creative odisha publication



ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ

ମୟୂରଭଞ୍ଜ

ରଞ୍ଜନ ପ୍ରଧାନ

Digitized by srujanika@gmail.com

ମୟୂରଭଞ୍ଜକୁ ତନ୍ନତନ୍ନ କରି ନିରୀକ୍ଷଣପୂର୍ବକ ଏହାର କଳା, ସଂସ୍କୃତି, ଐତିହ୍ୟ, ଭୂଗୋଳ, ପ୍ରତ୍ନତତ୍ତ୍ୱ ଓ ସାମାଜିକ ଜୀବନର ପୂର୍ଣ୍ଣାଙ୍ଗ ଚିତ୍ର ଆଙ୍କିବାରେ ସଫଳ ହୋଇଛନ୍ତି ଆମ ସମୟର ପ୍ରତିଭାବାନ୍ ଯୁବଗବେଷକ ରଂଜନ ପ୍ରଧାନ । ମୟୂରଭଞ୍ଜ ସଂପର୍କରେ ଲିଖିତ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କଠାରୁ ଏହି ବହିଟି ଟିକେ ନିଆରା । ବହିଟି ଭବିଷ୍ୟତ ଗବେଷକମାନଙ୍କ ଚକ୍ଷୁ ଉନ୍ମୋଚନରେ ସହାୟକ ହେବ ।

ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର,
କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା

ମୟୂରଭଞ୍ଜ ଜିଲ୍ଲାର ଇତିହାସକୁ ନେଇ ଯଦିଓ ଅତୀତରେ ଅଳ୍ପବହୁତ ପୁସ୍ତକ ପ୍ରକାଶିତ ହୋଇଛି, ତେବେ ରଂଜନ ପ୍ରଧାନଙ୍କ ଭୂଗୋଳ ସଂକ୍ରାନ୍ତ ଏହି ଗ୍ରନ୍ଥଟି ବିଭିନ୍ନ ଦୃଷ୍ଟିରୁ ନିଆରା ଓ ଗୁରୁତ୍ୱପୂର୍ଣ୍ଣ । ମୟୂରଭଞ୍ଜ ଜିଲ୍ଲାକୁ ଅଧିକ ଜାଣିବା ପାଇଁ ଏଭଳି ଏକ ଗ୍ରନ୍ଥର ଯଥେଷ୍ଟ ଆବଶ୍ୟକତା ଥିଲା, ଯାହାକୁ ରଂଜନ ପ୍ରଧାନ ପୂରଣ କରିପାରିଛନ୍ତି । ଏହି ଗ୍ରନ୍ଥଟିକୁ ମୁଁ ମୟୂରଭଞ୍ଜର ଆଇନା ବୋଲି କହିବି । କାରଣ, ମୟୂରଭଞ୍ଜ ଜିଲ୍ଲାର ଭୂଗୋଳ, ନଦନଦୀ, ପାହାଡ଼, ଝରଣା, ଶିମିଳିପାଳ, ସଂସ୍କୃତି, ପର୍ଯ୍ୟଟନ, ପରଂପରା, ପ୍ରାଚୀନ ଐତିହ୍ୟଠାରୁ ଆରଂଭ କରି ଜିଲ୍ଲାର ପର୍ବପର୍ବାଣି, ଲୋକନୃତ୍ୟ, ଶିଳ୍ପାୟନ, ଜୀବନଜୀବିକାର କଥା ଏହି ଗ୍ରନ୍ଥଟିର ପ୍ରତି ପୃଷ୍ଠାରେ ପ୍ରତିଫଳିତ । ଉକ୍ତ ଗ୍ରନ୍ଥଟି ମୟୂରଭଞ୍ଜର ଏକ ସାବଲୀଳ ଜ୍ଞାନକୋଷ, ଯାହାକି ପ୍ରତ୍ୟେକ ମୟୂରଭଞ୍ଜବାସୀଙ୍କ ଜ୍ଞାନଲବ୍ଧ ହେବା ଶ୍ରେୟସ୍କର । ପ୍ରତି ପରିବାରର ବହି ଥାକରେ ଏହି ଗ୍ରନ୍ଥଟି ସ୍ଥାନିତ ହୋଇପାରିଲେ ଜଣେ ମୟୂରଭଞ୍ଜିଆ ଭାବେ ମୁଁ ଆନନ୍ଦିତ ହେବି ।

ଡ. ଶାନ୍ତନୁ ମହାପାତ୍ର
ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ତଥା ପୂର୍ବତନ ସଭାପତି,
ଓଡ଼ିଶା ସଂଗୀତ ନାଟକ ଏକାଡେମୀ

ମୟୂରଭଞ୍ଜ ଜିଲ୍ଲାକୁ ନେଇ ଏହା ଏକ ଉପାଦେୟ ପୁସ୍ତକ । ମୟୂରଭଞ୍ଜ ଜିଲ୍ଲାର ଭୌଗୋଳିକ ଚିତ୍ର ଏହି ପୁସ୍ତକଟିରେ ସଠିକ୍ ଭାବେ ଆକଳନ କରାଯାଇ ପାରିଛି । ପ୍ରତି ମୟୂରଭଞ୍ଜବାସୀଙ୍କ ବହି ଥାକରେ ଏଭଳି ପୁସ୍ତକଟିଏ ଶୋଭା ପାଇବା ଉଚିତ୍ । ରଂଜନ ପ୍ରଧାନଙ୍କ ରଚିତ ଏହି ପୁସ୍ତକଟି ପାଠକ ମହଲରେ ଆଦୃତ ହେବା ସହ ଏହାର ବହୁଳ ପ୍ରସାର କାମନା କରୁଛି ।

ଡ. କିଶୋର କୁମାର ବଶା
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Digitized by srujanika@gmail.com

ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ

ମୟୁରଭଞ୍ଜ

(ମୟୁରଭଞ୍ଜ ଜିଲ୍ଲାର ପ୍ରତ୍ନତାତ୍ତ୍ୱିକ ବିଭବ, ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ, ପରଂପରା, ପର୍ବପର୍ବାଣି, ଜୀବନଯାତ୍ରା ଏବଂ ସର୍ବୋପରି ଶିମିଳିପାଳ ଜୈବମଣ୍ଡଳ, ଏହାର ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ତଥ୍ୟ ସମ୍ବଳିତ ଏକ ବହୁମୂଲ୍ୟ ଗ୍ରନ୍ଥ)

ରଞ୍ଜନ ପ୍ରଧାନ

Odisha creative odisha

ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା

Digitized by srujanika@gmail.com

ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ : ମୟୂରଭଞ୍ଜ

ଲେଖକ: ରଞ୍ଜନ ପ୍ରଧାନ

ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା, ଓଡ଼ିଶା

ବିତରକ: ପଶ୍ଚିମା ପବ୍ଲିକେଶନ୍‌ସ, ୧୮୮୭, ନୟାପଲ୍ଲୀ, ଭୁବନେଶ୍ୱର-୧୨

ପ୍ରଚ୍ଛଦ: ଅଶୋକ ମହାନ୍ତି, ପ୍ରଚ୍ଛଦ ଫଟୋ: ରଂଜନ ପ୍ରଧାନ

ମୁଦ୍ରଣ: ଏ.ବି. ଇମେଜିଂ ପ୍ରା.ଲିଃ., ଭୁବନେଶ୍ୱର

ବହି ଭିତରେ ବ୍ୟବହୃତ ଫଟୋ: ଲେଖକଙ୍କର ନିଜସ୍ୱ

ପ୍ରଥମ ମୁଦ୍ରଣ: ୨୦୧୭

ମୂଲ୍ୟ: ₹ ୪୫୦ ଟଙ୍କା

© : ranjan pradhan

ISBN: 978-81-89098-71-6

1st edition: 2017

Paryatana O Pratnatattwa : Mayurbhanja : a work by ranjan pradhan on mayurbhanj district.

published by creative odisha, niginipur, sanajaria, kendrapada, odisha

contact: 09437213854

e-mail: ranjan.pragyan@gmail.com
ranjan_pragyan@rediffmail.com

Rs: ₹ 450.00

Digitized by srujanika@gmail.com

ଉତ୍ସର୍ଗ

ଶିମିଳିପାଳ ଓ ଏହାର ବିରଳ ଶୋଭାରାଜିକୁ

Digitized by srujanika@gmail.com

ଏହି ଗ୍ରନ୍ଥଟିର ସମସ୍ତ ସତ୍ତ୍ୱାଧିକାର ଲେଖକଙ୍କ ଦ୍ୱାରା ସଂରକ୍ଷିତ । ଗ୍ରନ୍ଥଟିର କୌଣସି ଅଂଶକୁ କେହି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଅନ୍ୟତ୍ର ବ୍ୟବହାର କରିବା, ଏହାର ନକଲ କରିବା, ତଥ୍ୟ ସଂଗ୍ରହ କରିବା, ସଂପାଦନା କରିବା ଭଳି କାର୍ଯ୍ୟ କରିବାକୁ ଚାହିଁଲେ ଲେଖକଙ୍କ ଅନୁମତି ବାଞ୍ଛନୀୟ । ଲେଖକଙ୍କ ବିନା ଅନୁମତିରେ ଏସବୁ କାର୍ଯ୍ୟ ଦଣ୍ଡନୀୟ ।

-ଲେଖକ

All rights reserved. No part of this publication may be reproduced or transmitted in any form or by any means, electronic or mechanical, including photocopying, recording or any information storage or retrieval system , without written permission of the copyright owner. No photograph of the book may be reproduced or transmitted in any system without written permission of the author.

-Author

Digitized by srujanika@gmail.com

କେଉଁ ପୃଷ୍ଠାରେ କ'ଣ ଅଛି?

ବହି ସଂପର୍କରେ ପଦେ.. ▸୧୯

ମୟୁରଭଞ୍ଜ ବୁଲାବୁଲି.. ▸୨୨

ପ୍ରଥମ ପରିଚ୍ଛେଦ: ମୟୁରଭଞ୍ଜ ପରିଚିତି ▸୫୪

ସଂକ୍ଷେପରେ ମୟୁରଭଞ୍ଜ ▸୫୫

ମୟୁରଭଞ୍ଜର ସଂକ୍ଷିପ୍ତ ଇତିହାସ ▸୫୭

ଦ୍ୱିତୀୟ ପରିଚ୍ଛେଦ ▸୬୪

ମୟୁରଭଞ୍ଜ ଜିଲ୍ଲାର 'ପ୍ରତ୍ନତାତ୍ତ୍ୱିକ ବିଭବ' ଏବଂ 'ଐତିହ୍ୟ ପର୍ଯ୍ୟଟନ' ▸୬୪

ଦ୍ୱିତୀୟ ଶ୍ରୀକ୍ଷେତ୍ର : ବାରିପଦାର ହରିବଳଦେବଜିଉ ମନ୍ଦିର ▸୬୭

ହରିବଳଦେବଜିଉ ମନ୍ଦିରର ପ୍ରାଚୀନ ମୂର୍ତ୍ତିସମୂହ ▸୭୨

ବାଣ୍ଟିଆ ଜଗନ୍ନାଥ ମନ୍ଦିର ▸୭୬

ବାରିପଦା ସହରର ମନ୍ଦିରସମୂହ ▸୭୭

ବାରିପଦା ସହରର ଐତିହ୍ୟ ନିର୍ମାଣ ଓ ଜଳାଶୟ ▸୮୪

ଐତିହ୍ୟ ପାଠାଗାର : ଜୁବୁଲି ଲାଇବ୍ରେରି ▸୮୯

ଏମ୍‌ପିସି ମହାବିଦ୍ୟାଳୟ (ବାରିପଦା ରାଜପ୍ରାସାଦ) ଓ ବେଲଗଡ଼ିଆ ରାଜବାଟୀ ▸୯୦

ଉତ୍କଳମଣି ସ୍ମାରକୀ, ବାରିପଦା ପୌରପାଳିକା ଓ କୀଚକେଶ୍ୱରୀ ମନ୍ଦିର ଫାଟକ ▸୯୨

ମହାରାଣୀ ଡକତକୁମାରୀଙ୍କ 'ରାଣୀମହଲ' ଓ 'ରାଣୀବନ୍ଧ' ▸୯୪

ବାରିପଦାରେ ରେଳ ସେବା : ପୁରୁଣା ବାଷ୍ପଚାଳିତ ରେଳ ଇଞ୍ଜିନ୍ 'ଜେଡ଼ି-୨୭' ▸୯୬

ଓଡ଼ିଶାର ଦୁଇ ପ୍ରାଚୀନ ସଂଗ୍ରହାଳୟ ▸୯୮

୧. ବାରିପଦା ମ୍ୟୁଜିୟମ୍ ▸୯୮

୨. ଖିଚିଂ ସଂଗ୍ରହାଳୟ ▸୧୦୩

ଖିଚିଂର କିଚକେଶ୍ୱରୀ ଓ କୁଟେଇତୁଣ୍ଡି ମନ୍ଦିର ▸୧୧୭

Digitized by srujanika@gmail.com

ଧ୍ୱଂସପ୍ରାପ୍ତ ବିରାଟଗଡ଼ ଓ କୀଚକଗଡ଼ ▸୧୧୭
ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ: ହରିପୁର ଗଡ ଓ ବିଶ୍ୱପ୍ରସିଦ୍ଧ 'ରସିକରାୟ' ମନ୍ଦିର ▸୧୨୨
ପେଡ଼ାଗଡ଼ିର ଭୀମେଶ୍ୱରୀ ଓ ଅନ୍ୟାନ୍ୟ ପ୍ରାଚୀନ ମୂର୍ତ୍ତି ▸୧୩୦
ଭୁଜଙ୍ଗବିରାଟ ରାଜବଂଶର ପ୍ରାଚୀନ ରାଜଧାନୀ; କଇଁସାରି ଗଡ଼ ▸୧୩୮
କପ୍ତିପଦା ରାଜବାଟି ▸୧୩୯
ଡୁବିଗଡ଼ ଓ ଇଟାଗଡ଼ ▸୧୪୧
ପଥୁରିଆଗଡ଼ ▸୧୪୧
କୁଟଲିଙ୍ଗର ମା' ବିରାଟପାଟ ▸୧୪୨
ଉଠାଣଗାଁର କଖାରୁଆ ବାଣେଶ୍ୱର ▸୧୪୩
ଘଣ୍ଟଶିଳା, ଲାଖାଇ ଚଣ୍ଡୀ ଓ ହଳଦିଘାଟ ▸୧୪୩
କପ୍ତିପଦାର ଝିଙ୍କେଶ୍ୱର ପୀଠ ▸୧୪୬
ଶିଳଘାଟି ବନ୍ଧ ▸୧୪୭
ଗୋରୁମହିଷାଣିର 'ପିଏନ୍ ବୋଷ ମେମୋରିଆଲ୍' ▸୧୪୮
ବହଳଦାର କିଚକେଶ୍ୱରୀ ମନ୍ଦିର ▸୧୫୦
ରଘୁନାଥ ମୁର୍ମୁଙ୍କ ସମାଧିସ୍ଥଳ, ଦାଣ୍ଡବୋଷ ଓ ଗୁଣ୍ଡୁରିଆ ▸୧୫୧
ରାଇରଙ୍ଗପୁରର ଜଗନ୍ନାଥ ମନ୍ଦିର (ନୂତନ) ▸୧୫୨
ରାଇରଙ୍ଗପୁର ଗଡ଼ ▸୧୫୩
ପ୍ରାଚୀନ ଐତିହ୍ୟସ୍ଥଳ; ପଦ୍ମପୁର (ଦେଉଳି) ▸୧୫୩
ବାବା ଶିମଳେଶ୍ୱର ମନ୍ଦିର ▸୧୫୫
ଅଗ୍ନିଦେବୀ ହିଙ୍ଗୁଳା ମନ୍ଦିର (ନୂତନ) ▸୧୫୬
ମାଣତ୍ରୀର କଖାରୁଆ ବୈଦ୍ୟନାଥ ମନ୍ଦିର ▸୧୫୭
ତାଳନ୍ଦ ପ୍ରତ୍ନତାତ୍ତ୍ୱିକ ସ୍ଥଳ (ବଡ଼ସାହି) ▸୧୫୮
କୁରାଡ଼ିହା ଗଡ଼ ▸୧୫୯
ବଡ଼ବେଲାକୁଟି ଓ ଏଠାରୁ ମିଳିଥିବା ପ୍ରାଚୀନ ମୂର୍ତ୍ତି ▸୧୬୧
ଐତିହାସିକ ସଠିଲୋ ଗ୍ରାମ ଓ ଏଠାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି ▸୧୬୩

Digitized by srujanika@gmail.com

ଐତିହାସିକ ଗ୍ରାମ ରାଣୀବନ୍ଧ (ଗୋପବନ୍ଧୁନଗର) ▸୧୬୫
କୁଆମରା ଓ ଚିଲିମାର ପ୍ରାଚୀନ ମୂର୍ତ୍ତି ଓ କୀର୍ତ୍ତିରାଜି, ଐତିହାସିକ କୃଷ୍ଣସାଗର ▸୧୬୭
କୁଳିଅଣା ଓ ଏହା ସଂଲଗ୍ନ ନୂତନ ପ୍ରସ୍ତର ଯୁଗର ପ୍ରତ୍ନତାତ୍ତ୍ୱିକ ବିଭବ ▸୧୭୦
ଦେବଗ୍ରାମ (ଦେଓଗାଁ) ଓ ସୋନ ନଦୀ ଗର୍ଭସ୍ଥ ପୁରାତନ ଭଗ୍ନ ମନ୍ଦିର ▸୧୭୦
ବାଲିଡିହାର ନାକକାଟି ଠାକୁରାଣୀ ଓ ଐତିହ୍ୟପୂର୍ଣ୍ଣ ଅରଣ୍ୟ ନିବାସ ▸୧୭୩
ସାରସକଣା ଜଗନ୍ନାଥ ମନ୍ଦିର (ନୂତନ) ▸୧୭୫
ମୟୂରଭଞ୍ଜର ପ୍ରଥମ ରାଜଧାନୀ ଆଦିପୁର ଗଡ଼ ▸୧୭୬
କରଞ୍ଜିଆର ବାରଖଣ୍ଡା ମନ୍ଦିର ▸୧୭୭
ଯଶିପୁରର ଐତିହ୍ୟ ସ୍ମାରକୀ : ରଘୁନାଥଜିଉ ମଠ ▸୧୭୭
ଖଣ୍ଡିଆଦର ଯୋଗୀ ମଠ ▸୧୮୦
ଭଞ୍ଜକିଆର କିଆଶୁଣୀ ପୀଠ ▸୧୮୦
ରାସଗୋବିନ୍ଦପୁରର ବିନୋଦ ରାୟ ମଠ ▸୧୮୧
ଐତିହାସିକ ରତ୍ନପୁର; ରାଧାନାଥଙ୍କ 'ପାର୍ବତୀ' କାବ୍ୟର ପୃଷ୍ଠଭୂମି ▸୧୮୨
ଅମର୍ଦ୍ଦା (ରାସଗୋବିନ୍ଦପୁର), ରାଜାବସା ଓ ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ▸୧୮୨
ମଞ୍ଚାବନ୍ଧା ଇକୋ ପାର୍କ ▸୧୮୫
ଭୀମ ଆଣ୍ଠୁଆ, ପାଣ୍ଡରା ଗାଁ ଓ ପାଣ୍ଡବେଶ୍ୱର ମନ୍ଦିର ▸୧୮୬
ବୈଁଶିଙ୍ଗାର କାଛି ମଠ ▸୧୮୬
ତୃତୀୟ ପରିଚ୍ଛେଦ ▸୧୮୭
ମୟୂରଭଞ୍ଜର ପାହାଡ଼, ନଦୀ, ନଦୀବନ୍ଧ, ଝରଣା ଓ ଜଳପ୍ରପାତ ▸୧୮୭
ମୟୂରଭଞ୍ଜ ଜିଲ୍ଲାର ପାହାଡ଼ ପର୍ଯ୍ୟଟନ ▸୧୮୭
ବାଦାମ ପାହାଡ଼ (ବଡ଼ାମ ପାହାଡ଼) ▸୧୮୯
ଶକ୍ତିପୀଠ ଟାଙ୍ଗରାଶୁଣୀ ▸୧୯୦
ଟାଙ୍ଗିରିଆ ପୀଠ ▸୧୯୦
ଛତାଦୁଡ଼ି (ଛତ୍ରଦୁଡ଼ି) ପାହାଡ଼ ଗୁମ୍ଫା ▸୧୯୨
ରାଇରଙ୍ଗପୁରର ନସ୍‌କରିଆ ପାହାଡ଼ ଗୁମ୍ଫା ▸୧୯୪

Digitized by srujanika@gmail.com

କୁଂଭିରା ହୁଡ଼ି ▶୧୯୫
ମୟୁର ପାହାଡ଼; ବାଘାଯତୀନଙ୍କ ସ୍ମୃତିପୀଠ ▶୧୯୬
ବାଦୁଡ଼ିଆପାଟ ଗୁମ୍ଫା ▶୧୯୭
ଠାକୁରମୁଣ୍ଡାର ବାଘମରା ଗୁମ୍ଫା ▶୧୯୯
ରାଢ଼ୋର ଲୁଇପା ହୁଡ଼ି ଓ ସିଦ୍ଧ ଗୁମ୍ଫା (ସିଦ୍ଧଗୁହା) ▶୨୦୧
ବାଙ୍ଗିରିପୋଷି ଘାଟି, ଦୁଆରଶୁଣୀ ପୀଠ ଓ ବିଧୁଭଣ୍ଡାର ପାହାଡ଼ ▶୨୦୪
ସାତପୁଟୁଳି ଠାକୁରାଣୀ ପାହାଡ଼ ଏବଂ ଉତ୍ତର ଓଡ଼ିଶାର ସବୁଠୁ ବଡ଼ ପାହାଡ଼ ଯାତ୍ରା ▶୨୦୬
ଆମ୍ବିଳିପାଟ ଠାକୁରାଣୀ ପାହାଡ଼ ▶୨୦୮
ଖଡ଼ିଆ ରାଜା ପାହାଡ଼ (ବୁଢ଼ାବୁଢ଼ୀ ପାହାଡ଼) ଓ ଗୁମ୍ଫା ▶୨୦୮୯

ମୟୁରଭଞ୍ଜ ଜିଲ୍ଲାର ନଦୀ ବ୍ୟବସ୍ଥା ▶୨୧୦
ବୁଢାବଳଙ୍ଗ ▶୨୧୧
ସୁବର୍ଣ୍ଣରେଖା ▶୨୧୯
ଜଂଭିରା ▶୨୨୨

ମୟୁରଭଞ୍ଜ ଜିଲ୍ଲାରେ ପ୍ରବାହିତ ବୈତରଣୀର ପ୍ରମୁଖ ଉପନଦୀ ▶୨୨୪
କାକରୀ ହ୍ରଦ (ଭୋଳକୁଣ୍ଡି) ▶୨୨୫
ଆଡ଼ଶିଳି: ବୁଢ଼ାବଳଙ୍ଗ ଶଯ୍ୟାର ଆକର୍ଷଣୀୟ ଲ୍ୟାଣ୍ଡସ୍କେପ ▶୨୨୬
ଡେରା: ବୁଢ଼ାବଳଙ୍ଗ ଶଯ୍ୟାରେ ପଥରମାନଙ୍କ ମେଳା ▶୨୨୭
ଘୋଡ଼ାମୁହାଁ (ଜଉମାରା) ▶୨୨୯
ଦୋ' ମୁହାଁଣୀ (ବୁଢ଼ାବଳଙ୍ଗ ଓ କାତ୍ରା ନଦୀର ମିଳନ ସ୍ଥଳ)▶୨୨୯
ଦୋ' ମୁହାଁଣୀ ଘାଟ (ବୈତରଣୀ ଓ ଖଇରି-ଭଣ୍ଡନ ନଦୀର ମିଳନ ସ୍ଥଳ) ▶୨୩୦
ରରୁଆଁର ସୁନାପୋଡ଼ି ଦର୍ହ ▶୨୩୨
କରଞ୍ଜିଆର ତିନିଧାରିଆ (ତ୍ରିଧାରା) ▶୨୩୪
ଶୀର୍ଷାର ମେରୁ ମଠ, ସୁବର୍ଣ୍ଣରେଖାର ଆକର୍ଷଣୀୟ 'ପଥର ଶଯ୍ୟା' ▶୨୩୬
ବାଙ୍କବଳର ଆକର୍ଷଣୀୟ ପ୍ରସ୍ତର ଶଯ୍ୟା 'ହାତୀବାରି' ▶୨୩୭

Digitized by srujanika@gmail.com

ମୟୁରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଜଳ ପ୍ରପାତ ଓ ନଦୀକୁଣ୍ଡ ▶୨୩୯
ଭୀମକୁଣ୍ଡ ▶୨୩୯
କେଶରୀକୁଣ୍ଡ ▶୨୪୨
ଭୈରବ କୁଣ୍ଡ ▶୨୪୫
ମଣିଭଦ୍ରା ଜଳପ୍ରପାତ ▶୨୪୬
କାଣ୍ଡିଆ ଜଳପ୍ରପାତ (କନିଆ ଲୁକା) ▶୨୪୬
ଢୁଢୁଆ ଜଳପ୍ରପାତ ▶୨୪୭

ମୟୁରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ନଦୀବନ୍ଧ ଓ ଏଗୁଡ଼ିକର ପର୍ଯ୍ୟଟନ ଗୁରୁତ୍ୱ ▶୨୫୦
ବାଲିଡ଼ିହା ନଦୀ ବନ୍ଧ ଓ ସୀତାରାମ ଦୁଡ଼ି ▶୨୫୦
ହଳଦିଆ ଡ୍ୟାମ୍ ▶୨୫୧
ଜଂଭିରା ଡ୍ୟାମ୍ ▶୨୫୨
ସୋନ (ସୁନେଇ) ନଦୀ ବନ୍ଧ ▶୨୫୨
କାଳ ଡ୍ୟାମ୍ ▶୨୫୩
ଖଡ଼ଖାଇ ଡ୍ୟାମ୍ (ସୁଲେଇପାଟ ନଦୀ ବନ୍ଧ) ▶୨୫୪
ନେସା ଡ୍ୟାମ୍ ▶୨୫୫
ବାଙ୍କବଳ ଡ୍ୟାମ୍ ▶୨୫୬
ହାତୀବାରି ଦେଓ ଡ୍ୟାମ୍ ▶୨୫୬
ଶଙ୍କରମରା ଡ୍ୟାମ୍ ▶୨୫୭
ନେଦାମ୍ ଡ୍ୟାମ୍ ▶୨୫୮
ଅରିକୁଳ ଡ୍ୟାମ୍ ▶୨୫୯
ବଡ଼ଯୋଡ଼ ପକ୍ଷୀବିହାର ▶୨୫୯
ମୟୁରଭଞ୍ଜ ଜିଲ୍ଲାର କିଛି ଜଳାଶୟ ଓ 'ପକ୍ଷୀ ବିହାର' ▶୨୬୦

Digitized by srujanika@gmail.com

ଚତୁର୍ଥ ପରିଚ୍ଛେଦ ▶୨୬୪
ଧରାର ସ୍ୱର୍ଗ : ଶିମିଳିପାଳ ▶୨୬୪
ବଙ୍ଗୋପସାଗରର ଊର୍ଦ୍ଧ୍ୱଗତି ଓ ଶିମିଳିପାଳ ପର୍ବତମାଳାର ଅଭ୍ୟୁଦୟ ▶୨୬୪
ଶିମିଳିପାଳ ଜୈବ ମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ପ୍ରସ୍ତାବିତ ଜାତୀୟ ଉଦ୍ୟାନ ▶୨୬୮
ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ ▶୨୭୨
ଶିମିଳିପାଳ ଜୈବମଣ୍ଡଳରୁ ସୃଷ୍ଟ ନଦନଦୀ ▶୨୭୩
ଶିମିଳିପାଳର ଜନବସତି: ଜୈବମଣ୍ଡଳ ପ୍ରତି ଆହ୍ୱାନ ▶୨୭୫
ଶିମିଳିପାଳ ଜୈବମଣ୍ଡଳ ପରିଚାଳନା ଓ ପ୍ରାଶାସନିକ ବ୍ୟବସ୍ଥା ▶୨୮୦
ଶିମିଳିପାଳ ଜୈବମଣ୍ଡଳରେ ଥିବା ଫାଟକ ▶୨୮୩
ଶିମିଳିପାଳ ଜୈବମଣ୍ଡଳର କିଛି ପ୍ରାକୃତିକ ସଲ୍ଟ ଲିକ୍ ଓ ବିଶାଳ ଘାସ ପଡ଼ିଆ ▶୨୮୪
ଶିମିଳିପାଳ କୋର୍ ଏରିଆରେ ଥିବା ପ୍ରସିଦ୍ଧ ସନ୍ତସନ୍ତିଆ ଭୂମି (ଦଲ୍ଦଲି) ▶୨୯୧

ଶିମିଳିପାଳ ଜୈବମଣ୍ଡଳରେ ଥିବା ପ୍ରସିଦ୍ଧ ପାହାଡ ▶୨୯୩
ଖଇରିବୁରୁ ▶୨୯୩
ମେଘାସନ (ମେଘାସନୀ) ▶୨୯୩
ଟୁଙ୍କିବୁରୁ ▶୨୯୪
ଧୁଡୁଚଂପା ▶୨୯୫
ବକୁଆ ▶୨୯୫
ଜେନାବିଲ ▶୨୯୫
ଉପର ବାର୍ହାକାମୁଡ଼ା ▶୨୯୬
ଭଞ୍ଜବସା ▶୨୯୬
ଚହଲା ▶୨୯୭
ନଓ୍ୱାଣା ▶୨୯୭
ଶମୀବୃକ୍ଷ ▶୨୯୭

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳରେ ଥିବା ଜଳପ୍ରପାତ ▶୨୯୯
ବରେହିପାଣି ଜଳପ୍ରପାତ ▶୨୯୯
ଯୋରନ୍ଦା ଜଳପ୍ରପାତ ▶୩୦୦
ଉଷି ଜଳପ୍ରପାତ ▶୩୦୧
ଅସୁରଖୋଲ ଜଳପ୍ରପାତ ▶୩୦୨
ଅଲକୁଦର ଜଳପ୍ରପାତ ▶୩୦୨
ଟୁଙ୍କି ଜଳପ୍ରପାତ ▶୩୦୩
ଅଁଳା ଜଳପ୍ରପାତ ▶୩୦୪
ମାଛକାନ୍ଦଣା (ମାଛକାନ୍ଦ) ଜଳପ୍ରପାତ ▶୩୦୬
ମହୁ ଝରନ୍ ଜଳପ୍ରପାତ ▶୩୦୭
ଚିଙ୍ଗୁଡ଼ିଆ ଜଳପ୍ରପାତ ▶୩୦୮
ମଇଁଷିଗୋଳା ଜଳପ୍ରପାତ ▶୩୦୯
ବିଂଦର୍ହ (ସର୍ପ ହ୍ରଦ) ଓ କାତରା ନଈର ମୋହିନୀ ରୂପ ▶୩୧୦
ବିଲାପଘା ଜଳପ୍ରପାତ ▶୩୧୨
ଦେବକୁଣ୍ଡ ▶୩୧୨
ବ୍ରାହ୍ମଣକୁଣ୍ଡ ▶୩୧୩
ସୀତାକୁଣ୍ଡ ▶୩୧୫
ଲୁଲୁଂ ▶୩୧୬
ମୁନିଦର୍ହ (ମୁନିଦର୍ହ) ▶୩୧୭

ଶିମିଳିପାଳର ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳ ▶୩୧୮
ନଓ୍ୱାଣା ▶୩୧୮
ଚହଲା ▶୩୧୯
ଜାମୁଆଣି ▶୩୨୦
ରାମତୀର୍ଥ ▶୩୨୦

Digitized by srujanika@gmail.com

ଗୁଡୁଗୁଡ଼ିଆ ଓ କୁମାରୀ ▶୩୨୧
କାନଛିଣ୍ଡା ▶୩୨୩
ଡାଳବନ୍ଧ ▶୩୨୩
ଚିଲ୍‌କି ଗଣ୍ଡ ଓ ଷାଠିଦର୍ହ ▶୩୨୩

ଶିମିଳିପାଳର ମହାଶାଳ ଓ ମହାଚଂପା ବୃକ୍ଷ ▶୩୨୪
ଶିମିଳିପାଳର କିଛି 'ଟ୍ରେକିଂ ପାଥ୍' ▶୩୨୫
ଶିମିଳିପାଳର ପର୍ଯ୍ୟଟନ ମାନଚିତ୍ର ▶୩୨୫
ଶିମିଳିପାଳ ପର୍ଯ୍ୟଟନ ପଥ ▶୩୨୬
ଅଠର ଦେଉଳ: ବାଥୁଡ଼ିମାନଙ୍କ ଉପାସନାସ୍ଥଳ ▶୩୨୮
ଶିମିଳିପାଳ ଜୈବମଣ୍ଡଳର ଜୈବବିବିଧତା ▶୩୩୩
ହୃଦୟଶୂନ୍ୟ ଜନ୍ତୁଶିକାର ଓ ଗଛକଟା ଏବେ ଶିମିଳିପାଳ ପ୍ରତି ବିପଦ! ▶୩୪୯
ବିଶ୍ୱରେ ବିରଳ ଶିମିଳିପାଳର 'କଳାବାଘ' ▶୩୫୧
କାଳିଆଣି ବିଷଣି ପବନ ▶୩୫୨
ପଦ୍ମଶ୍ରୀ ସରୋଜରାଜ୍ ଚୌଧୁରୀଙ୍କ ଅବୁଝା କନ୍ୟା; 'ଖଇରୀ' ▶୩୫୩
ଖଣିଜ ସଂପଦ ଶିମିଳିପାଳ ଜୈବମଣ୍ଡଳ ପ୍ରତି ବିପଦ! ▶୩୫୪

ପଞ୍ଚମ ପରିଚ୍ଛେଦ ▶୩୫୬
ପ୍ରାଚୀନ ଜନଜାତି, ଜୀବନଜୀବିକା, ପ୍ରଥା, ପରଂପରା ଓ ପର୍ବପର୍ବାଣି ▶୩୫୬
ମୟୁରଭଞ୍ଜ ଜିଲ୍ଲାର ଜନଜାତି ▶୩୫୬
ଜିଲ୍ଲାବାସୀଙ୍କ ଜୀବନଜୀବିକା ▶୩୫୭
ମୟୁରଭଞ୍ଜରେ ଶିଳ୍ପବିପ୍ଳବର ଇତିହାସ ▶୩୫୮
ମୟୁରଭଞ୍ଜରେ ଲୌହଖଣିଭିତ୍ତିକ ଶିଳ୍ପ ▶୩୫୯
ଇସ୍ପାତ୍ ଉଦ୍ୟୋଗ ▶୩୬୨
ଖଣ୍ଡେଲୱାଲ୍ ଆଇରନ୍ ଆଣ୍ଡ ଷ୍ଟୀଲ୍ କଂପାନୀ ▶୩୬୨

Digitized by srujanika@gmail.com

ମନୋରମା ଫାଉଣ୍ଡାରି ଓ୍ୱାର୍କ୍‌ସ ▶୩୬୨
ମୟୁରଭଞ୍ଜର ଟସର ଶିଳ୍ପ ▶୩୬୨
ମୟୁରଭଞ୍ଜ ଟେକ୍ସଟାଇଲ୍ ଓ ସ୍ପିନିଂ ମିଲ୍ ▶୩୬୩
କାଠପାଳ ଅତର କାରଖାନା ▶୩୬୩
କୁସୁମବଣି ପାଓ୍ୱାର୍ ପ୍ରୋଜେକ୍ଟ ▶୩୬୪
ଲାଖ ଶିଳ୍ପ ▶୩୬୪
ରେଳ ସ୍ଲିପର୍ ଶିଳ୍ପ ▶୩୬୪
ମୃତ୍ତିକା ଶିଳ୍ପ ▶୩୬୫
କାଚ ଶିଳ୍ପ ▶୩୬୫
ଫେରୋ ଭାନାଡ଼ିୟମ୍ ପ୍ଲାଣ୍ଟ୍ ▶୩୬୫
ଶାଳମଞ୍ଜି ତେଲ ଶିଳ୍ପ ▶୩୬୬
କେସ୍‌ନା ଶିଳ୍ପୀ ଗ୍ରାମ ▶୩୬୭
ମୟୁରଭଞ୍ଜର ପର୍ବପର୍ବାଣି ▶୩୬୭
ମୟୁରଭଞ୍ଜର ଗଣପର୍ବ; ମକର ▶୩୬୮
କୁଡୁମୀ ଯୁବତୀଙ୍କ ଟୁସୁ ପର୍ବ ▶୩୭୦
ସମୂହ ପିଣ୍ଡଦାନ ଉତ୍ସବ 'ଦାମୋଦର ଯାତ୍ରା' ▶୩୭୨
ଦ୍ୱିତୀୟ ଶ୍ରୀକ୍ଷେତ୍ର; ବାରିପଦାର ରଥଯାତ୍ରା ▶୩୭୫
ବାମନଘାଟିର ଢନ୍ତାଳ ପର୍ବ ▶୩୭୭
କରମ୍ (କରମା) ପର୍ବ ▶୩୭୭
କୁଡୁମୀ ସଂପ୍ରଦାୟର 'ବାନ୍ଦନା' (ଗୋବର୍ଦ୍ଧନ) ପର୍ବ ▶୩୭୯
ସାନ୍ତାଳମାନଙ୍କ ବାହାବଂଗା ପର୍ବ ▶୩୮୨
କୋହ୍ଲମାନଙ୍କ 'ମାଘେ ପରବ୍' ▶୩୮୭
ଉଡ଼ା ପର୍ବ ▶୩୮୮
ଉଦଳାର ସରସ୍ୱତୀ ମେଳା ▶୩୯୦
ବଳାଙ୍ଗୀ ମହୋତ୍ସବ ▶୩୯୧

Digitized by srujanika@gmail.com

ଛଉ ମହୋତ୍ସବ/ଚଇତ ପରବ୍ ▸୩୯୨
ଜଗଦ୍ଧାତ୍ରୀ ମେଳା ▸୩୯୪
ମୟୁରଭଞ୍ଜ ଉତ୍ସବ/ମହୋତ୍ସବ ▸୩୯୫
ଉଦଳା ମହୋତ୍ସବ 'ଧୂମ୍‌ସା' ▸୩୯୬
ବାମନଘାଟି ମହୋତ୍ସବ 'ମାଦଲ' ▸୩୯୬
ସାରସକଣାର ଭୀମମେଳା ▸୩୯୬
ଖିଚିଂ ମହୋତ୍ସବ ▸୩୯୭
ଠାକୁରମୁଣ୍ଡାର 'ଭୀମକୁଣ୍ଡ ମହୋତ୍ସବ' ▸୩୯୮
କରଞ୍ଜିଆ ମହୋତ୍ସବ ▸୩୯୮
ଗଙ୍ଗାହାର ମହୋତ୍ସବ ▸୩୯୯
ଆମ ସୀମାନ୍ତ ମହୋତ୍ସବ ▸୩୯୯
ମୟୁରଭଞ୍ଜର ଲୋକନୃତ୍ୟ ପରଂପରା ▸୩୯୯
୧. ଚଢ଼େଇଆ ଚଢ଼େଇଆଣୀ ନାଟ ▸୩୯୯
୨. ଶୀତଳା ମଙ୍ଗଳ ▸୩୯୯
୩. ଷଠୀ ପାଲା ▸୪୦୦
୪. ଚାଙ୍ଗୁ ନାଟ ▸୪୦୦
୫. ଚନ୍ଦନ ପାଲା ▸୪୦୦
୬. ଗୟା ପାଲା ▸୪୦୦
୭. ସ୍ୱର୍ଗାରୋହଣ ପାଲା ▸୪୦୦
୮. କାଠି ନାଚ ▸୪୦୦
୯. ମନସା ମଙ୍ଗଳ ▸୪୦୧
୧୦. କୃଷ୍ଣ ଯାତ୍ରା ▸୪୦୧
୧୧. ସଖୀ ନାଟ ▸୪୦୧
୧୨. ଡାହାର ନାଟ ▸୪୦୧
୧୩. ଦାସାଁୟ ନାଟ ▸୪୦୧

Digitized by srujanika@gmail.com

୧୪. ଝୁମର ନାଟ ▶୪୦୨
୧୫. ନାଚନି ନାଟ ▶୪୦୨
୧୬. ଡହରିଆ ନାଟ ▶୪୦୨
୧୭. ଛଉ ନାଟ ▶୪୦୨
୧୮. ଜାଓ୍ୱା ନାଟ ▶୪୦୨
୧୯. ମାଙ୍କଡ଼ ନାଚ ▶୪୦୨
୨୦. ଦାଣ୍ଡା (ଦାନ୍ଠା) ନାଟ ▶୪୦୩
୨୧. ଲଳିତା ପାଲା ▶୪୦୩
'ଝୁମର' : ମୟୂରଭଞ୍ଜର ଲୋକପ୍ରିୟ ପଲ୍ଲୀଗୀତ ▶୪୦୩
ମୟୂରଭଞ୍ଜ ଜିଲ୍ଲାର ଦେବୀ/ଶକ୍ତି ପୀଠ ▶୪୦୬
ମୟୂରଭଞ୍ଜ ଜିଲ୍ଲାର ଶୈବପୀଠ ▶୪୦୭
ମୟୂରଭଞ୍ଜ ଜିଲ୍ଲାର ସାପ୍ତାହୀକ ହାଟ ▶୪୧୪
ମୟୂରଭଞ୍ଜ ଜିଲ୍ଲାର ସାହିତ୍ୟ ଅନୁଷ୍ଠାନ ▶୪୧୪
ମୟୂରଭଞ୍ଜ ଜିଲ୍ଲାରୁ ପ୍ରକାଶିତ ସାହିତ୍ୟ ପତ୍ରପତ୍ରିକା ▶୪୨୧

about the author ▶426
ranjan pradhan

ସହାୟକ ଗ୍ରନ୍ଥସୂଚୀ ▶୪୩୬

Digitized by srujanika@gmail.com

Digitized by srujanika@gmail.com

ବହି ସଂପର୍କରେ ପଦେ..

ବହିଟି ଏକ ସଫା ରୂପା କାଚର ଦର୍ପଣ, ଯାହା ଭିତରେ ମୟୂରଭଞ୍ଜ ଜିଲ୍ଲାର ଜୀବନ ପ୍ରତିଭାତ ହୋଇଛି

ସବୁ ଜାଗାର, ସବୁ ମାଟିର ଗୋଟେ ଗୋଟେ ନିଜସ୍ୱ ବାସ୍ନା ଅଛି । ଯେମିତି କଟକ ଗଲେ କଟକର ଗୋଟେ ବାସ୍ନା, ଭୁବନେଶ୍ୱରର ଆଉ ଗୋଟେ, ସେହିପରି ଶ୍ରୀକ୍ଷେତ୍ର ପୁରୀ, କୋରାପୁଟ, ବ୍ରହ୍ମପୁରର ମଧ୍ୟ ଭିନ୍ନଭିନ୍ନ ବାସ୍ନା ଅଛି । କିଏ ଅନୁଭବୀ ଥିବେ ମୁଁ ଜାଣେନା । ମୋର କିଂତୁ ଏ ଅନୁଭବ ଅନେକ ଦିନର, ଅଥଚ ତୀବ୍ର ।

ମୟୁରଭଞ୍ଜ ମାଟିର ବି ଅଛି ଗୋଟେ ନିଆରା ବାସ୍ନା । ବାହାରୁ ବସ୍ କି କାର୍‌ରେ କଟକ, ଭୁବନେଶ୍ୱରରୁ ବାରିପଦା ଆସିବାବେଳକୁ ମଝିରେ ପଡ଼େ ବେତନଟୀ । ଠିକ୍ ବେତନଟୀ ପାର ହେଲାବେଳକୁ ଦେହରେ ମନରେ ଲାଗିଯାଏ ସେହି ମୟୁରଭଞ୍ଜିଆ ପୁରୁଣା ବାସ୍ନା । ମଝିରେ ଜାତୀୟ ରାଜପଥ । ଦୁଇପାଖରେ ଧାଡ଼ିଧାଡ଼ି ଶାଳଗଛର ଜଙ୍ଗଲ । ରାସ୍ତାସାରା ଭାସିବୁଲୁଥାଏ ଶାଳୁଆ ପବନର ଜୀବନଦାୟିନୀ ବାସ୍ନା, ଯାହା ମୟୁରଭଞ୍ଜର ମାଟି ପାଣି, ପବନକୁ ନେଇ ସଦା ପ୍ରବହମାନ । ମନ ଆଶ୍ୱସ୍ତ ହୁଏ, ମନେହୁଏ ମା' କୋଳକୁ ଫେରି ଆସିଲି । ନିଜ ବିଛଣାରେ ଭଲ ନିଦ ଆପେଆପେ ଆସିଲାପରି ନିଜର ସମଗ୍ର ଅସ୍ତିତ୍ୱ ଚରମ ପ୍ରଶାଂତିରେ ଭରିଯାଏ ।

Digitized by srujanika@gmail.com

ମୟୂରଭଞ୍ଜ ମୋ' ପରି ଅନେକଙ୍କ ଜନ୍ମଭୂମି । ଏହି ଭୂମିକୁ ଗୋଟିଏ ପଟେ ଘେରି ରହିଛି ଅବିଚ୍ଛିନ୍ନ ସୁଦୀର୍ଘ ଢେଉଢେଉକା ଆକାଶଛୁଆଁ ଶିମିଳିପାଳର ଶ୍ୟାମଳ ପ୍ରାଚୀର । ତା'ରି ଛାତିରୁ ପୁଣି ଝରିଆସିଛନ୍ତି ଅଶେଷ-ଲହରୀ-ଲୀଳା ସମ୍ବଳିତ ତରଙ୍ଗାୟିତ ନଦୀସବୁ । ପାହାଡ଼, ନଦୀଘେରା ଏହି ଭୂ-ଖଣ୍ଡଟିର ନାମ ମୟୂରଭଞ୍ଜ । ସ୍ଥାନଟି ଯେପରି ରମଣୀୟ, ନାଁଟି ତାର ସେହିପରି ରାଜକୀୟ ।

ଏହି ବିଶାଳ ଭୂ-ଖଣ୍ଡଟି ବହୁ ପ୍ରାଚୀନ ଯୁଗରୁ ଆର୍ଯ୍ୟ-ଅନାର୍ଯ୍ୟମାନଙ୍କ ଦ୍ୱାରା ଅଧ୍ୟୁଷିତ । ଜୀବନଶୈଳୀ, ରୀତିନୀତି, ପର୍ବପର୍ବାଣି, ନୃତ୍ୟସଙ୍ଗୀତ ସବୁଥିରେ ଉଭୟ ଉଭୟଙ୍କ ଦ୍ୱାରା ପ୍ରଭାବିତ । ଏକ ସହୋଦର ସଂସ୍କୃତି ଭାବରେ କାହିଁ କେଉଁ ଅନାଦି କାଳରୁ ଏହା ଚଳିଆସିଛି ।

କହିବା ବାହୁଲ୍ୟ, ଆଧୁନିକ ଓଡ଼ିଶାର ସବୁ ଜିଲ୍ଲାମାନଙ୍କ ଭିତରେ ମୟୂରଭଞ୍ଜ ସର୍ବବୃହତ୍ ଜିଲ୍ଲା । ସ୍ୱାଧୀନତା ପୂର୍ବରୁ ଥିଲା ଓଡ଼ିଶାରେ ଏହା ସର୍ବଶ୍ରେଷ୍ଠ ଗଡ଼ଜାତ । ମୟୂରଭଞ୍ଜ ଏକଦା 'ଭଞ୍ଜଭୂମି' ଅଥବା 'ଭଞ୍ଜଭୂମ୍' ବୋଲି ମଧ୍ୟ ବିଦିତ ଥିଲା । ଅଷ୍ଟମ ଶତାବ୍ଦୀ କିମ୍ବା ଏହା ପୂର୍ବରୁ ଆଦି ଭଞ୍ଜଙ୍କଠାରୁ ଆରଂଭ କରି ସ୍ୱାଧୀନତା ପର୍ଯ୍ୟନ୍ତ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଙ୍କ ଯାଏ ମୟୂରଭଞ୍ଜ ଦୀର୍ଘକାଳ ଭଞ୍ଜବଂଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହୋଇ ଆସିଥିଲା । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଭଞ୍ଜମାଟିର ଅଙ୍ଗଛେଦ କରାଇ କିଛି ଅଂଶ ପଶ୍ଚିମବଙ୍ଗ ଓ ଆଜିର ଝାଡ଼ଖଣ୍ଡ ରାଜ୍ୟରେ ମିଶାଇ ଦିଆଗଲା ।

ମୋଗଲମାନଙ୍କ ସମୟରେ ମାନ ସିଂଙ୍କ ବିବରଣୀ ଅଥବା ପାର୍ସିଆନ୍ ଖାନ୍-ଇ-ଦୁରାନ୍‌ଙ୍କ ବିବରଣୀ ହେଉ, ମୟୂରଭଞ୍ଜ ରାଜ୍ୟ ଏକଦା ମେଦିନିପୁରରୁ ଆଲମୁଣ୍ଡା (ଭଦ୍ରକ) ଯାଏ ପରିବ୍ୟାପ୍ତ ଥିଲା । ଏହି ସୁବିଶାଳ ରାଜ୍ୟରେ ଭଞ୍ଜବଂଶର ରାଜାମାନେ ଯଥାକ୍ରମେ-ଖିଚିଂ, ହରିପୁର ଓ ସର୍ବଶେଷରେ ବାରିପଦାଠାରେ ରାଜଧାନୀ ସ୍ଥାପନ କରିଥିଲେ । ହରିପୁରର ବୀର ରାଜା କ୍ରିଷ୍ଣ ଭଞ୍ଜଙ୍କ ବୀରତ୍ୱ ଗାଥା ବିଶେଷ ଜଣା ନଥିଲେ ମଧ୍ୟ ଏତାଦୃଶ ବିବରଣୀମାନଙ୍କରେ ତାଙ୍କ ପରାକ୍ରମର କିଛିକିଛି ସୂଚନା ମିଳେ । କହିବାର ତାତ୍ପର୍ଯ୍ୟ ହେଲା, ମୟୂରଭଞ୍ଜ ଥିଲା ଏକ ସୁବିଶାଳ ସାମ୍ରାଜ୍ୟ; ଏକ ସଂସ୍କୃତିସଂପନ୍ନ ବୀର ଓ ଉଦାରଚରିତ ରାଜାମାନଙ୍କ ଦ୍ୱାରା ଶାସିତ ଏକ ବିଶାଳ ଭୂଖଣ୍ଡ । ଅରଣ୍ୟ, ପର୍ବତ, ନଦନଦୀ, ଜଳପ୍ରପାତ, ଜଳାଶୟ, ପୁଷ୍କରିଣୀ ପରିବେଷ୍ଟିତ ଏହି ଭୂଖଣ୍ଡଟି କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ମଠ, ମନ୍ଦିର, ହସ୍ତଶିଳ୍ପ ଓ କାରୁଶିଳ୍ପର କୃଷ୍ଟିରେ ମଧ୍ୟ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ମାତ୍ର, ଦୁଃଖର କଥା ଏ ସକଳ ବିବରଣୀ ସମ୍ବଳିତ ଏକ ଜ୍ଞାନକୋଷର ଅଭାବ ଆମେ ବହୁ ଦିନରୁ ଅନୁଭବ କରୁଥିଲୁ । ମୟୂରଭଞ୍ଜ ରାଜତନ୍ତ୍ରର ଅଳ୍ପକିଛି ଉପଲବ୍‌ଧ ଷ୍ଟେଟ୍ ଗେଜେଟିୟର ଓ ସ୍ୱାଧୀନତା ପରବର୍ତ୍ତୀ କାଳରେ ନୀଳମଣି ସେନାପତି ଓ ଡ. ନବୀନ କୁମାର ସାହୁଙ୍କ ଯୁଗ୍ମ ସଂପାଦନାରେ ପ୍ରକାଶିତ ଡିଷ୍ଟ୍ରିକ୍ଟ ଗେଜେଟିୟରକୁ ବାଦ ଦେଲେ ଆଉ ସେମିତି ଆଖିଦୃଶିଆ କାମ ହୋଇ ନଥିଲା ।

Digitized by srujanika@gmail.com

ମୟୂରଭଞ୍ଜ ଇତିହାସ ଉପରେ ଯଦୁନାଥ ସରକାର, ଏନ୍.ଏନ୍. ବସୁ, ରମାପ୍ରସାଦ ଚନ୍ଦ, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସମେତ କିଛି ଐତିହାସିକ ମୌଳିକ କାର୍ଯ୍ୟ କରିଛନ୍ତି । କଳା, ସାହିତ୍ୟ, ସଂସ୍କୃତି ଉପରେ କିଛିକିଛି ଲେଖା ପ୍ରକାଶ ପାଇଛି । ମାତ୍ର ମୟୂରଭଞ୍ଜ ଜିଲ୍ଲାର ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ, ପରଂପରା, ପର୍ବପର୍ବାଣି, ଜୀବନଯାତ୍ରା ଏବଂ ସର୍ବୋପରି ଶିମିଳିପାଳ ଜୈବମଣ୍ଡଳ, ଏହାର ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ଏକ ସ୍ୱୟଂସଂପୂର୍ଣ୍ଣ ଗ୍ରନ୍ଥର ଅଭାବ ବହୁ ଦିନରୁ ଅନୁଭୂତ ହେଉଥିଲା ।

ଏହି ଦୀର୍ଘଦିନର ଅଭାବକୁ ପୂର୍ଣ୍ଣ କରିବାକୁ ଆଗେଇ ଆସିଛନ୍ତି ସୁଲେଖକ, ପ୍ରାବନ୍ଧିକ ଓ ସାହିତ୍ୟିକ ଗଂଜନ ପ୍ରଧାନ, ଯିଏକି ବୃତ୍ତିଗତ ଜୀବନରେ ଜଣେ ଅଭିଜ୍ଞ ସାମ୍ବାଦିକ । ମୟୂରଭଞ୍ଜରେ ସାମ୍ବାଦିକତାର ଅଳ୍ପକିଛି ବର୍ଷର ରହଣୀ ଭିତରେ ଏ ଭୂ-ଖଣ୍ଡର ଆଦ୍ୟପ୍ରାନ୍ତ ଭ୍ରମଣ କରି ତା'ର ପ୍ରକୃତି ଓ ଭୂଗୋଳ ଅନୁଧ୍ୟାନ କରି ସେ ଏ ମାଟିର ଏକ ନିଛକ ରୂପ ଆଙ୍କି ପାରିଛନ୍ତି । ସମଗ୍ର ମୟୂରଭଞ୍ଜ ଜିଲ୍ଲାର ଭୌଗୋଳିକ କ୍ଷେତ୍ରର ବିଶେଷତ୍ୱ ବଖାଣିବା ସହ ଏ ଭୂ-ଖଣ୍ଡର ବହୁ ଜ୍ଞାତ, ସ୍ୱଳ୍ପଜ୍ଞାତ ଓ ଅଜ୍ଞାତ ପାହାଡ଼, ଝରଣା, ନଦୀ, ଜଳପ୍ରପାତ, ମଠ, ମନ୍ଦିର, ପୁରୁଣା ଐତିହ୍ୟପୂର୍ଣ୍ଣ ନିର୍ମାଣ, ପ୍ରାଚୀନ ମୂର୍ତ୍ତି, ସାପ୍ତାହୀକ ହାଟ, ପର୍ବପର୍ବାଣି, ଜୀବନଜୀବିକା ଓ ପ୍ରାଚୀନ ଶିଳ୍ପ, କାରଖାନା ସଂପର୍କରେ ଶ୍ରୀ ପ୍ରଧାନ ସଫଳ ହୋଇଛନ୍ତି ।ଜଣେ ଅଣ ମୟୂରଭଞ୍ଜିଆ ଭାବରେ ମୟୂରଭଞ୍ଜ ପ୍ରତି ତାଙ୍କର ଏ ମହାର୍ଘ ଅବଦାନ ସ୍ୱାଗତଯୋଗ୍ୟ । ପ୍ରକାଶଥାଉକି, ଶ୍ରୀ ପ୍ରଧାନ ଓଡ଼ିଶାର ଯେଉଁ ଯେଉଁ ସ୍ଥାନରେ ସାମ୍ବାଦିକ ଭାବେ ଅବସ୍ଥାପିତ ହୋଇଛନ୍ତି ସେହିସେହି ସ୍ଥାନକୁ ନେଇ ସେ ଲେଖିଯାଇଛନ୍ତି ଅନେକଗୁଡ଼ିଏ ମୂଲ୍ୟବାନ ତଥ୍ୟ ସମ୍ବଳିତ ଗ୍ରନ୍ଥ । ବିଶେଷକରି ଓଡ଼ିଶାର ଜନଜାତି, ନଦୀମାତୃକା, ପ୍ରାଚୀନ ନୌବାଣିଜ୍ୟ ପରଂପରା ଓ ପାହାଡ଼, ପର୍ବତମାଳାକୁ ନେଇ ତାଙ୍କର ବହୁ ସଂଗ୍ରହଣୀୟ ଗବେଷଣା ଗ୍ରନ୍ଥ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି । ମୂଳତଃ ଶ୍ରୀ ପ୍ରଧାନ ଜଣେ ବିଦଗ୍ଧ କବି ଓ ପ୍ରକୃତିକୁ ପ୍ରେମ କରୁଥିବା ଜଣେ ନିଛକ ମଣିଷ ହୋଇଥିବାରୁ ତାଙ୍କର ଗ୍ରନ୍ଥରାଜି ଭିତରେ ଉତ୍କଳ ମାତାର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଦୃଶ୍ୟରାଜି ଓ ଶୋଭା ପ୍ରତିଫଳିତ ହୋଇଛି ।

ଶ୍ରୀ ପ୍ରଧାନଙ୍କ ଦ୍ୱାରା ରଚିତ ଜ୍ଞାନକୋଷଟି ଏକ ସଫା ରୂପା କାଚର ଦର୍ପଣ, ଯାହା ଭିତରେ ମୟୂରଭଞ୍ଜ ଜିଲ୍ଲାର ଜୀବନ ପ୍ରତିଭାତ ହୋଇପାରିଛି । ଏହି ଦର୍ପଣଟିକୁ ସବୁ ମୟୂରଭଞ୍ଜିଆମାନଙ୍କ ଗ୍ରନ୍ଥାଗାର ହେଉ କି ଘରର ବହିଥାକ ଓ ପଢ଼ା ଟେବୁଲ୍ ଉପରେ ରଖି ସେଥିରେ ନିଜ ଜନ୍ମଭୂମିର ମୁହଁ ଦେଖିପାରିବେ । ଲେଖକଙ୍କର ବହୁପ୍ରସୂ ଲେଖନୀର କାଳି ଏହିପରି ନିଃଶେଷ ହେଉ ଏବଂ ହେଉଥାଉ ଫର୍ଦ୍ଦଫର୍ଦ୍ଦ କାଗଜ ଉପରେ । ଏହି ଶୁଭ କାମନା କରି ଜଣେ ସଚ୍ଚା ମୟୂରଭଞ୍ଜ ପ୍ରେମୀ ଭାବେ ମୁଁ ଗ୍ରନ୍ଥଟିର ବହୁଳ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଉଛି ।

-ନିମାଇଁ ମହାନ୍ତି

ବିଶିଷ୍ଟ କବି, ଗୀତିକାର ଓ ମୟୂରଭଞ୍ଜ ସଂସ୍କୃତି ବିଶେଷଜ୍ଞ

Digitized by srujanika@gmail.com

▶ ମୟୂରଭଞ୍ଜ
ବୁଲାବୁଲି..

୨୦୧୬ ମସିହା ନଭେମ୍ବର ମାସ ୧ ତାରିଖର ଏକ ଶୀତୋଷ୍ଣ କୁହୁଡ଼ିଆ ସକାଳ । ହାଲୁକା ଶୀତ ସଞ୍ଚରୁଥାଏ ଶିମିଳିପାଳର ସବୁଜ ଛାତିରେ । କୁହୁଡ଼ିଆ ସକାଳୁ **ପିଠାବଟା ଫାଟକ** ଦେଇ ଆମେ ପଶିଲୁ '**ଧରାର ସ୍ୱର୍ଗ : ଶିମିଳିପାଳ**' ଭିତରକୁ । ଘନ କୁହୁଡ଼ିର ବଳୟ ମଧ୍ୟରେ ଝାପ୍‌ସା ଦିଶୁଥିବା ଡେଙ୍ଗୀ ଶାଳଗଛମାନେ ଆମକୁ ସ୍ୱାଗତ କରିବାକୁ ଅପେକ୍ଷା କରିଥା'ନ୍ତି । ଘଞ୍ଚ ଶାଳବଣର ଛାତି ଚିରି ଆମଗାଡ଼ି ପଶୁଥିଲା କ୍ରମଶଃ ଶିମିଳିପାଳର ଗର୍ଭ ମଧ୍ୟକୁ । ଜୀବଜନ୍ତୁ, ଗଛଲତାଙ୍କ ସାମ୍ରାଜ୍ୟ ମଧ୍ୟକୁ ଆମେ ପ୍ରବେଶ କରୁଥିଲୁ ଆଗନ୍ତୁକ, ଅତିଥି ଭାବେ ।

ପିଠାବଟା ଗେଟ୍‌ରୁ ଏଣ୍ଟ୍ରି ପାସ୍ ଧରି ଆମେ କ୍ରମେ ବିସ୍ମୃତ ହେବାକୁ ଉପକ୍ରମ କରୁଥିଲୁ ଶିମିଳିପାଳର ଘଞ୍ଚ ଅରଣ୍ୟ ଭିତରେ । **ଲୁଲୁଂ**ର ଶାନ୍ତଶୀତଳ କାଚକେନ୍ଦୁ ସ୍ୱଚ୍ଛ ସବୁଜ ନୀରବତା, **ପଳପଳା**ର ପଥୁରିଆ ଛାତି, **ଚଂପାଗଡ଼**ର ଘଞ୍ଚ ବନାନୀ, **ଭାଉମ୍ ଫାଟକ** ପାଖଆଖର ପ୍ରାକୃତିକ ଶୋଭା, ମୟୂର-ମୟୁରୀ ନୃତ୍ୟ, ବନ୍ୟ କୁକ୍କୁଟଙ୍କ ଛକ୍‌ଛକ୍ ଭଙ୍ଗୀ ସେତେବେଳକୁ ବିଦ୍ଧ କରି ସାରିଥିଲା ସାରା ହୃଦୟକୁ ।

ଶିମିଳିପାଳ ଜୈବମଣ୍ଡଳର ପ୍ରବେଶ ଓ ପ୍ରସ୍ଥାନ ପଥ : ପିଠାବଟା ଗେଟ୍

Digitized by srujanika@gmail.com

ଭାଲୁମ ଫାଟକରୁ ଆମର ଯାତ୍ରା **ପୁରୁଣାପାଣି, ମଯିଣାବିଲା, ଖଡ଼କେଇ, ପଣ୍ଡାବନ୍ଧା, ନିଗିର୍ଦା, କୁକୁରଭୁକା, ନଓ୍ୱାଣା** ଦେଇ ଯେଉଁଠି ଅଟକିଲା, ତାହା ଥିଲା ପ୍ରକୃତରେ ଏ ଧରା ପୃଷ୍ଠର ସ୍ୱର୍ଗ । ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟକୁ ଏତେ ନିକଟରୁ ଦେଖି ନିଜର ଅସ୍ତିତ୍ୱକୁ ବିଶ୍ୱାସ କରିହେଉ ନଥିଲା । ଆକାଶରୁ ପାତାଳକୁ ଖସି ପଡୁଥିବା **ଯୋରନ୍ଦା ଜଳପ୍ରପାତ** ଓ ରାଶିରାଶି ପାହାଡ଼ ମଧ୍ୟରେ ଆମେ କିଛି କ୍ଷଣ ବିସ୍ମୃତ ହୋଇଗଲୁ । ଦିଗନ୍ତ ବିସ୍ତାରୀ ପାହାଡ଼ଗୁଡ଼ିକ ସମୁଦ୍ରର ଲହଡ଼ି ଭଳି ତରଙ୍ଗାୟିତ ଭଙ୍ଗୀରେ ନୃତ୍ୟ କରୁଥିବାର ମନେ ହେଉଥିଲା । ଯୋରନ୍ଦାର ପ୍ରାକୃତିକ ଶୋଭା ସତରେ ଅବର୍ଣ୍ଣନୀୟ । ଶୀତଦିନିଆ ନଓ୍ୱାଣାର ଲ୍ୟାଣ୍ଡସ୍କେପ୍ ଓ ବିସ୍ତୀର୍ଣ୍ଣ ଧାନକିଆରି, ସୋରିଷ କ୍ଷେତ କାହିଁ କେଉଁ ଶିଳ୍ପୀର କାନ୍‌ଭାସ୍‌ରେ ଅଙ୍କିତ ଚିତ୍ରପଟ୍ଟର ଭ୍ରମ ସୃଷ୍ଟି କରୁଥିଲା ।

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା 'ନିଗିର୍ଦା ଚେକ୍ ଗେଟ୍'

ବରେହିପାଣି ଜଳପ୍ରପାତ ରୂପରେ ପାହାଡ଼ ଉପରୁ ଖସିପଡୁଥାଏ **ବୁଢାବଳଙ୍ଗ** ନଈ । ଯୋରନ୍ଦା ଜଳପ୍ରପାତରୁ ସୃଷ୍ଟ **ପଣସିଆ ନାଳ** ଓ ବରେହିପାଣିରୁ ଖସୁଥିବା **ବୁଢାବଳଙ୍ଗ** କିଛିବାଟ ଆଗକୁ ଗଡିକରି **ଭାଟୁଣିଆଠାରେ** ମିଳିତ ହୋଇଥିବାର ଦେଖିଲୁ । ଭାଟୁଣିଆଠାରୁ ପଣସିଆକୁ ସାଥୀରେ ଧରି ବୁଢାବଳଙ୍ଗ ଆଗକୁ ମାଡ଼ି ଚାଲିଥାଏ ତ ଆମକୁ ଫେରିବାକୁ ହୁଏ **ଗୁଡୁଗୁଡ଼ିଆ ହିଲ୍‌ଷ୍ଟେସନ;** ଯାହାକୁ ମୟୂରଭଞ୍ଜ ଜିଲ୍ଲାର କାଶ୍ମୀର ବୋଲି କୁହାଯାଇଥାଏ ।

ଗୁଡୁଗୁଡ଼ିଆର ବିସ୍ତୀର୍ଣ୍ଣ ଆଲ୍‌ପାଇନ୍ ଜଙ୍ଗଲ, ଖଇରୀ ନଈ, ଅର୍କିଡ୍ ଉଦ୍ୟାନ, ପାହାଡ଼ ଚଢା, ହାତୀ ପିଠିରେ ବସି ଭ୍ରମଣ, ଜଙ୍ଗଲ ନିବାସରେ ରହଣି ଓ କୁମାରୀରେ ଥିବା ବାଉଁଶ ନିର୍ମିତ ମଞ୍ଚା

Digitized by srujanika@gmail.com

ମୟୂରଭଞ୍ଜ ଜିଲ୍ଲାର ମନୋରମ ଦର୍ଶନୀୟ ସ୍ଥାନ ରରୁଆଁ ବ୍ଲକ୍‌ର ସୁନାଝୁଡ଼ି

କୁଡ଼ିଆ ସେତେବେଳକୁ ମନ ମୋହି ସାରିଥିଲା । ଅପରାହ୍ନର ସୁନା ରଙ୍ଗର ଖରାରେ ଗାଧୋଇ ପଡୁଥିଲେ ଗୁଡୁଗୁଡ଼ିଆର ପାଇନ୍ ଜଙ୍ଗଲ ଓ କୁମାରୀର ବାଉଁଶ କୁଡ଼ିଆମାନେ ।

ଗୁଡୁଗୁଡ଼ିଆରୁ ଫେରି ଆମେ ଚହଲାରେ ପହଞ୍ଚିଲାବେଳକୁ ରାତି ୮ଟା ବାଜିଯାଇଥାଏ । କୃଷ୍ଣପକ୍ଷ ରାତିର କିଟିକିଟି ବହଳ ଅନ୍ଧାର । ମୁହଁକୁ ମୁହଁ ଦିଶୁ ନଥାଏ । ଆମ ସାଥୀରେ ଥା'ନ୍ତି ଚହଲା ରେଞ୍ଜ ଅଧିକାରୀ ପ୍ରଫୁଲ୍ଲ କୁମାର ଭୋଇ ମହାଶୟ । ତାଙ୍କ ହାତରେ ଥାଏ ଏକ ଲମ୍ବା ଟର୍ଚ୍ଚ । ମୋତେ ବି ଗୋଟିଏ ଲମ୍ବା ଟର୍ଚ୍ଚ ଧରାଇଦେଲେ । ଏତେ ବହଳ ଅନ୍ଧାରରେ ଆମେ ଦୁହେଁ ଦୁହିଁକୁ ଦେଖିବା ମଧ୍ୟ ଅସଂଭବ ହୋଇ ପଡୁଥିଲା । ଆମେ ସଂତର୍ପଣରେ ଚାଲିଚାଲି ଯାଇ 'ସଲ୍ଟ ଲିକ୍'ର ଖୁବ୍ ନିକଟରେ ଠିଆହୋଇ ଅନ୍ଧାର ମଧ୍ୟକୁ ଟର୍ଚ୍ଚର ଆଲୋକକୁ ନିକ୍ଷେପ କଲାବେଳେ ଯାହା ଦେଖିଲୁ ଆନନ୍ଦ ଓ ରୋମାଞ୍ଚରେ ଶରୀର ପୁଲକିତ ହୋଇ ଉଠିଲା । ଶରୀରର ପ୍ରତ୍ୟେକ ଲୋମ ସେତେବେଳକୁ ଠିଆ ହୋଇ ଯାଇଥା'ନ୍ତି । ଆମଠାରୁ ଠାଏ ଦୂରରେ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ହରିଣ, ସମ୍ବର ଓ ଗୟଳ । ଟର୍ଚ୍ଚ ଆଲୋକ ପଡ଼ିବାରୁ ଘନ ଅନ୍ଧାର ମଧ୍ୟରୁ ଚକ୍‌ଚକ୍ କରୁଥିବା ସେମାନଙ୍କ ଆଖିଗୁଡ଼ିକ ଏକ ମୋତି ମାଳ ଭଳି ଝଟକି ଉଠୁଥିଲା । ଲାଗୁଥିଲା, ସତେ ଯେମିତି ରଜନୀ ରାଣୀ ଦୁଇ ହାତରେ ମୁକ୍ତାର ମାଳ ଧରି ନିଜର କେଉଁ ଇପ୍‌ସିତ ପୁରୁଷଙ୍କୁ ଅପେକ୍ଷା କରିଥାଏ!! ମୋର କହିବାର କଥା ହେଲା, ହରିଣ ଓ ସମ୍ବରମାନେ ସେଠାରେ ନିଜକୁ ଏତେ ସୁରକ୍ଷିତ ମଣୁଥିଲେ ଯେ, ଟର୍ଚ୍ଚ ଆଲୋକ ସେମାନଙ୍କୁ ବିଚଳିତ କରି ପାରୁନଥିଲା । ସେମାନେ ସେମିତି ସ୍ଥିର ଏବଂ ସ୍ୱାଭାବିକ ଢଙ୍ଗରେ ଠିଆ ହୋଇଥିଲେ । ଏହା ମୋତେ କିଛିମାତ୍ରାରେ ଆଶ୍ୱାସନା ଦେଇଥିଲା ।

Digitized by srujanika@gmail.com

ଚହଲାରେ କିଛି ସମୟ ରହି ଜୀବଜନ୍ତୁଙ୍କୁ ଦେଖିସାରିବା ପରେ ଆମକୁ ଫେରିବାକୁ ହେଲା । ଚହଲାରୁ **ବୃନ୍ଦାବନ, ତୁଳସୀବଣି ଫାଟକ** ଦେଇ ଶିମିଳିପାଳରୁ ବାହାରକୁ ବାହାରିଲା ବେଳକୁ ରାତି ଦଶଟା ବାଜି ସାରିଥିଲା । ଶିମିଳିପାଳ ପ୍ରକୃତରେ ମୋତେ କାବୁ କରିସାରିଥିଲା ନିଜର ଯାଦୁଭରା ଆଲିଙ୍ଗନରେ । ଶିମିଳିପାଳ ହ୍ୟାଙ୍ଗ୍ ଓଭର ମୋ'ର ପ୍ରାୟ ଦୁଇ ସପ୍ତାହ ଧରି ଲାଗି ରହିଲା ।

ଆଉ ଦିନକର, ୨୦୧୭ ମସିହା, ମାର୍ଚ୍ଚ ମାସ ୧୭ ତାରିଖ, ଫଗୁଣ ମାସର ଗୋଟିଏ ଅତି ସାଧାରଣ ଦିନ । ସମଗ୍ର ଶିମିଳିପାଳରେ ବସନ୍ତର ଶୋଭା ଓ ସଂଭାର ମନକୁ ଚହଲେଇ ଦେଉଥାଏ । ସବୁଠି ଫଗୁଣର ମହକ । ଶିମିଳିପାଳର ଶାଳ ଗଛମାନେ ନୂଆ ଫୁଲରେ ଖୁବ୍ ସତେଜ ଓ ଗୋରୀ ମନେ ହେଉଥା'ନ୍ତି । ବଡ଼ବଡ଼ ଶିମିଳି ଏବଂ ପଳାସ ଗଛମାନଙ୍କରେ ହସି ଉଠୁଥିବା ଫୁଲମାନେ ଶିମିଳିପାଳର ସବୁଜ ଓ ଧୂସର ମିଶ୍ରିତ କାନ୍‌ଭାସକୁ ରଙ୍ଗୀନ କରିବାରେ ମସ୍‌ଗୁଲ ଥାନ୍ତି ।

ସେଥର ଯଶୀପୁରର କାଳିଆଣି ଗେଟ୍ ଦେଇ ଆମର ଯାତ୍ରା ଥିଲା । ପ୍ରଥମେ ଯଶୀପୁର (ଜାତୀୟ ଉଦ୍ୟାନ) ରେଞ୍ଜ ଅଫିସରୁ ଅନୁମତିପତ୍ର ହାସଲ କରି ଶିମିଳିପାଳ ଅଭିମୁଖେ ଯାତ୍ରା କରିଥିଲୁ । ଉଦ୍ଦେଶ୍ୟ ଥିଲା ଶିମିଳିପାଳ ଜୈବମଣ୍ଡଳର କୋର୍ ଏରିଆ (ନିଷିଦ୍ଧାଞ୍ଚଳ) ମଧ୍ୟରେ ଥିବା ବାଥୁଡ଼ିମାନଙ୍କ 'ମକ୍କା' ଭାବେ ପରିଚିତ **ଅଠର ଦେଉଳ** ମନ୍ଦିର ଦର୍ଶନ କରିବା । ମୋ' ସାଥୀରେ କିଛି ବାଥୁଡ଼ି ଲୋକ ଥିଲେ । ସେମାନଙ୍କ ମଧ୍ୟରେ ବରିଷ୍ଠ ବାଥୁଡ଼ି ନେତ୍ରୀ ତଥା ପୂର୍ବତନ ବୈଶିଙ୍ଗା ବିଧାୟିକା ପ୍ରମିଳା ଗିରି, ତାଙ୍କ ସୁପୁତ୍ର ରୂପେଶ ଗିରି ଓ ଅନ୍ୟ ଜଣେ ଦୁଇଜଣ ବାଥୁଡ଼ି ଲୋକ ମୋର ସହଯାତ୍ରୀ ଥିଲେ । ସେମାନେ ଅଠରଦେଉଳ ଯାତ୍ରା ପରିଚାଳନା ଓ ତଦାରଖ ସଂକ୍ରାନ୍ତରେ ସେଠାକୁ

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିସ୍ଥଳ ଦାଣ୍ଡବୋଷ

Digitized by srujanika@gmail.com

ଯାଇଥିଲେ । ସାଧାରଣତଃ, ଶିମିଳିପାଳର କୋର୍ ଜୋନ୍ (ନିଷିଦ୍ଧାଞ୍ଚଳ)କୁ ସାଧାରଣ ଲୋକମାନଙ୍କୁ ଯିବା ପାଇଁ ଅନୁମତି ନଥାଏ, ମାତ୍ର ବାଥୁଡ଼ି ଓ ଅନ୍ୟ ପାରଂପରିକ ଜନଜାତିର ଲୋକମାନଙ୍କୁ ଧାର୍ମିକ ଦୃଷ୍ଟିକୋଣରୁ ନିଜର ଉପାସନାସ୍ଥଳକୁ ପୂଜାକାର୍ଯ୍ୟ ନିମନ୍ତେ ଅନୁମତି ଥାଏ । ତାହା ପୁଣି ବର୍ଷର ଫଗୁଣ ଓ ଚୈତ୍ର ମାସବେଳେ । କାରଣ, ଏହି ସମୟରେ ବାଥୁଡ଼ିମାନଙ୍କର ପ୍ରସିଦ୍ଧ **ଅଠର ଦେଉଳ ଯାତ୍ରା** ଓ **ବଡ଼ାମ୍ ପୂଜନ**ର ସମୟ ଥାଏ । ଏଠାରେ କହିରଖେ, ମୁଁ **'ବାଥୁଡ଼ି ଜନଜାତିର ମୌଖିକ ସାହିତ୍ୟ ଓ ଏହାର ସାମାଜିକ, ସାଂସ୍କୃତିକ ଦିଗ'** ସଂପର୍କରେ **ଭୁବନେଶ୍ୱରସ୍ଥ "ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚର**"ରେ **ପିଏଚ୍‌ଡ଼ି** (ଉଚ୍ଚତର ଗବେଷଣା) କରୁଥିବାରୁ ସେମାନଙ୍କ ସହିତ ଶିମିଳିପାଳର ଏହି ନିଷିଦ୍ଧାଞ୍ଚଳକୁ ଯିବାକୁ ଅନୁମତିପ୍ରାପ୍ତ ହୋଇଥିଲି ।

ଉତ୍ତର ଓଡ଼ିଶାର ସର୍ବବୃହତ୍ ପାହାଡ଼ ଯାତ୍ରା : ସାତପୁଟୁଳି ପାହାଡ଼ ଯାତ୍ରା

ଦିନ ପ୍ରାୟ ଗୋଟାଏ ବେଳକୁ ଯଶୀପୁର ବଜାରରୁ ଆମ ଗାଡ଼ି ବାହାରିଲା ଶିମିଳିପାଳର **ଅଠର ଦେଉଳ** ଅଭିମୁଖେ । **ଯଶୀପୁରରୁ ଧଳାବଣି, କାଳିଆଣି ଗେଟ୍, ଠାକୁରଗୋଡ଼ା** ଏବଂ **କାଳିକାପ୍ରସାଦ ଗେଟ୍** ଦେଇ ଆମେ ଶିମିଳିପାଳ ଜୈବମଣ୍ଡଳ ମଧ୍ୟକୁ ପ୍ରବେଶ କରୁଥାଉ । ଗୋଟିଏ ପଟେ **ଭଣ୍ଡନ ନଈ**ର କୂଳେକୂଳେ ପାହାଡ଼ିଆ ଦୁର୍ଗମ ରାସ୍ତା ଦେଇ ଆମ ଗାଡ଼ି ଧୀରେଧୀରେ ଶିମିଳିପାଳକୁ ଭେଦ କରୁଥାଏ ତ ଅନ୍ୟ ପଟେ ଦିଗନ୍ତବିସ୍ତାରୀ **ମଧୁଭଣ୍ଡାର ପାହାଡ଼, ବିଲାପଘା** ଗାଁର ଦୃଶ୍ୟ ଆମକୁ ଆନମନା କରିଦେଉଥାଏ । କାଳିକାପ୍ରସାଦ ଗେଟ୍ ପାର ହେବାପରେ ପଡ଼ିଲା **ମହାଶାଳବୃକ୍ଷ** ଓ ଚଂପାଘାଟିର **ମହାଚଂପା ବୃକ୍ଷ** । ଏହି ଦୁଇଟି ଗଛ ଶିମଳିପାଳର ଦୀର୍ଘ ଇତିହାସର ମୂକସାକ୍ଷୀ । କୁହାଯାଏ, ଏହି ଦୁଇଟି ବୁଢ଼ାଗଛ ପାଞ୍ଚଶହ ବର୍ଷ ପୁରୁଣା । ଚଂପାଘାଟି ଅତିକ୍ରମ କରିବାପରେ ଆମେ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା ଆକର୍ଷଣୀୟ ଯୋରଣ୍ଡା ଜଳପ୍ରପାତ

ପହଞ୍ଚିଲୁ **ନେଞ୍ଜିଘୋଷରାରେ** । ସେଠି କିଛିସମୟ ଶିମିଳିପାଳର ବସନ୍ତର ବର୍ଣ୍ଣବିଭା ନିକଟରେ ଅଟକି ରହିଲୁ । ଏହାପରେ **ଗୁଡୁଗୁଡ଼ିଆ, କୁମାରୀ, ଜଡିବିଲି, ବଡ଼କାଶିରା, ପାନକାଶିରା** ଦେଇ ଆମ ଗାଡ଼ି ପୁଣି ଅଟକିଲା **ଖେଜୁରି ଗେଟ୍** ସାମ୍ନାରେ । ଏଇଠୁ ହିଁ ଶିମିଳିପାଳର ନିଷିଦ୍ଧାଞ୍ଚଳ ଆରମ୍ଭ ହୁଏ । ଏହା ମଧ୍ୟକୁ ପ୍ରବେଶ କରିବା ନେଇ ବହୁ କଟକଣା ରହିଥାଏ । ଖେଜୁରି ଗେଟ୍‌ରେ ଆମର କାଗଜପତ୍ର ଦେଖାଇ କ୍ରମଶଃ ଶିମିଳିପାଳର ନିଷିଦ୍ଧ ଇଲାକା ମଧ୍ୟକୁ ପ୍ରବେଶ କଲୁ । ପ୍ରକୃତରେ ଶିମିଳିପାଳର ମୋହିନୀ ଦୃଶ୍ୟ ଏଇଠୁ ଅନୁଭବ କରିବା ଆରମ୍ଭ କଲୁ । ଖେଜୁରି ଗେଟ୍‌ରୁ **ଜବାଟଘାଇ** ଦେଇ ଶିମିଳିପାଳର ଘଞ୍ଚ ଶାଳବଣକୁ ଭେଦି ଆମ ଗାଡ଼ି ଯାଇ ପହଞ୍ଚିଲା **ବକୁଆ** ଫରେଷ୍ଟ ସେକ୍‌ସନ ଅଫିସ ସାମ୍ନାରେ । ଶିମିଳିପାଳର ଏହି କୋର୍ ଅଞ୍ଚଳଟି ନଓ୍ୱାଣା ଦକ୍ଷିଣ (ଧୁଡ୍ରୁଚମ୍ପା) ରେଞ୍ଜ ଅଧୀନରେ ଆସିଥାଏ । **ବକୁଆରୁ** ଆମେ ବାମ ଦିଗକୁ ଆଉ ଦୁଇ କିଲୋମିଟର ଜଙ୍ଗଲିଆ ପଥ ଅତିକ୍ରମ କରିବା ପରେ **ଲେମ୍ବୁଝରନ୍ (ଲେମ୍ବୁଗଡ଼ା)** ଗ୍ରାମ ପଡ଼ିଲା । ଏହି ଲେମ୍ବୁଗଡ଼ା ଗାଁ ଉପକଣ୍ଠସ୍ଥ ଘଞ୍ଚ ଜଙ୍ଗଲ ମଧ୍ୟରେ ହିଁ ଅଠର ଦେଉଳ ଅବସ୍ଥିତ ଏବଂ ଏଠାରେ ବାଥୁଡ଼ିମାନଙ୍କର ଅଗ୍ରଦେବତା ବଡ଼ାମ୍ ପୂଜା ପାଇଥା'ନ୍ତି । ଅଠର ଦେଉଳରେ ପହଞ୍ଚିପାରିବା ପ୍ରକୃତରେ ମୋ' ପାଇଁ ଏକ ଅଭୁଲା ଓ ଆହ୍ୱାନପୂର୍ଣ୍ଣ ଅନୁଭବ ଥିଲା । ଏଭଳି ଭାଗ୍ୟ କ'ଣ ସମସ୍ତଙ୍କର ଜୁଟେ?

ଅଠର ଦେଉଳର ନିକଟରେ ଦିଗନ୍ତବିସ୍ତାରୀ **ବକୁଆ ପାହାଡ଼** ରହିଛି । ବକୁଆ ପାହାଡ଼ ଉପତ୍ୟକାର କେନ୍ଦ୍ରରେ ବକୁଆ ଫରେଷ୍ଟ ସେକ୍‌ସନ ଅଫିସ ଅବସ୍ଥିତ । ବକୁଆରୁ ମାତ୍ର ୬ କିଲୋମିଟର ଦୂରରେ ପ୍ରସିଦ୍ଧ **ଗଡ଼ଶିମିଳିପାଳ ଓ ରଜାବାଡ଼ି** ଅବସ୍ଥିତ । ରଜାବାଡ଼ିରେ ମୟୂରଭଞ୍ଜ ରାଜାଙ୍କର ବହୁ ପ୍ରସିଦ୍ଧ

Digitized by srujanika@gmail.com

ଶିକାର ସ୍ଥଳ ରହିଛି । ବଙ୍କୁଆ ଦକ୍ଷିଣକୁ **ଅନ୍ତକୁଅଁର, ବୁଢ଼ାବଳଙ୍ଗ, ଢେନାବିଲ, ଯମୁନାଗଡ଼** ଆଦି ଗାଁ ଅବସ୍ଥିତ । ବଙ୍କୁଆର ଉପରକୁ **ବାର୍ହାକାମୁଡ଼ା ରେଞ୍ଜ** ଅବସ୍ଥିତ ଏବଂ ଏଠାରେ ଶିମିଳିପାଳର ନିଷିଦ୍ଧ ସ୍ୱର୍ଗ କୁହାଯାଉଥିବା **ଦେବସ୍ଥଳି ଓ ମେଘାସନ** ଅବସ୍ଥିତ । ଏ ଦୁଇଟି ସ୍ୱର୍ଗୀୟ ସ୍ଥଳ ବଙ୍କୁଆର ନିକଟରେ ଥିବା ସତ୍ତ୍ୱେ ଆମେ ସେଠାକୁ ଯାଇ ପାରି ନଥିଲୁ । ଏଠାକୁ ଯିବାକୁ ବହୁତ କଟକଣା ରହିଛି ଏବଂ ସର୍ବୋଚ୍ଚସ୍ତରରୁ ଅନୁମତି ପ୍ରାପ୍ତ ହେବାକୁ ପଡ଼ିଥାଏ ।

ଶିମିଳିପାଳକୁ ନେଇ ମୋର ଅନ୍ୱେଷାର ଅନ୍ତ ନଥାଏ । କ୍ରମେ ଶିମିଳିପାଳ ଜଣେ ଅବୁଝା ପ୍ରେମିକା ଭଳି ମନେ ହେଉଥାଏ । ତା'ର ପ୍ରଥମ ଚାହାଁଣି ଓ ଅଳସୀ ଭାବ ମୋ' ହୃଦୟକୁ ବିଦ୍ଧ କରିଥାଏ । ଶିମିଳିପାଳକୁ କ'ଣ ଥରକେ ଜାଣିହୁଏ ନା ବୁଝିହୁଏ? ସେ ଏକ ଅବୁଝା କନ୍ୟା ଓ ଦୁର୍ବୋଧ୍ୟ ପ୍ରେମିକା । ଶିମିଳିପାଳକୁ ବୁଝିବାକୁ ଓ ଜାଣିବାକୁ ହେଲେ କେତେ ଯେ, ତା' ପଛରେ ଗୋଡ଼ାଇବାକୁ ହୁଏ, ଧାଇଁବାକୁ ହୁଏ, ଜଣେ ପ୍ରେମିକ ତାହା ବୁଝିପାରୁଥିବ । ଶିମିଳିପାଳକୁ ଅଧିକ ଜାଣିବା ପାଇଁ ଓ ତାକୁ ବୁଝିବା ପାଇଁ ମୁଁ ବହୁବାର ତା' ପଛରେ ଗୋଡ଼ାଇଛି । କେତେବେଳେ **ପିଠାବଟା** ପଟୁ ତ କେତେବେଳେ **ଯଶୀପୁରର କାଳିଆଣି** ପଟୁ ମୁଁ ଶିମିଳିପାଳ ଯାଇଛି, ମାତ୍ର ମୁଁ କ'ଣ ତାକୁ ଭଲଭାବେ ବୁଝିପାରିଛି? ଏହା ଏକ ଅସମାହିତ ପ୍ରଶ୍ନ ।

ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଜୈବମଣ୍ଡଳ, ଶିମିଳିପାଳ ଜାତୀୟ ଉଦ୍ୟାନ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଓ ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂପର୍କରେ ଆଲୋଚନା ନ କରି ମୟୂରଭଞ୍ଜ କଥା ଚିନ୍ତା

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଯାତ୍ରୀମାନଙ୍କ ରହଣୀ ନିମନ୍ତେ ଥିବା 'କୁମାରୀ'ର ଆକର୍ଷଣୀୟ ବାଉଁଶ କୁଡ଼ିଆ

Digitized by srujanika@gmail.com

କରିହେବନି । ପ୍ରକୃତରେ ଶିମିଳିପାଳ ହେଉଛି ଭୂ-ସ୍ୱର୍ଗ । ଥରେ ଯିଏ ଶିମିଳିପାଳ ମାୟାରେ ପଡ଼ିଛି, ସେ ମାୟାରୁ ମୁକୁଳିବା ଏତେ ସହଜ ହୋଇନି । ପୁଣି ମଧ୍ୟ **ମେଘାସନ** ପାହାଡ଼ କଥା ବାଦ୍ ଦେଇ ଶିମିଳିପାଳ କଥା ଭାବିହେବନି । ଶିମିଳିପାଳରେ ଥିବା ମେଘାସନ (ମେଘାସନୀ) ହେଉଛି ପର୍ବତମାନଙ୍କର ରାଜା । ଏହି ପାହାଡ଼ଟି ମେଘମାଳାମାନଙ୍କର ଆସନ ହୋଇଥିବାରୁ ଏହାକୁ ମେଘାସନ କୁହାଯାଏ । ବର୍ଷାଦିନେ ମେଘମାନଙ୍କ ଦ୍ୱାରା ଆଚ୍ଛାଦିତ ଏହି ପାହାଡ଼ଟି ଖୁବ୍ ରୋମାଞ୍ଚକର ମନେହୁଏ । ଏହା ବ୍ୟତୀତ ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା **ଖଇରିବୁରୁ, ବାର୍ହାକାମୁଡ଼ା, ଭଞ୍ଜବସା, ନଓ୍ୱାଣା, ଦେବସ୍ଥଳୀ, ଟୁଙ୍କିବୁରୁ, ଡେରାବୁରୁ, ଯାବଡ଼ାବୁରୁ, ଧୂଡ଼ୁଚଂପା, ଗୋରୁମହିଷାଣି, ବାଦାମପାହାଡ଼ (ରାଇରଙ୍ଗପୁର), ଢୁଆପାହାଡ଼ (ରାଇରଙ୍ଗପୁର), ନସ୍କରିଆ ପାହାଡ଼ (ରାଇରଙ୍ଗପୁର), ଫୁଲେଇପାଟ (କୁସୁମୀ ବ୍ଲକ୍), ଚହଲା, ବାଲିଡିହା, ମାଙ୍କିଡ଼ିଘାଟି, କାଣ୍ଡିଆ ପାହାଡ଼ (ଯାରସକଣା), ମହୁଭାଣ୍ଡ (ଯାରସକଣା), ଖଣ୍ଡଦେରା (ଯାରସକଣା), ବାଛୁରୀବନ୍ଧା (ଯାରସକଣା), ଭାଲିଆବଳି (ଯାରସକଣା),**

ବୃନ୍ଦାବନଗଡ଼ି ଛକରୁ ଶିମିଳିପାଳର ଦେବକୁଣ୍ଡକୁ ରାସ୍ତା

ଭାଦୁଆ (ଯାରସକଣା), ସର୍ପଚକ୍ର (ଯାରସକଣା), ବୁଢ଼ା ପାହାଡ଼ (ଯାରସକଣା), ଚଡ଼କମରା ପାହାଡ଼ (ଯାରସକଣା), କୁକୁଡ଼ା ଅଣ୍ଡା ପାହାଡ଼ (ଯାରସକଣା), ଛତ୍ରମଣ୍ଡଳ ଦୁଡ଼ି (ରାଇରଙ୍ଗପୁର), କଳସୀଭଙ୍ଗା ପାହାଡ (ରାଇରଙ୍ଗପୁର), ସରାଳି (ସାର୍ଲି) ପାହାଡ଼ (ବିଜାତଳା), ଚଢ଼େଇପାହାଡ଼ି (ବିଜାତଳା), ବାଡିଡାହି (ବିଜାତଳା), କାଣାପାଟ ପାହାଡ଼ (ବିଜାତଳା), କଚଡ଼ ପାହାଡ଼ (ବିଜାତଳା), ଗୁଲୁରୁ ପାହାଡ଼ (ବିଜାତଳା), ଚାଡ଼ରା ପାହାଡ଼, (ବିଜାତଳା), ସୀତାରାମ ପାହାଡ଼ (ଶ୍ୟାମାଖୁଣ୍ଟା), ହରିଣଡିଆଁ ପାହାଡ଼ (ଶ୍ୟାମାଖୁଣ୍ଟା), ଦୁଦୁକାଚା ପାହାଡ଼ (ଶିମିଳିପାଳ), ଡୁବିଗଡ଼ (କପ୍ତିପଦା), ଇଟାଗଡ଼ (କପ୍ତିପଦା),

Digitized by srujanika@gmail.com

ଶିମିଳିପାଳର ଅନ୍ୟତମ ପ୍ରବେଶ ଓ ପ୍ରସ୍ଥାନ ପଥ 'କାଳିଆଣି ଗେଟ୍'

ଟାଙ୍କିରିଆଡୁଡ଼ି (କପ୍ତିପଦା), ଛତ୍ରଡୁଡ଼ି (କପ୍ତିପଦା), ଟାଙ୍କରାଣୁଣି ଡୁଡ଼ି (କପ୍ତିପଦା), ଲୁଇପା ଡୁଡ଼ି-ସିଷଗୁମ୍ଫା (ଉଦଳା), ଶମୀବୃକ୍ଷ (କପ୍ତିପଦା), କୁଂଭିରାଡୁଡ଼ି (ଗୋପବନ୍ଧୁନଗର), ଭାଗିରଥୀଡୁଡ଼ି (ଗୋପବନ୍ଧୁନଗର), ଭାଲୁଭାଡ଼ି, ମୁଣ୍ଡଘୁରା ପାହାଡ଼ (ଖୁଣ୍ଟା), ରାଣୀଭୋଳ ପାହାଡ଼ (ଖୁଣ୍ଟା), ନାଚୁଣିଆ ପାହାଡ଼ (ଅଲକୁଦର ଜଳପ୍ରପାତ, ଯଶୀପୁର), ଭୈରବଡୁଡ଼ି, 'ମଧୁ ଭଣ୍ଡାର ପାହାଡ଼', 'ଅସୁରହାଡ଼', ଅସୁରଘାଟି ପାହାଡ଼, ସାରୁଡୁଙ୍ଗର ଡୁଡ଼ି, ଆମ୍ବଡୁଙ୍ଗର ଡୁଡ଼ି, ବାଙ୍କଡ଼ା (କୁଣ୍ଡଳବଣି) ପାହାଡ଼ (ଶିମିଳିପାଳ), ଝରିଲି ବୁରୁ (ଶିମିଳିପାଳ), ଡିଲିଂବୁରୁ (ବାଙ୍ଗିରିପୋଷି), ସିନ୍ଦୁରବୁରୁ (ବାଙ୍ଗିରିପୋଷି), ହେସେଲବୁରୁ (ବାଙ୍ଗିରିପୋଷି), ବୁଢ଼ାବୁଢ଼ି ପାହାଡ଼ (ବାଙ୍ଗିରିପୋଷି), ଏଦେଲବେଡ଼ା ପାହାଡ଼ (ବାଙ୍ଗିରିପୋଷି), ପେଟୁଆ ପାହାଡ଼ (ବାଙ୍ଗିରିପୋଷି), ଝିଙ୍କପାହାଡ଼ି (ବାଙ୍ଗିରିପୋଷି), ଟୁଲିଆ ପାହାଡ଼ (ବାଙ୍ଗିରିପୋଷି), ବିଧୁଭଣ୍ଡାର ପାହାଡ଼ (ବାଙ୍ଗିରିପୋଷି), ସାତପୁଟୁଳି ପାହାଡ଼ (ବାଙ୍ଗିରିପୋଷି), ବାଘଯୋଡ଼ା ପାହାଡ଼ (ବ୍ରାହ୍ମଣକୁଣ୍ଡ, ବାଙ୍ଗିରିପୋଷି), ଦେଖିଦେଖାଣି ପାହାଡ଼ (ବହଳଦା), ବଳଦିଆ, କୁକୁଡରାଣୀ ଡୁଡ଼ି (ନୁଢୁଡିହା, କପ୍ତିପଦା), ଶୁଆଶାରୀ ପାହାଡ଼ (କପ୍ତିପଦା), ମାନଗଡ଼ ପାହାଡ଼ (ସାରସକଣା), କାଳୀପାହାଡ଼ (ସୀତାକୁଣ୍ଡର ଉପର), ମିରଡି ମାଇକାଣୀ (ଉଦଳା), ମାରାଂବୁରୁ (ଉଦଳା), ଖଣ୍ଡାଚିରା (ଉଦଳା), ଡେଡ଼େ ପାହାଡ଼ (ଉଦଳା) ଆଦି ଅନେକ ପାହାଡ଼ ମୟୂରଭଞ୍ଜ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛନ୍ତି । ଏସବୁ କେବଳ ନିର୍ଜୀବ ପାହାଡ଼ ନୁହଁନ୍ତି ବରଂ ଏହି ପାହାଡ଼ମାନଙ୍କ ସହିତ ମୟୂରଭଞ୍ଜବାସୀଙ୍କ ଆବେଗ ଓ ଧାର୍ମିକ ଭାବନା ଯୋଡ଼ି ହୋଇରହିଛି । ଅଧିକାଂଶ ପାହାଡ଼ମାନଙ୍କ ସହିତ କୌଣସି ନା କୌଣସି ଠାକୁର କିମ୍ବା ଠାକୁରାଣୀଙ୍କ ନାମ ସଂଲଗ୍ନ

Digitized by srujanika@gmail.com

ହୋଇଛି ଏବଂ ଏହା ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ପୂଜିତ ହେଉଛନ୍ତି । ଦୀର୍ଘ ଦୁଇବର୍ଷ କାଳ ଗାଁ ଗାଁ, ବଣପାହାଡ଼ ବୁଲି ଏତକ ପାହାଡ଼ର ନାଁ ସଂଗ୍ରହ କରିବାର ଉଦ୍ୟମ କରିପାରିଛି ।

ମୟୂରଭଞ୍ଜ ଜିଲ୍ଲାରେ ଅନେକ ପାହାଡ଼ିଆ ଘାଟି ରାସ୍ତାରେ ଗଲାବେଳେ ଛାତିରୁ ହୃଦୟ ଅଲଗା ହୋଇଯିବା ଭଳି ମନେହୋଇଥାଏ । **ଛେଲିଗୋଧୂଳି, ବାଙ୍କିରିପୋଷି (ଦୁଆରଶୁଣୀ ଘାଟି/ବାମନଘାଟି), ଶରତ-ଠାକୁରମୁଣ୍ଡା ଘାଟି, ଜବାଟଘାଇ ଘାଟିର** ସର୍ପିଳ ଉର୍ଦ୍ଧ୍ୱ ଗତି ବିଦେଶୀ ପର୍ଯ୍ୟଟକମାନଙ୍କୁ ମୋହିତ କରିଥାଏ । ସେହିଭଳି ବିଜାତଳା ବ୍ଲକ୍‌ର ବିଂଦର୍ହ ଓ ଚଢ଼େଇ ପାହାଡ଼ି ଗଲାବେଳେ **ପାଙ୍ଗଣ ଘାଟି** (ବିଜାତଳା ବ୍ଲକ୍‌ର ଲୁହାଶିଳା ପଞ୍ଚାୟତ) ଅତିକ୍ରମ କରିବାକୁ ହୋଇଥାଏ । ବାଙ୍କିରିପୋଷି ଘାଟି (ଦୁଆରଶୁଣୀ ଘାଟି/ବାମନଘାଟି) ମୟୂରଭଞ୍ଜ ଜିଲ୍ଲାର ସବୁଠୁ ଉଚ୍ଚତମ ଓ ଦର୍ଘତମ ଘାଟି । ଏହି ଘାଟିରେ ମୋଟ ୫୨ (ବାବନ)ଟି ମୋଡ଼ (ବୁଲାଣି) ରହିଥିବାରୁ ଏହାକୁ ବାବନ ଘାଟୀ କୁହାଯାଇଥାଏ । କାଳକ୍ରମେ 'ବାବନ ଘାଟି' ଶବ୍ଦଟି ଅପଭ୍ରଂଶ ହୋଇ 'ବାମନ ଘାଟି' ହୋଇଛି ବୋଲି କୁହାଯାଏ । ଏହି ଘାଟି ଦେଇ ୧୮ ନମ୍ବର ଜାତୀୟ ରାଜପଥ ଯାଇଛି ।

ମୟୂରଭଞ୍ଜ ଜିଲ୍ଲାରେ ନଦୀମାନେ ଏଣେତେଣେ ବିଛାଡ଼ି ହୋଇ ପ୍ରବାହିତ ହେଉଛନ୍ତି । ରାଜ୍ୟର ପ୍ରମୁଖ ଚାରିଗୋଟି ନଦୀ ବ୍ୟବସ୍ଥା-ବୁଢ଼ାବଳଙ୍ଗ, ବୈତରଣୀ, ସୁବର୍ଣ୍ଣରେଖା ଏବଂ ଢଂଭିରା; ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ । ଏହି ଚାରିଗୋଟି ନଦୀବ୍ୟବସ୍ଥାକୁ ଭିତ୍ତିକରି ଜିଲ୍ଲାରେ ଶତାଧିକ ଛୋଟବଡ଼ ନଦୀ ପ୍ରବାହିତ ହେଉଛନ୍ତି ।

ଶିମିଳିପାଳ କୋର୍ ଜୋନ୍ ମଧ୍ୟରେ ଥିବା ଖେଜୁରି ଚେକ୍ ଗେଟ୍

Digitized by srujanika@gmail.com

୧. ବୈତରଣୀ ଓ ଏହାର ପ୍ରମୁଖ ଉପନଦୀ ଶାଳନ୍ଦୀ, ଖଇରି, ଭଣ୍ଡନ, ଦେଓ (ପଶ୍ଚିମ), ତେଲ, ସିମ୍, ଟାମକଯୋଡ଼ି, କଚିମଯୋର, ଭିରାଳ-ଯମୁନା, କାଣ୍ଡିଆଳି, ଗୋବରଝର, ଘାଗରା-ଘଣ୍ଟିଆ, ଚାରିନାଳିଆ, ସାନସିଆଳ (ଯଶୀପୁର ଦେଇ ପ୍ରବାହିତ), ଅଁଳା, ଉଷି ଓ ଅନ୍ୟାନ୍ୟ ବହୁ ଛୋଟ ନଈ

୨. ବୁଢ଼ାବଳଙ୍ଗ ଓ ଏହାର ପ୍ରମୁଖ ଉପନଦୀ ଉରାଳି, ସରାଳି, ପୁକୁଯୋଡ଼ା, ଅଝରିଖାଳ, କାଳିଆଖାଳ, ପଳପଳା, ଦୁଧିଆଶୋଳ, ପଣସିଆ, କାଡ୍ରା, ମାଙ୍କଡ଼କେନ୍ଦା (ପଖାଳଭାତ), ଚିପଟ୍, ବଡ଼ଯୋଡ଼, ଇଟାଯୋଡ଼ି, ବେଣାଯୋଡ଼ି, ବେତନା, ମାଧବୀ, ଗଙ୍ଗାହାର, କୁଣ୍ଡି, ସୋନ (ସୁନେଇ), ପୁରୁଣାପାଣି, ଯୋଡ଼ାବଣି, ଅରିହୁଳ, ନାଲୁଆ, ସଞ୍ଜ, ଦିଁଅ (ଦେଓ-ପୂର୍ବ), କାଳ, କୁଶଭଦ୍ରା, ଟୁଙ୍କି, ଠକ୍ଠକି, ଢଣ୍ଡାଳ, ଶଙ୍କରେଇ, ଶଙ୍କରମରା, ହଣ୍ଡୁରେଇ, କଇନା, ପାପରେଇ, ଢେଙ୍କୁଆ, ଲହରଖାଳ, ଘୁଙ୍ଗୁରୁଖାଳ, ଢାଙ୍ଗିଖାଳ ଏବଂ ଅନ୍ୟାନ୍ୟ ବହୁ ଛୋଟ ନଈ

୩. ସୁବର୍ଣ୍ଣରେଖା ତଥା ଏହାର ପ୍ରମୁଖ ଉପନଦୀ ଖଡ଼ଖାଇ, ନେସା, ବାଙ୍କବଳ, ଡିଙ୍ଗୁରୁ, କାହୁ, କୋଡ଼ିଆ, ଦୁଲୁଙ୍ଗା, ଖେଜୁରି, ବାଳିଆପେଟା, ଦୁକାଖାଳ, ସିଙ୍ଗଡୋଭ ଏବଂ ଅନ୍ୟାନ୍ୟ ବହୁ ଛୋଟବଡ଼ ନଈ

ଶିମିଳିପାଳ କୋର୍ ଜୋନ୍ ମଧ୍ୟରେ ଥିବା ବାଥୁଡ଼ିମାନଙ୍କ ପ୍ରସିଦ୍ଧ ଉପାସନାସ୍ଥଳ 'ଅଠର ଦେଉଳ'

୪. ଗଂଭିରା ଓ ଏହାର ପ୍ରମୁଖ ଉପନଦୀ ମହାନ୍ତି, ଗୁନ୍‌ଫା, ସୁରୁଦି, ସାନନଈ, ବାରୁଆନଳା, ମୁଣ୍ଡୁରି ଆଦି ଅନେକ ଛୋଟବଡ଼ ନଦୀ ଓ ଉପନଦୀ ଶିମିଳିପାଳ ଜଙ୍ଗଲରୁ ବାହାରି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ପ୍ରବାହିତ ହେଉଛନ୍ତି ।

Digitized by srujanika@gmail.com

ଶିମିଳିପାଳ କୋର୍ ଜୋନ୍ ମଧ୍ୟରେ ଥିବା ବାଥୁଡ଼ିମାନଙ୍କ ପ୍ରସିଦ୍ଧ ଉପାସନାସ୍ଥଳ 'ଅଠର ଦେଉଳ'

ଶିମିଳିପାଳ ଜାତୀୟ ଉଦ୍ୟାନ ବିଶେଷ ଭାବେ ମହାବଳ ବାଘ, ଭାରତୀୟ ଜଙ୍ଗଲୀ ଗୟଳ, ହାତୀ, ଚଉଶିଙ୍ଗା ହରିଣ ଭଳି ବିରଳ ପ୍ରାଣୀ ଏବଂ ଶାଳ, ଅର୍କିଡ୍ ଉଦ୍ୟାନ ପାଇଁ ପ୍ରସିଦ୍ଧ । ଓଡ଼ିଶାରୁ ଜମିଦାରୀ ପ୍ରଥା ଉଚ୍ଛେଦ ହେବାପରେ ଏବଂ ତତ୍କାଳୀନ ମୟୂରଭଞ୍ଜ ଷ୍ଟେଟ୍ ଭଞ୍ଜ ରାଜବଂଶ ଅଧୀନରୁ ମୁକ୍ତ ହେବା ପରେ ପ୍ରଥମଥର ପାଇଁ ୧୯୫୬ ମସିହାରେ ଶିମିଳିପାଳକୁ କେନ୍ଦ୍ର ସରକାର ବ୍ୟାଘ୍ର ସଂରକ୍ଷଣ ନିମନ୍ତେ ବ୍ୟବହାର କଲେ । ୧୯୭୩ ମସିହାରେ ଏଠାରେ 'ବ୍ୟାଘ୍ର ପ୍ରକଳ୍ପ' କାର୍ଯ୍ୟକାରୀ ହେଲା । ମୋଟ ୨୭୫୦ ବର୍ଗ କିଲୋମିଟର ପରିମିତ ଜଙ୍ଗଲ, ପାର୍ବତ୍ୟ ଅଞ୍ଚଳକୁ ନେଇ ୧୯୭୯ ମସିହାରେ ଓଡ଼ିଶା ସରକାର **'ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟ'** ଭାବେ ଘୋଷଣା କଲେ । ସେହି ବର୍ଷ ଖଇରୀ ନଦୀ କୂଳସ୍ଥ ରାମତୀର୍ଥଠାରେ ଏକ କୁମ୍ଭୀର ପ୍ରଜନନ ପ୍ରକଳ୍ପ ଆରମ୍ଭ କରାଗଲା । ୧୯୮୦ ମସିହାରେ ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟର ମୋଟ ୨୭୫୦ ବର୍ଗକିଲୋମିଟର ଅଞ୍ଚଳରୁ ୩୦୩ ବର୍ଗକିଲୋମିଟର ଅଞ୍ଚଳକୁ ନେଇ **'ଶିମିଳିପାଳ ଜାତୀୟ ଉଦ୍ୟାନ'** ଭାବେ ଘୋଷଣା କରାଗଲା ଏବଂ ୧୯୮୬ ମସିହାରେ ଏହି ଜାତୀୟ ଉଦ୍ୟାନଟିର କ୍ଷେତ୍ରଫଳ ୮୪୫.୭୦ ବର୍ଗକିଲୋମିଟରକୁ ବୃଦ୍ଧି କରାଯିବା ଫଳରେ ଏହା ଦେଶର ଏକ ଆକର୍ଷଣୀୟ ଜାତୀୟ ଉଦ୍ୟାନର ମାନ୍ୟତା ଲାଭ କଲା । ୧୯୯୪ ମସିହାରେ ଭାରତ ସରକାର ଶିମିଳିପାଳକୁ **'ସଂରକ୍ଷିତ ଜୈବ ମଣ୍ଡଳ'** ଭାବେ ଘୋଷଣା କଲେ ।

ଶିମିଳିପାଳ ଜୈବମଣ୍ଡଳଟି ବିଭିନ୍ନ ପ୍ରଜାତିର ବୃକ୍ଷଲତା, ଅର୍କିଡ୍, ଜୀବଜନ୍ତୁ ଏବଂ ସାନ୍ତାଳ, ମୁଣ୍ଡା, ହୋ, କୋଲ୍ହ, ଖଡ଼ିଆ, ବାଥୁଡ଼ି, ମାଙ୍କଡ଼ିଆ ଆଦି ପୁରାତନ ଜନଜାତିଙ୍କର ଏକ ପ୍ରାକୃତିକ ଆବାସିକ

Digitized by srujanika@gmail.com

ସ୍ଥଳୀ ଭାବେ ବେଶ ପରିଚିତ । ଏହାମଧ୍ୟରେ ବହୁ ପୂର୍ବରୁ ଏହି ବନବାସୀମାନେ ବସବାସ କରିଆସୁଛନ୍ତି । ମାତ୍ର ପରବର୍ତ୍ତୀ କାଳରେ ପଡ଼ୋଶୀ ଝାଡ଼ଖଣ୍ଡରୁ ବହୁ ସଂଖ୍ୟାରେ ଆଦିବାସୀମାନେ ଶିମିଳିପାଳକୁ ଚାଲିଆସି ଏଠାରେ ନିଜର ସ୍ଥିତି ଜାହିର କରିବା ପରେ ଏହା ମଧ୍ୟରେ ପାଖାପାଖି ୭୦ ଗାଁ ସୃଷ୍ଟି ହୋଇଛି, ଯାହାକି ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି । ଏଥିନେଇ ବିତର୍କର ଆବଶ୍ୟକତା ରହିଛି ।

ଅଗଷ୍ଟ ମାସର ଏକ ଝିପିଝିପି ବର୍ଷା ଦିନିଆ ମୟୂରଭଞ୍ଜ ବୁଲା ଖୁବ୍ ସ୍ମରଣୀୟ । ଝିପିଝିପି ବର୍ଷା ଲାଗି ରହିଥାଏ । **ଛେଳିଗୋଧୂଳି** ଘାଟି ଅତିକ୍ରମ କରି ଯଶୀପୁର ବଜାରରେ ପହଞ୍ଚିଲାବେଳକୁ ଦିନ ପ୍ରାୟ ଏଗାରଟା ବାଜି ସାରିଥାଏ । ଆମକୁ ସେଠୁ ଯିବାକୁ ହେବ **ଅଲକୁଦର ଜଳପ୍ରପାତ** । **ଯଶୀପୁର ରଘୁନାଥ ମଠ** ବୁଲାବୁଲି କରି ପହଞ୍ଚିଲୁ ଶିମିଳିପାଳ ଜାତୀୟ ଉଦ୍ୟାନକୁ ଲାଗି ରହିଥିବା **ସାପଚିରା ଗାଁରେ** । ସାପଚିରା ଗାଁର ସେପଟକୁ **କାଳିଆଣି ଗାଁ** । ମଝିରେ ବହିଯାଇଛି **ଖଇରୀ ନଈ** । ଖଇରୀ ନଈପୋଲ ଦେଇ ଅଲକୁଦର ଗାଁରେ ପହଞ୍ଚିଲା ବେଳକୁ ପୂରା ମଧ୍ୟାହ୍ନ । ଝିପିରିଝିପିରି ବର୍ଷା ତଥାପି ଆମ ପିଛା ଛାଡ଼ି ନଥାଏ । ବର୍ଷାକୁ ଖାତିର୍ ନକରି ଚାଲିଚାଲି ଦୁଇ କିଲୋମିଟର ଜଙ୍ଗଲିଆ ରାସ୍ତା ପାର ହେଲାପରେ ଯାହା ଦେଖିଲୁ, ତାହା ବର୍ଣ୍ଣନା କରିବାକୁ ଶବ୍ଦ ମିଳୁନି । ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟ, ସବୁଜ ଶାଳ ଜଙ୍ଗଲ, ଶାଳପତ୍ରରେ ପଡୁଥିବା ଟପ୍‌ଟପ୍ ବର୍ଷାର ଶବ୍ଦ ଭିତରେ **ନାଚୁଣିଆ ପାହାଡ଼** ଉପରୁ ଲଂପ ପ୍ରଦାନ କରୁଥିଲା ଏକ ବିଶାଳ ଜଳପ୍ରପାତ । ତାହାର ନାଁ ଥିଲା ଅଲକୁଦର ଜଳପ୍ରପାତ । ଘଞ୍ଚ ଶାଳବଣ ଓ ପାହାଡ଼ ଭିତରେ ଏଭଳି ଏକ ଜଳ ଉତ୍ସକୁ ଦେଖି ଅଚାନକ ସବୁ କ୍ଳାନ୍ତି ମେଣ୍ଟି ଯାଇଥିଲା ।

ଶିମିଳିପାଳର ଅଠର ଦେଉଳରେ ବାଥୁଡ଼ିମାନଙ୍କର 'ବଡ଼ାମ ଯାତ୍ରା'

Digitized by srujanika@gmail.com

ବାଙ୍ଗିରିପୋଷି ବ୍ଲକ୍‌ର ବ୍ରାହ୍ମଣକୁଣ୍ଡ (ଶିମିଳିପାଳ)

ପୁଣି ବି, ବୈଶାଖ ମାସର ଗୋଟେ ତତଲା ମଧ୍ୟାହ୍ନରେ ଆମେ ପହଞ୍ଚି ପାରିଥିଲୁ କାଣ୍ଡିଆ ଜଳପ୍ରପାତ ସ୍ଥଳରେ । **କାଣ୍ଡିଆ ଜଳପ୍ରପାତ**ଟି ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ରହିଛି ଏବଂ ଏହା ଖୁବ୍ ଅପହଞ୍ଚ । ସେଦିନ ଥାଏ ୪୪ ଡିଗ୍ରିରେ ସିଝୁଥିବା ମୟୂରଭଞ୍ଜର ଏକ ପ୍ରକାଣ୍ଡ ଖରାଦିନ । ଆମେ ଖୁବ୍ ସକାଳୁ ବାରିପଦା ଛାଡ଼ି ବମ୍ବେଛକରେ ପହଞ୍ଚି ସାମାନ୍ୟ ଜଳଖିଆ କରିବା ପରେ ସୁବର୍ଣ୍ଣରେଖା କେନାଲ ରାସ୍ତା ଦେଇ ସାରସକଣା ବ୍ଲକ୍ ସଦର ମହକୁମାରେ ପହଞ୍ଚିଲୁ । ସାରସକଣାର ସାରସକ୍ଷେତ୍ର ବୁଲାବୁଲି କରି ପୋଖରିଆ, କପାଡ଼ିହା, ଜକା ଦେଇ ପହଞ୍ଚିଲୁ ଚାରିଛକରେ । ଚାରିଛକରୁ ୭ କିଲୋମିଟର ଉତ୍ତର ଦିଗକୁ କୁଲାପଟା ଗାଁ । କୁଲାପଟା ଗାଁରେ ପହଞ୍ଚିଲାବେଳକୁ ମୁଣ୍ଡ ଉପରେ ଟାଇଁଟାଇଁ ଖରା । ଆମର ପ୍ରକୃତରେ ଖରାଦିନେ ଏଭଳି ସ୍ଥାନକୁ ଆସିବା ଏକପ୍ରକାର ଭୁଲ୍ ନିଷ୍ପତ୍ତି ଥିଲା । ତଥାପି ଆସି ସାରିଲୁଣି ଯେତେବେଳେ ଆଉ ପଛକୁ ଫେରି ପାରିଲୁନାହିଁ । ସାହସର ସହ ତହତହ ଖରାରେ କୁଲାପଟା ଗାଁରେ ଗାଡ଼ି ରଖି ଜଙ୍ଗଲିଆ ପାଦଚଲା ରାସ୍ତାରେ ପ୍ରାୟ ତିନି କିଲୋମିଟର ଚାଲିଲୁ । ଖରାରେ ଛାତି ଧଡ଼୍‌ଧଡ଼୍ କରୁଥାଏ ଓ ମୁଣ୍ଡ ବୁଲାଇ ପକାଉଥାଏ । ଆମେ ଯାଇ **କାଣ୍ଡିଆଲୁକା ଜଳପ୍ରପାତ** ସ୍ଥଳରେ ପହଞ୍ଚିଗଲାପରେ ଶରୀରରୁ ସମସ୍ତ କ୍ଳାନ୍ତି ଅପସରି ଯାଇଥିଲା । କାଣ୍ଡିଆଲୁକା ଜଳପ୍ରପାତଟି ଯଦିଓ ପ୍ରବଳ ଖରା ଯୋଗୁଁ ଶୁଖି ଯାଇଥିଲା, ତଥାପି ସେଠାକାର ଶାନ୍ତଶୀତଳ ସବୁଜ ବନାନୀ, ପକ୍ଷୀଙ୍କର କିଚିରିମିଚିରି କୋଳାହଳ ଓ ଚାରି ପାର୍ଶ୍ୱରେ ଘେରି ରହିଥିବା ପାହାଡ଼ ଉପତ୍ୟକା ଓ ବିଶାଳ ଜଳକୁଣ୍ଡ ମନରେ ରୋମାଞ୍ଚ ଭରି ଦେଉଥିଲା । କାହିଁକି କେଜାଣି ପ୍ରବଳ ଝାନ୍‌ଜି ସତ୍ତ୍ୱେ ସେଠାରେ ଆମକୁ ଖୁବ୍ ଥଣ୍ଡା ଲାଗୁଥିଲା । ଚାରିଆଡ଼େ ଅଗ୍ନି

Digitized by srujanika@gmail.com

ବର୍ଷୁଥିବାବେଳେ କାଣ୍ଡିଆଲୁକା ଜଳପ୍ରପାତ ସ୍ଥଳଟି ଖୁବ ଶାଂତ ଓ ଶୀତଳ ଲାଗୁଥିଲା । ବାସ୍ତବରେ ଏହା ହିଁ ପ୍ରକୃତିର ବୈଚିତ୍ର୍ୟ । ଏହାପରେ ଆଉଥରେ ବିଜାତଳା ବ୍ଲକ୍ ପଟୁ କାଣ୍ଡିଆଲୁକାର ଉପରମୁଣ୍ଡରେ ଥିବା **ସାରଲି ପାହାଡ଼ (ବିଂଦର୍ହ), ଚଢ଼େଇ ପାହାଡ଼, କୁକୁଡ଼ାଅଣ୍ଡା ପାହାଡ଼, ସାପଚକ୍ର ପାହାଡ଼, ଚଡ଼କମରା ପାହାଡ଼** ବୁଲାବୁଲି କରିବା ମଧ୍ୟରେ ସେଠାକାର ଭୌଗୋଳିକ ସ୍ଥିତି ସଂପର୍କରେ ଏକ ସ୍ପଷ୍ଟ ଚିତ୍ର ମିଳିଥିଲା ।

ମୟୁରଭଞ୍ଜ ଜିଲ୍ଲାରେ ଖାଲି କ'ଣ ଏହି ଅଲକୁଦର ଆଉ କାଣ୍ଡିଆ ଜଳପ୍ରପାତ କି? ଆହୁରି ଅନେକ ଛୋଟବଡ଼ ଜଳପ୍ରପାତ ରହିଛି, ଯାହା ଜଣେ ଆଗନ୍ତୁକଟିକୁ ନିଜ ଆଡକୁ ଟାଣି ଆଣିବାର ସାମର୍ଥ୍ୟ ରଖିଥାଏ । ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ବି ଅନେକ ଜଳପ୍ରପାତ, ଆକର୍ଷଣୀୟ ଝରଣା, ନଦୀଗଣ୍ଡ, ନଦୀକୁଣ୍ଡମାନ ରହିଛି । ବାସ୍ତବରେ ମୟୁରଭଞ୍ଜକୁ ପାହାଡ଼, ଝରଣା ଓ ଜଳପ୍ରପାତର ଜିଲ୍ଲା କହିଲେ ଭୁଲ୍ ହେବନାହିଁ । ଏ ଜିଲ୍ଲାରେ ଅନେକ ଜଳପ୍ରପାତ ଓ ପ୍ରାକୃତିକ ଝରଣା ରହିଛି । ଏସବୁ ଜଣେ ଆଗନ୍ତୁକର ହୃଦୟକୁ ଚହଲାଇ ଦେବାକୁ ଯଥେଷ୍ଟ । ମୟୁରଭଞ୍ଜ ଜିଲ୍ଲାର **ଦେବକୁଣ୍ଡ, ସୀତାକୁଣ୍ଡ, ଭୀମକୁଣ୍ଡ, କେଶରୀକୁଣ୍ଡ, ବ୍ରାହ୍ମଣକୁଣ୍ଡ, ଭୈରବକୁଣ୍ଡ, ଆଡ଼ଶିଳି କୁଣ୍ଡ, ବରେହିପାଣି, ଯୋରଣ୍ଡା, ଟୁଙ୍ଗି, ଉଷି, ଅଁଳା, ଚିଙ୍ଗୁଡ଼ିଆ, ମଈଁଷିଗୋଳା, ବିଂଦର୍ହ, ବିଲାପଘା, ମଣିଭଦ୍ରା, ମାଛକାନ୍ଦଣା, ଲୁଲୁଆ ବାରୁଣୀ** ଆଦି ଜଳପ୍ରପାତ ଦେଶବିଦେଶର ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ।

୨୦୧୬ ମସିହା ଡିସେମ୍ବର ୧୮ ତାରିଖ, ରବିବାର । ପୁରୁଣା ବର୍ଷ ଶେଷ ହେବାକୁ ଆଉ ମାତ୍ର ୧୩ ଦିନ ବାକିଥାଏ । ମୟୁରଭଞ୍ଜରେ ପ୍ରବଳ ଶୀତର ପ୍ରକୋପକୁ ବେଖାତିର କରି ରବିବାର

ଗୋପବନ୍ଧୁନଗର ବ୍ଲକ୍‌ର ଦେବଗ୍ରାମ ଚାମୁଣ୍ଡା ପୀଠ

Digitized by srujanika@gmail.com

ସକାଳୁ ସକାଳୁ ମୁଁ ପହଞ୍ଚିଥିଲି ବୁଢ଼ାବଳଙ୍ଗର ପ୍ରମୁଖ ଉପନଦୀ **କାତରାର** ଉତ୍ପତ୍ତିସ୍ଥଳ ରାଇରଙ୍ଗପୁରର **ଛତ୍ରମଣ୍ଡଳ ଓ କଳସୀଭଙ୍ଗା ପାହାଡ଼** ନିକଟରେ । ମୋ' ସାଥୀରେ ଥା'ନ୍ତି ବିଜାତଳା ବ୍ଲକ୍‌ର 'ସମ୍ବାଦ' ପ୍ରତିନିଧି ଯୁଧିଷ୍ଠିର ପରିଡ଼ା ଏବଂ ତାଙ୍କର ଜଣେ ବନ୍ଧୁ । ଛତ୍ରମଣ୍ଡଳ ଓ କଳସୀଭଙ୍ଗା ପାହାଡ଼ର ମଧ୍ୟ ଭାଗରୁ କାତରା ନଦୀ ଉତ୍ପତ୍ତିଲାଭ କରି ରାଇରଙ୍ଗପୁର, ବିଜାତଳା, ସାରସକଣା, ବାଙ୍ଗିରିପୋଷି ଆଦି ବ୍ଲକ୍ ଅଞ୍ଚଳ ଦେଇ ପ୍ରବାହିତ ହେବାପରେ କୁଳିଅଣା ନିକଟରେ ବୁଢ଼ାବଳଙ୍ଗ ନଦୀ ସହିତ ମିଶିଛି ।

ବିଜାତଳା ବ୍ଲକ୍‌ର ସରଗଡ଼ା ଗ୍ରାମପଞ୍ଚାୟତର ଦଳେଇଡିହି ନିକଟସ୍ଥ **ବିଂଦର୍ହ**ରେ ସେଦିନ କାତରା ନଈର ମୋହିନୀ ରୂପ ଦେଖିବାର ସୁଯୋଗ ମିଳିଲା । ଏଠାରେ ଥିବା **ସରାଳି (ସାର୍‌ଲି)** ପାହାଡ଼ର ଛାତି ଚିରି କାତରା ନଦୀ ବେଶ୍ କିଛିବାଟ ଗତି କରି ତଳକୁ ଲଂପ ପ୍ରଦାନ କରିଛି ଏବଂ ନିମ୍ନଦେଶରେ ଏକ ଗଭୀର କୁଣ୍ଡ ସୃଷ୍ଟି କରିଛି, ଯାହାର ନାଁ ବିଂଦର୍ହ । ସାନ୍ତାଳୀ ଭାଷାରେ 'ବିଂ' ଅର୍ଥ ସାପ ଓ 'ଦର୍ହ' ଅର୍ଥ ହ୍ରଦ (ଗଣ୍ଡ) । ଏହି ଗଣ୍ଡ ବା କୁଣ୍ଡରେ ସର୍ପ ଦେବତା ନୀଳମାଧବ (ନୀଳମଣି) ଥିବାରୁ ଏହାର ନାମ 'ବିଂଦର୍ହ' ହୋଇଛି ବୋଲି ଜାଣିବାକୁ ମିଳିଲା । କାତରା ନଦୀ 'ବିଂଦର୍ହ'ରୁ କିଛିବାଟ ଆଗକୁ ଗତିକଲା ପରେ ସାରସକଣା ବ୍ଲକ୍‌ର କୁଲାପଟା ଗାଁ ନିକଟରେ କାଣ୍ଡିଆ ପାହାଡ଼ରୁ ତଳକୁ ଲଂପ ପ୍ରଦାନ କରି ପୁଣି ସେଠାରେ ଏକ ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରିଛି ଯାହାର ନାଁ କାଣ୍ଡିଆଲୁକା ଜଳପ୍ରପାତ । କାଣ୍ଡିଆଲୁକା ଜଳପ୍ରପାତ ସଂପର୍କରେ ପୂର୍ବରୁ କହିସାରିଛି ।

ପ୍ରାଚୀନ ବାରିପଦା ରାଜବାଟୀ ତଥା ବର୍ତ୍ତମାନର ଏମ୍‌ପିସି ଜୁନିୟର ମହାବିଦ୍ୟାଳୟର ଭିତର ପାର୍ଶ୍ୱ

Digitized by srujanika@gmail.com

ବର୍ଷତମାମ୍ ମୁଁ ମୟୂରଭଞ୍ଜ ଜିଲ୍ଲାର ବଣ, ପାହାଡ଼, ଗାଁ, ନଗର, ଜନପଦରେ ଜଣେ ନିଶାସକ୍ତ ପ୍ରେମିକ ଭଳି ବୁଲିଛି । କି ଶୀତ, ଖରା ଓ ବର୍ଷାକୁ ପ୍ରାୟ ଖାତିର୍ ନ କରି କିମ୍ବା ସାମାନ୍ୟ ଖାତିର କରି କେବଳ ବୁଲିଛି ଓ ପ୍ରକୃତିର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଛି । ଜଙ୍ଗଲ, ପାହାଡ଼, ଗାଁ, ସହର ବୁଲିଲାବେଳେ ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କଠାରୁ ବହୁ ଅଜଣା ପାହାଡ଼, ଝରଣା, ଛୋଟଛୋଟ ନଦୀ, ନାଳ (ଖାଲ), ନଦୀ ଗଣ୍ଡ (ଦର୍ହ), ହାଟବଜାର, ମନ୍ଦିର, ଐତିହ୍ୟସ୍ଥଳୀଗୁଡ଼ିକର ନାମ ସଂଗ୍ରହ କରି ଏସବୁଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିଛି ।

ନଦୀଟିଏ, ନାଳ (ଖାଳ)ଟିଏ କିଂବା ପାହାଡ଼ଟିଏ ଦେଖିଲେ ମୁଁ ଅସ୍ୱାଭାବିକ ଭାବେ ଅସ୍ଥିର ହୋଇ ଉଠେ । କାହିଁକି ଏମିତି ମୋର ହୁଏ, ଜାଣିପାରେନା । ମୋ' ଶରୀର ଅସ୍ୱାଭାବିକ ଭାବେ ରୋମାଞ୍ଚିତ ହୋଇଉଠେ ଏବଂ ନିଜର ଲକ୍ଷ୍ୟସ୍ଥଳ (ନିଜର ମୂଳ କାମ) ଭୁଲିଯାଇ ସେଠାରେ ଘଡ଼ିଏ ଅଟକିଯାଇ ସ୍ଥାନୀୟ ଲୋକଙ୍କୁ ନଦୀ, ପାହାଡ଼ ସଂପର୍କରେ ଖୁବ୍ ପଚରାଉଚରା କରେ । ଅନେକ

ଏମ୍‌ପିସି ଜୁନିୟର ମହାବିଦ୍ୟାଳୟ ପରିସରରେ ଏକ ନିଭୃତ ସ୍ଥାନରେ ଥିବା ପ୍ରାଚୀନ ଲକ୍ଷ୍ମୀନାରାୟଣ ମନ୍ଦିର

ସମୟରେ ମୋ' ସାଥୀରେ ଯେଉଁମାନେ ଥା'ନ୍ତି, ମୋର ଏହି ଫାର୍ସ (ଡ୍ରାମାବାଜି) ଦେଖି ସେମାନେ ଖୁବ୍ ବିରକ୍ତି ହୋଇ ଯାଆନ୍ତି । ବେଳେବେଳେ ମୋତେ ଛାଡ଼ିଦେଇ ସେମାନେ ଚାଲିଯାଆନ୍ତି ଓ ଆଉ ଦ୍ୱିତୀୟବାର ମୋ' ସାଥୀରେ ଆସିବାକୁ ଇଚ୍ଛା କରନ୍ତି ନାହିଁ । ଏସବୁ ସଂଗ୍ରହ କାମ ଖୁବ୍ କଷ୍ଟକର ଓ ଯନ୍ତ୍ରଣାଦାୟକ ମଧ୍ୟ । ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ନେଇ ଏଭଳି କିଟିମିଟିଆ ଜଂଜାଳପୂର୍ଣ୍ଣ କାମରେ ପଶିବା ଖୁବ୍ ରିସ୍କ୍ ମଧ୍ୟ । ଏହାଦ୍ୱାରା ଶାରୀରିକ ଉତ୍ତେଜନା ଖୁବ୍ ବୃଦ୍ଧି ପାଇଥାଏ । ଏସବୁ କାମ

Digitized by srujanika@gmail.com

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସାମ୍ନା ଗେଟ୍

ସମୟରେ ମୋ' ଦେହ ଓ ମନରେ ଅସ୍ୱାଭାବିକ ଉତ୍ତେଜନା *(excitement)* ବୃଦ୍ଧି ପାଏ, ଯାହାକି ମୋ' ଶରୀର ପାଇଁ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ଡାକ୍ତର ପରାମର୍ଶ ଦେଇଥା'ନ୍ତି । ଏସବୁକୁ କ'ଣ ଜଣେ ପ୍ରେମିକ ଖାତିର୍ କରେ? ଏସବୁ କାମ ଜଣେ ସଂସାରୀ ପାଇଁ କି ଜଣେ ଚାକିରିଆ ପାଇଁ ଏକପ୍ରକାର ଅସଂଭବ ମଧ୍ୟ । ମାତ୍ର ମୁଁ ରିସ୍କ୍ ନେଇ ଏ କାମ ଭିତରକୁ ପଶିବାକୁ ଦୁଃସାହସ କରିଛି ।

ମୁଁ ମୟୁରଭଞ୍ଜ ଜିଲ୍ଲାରୁ ଶତାଧିକ ଅଜଣା ଓ ସ୍ୱଳ୍ପଜ୍ଞାତ କ୍ଷୁଦ୍ର ନଦୀ (ଖାଳ), ପାହାଡ଼, ଝରଣା, ଜଳପ୍ରପାତ, ସାପ୍ତାହୀକ ହାଟ, ମନ୍ଦିର, ଐତିହାସିକ ସ୍ଥଳୀଗୁଡ଼ିକର ନାମ ସଂଗ୍ରହ କରିବା ଏବଂ ପୁରୁଣା ମୂର୍ତ୍ତି, ମନ୍ଦିର, ପ୍ରସ୍ତର ଯୁଗର ଅବଶେଷ, ପ୍ରାଚୀନ ନିର୍ମାଣ ପରଖିବାରେ ସଫଳ ହୋଇଥିବାରୁ ତାହା ମୋ' ପାଇଁ ଏକ ବଡ଼ ଉପଲବ୍ଧି ବୋଲି ମନେକରୁଛି ।

ମୟୁରଭଞ୍ଜ ଜିଲ୍ଲାର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଭବ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳଠାରୁ ଟିକେ ନିଆରା । ଏଠାରେ ଭଞ୍ଜବଂଶୀମାନେ ଦୀର୍ଘବର୍ଷ ଧରି ଶାସନ କରିବା ସହ ଅନେକ ଐତିହ୍ୟ ଓ ସ୍ମାରକୀ ପରବର୍ତ୍ତୀ କାଳ ପାଇଁ ଛାଡ଼ି ଯାଇଛନ୍ତି । ସେଗୁଡ଼ିକର ରକ୍ଷଣାବେକ୍ଷଣ ଏବେ ଜରୁରି ହୋଇପଡ଼ିଛି ।

ହରିପୁରଗଡ଼ର ଏକ ଶୀତୁଆ ସଂଜର ଅନୁଭୂତି ମୋ' ମୟୁରଭଞ୍ଜର ସ୍ମୃତିକୁ ସବୁଦିନ ପାଇଁ ସତେଜ କରି ରଖିବ । ୨୦୧୫ ମସିହା ଡିସେମ୍ବର ୮ ତାରିଖ, ସେହିଦିନଟି ଥାଏ ମୋ' ଜନ୍ମଦିନ । ବାରିପଦାରୁ ମଧ୍ୟାହ୍ନ ଭୋଜନ ସାରି ଉଦଳା ରାସ୍ତା ଦେଇ ଡୁକୁରା ଛକରେ ପହଞ୍ଚିଲୁ । ସେଠାରୁ

Digitized by srujanika@gmail.com

ବୈଦପୁର, **ପ୍ରତାପପୁର** ଦେଇ **ହରିପୁରଗଡ଼** ନିକଟରେ ପହଞ୍ଚିଲାବେଳକୁ ସଂଜ ଗତଗତ । ଶୀତଦିନିଆ ସୁନା ରଙ୍ଗର ସୂର୍ଯ୍ୟକିରଣ ବିଛାଡ଼ି ହୋଇ ପଡ଼ିଥାଏ **ରସିକରାୟ ମନ୍ଦିର** ଓ ଭଗ୍ନ ହରିପୁର ଗଡ଼ର ଓସାରିଆ କାଂଥ ଉପରେ । ହରିପୁର ଗଡ଼ର ଭଗ୍ନ ଛାତିରେ ପିଲାମାନେ କ୍ରିକେଟ୍ ଖେଳୁଥା'ନ୍ତି । ଗାଁର କିଛି ଲୋକ ଗଡ଼ ପାର୍ଶ୍ୱସ୍ଥ ପିଣ୍ଡିରେ ତାସ ଖେଳୁଥା'ନ୍ତି । ହଠାତ୍ ପାଞ୍ଚଶହ ବର୍ଷ ତଳର ଇତିହାସକୁ ଫେରି ଚାହିଁଲା ବେଳକୁ ସଂଜ ହୋଇସାରିଥିଲା । ଯଦିଓ ଏହାପରେ ମୁଁ ଆଉ ଦୁଇ/ତିନି ଥର ହରିପୁରଗଡ଼ ଯାଇଛି, ମାତ୍ର ପ୍ରଥମ ଦିନର ସ୍ମୃତି ଓ ଅନୁଭୂତିକୁ କ'ଣ କେବେ ଭୁଲିହୁଏ?

ଖିଚିଂରୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଅବଶେଷ, ତାମ୍ରଲେଖ, ଶିଳାଭିଲେଖ, ପ୍ରାଚୀନମୂର୍ତ୍ତି, ଧ୍ୱଂସପ୍ରାପ୍ତ ଦୁଇଟି ପ୍ରାଚୀନ ଦୁର୍ଗ (ବିରାଟଗଡ଼ ଓ କୀଚକଗଡ଼), ପ୍ରାଚୀନ ପୁଷ୍କରିଣୀ ଓ ନିକଟସ୍ଥ ବେଣୀସାଗର ପ୍ରତ୍ନତାତ୍ତ୍ୱିକ ସ୍ଥଳରେ ଭ୍ରମଣ କରିବାର ମୁହୂର୍ତ୍ତ ଏବଂ ଏହି ପ୍ରାଚୀନ ଅବଶେଷଗୁଡ଼ିକର ଅଧ୍ୟୟନ କାଳର ଅନୁଭୂତି ବେଶ୍ ଛାତ୍ରସୁଲଭ, ଶିକ୍ଷଣୀୟ ଓ ସ୍ମରଣୀୟ । ମୁଁ କେନ୍ଦୁଝର ଜିଲ୍ଲାରେ ('ସମ୍ବାଦ'ର ବ୍ୟୁରୋ ମୁଖ୍ୟ) ଥିଲାବେଳେ ବୈତରଣୀ ନଦୀ ଉପରେ ଗବେଷଣା କରୁଥିବା ସମୟରେ ଯଦିଓ ବହୁବାର ଖିଚିଂ ଓ ଏହା ନିକଟସ୍ଥ ଐତିହ୍ୟସ୍ଥଳ ବେଣୀସାଗର, ରରୁଆଁ, ଶୁକ୍ରୁଳି, କରଞ୍ଜିଆ

ଖିଚିଂ ସଂଗ୍ରହାଳୟ

Digitized by srujanika@gmail.com

ଭଳି ଅଞ୍ଚଳ ବୁଲାବୁଲି କରିଥିଲି, କିନ୍ତୁ ସେତେବେଳେ ମୋର ଦୃଷ୍ଟିକୋଣ ଥିଲା ନିଆରା । ମାତ୍ର ବର୍ତ୍ତମାନ ମୁଁ ଖିଚିଂକୁ ଯାତାୟତ କଲାବେଳେ ମୋର ଦୃଷ୍ଟିକୋଣ ବଦଳିଛି । ଖିଚିଂର **'ଶିଳାକାବ୍ୟ'**ର ପ୍ରତିଟି ପୃଷ୍ଠା ଶରୀରରେ ରୋମାଞ୍ଚ ଭରିଦିଏ । ଖିଚିଂର ଏହି ପ୍ରତ୍ନତାତ୍ତ୍ୱିକ ବିଭବ କଥା ଆଲୋଚନା ନ କରି ମୟୂରଭଞ୍ଜ ଜିଲ୍ଲା କଥା ସ୍ୱପ୍ନରେ ସୁଦ୍ଧା ଭାବିହେବନି । ସେହିଭଳି ମୟୂରଭଞ୍ଜ ଜିଲ୍ଲାର **ପେଡ଼ାଗଡ଼ି (କପ୍ତିପଦା ବ୍ଲକ୍), କଇଁସାରି (ଉଦଳା), କୁଲଡ଼ିହା ଗଡ଼ (ବଡ଼ସାହି), ବଡ଼ବେଲାକୁଟି (ଗୋପବନ୍ଧୁନଗର), ସଠିଲୋ (ବେତନଟୀ), ରାଣୀବନ୍ଧ (ଗୋପବନ୍ଧୁନଗର), କୁଆମରା ଓ ଚିଲିମା (ଗୋପବନ୍ଧୁନଗର), ପଦ୍ମପୁର (ସାରସକଣା)** ଆଦି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଭବଭରା ଅଞ୍ଚଳର ପୁରୁଣାମୂର୍ତ୍ତିଗୁଡ଼ିକୁ ଅଧ୍ୟୟନ କରୁକରୁ ନିଜ ଅଜ୍ଞାତସାରରେ ଅନେକ ସମୟ ବିତିଯାଇଛି । ଏସବୁ ଅନୁଭୂତି ଓ ଅଧ୍ୟୟନ *(Iconographic Study)* ମୋ' ସ୍ମୃତିକୁ ସବୁବେଳେ ଜୀବନ୍ତ କରି

ଖିଚିଂ ମନ୍ଦିର ପରିସରରେ ଶ୍ୟାମ ସୁନ୍ଦର ପାଣିଗ୍ରାହୀ (ପଦ୍ମଶ୍ରୀ କେ.ପି. ପାଣିଗ୍ରାହୀଙ୍କ ପୁତୁରା)ଙ୍କ ସହିତ

Digitized by srujanika@gmail.com

ଭାଗିରଥୀ ହୁଡ଼ି

ରଖିବ ।

ଆଉଦିନକର ବର୍ଷାଭିଜା ଅପରାହ୍ଣରେ **ସୁଲେଇପାଟ ଜଳଭଣ୍ଡାର** ଓ ଏହାର ଜାଙ୍ଗଲିକ ସବୁଜ ସୌନ୍ଦର୍ଯ୍ୟକୁ କ'ଣ ଭୁଲି ହେବ? ବର୍ଷାଧୌତ ଡେଙ୍ଗୀ ଶାଳବଣ, ସୁଲେଇପାଟ ପାହାଡ଼ ଛାତିରେ ମେଘଙ୍କ ଚୁମ୍ବନ, ଜଳଭଣ୍ଡାର ପାର୍ଶ୍ୱସ୍ଥ ଛନଛନିଆ ସବୁଜ ଘାସଗାଲିଚା ଓ ଆକାଶରେ ମେଘମାନଙ୍କର ମେଳା, ଜଳଭଣ୍ଡାର ମଧ୍ୟରେ ବୁଲୁଥିବା ଛୋଟଛୋଟ କେଇଟି ଦେଶୀ ଡଙ୍ଗା; ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଉଥାଏ । ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକ କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ଥିବାବେଳେ, ଏହି ଜଳଭଣ୍ଡାରଟି ତାଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିବା ଜାଣି ମନରେ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧା ଜାତ ହେଲା । **ଖଡ଼ଖାଇ ନଦୀ**କୁ ଏଠାରେ ଅଟକାଇ ଏକ ବିଶାଳ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଏଠି ପ୍ରତିବର୍ଷ ଶୀତଋତୁରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ସମାବେଶ ଘଟିଥାଏ । ଏଠାକାର ମାଛ ବହୁତ ସୁଆଦିଆ ବୋଲି ଜାଣିବାକୁ ପାଇଲୁ । ଝିପିରିଝିପିରି ବର୍ଷା ସଙ୍ଗକୁ ଜଳଭଣ୍ଡାରର ଟିକିଟିକି ଢେଉ କାହିଁ କେଜାଣି କେଉଁ ଦୂରନ୍ତ ଦିଗ୍‌ବଳୟ ଆଡ଼େ ଭସାଇ ନେଇ ଯାଉଥିଲା । ସେସବୁ ସ୍ମୃତି ମୋର ନିତାନ୍ତ ନିଜସ୍ୱ ଓ ବ୍ୟକ୍ତିଗତ । ସେହିଭଳି **ବାଲିଡ଼ିହା ଡ୍ୟାମ୍, ହଳଦିଆ ଡ୍ୟାମ୍, ଡଂଭିରା ଡ୍ୟାମ୍ (ଦେଉଳି), ସୁନେଇ ଡ୍ୟାମ୍, କାଳ ଡ୍ୟାମ୍, ଅରିକୁଳ, ନେସା, ବାଙ୍କବଳ ଡ୍ୟାମ୍, ହାତୀବାରି ଦେଓ ଡ୍ୟାମ୍, ଶଙ୍କରମରା, ନେଦାମ୍** ଆଦି ଅନେକ ନଦୀବନ୍ଧ, ଜଳଭଣ୍ଡାର ଏବଂ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରକୁ ସମୃଦ୍ଧ କରିପାରିଛି ।

ମକର ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ଏକ ଗଣପର୍ବ । ପୁରପଲ୍ଲୀଠୁ ଆରମ୍ଭ କରି ସହରବଜାର

Digitized by srujanika@gmail.com

ସବୁଠି ମକର ଉତ୍ସବରେ ମସ୍‌ଗୁଲ୍ ହୋଇଉଠନ୍ତି ମୟୂରଭଞ୍ଜବାସୀ । ମକର ଉତ୍ସବ ସମୟରେ ମୟୂରଭଞ୍ଜ ଜିଲ୍ଲା ପାଳିଥାଏ ଅଘୋଷିତ ଛୁଟି । ସରକାରୀ ଦପ୍ତରଠାରୁ ଆରମ୍ଭ କରି ଦୋକାନବଜାର, ଗ୍ୟାରେଜ୍, ହୋଟେଲ୍, ବେସରକାରୀ କାର୍ଯ୍ୟାଳୟ ସବୁଠି ମକର ଛୁଟିର ନିରବ ମେହେସୁସ୍ । ନାଚଗୀତ, ପିଠାପଣା, ମାଂସ ଭୋଜିରେ କଂପୁଥାଏ ପୁରପଲ୍ଲୀ । ଯୁବକ, ଯୁବତୀମାନେ ମକରମେଳାରୁ

ହରିପୁରଗଡ଼

Digitized by srujanika@gmail.com

ବାରିପଦା ରଥଯାତ୍ରା

ହିଁ ନିଜନିଜ ପସନ୍ଦର ଜୀବନସାଥୀ ବାଛି ନେଇଥା'ନ୍ତି । କେବଳ ମକର ନୁହେଁ ବରଂ ମୟୂରଭଞ୍ଜ ଜିଲ୍ଲାବାସୀ ବାର ମାସରେ ତେର ପର୍ବ ପାଳନ କରିଥା'ନ୍ତି ।ବର୍ଷର ସବୁ ସମୟ ମୟୂରଭଞ୍ଜ ଉତ୍ସବମୁଖର ମନେ ହେଉଥାଏ । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର **ରଥଯାତ୍ରା**, ବାମନଘାଟିର **ଜନ୍ତାଳ ପର୍ବ, ମୟୂରଭଞ୍ଜର ରଜପର୍ବ, ହୋଲି ଉତ୍ସବ, ବାରିପଦାର ଦୁର୍ଗାପୂଜା, କାଳୀପୂଜା, କୁଡୁମୀମାନଙ୍କ ଟୁସୁପର୍ବ, କରମ୍ (କରମା) ପର୍ବ, 'ବାନ୍ଦନା' (ଗୋବର୍ଦ୍ଧନ) ପର୍ବ, ଉଡ଼ା ପର୍ବ, ସାନ୍ତାଳମାନଙ୍କ ବାହାବଙ୍ଗା ପର୍ବ, କୋହ୍ଲମାନଙ୍କ ମାଘେ ପର୍ବ, ଉଦଳାର ସରସ୍ୱତୀ ମେଳା, ଉଦଳା ମହୋତ୍ସବ 'ଧୁମ୍‌ସା', ବଳାଙ୍ଗୀ ମହୋତ୍ସବ, ଠାକୁରମୁଣ୍ଡାର ଭୀମକୁଣ୍ଡ ମହୋତ୍ସବ, ଛଉ ମହୋତ୍ସବ/ଚଇତ ପରବ୍, ମୟୂରଭଞ୍ଜ ମହୋତ୍ସବ, ଜଗଦ୍ଧାତ୍ରୀ ମେଳା, ବାମନଘାଟି ମହୋତ୍ସବ 'ମାଦଲ୍', କରଞ୍ଜିଆ ମହୋତ୍ସବ, ଗଙ୍ଗାହାର ମହୋତ୍ସବ, ଖିଚିଂ ମହୋତ୍ସବ, ସାରସକଣାର ଭୀମମେଳା** ଆଦି ମୟୂରଭଞ୍ଜର ଜନଜୀବନକୁ ପ୍ରଭାବିତ କରିଥାଏ ।

ମୟୂରଭଞ୍ଜର ବିଭିନ୍ନ ଜନଜାତି ନୃତ୍ୟ ଏବଂ ଲୋକନୃତ୍ୟ ମଧ୍ୟ ଏଠାକାର ସଂସ୍କୃତି ଓ ପରଂପରାକୁ ବଳିଷ୍ଠ କରିଥାଏ । **ଝୁମର ସଙ୍ଗୀତ (ଝୁମର ନାଟ)** ମୟୂରଭଞ୍ଜ ଜିଲ୍ଲାର ଜନଜୀବନକୁ ସର୍ବାଧିକ ପ୍ରଭାବିତ କରିଥାଏ । ମୁଁ ମୟୂରଭଞ୍ଜ ଜିଲ୍ଲାର କେତେକ ଝୁମର ଆସର ଓ ଝୁମର ମେଲୋଡ଼ିରେ ଉପସ୍ଥିତ ରହି ରାତିରାତି ଉପଭୋଗ କରିବାର ସୁଯୋଗ ପାଇଛି । ଝୁମର ସଂଗୀତ ପ୍ରକୃତରେ ହୃଦୟକୁ ଚହଲେଇ ଦେବାର କ୍ଷମତା ରଖିଥାଏ । ଝୁମର ସଙ୍ଗୀତ ଓ ନୃତ୍ୟ ବ୍ୟତୀତ **ଦାସାଁୟ ନାଟ, ଚଢ଼େଇଆ ଚଢ଼େଇଆଣୀ ନାଟ, ଶୀତଳା ମଙ୍ଗଳ, ଷଠୀ ପାଲା, ଚାଙ୍ଗୁ ନାଟ, ଚନ୍ଦନ ପାଲା, ଗୟା ପାଲା, ସ୍ୱର୍ଗାରୋହଣ ପାଲା, କାଠି ନାଚ, ମନସା ମଙ୍ଗଳ, କୃଷ୍ଣ ଯାତ୍ରା, ସଖୀ ନାଟ, ଡାହାର ନାଟ,**

Digitized by srujanika@gmail.com

ନାଚନି ନାଟ, ଡହରିଆ ନାଟ, ଛଉ ନାଟ, ଢାଓ୍ୱା ନାଟ, ମାଙ୍କଡ଼ ନାଚ, ଦାଣ୍ଡା (ଦାନ୍ଠା) ନାଟ, ଲଳିତା ପାଲା ଭଳି ମୟୂରଭଞ୍ଜର ଲୋକନୃତ୍ୟ ସମଗ୍ର ରାଜ୍ୟରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏସବୁ ପର୍ବପର୍ବାଣି, ଯାନିଯାତରା, ମେଳାମହୋତ୍ସବ ଓ ନାଚଗୀତ ମୟୂରଭଞ୍ଜକୁ ଉତ୍ସବମୁଖର କରିଥାଏ ।

ଧୂଆଁ ଓ ଧୂଳି ବିନା ଯଦି କେଉଁ ଶିଳ୍ପ କଥା ଚିନ୍ତା କରାଯାଏ, ତାହା ହେବ ରାଜ୍ୟର ପର୍ଯ୍ୟଟନ ଶିଳ୍ପ । ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଯଥେଷ୍ଟ ସମ୍ଭାବନା ଥିଲାବେଳେ ମୟୂରଭଞ୍ଜ ଜିଲ୍ଲା ଏ କ୍ଷେତ୍ରରେ ସବୁଠୁ ଆଗରେ ରହିବ । ମୟୂରଭଞ୍ଜ ଜିଲ୍ଲାରେ ଯେତେ ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନ କ୍ଷେତ୍ର ରହିଛି ସେଗୁଡ଼ିକର ଉପଯୁକ୍ତ ବିକାଶ କରାଯାଇ ପାରିଲେ ଏହା ରାଜ୍ୟର ସବୁଠୁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଜିଲ୍ଲା ଭାବେ ନିଜର ପରିଚୟ ସୃଷ୍ଟି କରିପାରିବ ।

ଘଞ୍ଚ ସବୁଜ ବନାନୀ ଓ ଉଚ୍ଚାଉଚ୍ଚ ପାହାଡ଼, ପର୍ବତ, ନଦୀ, ନାଳ, ଝରଣା, ଅଦିମ ଜନଜାତି, ଜୀବଜନ୍ତୁ, ଗଛଲତା ମୟୂରଭଞ୍ଜର ସଂପଦ । ମାତ୍ର ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ବିଶେଷକରି ହାତୀଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡିଛି । ଜଙ୍ଗଲ ନଥିବା କାରଣରୁ ହାତୀମାନେ ଜନବସତି ଅଞ୍ଚଳକୁ ଆସୁଛନ୍ତି ଏବଂ ଏହାଦ୍ୱାରା ଉଭୟ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ ଘଟୁଛି । ଫଳରେ ମଣିଷ ଓ ହାତୀଙ୍କର କ୍ଷତି ହେଉଛି । **ମୟୂରଭଞ୍ଜ ଜିଲ୍ଲାକୁ ଐତିହ୍ୟ ପ୍ରାଣୀ ହାତୀ ଓ ଜାତୀୟ ପ୍ରାଣୀ ବାଘମାନଙ୍କର ସ୍ୱର୍ଗ ଭାବେ ବିବେଚନା କରାଯାଇଥାଏ** । ମାତ୍ର ଦ୍ରୁତ ଜଙ୍ଗଲ କ୍ଷୟ କାରଣରୁ ମୟୂରଭଞ୍ଜ ଏହି ପରିଚୟ ହରାଇବାକୁ ବସିଲାଣି । ଶିମିଳିପାଳର ବିରଳ **'କଳାବାଘ'**ଙ୍କ

ରାଇରଙ୍ଗପୁର ଗଡ଼ର ପୁରାତନ ଐଶାଣେଶ୍ୱର ମନ୍ଦିର

Digitized by srujanika@gmail.com

କପ୍ତିପଦାର ପ୍ରସିଦ୍ଧ ଛତାଢୁଡ଼ି (ଛତ୍ରଢୁଡ଼ି)

ସଂଖ୍ୟା ମଧ୍ୟ ହ୍ରାସ ପାଇଲାଣି । ନୀଳଗାଇ, ଝିଙ୍କ, ସମ୍ବର, ଗୟଳଙ୍କ କଥା ନ କହିବା ଭଲ ।

ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ **ଶମୀବୃକ୍ଷ** ଏକ ପ୍ରସିଦ୍ଧ ଓ ପୌରାଣିକ ପାହାଡ଼ । ଏହା କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ । ଏହାର ନିକଟରେ କାଳଡ୍ୟାମ୍ ଅବସ୍ଥିତ । ଶମୀବୃକ୍ଷର ଉପରକୁ କୁଶଭଦ୍ରା ନଦୀ ସହିତ ଠକ୍‌ଠକି ନଦୀର ମିଳନ ଘଟିଛି । ଏହା ଏଭଳି ଏକ ଏକକ ପଥରବିଶିଷ୍ଟ ପାହାଡ଼, ଦୂରରୁ ଏକ ଶିବଲିଙ୍ଗ ଭଳି ମନେ ହୋଇଥାଏ । ସେହିଭଳି କପ୍ତିପଦା ବ୍ଲକ୍‌ର ଟାଙ୍ଗରାଶୁଣୀ, ଛତ୍ରଢୁଡ଼ି, ବାଘାଯତୀନଙ୍କ ସ୍ମୃତିପୀଠ ମୟୂରଢୁଡ଼ି ଓ ଟାଙ୍ଗିରିଆ ପୀଠ, ପେଡ଼ାଗଡ଼ିର ଭୀମେଶ୍ୱରୀ ପୀଠ, ଉଦଳା ବ୍ଲକ୍‌ର ଲୁଇପା ସିଦ୍ଧ ଗୁମ୍ଫା, କଇଁସାରୀ, ଗୋପବନ୍ଧୁନଗର ବ୍ଲକ୍‌ର କୁଂଭିରା ଢୁଡ଼ି, ଭାଗିରଥୀ ଢୁଡ଼ି ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପର ବିକାଶରେ ସହାୟକ ହୋଇପାରିଛି । କପ୍ତିପଦା ସବ୍‌ଡିଭିଜନରେ ରହିଛି **ଘାଟଶିଳା (ଘଣ୍ଟଶିଳା)** ପାହାଡ଼ ଏବଂ ଏଠି ପୂଜା ପାଇଥାନ୍ତି ମା’ **ଲାଖାଇଚଣ୍ଡୀ** । ସେହିଭଳି ଉଦଳା ବ୍ଲକ୍‌ର ଦେଓନଦୀ କୂଳରେ ଅବସ୍ଥିତ **କୁଟଲିଂ (କୁଟିଂ)**ଠାରେ ବହୁ ପୁରାତନ **ମା’ ବିରାଟପାଟ**ଙ୍କ ମୂର୍ତ୍ତି ସଂପର୍କରେ ଅଧିକ ଅଧ୍ୟୟନର ଆବଶ୍ୟକତା ରହିଛି । ଗୋପବନ୍ଧୁନଗର ବ୍ଲକ୍‌ର **କୁଆମରା, ଚିଲିମା** ଓ **ରାଣୀବନ୍ଧ**ର ପ୍ରାଚୀନ ଐତିହ୍ୟ ଓ ପ୍ରତ୍ନତାତ୍ତ୍ୱିକ ବିଭବ ମଧ୍ୟ ପର୍ଯ୍ୟଟନକୁ ସମୃଦ୍ଧ କରିପାରିଛି । କପ୍ତିପଦା ସବ୍‌ଡିଭିଜନର ବିଶାଳ ନିଘଞ୍ଚ ବଡ଼ଖମଣ ଜଙ୍ଗଲ ଭିତରେ ରହିଛି ଦୁଇଟି ପ୍ରାଚୀନ ଦୁର୍ଗ, ଯାହାର ନାଁ **ଡୁବିଗଡ଼** ଓ **ଇଟାଗଡ଼** । ଏହା ମୟୂରଭଞ୍ଜ ଜିଲ୍ଲାର **‘ଗୁପ୍ତ ପର୍ଯ୍ୟଟନ’** ଭାବେ ବେଶ୍ ପରିଚିତ ।

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା **ବାରିପଦା ସହର**ରେ ରହିଛି ଅନେକ ଐତିହାସିକ ଓ

Digitized by srujanika@gmail.com

ଐତିହ୍ୟପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳ । ବାରିପଦା ସହରରେ ବହୁ ପୁରୁଣା ମନ୍ଦିର ସମେତ ପୁରୁଣା ରାଜବାଟୀ ଓ ଅନ୍ୟାନ୍ୟ ଐତିହ୍ୟ ନିର୍ମାଣ ଏବେ ମଧ୍ୟ ଜୀବନ୍ତ ରହିଛି । ବାରିପଦାରେ ରହିଛି ପୁରାତନ **ଜଗନ୍ନାଥ (ହରିବଳଦେବଜିଉ) ମନ୍ଦିର** । ଏଠାକାର ରଥଯାତ୍ରାର ଏକ ସ୍ୱାତନ୍ତ୍ର୍ୟ ରହିଛି । ମା' ସୁଭଦ୍ରାଙ୍କ ରଥକୁ ମହିଳା ଭକ୍ତମାନେ ଟାଣନ୍ତି । ବାରିପଦା ସହରରେ **ମା' ଅମ୍ବିକା ମନ୍ଦିର, ବାଣ୍ଠିଆ ଜଗନ୍ନାଥ ମନ୍ଦିର, କିଚକେଶ୍ୱରୀ ମନ୍ଦିର, ଶୀତଳା ମନ୍ଦିର, ବାରୁଣୀଘାଟ ଶିବମନ୍ଦିର ଓ ଶ୍ମଶାନକାଳୀ ମନ୍ଦିର, ବୁଢାରାଜଙ୍କ ମଠ ସହ ପୁରାତନ ରାଜବାଟୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ମଧୁବନସ୍ଥିତ ରାଣୀବାଗ ଉଦ୍ୟାନ (୧୯୦୨), ବାରିପଦା ପୌରପାଳିକା ବିଲ୍ଡିଂ, କୁଷ୍ଠନିବାସ (୧୮୯୫), ବ୍ରାହ୍ମ ମନ୍ଦିର, ଗୁଜୁରି ମାର୍କେଟ୍, ବାରିପଦା ହସ୍ପିଟାଲ୍, ଫ୍ରେଜର ହଷ୍ଟେଲ, ଲେଡ଼ି ଫ୍ରେଜର ବାଳିକା ବିଦ୍ୟାଳୟ (୧୯୦୪)** ଆଦି ଅନେକ ଐତିହ୍ୟ ସ୍ମାରକୀ ଅବସ୍ଥିତ । ଏହା ସହିତ ବାରିପଦା ସହରରେ ବହୁ ପୁରୁଣା ଐତିହ୍ୟପୂର୍ଣ୍ଣ ନିର୍ମାଣମାନ ରହିଛି, ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । **ବାରିପଦା ରାଜପ୍ରାସାଦ (ବର୍ତ୍ତମାନର ଏମ୍‌ପିସି ମହାବିଦ୍ୟାଳୟ), ବେଲଗଡ଼ିଆ ରାଜପ୍ରାସାଦ (ବର୍ତ୍ତମାନର ମହାରାଜାଙ୍କ ବାସସ୍ଥଳୀ), ଜୁବୁଲି ଲାଇବ୍ରେରୀ, ଜୁବୁଲି ପାର୍କ, ବାରିପଦା ସଂଗ୍ରହାଳୟ, ବାରିପଦା କ୍ଲବ୍, ବାରିପଦା ସର୍କିଟ୍ ହାଉସ୍, ଏମ୍‌କେସି ହାଇସ୍କୁଲ୍, କୀଚକେଶ୍ୱରୀ ମନ୍ଦିର ଓ ଗେଟ୍, ଜିଲ୍ଲାପାଳଙ୍କ ପ୍ରାଶାସନିକ କାର୍ଯ୍ୟାଳୟ, ଜିଲ୍ଲା ବିଚାରପତିଙ୍କ କୋର୍ଟ, ତକତପୁରସ୍ଥିତ ମହାରାଣୀ ତକତକୁମାରୀଙ୍କ ପ୍ରାସାଦ (ବର୍ତ୍ତମାନର ନିକୋ ଗେଷ୍ଟ ହାଉସ୍), ଦେଉଳସାହିରେ ଥିବା ମହାରାଣୀ ଲକ୍ଷ୍ମୀକୁମାରୀ ଧର୍ମଶାଳା, ସହିଦ ସ୍ମୃତି ଭବନ** ବାରିପଦା ସହରର ପ୍ରାଚୀନ ପରଂପରାର ମୂକସାକ୍ଷୀ ଭାବେ ଉଭା ହୋଇଥା'ନ୍ତି ।

ସାରସକଣା ବ୍ଲକ୍‌ର ବାଦୁଡ଼ିଆପାଟ ଗୁମ୍ଫା

Digitized by srujanika@gmail.com

ସେହିଭଳି ବାରିପଦା ସହରରେ ଥିବା ପ୍ରାଚୀନ ପୁଷ୍କରିଣୀମାନ ରାଜାରାଜୁଡ଼ା ପରମ୍ପରାର ଗୌରବମୟ ଇତିହାସର ସ୍ମୃତିଚାରଣ କରିଥାଏ । **ବଡ଼ପୋଖରୀ, ଚାପଲ ପୋଖରୀ, ହେମସାଗର ପୋଖରୀ, ଷ୍ଟେସନବଜାର ବନ୍ଧ, ଝିଞ୍ଜିରିବନ୍ଧ, ଡଙ୍କତପୁରର ରାଣୀବନ୍ଧ,** ମାତା ପୋଖରୀ (ରାଜପ୍ରାସାଦ ନିକଟ), **ମୁନ୍‌ସି ବନ୍ଧ (ମୁର୍ଗୀବାଡ଼ି ନିକଟ)** ଆଦି ପ୍ରାଚୀନ ପୁଷ୍କରିଣୀ ମଧ୍ୟ ବାରିପଦା ସହର ପ୍ରତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ।

ଜାମଶୋଳା ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର । ଓଡ଼ିଶା-ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ ସୀମାରେ ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ଜାମଶୋଳା ଏକ ପ୍ରସିଦ୍ଧ ଆନ୍ତଃରାଜ୍ୟ ତନଖି ଫାଟକ । ଏହାର ନିକଟରେ ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ **ଶିର୍ଷାର ମେରୁମଠ** । ଏହା ସହିତ **ରାଜାବସା, ରାସଗୋବିନ୍ଦପୁର ଓ ରାଇରଙ୍ଗପୁର ଏୟାରଷ୍ଟ୍ରିପ୍** ମଧ୍ୟ ମୟୂରଭଞ୍ଜର ପର୍ଯ୍ୟଟନ ସମୃଦ୍ଧିରେ ବେଶ୍ ସହାୟକ ହୋଇପାରିଛି ।

ବୁଢ଼ାବଳଙ୍ଗର ପ୍ରସିଦ୍ଧ ଆଡ଼ଶିଳି

କରଞ୍ଜିଆ ସବ୍‌ଡିଭିଜନରେ ବୈତରଣୀ ନଦୀ କୂଳରେ ରହିଛି ମୟୂରଭଞ୍ଜର ପୁରାତନ ରାଜଧାନୀ **ଆଦିପୁରଗଡ଼** । ଏହାର ନିକଟରେ ରହିଛି ଖଇରି-ଭଣ୍ଡନ ଓ ବୈତରଣୀର ମିଳନସ୍ଥଳ **'ଦୋ-ମୁହାଁଣୀ ଘାଟ'** । କରଞ୍ଜିଆ, ଠାକୁରମୁଣ୍ଡା, ଯଶୀପୁର, ଶୁକ୍ରୁଳି, ରରୁଆଁର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର କ୍ଷମତା ରଖିଥାଏ । ଶୁକ୍ରୁଳି ବ୍ଲକ୍‌ରେ ଅବସ୍ଥିତ ପ୍ରସିଦ୍ଧ **ଖିଚିଂ ମନ୍ଦିର,** ଯଶୀପୁରର **ଅଠର ଦେଉଳ,** ଠାକୁରମୁଣ୍ଡା ବ୍ଲକର **ଭୀମକୁଣ୍ଡ ଓ ଭୈରବକୁଣ୍ଡ,** ରରୁଆଁ ବ୍ଲକ୍‌ର **କେଶରୀକୁଣ୍ଡ** ଆଦି କରଞ୍ଜିଆ ଉପଖଣ୍ଡର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ । ରରୁଆଁ ବ୍ଲକ୍‌ର

Digitized by srujanika@gmail.com

ଖଇରୀ-ଭଣ୍ଡନ ନଦୀର **ସୁନାଯୋଡ଼ି** ଜିଲ୍ଲାର ଅନ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ । ଯଶୀପୁରଠାରୁ ମାତ୍ର ପାଞ୍ଚ କିଲୋମିଟର ଦୂରରେ ଅବସ୍ଥିତ **ଗୁଡୁଗୁଡ଼ିଆ ଶୈଳନିବାସ** ମୟୂରଭଞ୍ଜର ଦାର୍ଜିଲିଂ ଭାବେ ପରିଚିତ । ଏହି ସ୍ଥାନଟି ଅତ୍ୟନ୍ତ ଶୀତଳ ହୋଇଥିବାରୁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ଏହା ସହିତ ଯଶୀପୁର ବ୍ଲକ୍‌ରେ ରହିଛି **ଅଲକୁଦର ଓ ବିଲାପଘା** ଭଳି ପ୍ରସିଦ୍ଧ ଜଳପ୍ରପାତ । କରଞ୍ଜିଆ-ଯଶୀପୁର ରାସ୍ତାରେ ଗଲେ ପଡ଼ିଥାଏ **ବାମନାଶାଳ ପର୍ଯ୍ୟଟନସ୍ଥଳ** । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜ ଶାଳବଣ ପର୍ଯ୍ୟଟକଙ୍କୁ ମୋହିତ କରିଥାଏ ।

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସବ୍‌ଡିଭିଜନରେ **ଗୋରୁମହିଷାଣୀ, ସୁଲେଇପାଟ, ଧାଙ୍ଗିଡ଼ିମୁଟା, ବାଦାମପାହାଡ଼, ସରାଳି (ସାରଲି) ପାହାଡ଼, ଚଢ଼େଇପାହାଡ଼ି, ବାଡିଡାହି, କାଣାପାଟ ପାହାଡ଼** ଭଳି ଉଚ୍ଚା ପାହାଡ଼ ଅବସ୍ଥିତ । ଏହିସବୁ ସ୍ଥାନରେ ରାଜ୍ୟର ସର୍ବପୁରାତନ ଖଣିଜସଂପଦ ରହିଛି । ବହଳଦାର **କିଚକେଶ୍ୱରୀ ମନ୍ଦିର, ରାଇରଙ୍ଗପୁର ଗଡ଼ ଓ ଐଶାନେଶ୍ୱର ମନ୍ଦିର,** କୁସୁମୀ ବ୍ଲକ୍‌ର **ସୁଲେଇପାଟ ପାହାଡ଼ ଓ ଖଡ଼ଖାଇ ଜଳଭଣ୍ଡାର (ସୁଲେଇପାଟ ଡ୍ୟାମ୍),** ବିଜାତଳା ବ୍ଲକ୍‌ର **ବାଙ୍କବଳ ଡ୍ୟାମ୍, ବିଂଦର୍ହ, ହାତୀବାରି ଓ ମଣିଭଦ୍ରା ଜଳପ୍ରପାତ** ମଧ୍ୟ ରାଇରଙ୍ଗପୁର ଉପଖଣ୍ଡର ପର୍ଯ୍ୟଟନ କ୍ଷେତ୍ରର ମୁଖ୍ୟ ଆକର୍ଷଣ ।

ମୟୂରଭଞ୍ଜ ଜିଲ୍ଲାର ଅନେକ ସ୍ଥାନରେ ପ୍ରସ୍ତର ଯୁଗର ଅଂଶବିଶେଷ ଦେଖିବାକୁ ମିଳିଥାଏ । ଖିଚିଂ, କଇଁସାରି, ଉଦଳା, ଅଗରିଆ, ରାଣୀବନ୍ଧ, ବୈଦ୍ୟପୁର, ବଡ଼ସାହି, କୁଆମରା, ଭୁଭୁଆ, ବାରିପଦା, ଭଞ୍ଜକିଆ, ବିରାଟଗଡ଼, ଟେଣ୍ଟେଳା, ଗୁଡୁଗୁଡିଆ, ଖାନୁଆ, ଖୁଣ୍ଟା, ବାଘୁଆପାଳ, କୁଳିଅଣା, ନରହରିପୁର,

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ନିର୍ମିତ ଐତିହାସିକ ବାଲିଡିହା ଡ୍ୟାମ୍

Digitized by srujanika@gmail.com

ବାଲିଡିହା ଡ୍ୟାମ୍ ସନ୍ନିକଟ ମୟୁରଭଞ୍ଜ ମହାରାଜାଙ୍କ 'ଅରଣ୍ୟ ନିବାସ'

ଡୁକୁରା, ଇନ୍ଦିପୁର, ଚିତ୍ରଡ଼ା, ବାଘଡ଼ା, କୁଚେଇ, ଯଶୀପୁର, ବାମନଘାଟି ଆଦି ସ୍ଥାନ ଐତିହାସିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏସବୁ ଅଞ୍ଚଳରୁ ବହୁ ସଂଖ୍ୟାରେ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ପ୍ରାଚୀନ ମୂର୍ତ୍ତି, ତାମ୍ର ଫଳକ, ଶିଳାଲିପି ଓ ଅନ୍ୟାନ୍ୟ ଐତିହାସିକ ଉପାଦାନ ସଂଗ୍ରହ କରାଯାଇ ରାଜ୍ୟର ବିଭିନ୍ନ ସଂଗ୍ରହାଳୟରେ ରଖାଯାଇପାରିଛି ।

ରେଳ ଯୋଗାଯୋଗ କ୍ଷେତ୍ରରେ ମୟୁରଭଞ୍ଜ ସମଗ୍ର ରାଜ୍ୟ କାହିଁକି ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ କାଳରୁ ମୟୁରଭଞ୍ଜ ରେଳ ଧାରଣା ଦେଖିପାରିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ନିଜସ୍ୱ ଉଦ୍ୟମରେ ଓ ନିଜ ରାଜ୍ୟର ରାଜକୋଷର ପାଣ୍ଠି ବିନିଯୋଗ କରି ରାଜା ମୟୁରଭଞ୍ଜରେ ତଥା ଓଡ଼ିଶାରେ ପ୍ରଥମ ରେଳସେବାର ଶୁଭାରମ୍ଭ କରିଥିଲେ । **୧୯୦୪ ମସିହାରେ ପ୍ରଥମେ ରୂପ୍‌ସା-ବାରିପଦା-ତାଳବନ୍ଧ ରେଳପଥ ନିର୍ମାଣ ହୋଇଥିଲା ।** ଆଜି ବି ପୁରୁଣା ରେଳ ଇଞ୍ଜିନ୍ ବାରିପଦା ଷ୍ଟେସନ ସାମ୍ନାରେ ଠିଆ ହୋଇ ଅତୀତର ସ୍ମୃତି ରୋମନ୍ଥନ କରିଥାଏ ।

ମୟୁରଭଞ୍ଜ ଜିଲ୍ଲାରେ ପ୍ରକୃତିର ସଂରକ୍ଷଣ ଓ ପର୍ଯ୍ୟଟନର ବିକାଶ ସମସ୍ତଙ୍କ ପାଇଁ ଜରୁରି ହୋଇପଡ଼ିଛି । ମୟୁରଭଞ୍ଜର ଐତିହ୍ୟ, ସଂସ୍କୃତି, ପ୍ରଥା, ପରମ୍ପରା ଓ ଐତିହାସିକ ସ୍ୱାକ୍ଷରର ସଂରକ୍ଷଣ ସାଙ୍ଗକୁ ଦେଶବିଦେଶରେ ଏଗୁଡ଼ିକୁ ପରିଚିତ କରିବାକୁ ଆମ ଭିତରୁ କେହି ନା କେହି, ଆଗେଇ ଆସିବାକୁ ହେବ । ଏହା ଆଜିର ଆହ୍ୱାନ ମଧ୍ୟ । ଏ କ୍ଷେତ୍ରରେ ମୁଁ ଗୁଣ୍ଡୁଚିମୂଷା ଭଳି ଯାହା କିଛି ସାମାନ୍ୟ କାର୍ଯ୍ୟ କରିଛି । ଅନ୍ୟମାନେ ଏହାକୁ ଆଗେଇ ନେବେ ।

Digitized by srujanika@gmail.com

ଏହି ଗ୍ରନ୍ଥ ପ୍ରସ୍ତୁତି କ୍ଷେତ୍ରରେ ମୟୂରଭଞ୍ଜର ବହୁ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ପ୍ରଥମେ ମୁଁ 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକଙ୍କ ନିକଟରେ ଋଣୀ ରହିବି । କାରଣ ଏହି କାମ ପାଇଁ ସେ ହିଁ ମୋତେ ପରୋକ୍ଷରେ ସୁଯୋଗ ପ୍ରଦାନ କରିଛନ୍ତି । ଏହାସହିତ କପ୍ତିପଦା ନୂଆସାହି ମହାବିଦ୍ୟାଳୟର ଅଧ୍ୟାପକ ତଥା ଭାଷା-ସଂସ୍କୃତି ଗବେଷକ ପ୍ରଶାନ୍ତ ବେହେରା, ବଡ଼ଭାଇତୁଲ୍ୟ ତଥା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଧରଣୀଧର ପାତ୍ର, ବିଶିଷ୍ଟ ସଂସ୍କୃତି ବିଶାରଦ ଡ. ମୋହନଲାଲ୍ ସାହୁ, ଗାଳ୍ପିକା ତଥା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. କବିତା ବାରିକ, ଜନଜାତି ଗବେଷକ ଡ. ବିନୋଦ କୁମାର ନାଏକ, ଜନଜାତି ଗବେଷକ ତଥା ବାଥୁଡ଼ି ଜନଜାତି ନେତା ଡ. ରାଜକିଶୋର ନାଏକ, ବାଥୁଡ଼ି ଜନଜାତି ନେତ୍ରୀ କବିତା ନାଏକ, ବାଥୁଡ଼ି ନେତା ରୂପେଶ କୁମାର ଗିରି, ଗାଙ୍ଗରାଜ ସରପଞ୍ଚ ତଥା ବାଥୁଡ଼ି ଜନଜାତି

ବାଙ୍କବଳ ଡ୍ୟାମ୍, ବିଜାତଳା

ନେତା କୃଷ୍ଣଚନ୍ଦ୍ର ନାଏକ, ବନ୍ଧୁ ତଥା ରାଜନେତା ଦେବାଶିଷ ମହାନ୍ତି, ମୟୂରଭଞ୍ଜର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ. କିଶୋର କୁମାର ମଣ୍ଡଳ, ତତ୍‌କାଳୀନ 'ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ'ର ଉପ କ୍ଷେତ୍ର ନିର୍ଦ୍ଦେଶକ ଅଜିତ୍ କୁମାର ଶତପଥୀ, ମୋ' ପ୍ରିୟ ସାର୍ ଡ.ବିଜୟାନନ୍ଦ ସିଂହ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ତଥା ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଶାର ପ୍ରତିଷ୍ଠିତ କବି ତଥା ଗୀତିକାର ନିମାଇଁ ମହାନ୍ତି, ଖିଚିଂର ଶ୍ୟାମସୁନ୍ଦର ପାଣିଗ୍ରାହୀ, ଶିକ୍ଷକ ଅମିତାଭ ମିଶ୍ର, ଆଇନଜୀବୀ ସୁଶୀଲ କୁମାର ପାତ୍ର, କବି ଶିଉଲାଲ୍ ମହାନ୍ତ, କଳାବାଡ଼ିଆ 'ସମ୍ବାଦ' ପ୍ରତିନିଧି ପ୍ରଭାତ

Digitized by srujanika@gmail.com

କୁମାର ହୋତା, ବିଜାତଳା ବ୍ଲକ୍‌ର 'ସମ୍ବାଦ' ପ୍ରତିନିଧି ଯୁଧିଷ୍ଠିର ପରିଡ଼ା, ରରୁଆଁର ସାମ୍ବାଦିକ ବନ୍ଧୁ ସୁବ୍ରତ ଖୁଣ୍ଟିଆ, ଉଦଳାର ସାମ୍ବାଦିକ ହିମାଦ୍ରି ପାଲ୍, ବନ୍ଧୁ ଅମରେଶ ମିଶ୍ର, ଦେବପ୍ରିୟ ମହାପାତ୍ର (ସଚ୍ଚିନ୍), ବାରିପଦା ଫଟୋ ଷ୍ଟୁଡ଼ିଓର ସତ୍ତ୍ୱାଧିକାରୀ ସୁବ୍ରତ କୁମାର ସାହୁ (ଦାଢି ଭାଇ), 'ସମ୍ବାଦ' କର୍ମଚାରୀ ସଦାନନ୍ଦ ବେହେରା, ମୋ' ଧର୍ମପତ୍ନୀ ପ୍ରଜ୍ଞା, ଦୁଇ ଝିଅ ସମୀକ୍ଷା ଓ ସୂଚନାଙ୍କ ନିକଟରେ ମୁଁ ଚିର ଋଣୀ ।

ରାଜ୍ୟର ଗୋଟିଏ ଗୋଟିଏ ଜିଲ୍ଲାକୁ ନେଇ *Encyclopaedia* (ଜ୍ଞାନକୋଷ) ସୃଷ୍ଟି କରିବାର ପରିକଳ୍ପନା ନବରଙ୍ଗପୁର ଜିଲ୍ଲାରୁ ଆରମ୍ଭ ହୋଇଛି । ମୁଁ ଯେତେବେଳେ ନବରଙ୍ଗପୁର ଜିଲ୍ଲାରେ 'ସମ୍ବାଦ'ର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲି, ସେତେବେଳେ ପ୍ରଥମ କରି ପରୀକ୍ଷାମୂଳକ ଭାବେ ନିଜର ବ୍ୟକ୍ତିଗତ ଉଦ୍ୟମରେ **"ନବରଙ୍ଗପୁର ଜିଲ୍ଲାର ସଂସ୍କୃତି ଓ ପର୍ଯ୍ୟଟନ"** ନାମରେ ଏକ ପୁସ୍ତକ (ହ୍ୟାଣ୍ଡବୁକ୍) ପ୍ରକାଶ ପାଇଥିଲା । ସବୁଠୁ ଆଶ୍ଚର୍ଯ୍ୟ ହେଲାଭଳି ଅନୁଭୂତି ଓ ଅଭିଜ୍ଞତା ମୁଁ ଆପଣମାନଙ୍କୁ ବାଣ୍ଟିବାକୁ ଚାହିଁବି । ଏହି ବହିଟିର ପ୍ରଥମ ସଂସ୍କରଣ ଦୁଇ ହଜାର କପି ଛପାଯାଇଥିଲା ଏବଂ ମାତ୍ର ତିନି ମାସ ମଧ୍ୟରେ ସବୁ କପି ଶେଷ ହୋଇଯାଇଥିଲା । ଏହାପରେ ମୁଁ କେନ୍ଦୁଝର ଜିଲ୍ଲାକୁ ବଦଳି ହୋଇ ଆସିଲି । କେନ୍ଦୁଝର ଜିଲ୍ଲାରେ 'ସମ୍ବାଦ'ର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରିବା କାଳରେ ନବରଙ୍ଗପୁର ଜିଲ୍ଲାର ଅନୁଭୂତି ଓ ଅଭିଜ୍ଞତାକୁ ନେଇ **"ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର"** ନାମରେ ଏକ ବଡ଼ ଆକାରର ପୁସ୍ତକ ପ୍ରକାଶ ପାଇଲା । ଏହି ବହି ମଧ୍ୟ ମୋର ପୁରୁଣା ସଫଳତାକୁ ଦୋହରାଇଥିଲା । ହଟ୍ କେକ୍ ଭଳି ଏହି ବହିଟି ଖୁବ୍ କମ୍ ସମୟ

ବୁଢ଼ାବଳଙ୍ଗ ନଦୀରେ ଥିବା ଗଭୀର ଗଣ୍ଡ 'ଭୋଳକୁଣ୍ଡି'

Digitized by srujanika@gmail.com

ବିଜାତଳା ବ୍ଲକ୍‌ର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ 'ବିଂଦର୍ହି'

ମଧ୍ୟରେ ଶେଷ ହୋଇଯାଇଥିଲା । ଏହାପରେ ମୁଁ ଏହି *Encyclopaedia* (ଜ୍ଞାନକୋଷ) ସିରିଜ୍‌କୁ ବ୍ୟାପ୍ତ କରିବାକୁ ଇଚ୍ଛାପ୍ରକଟ କଲି । ମୋ' ପ୍ରକାଶିକା ପତ୍ନୀ ପ୍ରଜ୍ଞା ମଧ୍ୟ ମୋତେ ଏଥିରେ ବେଶ୍ ସହଯୋଗ କଲେ । ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି, ପରଂପରା, ପର୍ଯ୍ୟଟନ, ଐତିହ୍ୟ, ପ୍ରତ୍ନତତ୍ତ୍ୱ, ଶିମିଳିପାଳ ଜୈବ ମଣ୍ଡଳ ଓ ଏହାର ଜୈବ ବିବିଧତା, ମୟୂରଭଞ୍ଜ ଜିଲ୍ଲାର ପାହାଡ଼, ନଦୀ, ଝରଣା ଓ ସାଧାରଣ ଜନଜୀବନ, ପର୍ବପର୍ବାଣି, ସାଂସ୍କୃତିକ ଉତ୍ସବ, ମହୋତ୍ସବକୁ ନେଇ ଏକ ବୃହତ୍ ଗ୍ରନ୍ଥ **"ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ : ମୟୂରଭଞ୍ଜ"** ପ୍ରକାଶ ପାଇବାକୁ ଯାଉଛି । ଆଗାମୀ ଦିନରେ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାମାନଙ୍କୁ ନେଇ ମୋ' ସ୍ୱପ୍ନର ଏହି *Encyclopaedia* (ଜ୍ଞାନକୋଷ) ସିରିଜ୍‌କୁ ବ୍ୟାପକ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏଠାରେ କହିରଖେ, ମୋର ଏହି ଜିଲ୍ଲା *Encyclopaedia* (ଜ୍ଞାନକୋଷ) ସିରିଜ୍ ଦ୍ୱାରା ପ୍ରଭାବିତ ହୋଇ କିଛି ବନ୍ଧୁ ଓ ସଂସ୍ଥାମାନେ ଏଭଳି କାର୍ଯ୍ୟ କରିବାକୁ ଉଦ୍ୟମ କଲେଣି । ମାତ୍ର, ମୋ'ର (ରଞ୍ଜନ ପ୍ରଧାନୀୟ) ଅଧ୍ୟବସାୟ, ହାଡ଼ଭଙ୍ଗା ଖଟଣି, ନିଖୁଣ କ୍ଷେତ୍ର ଅଧ୍ୟୟନ, ସୀମାହୀନ ପରିଭ୍ରମଣ ଓ ପର୍ଯ୍ୟଟନ; ଏହି କାର୍ଯ୍ୟର ୟୁଏସ୍‌ପି ବୋଲି ମୁଁ ହଲପ କରି କହିପାରିବି । ଏହାଛଡ଼ା ମୟୂରଭଞ୍ଜ ଜିଲ୍ଲାର ଇତିହାସକୁ ନେଇ ଅତୀତରେ ଅନେକ ମୂଲ୍ୟବାନ ପୁସ୍ତକ ପ୍ରକାଶିତ ହୋଇଛି । ମାତ୍ର ଭୂଗୋଳକୁ ନେଇ ସନ୍ତୋଷଜନକ ପ୍ରକାଶନର ଅଭାବ ରହିଛି । ମୁଁ ଯଥାସଂଭବ ଇତିହାସ ଉପାଦାନକୁ ବାଦ ଦେଇ ମୟୂରଭଞ୍ଜ ଜିଲ୍ଲାର ଭୂଗୋଳ ସଂକ୍ରାନ୍ତରେ ବିଶେଷ ଗୁରୁତ୍ୱ ଦେଇଛି ।

ଏବେ ଆସନ୍ତୁ ଆମେ ମୟୂରଭଞ୍ଜ ଜିଲ୍ଲା ସଂପର୍କରେ ପରବର୍ତ୍ତୀ ପୃଷ୍ଠାମାନଙ୍କୁ ପଢ଼ିବା ଓ ମୟୂରଭଞ୍ଜ ପ୍ରେମରେ ପଡ଼ିବା ।

-ରଞ୍ଜନ ପ୍ରଧାନ

Digitized by srujanika@gmail.com

▶ ପ୍ରଥମ ପରିଚ୍ଛେଦ

ମୟୂରଭଞ୍ଜ ପରିଚିତି

Digitized by srujanika@gmail.com

ସଂକ୍ଷେପରେ ମୟୂରଭଞ୍ଜ

ଜିଲ୍ଲାର କ୍ଷେତ୍ରଫଳ	୧୦,୪୧୮ ବର୍ଗ କିଲୋମିଟର
ସମୁଦ୍ର ପତ୍ତନଠାରୁ ଉଚ୍ଚତା	୫୫୯ ମିଟର
ଜିଲ୍ଲାର ଅବସ୍ଥିତି	ଉତ୍ତରରେ ସିଂହଭୂମି (ଝାଡ଼ଖଣ୍ଡ) ଓ ମେଦିନିପୁର (ପଶ୍ଚିମବଙ୍ଗ) ଦକ୍ଷିଣରେ କେନ୍ଦୁଝର ଓ ବାଲେଶ୍ୱର, ପୂର୍ବରେ ମେଦିନିପୁର (ପଶ୍ଚିମବଙ୍ଗ) ଓ ବାଲେଶ୍ୱର ପଶ୍ଚିମରେ କେନ୍ଦୁଝର ଓ ସିଂହଭୂମି (ଝାଡ଼ଖଣ୍ଡ)
ଜୈବମଣ୍ଡଳ	ଶିମିଳିପାଳ
ଜିଲ୍ଲା ସଦର ମହକୁମା	ବାରିପଦା
ରାଜସ୍ୱ ଡିଭିଜନ	କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ, କଟକ
ସବ୍ ଡିଭିଜନ	୪ଟି (ବାରିପଦା, ଉଦଳା, ରାଇରଙ୍ଗପୁର, କରଞ୍ଜିଆ
ବ୍ଲକ୍	(୨୬ଟି) ତିରିଂ, ବହଳଦା, ଜାମଦା, ରାଇରଙ୍ଗପୁର, ବିଜାତଳା, କୁସୁମୀ, ବିଶୋଇ, ଯଶୀପୁର, ରରୁଆଁ, ଶୁକ୍ରୁଳି, କରଞ୍ଜିଆ, ଠାକୁରମୁଣ୍ଡା, କପ୍ତିପଦା, ଉଦଳା, ଗୋପବନ୍ଧୁନଗର, ଖୁଣ୍ଟା, ଶ୍ୟାମାଖୁଣ୍ଟା, ବାଙ୍ଗିରିପୋଷି, ସାରସକଣା, କୁଳିଅଣା, ଶୁଳିଆପଦା, ବାରିପଦା, ବଡ଼ସାହି, ବେତନଟୀ, ରାସଗୋବିନ୍ଦପୁର, ମୋରଡ଼ା ।
ତହସିଲ	(୨୬ଟି) ବାରିପଦା, ବେତନଟୀ, ରାଇରଙ୍ଗପୁ୍ରୀ, ଉଦଳା, କରଞ୍ଜିଆ, ବହଳଦା, ରାସଗୋବିନ୍ଦପୁର, ବିଜାତଳା,

Digitized by srujanika@gmail.com

	ବିଶୋଇ, ଜାମଦା, କୁସୁମୀ, ତିରିଂ, ସାରସକଣା, ବାଙ୍ଗିରିପୋଷି, କୁଳିଅଣା, ମୋରଡ଼ା, ଶ୍ୟାମାଖୁଣ୍ଟା, ଶୁଳିଆପଦା, ଗୋପବନ୍ଧୁନଗର, କପ୍ତିପଦା, ଖୁଣ୍ଟା, ଯଶୀପୁର, ଠାକୁରମୁଣ୍ଡା, ଶୁକ୍ରୁଳି
ଏନ୍‌ଏସି	୩ଟି (ରାଇରଙ୍ଗପୁର, ଉଦଳା, କରଞ୍ଜିଆ)
ପୌରପାଳିକା	୧ଟି (ବାରିପଦା)
ବିଧାନସଭା ଆସନ	୯ଟି

ମୋରଡ଼ା (ସାଧାରଣ), ଯଶୀପୁର (ଅନୁସୂଚିତ ଜନଜାତି), ସାରସକଣା (ଅନୁସୂଚିତ ଜନଜାତି), ରାଇରଙ୍ଗପୁର (ଅନୁସୂଚିତ ଜନଜାତି), ବାଙ୍ଗିରିପୋଷି (ଅନୁସୂଚିତ ଜନଜାତି), କରଞ୍ଜିଆ (ଅନୁସୂଚିତ ଜନଜାତି), ଉଦଳା (ଅନୁସୂଚିତ ଜନଜାତି), ବଡ଼ସାହି (ଅନୁସୂଚିତ ଜାତି), ବାରିପଦା (ଅନୁସୂଚିତ ଜନଜାତି)

ଲୋକସଭା ଆସନ	୧ଟି (ମୟୁରଭଞ୍ଜ)
ଗ୍ରାମ ପଞ୍ଚାୟତ	୪୦୪
ଗ୍ରାମ ସଂଖ୍ୟା	୩,୯୫୦
ଜିଲ୍ଲା ପରିଷଦ	୫୬
ଥାନା	୩୨
ରାଜସ୍ୱ ସର୍କଲ	୮୬
ସାକ୍ଷର ହାର	୬୧%
ପୁରୁଷ ସାକ୍ଷର ହାର	୭୨%
ମହିଳା ସାକ୍ଷର ହାର	୫୦%
ପ୍ରାଥମିକ ବିଦ୍ୟାଳୟ	୨,୯୪୧
ମଧ୍ୟ ଇଂରାଜି ବିଦ୍ୟାଳୟ	୭୯୫
ହାଇସ୍କୁଲ	୪୪୨
ମହାବିଦ୍ୟାଳୟ	୯୮
ଜନସଂଖ୍ୟା	୨୫,୧୯,୭୩୮ (୨୦୧୧ ଜନଗଣନା)
ପୁରୁଷ	୧୨,୫୬,୨୧୩

Digitized by srujanika@gmail.com

ମହିଳା	୧୨,୬୩,୫୨୫
ଗ୍ରାମାଞ୍ଚଳ ଜନସଂଖ୍ୟା	୨୩,୨୬,୮୪୨
ସହରାଞ୍ଚଳ ଜନସଂଖ୍ୟା	୦୧,୯୨,୮୯୬
ଅନୁସୂଚିତ ଜାତି	୦୧,୮୪,୬୮୨
ଅନୁସୂଚିତ ଜନଜାତି	୧୪,୭୯,୫୭୬ (୫୮.୭୨%)
ଘର ସଂଖ୍ୟା	୫,୮୫,୨୫୩
ହସ୍ପିଟାଲ୍	୧୧ଟି
ସ୍ୱାସ୍ଥ୍ୟକେନ୍ଦ୍ର	୮୭
ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ର	୩୫
ହୋମିଓପାଥି କେନ୍ଦ୍ର	୩୬
ଡାକଘର	୭୦୯

ମୟୁରଭଞ୍ଜର ସଂକ୍ଷିପ୍ତ ଇତିହାସ

ମୟୁରଭଞ୍ଜ ରାଜ୍ୟ ଅତୀତରେ ଖିଜିଂ ମଣ୍ଡଳ ଅନ୍ତର୍ଭୁକ୍ତ ଥିଲା । ଏଠାରେ ପ୍ରାୟ ୧୮୦୦ ବର୍ଷ ଧରି ଭଞ୍ଜ ରାଜାମାନେ ଶାସନ କରୁଥିଲେ । ଖିଜିଂ ମଣ୍ଡଳ ବିଭାଜିତ ହୋଇ ମୟୁରଭଞ୍ଜ ଓ କେନ୍ଦୁଝର ନାମରେ ଦୁଇ ପୃଥକ ରାଜ୍ୟ ସୃଷ୍ଟି ହେଲା । ମୟୁରଭଞ୍ଜ ରାଜ୍ୟର ପ୍ରଥମ ରାଜଧାନୀ ଆଦିପୁର ଥିଲା ଏବଂ ପରେ ମୟୁରଭଞ୍ଜର ରାଜଧାନୀ ବହଳଦା, ହରିପୁର ଓ ବାରିପଦାକୁ ସ୍ଥାନାନ୍ତରିତ ହୋଇଥିଲା । ଐତିହାସିକଙ୍କ ମତରେ ମୟୂର ଓ ଭଞ୍ଜ ଦୁଇଟି ରାଜବଂଶର ସମନ୍ୱୟରେ ମୟୁରଭଞ୍ଜର ନାମକରଣ କରାଯାଇଛି । ସପ୍ତଦଶ ଶତାବ୍ଦୀ ବେଳକୁ ମହାରାଜା ହରିହର ଭଞ୍ଜ (ଖ୍ରୀ.ଅ.୧୬୪୩-୧୬୮୮) ଖିଜିଙ୍ଗମଣ୍ଡଳ ଛାଡ଼ି ହରିପୁରରେ ରାଜଧାନୀ ପ୍ରତିଷ୍ଠା କଲେ । ଏହା ଖିଜିଂମଣ୍ଡଳ ପରିବର୍ତ୍ତେ ମୟୁରଭଞ୍ଜ ରାଜ୍ୟ ନାମରେ ଖ୍ୟାତ ହେଲା । ଭଞ୍ଜମାନେ ହରିପୁରଗଡ଼ରେ ଶୈବ ଓ ଶାକ୍ତ ପରିବର୍ତ୍ତେ ବୈଷ୍ଣବ ଧର୍ମର ଉପାସନା କରିବା ସହ ଖିଚିଂରେ ପ୍ରଚଳିତ ରାଜକୀୟ ଚିହ୍ନ ବୃଷଭକୁ ପରିହାର କରି ମୟୁରପକ୍ଷୀକୁ ବଂଶର ପ୍ରତୀକ ଭାବେ ଗ୍ରହଣ କଲେ । ହରିପୁର ଗଡ଼ରେ ବୁଢ଼ାବଳଙ୍ଗ ନଦୀ କୂଳରେ ବେଶ କିଛିବର୍ଷ ଧରି ମୟୁରଭଞ୍ଜ ରାଜ୍ୟର ଶାସନ ବ୍ୟବସ୍ଥା ଚାଲିଲା । ମାତ୍ର ମହାରାଜା ଦାମୋଦର ଭଞ୍ଜ (ଖ୍ରୀ.ଅ.୧୭୬୧-ଖ୍ରୀ.ଅ.୧୭୯୬)ଙ୍କ ରାଜତ୍ୱ କାଳରେ ମରହଟ୍ଟାମାନେ ବାରମ୍ବାର ମୟୁରଭଞ୍ଜ ଆକ୍ରମଣ କଲେ । ଏହି ଆକ୍ରମଣରେ ମହାରାଜାଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା । ଏହାପରେ ମୟୁରଭଞ୍ଜରେ ଏକପ୍ରକାର ଅରାଜକତା ବ୍ୟାପିଥିଲା । ଦାମୋଦର ଭଞ୍ଜଙ୍କ ମୃତ୍ୟୁପରେ

Digitized by srujanika@gmail.com

ମୟୂରଭଞ୍ଜ ଇତିହାସର ଚାରି ସମର୍ଥ ମହାରାଜା: ୧. ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ୨. ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୩. ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ୩. ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ

Digitized by srujanika@gmail.com

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପତ୍ନୀ ମହାରାଣୀ ଡକତ କୁମାରୀ

ବାରିପଦାକୁ ରାଜଧାନୀ କରିବାର ଅନ୍ୟତମ ସୂତ୍ରଧର ମହାରାଜେଶ୍ୱରୀ ସୁମିତ୍ରା ଦେବୀ (ଶାସନକାଳ : ଖ୍ରୀ.ଅ. ୧୭୯୬-ଖ୍ରୀ.ଅ. ୧୮୧୦)

ତାଙ୍କ ପତ୍ନୀ ମହାରାଣୀ ସୁମିତ୍ରା ଭଞ୍ଜ (ଖ୍ରୀ.ଅ.୧୭୯୬-ଖ୍ରୀ.ଅ.୧୮୧୦) ମୟୂରଭଞ୍ଜ ରାଜସିଂହାସନ ଆରୋହଣ କରି ରାଜଧାନୀ ହରିପୁରରୁ ବାରିପଦାକୁ ସ୍ଥାନାନ୍ତର କଲେ । ମହାରାଣୀଙ୍କର କୌଣସି ସନ୍ତାନ ନଥିବାରୁ ତାଙ୍କର ପୋଷ୍ୟପୁତ୍ର କେନ୍ଦୁଝରର ରାଜକୁମାର ମହାରାଜା ତ୍ରିବିକ୍ରମ ଭଞ୍ଜଦେବ (ଖ୍ରୀ.ଅ.୧୮୧୧-ଖ୍ରୀ.ଅ.୧୮୨୮) ମୟୂରଭଞ୍ଜ ରାଜ୍ୟ ସିଂହାସନ ଆରୋହଣ କଲେ । ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ ୧୮୦୩ ମସିହାରେ ଇଂରେଜ ରାଜତ୍ୱ ସ୍ଥାପନ ହେବାପରେ ମହାରାଜା ତ୍ରିବିକ୍ରମ ଭଞ୍ଜ ହରିପୁରରୁ ବାରିପଦାକୁ ରାଜଧାନୀ ଉଠାଇ ଆଣିଥିଲେ ।

ମୟୂରଭଞ୍ଜର ଉତ୍ପତ୍ତି ନେଇ ଏକ ଚମତ୍କାର କିମ୍ବଦନ୍ତୀ ରହିଛି । ପ୍ରାଚୀନ କାଳରେ ଏ ଅଞ୍ଚଳ ଘୋର ଜଙ୍ଗଲପୂର୍ଣ୍ଣ ଥିଲା । ଅରଣ୍ୟ ମଧ୍ୟରେ ଦେବୀ କିଚକେଶ୍ୱରୀ ଅବସ୍ଥାନ କରୁଥିଲେ । ଜଙ୍ଗଲରେ ଲୋକମାନେ ଦେବୀଙ୍କ ପୂଜାପାଠ କରୁଥିଲେ ଏବଂ ଦେବୀ ସେମାନଙ୍କର ଇଛା ପୂରଣ କରୁଥିଲେ । ଥରେ ଏହି ବନବାସୀମାନେ ସେମାନଙ୍କୁ ଏକ ରାଜା ପ୍ରଦାନ କରିବାକୁ ଦେବୀଙ୍କୁ ପ୍ରାର୍ଥନା କଲେ ।

Digitized by srujanika@gmail.com

ଦେବୀ ଏମାନଙ୍କୁ ଏକ ମୟୁର ଅଣ୍ଡା ପ୍ରଦାନ କରିଥିଲେ । ଏହି ମୟୁର ଅଣ୍ଡାରୁ ଏକ ଦିବ୍ୟ ସୁନ୍ଦର ଶିଶୁ ଜନ୍ମଲାଭ କରିଥିଲେ । ବନବାସୀମାନେ ଶିଶୁଟିକୁ ଲାଳନପାଳନ କରିବା ସହ ବଢ଼ାଇଲେ । ଏହି ଶିଶୁ ହିଁ ମୟୂରଭଞ୍ଜର ପ୍ରଥମ ଭଂଜବଂଶୀ ରାଜା 'ଆଦିଭଞ୍ଜ' । ମୟୁର ଅଣ୍ଡାରୁ ରାଜା ସୃଷ୍ଟି ହୋଇଥିବାରୁ ରାଜ୍ୟର ନାମ 'ମୟୁରଭଞ୍ଜ' ହୋଇଥିଲା । ତେବେ ମୟୁରଭଞ୍ଜ ସୃଷ୍ଟି ସଂପର୍କରେ ବହୁ ଭିନ୍ନମତ ରହିଛି ।

ଇତିହାସର ପୃଷ୍ଠା ଲେଉଟାଇଲେ, ୪୬ ଜଣ ଭଞ୍ଜବଂଶୀ ରାଜା ମୟୁରଭଞ୍ଜକୁ ଶାସନ କରିଥିଲେ ବୋଲି ଜଣାପଡ଼େ । ଅବଶ୍ୟ ଏହାକୁ ନେଇ ଭିନ୍ନ ଐତିହାସିକ ମତ ରହିଛି । ବିଶିଷ୍ଟ ଐତିହାସିକ ଓ ପ୍ରତ୍ନତତ୍ତ୍ୱବୀତ୍ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ (ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ) ପ୍ରସ୍ତୁତ କରିଥିବା ଭଞ୍ଜବଂଶୀ ରାଜାଙ୍କର ଏକ ନାମ ତାଲିକା ନିମ୍ନରେ ପ୍ରଦାନ କରାଗଲା-

ଜଗନ୍ନାଥ ଭଞ୍ଜ (ଆନୁମାନିକ ଖ୍ରୀ.ଅ.୧୫୧୫/୨୦-୧୫୪୦)
ନୀଳକଣ୍ଠ ଭଞ୍ଜ (ଆନୁମାନିକ ଖ୍ରୀ.ଅ.୧୫୪୦-୧୫୬୫)
ବୈଦ୍ୟନାଥ ଭଞ୍ଜ (ଖ୍ରୀ.ଅ.୧୫୬୫-ଖ୍ରୀ.ଅ.୧୬୨୬)
ହରିହର ଭଞ୍ଜ (ଖ୍ରୀ.ଅ.୧୬୪୩-୧୬୮୮)
କୃଷ୍ଣ ଭଞ୍ଜ (ଖ୍ରୀ.ଅ.୧୬୬୦ରେ ମୃତ୍ୟୁ)
ତ୍ରିବିକ୍ରମ ଭଞ୍ଜ (ଖ୍ରୀ.ଅ.୧୬୬୦-ଖ୍ରୀ.ଅ.୧୬୮୮)
ମହାରାଜା ସର୍ବେଶ୍ୱର ଭଞ୍ଜ (ଖ୍ରୀ.ଅ.୧୬୮୮-ଖ୍ରୀ.ଅ.୧୭୧୧)
ମହାରାଜା ବୀରବିକ୍ରମଦତ୍ତ ଭଞ୍ଜ (ଖ୍ରୀ.ଅ.୧୭୧୧-ଖ୍ରୀ.ଅ.୧୭୨୮)
ମହାରାଜା ରଘୁନାଥ ଭଞ୍ଜ (ଖ୍ରୀ.ଅ.୧୭୨୮-ଖ୍ରୀ.ଅ.୧୭୫୦)
ଦିଲିପେଶ୍ୱର ଭଞ୍ଜଦେବ (ମୃତ୍ୟୁ ଖ୍ରୀ.ଅ.୧୭୪୧)
ମହାରାଜା ଚକ୍ରଧର ଭଞ୍ଜଦେବ (ଖ୍ରୀ.ଅ.୧୭୫୦-ଖ୍ରୀ.ଅ.୧୭୬୧)
ମହାରାଜା ଦାମୋଦର ଭଞ୍ଜ (ଖ୍ରୀ.ଅ.୧୭୬୧-ଖ୍ରୀ.ଅ.୧୭୯୬)
ସୁମିତ୍ରା ଦେବଭଞ୍ଜ (ଖ୍ରୀ.ଅ.୧୭୯୬-ଖ୍ରୀ.ଅ.୧୮୧୦)
ମହାରାଜା ତ୍ରିବିକ୍ରମ ଭଞ୍ଜଦେବ (ଖ୍ରୀ.ଅ.୧୮୧୧-ଖ୍ରୀ.ଅ.୧୮୨୮)
କେନ୍ଦୁଝରର ପୋଷ୍ୟପୁତ୍ର ମହାରାଜା ଯଦୁନାଥ ଭଞ୍ଜ (ଖ୍ରୀ.ଅ.୧୮୨୮-ଖ୍ରୀ.ଅ.୧୮୬୩)
ମହାରାଜା ଶ୍ରୀନାଥ ଭଞ୍ଜ (ଖ୍ରୀ.ଅ.୧୮୬୩-ଖ୍ରୀ.ଅ.୧୮୬୮)
ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୮୬୮-ଖ୍ରୀ.ଅ.୧୮୮୨)
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୮୮୨-ଖ୍ରୀ.ଅ.୧୯୧୨)

Digitized by srujanika@gmail.com

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୯୧୨ରୁ ଖ୍ରୀ.ଅ.୧୯୨୮)

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୯୨୮-ଖ୍ରୀ.ଅ.୧୯୪୮)

ସେହିଭଳି ଭଞ୍ଜବଂଶୀ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ମୟୂରଭଞ୍ଜ ରାଜବଂଶାବଳୀର ଏକ ତାଲିକା ପ୍ରସ୍ତୁତ କରିଥିଲେ । ଏହି ତାଲିକା ଓଡ଼ିଶା ଡିଷ୍ଟ୍ରିକ୍ଟ ଗେଜେଟିୟର, ମୟୂରଭଞ୍ଜରେ ସ୍ଥାନିତ ହୋଇଛି । *(Orissa District Gazetteers, Mayurbhanj -Nilamani Senapati, ICS, Rtd, Dr. Nabin Kumar Sahu, The Superintendent, Orissa Govt. Press, Cuttack (1967)*

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ପ୍ରସ୍ତୁତ କରିଥିବା ଭଞ୍ଜ ରାଜବଂଶାବଳୀର ତାଲିକା ତଳେ ଦିଆଗଲା-

କ୍ରମାଙ୍କ	ମହାରାଜାଙ୍କ ନାମ	ରାଜତ୍ୱକାଳ
୧.	ମହାରାଜା ଜୟସିଂହ	(ଖ୍ରୀ.ଅ. ୫୯୮-ଖ୍ରୀ.ଅ.୬୧୮)
୨.	ମହାରାଜା ଆଦିଭଞ୍ଜ	(ଖ୍ରୀ.ଅ.୬୧୮-ଖ୍ରୀ.ଅ.୬୫୬)
୩.	ମହାରାଜା ନୀଳାମ୍ବର ଭଞ୍ଜଦେଓ	(ଖ୍ରୀ.ଅ.୬୫୬-ଖ୍ରୀ.ଅ.୬୮୯)
୪.	ମହାରାଜା ଲକ୍ଷ୍ମଣରାଜ ଭଞ୍ଜଦେଓ	(ଖ୍ରୀ.ଅ.୬୮୯-ଖ୍ରୀ.ଅ.୭୨୬)
୫.	ମହାରାଜା ବିଶ୍ୱେଶ୍ୱର ଭଞ୍ଜଦେଓ	(ଖ୍ରୀ.ଅ.୭୨୬-ଖ୍ରୀ.ଅ.୭୬୪)
୬.	ମହାରାଜା ଭରତ ଭଞ୍ଜଦେଓ	(ଖ୍ରୀ.ଅ.୭୬୪-ଖ୍ରୀ.ଅ.୮୦୪)
୭.	ମହାରାଜା ଦିଲ୍ଲିପେଶ୍ୱର ଭଞ୍ଜଦେଓ	(ଖ୍ରୀ.ଅ.୮୦୪-ଖ୍ରୀ.ଅ.୮୩୯)
୮.	ମହାରାଜା ଦାମଦେବ ଭଞ୍ଜଦେଓ	(ଖ୍ରୀ.ଅ.୮୩୯-ଖ୍ରୀ.ଅ.୮୭୮)
୯.	ମହାରାଜା ବାସୁଦେବ ଭଞ୍ଜଦେଓ	(ଖ୍ରୀ.ଅ.୮୭୮-ଖ୍ରୀ.ଅ.୯୧୬)
୧୦.	ମହାରାଜା କେଶରୀ ଭଞ୍ଜଦେଓ	(ଖ୍ରୀ.ଅ.୯୧୬-ଖ୍ରୀ.ଅ.୯୬୦)
୧୧.	ମହାରାଜା ନାରାୟଣ ଭଞ୍ଜଦେଓ	(ଖ୍ରୀ.ଅ.୯୬୦-ଖ୍ରୀ.ଅ.୯୯୬)
୧୨.	ମହାରାଜା ନୀଳକଣ୍ଠ ଭଞ୍ଜଦେଓ	(ଖ୍ରୀ.ଅ.୯୯୬-ଖ୍ରୀ.ଅ.୧୦୨୮)
୧୩.	ମହାରାଜା ବୀରକେଶ୍ୱରୀ ଭଞ୍ଜଦେଓ	(ଖ୍ରୀ.ଅ.୧୦୨୮-ଖ୍ରୀ.ଅ.୧୦୬୪)
୧୪.	ମହାରାଜା କପିଳେଶ୍ୱର ଭଞ୍ଜଦେଓ	(ଖ୍ରୀ.ଅ.୧୦୬୪-ଖ୍ରୀ.ଅ.୧୧୦୦)
୧୫.	ମହାରାଜା ତ୍ରିଲୋଚନ ଭଞ୍ଜଦେଓ	(ଖ୍ରୀ.ଅ.୧୧୦୦-ଖ୍ରୀ.ଅ.୧୧୩୮)
୧୬.	ମହାରାଜା ଦାଶରଥୀ ଭଞ୍ଜଦେଓ	(ଖ୍ରୀ.ଅ.୧୧୩୮-ଖ୍ରୀ.ଅ.୧୧୬୪)
୧୭.	ମହାରାଜା ଶ୍ରୀକୃଷ୍ଣ ଭଞ୍ଜଦେଓ	(ଖ୍ରୀ.ଅ.୧୧୬୪-ଖ୍ରୀ.ଅ.୧୧୯୫)
୧୮.	ମହାରାଜା ଗଦାଧର ଭଞ୍ଜଦେଓ	(ଖ୍ରୀ.ଅ.୧୧୯୫-ଖ୍ରୀ.ଅ.୧୨୩୬)

Digitized by srujanika@gmail.com

୧୯.	ମହାରାଜା ଅରନେଶ୍ୱର ଭଞ୍ଜଦେଓ	(ଖ୍ରୀ.ଅ.୧୨୩୬-ଖ୍ରୀ.ଅ.୧୨୬୪)
୨୦.	ମହାରାଜା ଗୋପୀନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୨୬୪-ଖ୍ରୀ.ଅ.୧୨୭୯)
୨୧.	ମହାରାଜା ରାଧାକୃଷ୍ଣ ଭଞ୍ଜଦେଓ	(ଖ୍ରୀ.ଅ.୧୨୭୯-ଖ୍ରୀ.ଅ.୧୩୦୧)
୨୨.	ମହାରାଜା ପୃଥ୍ୱୀନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୩୦୧-ଖ୍ରୀ.ଅ.୧୩୩୪)
୨୩.	ମହାରାଜା ବୈକୁଣ୍ଠ ଭଞ୍ଜଦେଓ	(ଖ୍ରୀ.ଅ.୧୩୩୪-ଖ୍ରୀ.ଅ.୧୩୬୦)
୨୪.	ମହାରାଜା ବୀରେଶ୍ୱର ଭଞ୍ଜଦେଓ	(ଖ୍ରୀ.ଅ.୧୩୬୦-ଖ୍ରୀ.ଅ.୧୩୯୦)
୨୫.	ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ	(ଖ୍ରୀ.ଅ.୧୩୯୦-ଖ୍ରୀ.ଅ.୧୪୨୩)
୨୬.	ମହାରାଜା ବଳଭଦ୍ର ଭଞ୍ଜଦେଓ	(ଖ୍ରୀ.ଅ.୧୪୨୩-ଖ୍ରୀ.ଅ.୧୪୬୪)
୨୭.	ମହାରାଜା ହରିକ୍ରିଷ୍ଣ ଭଞ୍ଜଦେଓ	(ଖ୍ରୀ.ଅ.୧୪୬୪-ଖ୍ରୀ.ଅ.୧୪୯୧)
୨୮.	ମହାରାଜା ନୀଳକଣ୍ଠ ଭଞ୍ଜଦେଓ	(ଖ୍ରୀ.ଅ.୧୪୯୧-ଖ୍ରୀ.ଅ.୧୫୨୦)
୨୯.	ମହାରାଜା ପଚ୍ଛୈଭଞ୍ଜଦେଓ	(ଖ୍ରୀ.ଅ.୧୫୨୦-ଖ୍ରୀ.ଅ.୧୫୫୬)
୩୦.	ମହାରାଜା ବୈଦ୍ୟନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୫୫୬-ଖ୍ରୀ.ଅ.୧୬୦୦)
୩୧.	ମହାରାଜା ଜଗନ୍ନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୬୦୦-ଖ୍ରୀ.ଅ.୧୬୪୩)
୩୨.	ମହାରାଜା ହରିହର ଭଞ୍ଜଦେଓ	(ଖ୍ରୀ.ଅ.୧୬୪୩-ଖ୍ରୀ.ଅ.୧୬୮୮)
୩୩.	ମହାରାଜା ସର୍ବେଶ୍ୱର ଭଞ୍ଜଦେଓ	(ଖ୍ରୀ.ଅ.୧୬୮୮-ଖ୍ରୀ.ଅ.୧୭୧୧)
୩୪.	ମହାରାଜା ବୀରବିକ୍ରମାଦିତ୍ୟ ଭଞ୍ଜଦେଓ	(ଖ୍ରୀ.ଅ.୧୭୧୧-ଖ୍ରୀ.ଅ.୧୭୨୮)
୩୫.	ମହାରାଜା ରଘୁନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୭୨୮-ଖ୍ରୀ.ଅ.୧୭୫୦)
୩୬.	ମହାରାଜା ଚକ୍ରଧର ଭଞ୍ଜଦେଓ	(ଖ୍ରୀ.ଅ.୧୭୫୦-ଖ୍ରୀ.ଅ.୧୭୬୧)
୩୭.	ମହାରାଜା ଦାମୋଦର ଭଞ୍ଜଦେଓ	(ଖ୍ରୀ.ଅ.୧୭୬୧-ଖ୍ରୀ.ଅ.୧୭୯୬)
୩୮.	ମହାରାଜେଶ୍ୱରୀ ସୁମିତ୍ରାଦେବୀ ଭଞ୍ଜଦେଓ	(ଖ୍ରୀ.ଅ.୧୭୯୬-ଖ୍ରୀ.ଅ.୧୮୧୦)
୩୯.	ମହାରାଜେଶ୍ୱରୀ ଯମୁନାଦେବୀ ଭଞ୍ଜଦେଓ	(ଖ୍ରୀ.ଅ.୧୮୧୦-ଖ୍ରୀ.ଅ.୧୮୧୩)
୪୦.	ମହାରାଜା ତ୍ରିବିକ୍ରମ ଭଞ୍ଜଦେଓ	(ଖ୍ରୀ.ଅ.୧୮୧୩-ଖ୍ରୀ.ଅ.୧୮୨୩)
୪୧.	ମହାରାଜା ଯଦୁନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୮୨୩-ଖ୍ରୀ.ଅ.୧୮୬୩)
୪୨.	ମହାରାଜା ଶ୍ରୀନାଥ ଭଞ୍ଜଦେଓ	(ଖ୍ରୀ.ଅ.୧୮୬୩-ଖ୍ରୀ.ଅ.୧୮୬୮)
୪୩.	ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ	(ଖ୍ରୀ.ଅ.୧୮୬୮-

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲାବେଳକୁ ମୟୁରଭଞ୍ଜ ଏକ ସ୍ୱୟଂଶାସିତ ସ୍ୱାଧୀନ ରାଜ୍ୟ ହୋଇ ରହିଯାଇଥିଲା । ଦେଶ ଇଂରେଜମାନଙ୍କଠାରୁ ସ୍ୱାଧୀନ ହେବାପରେ ଭାରତ ସରକାରଙ୍କ

Digitized by srujanika@gmail.com

ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ଦେଶୀୟ ରାଜ୍ୟଗୁଡ଼ିକୁ ଭାରତରେ ମିଶ୍ରଣ ପାଇଁ ପ୍ରକ୍ରିୟା ଆରମ୍ଭ କଲେ । ଏହି ଅବସରରେ ଓଡ଼ିଶାରେ ଥିବା ଗଡ଼ଜାତ ରାଜ୍ୟଗୁଡ଼ିକ ମିଶ୍ରଣ ପାଇଁ ଉଦ୍ୟମ ହେଲା । ଏଥିରେ ସର୍ଦ୍ଦାର ପଟେଲ୍‌ଙ୍କୁ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ୍ ସହଯୋଗ କରିଥିଲେ । ହରେକୃଷ୍ଣ ମହତାବଙ୍କ ନିମନ୍ତ୍ରଣ ରକ୍ଷା କରି ସର୍ଦ୍ଦାର ପଟେଲ୍ କଟକ ଆସି ମୟୂରଭଞ୍ଜ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଗଡ଼ଜାତ ରାଜ୍ୟକୁ ଭାରତ ସହ ମିଶାଇ ଦେଇଥିଲେ । ସେତେବେଳେ ମୟୂରଭଞ୍ଜରେ ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା ପ୍ରଚଳିତ ଥିବାରୁ ପଟେଲ୍ କିଛି ନିଷ୍ପତ୍ତି ନେଇ ପାରି ନଥିଲେ । ମାତ୍ର ମୟୂରଭଞ୍ଜକୁ ଭାରତ ସହ ମିଶାଇବାକୁ ପ୍ରବଳ ଚାପ ଓ ଉଦ୍ୟମ ଜାରି ରଖିଥିଲେ । ସର୍ଦ୍ଦାର ପଟେଲ୍ ମୟୂରଭଞ୍ଜର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ, ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଙ୍କୁ ଦିଲ୍ଲୀ ଡକାଇ ମୟୂରଭଞ୍ଜ ମିଶ୍ରଣ ସଂପର୍କରେ ଆଲୋଚନା କରିଥିଲେ । 'ମୟୂରଭଞ୍ଜ ବ୍ୟବସ୍ଥାପକ' ବା 'ପ୍ରଜା ପରିଷଦ' ୧୯୪୮ ମସିହା ସେପ୍‌ଟେମ୍ବର ୧୫ ତାରିଖରେ ମୟୂରଭଞ୍ଜ ମିଶ୍ରଣ ସପକ୍ଷରେ ମତପ୍ରଦାନ କରିବା ପରେ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ ଓ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ଦିଲ୍ଲୀ ଯାଇ ଭାରତ ସହିତ ମୟୂରଭଞ୍ଜର ମିଶ୍ରଣ ପାଇଁ ୧୯୪୮ ମସିହା ଅକ୍‌ଟୋବର ୧୭ ତାରିଖରେ ରାଜିନାମା ସ୍ୱାକ୍ଷର କଲେ । ଭାରତ ସରକାରଙ୍କ ଏକ ନିର୍ଦ୍ଦେଶନାମା ବଳରେ ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଲା ଏବଂ ଓଡ଼ିଶାର ଏକ ଜିଲ୍ଲା ଭାବେ ପରିଗଣିତ ହେଲା ।

ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ଦ୍ୱିତୀୟ ରାଣୀ ସୁଚାରୁ ଦେବୀ (ସୁଚାରୁ ସେନ୍)

Digitized by srujanika@gmail.com

ଦ୍ୱିତୀୟ ପରିଚ୍ଛେଦ

ମୟୂରଭଞ୍ଜ ଜିଲ୍ଲାର 'ପ୍ରତ୍ନତାତ୍ତ୍ୱିକ ବିଭବ' ଏବଂ 'ଐତିହ୍ୟ ପର୍ଯ୍ୟଟନ'

ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀ ଶ୍ରୀମନ୍ଦିର, ସ୍ୱର୍ଣ୍ଣ ତ୍ରିଭୂଜ ରତ୍ନଗିରି-ଲଳିତଗିରି-ଉଦୟଗିରି, ଭୁବନେଶ୍ୱରର ଲିଙ୍ଗରାଜ, ରାଜାରାଣୀ, ମୁକ୍ତେଶ୍ୱର ସମେତ ବହୁ ପ୍ରାଚୀନ ମନ୍ଦିର, ଶିଶୁପାଳଗଡ଼, ଖଣ୍ଡଗିରି, ଉଦୟଗିରି ଜୈନଗୁମ୍ଫା, ଧଉଳିଗିରି, ମୟୂରଭଞ୍ଜର ଖିଚିଂ, ହରିପୁରଗଡ଼ ଓ ରସିକରାୟ ମନ୍ଦିର, କଟକ ବାରବାଟି ଦୁର୍ଗ, ହୀରାପୁର ଓ ରାଣୀପୁର ଝରିଆଲ୍‌ର ୬୪ ଯୋଗିନୀ ମନ୍ଦିର, ଗଞ୍ଜାମର ଜଉଗଡ଼, କଳାହାଣ୍ଡିର ଅସୁରଗଡ଼ ଦୁର୍ଗ, କେନ୍ଦୁଝରର ସୀତାବିଞ୍ଜି, ରାବଣଛାୟା, କୋରାପୁଟ ନନ୍ଦପୁରର ବତ୍ରିଶ ସିଂହାସନ, ମାଳିଗୁଡ଼ାର ରେଲ୍‌ୱେ ଟନେଲ୍, ନବରଙ୍ଗପୁରର ପୋଡ଼ାଗଡ଼ ଦୁର୍ଗ, କେନ୍ଦ୍ରାପଡ଼ାର ବଳଦେବଜିଉ, ଢୁକିଟୋଲା ବଡିଘର, ଭଦ୍ରକର ଷୋଳମପୁର, ଖଡ଼ିପଦା, ଭାରଦାକଟର ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି, ବିରଞ୍ଚି ନାରାୟଣ ମନ୍ଦିର, ଢେଙ୍କାନାଳର କପିଳାସ, ନୂଆପଡ଼ାର ମାରାଗୁଡ଼ା ଉପତ୍ୟକା, ବାଲେଶ୍ୱର ଜିଲ୍ଲାର ଅଯୋଧ୍ୟା, କୁପାରି ଆଦିର ପ୍ରାଚୀନ କୀର୍ତ୍ତିରାଜି ତଥା ପ୍ରତ୍ନତାତ୍ତ୍ୱିକ ବିଭବ ଆମ ଓଡ଼ିଶାର ଇତିହାସ ଓ ପୂର୍ବ ଗୌରବର ବହୁ ଅକୁହା ଗାଥା ବହନ କରିଥାଏ । ଏଗୁଡ଼ିକୁ ଆଜିର ଦିନରେ **'ଐତିହ୍ୟ ପର୍ଯ୍ୟଟନ'** ଭାବେ ଚିହ୍ନଟ କରାଯାଇଛି ।

ଐତିହ୍ୟ ଆମର ସମୃଦ୍ଧ ଇତିହାସର ଭୂମି ଉପରେ ଠିଆ ହୋଇ ବର୍ତ୍ତମାନକୁ ରୂପ ଦେଉଥାଏ ଆଉ ଭବିଷ୍ୟତକୁ ନିଜ ରାସ୍ତାରେ ଯିବାକୁ ପ୍ରବର୍ତ୍ତାଇଥାଏ । ଏହି ପ୍ରାଚୀନ ଐତିହ୍ୟକୁ ଭିତ୍ତିକରି ଯେଉଁ ପର୍ଯ୍ୟଟନର କଥା କୁହାଯିବ, ତାହାକୁ 'ଐତିହ୍ୟ ପର୍ଯ୍ୟଟନ' ବୋଲି ବୁଝିବାକୁ ହେବ । ଓଡ଼ିଶା କାହିଁକି ସମଗ୍ର ବିଶ୍ୱରେ ଐତିହ୍ୟ ପର୍ଯ୍ୟଟନର ହିଁ ସ୍ୱତନ୍ତ୍ର ଆକର୍ଷଣ ରହିଛି ।

ବିଶ୍ୱର ସର୍ବାଧିକ ପର୍ଯ୍ୟଟକ କେବଳ ମିଶରର ପିରାମିଡ୍ ଦେଖିବାକୁ ଆସିଥା'ନ୍ତି । ଏଠାକାର ପ୍ରାଚୀନ ପିରାମିଡ୍, ଏଠାରେ ସଂରକ୍ଷିତ 'ମମି' ଓ ନୀଳନଦୀର ନୌକାବିହାର ହିଁ ସମଗ୍ର ବିଶ୍ୱ

Digitized by srujanika@gmail.com

ପର୍ଯ୍ୟଟନକୁ ପ୍ରଭାବିତ କରିଥାଏ । କେବଳ ମିଶରର ପିରାମିଡ୍ କାହିଁକି ବିଶ୍ୱର କୋଣଅନୁକୋଣରେ ଥିବା ଏଭଳି ପ୍ରାଚୀନ ଐତିହାସିକ ଓ ଐତିହ୍ୟ ସ୍ଥଳକୁ ପର୍ଯ୍ୟଟକମାନେ ସର୍ବାଧିକ ପସନ୍ଦ କରିଥା'ନ୍ତି । ପ୍ରତିବର୍ଷ ଭାରତର ଖଜୁରାହୋ, ଅଜନ୍ତା, ଏଲୋରା, ତାଜମହଲ୍ ଓ କୋଣାର୍କ ଭଳି ଐତିହ୍ୟପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳକୁ ବେଶି ସଂଖ୍ୟାରେ ପର୍ଯ୍ୟଟକ ଆସିଥା'ନ୍ତି । ଶତକଡ଼ା ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ କେବଳ ଏଭଳି ଐତିହାସିକ ଓ ପ୍ରାଚୀନ ଐତିହ୍ୟଭରା ପର୍ଯ୍ୟଟନସ୍ଥଳ ବୁଲିବାକୁ ପସନ୍ଦ କରୁଥିବା କଥା ଏକ ଅନ୍ତର୍ଜାତୀୟ ସର୍ଭେରୁ ଜଣାପଡ଼ିଛି ।

ଓଡ଼ିଶାର ଐତହ୍ୟ ଓ ସଂସ୍କୃତି ବେଶ୍ ମହାନ୍ ଏବଂ ଏହାକୁ ନେଇ ସମୃଦ୍ଧ ପର୍ଯ୍ୟଟନ କ୍ଷେତ୍ରରୁ ରାଜ୍ୟ ପ୍ରତିବର୍ଷ ବହୁମାତ୍ରାରେ ରାଜସ୍ୱ ହାସଲ କରିଥାଏ । ଓଡ଼ିଶାର ପ୍ରାଚୀନ ମନ୍ଦିର, ମଠ, ଦୁର୍ଗ, ରାଜପ୍ରାସାଦ, ଗୁମ୍ଫାଚିତ୍ରଗୁଡ଼ିକର ସ୍ଥପତ୍ୟକଳା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଓଡ଼ିଶାର ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନକୁ ପୁରୀର ରଥଯାତ୍ରା, 'କୋଣାର୍କ ନୃତ୍ୟ ଉତ୍ସବ', 'ରାଜାରାଣୀ ସଙ୍ଗୀତ ମହୋତ୍ସବ', 'ଖଣ୍ଡଗିରି ଗୁମ୍ଫା ମହୋତ୍ସବ', 'ଖାରବେଳ ମହୋତ୍ସବ', ମୁକ୍ତେଶ୍ୱର ମହୋତ୍ସବ, ଶିଶୁପାଳଗଡ଼ ମହୋତ୍ସବ, ଧଉଳିର 'କଳିଙ୍ଗ ମହୋତ୍ସବ', ରତ୍ନଗିରିର 'ବୁଦ୍ଧ ମହୋତ୍ସବ' ଭଳି ସାଂସ୍କୃତିକ ଉତ୍ସବ, ମେଳା ମହୋତ୍ସବ ବିଶେଷ ଭାବେ ପ୍ରଭାବିତ କରିଥାଏ । ଓଡ଼ିଶୀ ନୃତ୍ୟ ପାଇଁ ଓଡ଼ିଶା ଆଜି

ବାରିପଦା ସହରରେ ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ବାରୁଣୀ ଶିବ ମନ୍ଦିର

Digitized by srujanika@gmail.com

ବର୍ତ୍ତମାନର ଡିଷ୍ଟ୍ରିକ୍ଟ ଜଜ୍ କୋର୍ଟ (ତତ୍‌କାଳୀନ ମୟୂରଭଞ୍ଜ ରାଜ୍ୟର ହାଇକୋର୍ଟ)

ଦେଶବିଦେଶରେ ଖୁବ୍ ପରିଚିତ । କେବଳ ପୁରୀ ରଥଯାତ୍ରା ଦେଖିବାକୁ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ଓଡ଼ିଶା ଛୁଟିଆସିଥା'ନ୍ତି । ରଥଯାତ୍ରାକୁ ବାଦ୍ ଦେଲେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାଳିତ ହେଉଥିବା ଜିଲ୍ଲା ମହୋତ୍ସବ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ପୁରୀ, ଗୋପାଳପୁର ଓ ଚାନ୍ଦିପୁରର ବେଳାଭୂମି ମହୋତ୍ସବ, ବାଲୁକା କଳା ମହୋତ୍ସବ, କୋଣାର୍କ ନୃତ୍ୟ ମହୋତ୍ସବ, କୋରାପୁଟର 'ପରବ୍', ନବରଙ୍ଗପୁରର 'ମଣ୍ଡେଇ', ମାଲ୍‌କାନଗିରିର 'ମାଲ୍ୟବନ୍ତ', ରାୟଗଡ଼ାର 'ଚଇତ ପରବ୍', ମୟୂରଭଞ୍ଜ ଜିଲ୍ଲାର 'ଛଉ ମହୋତ୍ସବ', ବରଗଡ଼ର 'ଧନୁଯାତ୍ରା', କଟକର 'ବାଲିଯାତ୍ରା' ଓ 'ଦୁର୍ଗାପୂଜା', ଢେଙ୍କାନାଳର ଲକ୍ଷ୍ମୀପୂଜା, କେନ୍ଦ୍ରାପଡ଼ାର 'ବୋଇତ ବନ୍ଦାଣ ଉତ୍ସବ', 'କଳାହାଣ୍ଡି ମହୋତ୍ସବ', 'ଓଳାଶୁଣି ଗୁମ୍ଫା ମହୋତ୍ସବ' ଆଦି ଓଡ଼ିଶାର ଐତିହ୍ୟ ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିପାରିଛି ।

ଓଡ଼ିଶାର ଶିଳ୍ପକଳା ମଧ୍ୟ ବେଶ ସମୃଦ୍ଧ । ରଘୁରାଜପୁରର ପଟ୍ଟଚିତ୍ର, ପିପିଲିର ଚାନ୍ଦୁଆ ଶିଳ୍ପ, ଖିଚିଂର ପଥର ଶିଳ୍ପ, କଟକର ରୂପା ତାରକସି କାମ ଏବଂ ଓଡ଼ିଶାର ଜନଜାତି କଳାକାରିଗରି ମଧ୍ୟ ଅନେକ ପର୍ଯ୍ୟଟକଙ୍କୁ ନିଜ ଆଡକୁ ଆକର୍ଷିତ କରିଥାଏ । ଏହା ସହିତ ଭୁବନେଶ୍ୱରର ଆଦିବାସୀ ନୃତ୍ୟ ମହୋତ୍ସବ, 'ତୋଷାଳି ନ୍ୟାସ୍‌ନାଲ୍ କ୍ରାଫ୍‌ଟ ମେଳା' ଆଦିରେ ବହୁ ସଂଖ୍ୟାରେ ବିଦେଶୀ ଯୋଗଦେଇଥା'ନ୍ତି । ଏସବୁ ଓଡ଼ିଶାର ପ୍ରସିଦ୍ଧ ଐତିହ୍ୟ ପର୍ଯ୍ୟଟନ ଭାବେ ପରିଚିତ ଭାବେ ପରିଚଚିତ ହୋଇପାରିଛନ୍ତି । ସେହିଭଳି ମୟୂରଭଞ୍ଜ ଜିଲ୍ଲାରେ ଅନେକ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ରହିଛି,

Digitized by srujanika@gmail.com

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

ଯାହାର ସଂରକ୍ଷଣ ଓ ବିକାଶ ଆଜିର ଦିନରେ ଜରୁରୀ ହୋଇପଡ଼ିଛି । ଏସବୁ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ସଂପର୍କରେ ସଂକ୍ଷେପରେ ଆଲୋଚନା କରାଯାଇପାରେ ।

ଦ୍ୱିତୀୟ ଶ୍ରୀକ୍ଷେତ୍ର : ବାରିପଦାର ହରିବଳଦେବଜିଉ ମନ୍ଦିର

ହରିବଳଦେବଜିଉ ମନ୍ଦିର ଓ ବାରିପଦା ରଥଯାତ୍ରା

Digitized by srujanika@gmail.com

ହରିବଳଦେବଜିଉ ମନ୍ଦିର ଓ ବାରିପଦା ରଥଯାତ୍ରା

ଓଡ଼ିଶାରେ ସାଧାରଣତଃ ଭଞ୍ଜ ଉପାଧିଧାରୀ ରାଜାମାନେ ଶ୍ରୀ ବଳଦେବଙ୍କୁ ମୁଖ୍ୟ ଦେବତାର ମାନ୍ୟତା ଦେଇ ଆସିଛନ୍ତି । କେନ୍ଦୁଝରର ଭଞ୍ଜବଂଶୀ ରାଜାଙ୍କ ରାଷ୍ଟ୍ରଦେବତା ଶ୍ରୀ ବଳଦେବଜିଉ ହୋଇଥିବାବେଳେ ମୟୂରଭଞ୍ଜ ଭଞ୍ଜବଂଶୀ ରାଜାଙ୍କ ମୁଖ୍ୟ ଦେବତା ଶ୍ରୀ ହରିବଳଦେବଜିଉ ଭାବେ ପୂଜା ପାଇଥା'ନ୍ତି । ସେହିଭଳି କନିକା ଭଞ୍ଜବଂଶୀ ରାଜାଙ୍କ ପ୍ରୋତ୍ସାହନରେ କେନ୍ଦ୍ରାପଡ଼ାରେ ଶ୍ରୀ ଶ୍ରୀ

ବାରିପଦା ରଥଯାତ୍ରା

Digitized by srujanika@gmail.com

ବଳଦେବଜିଉ ମୁଖ୍ୟ ଦେବତା ଭାବେ ପୂଜା ପାଇଆସୁଛନ୍ତି । ଏସବୁ ଅଞ୍ଚଳରେ ଶୈବ ସଂସ୍କୃତିର ବ୍ୟାପକ ପ୍ରସାର ଘଟିଥିବାରୁ ବଳଦେବଜିଉ ଏଠାକାର ମୁଖ୍ୟ ଦେବତା ହୋଇଛନ୍ତି ବୋଲି କୁହାଯାଏ ।

ମୟୂରଭଞ୍ଜର ଭଞ୍ଜବଂଶୀ ରାଜା ବୈଦ୍ୟନାଥ ଭଞ୍ଜ(ଖ୍ରୀ.ଅ.୧୫୫୬-ଖ୍ରୀ.ଅ.୧୬୦୦)ଙ୍କ ଦ୍ୱାରା ଖ୍ରୀ.ଅ. ୧୫୭୫ ମସିହାରେ ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିର (ହରିବଳଦେବଜିଉ) ମନ୍ଦିର ନିର୍ମିତ ହୋଇଥିଲା । ଜଗନ୍ନାଥ ଧାମ ପୁରୀ ପରେପରେ ବାରିପଦାର ହରିବଳଦେବଜିଉ ମନ୍ଦିର ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଅର୍ଜନ କରିପାରିଛି । ମୟୂରଭଞ୍ଜର ହରିବଳଦେବଜିଉଙ୍କ ମନ୍ଦିରରେ ପୁରୀ ଶ୍ରୀକ୍ଷେତ୍ର ଧାମ ଅନୁକରଣରେ ଦ୍ୱାଦଶ ଯାତ୍ରା ସହିତ ଅନେକ ପର୍ବପର୍ବାଣି ବର୍ଷସାରା ପାଳନ କରାଯାଇଥାଏ । ଏହା ଉତ୍କଳୀୟ ରେଖ ଓ ପିଢ ମନ୍ଦିର ଶୈଳୀରେ ନିର୍ମିତ । ଏହାର ନାଟ ମନ୍ଦିରର ଉପର କାନ୍ଥଗୁଡ଼ିକରେ ପୌରାଣିକ ବିଷୟବସ୍ତୁ ସମ୍ବଳିତ ପଟ୍ଟଚିତ୍ର ଶୈଳୀରେ 'ମ୍ୟୁରାଲ୍ ଚିତ୍ର'ମାନ ରହିଛି । ଏହାକୁ ସ୍ୱର୍ଗତଃ ହଳଧର ମହାପାତ୍ର ଅଙ୍କନ କରିଥିଲେ । ମୁଖ୍ୟ ମନ୍ଦିର ବେଢ଼ା ପରିସରରେ ଏକ ଅତି କ୍ଷୁଦ୍ର ମନ୍ଦିର ମଧ୍ୟରେ **ବୋଧିସତ୍ତ୍ୱ** (ଚାରି ବାହୁବିଶିଷ୍ଟ) ଙ୍କର ଏକ ପ୍ରାଚୀନ ମୂର୍ତ୍ତି ରହିଛି । ଏହାଙ୍କୁ ଅନନ୍ତଦେବ ଭାବେ ପୂଜା କରାଯାଉଛି ।

ବାରିପଦା ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣି ନେଇଥାନ୍ତି । ଏହା ସମଗ୍ର ରାଜ୍ୟରେ ଏକ ବିରଳ ପରଂପରା ସୃଷ୍ଟି କରିଛି । କଥିତ ଅଛି, ମହାରାଜା ବୈଦ୍ୟନାଥ

ବାରିପଦା ରଥଯାତ୍ରା

Digitized by srujanika@gmail.com

ମହାଦେବ ଶିବ (କାଳିକାଙ୍କ ନିକଟ)

ମହାଲକ୍ଷ୍ମୀ

ଭଞ୍ଜ ଏକଦା ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାଇଥିଲେ । ସେ ନିଜର ପାତ୍ରମନ୍ତ୍ରୀଗଣ, ଛତ୍ର, ଚାମର ସହ ଆସି ପୁରୀରେ ପହଞ୍ଚିଲେ । ତେବେ ପୁରୀର ଠାକୁର ରାଜା ଗଜପତିଙ୍କ ବ୍ୟତୀତ ଅନ୍ୟ କେହି ଏଭଳି ଥାଟ ନେଇ ପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ ବୋଲି ତାଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ବାରଣ କରାଯାଇଥିଲା । ରାଜା ବୈଦନାଥ ଭଞ୍ଜ ଏଥିରେ ଦୁଃଖିତ ହୋଇ ଅଠରନଳା ନିକଟରେ ଉପବାସରେ ବସିଲେ । ରାତ୍ରିରେ ପ୍ରଭୁ ଜଗନ୍ନାଥ ଭକ୍ତ ବୈଦ୍ୟନାଥଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ବାରିପଦାରେ ମନ୍ଦିର ତୋଳିବାକୁ ଅନୁମତି ପ୍ରଦାନ କଲେ ।

ଶ୍ରୀଗଣେଶ

ଶ୍ରୀବରାହ

ମାର୍କଣ୍ଡ ଋଷି

Digitized by srujanika@gmail.com

କୃଷ୍ଣ

ହରଗୌରୀ

ହରଗୌରୀ

ମହାପ୍ରଭୁଙ୍କ ଇଛା ପୂରଣ କରିବାକୁ ଯାଇ ବୈଦ୍ୟନାଥ ଭଞ୍ଜ ୧୫୭୫ ମସିହାରେ ବାରିପଦାଠାରେ ହରିବଳଦେବ ମନ୍ଦିର ପ୍ରତିଷ୍ଠା କରିଥିଲେ । ରେଖ ଶୈଳୀରେ ନିର୍ମିତ ଏହି ମନ୍ଦିରଟିର ଉଚ୍ଚତା ୮୪ ଫୁଟ । ମୁଖ୍ୟମନ୍ଦିରକୁ ଲାଗି ଜଗମୋହନ ଓ ନାଟ ମନ୍ଦିର ରହିଛି । ନୃସିଂହ, ତ୍ରିବିକ୍ରମ ଓ ବରାହ ପାର୍ଶ୍ୱଦେବତା ଭାବେ ପୂଜା ପାଇଥାନ୍ତି । ଜଗମୋହନ କାଛରେ ଗଣେଶ, ନବଗ୍ରହ, ଗଜଲକ୍ଷ୍ମୀ, କୁବେର, ଗରୁଡ଼, ଜୈନତୀର୍ଥଙ୍କରଙ୍କ ଶିଳା ମୂର୍ତ୍ତି ରହିଛି । ଏହି ମନ୍ଦିର ଚାରିପଟେ ପୁରୀ ଶ୍ରୀମନ୍ଦିରର ମେଘନାଦ ପାଚେରୀ ଭଳି ଏକ ବିଶାଳ ପ୍ରାଚୀର ନିର୍ମିତ ହୋଇଛି । ମନ୍ଦିରଟି ବଡ଼ ଜଗନ୍ନାଥ ମନ୍ଦିର ନାମରେ ସମଗ୍ର ବାରିପଦାରେ ପରିଚିତ । ଛତିଶା ନିଯୋଗର ଅନୁକରଣରେ ଏଠାରେ ସମସ୍ତ ସେବାପୂଜା ହୋଇଥାଏ ।

ଅନନ୍ତ ବିଷ୍ଣୁ

ଅନନ୍ତ

ହାତୀ

Digitized by srujanika@gmail.com

ହରିବଳଦେବଜିଉ ମନ୍ଦିରର ପ୍ରାଚୀନ ମୂର୍ତ୍ତିସମୂହ

ମନ୍ଦିରରେ ଦିଅଁ କହିଲେ ଆମେ ରତ୍ନ ସିଂହାସନରେ ଉପବିଷ୍ଟ ସାତ ଠାକୁର, ଯଥା- **ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ, ଅଗ୍ରପୂଜ୍ୟ ସୁଦର୍ଶନ, ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ (ବିଶ୍ୱଧାତ୍ରୀ ଧରଣୀ)** ଓ **ଶ୍ରୀମାଧବଙ୍କ** ମୂର୍ତ୍ତିମାନଙ୍କୁ ବୁଝିଥାଉ । ମାତ୍ର ଶ୍ରୀମନ୍ଦିର ଭିତରେ ଓ ବେଢ଼ା ମଧ୍ୟରେ ଆହୁରି ଅନେକ ପ୍ରାଚୀନ ଓ ପଥର ନିର୍ମିତ ବିଗ୍ରହ ପୂଜା ପାଇଥା'ନ୍ତି । ଶ୍ରୀମନ୍ଦିରକୁ ପ୍ରବେଶ କରିବା ମାତ୍ରେ ପ୍ରଥମେ, ଅରୁଣ ସ୍ତମ୍ଭରେ ସ୍ଥାପିତ **ଅରୁଣଙ୍କ** ଦର୍ଶନ ପାଇଥାଉ । ବାରିପଦା ହରିବଳଦେବଜିଉ ମନ୍ଦିର ସିଂହଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭା ପାଇଥା'ନ୍ତି ପ୍ରସ୍ତର ନିର୍ମିତ **ଜଟାଧାରୀ ମାର୍କଣ୍ଡ ଋଷି ଏବଂ ହନୁମାନଙ୍କର** ଦୁଇଟି ଭିନ୍ନଭିନ୍ନ ବିଶାଳ ପଥର ମୂର୍ତ୍ତି । ଏହି ଦୁଇ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ଅଛନ୍ତି । ନାଟ ମଣ୍ଡପ ଉପରକୁ ଉଠିବା ମାତ୍ରେ ଦୃଷ୍ଟି ପଡ଼ିବ **ଗରୁଡ଼ଙ୍କ** ଉପରେ । କଳା ମୁଗୁନି ପଥରରେ ନିର୍ମିତ ଗରୁଡ଼ ମୂର୍ତ୍ତିଟି ବେଶ କମନୀୟ । ସ୍ତମ୍ଭ ଉପରେ ଯୋଡ଼ ହସ୍ତରେ ଗରୁଡ଼ ନିର୍ନିମେଷ ନୟନରେ ପ୍ରଭୁ ଜଗନ୍ନାଥଙ୍କ ଆଡକୁ ଚାହିଁ ବସିଥା'ନ୍ତି ।

ନାଟ ମନ୍ଦିରରୁ ଆଡ଼ପମଣ୍ଡପ ଗଲେ ସେଠାରୁ ଭୋଗମଣ୍ଡପକୁ ଦ୍ୱାର । ଏହି ଦ୍ୱାରରେ ଦ୍ୱାରପାଳ

ଏକାଦଶୀ ଢେିନ

ନରସିଂହ

Digitized by srujanika@gmail.com

କାଳିକା

ଦକ୍ଷିଣ କାଳି

ଭାବେ ଦକ୍ଷିଣକୁ **ଗଙ୍ଗା, ଯମୁନା** ଓ ବାମକୁ **ଜୟା, ବିଜୟା**ଙ୍କ ପ୍ରସ୍ତର ମୂର୍ତ୍ତି ଅବସ୍ଥିତ । ଗଙ୍ଗା ମୂର୍ତ୍ତିଟି ହାତୀ ଉପରେ ବସିଥିବାବେଳେ ଯମୁନା କଚ୍ଛପ ଉପରେ ଉପବିଷ୍ଟ ହୋଇଛନ୍ତି । ଦ୍ୱାର ଉପରକୁ ଠିକ୍ ମଧ୍ୟ ଭାଗରେ **ମହାଲକ୍ଷ୍ମୀ**ଙ୍କ ମୂର୍ତ୍ତି ରହିଛି । ଏହାର ଉପରକୁ **ନବଗ୍ରହ ବିଗ୍ରହ** ଅଛି ।

ମନ୍ଦିରର ଦକ୍ଷିଣ ଦ୍ୱାର ହେଉଛି ଅଶ୍ୱ ଦ୍ୱାର, ଉତ୍ତର ଦ୍ୱାର ହସ୍ତୀ ଦ୍ୱାର, ପୂର୍ବ ଦ୍ୱାର ହେଉଛି ସିଂହ ଦ୍ୱାର । ହରିବଳଦେବ ଜିଉଙ୍କର ପଶ୍ଚିମ ଦ୍ୱାର ନାହିଁ ।

ସିଂହ ଦ୍ୱାରର ବାମ ପାର୍ଶ୍ୱକୁ **ଅନନ୍ତ ବାସୁଦେବ**ଙ୍କ ମୂର୍ତ୍ତି ଏବଂ ବଟେଶ୍ୱର ମହାଦେବ। ପୂଜା ପାଆନ୍ତି । ବଟେଶ୍ୱର ମହାଦେବଙ୍କ ନିକଟରେ ପାର୍ବତୀ ମନ୍ଦିର ରହିଛି । ଏହାର ଟିକିଏ ଆଗକୁ କଳା ମୁଗୁନି ପଥରରେ ନିର୍ମିତ ବଂଶୀଧାରୀ **କୃଷ୍ଣ** ଏବଂ ମାର୍ବଲ ପ୍ରସ୍ତରରେ ନିର୍ମିତ **ବଟ ଗଣେଶଙ୍କ** କମନୀୟ ମୂର୍ତ୍ତି ଦେଖିବାକୁ ମିଳିଥାଏ । ଏହାପରେ ପୂଜା ପାଆନ୍ତି **କାଳିକା** । କଳାମୁଗୁନି ପଥରରେ ନିର୍ମିତ ଏହି କାଳିକା ମୂର୍ତ୍ତିଟି ଗଠନ ଦୃଷ୍ଟିରୁ ସବୁଠୁ କମନୀୟ ଏବଂ ଦେବୀ ଦ୍ୱିଭୁଜା । ଦେବୀ କାଳିକା ଗୋଟିଏ ହାତରେ ଖର୍ପର ଏବଂ ଅନ୍ୟ ହାତରେ ରକ୍ତଭରା ପାତ୍ର ଧରି ଉପବିଷ୍ଟ ମୁଦ୍ରାରେ ଶୋଭା ପାଉଛନ୍ତି । ପୁରୀର ବିମଳାଙ୍କ ପରି କାଳିକା ଏଠାରେ ମୁଖ୍ୟ ଅଧିକାରିଣୀ । ଜଗନ୍ନାଥଙ୍କ ପ୍ରସାଦ ମା' କାଳିକାଙ୍କ ନିକଟରେ ପ୍ରତିଦିନ ଲାଗି ହୋଇଥାଏ ।

Digitized by srujanika@gmail.com

ବେଢାକାଳିକାଙ୍କ ପରେ ରହିଛି ହର-ଗୌରୀଙ୍କ ମନ୍ଦିର । ଏଠାରେ ଧଳା ମୁଗୁନି ପଥରରେ ନିର୍ମିତ **ହର-ଗୌରୀ**ଙ୍କ ମୂର୍ତ୍ତି ରହିଛି । ଶିବଙ୍କ କୋଳରେ ପାର୍ବତୀ ବସିଛନ୍ତି । ମନ୍ଦିରର ତିନି ପାର୍ଶ୍ୱରେ ଯଥାକ୍ରମେ **ବରାହ, ନରସିଂହ, ବାମନ**ଙ୍କ ମୂର୍ତ୍ତି ସ୍ଥାପନ ହୋଇଛି । ଏହି ତିନି ମୂର୍ତ୍ତି କଳା ମୁଗୁନି ପଥରରେ ନିର୍ମିତ । ବାମନଙ୍କ ମୂର୍ତ୍ତି ପରେ **ରାମକୃଷ୍ଣ, ସରସ୍ୱତୀ**ଙ୍କ ମୂର୍ତ୍ତି ପ୍ରତିଷ୍ଠିତ । ଏହା ପରେ ଚତୁର୍ଭୁଜ ବିଷ୍ଣୁ ଓ ଲକ୍ଷ୍ମୀ ମନ୍ଦିର ଅଛି । ଏହି **ଚତୁର୍ଭୁଜ ବିଷ୍ଣୁ**ଙ୍କ ମୂର୍ତ୍ତିଟି କଳା ମୁଗୁନି ପଥରରେ ନିର୍ମିତ ଓ ଅତି କମନୀୟ । ଚତୁର୍ଭୁଜ ବିଷ୍ଣୁଙ୍କ ନିକଟରେ **ଲକ୍ଷ୍ମୀ** ଓ **ସରସ୍ୱତୀ**ଙ୍କ ମୂର୍ତ୍ତି ସ୍ଥାନ ପାଇଛି । ଚତୁର୍ଭୁଜ ବିଷ୍ଣୁଙ୍କ ବାମ ହାତ ତଳେ ଲକ୍ଷ୍ମୀ ଏବଂ ଦକ୍ଷିଣ ହାତର ତଳେ ସରସ୍ୱତୀଙ୍କ ମୂର୍ତ୍ତି ଅବସ୍ଥାପିତ ।

ଚତୁର୍ଭୁଜ ବିଷ୍ଣୁ

ମନ୍ଦିରର କାଛରେ କଳାମୁଗୁନି ପଥରରେ ନିର୍ମିତ ଏକ **ହାତୀ (ଗଜ)** ମୂର୍ତ୍ତି ରହିଛି । ଏହି ମୂର୍ତ୍ତିଟି ଗଠନ ଦୃଷ୍ଟିରୁ ବେଶ୍ କମନୀୟ । ମନ୍ଦିର ବେଢାରେ ଏକ ବରାହ ମନ୍ଦିର ଅଛି । ଏଠାରେ **ବରାହ**ଙ୍କର ଏକ ପ୍ରସ୍ତର ନିର୍ମିତ ମୂର୍ତ୍ତି ପୂଜା ପାଆନ୍ତି । ଲକ୍ଷ୍ମୀଙ୍କ ମନ୍ଦିର ନିକଟକୁ **ଲଛମନ ବାଲାଜି**ଙ୍କ ମନ୍ଦିର ଅବସ୍ଥିତ ।

ଲଛମନ ବାଲାଜିଙ୍କ ମନ୍ଦିରର ଉତ୍ତର ପ୍ରାଚୀରକୁ ଅଛନ୍ତି **ବରାହ** । ବରାହଙ୍କ ଅଳ୍ପ ଦୂରରେ ଅଛନ୍ତି ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିର । ତାଙ୍କ ନିକଟକୁ ପୂଜା ପାଉଛନ୍ତି ବିଷ୍ଣୁପାଦ ।

ଚଣ୍ଡୀ (କାଳିକାଙ୍କ ନିକଟରେ ଅବସ୍ଥାପିତ)

Digitized by srujanika@gmail.com

ଚାମୁଣ୍ଡା

ବଟଗଣେଶ

ବରାହ

ଦ୍ୱାରପାଳ (ଜୟା)

ବିଷ୍ଣୁପାଦ ମନ୍ଦିର ପରେପରେ ଶୋଭାପାଉଛନ୍ତି ଅବଲୋକିତେଶ୍ୱର ମହାଦେବ । ପୂର୍ବ ପ୍ରାଚୀରରେ ପୂଜା ପାଉଛନ୍ତି **ରାଧାକୃଷ୍ଣ** ଓ **ଅନନ୍ତ** ମୂର୍ତ୍ତି । ଭୋଗ ମଣ୍ଡପକୁ ଯିବା ରାସ୍ତାରେ ଦ୍ୱାର ଉପରକୁ ଅଛନ୍ତି **ଦକ୍ଷିଣ କାଳିକା (ଦକ୍ଷିଣ କାଳୀ)** । ଏହାବ୍ୟତୀତ ଶ୍ରୀମନ୍ଦିରର ଗର୍ଭଗୃହର ସାମ୍ନା କାଛରେ **ଏକାଦଶୀ (ଜୈନ ମୂର୍ତ୍ତି), ଶ୍ରୀଗଣେଶ** ଓ **ବୁଦ୍ଧ** ପ୍ରମୁଖଙ୍କ ବହୁତ ମୂର୍ତ୍ତି ଶୋଭା ପାଉଛନ୍ତି । ମହାରାଜା ବୈଦ୍ୟନାଥ ଭଞ୍ଜ ବୈଷ୍ଣବ, ଶୈବ, ଶାକ୍ତ, ବୌଦ୍ଧ, ଜୈନ୍ୟ, ଗାଣପତ୍ୟ ଆଦି ସମସ୍ତଙ୍କୁ ମନ୍ଦିରରେ ସ୍ଥାନ ଦେଇ ଏକ ଉତ୍ତମ ସମନ୍ୱୟ ରକ୍ଷା କରିପାରିଛନ୍ତି ।

ବାମନ

ହନୁମାନ

ଦ୍ୱାରପାଳ (ବିଜୟା)

Digitized by srujanika@gmail.com

ଅନନ୍ତ ବାସୁଦେବ

ଦ୍ୱାରପାଳ (ଗଙ୍ଗା)

ବାଣ୍ଠିଆ ଜଗନ୍ନାଥ ମନ୍ଦିର

ବାଣ୍ଠିଆ ଜଗନ୍ନାଥ ମନ୍ଦିର

Digitized by srujanika@gmail.com

ବାରିପଦା ସହରରେ ଥିବା ରାଣୀସତୀ ମନ୍ଦିର

ପୁରୀ ଶ୍ରୀମନ୍ଦିର ଶୈଳୀରେ ବାରିପଦାର ହରିବଳଦେବଜିଉ ମନ୍ଦିର ବ୍ୟତୀତ ଆଉ ଏକ ଛୋଟ ମନ୍ଦିର ରହିଛି । ଏହା ହେଉଛି ବାଣ୍ଡିଆ ଜଗନ୍ନାଥ ମନ୍ଦିର । ଏଠାରେ ହରିବଳଦେବଜିଉ ମନ୍ଦିର ଭଳି ଜଗନ୍ନାଥଙ୍କ ରଥଯାତ୍ରା ଓ ସମସ୍ତ ପ୍ରକାର ରୀତିନୀତି ପାଳିତ ହୋଇଥାଏ । ମହାରାଜା ଶ୍ରୀନାଥ ଭଞ୍ଜଦେଓ (ଖ୍ରୀ.ଅ.୧୮୬୩-ଖ୍ରୀ.ଅ.୧୮୬୮) ଏହି ମନ୍ଦିର ନିର୍ମାଣ କରାଇଥିଲେ । ଏହି ମନ୍ଦିରଟି ମଧ୍ୟ ଉତ୍କଳୀୟ ରେଖ ଓ ପିଢ ମନ୍ଦିର ଶୈଳୀରେ ନିର୍ମିତ ।

ବାରିପଦା ସହରର ମନ୍ଦିରସମୂହ

ବାରିପଦା ସହରଟି ବୁଢାବଳଙ୍ଗ ନଦୀ କୂଳରେ ଅବସ୍ଥିତ । ହରିପୁରଗଡ଼ରୁ ରାଜଧାନୀ ସ୍ଥାନାନ୍ତର

ବାରିପଦା ସହରରେ ଥିବା ଜ୍ୱାଳାମୁଖୀ ମନ୍ଦିର

Digitized by srujanika@gmail.com

ବାରିପଦା ସହରରେ ଥିବା ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ

କରିବା ପରେ ଭଞ୍ଜବଂଶୀ ରାଜା ବାରିପଦାକୁ ମୟୂରଭଞ୍ଜ ରାଜ୍ୟର ପରବର୍ତ୍ତୀ ରାଜଧାନୀ ଭାବେ ବାଛିଥିଲେ । ମାତ୍ର ଏହାର ବହୁ ପୂର୍ବରୁ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ (ଖ୍ରୀ.ଅ.୧୫୫୬-ଖ୍ରୀ.ଅ.୧୬୦୦) ବାରିପଦାଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରି ଏହାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ପ୍ରଦାନ କରିସାରିଥିଲେ । ଜଗନ୍ନାଥ ମନ୍ଦିରକୁ ଭିତ୍ତିକରି ବାରିପଦା ଏକ ଛୋଟ ସହରାଞ୍ଚଳ ଭାବେ ମୁଣ୍ଡ ଟେକି ସାରିଥିଲା । ତେବେ ମହାରାଣୀ ସୁମିତ୍ରା ଭଞ୍ଜ (ଖ୍ରୀ.ଅ.୧୭୯୬-ଖ୍ରୀ.ଅ.୧୮୧୦)ଙ୍କ ସମୟରେ ହରିପୁରରୁ ବାରିପଦାକୁ ରାଜଧାନୀ ସ୍ଥାନାନ୍ତର ହେବାପରେ ବାରିପଦାର ରାଜନୈତିକ ଗୁରୁତ୍ୱ ବୃଦ୍ଧି ପାଇଥିଲା ।

ପ୍ରତ୍ନତତ୍ତ୍ୱବିତ୍ ଏନ୍.ଏନ୍. ବସୁଙ୍କ ମତ ଅନୁଯାୟୀ 'ବାରିପଦା' ସହରଟିର ନାମକରଣ **'ବାଉରିପଦା'** ବା **'ବାଥୁଡ଼ିପଦା'**ରୁ ସୃଷ୍ଟି ହୋଇଛି । ଏଠାରେ ବହୁଳ ଭାବେ ବାଥୁଡ଼ିମାନେ ବସବାସ କରୁଥିବାରୁ ଏହାର ଏଭଳି ନାମକରଣ ହୋଇଛି ବୋଲି ଏନ୍.ଏନ୍.ବସୁ ମତବ୍ୟକ୍ତ କରିଛନ୍ତି । ବସୁ ମହାଶୟଙ୍କ ଏଭଳି ଆକଳନ ବିତର୍କସାପେକ୍ଷ । ଆଉ କିଛି ଗବେଷକଙ୍କ ମତରେ ଏଠାରେ ବହୁ ସଂଖ୍ୟାରେ ନଦୀନାଳ ଥିବାରୁ ଏହା ଜଳମୟ (ବାରିମୟ) ଥିଲା ଏବଂ ବାରିମୟ ଏହି ଅଞ୍ଚଳକୁ ବାରିପଦା ବୋଲି କୁହାଗଲା । ତେବେ ଏସବୁ ମତକୁ ନେଇ ଉଚ୍ଚତର ଅଧ୍ୟୟନର ଆବଶ୍ୟକତା ରହିଛି ।

ବାରିପଦା ସହରଟି ଐତିହାସିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱ ବହନ କରିଥାଏ । ଏହି ସହରରେ ବହୁ ପୁରାତନ ଓ ନୂତନ ମନ୍ଦିର ରହିଛି ଓ ଐତିହ୍ୟପୂର୍ଣ୍ଣ ନିର୍ମାଣମାନ ରହିଛି । **ହରିବଳଦେବଜିଉ**

Digitized by srujanika@gmail.com

ଏବଂ **ବାଣ୍ଡିଆ ଜଗନ୍ନାଥ ମନ୍ଦିର** ବ୍ୟତୀତ ବାରିପଦା ସହରରେ ଆହୁରି ଅନେକ ପ୍ରାଚୀନ ଓ ନୂତନ ମନ୍ଦିର ଅବସ୍ଥିତ ।

ପ୍ରଭୁ ଜଗନ୍ନାଥଙ୍କ ମାଉସୀ ମନ୍ଦିର ବା ଗୁଣ୍ଡିଚା ମନ୍ଦିରଟି **ରାଧାମୋହନ ମନ୍ଦିର** ଭାବେ ଖ୍ୟାତ । ଏହି ମନ୍ଦିରଟି ମା' ଅମ୍ବିକା ମନ୍ଦିର ନିକଟରେ ଅବସ୍ଥିତ । ରଥଯାତ୍ରା ବେଳେ ରାଧାମୋହନ ମନ୍ଦିରଟି ଖୁବ୍ ଚଳଞ୍ଚଳ ହୋଇଥାଏ । ବାରିପଦା ସହରରେ ରହିଛି ଦେବୀ **ଅମ୍ବିକା ମନ୍ଦିର** । ଏହି ପୀଠ ଐତିହାସିକ ଦୃଷ୍ଟିକୋଣରୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥଳ ।

ଏହାବ୍ୟତୀତ ବାରିପଦା ସହରରେ **ଶାରଦା ମନ୍ଦିର**, **ମା' କୀଚକେଶ୍ୱରୀ ମନ୍ଦିର** (ରାଜପ୍ରାସାଦ ପରିସରରେ ଅବସ୍ଥିତ), **ଶୀତଳା ମନ୍ଦିର** (ବଡ଼ବଜାର), **ଜ୍ୱାଳାମୁଖୀ ମନ୍ଦିର** (ରାଜ ପରିବାରର ନିଜସ୍ୱ ମନ୍ଦିର), **ରାଣୀସତୀ ମନ୍ଦିର** (ମଧୁବନ), **ଗୌରାଙ୍ଗ ମନ୍ଦିର**, **ଶିରିଡ଼ିସାଇ ମନ୍ଦିର**, **ସତ୍ୟସାଇ ମନ୍ଦିର**, **ବ୍ରାହ୍ମ ମନ୍ଦିର** (ଏମ୍‌କେସି ହାଇସ୍କୁଲ୍ ନିକଟ), **ବନବିହାରୀ ମନ୍ଦିର** (ତକତପୁର), **ବାରୁଣୀ ଶିବ ମନ୍ଦିର (ବଙ୍ଗୀୟ ଶୈଳୀ)**, **ପାତଭଉଣୀ ମନ୍ଦିର** (ଦେଉଳସାହି), **ଭୈରବ ମନ୍ଦିର**, **କାଳୀ ମନ୍ଦିର** (୧୦ ନମ୍ବର ୱାର୍ଡ), **ରାମ ମନ୍ଦିର** (ବାଘଡ଼ାରୋଡ୍), **ବୁଢ଼ାରାଉଳ ମଠ**, **ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ବିହାର**, **ଦୁର୍ଗାମନ୍ଦିର** (ରଘୁନାଥପୁର), **ଦୁର୍ଗା ମନ୍ଦିର** (ଦେବେନ୍ଦ୍ରପୁର), **ବାଘରୂପୀ ମନ୍ଦିର** (ରକ୍ସି ସିନେମା ହଲ୍ ନିକଟ), **ହରିହର ମନ୍ଦିର** (ରଘୁନାଥପୁର), **ସନ୍ତୋଷୀ ମନ୍ଦିର** (ସହିଦ ପଡ଼ିଆ), **ମଙ୍ଗଳା ମନ୍ଦିର** (ଏମ୍‌କେସି

କୀଚକେଶ୍ୱରୀ ମନ୍ଦିର ଏବଂ ଏହା ସମ୍ମୁଖସ୍ଥ ଚାର୍ମିନାର ଶୈଳୀରେ ନିର୍ମିତ ଗେଟ୍

Digitized by srujanika@gmail.com

ବାରିପଦା ସହରରେ ଥିବା ବ୍ରାହ୍ମ ମନ୍ଦିର

ହାଇସ୍କୁଲ୍ ଓ ପେଟ୍ରୋଲ୍ ପମ୍ପ ନିକଟ), **ରଘୁନାଥଜିଉ ମନ୍ଦିର** (ଦେଉଳସାହି), **ନିଗମାନନ୍ଦ ଆଶ୍ରମ**, **ବାପ୍‌ଟିଷ୍ଟ ଚର୍ଚ୍ଚ** ଆଦି ବହୁ ମନ୍ଦିର ରହିଛି ।

ମା' ଅମ୍ବିକା (ସିଦ୍ଧଦାତ୍ରୀ ବେଶ), ବାରିପଦା

Digitized by srujanika@gmail.com

ଘାଟଭଉଣୀ ମନ୍ଦିର, ଦେଉଳସାହି, ବାରିପଦା

ରଘୁନାଥଜିଉ ମଠ, ଦେଉଳସାହି, ବାରିପଦା

Digitized by srujanika@gmail.com

ବୁଢ଼ା ରାଉଳ ମନ୍ଦିର, ବାରିପଦା

ଭୈରବ ମନ୍ଦିର, ମଧୁବନ, ବାରିପଦା

ମା' ଅମ୍ବିକା ବାରିପଦାର ଅଧିଷ୍ଠାତ୍ରୀ ଦେବୀ । ଭୂୟାଁ ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ଥିଲେ ମା' ଅମ୍ବିକା । ମା' ଅମ୍ବିକାଙ୍କ ମନ୍ଦିର ଯେଉଁଠାରେ ଅବସ୍ଥିତ, ଅତୀତରେ ଏହି ସ୍ଥାନର ନାମ ଥିଲା **'ବଗସାମଲଗଡ଼'** । ଏଠାରେ ମାଟି ନିର୍ମିତ ଏକ ଦୁର୍ଗର ଧ୍ୱଂସାବଶେଷ ଏବେ ବି ଦୃଶ୍ୟମାନ ହୋଇଥାଏ । ଭଞ୍ଜବଂଶୀଙ୍କ ପୂର୍ବରୁ ଭୂୟାଁମାନେ ଏଠାରେ ଶାସନ କରୁଥିଲେ । ଭଞ୍ଜ ରାଜା ଯଦୁନାଥ ଭଞ୍ଜଙ୍କ ଆଦେଶରେ ମା' ଅମ୍ବିକାଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ବାରିପଦାରେ ପ୍ରତିଷ୍ଠିତ ମଠମାନଙ୍କ ମଧ୍ୟରେ **ବୁଢ଼ାରାଉଳ ମଠ** ଅନ୍ୟତମ । ଏଠାରେ **ବୁଢ଼ାବଳଙ୍ଗ, ଚିପଟ** ଓ **ଇଟାଯୋଡ଼ି** ନଦୀର ମିଳନ ଘଟି ଏକ ତ୍ରିବେଣୀଘାଟ ସୃଷ୍ଟି ହୋଇଛି । ଏଠାରେ ବାବା ବୁଢ଼ାରାଉଳ ଶକ୍ତି ରୂପରେ ବିରାଜମାନ କରୁଛନ୍ତି । ବାବା ମହାବୀର ଦାସ ନାମରେ ଜଣେ ସନ୍ଥ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ । ଏଠାରେ ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତି ଅବସରରେ **'ବଳାଙ୍ଗୀ ମହୋତ୍ସବ'**ର ଆୟୋଜନ ହୋଇଥାଏ ।

ଏମ୍‌କେସି ହାଇସ୍କୁଲ୍ ପାଖରେ ଐତିହାସିକ **ବ୍ରାହ୍ମ ମନ୍ଦିର** ଅବସ୍ଥିତ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କଲିକତାରେ ଶିକ୍ଷାଗ୍ରହଣ କରୁଥିବା ସମୟରେ ବ୍ରାହ୍ମ ଧର୍ମ ଦ୍ୱାରା ପ୍ରଭାବିତ ହୋଇ

Digitized by srujanika@gmail.com

ଝିଙ୍ଗିରିବନ୍ଧ, ବାରିପଦା

ସେଠାରେ ଏକ ବ୍ରାହ୍ମ ମନ୍ଦିର ନିର୍ମାଣ କରିଥିଲେ । ନବବିଧାନ ବ୍ରାହ୍ମ ସମାଜର ମୁଖ୍ୟ ସଂଗଠକ ଓ ପୁରୋଧା ବ୍ରହ୍ମାନନ୍ଦ କେଶବଚନ୍ଦ୍ରଙ୍କ କନ୍ୟା ସୁଚାରୁ ଦେବୀଙ୍କ ପ୍ରେମ ଫାଶରେ ଆବଦ୍ଧ ହୋଇ ମହାରାଜା ଶ୍ରୀରାମଚନ୍ଦ୍ର ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ । ବାରିପଦା ସହରର ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ୍ ନିକଟରେ ୨୦ ଗୁଣ୍ଠ ଜମି ଉପରେ ୧୯୦୫ ମସିହାରେ ବ୍ରାହ୍ମ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇ ୧୯୦୬ ମସିହାରେ ଶେଷ ହୋଇଥିଲା । ସେତେବେଳେ ବ୍ରାହ୍ମ ଧର୍ମ ପ୍ରଚାର ଓ

ମୟୂରଭଞ୍ଜ ରାଜାଙ୍କ ସମୟରେ ଚାଲୁଥିବା ପୁରାତନ ରେଳ

Digitized by srujanika@gmail.com

ବାରିପଦା ରେଳ ଷ୍ଟେସନ ସାମ୍ନାରେ ପ୍ରଦର୍ଶିତ ପୁରୁଣା ରେଳ ଇଞ୍ଜିନ୍

ପ୍ରସାର କ୍ଷେତ୍ରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଏହା ସହିତ ବାରିପଦା ସହରର କଲେଜ ରୋଡ୍‌ରେ ଏକ **ମସ୍‌ଜିଦ**, ପ୍ୟାରେଡ ପଡ଼ିଆରେ ଏକ ମସଜିଦ ଏବଂ ଶୂନଗଡ଼ିଆରେ ଦୁଇଟି ମସଜିଦ୍ ରହିଛି । ବାରିପଦା ସହରରେ ରହିଛି ବହୁ ପୁରାତନ **ବାପ୍‌ଟିଷ୍ଟ ଚର୍ଚ୍ଚ** । ଶୂନଗଡ଼ିଆ ଓ ପାଲବଣିଠାରେ ଶିଖ୍ ସଂପ୍ରଦାୟଙ୍କ ଉପାସନାସ୍ଥଳ **ଗୁରୁଦ୍ୱାର** ରହିଛି । ଏହା ସହିତ ବାରିପଦା ସହରରେ ଠାକୁର **ନିଗମାନନ୍ଦଙ୍କ ଆଶ୍ରମ, ସତ୍ୟସାଇ ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ବ୍ରହ୍ମକୁମାରୀ ଈଶ୍ୱରୀୟ ମନ୍ଦିର, ରୁହିଆ ବାବାଙ୍କ ମଠ, ଶ୍ରୀଅରବିନ୍ଦଙ୍କ ମନ୍ଦିର, ରାମକୃଷ୍ଣ ପରମହଂସଙ୍କ ମନ୍ଦିର** ଅବସ୍ଥିତ ।

ବାରିପଦା ସହରର ଐତିହ୍ୟ ନିର୍ମାଣ ଓ ଜଳାଶୟ

ଏମ୍.କେ.ସି ହାଇସ୍କୁଲ, ବାରିପଦା

Digitized by srujanika@gmail.com

ବାରିପଦା କ୍ଲବ୍, ବାରିପଦା

ବାରିପଦା ସହରରେ ବହୁ ସଂଖ୍ୟାରେ ଐତିହ୍ୟପୂର୍ଣ୍ଣ କୋଠା ଓ ପ୍ରାଚୀନ ଅଟ୍ଟାଳିକାମାନ ରହିଛି । ସେଥିମଧ୍ୟରୁ **ବାରିପଦା ରାଜପ୍ରାସାଦ** (ବର୍ତ୍ତମାନର ଏମ୍‌ପିସି ମହାବିଦ୍ୟାଳୟ), **ବେଲଗଡ଼ିଆ ରାଜପ୍ରାସାଦ** (ବର୍ତ୍ତମାନର ମହାରାଜାଙ୍କ ବାସସ୍ଥଳୀ), **ଜୁବୁଲି ଲାଇବ୍ରେରୀ, ଏମ୍‌କେସି ହାଇସ୍କୁଲ୍, ଜୀଚକେଶ୍ୱରୀ ମନ୍ଦିର ଓ ଗେଟ୍, ଜିଲ୍ଲାପାଳଙ୍କ ପ୍ରାଶାସନିକ କାର୍ଯ୍ୟାଳୟ, ଜିଲ୍ଲା ବିଚାରପତିଙ୍କ କୋର୍ଟ, ତକତପୁରସ୍ଥିତ ମହାରାଣୀ ତକତକୁମାରୀଙ୍କ ପ୍ରାସାଦ** (ବର୍ତ୍ତମାନର ନିକୋ ଗେଷ୍ଟ ହାଉସ୍), **ଦେଉଳସାହିରେ ଥିବା**

ବଡ଼ପୋଖରୀ (ଗାନ୍ଧୀ ପାର୍କ ନିକଟ), ବାରିପଦା

Digitized by srujanika@gmail.com

ମହାରାଣୀ ଲକ୍ଷ୍ମୀ କୁମାରୀ ଧର୍ମଶାଳା, ବାରିପଦା

ମହାରାଣୀ ଲକ୍ଷ୍ମୀକୁମାରୀ ଧର୍ମଶାଳା, ସହିଦ ସ୍ମୃତି ଭବନ ଆଦି ଐତିହ୍ୟପୂର୍ଣ୍ଣ କୋଠାଗୁଡ଼ିକର ସଂରକ୍ଷଣ ଜରୁରୀ ହୋଇପଡ଼ିଛି ।

ବାରିପଦା ସହରରେ ଥିବା **ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଇଂରାଜି ବିଦ୍ୟାଳୟ** (ପ୍ରତିଷ୍ଠା ସମୟ : ଖ୍ରୀ.ଅ. ୧୮୮୯) ମଧ୍ୟ ଅନ୍ୟ ଏକ ଐତିହ୍ୟ କୋଠା ଭାବେ ବାରିପଦା ସହରର ଇତିହାସକୁ ସ୍ମରଣ କରିଆସୁଛି । ମୟୂରଭଞ୍ଜରେ ଇଂରାଜି ଶିକ୍ଷାର ବିକାଶ ପାଇଁ ପ୍ରଥମେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ (ଖ୍ୟୀ.ଅ.୧୮୬୮-ଖ୍ରୀ.ଅ.୧୮୮୨) ବାରିପଦାଠାରେ ଏକ ମିଡିଲ୍ ଇଂଲିଶ ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ୧୯୮୯ ମସିହାରେ ଏହି ମିଡିଲ୍ ଇଂଲିଶ ସ୍କୁଲ୍‌କୁ ହାଇସ୍କୁଲ୍‌ରେ ପରିଣତ କରାଗଲା ଏବଂ ଏହାର ନାମ **'ମୟୂରଭଞ୍ଜ ରାଜ୍ ହାଇ ଇଂଲିଶ ସ୍କୁଲ୍'** ରଖାଗଲା । ପରବର୍ତ୍ତୀ କାଳରେ ଏହା 'ବାରିପଦା ହାଇସ୍କୁଲ୍' ଭାବେ ପରିଚିତ ହେଲା ଏବଂ ଶେଷରେ ଏହି ଶିକ୍ଷାନୁଷ୍ଠାନଟିର ନାମ **'ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ୍'** ରଖାଗଲା ।

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ (୧୮୬୮-୧୮୮୨)ଙ୍କ ରାଜତ୍ୱ କାଳରୁ ବାରିପଦାରେ ଆଧୁନିକ ନିର୍ମାଣଯୁଗ ଆରମ୍ଭ ହୋଇଥିଲା । **ବାରିପଦା ରାଜପ୍ରାସାଦ** (ଆଜିର ଏମ୍‌ପିସି ଜୁନିୟର କଲେଜ ତଥା ପୂର୍ବର ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ), **ଥାନା ଘର, ଡାକଘର, ମାଧ୍ୟମିକ ବିଦ୍ୟାଳୟ, ବିଶ୍ରାମାଗାର** ଆଦି କୃଷ୍ଣଚନ୍ଦ୍ରଙ୍କ ସମୟରେ ନିର୍ମିତ ହୋଇଥିଲା ।

Digitized by srujanika@gmail.com

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ (୧୮୮୨-୧୯୧୨) ଖ୍ରୀ.ଅ. ୧୯୦୨ ମସିହାରେ **ରାଣୀବାଗ ଉଦ୍ୟାନ** ପ୍ରତିଷ୍ଠା କରିଥିଲେ । ଏହି ଉଦ୍ୟାନରେ ରାଣୀ ଲକ୍ଷ୍ମୀକୁମାରୀଙ୍କ ମାର୍ବଲ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା । ଏହାବ୍ୟତୀତ **ବାରିପଦା ବୈଷୟିକ ଶିକ୍ଷାକେନ୍ଦ୍ର, ମାଧ୍ୟମିକ ବିଦ୍ୟାଳୟ, ବାରିପଦା ପୌରପାଳିକା ବିଲ୍ଡିଂ, କୁଷ୍ଠନିବାସ (୧୮୯୫), ହାଇସ୍କୁଲ୍ ଛାତ୍ରାବାସ, ଜୁବୁଲି ଲାଇବ୍ରେରୀ, ବ୍ରାହ୍ମ ମନ୍ଦିର, ଗୁଡୁରି ମାର୍କେଟ୍ ସ୍ଥାପନ, ବାରିପଦା ହସ୍ପିଟାଲ୍, ଫ୍ରେଜର ହଷ୍ଟେଲ, ଲେଡ଼ି ଫ୍ରେଜର ବାଳିକା ବିଦ୍ୟାଳୟ (୧୯୦୪)** ଏବଂ ଅନେକଗୁଡ଼ିଏ ଡାକବଙ୍ଗଳା ଶ୍ରୀରାମଚନ୍ଦ୍ରଙ୍କ ସମୟରେ ନିର୍ମିତ ହୋଇଥିଲା ।

ମୟୂରଭଞ୍ଜ ମହାରାଜାଙ୍କ ବେଲଗଡ଼ିଆ କୋଠୀ (ରାଜପ୍ରାସାଦ)

ଖ୍ରୀ.ଅ. ୧୮୯୬ ମସିହାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଛୋଟନାଗପୁରର ରାଜକୁମାରୀ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ । ମହାରାଣୀ ଲକ୍ଷ୍ମୀ କୁମାରୀ **ପୂର୍ଣ୍ଣଚନ୍ଦ୍ର ଓ ପ୍ରତାପଚନ୍ଦ୍ର;** ଦୁଇ ଜଣ ରାଜକୁମାର ଏବଂ ରାଜକୁମାରୀ **ଶ୍ରୀପଦମଞ୍ଜରୀଙ୍କୁ** ଜନ୍ମ ଦେଇଥିଲେ । ମାତ୍ର ୧୯୦୨ ମସିହାରେ ମହାରାଣୀଙ୍କର ପରଲୋକ ହୋଇଯିବା ପରେ ମହାରାଜା ଶ୍ରୀରାମଚନ୍ଦ୍ର ଏକାକୀ ହୋଇପଡ଼ିଥିଲେ । ମହାରାଣୀ ଲକ୍ଷ୍ମୀ କୁମାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ୧୯୦୬ ମସିହାରେ ଦେଉଳପାହିଠାରେ **'ମହାରାଣୀ ଲକ୍ଷ୍ମୀ କୁମାରୀ ଧର୍ମଶାଳା'** ଏବଂ ମଧୁବନଠାରେ ଏକ ବିଶାଳ ପ୍ରମୋଦ ଉଦ୍ୟାନ **'ରାଣୀବାଗ'** ପ୍ରତିଷ୍ଠା କରାଇଥିଲେ । ବୁଢାବଳଙ୍ଗ ନଦୀ କୂଳରେ ପ୍ରତିଷ୍ଠାଲାଭ କରିଥିବା

Digitized by srujanika@gmail.com

ଏହି ରାଣୀବାଗ ମଧ୍ୟରେ ମହାରାଣୀ ଲକ୍ଷ୍ମୀକୁମାରୀ ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ପ୍ରତିମୂର୍ତ୍ତି ଶୋଭାପାଉଛି । ଅତୀତରେ ଏହା ଏକ ବିଶାଳ ପ୍ରମୋଦ ଉଦ୍ୟାନ ଥିଲା । ଏଠାରେ ନାନା ଜାତିର ଫୁଲ ଓ ଫଳର ବୃକ୍ଷମାନ ଥିଲା । ମାତ୍ର ବର୍ତ୍ତମାନ ସମୟରେ ଜବରଦଖଲକାରୀମାନେ ଏହାକୁ କବ୍‌ଜା କରିବା ଏବଂ ରାଜ ପରିବାର ପକ୍ଷରୁ ଉକ୍ତ ଜମିକୁ ଅନ୍ୟମାନଙ୍କୁ ବିକ୍ରି କରିଦେବା ଫଳରେ ପୂର୍ବର ସୁବିସ୍ତୀର୍ଣ୍ଣ ରାଣୀବାଗ ଖୁବ୍ ସଂକୁଚିତ ହୋଇଯାଇଛି । ଏବେ ଏହାର ଅସ୍ତିତ୍ୱ ନାହିଁ କହିଲେ ଚଳେ ।

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୯୧୨ରୁ ଖ୍ରୀ.ଅ.୧୯୨୮)ଙ୍କ ସମୟରେ ଏମ୍‌ପିସି ହାଇସ୍କୁଲ ଓ ବସ୍ ଷ୍ଟାଣ୍ଡ ନିର୍ମିତ ହୋଇଥିଲେ । ବାରିପଦା ସହରର ଡିଏଫ୍‌ଓ ଅଫିସ ପାର୍ଶ୍ୱରେ ଏକ ଶ୍ୱେତ ମନ୍ଦିର ରହିଛି ଯାହାର ନାମ **ପୂର୍ଣ୍ଣଚନ୍ଦ୍ର ସ୍ମୃତି ମନ୍ଦିର** । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ୧୯୨୮ ମସିହା ଏପ୍ରିଲ୍ ୨୧ ତାରିଖରେ ମହାରାଷ୍ଟ୍ରର ମୁମ୍ବାଇଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାବେଳେ ଧନୁଷ୍ଟଙ୍କାର ରୋଗରେ ଆକ୍ରାନ୍ତ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ସ୍ୱର୍ଗାରୋହଣ ପରେ ତାଙ୍କ ପତ୍ନୀ ତଥା ମହାରାଣୀ ତକତ କୁମାରୀ **'ପୂର୍ଣ୍ଣଚନ୍ଦ୍ର ସ୍ମୃତି ମନ୍ଦିର'** ଓ **'ପୂର୍ଣ୍ଣଚନ୍ଦ୍ର ଶିକ୍ଷା ସଦନ'** ୧୯୨୮ ମସିହା ପରେ ନିର୍ମାଣ କରାଇଥିଲେ ।

ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୯୨୮-ଖ୍ରୀ.ଅ.୧୯୪୮)ଙ୍କ ସମୟରେ **ଶିକ୍ଷା ଓ ବୈଷୟିକ**

ବାରିପଦା ପୌରପାଳିକା କାର୍ଯ୍ୟାଳୟ

Digitized by srujanika@gmail.com

ପ୍ରଶିକ୍ଷଣ କେନ୍ଦ୍ର, ବିଶ୍ରାମ ଭବନ, ଉଚ୍ଚ ନ୍ୟାୟାଳୟ, ସେକ୍ରେଟେରିଏଟ୍ ପରିଷଦ ଗୃହ (ବର୍ତ୍ତମାନର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କୋର୍ଟ), **ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ, ରାଜପ୍ରାସାଦରେ ଥିବା ସନ୍ତରଣ କକ୍ଷ, ବାରିପଦା କ୍ଲବ୍ (୧୯୩୮)** ଆଦି ନିର୍ମିତ ହୋଇଥିଲା ।

ମୟୂରଭଞ୍ଜ ସେକ୍ରେଟେରିଏଟ୍ ଓ ଉଚ୍ଚ ନ୍ୟାୟାଳୟ ସୌଧ ଦୁଇଟିରେ ବିଶାଳ ଗୋଲ୍ ଗମ୍ବୁଜ ରହିଛି । ଏହାକୁ କଲିକତାର 'ମାର୍ଟିନ୍ ଆଣ୍ଡ ବର୍ଣ୍ଣ୍' ନାମକ ସୌଧ ନିର୍ମାଣକାରୀ ସଂସ୍ଥା ନିର୍ମାଣ କରାଇଥିଲେ । ଏହି ସୌଧର ବହିଃ ପ୍ରାଙ୍ଗଣରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ପୂର୍ଣ୍ଣାବୟବ ମାର୍ବଲ ପ୍ରସ୍ତର ନିର୍ମିତ ପ୍ରତିମୂର୍ତ୍ତିମାନ ସ୍ଥାପିତ ହୋଇଥିଲା ।

ସେହିଭଳି ବାରିପଦା ସହରରେ ରାଜାରାଜୁଡ଼ା ଅମଳର ବହୁ ଐତିହାସିକ ଓ ଐତିହ୍ୟପୂର୍ଣ୍ଣ ପୁଷ୍କରିଣୀ ଓ ହ୍ରଦମାନ ରହିଛି । **ବଡ଼ପୋଖରୀ, ଚାପଲ ପୋଖରୀ, ହେମସାଗର ପୋଖରୀ, ଷ୍ଟେସନବଜାର ବନ୍ଧ, ଝିଞ୍ଜିରିବନ୍ଧ, ଡକତପୁରର ରାଣୀବନ୍ଧ, ମାତା ପୋଖରୀ (ରାଜପ୍ରାସାଦ ନିକଟ), ମୁନ୍‌ସି ବନ୍ଧ (ମୁର୍ଗୀବାଡ଼ି ନିକଟ)** ଆଦି ବହୁ ବଡ଼ବଡ଼ ଜଳାଶୟ ବାରିପଦାର ଇତିହାସର ଗାରିମା ବହନ କରିଥାନ୍ତି ।

ବାରିପଦା ସହରର ଭଞ୍ଜପୁରଠାରେ **'ବାଘ ଘର'** ନାମରେ ଏକ କ୍ଷୁଦ୍ର କୋଠା ରହିଛି । ଏହାର ପାଚେରୀ ଓ ମୁଖ୍ୟଦ୍ୱାର ଖୁବ୍ ଶକ୍ତିଶାଳୀ ଏବଂ ପାଚେରୀ ଉପରେ ଲୁହାବାଡ଼ ରହିଛି । ଏହି ଘରେ ମହାବଳ ବାଘ ରହୁଥିଲେ । ରଥଯାତ୍ରା ସମୟରେ ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ ଏଠାକୁ ବାଘ ଦେଖିବାକୁ ଆସୁଥିଲେ । ମୟୂରଭଞ୍ଜ ରାଜାଙ୍କର ସୈନ୍ୟବାହିନୀରେ ପ୍ରଶିକ୍ଷଣ ପାଇଥିବା ବାଘ ଓ ହାତୀମାନଙ୍କୁ ସାମିଲ୍ କରାଯାଉଥିଲା ବୋଲି ଶୁଣିବାକୁ ମିଳେ । ବାଘମାନଙ୍କୁ ଏହି ଘରେ ରଖାଯାଉଥିବାରୁ ଏହା ବାଘ ଘର ଏବଂ ଏହି ଗଳି 'ବାଘଘର ଗଳି' ନାମରେ ପରିଚିତ ।

ଐତିହ୍ୟ ପାଠାଗାର : ଜୁବୁଲି ଲାଇବ୍ରେରି

ରାଜ୍ୟବାସୀଙ୍କୁ ପୁସ୍ତକ ଅଧ୍ୟୟନର ସୁଯୋଗ ଯୋଗେଇଦେବା ଉଦ୍ଦେଶ୍ୟରେ ୧୮୯୮ ମସିହାରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ 'ଭିକ୍ଟୋରିଆ ଡାଇମଣ୍ଡ ଜୁବୁଲି ଲାଇବ୍ରେରି' ପ୍ରତିଷ୍ଠା କରିଥିଲେ । କାଳକ୍ରମେ ଏହା ଜୁବୁଲି ଲାଇବ୍ରେରି ନାମରେ ପ୍ରସିଦ୍ଧ ହୋଇଥିଲା । ଦେଶ ସ୍ୱାଧୀନତା ପରେ ଏହା 'ଶ୍ରୀରାମଚନ୍ଦ୍ର ପାଠାଗାର' ନାମରେ ଖ୍ୟାତ ହୋଇଛି । ମାତ୍ର ଦିଲ୍ଲୀରୁ ପଲ୍ଲୀ ଯାଏ ସମସ୍ତେ ଏହାକୁ 'ଜୁବୁଲି ଲାଇବ୍ରେରୀ' ଭାବେ ଜାଣନ୍ତି ।

ଦେଢ ଏକର ଜମି ଉପରେ ଏବଂ ବାରିପଦା ସହରର କେନ୍ଦ୍ର ସ୍ଥଳରେ ଥିବା ଏହି ସୁଦୃଶ୍ୟ ପାଠାଗାରରେ ୧୯୧୧ ମସିହାରେ ନଗେନ୍ଦ୍ର ନାଥ ବସୁଙ୍କ ଲିଖିତ 'ଆର୍କିଓଲୋଜିକାଲ୍ ସର୍ଭେ ଅଫ୍ ମୟୂରଭଞ୍ଜ' ଭଳି ବିରଳ ପୁସ୍ତକଠାରୁ ଆରମ୍ଭ କରି ଲକ୍ଷାଧିକ ପ୍ରାଚୀନ ପୁସ୍ତକ ଓ ବିରଳ ପୋଥିମାନ

Digitized by srujanika@gmail.com

ଜୁବୁଲି ଲାଇବ୍ରେରୀ (ଶ୍ରୀରାମଚନ୍ଦ୍ର ପାଠାଗାର), ବାରିପଦା

ରହିଛି । ଏହି ବିଶାଳ ଅଟ୍ଟାଳିକା ନିର୍ମାଣ ପାଇଁ ସେତେବେଳେ ମୟୂରଭଞ୍ଜ ମହାରାଜା ଲଣ୍ଡନରୁ ସ୍ୱତନ୍ତ୍ର ଆର୍କିଟେକ୍‌ଚର ଆଣିଥିଲେ ଏବଂ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ପ୍ରାୟ ତିନିବର୍ଷ ଲାଗିଯାଇଥିଲା । ରକ୍ଷଣାବେକ୍ଷଣ ଅଭାବରୁ ବହୁ ପ୍ରାଚୀନ ପୋଥି ଓ ମୂଲ୍ୟବାନ ପୁସ୍ତକ ପୋକ ଖାଇ ନଷ୍ଟ ହୋଇଗଲାଣି । ଅନେକ ବିରଳ ପୋଥି ଓ ପୁସ୍ତକ ମଧ୍ୟ ଏଠାରୁ ଉଭାନ୍ ହୋଇଗଲେଣି । ସୋମବାର ବ୍ୟତୀତ ଅନ୍ୟସବୁ ଦିନେ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାଠାଗାର ଖୋଲା ରହିଥାଏ ।

ଏମ୍‌ପିସି ମହାବିଦ୍ୟାଳୟ (ବାରିପଦା ରାଜପ୍ରାସାଦ) ଓ ବେଲଗଡ଼ିଆ ରାଜବାଟୀ

ବାରିପଦା ରାଜବାଟି ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟସ୍ଥଳ । ଭଞ୍ଜବଂଶୀଙ୍କ ରାଜଧାନୀ ହରିପୁରଗଡ଼ରୁ ଉଠି ଆସିବା ପରେ ବାରିପଦାଠାରେ ନୂତନ ରାଜଧାନୀ ପ୍ରତିଷ୍ଠା ହୋଇଥିଲା । ମୟୂରଭଞ୍ଜର ଏହି ରାଜବାଟୀ ଏବେ ଏମ୍‌ପିସି ଜୁନିୟର ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରୁଛି । ପୂର୍ବରୁ ଏଠାରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ କାର୍ଯ୍ୟ କରୁଥିଲା ।

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ (ଖ୍ରୀ.ଅ.୧୮୬୮-ଖ୍ରୀ.ଅ.୧୮୮୨)ଙ୍କ ସମୟରେ ମୟୂରଭଞ୍ଜ ରାଜ୍ୟରେ ବ୍ୟାପକ ଶାସନ ସଂସ୍କାର ଆରମ୍ଭ ହୋଇଥିଲା । ସେ ବାରିପଦାରେ ନୂଆକରି ରାଜପ୍ରାସାଦ ନିର୍ମାଣ କରିଥିଲେ ।

Digitized by srujanika@gmail.com

ଏମ୍.ପି.ସି. ଜୁନିୟର ମହାବିଦ୍ୟାଳୟ (ପୁରାତନ ବାରିପଦା ରାଜପ୍ରାସାଦ)

ରାଜପ୍ରାସାଦକୁ ତିନି ଭାଗରେ ବିଭକ୍ତ କରାଯାଇଛି । ପ୍ରଥମ ଭାଗରେ ଅତିଥିମାନଙ୍କର ପ୍ରକୋଷ୍ଠ, ସନ୍ତରଣସ୍ଥଳୀ, କର୍ମଚାରୀଙ୍କ ଅଫିସ, ରାଜଦରବାର ଓ ଶୀତତାପନିୟନ୍ତ୍ରିତ ଗୃହ ଥିଲା । ଦ୍ୱିତୀୟ ଭାଗରେ ରାଜାଙ୍କ କାର୍ଯ୍ୟାଳୟ, ରାଜାଙ୍କ ଶୟନ କକ୍ଷ, ଡାଇନିଂ ହଲ୍, ବୈଠକଖାନା (ଡ୍ରଇଂରୁମ୍) ଓ ଛଉନୃତ୍ୟ ମଣ୍ଡପ ଥିବାବେଳେ ତୃତୀୟ ଭାଗଟି ଥିଲା ରାଣୀମହଲ । ଏହି ରାଣୀମହଲଟି ବୁଢାବଳଙ୍ଗ ନଦୀ ପର୍ଯ୍ୟନ୍ତ ଲମ୍ବିଥିଲା । ଏହା ପରେ ରାଜକୀୟ ଅତିଥି ନିବାସ ପାଇଁ ବେଲଗଡ଼ିଆଠାରେ ଏକ ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରାଯାଇଥିଲା । ଏବେ ଏହା ବର୍ତ୍ତମାନର ରାଜାଙ୍କ ପ୍ରାସାଦ ପାଲଟିଛି । ଏହାକୁ **'ବେଲଗଡ଼ିଆ କୋଠି'** ବୋଲି କୁହାଯାଏ । ମୟୂରଭଞ୍ଜର ଶେଷ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଦୀପ ଚନ୍ଦ୍ର ଭଞ୍ଜଙ୍କର ଗତ ୨୦୦୦ ମସିହା ସେପ୍ଟେମ୍ବର ୧୬ ତାରିଖରେ ଏହି ବେଲଗଡ଼ିଆ ରାଜବାଟୀରେ ମୃତ୍ୟୁ ହୋଇଥିବାରୁ ଏହାର ପରବର୍ତ୍ତୀ ରାଜବଂଶୀମାନେ ଏଠାରେ (ବେଲଗଡ଼ିଆ କୋଠି)ରେ ରହିଆସୁଛନ୍ତି । ବର୍ତ୍ତମାନର ରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏଠାରେ ଅବସ୍ଥାନ କରୁଛନ୍ତି । ଏହି କୋଠିଟି ବେଶ୍ ଆକର୍ଷଣୀୟ ଓ ସୁନ୍ଦର କାରୁକାର୍ଯ୍ୟଭରା ହୋଇଥିବାରୁ ବାରିପଦା ସହରର ଏହା ଏକ ଅନ୍ୟତମ ଐତିହ୍ୟସ୍ଥଳୀ ଭାବେ ଗଣାଯାଇଥାଏ । ରାଣୀମହଲରୁ ବେଲଗଡ଼ିଆ ରାଜାପ୍ରାସାଦ ପର୍ଯ୍ୟନ୍ତ ଏକ ସୁଦୀର୍ଘ ସୁଡ଼ଙ୍ଗ ଥିଲା । ୧୯୭୩ ବନ୍ୟାରେ ଏହି ସୁଡ଼ଙ୍ଗ ପୋତିହୋଇ ନଷ୍ଟ ହୋଇଯାଇଛି । ବାରିପଦା ରାଜପ୍ରାସାଦର ଡାହାଣପଟେ **ସିଂହେଶ୍ୱର** ଓ ପଛପଟେ **ମା' କୀଚକେଶ୍ୱରୀଙ୍କ ମନ୍ଦିର** ରହିଛି । ପୁରୁଣା ରାଜପ୍ରାସାଦରେ ଥିବା କୁଳଦେବୀ **ମା' ମଙ୍ଗଳାଙ୍କୁ** ପରେ ବେଲଗଡ଼ିଆ ବାଟିରେ ସ୍ଥାପନ କରାଯାଇଛି । ରାଜପ୍ରସାଦ ମଧ୍ୟରେ **ଲକ୍ଷ୍ମୀ-ନାରାୟଣ ମନ୍ଦିର** ଅବସ୍ଥିତ ।

Digitized by srujanika@gmail.com

ଉତ୍କଳମଣି ସ୍ମାରକୀ, ବାରିପଦା ପୌରପାଳିକା ଓ କୀଚକେଶ୍ୱରୀ ମନ୍ଦିର ଫାଟକ

ବାରିପଦା ସହରର ବଡ଼ଦାଣ୍ଡରେ ଥିବା ପୁରୁଣା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାୟ ପଛପାଖକୁ ଚାଲିଗଲେ ଏକ ସୁଦୃଶ୍ୟ ତୋରଣ ଆପଣ ଦେଖିବାକୁ ପାଇବେ । ହାଇଦ୍ରାବାଦର ଚାର୍‌ମିନାର ଶୈଳୀରେ ନିର୍ମିତ ଏହି ତୋରଣଟି ବାରିପଦା ଭଞ୍ଜ ରାଜବଂଶର ଆଉ ଏକ ପ୍ରାଚୀନ କୀର୍ତ୍ତୀ । ଏହି ତୋରଣଟି ପ୍ରକୃତରେ ବାରିପଦା ରାଜପ୍ରାସାଦ ମଧ୍ୟରେ ଥିବା ଭଞ୍ଜବଂଶୀଙ୍କ କୁଳଦେବୀ ମା' କୀଚକେଶ୍ୱରୀ ମନ୍ଦିରର ଉତ୍ତର ଫାଟକ ଥିଲା । ଦୂରକୁ ଏହା ଏକ ଗେଟ୍ ଭଳି ଦୃଶ୍ୟମାନ ହେଉଥିଲେ ବି ଏହାର ଉପର ମହଲାରେ ଦୁଇଟି ବିଶାଳ କୋଠରୀ ରହିଛି । ଆଉ ଏହି ତୋରଣ ମଧ୍ୟରେ ବାରିପଦାର ପ୍ରଥମ ପୌରପାଳିକା ଅଫିସ କାର୍ଯ୍ୟ କରୁଥିଲା ।

ବିଂଶ ଶତାବ୍ଦୀର ପ୍ରଥମ ଦଶକ ବେଳକୁ ସମଗ୍ର ଭାରତବର୍ଷରେ ବାରିପଦା ସହରଟି ଏକ 'ଏ' ଗ୍ରେଡ୍‌ର ଛୋଟ ସହର ଭାବେ ଲୋକପ୍ରିୟତା ଅର୍ଜନ କରିସାରିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଉଦ୍ୟମରେ ଏହି ସହରରେ କୋର୍ଟ, କଚେରୀ, ଲାଇବ୍ରେରୀ, ରାଜବାଟୀ, ସେକ୍ରେଟେରିଏଟ୍ ଓ ଅଫିସରଙ୍କ ନିବାସସ୍ଥଳମାନ ନିର୍ମିତ ହୋଇ ସାରିଥିଲା । ସୁଦୃଶ୍ୟ ଅଟ୍ଟାଳିକାପୂର୍ଣ୍ଣ ବାରିପଦା ସହରଟି ସେତେବେଳେ ଇଂରେଜ ଶାସକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା । ଇଂରେଜ ସରକାରଙ୍କ ଦ୍ୱାରା ଦେଶରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଲାଗୁହେବା ପରେ ୧୯୦୫ ମସିହାରେ ବାରିପଦା

କୀଚକେଶ୍ୱରୀ ମନ୍ଦିର, ବାରିପଦା

Digitized by srujanika@gmail.com

ହେମସାଗର ପୁଷ୍କରିଣୀ, ବାରିପଦା

ପୌରପାଳିକା ସ୍ଥାପିତ ହେଲା । ରାଜବାଟୀ ମଧ୍ୟରେ ଥିବା କୀଚକେଶ୍ୱରୀ ମନ୍ଦିରର ଏହି ଚାର୍‌ମିନାର ଗେଟ୍ ମଧ୍ୟରେ ଥିବା କୋଠୀରେ ପୌରପାଳିକାର ପ୍ରଥମ ଅଫିସ ଚାଲିଲା । ୧୯୧୦ ମସିହାରୁ ୧୯୧୨ ମସିହା ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ମୟୂରଭଞ୍ଜ ରାଜ୍ୟର ସରକାରୀ ଓକିଲ ନିଯୁକ୍ତ ପାଇଥିଲେ । ଆଇନ୍ କ୍ଷେତ୍ରରେ ଗୋପବନ୍ଧୁଙ୍କ ପାରଦର୍ଶିତା ଲକ୍ଷ୍ୟ କରି ମହାରାଜା ଶ୍ରୀରାମଚନ୍ଦ୍ର ତାଙ୍କୁ **ଷ୍ଟେଟ୍ କାଉନ୍‌ସିଲ**ର ସଦସ୍ୟ ଭାବେ ମନୋନୀତ କରିଥିଲେ । ୧୯୧୧ ମସିହାରେ ମହାରାଜା ଗୋପବନ୍ଧୁଙ୍କୁ ବାରିପଦା ପୌରପାଳିକାର ଉପ ନଗରପାଳ ଭାବେ ନିଯୁକ୍ତ ଦେଇଥିଲେ । ସେତେବେଳେ ନଗରପାଳ ଭାବେ ଲାଲ୍ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେଓ ଅବସ୍ଥାପିତ ଥିଲେ ।

୧୯୦୫ ମସିହାରୁ ୧୯୧୭ ମସିହା ପର୍ଯ୍ୟନ୍ତ ବାରିପଦା ପୌରପାଳିକା ମା' କୀଚକେଶ୍ୱରୀ ମନ୍ଦିରର ଏହି ତୋରଣରେ ଚାଲିଥିଲା । ଏହାପରେ ପୌରପାଳିକା କାର୍ଯ୍ୟାଳୟଟି ବର୍ତ୍ତମାନର କୋଠାକୁ ସ୍ଥାନାନ୍ତରିତ ହୋଇଥିଲା ।

ବାରିପଦା ସହରର ଲାଲ୍ ବଜାରରେ ରହିଛି ଉତ୍କଳମଣିଙ୍କ ବାସଭବନ ଯାହାର ନାଁ **'ଉତ୍କଳମଣି ସ୍ମାରକୀ'** । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଉତ୍କଳମଣିଙ୍କ ରହଣି ନିମନ୍ତେ ୪୧ ଡିସିମିଲି ଜାଗା ସହିତ ଏହି କୋଠା ନିର୍ମାଣ କରି ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏଠାରେ ଉତ୍କଳମଣି ଗୋପବନ୍ଧୁ ଦାସ ଅବସ୍ଥାନ କରୁଥିଲେ । ଏହି କୋଠାଟି ୧୮୯୨ ମସିହାରେ ନିର୍ମାଣ ହୋଇଥିଲା । ୧୯୮୨

Digitized by srujanika@gmail.com

ମସିହାରେ ତତ୍‌କାଳୀନ ମୟୂରଭଞ୍ଜ ଜିଲ୍ଲାପାଳ ଧୀରେନ୍ଦ୍ରନାଥ ପାଢ଼ୀ ଏହି କୋଠାକୁ 'ଉତ୍କଳମଣି ସ୍ମାରକୀ' ଭାବେ ଘୋଷଣା କରିବା ସହ ଏହାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ । ମାତ୍ର ଏହା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ।

ମହାରାଣୀ ତକତକୁମାରୀଙ୍କ 'ରାଣୀମହଲ' ଓ 'ରାଣୀବନ୍ଧ'

ବାରିପଦା ସହର ଉପକଣ୍ଠ ତକତପୁରଠାରେ ଥିବା ଐତିହାସିକ ରାଣୀମହଲ ଓ ରାଣୀବନ୍ଧ ଦେଖିବାକୁ ବାରିପଦା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥା'ନ୍ତି । ପ୍ରାୟ ୧୦୦ ଏକର ପରିମିତ ଅଞ୍ଚଳରେ ଗଢ଼ି ଉଠିଥିବା ଇତିହାସ ପ୍ରସିଦ୍ଧ ଏହି ରାଣୀମହଲ ଓ ରାଣୀ ପୁଷ୍କରିଣୀ ମୟୂରଭଞ୍ଜ ରାଜବଂଶର ଅନ୍ୟତମ ପ୍ରମୁଖ କାରୁକୀର୍ତ୍ତି ଭାବେ ଜଣାଶୁଣା । ଏଠାରେ ଥିବା ପୁଷ୍କରିଣୀର କ୍ଷେତ୍ରଫଳ ପ୍ରାୟ ୩୦ ଏକର ଜମି ଉପରେ ସୃଷ୍ଟି ହୋଇଛି । ଏତେ ବିଶାଳ ପୁଷ୍କରିଣୀ କୌଣସି ଏକ ହ୍ରଦର ଭ୍ରମ ସୃଷ୍ଟି କରିଥାଏ । ମାତ୍ର ଏବେ ବିଶାଳ ପୁଷ୍କରିଣୀଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ପରିତ୍ୟକ୍ତ ହୋଇପଡ଼ିଛି । ୧୯୩୫ ମସିହାରେ ମହାରାଣୀ ତକତ କୁମାରୀ କୁନ୍‌ବେରଓ୍ୱାଙ୍କ ଦ୍ୱାରା ଏହି 'ରାଣୀ ମହଲ' ନିର୍ମାଣ କରାଯିବା ସହ ପୁଷ୍କରିଣୀ ଖନନ କରାଯାଇଥିଲା । ଏହା ସାଙ୍ଗକୁ ମହାରାଣୀଙ୍କ ଦ୍ୱାରା ଏକ ବିଷ୍ଣୁ ମନ୍ଦିର (ଗୌରାଙ୍ଗ ମନ୍ଦିର) ମଧ୍ୟ ନିର୍ମାଣ କରାଯାଇଥିଲା । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପରଲୋକ ପରେ ତାଙ୍କ ବିଧବା ପତ୍ନୀ ମହାରାଣୀ ତକତ କୁମାରୀ ବାରିପଦାର ମୁଖ୍ୟ ରାଜପ୍ରାସାଦ ଛାଡ଼ି ଏଠାରେ ଏକ ରାଣୀ ମହଲ ନିର୍ମାଣ କରିଥିଲେ ।

ରାଣୀବନ୍ଧ, ବାରିପଦା

Digitized by srujanika@gmail.com

ରାଣୀବନ୍ଧ, ବାରିପଦା

ମହାରାଣୀ ତକତ କୁନ୍‌ବେରଓ୍ୱା ନେପାଳ ରାଜ୍ୟର ରାଜକୁମାରୀ ଥିଲେ । ସେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପାଣି ଗ୍ରହଣ କରିଥିଲେ । ମହାରାଣୀ ତକତ କୁମାରୀ ଯେତେବେଳେ ଏହି ମହଲ ନିର୍ମାଣ କରିଥିଲେ, ସେତେବେଳେ ମୟୂରଭଞ୍ଜର ମହାରାଜା ଥିଲେ ତକତକୁମାରୀଙ୍କ ଦିଅର ତଥା ପୂର୍ଣ୍ଣଚନ୍ଦ୍ରଙ୍କ ସାନଭାଇ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ । ମହଲ ପରିସରରେ ରାଣୀ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର

ଏମ୍.ପି.ସି କନିଷ୍ଠ ମହାବିଦ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର

Digitized by srujanika@gmail.com

ଭଞ୍ଜଦେଓଙ୍କର ଏକ କଳାମୁଗୁନି ପଥର ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ । ଏଠାରେ ରାଣୀମହଲ ନିର୍ମାଣ କରି ଶେଷ ଜୀବନ ବିତାଇଥିଲେ । ରାଣୀମହଲ ପରିସରରେ ଥିବା ବିଶାଳ ଜଙ୍ଗଲ ଏବେ ପକ୍ଷୀଙ୍କ ବାସସ୍ଥଳୀ ଭାବେ ସୁନାମ ଅର୍ଜନ କରିଛି । ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ରାଜକୀୟ ସ୍ମାରକୀକୁ ରାଜପରିବାର ପକ୍ଷରୁ 'ନିକୋ କେବୁଲ୍' ସଂସ୍ଥାକୁ ୯୯ ବର୍ଷିଆ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି । ରାଣୀ ମହଲ ମଧ୍ୟରେ ପାଖାପାଖି ୧୦ଟି ବଡ଼ବଡ଼ କୋଠରୀ ରହିଛି । ଏହାକୁ ନିକୋ କଂପାନୀ କର୍ତ୍ତୃପକ୍ଷ ପୁନର୍ନିର୍ମାଣ କରି ୫ଟି ଭିଆଇପି ସୁଟ୍ ପ୍ରତିଷ୍ଠା କରିପାରିଥିଲା । ଏହା ମଧ୍ୟରେ ଏକ ଛୋଟିଆ ପାର୍କ ମଧ୍ୟ ନିର୍ମାଣ କରିଥିଲା ।

ବାରିପଦାରେ ରେଳ ସେବା

ପୁରୁଣା ବାଷ୍ପଚାଳିତ ରେଳ ଇଞ୍ଜିନ୍ 'ଜେଡ଼ି-୨୭'

ପାଲବଣି ଗୋଲେଇ ଦେଇ ବାରିପଦା ସହର ଭିତରକୁ ପଶୁପଶୁ ବାରିପଦା ରେଳ ଷ୍ଟେସନ ସାମ୍ନାରେ

ମୟୂରଭଞ୍ଜ ରାଜଶାସନ କାଳରେ ଚାଲୁଥିବା ପୁରୁଣା ରେଳ ଇଞ୍ଜିନ

Digitized by srujanika@gmail.com

ପ୍ରଦର୍ଶିତ ହୋଇଥିବା ଏକ ପୁରୁଣାକାଳିଆ ରେଳ ଇଞ୍ଜିନ୍ ଉପରେ ଆପଣଙ୍କର ନଜର ନିଶ୍ଚୟ ଅଟକିବ । ଏହି ରେଳ ଇଞ୍ଜିନ୍‌ଟି ମୟୂରଭଞ୍ଜ ମହାରାଜାଙ୍କର ଅନେକ ବିରଳ ସ୍ମୃତିମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ଏକ ବାଷ୍ପଚାଳିତ ଇଞ୍ଜିନ୍ ଥିଲା । ଏହି ଇଞ୍ଜିନ୍‌ର ନମ୍ବର ହେଉଛି ଜେଡ଼ି-୨୭ । ଅନେକ ଅଭୁଲା ସ୍ମୃତି ଓ ଇତିହାସକୁ ଜାବୁଡ଼ି ଧରି ଏବେ ବି ଦଣ୍ଡାୟମାନ ଏହି ଜେଡ଼ି-୨୭ ।

ଜେଡ଼ି-୨୭ ସହିତ ମୟୂରଭଞ୍ଜ ମହାରାଜାଙ୍କର ଏକ ଭାବଗତ ସଂପର୍କ ରହିଛି । ଏଣୁ ଏହାକୁ ବାରିପଦା ରେଳ ଷ୍ଟେସନ ସାମ୍ନାରେ ସାଧାରଣ ଦର୍ଶକ ଓ ଯାତ୍ରୀଙ୍କ ନିମନ୍ତେ ପ୍ରଦର୍ଶିତ କରାଯାଇଛି । ଓଡ଼ିଶାରେ ପ୍ରଥମେ ମୟୂରଭଞ୍ଜ ମହାରାଜାଙ୍କ ଉଦ୍ୟମରେ ରେଳପଥ ସଂଯୋଗ କାର୍ଯ୍ୟ ଆରମ୍ଭ

ଉତ୍ତର ଓଡ଼ିଶାର ସର୍ବବୃହତ୍: ନୂତନ ରୂପରେ ସଜେଇ ହୋଇଛି ବାରିପଦା ସହରର 'ଜୁବୁଲି ପାର୍କ'

ହୋଇଥିଲା ବୋଲି ଇତିହାସରେ ଉଲ୍ଲେଖ ରହିଛି । ଏହାପରେ ପାରଳା ମହାରାଜାଙ୍କ ଉଦ୍ୟମରେ ରାୟଗଡ଼ା ଜିଲ୍ଲାର ଗୁଣୁପୁର-ନୌପଡ଼ା ରେଳପଥ ସଂଯୋଗ ହୋଇଥିଲା । ସମଗ୍ର ଭାରତବର୍ଷରେ ଖଡ଼ଗପୁର ଭଳି କେତୋଟି ସ୍ଥାନକୁ ଛାଡ଼ିଲେ ଓଡ଼ିଶାରେ ପ୍ରଥମେ 'ରୂପ୍‌ସା-ବାରିପଦା-ତାଳବନ୍ଧ' ନ୍ୟାରୋ ଗେଜ୍ ରେଳପଥ ଆରମ୍ଭ ହୋଇଥିଲା । ନିଜସ୍ୱ ଉଦ୍ୟମରେ ଏବଂ ନିଜରାଜ୍ୟ ରାଜକୋଷର ପାଣ୍ଠି ବିନିଯୋଗ କରି ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମୟୂରଭଞ୍ଜରେ ରେଳସେବାର ଶୁଭାରମ୍ଭ କରିଥିଲେ । ଏଥିପାଇଁ ରାଜକୋଷରୁ ୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ୧୯୦୪ ମସିହାରେ ପ୍ରଥମେ ରୂପ୍‌ସା-ବାରିପଦା-ତାଳବନ୍ଧ ରେଳପଥ ନିର୍ମାଣ ହୋଇଥିଲା । ଏହାକୁ ସେତେବେଳର ବେଙ୍ଗଲ ଲେପ୍‌ନାଣ୍ଟ ଗଭର୍ଣ୍ଣର ଜେନେରାଲ୍ ସାର୍ ଆଣ୍ଡ୍ରୁ ଫ୍ରେଜର ଉଦ୍‌ଘାଟନ କରିଥିଲେ । ଏହା ସେତେବେଳର ଓଡ଼ିଶା ଇତିହାସର ଏକ ବହୁତ ବଡ଼ ଘଟଣା ଥିଲା ।

Digitized by srujanika@gmail.com

୧୯୦୪ ମସିହାରେ ପ୍ରଥମେ ନ୍ୟାରୋଗେଜ୍ ରେଳପଥ ନିର୍ମାଣ କରାଯିବା ସହିତ ପିଏଲ୍ କ୍ଲାସ୍ ବାଷ୍ପଚାଳିତ ଇଞ୍ଜିନ୍ ଚାଲିଥିଲା । ଏଥିରେ ଉଭୟ ଯାତ୍ରୀ ସହିତ ମାଲ୍ ପରିବହନ ହେଉଥିଲା । ମୟୂରଭଞ୍ଜର ପ୍ରଜାମାନେ ରେଳଯୋଗେ ବାରିପଦା ମୁଖ୍ୟ କାର୍ଯ୍ୟାଳୟରୁ ବାଙ୍ଗିରିପୋଷି ଓ ବାଲେଶ୍ୱରର ରୂପ୍‌ସା ପର୍ଯ୍ୟନ୍ତ ଯାତାୟତ କରୁଥିଲେ । ସେତେବେଳେ ବାଙ୍ଗିରିପୋଷି ଓ ତାଳବନ୍ଧ ଅଞ୍ଚଳରୁ ପ୍ରଚୁର ମାତ୍ରାରେ ମୂଲ୍ୟବାନ କାଠ ରେଳଯୋଗେ ପରିବହନ କରାଯାଉଥିଲା । ପୁରୀ ଶ୍ରୀଜଗନ୍ନାଥ ରଥ ନିର୍ମାଣ ନିମନ୍ତେ ମୟୂରଭଞ୍ଜ ରାଜ୍ୟରୁ କାଠ ଯାଉଥିଲା । ସବୁଠୁ ବଡ଼ କଥା ହେଉଛି, ସେତେବେଳର ଷ୍ଟିମ୍ ଇଞ୍ଜିନ୍‌ରେ କୋଇଲା ବଦଳରେ କାଠକୁ ଜାଳେଣୀ ରୂପେ ବ୍ୟବହାର କରାଯାଉଥିଲା । ପରେ କୋଇଲା ଇଞ୍ଜିନ୍ ଚାଲିଲା । ଏଭଳି ବ୍ୟବସ୍ଥା ୧୯୭୫ ମସିହା ପର୍ଯ୍ୟନ୍ତ ଚାଲିଥିଲା ।

୧୯୭୫ ପରେ 'ପିଏଲ୍ କ୍ଲାସ୍'ରୁ 'ସିସି କ୍ଲାସ୍' ଇଞ୍ଜିନ୍ କାର୍ଯ୍ୟକ୍ଷମ ହେଲା ଏବଂ ବାରିପଦାରୁ ତାଳବନ୍ଧ ରେଳ ଲାଇନ୍ ସଂପ୍ରସାରିତ ହୋଇ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଚାଲିଲା । ୧୯୯୨ ମସିହା ବେଳକୁ ରୂପ୍‌ସା-ବାଙ୍ଗିରିପୋଷି ରେଳ ଲାଇନ୍‌ରେ ଚଳାଚଳ କରୁଥିବା ରେଳ ଇଞ୍ଜିନ୍ ଷ୍ଟିମ୍ ଇଞ୍ଜିନରୁ ଡିଜେଲ୍ ଇଞ୍ଜିନ୍ (ଜେଡ଼ି ଇଞ୍ଜିନ୍)ରେ ପରିବର୍ତ୍ତିତ ହୋଇଥିଲା ଏବଂ ୨୦୦୬ ମସିହା ଡିସେମ୍ବର ୨୯ ତାରିଖରେ ବାରିପଦାରେ ନ୍ୟାରୋ ଗେଜ୍ ଯୁଗର ପରିସମାପ୍ତି ଘଟି ବ୍ରଡ୍‌ଗେଜର ଶୁଭାରମ୍ଭ ହୋଇଥିଲା ।

ଓଡ଼ିଶାର ଦୁଇ ପ୍ରାଚୀନ ସଂଗ୍ରହାଳୟ

୧. ବାରିପଦା ମ୍ୟୁଜିୟମ୍

ବାରିପଦା ସଂଗ୍ରହାଳୟ ରାଜ୍ୟର ସର୍ବପୁରାତନ ସଂଗ୍ରହାଳୟ ଭାବେ ଜଣାଶୁଣା । ମହାରାଜା ଶ୍ରୀରାମଚନ୍ଦ୍ର

ମାରିଚି

କାର୍ତ୍ତିକେୟ

ଗରୁଡ଼

Digitized by srujanika@gmail.com

ତାନ୍ତ୍ରିକ

ଉମା ମହେଶ୍ୱର

କୀଚକ

ଭଞ୍ଜଙ୍କ ରାଜତ୍ୱ କାଳରେ ୧୯୦୩ ମସିହାରେ ବାରିପଦାଠାରେ ପ୍ରଥମକରି ଏକ ସଂଗ୍ରହାଳୟ ପ୍ରତିଷ୍ଠାଲାଭ କରିଥିଲା ।

ବାରିପଦା ସଂଗ୍ରହାଳୟଟି ମୟୂରଭଞ୍ଜ ଜିଲ୍ଲା ସଂସ୍କୃତି ବିଭାଗ ଅଧୀନରେ ପରିଚାଳିତ ହେଉଥିବାବେଳେ ଖିଚିଂଠାରେ ଥିବା ସଂଗ୍ରହାଳୟଟି କେନ୍ଦୁଝର ଜିଲ୍ଲା ସଂସ୍କୃତି ବିଭାଗ ଅଧୀନରେ ରହିଛି ।

୧୯୦୩ ମସିହାରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାରିପଦା ସଂଗ୍ରହାଳୟ ସ୍ଥାପିତ ହୋଇଥିଲା । ପ୍ରଥମେ ଏହା ଜୁବୁଲି ଲାଇବ୍ରେରୀ ପରିସରରେ ଆରମ୍ଭ ହୋଇଥିଲା । ମୟୂରଭଞ୍ଜ ରାଜ୍ୟ ଭାରତରେ ମିଶ୍ରଣ ପର୍ଯ୍ୟନ୍ତ ଏହା ତତ୍କାଳୀନ ମହାରାଜାଙ୍କ ପ୍ରତ୍ନତତ୍ତ୍ୱ ବିଭାଗ

ମହାବୀର ଜୈନ

ଉମା ମହେଶ୍ୱର

ମହିଷାମର୍ଦ୍ଦିନୀ ଦୁର୍ଗା

ଉମା ମହେଶ୍ୱର

Digitized by srujanika@gmail.com

ବୁଦ୍ଧ   ଅଜୈକପାଦ ଭୈରବ   ଅବଲୋକିତେଶ୍ୱର   ନାଗ

ଗରୁଡ଼ ଓ ପଦ୍ମାସନ

ଦ୍ୱାରବନ୍ଧ

Digitized by srujanika@gmail.com

ତାମ୍ର ଅନୁଶାସନ

ବିଷ୍ଣୁ

ଭୈରବ



ତାମ୍ର ଅନୁଶାସନ

ପ୍ରସ୍ତର ଯୁଗର ସାମଗ୍ରୀ

Digitized by srujanika@gmail.com

ଭଗ୍ନ ମୂର୍ତ୍ତିସମୂହ

ବରାହ

ସତୀ

Digitized by srujanika@gmail.com

ଦ୍ୱାରା ପରିଚାଳିତ ହେଉଥିଲା । କାଳକ୍ରମେ ବାରିପଦା ସଂଗ୍ରହାଳୟର ପରିସର ବୃଦ୍ଧି ପାଇବାରୁ ଏହାକୁ ଜିଲ୍ଲା ସଂସ୍କୃତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଐତିହାସିକ ଦୃଷ୍ଟିରୁ ମୟୁରଭଞ୍ଜର ଜିଲ୍ଲା ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଏହି ଜିଲ୍ଲାର ଖିଚିଂ, ହରିପୁରଗଡ଼, କଇଁସାରି, ପେଡ଼ାଗଡ଼ି, ଉଦଳା, ଅଗରିଆ, ରାଣୀବନ୍ଧ, ବୈଦ୍ୟପୁର, ବଡ଼ସାହି, କୁଆମରା, ଭୁଭୁଆ, ବାରିପଦା, ଭଞ୍ଜକିଆ, ବିରାଟଗଡ଼, ଆଦିପୁରଗଡ଼, ଟେଣ୍ଟେଳା, ଗୁଡୁଗୁଡିଆ, ଖାନୁଆ, ଖୁଣ୍ଟା, ବାଘୁଆପାଳ, କୁଳିଅଣା, ନରହରିପୁର, ଡୁକୁରା, ଇନ୍ଦିପୁର, ଚିତ୍ରଡ଼ା, ବାଘଡ଼ା, କୁଚେଇ, ଯଶୀପୁର, ବାମନଘାଟି ଆଦି ସ୍ଥାନରୁ ବହୁ ସଂଖ୍ୟାରେ ପ୍ରାଚୀନ ଭାସ୍କର୍ଯ୍ୟକଳା, ପ୍ରସ୍ତର ନିର୍ମିତ ମୂର୍ତ୍ତି, ଶିଳାଲେଖ, ତମ୍ବାପଟ୍ଟା, ମୁଦ୍ରା ଆଦି ବହୁ ପ୍ରାଚୀନ କୀର୍ତ୍ତିରାଜି ଉଦ୍ଧାର କରାଯାଇ ପ୍ରଥମେ ବାରିପଦା ସଂଗ୍ରହାଳୟରେ ରଖାଯାଇଥିଲା । ପରେ ଖିଚିଂ ସଂଗ୍ରହାଳୟରେ ରଖାଯାଇଥିଲା । ମାତ୍ର ଏହି ଦୁଇଟି ସଂଗ୍ରହାଳୟରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିବାରୁ ଅଧିକାଂଶ ମୂର୍ତ୍ତିକୁ ରାଜ୍ୟ ସଂଗ୍ରହାଳୟକୁ ସ୍ଥାନାନ୍ତର କରାଯାଇଛି ।

ଆଜିର ଦିନରେ ବାରିପଦା ସଂଗ୍ରହାଳୟରେ ୫୧ଟି ଭାସ୍କର୍ଯ୍ୟ କଳାକୃତୀ, ୫୧୪ଟି ମୁଦ୍ରା (ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର), ୨୨ଟି ତାମ୍ରଫଳକ, ୨୮୬ଟି ପୁରାତନ ପ୍ରସ୍ତର ଯୁଗର କଳାକୃତୀ, ୧୮୩ଟି ନୂତନ ପ୍ରସ୍ତର ଯୁଗର କଳାକୃତୀ ସମେତ ଟେରାକୋଟା, ଖଣିଜ ପଦାର୍ଥ, ତାଳପତ୍ର ପୋଥି, ରାଜାଙ୍କର ପୋଷାକ, ହାତହତିଆର, ସିଂହାସନ, ବାସନକୁସନ, ତୋପ, କମାଣ ଆଦି ରହିଛି ।

୨. ଖିଚିଂ ସଂଗ୍ରହାଳୟ

ବାରିପଦା ସଂଗ୍ରହାଳୟ ପ୍ରତିଷ୍ଠା ପରେ ୧୯୨୮ ମସିହାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ଖିଚିଂଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଥିଲା । ଖିଚିଂ ସଂଗ୍ରହାଳୟରେ ଦୁଇଟି ବିଶାଳ କୋଠରୀ ରହିଛି ଏବଂ ଏହି ଦୁଇଟି କୋଠରୀରେ ପାଖାପାଖି ୩୦୦ରୁ ଊର୍ଦ୍ଧ୍ୱ ପ୍ରାଚୀନ ମୂର୍ତ୍ତି, ଭାସ୍କର୍ଯ୍ୟ କଳାକୃତୀ, ମୁଦ୍ରା, ତାମ୍ର ଫଳକ, ପ୍ରସ୍ତର ଯୁଗର ଅଂଶବିଶେଷ, ହାତହତିଆର, ଟେରାକୋଟା, ଖଣିଜ ପଦାର୍ଥ, ତାଳପତ୍ର ପୋଥି ଆଦି ରହିଛି । ଖିଚିଂ ସଂଗ୍ରହାଳୟରେ ଥିବା ପ୍ରମୁଖ ପ୍ରାଚୀନ ମୂର୍ତ୍ତିଗୁଡ଼ିକର ତାଲିକା ନିମ୍ନରେ ଦିଆଗଲା-

୧. ଉପାସିକା
୨. ସିଂହବାହିନୀ ଦୁର୍ଗା
୩. ବିଷ୍ଣୁ
୪. ସୂର୍ଯ୍ୟ
୫. ଗଜ, ସିଂହ ଉପରେ ଉପବିଷ୍ଟ ନାଗକନ୍ୟା
୬. ଜୈନ ତୀର୍ଥଙ୍କର

Digitized by srujanika@gmail.com

୭. ବୁଦ୍ଧ (ଭଗ୍ନ ଅବସ୍ଥା)
୮. ସୂର୍ଯ୍ୟ
୯. ଧ୍ୟାନୀ ବୁଦ୍ଧ (ଭୂମି ସ୍ପର୍ଶ ମୁଦ୍ରା)
୧୦. ଅର୍ଦ୍ଧନାରୀଶ୍ୱର
୧୧. ଦକ୍ଷିଣାବର୍ତ୍ତ ଗଣେଶ (ତନ୍ତ୍ର ଗଣେଶ)
୧୨. ଚଣ୍ଡ
୧୩. ହର (ଶିବ)
୧୪. ପ୍ରଚଣ୍ଡ
୧୫. ବିଷ୍ଣୁ ମନ୍ଦିରର ଚକ୍ର
୧୬. ନରସିଂହ
୧୭. ପାର୍ବତୀ
୧୮. ଅର୍ଦ୍ଧନାରୀଶ୍ୱର
୧୯. ମହିଷାମର୍ଦ୍ଦିନୀ ଦୁର୍ଗା
୨୦. ଅବଲୋକିତେଶ୍ୱର (ବୁଦ୍ଧ)
୨୧. ଗଣେଶ (ବାମାବର୍ତ୍ତ)
୨୨. ମନ୍ଦିରର ଭଗ୍ନାଂଶ
୨୩. ସୂର୍ଯ୍ୟ
୨୪. ଶିବାନୀ (ସପ୍ତମାତୃକା)
୨୫. ବୈଷ୍ଣବୀ (ସପ୍ତମାତୃକା)
୨୬. ବ୍ରହ୍ମାଣୀ (ସପ୍ତମାତୃକା, ୩ ମସ୍ତକ, ଚତୁର୍ଭୁଜା)
୨୭. ପାର୍ବତୀ
୨୮. ଦେବୀ ମୂର୍ତ୍ତି
୨୯. ମନ୍ଦିର ଦ୍ୱାର
୩୦. ଉମା-ମହେଶ୍ୱର (ଭାଇବୋହୂ-ଦେଢ଼ଶୁର)
୩୧. ଶିବ-ପାର୍ବତୀ
୩୨. ପାର୍ଶ୍ୱନାଥ (ଜୈନ ତୀର୍ଥଙ୍କର)
୩୩. ପାର୍ଶ୍ୱନାଥ (ଜୈନ ତୀର୍ଥଙ୍କର)

Digitized by srujanika@gmail.com

କାର୍ତ୍ତିକେୟ

ଜୈନ ତୀର୍ଥଙ୍କର

ଦର୍ପଣ ଧାରିଣୀ କନ୍ୟା

ଦ୍ୱାରପାଳ ଗଙ୍ଗା

ଦର୍ପଣଧାରିଣୀ କନ୍ୟା

ଧ୍ୟାନି ବୁଦ୍ଧ

Digitized by srujanika@gmail.com

ଗଣେଶ

ଚଣ୍ଡ

ସିଂହବାହିନୀ ଦୁର୍ଗା

ଅର୍ଦ୍ଧନାରୀଶ୍ୱର

ଉପାସିକା

ବୃକ୍ଷଦେବୀ

Digitized by srujanika@gmail.com

ଶିବାନୀ (ରୁଦ୍ରାଣୀ)

ମନ୍ଦିରର ଅଂଶବିଶେଷ

ଖିଚିଂର କୀଚକେଶ୍ୱରୀ ମନ୍ଦିର

ନାଗ

ବୈଷ୍ଣବୀ

ବୃଷଙ୍କ ଭଗ୍ନ ମୂର୍ତ୍ତି

Digitized by srujanika@gmail.com

ନରସିଂହ

ପାର୍ଶ୍ୱନାଥ

ଉପାସିକା

ଉପାସିକା

ମାରିଚି

ହାତୀ ପିଠିରେ ଉପବିଷ୍ଟ
ରାଜା ରାଣୀ ଭଞ୍ଜ

Digitized by srujanika@gmail.com

ବୁଦ୍ଧଦେବୀ ତାରା

ଭୈରବ

ଗଜ ସିଂହ ଉପରେ
ନାଗ କନ୍ୟା

ବ୍ରହ୍ମା

ମହିଷାମର୍ଦ୍ଦିନୀ ଦୁର୍ଗା

ପାର୍ବତୀ

Digitized by srujanika@gmail.com

ଦ୍ୱାରବନ୍ଧ

ମନ୍ଦିରର ଭଗ୍ନାବଶେଷ

ବୁଦ୍ଧଙ୍କ ଭୂମି ସ୍ପର୍ଶ ମୁଦ୍ରା (ଭଗ୍ନ ଅବସ୍ଥାରେ)

ଇନ୍ଦ୍ର

ଦ୍ୱାରବନ୍ଧ

ଶ୍ରୀଗଣେଶ

ତ୍ରିମୁଖୀ ବ୍ରାହ୍ମଣୀ

ନଟରାଜ (ମନ୍ଦିର ସାମ୍ନା ଦ୍ୱାର)

ଅବଲୋକିତେଶ୍ୱର

ଉମା ମହେଶ୍ୱର

Digitized by srujanika@gmail.com

ଶିବ

ସୂର୍ଯ୍ୟ

ମହିଷାମର୍ଦ୍ଦିନୀ ଦୁର୍ଗା

ଶିବ-ପାର୍ବତୀ

ବିଷ୍ଣୁ

ସୂର୍ଯ୍ୟ

Digitized by srujanika@gmail.com

ଗଣେଶ

ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ

ବୃକ୍ଷଦେବୀ

ସୂର୍ଯ୍ୟ

ଚଣ୍ଡ

ପାର୍ଶ୍ୱନାଥ

Digitized by srujanika@gmail.com

କୀଚକେଶ୍ୱରୀ ମନ୍ଦିର ଗାତ୍ରରେ ଅଶ୍ଳୀଳ ମୂର୍ତ୍ତି

କୀଚକେଶ୍ୱରୀ ମନ୍ଦିର ଗାତ୍ରରେ ଅଶ୍ଳୀଳ ମୂର୍ତ୍ତି

କୀଚକେଶ୍ୱରୀ ମନ୍ଦିର ଗାତ୍ରରେ ଅଶ୍ଳୀଳ ମୂର୍ତ୍ତି

Digitized by srujanika@gmail.com

ବିରାଟଗଡ଼ର ଭଗ୍ନାବଶେଷ

ଖିଚିଂରୁ ସଂଗୃହୀତ ପ୍ରାଚୀନ ଲୌହ ଉପକରଣ ଓ ଅସ୍ତ୍ରଶସ୍ତ୍ର

Digitized by srujanika@gmail.com

୩୪. ବୁଦ୍ଧ (ଭୂମିସ୍ପର୍ଶ)

୩୫. ନାଗ ମୂର୍ତ୍ତି (ସପ୍ତଫେଣି)

୩୬. ତନ୍ତ୍ରଦେବୀ

୩୭. ଉପାସିକା

୩୮. ପାର୍ଶ୍ୱନାଥ (ଜୈନ ତୀର୍ଥଙ୍କର)

୩୯. ଧ୍ୟାନୀ ବୁଦ୍ଧ

୪୦. ମନ୍ଦିରର ଭଗ୍ନାଂଶ

୪୧. ବୌଦ୍ଧଦେବୀ ତାରା

୪୨. ମହିଷାମର୍ଦ୍ଦିନୀ ଦୁର୍ଗା

୪୩. ଇନ୍ଦ୍ର

୪୪. ଶତାଧିକ କନ୍ୟା ମୂର୍ତ୍ତି

ଏହାବ୍ୟତୀତ କୀଚକେଶ୍ୱରୀଙ୍କ ମନ୍ଦିରରେ ପୂଜା ପାଆନ୍ତି ମା' କୀଚକେଶ୍ୱରୀ । କୀଚକେଶ୍ୱରୀଙ୍କ ମୂର୍ତ୍ତି ଏକ ଚାମୁଣ୍ଡା ମୂର୍ତ୍ତି ଏବଂ ଏହା ଅଷ୍ଟଭୁଜା । ଏହି ମୂର୍ତ୍ତିଟି ଭୀଷଣ ଭୟଙ୍କର । ମନ୍ଦିର ଗାତ୍ରରେ ବହୁ ସଂଖ୍ୟାରେ ପ୍ରାଚୀନ ଓ ବିରଳ ମୂର୍ତ୍ତିମାନ ଶୋଭା ପାଇଥାଏ । ସେଗୁଡ଼ିକର

ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା

ପାର୍ବତୀ

ବିଷ୍ଣୁ ମନ୍ଦିର ଚକ୍ର

Digitized by srujanika@gmail.com

ଅଳସୀ କନ୍ୟା ମୂର୍ତ୍ତିସମୂହ

ତାଲିକା ପ୍ରଦାନ କରାଗଲା-

୧. ଗଙ୍ଗା (ମଗର ବାହନ)

୨. ଯମୁନା (କଇଁଛ ବାହନ)

୩. ଅଶ୍ଳୀଳ ମୂର୍ତ୍ତି (ବହୁ ସଂଖ୍ୟାରେ, ମନ୍ଦିର ଗାତ୍ରରେ)

୪. ଅଷ୍ଟଭୁଜା ମହିଷାମର୍ଦ୍ଦିନୀ

୫. ଗଜ, ସିଂହ ଉପରେ ବସିଥିବା ନାଗକନ୍ୟା

୬. କାର୍ତ୍ତୀକ

୭. ହାତୀ ପିଠିରେ ବସିଥିବା ରାଜା (ରଣ ଭଞ୍ଜ)

୮. ଗଣେଶ (ଅଷ୍ଟଭୁଜା, ନୃତ୍ୟରତ)

୯. ନଟରାଜ (ମନ୍ଦିରର ସମ୍ମୁଖ ଭାଗରେ ଏବଂ ଉପରେ ଅବସ୍ଥିତ)

୧୦. ଉପାସିକା

ଖିଚିଂରୁ ବହୁ ପରିମାଣରେ ବୌଦ୍ଧ ଓ ଜୈନମୂର୍ତ୍ତି ମିଳିଥିବାବେଳେ ସଂଗ୍ରହାଳୟର ଅବ୍ୟବସ୍ଥା କାରଣରୁ ଏଗୁଡ଼ିକୁ ପ୍ରଦର୍ଶିତ କରାଯାଇ ପାରୁନାହିଁ । ଖିଚିଂ ସଂଗ୍ରହାଳୟରେ ଥିବା ଦୁର୍ଗା, ଗଣେଶ, ପାର୍ଶ୍ୱନାଥ,

ଅଳସୀ କନ୍ୟା

Digitized by srujanika@gmail.com

ଅବଲୋକିତେଶ୍ୱର, ଧ୍ୟାନୀ ବୁଦ୍ଧ, ବୌଦ୍ଧଦେବୀ ତାରା, ପାର୍ବତୀ, ଅର୍ଦ୍ଧନାରୀଶ୍ୱର, ବୈଷ୍ଣବୀ, ନନ୍ଦୀ, କାର୍ତ୍ତିକେୟ, ମହିଷାମର୍ଦ୍ଦିନୀ ଦୁର୍ଗା, ଉମା-ମହେଶ୍ୱରଙ୍କର ବିଶାଳ ପ୍ରସ୍ତର ମୂର୍ତ୍ତିଗୁଡ଼ିକ ଖୁବ୍ କମନୀୟ । ଏହାବ୍ୟତୀତ ପ୍ରାଚୀନ କାଳର ବହୁ ବିରଳ ତମ୍ବା ମୁଦ୍ରା, ଲୌହ ଉପକରଣ, ଧାତୁ ନିର୍ମିତ ଅଳଙ୍କାର, ମାଟି ନିର୍ମିତ ଉପକରଣ, ପ୍ରସ୍ତର ଯୁଗର ଉପକରଣ ଏବଂ ମନ୍ଦିରର ଭଗ୍ନ ଅଂଶବିଶେଷଗୁଡ଼ିକୁ ମଧ୍ୟ ଖିଚିଂ ସଂଗ୍ରହାଳୟରେ ସଂରକ୍ଷିତ ରଖାଯାଇଛି ।

ଖିଚିଂର କିଚକେଶ୍ୱରୀ ଓ କୁଟେଇତୁଣ୍ଡି ମନ୍ଦିର

ଧ୍ୱଂସପ୍ରାପ୍ତ ବିରାଟଗଡ଼ ଓ କୀଚକଗଡ଼

ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକ୍‌ର ଖିଚିଂଠାରେ ଥିବା କଳା ମୁଗୁନି ପଥର ନିର୍ମିତ **ମା' କିଚକେଶ୍ୱରୀଙ୍କ**

ଖିଚିଂସ୍ଥିତ ମା' କିଚକେଶ୍ୱରୀ ମନ୍ଦିର

Digitized by srujanika@gmail.com

କଳା ମୁଗୁନି ପଥରରେ ନିର୍ମିତ କୀଚକେଶ୍ୱରୀ ମନ୍ଦିରର ଆକର୍ଷଣୀୟ ଖୋଦେଇ କାମ

ମନ୍ଦିର ସମଗ୍ର ରାଜ୍ୟର ଏକ ପ୍ରମୁଖ ଆକର୍ଷଣୀୟ ମନ୍ଦିର ଭାବେ ଜଣାଶୁଣା । ଏଠାରେ ଥିବା ଦେବୀ କିଚକେଶ୍ୱରୀଙ୍କ ପୁରୁଣା ମନ୍ଦିରଟି ନବମ-ଦଶମ ଶତାବ୍ଦୀ ମଧ୍ୟରେ ଭଞ୍ଜ ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥାଇପାରେ ବୋଲି ଅନୁମାନ କରାଯାଏ । ମାତ୍ର ପୁରୁଣା ମନ୍ଦିରଟି କୌଣସି କାରଣରୁ ଧ୍ୱଂସ ପାଇଯିବାରୁ ତତ୍କାଳୀନ ମୟୂରଭଞ୍ଜ ରାଜାଙ୍କ ଦ୍ୱାରା ବିଂଶ ଶତାବ୍ଦୀର ଆରଂଭରେ ଏହାର ପୁନର୍ନିର୍ମାଣ କରାଯାଇଥିଲା । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅର୍ଥାତ୍ **୧୯୩୪ ମସିହାରେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ** ପୁରୁଣା ତଥା ଧ୍ୱଂସ ପାଇଯାଇଥିବା ମନ୍ଦିରକୁ ସଂପୂର୍ଣ୍ଣ ଭାଙ୍ଗି ଏଠାରେ ନୂତନ ଭାବେ ମନ୍ଦିର ନିର୍ମାଣ କରିଥିଲେ । ଉଲ୍ଲେଖନୀୟ କଥା ହେଉଛି, ନୂଆ ମନ୍ଦିରରେ ପୁରୁଣା ମନ୍ଦିରର ସମସ୍ତ ଅଂଶବିଶେଷ ଓ ମୂର୍ତ୍ତି ବ୍ୟବହାର କରାଯାଇଛି । ଏଥିରେ କୌଣସି ନୂତନ ନିର୍ମାଣ କିମ୍ବା ମୂର୍ତ୍ତି ସ୍ଥାପନ କରାଯାଇନାହିଁ ।

ଦିଲ୍ଲୀର ସୁଲ୍ତାନ୍ ଫିରୋଜ ଶାହ ତୋଗଲକ୍ ୧୩୬୦-୬୧ ଖିଚିଂକୋଟ ଉପରେ ଆକ୍ରମଣ କରିଥିବାରୁ ସଂଭବତଃ ମନ୍ଦିର ସମେତ ଖିଚିଂର ଭଞ୍ଜରାଜବଂଶର ବିରାଟଗଡ଼ ଓ କୀଚକଗଡ଼ ଧ୍ୱଂସ ପାଇଯାଇଥାଇପାରେ ବୋଲି ଅନୁମାନ କରାଯାଉଛି ।

ଖିଚିଂଠାରେ ଦୁଇଟି ଭଗ୍ନ ଓ ଧ୍ୱଂସପ୍ରାପ୍ତ ରାଜଦୁର୍ଗ ବା ଗଡ଼ **(ବିରାଟଗଡ଼ ଓ କୀଚକଗଡ଼)**ର ଧ୍ୱଂସାବଶେଷ ଦେଖିବାକୁ ମିଳିଥାଏ । ଖିଚିଂର ବିରାଟଗଡ଼ ଓ କୀଚକଗଡ଼ ଭଳି ଏହାର ସନ୍ନିକଟ

Digitized by srujanika@gmail.com

ବେଣୀସାଗର (ବର୍ତ୍ତମାନ ପଶ୍ଚିମ ସିଂହଭୂମି ଜିଲ୍ଲାରେ ଅବସ୍ଥିତ)ଠାରେ ମଧ୍ୟ ଦୁଇଟି ଗଡ଼ର ଅବଶେଷ ରହିଛି । ଏଠାରେ **କେସ୍‌ନାଗଡ଼** ଓ **ରୁଆମଗଡ଼** ନାମରେ ଦୁଇଟି ଦୁର୍ଗ ନବମ-ଦଶମ ଶତାବ୍ଦୀ ବେଳକୁ ଗଢିଉଠିଥିଲା ବୋଲି ଇତିହାସରେ ଉଲ୍ଲେଖ ରହିଛି । ଖିଚିଂକୋଟରୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଅବଶେଷ ଭାବରେ ତିନିଗୋଟି ପ୍ରାଚୀନ ମନ୍ଦିର, ଦୁଇଗୋଟି ପ୍ରାଚୀନ ଦୁର୍ଗ (ବିରାଟଗଡ଼ ଓ କୀଚକଗଡ଼), ୪୦ ଗୋଟି ପ୍ରାଚୀନ ପୁଷ୍କରିଣୀ, ବହୁ ସଂଖ୍ୟାରେ ପ୍ରାଚୀନ ମୂର୍ତ୍ତି, ବୁଦ୍ଧ ଓ ଜୈନ ଦେବଦେବୀଙ୍କ ମୂର୍ତ୍ତି, ଶିଳାଲିପି, ତାମ୍ରଲେଖ, କୁଶାଣ ଓ ଗୁପ୍ତ ଯୁଗର ତମ୍ବା ମୁଦ୍ରା ଓ ଅନ୍ୟାନ୍ୟ ଅବଶେଷ ଏବଂ ନିକଟସ୍ଥ ବେଣୀସାଗର ପ୍ରତ୍ନତାତ୍ତ୍ୱିକ ଅବଶେଷସମୂହ ଏଠାକାର ପ୍ରାଚୀନ ନଗର ସଭ୍ୟତା ସଂପର୍କରେ ଅନେକ ଧାରଣା ପ୍ରଦାନ କରିଥାଏ । ଖିଚିଂଠାରେ ଥିବା ସଂଗ୍ରହାଳୟରେ

ଖିଚିଂ : କୁଟେଇତୁଣ୍ଡି ମନ୍ଦିର

Digitized by srujanika@gmail.com

ପ୍ରାଚୀନ ନଗର ସଭ୍ୟତାର ଅନେକ ଧ୍ୱଂସାବଶେଷ, ପ୍ରାଚୀନ ମୂର୍ତ୍ତି ଓ ଅନ୍ୟାନ୍ୟ ଅବଶେଷ ସଂଗୃହୀତ ହୋଇରହିଛି । ବିରାଟଗଡ଼ଟି ଖିଚିଂ ମଣ୍ଡଳର ଅଧୀନସ୍ଥ ଥିଲା । **କୁଟେଇତୁଣ୍ଡୀ ମନ୍ଦିର** ସନ୍ନିକଟ ଖଇରୀ-ଭଣ୍ଡନ ନଦୀର ଉପକଣ୍ଠରେ ବିରାଟଗଡ଼ ଓ କୀଚକଗଡ଼ର ଭଗ୍ନାବଶେଷ ରହିଛି । ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ଏଠାରୁ ବିଭିନ୍ନ ପ୍ରାଚୀନ ପଦାର୍ଥ ସଂଗ୍ରହ କରାଯାଇଛି ।

ଇଂରେଜ ଶାସନ କାଳରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଉଦ୍ୟମରେ ୧୯୦୮

ଖିଚିଂ : ଚନ୍ଦ୍ରଶେଖର ମହାଦେବ ମନ୍ଦିର

Digitized by srujanika@gmail.com

ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ନିକଟରେ ଲେଖକଙ୍କ ସହିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପୁତୁରା ଶ୍ୟାମ ସୁନ୍ଦର ପାଣିଗ୍ରାହୀ, ଡ. ବିମ୍ବାଧର ବେହେରା

ମସିହାରେ ଯେତେବେଳେ ଖିଚିଂଠାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ ପକ୍ଷରୁ ପ୍ରତ୍ନତାତ୍ତ୍ୱିକ ଖନନ ଆରଂଭ ହୋଇଥିଲା, ସେତେବେଳେ ବୈତରଣୀ ନଦୀର ଉପନଦୀ ଖଇରୀ-ଭଣ୍ଡନ କୂଳରେ ଥିବା ଭଞ୍ଜ ରାଜବଂଶର ଦୁଇ ଦୁଇଟି ରାଜପ୍ରାସାଦ ସଂପର୍କରେ ପ୍ରଥମେ ସୂଚନା ମିଳିଥିଲା । ଏଠାରୁ ମିଳିଥିବା ଏକ ଶିଳାଚିତ୍ରରେ ଦଶମ ଶତାବ୍ଦୀର ଭଞ୍ଜ ରାଜା **ରାୟ ଭଞ୍ଜ**ଙ୍କ ଦ୍ୱାରା ଗୋଟିଏ ପଥର ଖମ୍ବରେ ଖୋଦିତ ଚିତ୍ରରେ ରାଜା ବୀର ବେଶରେ ଖଣ୍ଡା ଓ ଢାଲ ଧରି ଯୋଦ୍ଧା ବେଶରେ ଦଣ୍ଡାୟମାନ ରହିଥିବାର ଦେଖାଯାଏ । ଅନ୍ୟ ଏକ ଚିତ୍ରରେ ରାଜା ହାତୀ ପିଠିରେ ବସି ଗୋଟିଏ ହାତରେ ଖଣ୍ଡା ଓ ଅନ୍ୟ ହାତରେ ଅଙ୍କୁଶ ଧରି ଯାତ୍ରା କରୁଥିବାର ଦୃଶ୍ୟ ରହିଛି । ଏହା ଦଶମ ଶତାବ୍ଦୀର ଚିତ୍ର ଅଟେ ବୋଲି କୁହାଯାଉଛି । ଏହି ଦୁଇ ଶିଳାଚିତ୍ର ବର୍ତ୍ତମାନ ଖିଚିଂ ମନ୍ଦିର କାଛରେ ଶୋଭାପାଉଛି ।

କିଚକେଶ୍ୱରୀଙ୍କ ମନ୍ଦିର ବ୍ୟତୀତ ଖିଚିଂଠାରେ ପ୍ରସିଦ୍ଧ **କୁଟେଇତୁଣ୍ଡି ମନ୍ଦିର** ଅବସ୍ଥିତ । ଓଡ଼ିଶାର ପୁରୁଣା ମନ୍ଦିରମାନଙ୍କ ମଧ୍ୟରେ ଏହା ଏକ ଅନ୍ୟତମ ପ୍ରାଚୀନ ମନ୍ଦିର । କଳାମୁଗୁନି ପଥରରେ ନିର୍ମିତ ଏହି ମନ୍ଦିରର ମୁଖଶାଳା (ଜଗମୋହନ) ନାହିଁ । ଏହା ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର ନିର୍ମାଣ କାଳର ବୋଲି କୁହାଯାଏ । ଏହି ମନ୍ଦିରରେ ଥିବା ପାର୍ଶ୍ୱଦେବଦେବୀ ଗଣେଶ, କାର୍ତ୍ତିକେୟ ଏବଂ ପାର୍ବତୀଙ୍କ ମୂର୍ତ୍ତିର ଗଠନ ଶୈଳୀ ବେଶ୍ କମନୀୟ ଓ ଚିତ୍ତାକର୍ଷକ । କୀଚକେଶ୍ୱରୀ ମନ୍ଦିର ଭଳି ଏହି ମନ୍ଦିରଟି ମଧ୍ୟ ଧ୍ୱଂସ ପାଇଯାଇଥିଲା । ମୟୂରଭଞ୍ଜର ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ୧୯୩୧ ମସିହାରେ ଏହାକୁ ପୁନର୍ନିର୍ମାଣ କରାଯାଇଛି ।

ଖିଚିଂ ସନ୍ନିକଟ ବେଣୀସାଗରଠାରେ **ନୀଳକଣ୍ଠେଶ୍ୱର** ଓ **ଅଷ୍ଟଶଂଭୁ** ଶୈବ କ୍ଷେତ୍ର ରହିଛି ।

Digitized by srujanika@gmail.com

ସିଙ୍ଗଡ଼ା-ଖିଚିଂ ରାସ୍ତା : ନିର୍ଜନ ରାସ୍ତାର ଶବ୍ଦଶୂନ୍ୟ କବିତା

ଆଦିପୁରଗଡ଼ (ଆଧୁନିକ ମୟୂରଭଞ୍ଜ)ରେ ବୈତରଣୀ ନଦୀ କୂଳରେ **ଏକାଦଶ ରୁଦ୍ର**ଙ୍କର ଏକ ପୁରୁଣା ମନ୍ଦିର ରହିଛି । ଖିଚିଂଠାରୁ ପାଞ୍ଚ କିଲୋମିଟର ଦୂର ପଶ୍ଚିମ ସିଂହଭୂମି ଜିଲ୍ଲା (ଆଧୁନିକ ଝାଡ଼ଖଣ୍ଡ) ର **ବେଣୀସାଗର**ଠାରେ ଅଷ୍ଟଶଂଭୁ ଶିବ ମନ୍ଦିର ମଧ୍ୟ ରହିଛି । ଏଠାକାର ରାଜା କେସ୍‌ନା ସିଂ ଓ ତାଙ୍କ ପୁତ୍ର ବେଣୁ ସିଂ ଯଥାକ୍ରମେ **କେସ୍‌ନାଗଡ଼** ଓ **ରୁଆମ୍‌ଗଡ଼** ପ୍ରତିଷ୍ଠା କରିଥିଲେ । ଏହି ଦୁଇଟି ଗଡ଼ ଓ ମନ୍ଦିର ମଧ୍ୟ ୧୩୬୦-୬୧ ମସିହାରେ ଫିରୋଜ୍ ଶାହା ତୋଗଲକ୍‌ଙ୍କ ଦ୍ୱାରା ଧ୍ୱଂସ ପାଇଯାଇଛି ବୋଲି ଅନୁମାନ କରାଯାଉଛି । ବେଣୁ ସିଂ ପ୍ରତିଷ୍ଠା କରିଥିବା ରାଜପ୍ରାସାଦ, ବେଣୀସାଗର ଓ ପ୍ରାଚୀନ ଅଷ୍ଟଶଂଭୁ ଶିବ ମନ୍ଦିର ଧ୍ୱଂସ ପାଇଯାଇଥିଲେ ବି ଏହାର ଧ୍ୱଂସାବଶେଷ ଆଜି ବି ଉଜ୍ଜୀବିତ ରହିଛି । ଏହିସବୁ ନିର୍ମାଣ ନବମ ଶତାବ୍ଦୀର ବୋଲି ଏ ଅଞ୍ଚଳର ବରିଷ୍ଠ ଗବେଷକ ଐତିହାସିକ ଶ୍ୟାମ ସୁନ୍ଦର ପାଣିଗ୍ରାହୀ ମତବ୍ୟକ୍ତ କରନ୍ତି ।

ମୟୁରଭଞ୍ଜର ପ୍ରାଚୀନ ରାଜଧାନୀ: ହରିପୁର ଗଡ ଓ ବିଶ୍ୱପ୍ରସିଦ୍ଧ 'ରସିକରାୟ' ମନ୍ଦିର

ଭଞ୍ଜ ରାଜବଂଶର ପ୍ରଥମ ରାଜଧାନୀ ଖିଜିଙ୍ଗକୋଟ୍ଟ (ଖିଚିଂ) ଥିଲା । ଏଠାରେ ଭଞ୍ଜବଂଶୀମାନେ ଦୀର୍ଘବର୍ଷ ଶାସନ କରିବା ପରେ ନିଜ ରାଜଧାନୀ ହରିପୁରଗଡ଼କୁ ସ୍ଥାନାନ୍ତରିତ କରିଥିଲେ । ଏହାପରେ ମୟୁରଭଞ୍ଜର ନୂତନ ରାଜଧାନୀ ହରିପୁରଗଡ଼ରୁ ବାରିପଦାକୁ ସ୍ଥାନାନ୍ତର କରାଯାଇଥିଲା ।

ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗକୁ ଓଡ଼ିଶାରେ ଘୋର ରାଜନୈତିକ ସଂକଟ

Digitized by srujanika@gmail.com

ହରିପୁର ଗଡ଼ : ରସିକରାୟ ମନ୍ଦିର

ଦେଖାଦିଏ । ଗଙ୍ଗ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଯାଇଥାଏ । ଗଙ୍ଗ ସାମ୍ରାଜ୍ୟର ସାମନ୍ତ ରାଜ୍ୟ ମୟୂରଭଞ୍ଜର ରାଜନୈତିକ ଅବସ୍ଥା ମଧ୍ୟ ସଙ୍ଗୀନ ହୋଇଯାଇଥାଏ । ଠିକ୍ ଏହି ସମୟରେ ଦିଲ୍ଲୀ ସୁଲ୍ତାନ୍ ଫିରୋଜ ଶାହା ତୋଗଲକ୍ ମୟୂରଭଞ୍ଜର ରାଜଧାନୀ ଖିଚିଂ ଉପରେ ପ୍ରବଳ ଆକ୍ରମଣ କରି ଖିଚିଂର ଭଞ୍ଜ ରାଜପ୍ରାସାଦ ସମେତ ପ୍ରାଚୀନ କିଚକେଶ୍ୱରୀ ମନ୍ଦିରକୁ ଧୂଳିସାତ୍ କରିଦିଅନ୍ତି ।

ହରିପୁରଗଡ଼ର ଭଗ୍ନାବଶେଷ

Digitized by srujanika@gmail.com

ରସିକରାୟ ମନ୍ଦିର

Digitized by srujanika@gmail.com

ହରିପୁରଗଡ଼ର ଭଗ୍ନାବଶେଷ

ଗଙ୍ଗବଂଶୀ ସମ୍ରାଟଙ୍କ ଉପରେ ନିର୍ଭର କରୁଥିବା ମୟୁରଭଞ୍ଜ ରାଜ୍ୟକୁ ଗଙ୍ଗ ସମ୍ରାଟ ତୃତୀୟ ଭାନୁଦେବ ନିଜ ସାମନ୍ତ ରାଜ୍ୟକୁ ସୁରକ୍ଷା ଯୋଗେଇ ଦେବାରେ ବିଫଳ ହୁଅନ୍ତି । ଖିଡ଼ିଂକୋଟର ବିଶାଳ ନଗରୀ, ଦୁଇଗୋଟି ଚିତ୍ତାକର୍ଷକ ରାଜପ୍ରାସାଦ (ଧ୍ୱଂସପ୍ରାପ୍ତ ବିରାଟଗଡ଼ ଓ କୀଚକଗଡ଼) ଏବଂ ଭଞ୍ଜ ରାଜାଙ୍କ କୂଳଦେବୀ କୀଚକେଶ୍ୱରୀଙ୍କ ମନ୍ଦିରକୁ ମୋଗଲମାନେ ଧ୍ୱଂସ କରିବା ପରେ

ହରିପୁରଗଡ଼ର ଭୂତଳ ମହଲ

Digitized by srujanika@gmail.com

ହରିପୁରଗଡ଼ରେ ଏକ ଅପରାହ୍ନ

ଖିଚିଂ ଆଉ ଭଞ୍ଜ ରାଜାଙ୍କ ପାଇଁ ଅନୁକୂଳ ପରିବେଶ ହୋଇ ରହେନାହିଁ । ଭଞ୍ଜ ରାଜାମାନେ ଖିଚିଂକୁ ପରିତ୍ୟାଗ ପାଇଁ ଚିନ୍ତା କରିବା ସହ ନୂଆ ରାଜଧାନୀ ପ୍ରତିଷ୍ଠା ପାଇଁ ବିଚାରବିମର୍ଷ ଆରମ୍ଭ କରନ୍ତି । ଏହି ବିର୍ମଷର ଫଳସ୍ୱରୂପ ହରିପୁରଗଡ଼ ମୟୁରଭଞ୍ଜ ରାଜ୍ୟର ନୂତନ ରାଜଧାନୀ ଭାବେ ଉଭା ହୁଏ ।

ସପ୍ତଦଶ ଶତାବ୍ଦୀ ବେଳକୁ ମହାରାଜା ହରିହର ଭଞ୍ଜ (ଖ୍ରୀ.ଅ.୧୬୪୩-୧୬୮୮) ଖଇରି-

ରସିକରାୟ ମନ୍ଦିରର କାରୁକାର୍ଯ୍ୟ

Digitized by srujanika@gmail.com

ଭଣ୍ଡନ (ବୈତରଣୀ) ନଦୀ କୂଳରୁ ପ୍ରାଚୀନ ଖିଚିଂ ରାଜଧାନୀ ପରିତ୍ୟାଗ କରି ପୂର୍ବ ମୟୁରଭଞ୍ଜର ବୁଢାବଳଙ୍ଗ ନଦୀ କୂଳରେ ହରିପୁର ଦୁର୍ଗ ଓ ନୂତନ ରାଜଧାନୀ ପ୍ରତିଷ୍ଠା କଲେ । କାଳକ୍ରମେ ଖିଚିଂ ନିଜର ଆକର୍ଷଣ ହରାଇବା ସହ ଅପ୍ରାସଙ୍ଗିକ ହୋଇଗଲା ଏବଂ ହରିପୁରଗଡ଼ ମୟୁରଭଞ୍ଜର ନୂଆ ରାଜଧାନୀ ଭାବେ ମୁଣ୍ଡ ଟେକିଲା । କେତେକ ଐତିହାସିକଙ୍କ ମତରେ ଭଞ୍ଜ ରାଜାମାନେ ଖିଚିଂ ରାଜଧାନୀ ଛାଡ଼ିବା ପରେ କିଛି ଦିନ ପାଇଁ ଅସ୍ଥାୟୀ ଭାବେ ସେମାନଙ୍କ ଇଷ୍ଟଦେବୀ ଖିଜିଙ୍ଗେଶ୍ୱରୀ (କୀଚକେଶ୍ୱରୀ)ଙ୍କୁ ନେଇ **ବହଳଦା**ଠାରେ ଅବସ୍ଥାନ କରିଥିଲେ । ଏଣୁ ବହଳଦା ସାମୟିକ ପାଇଁ ମୟୁରଭଞ୍ଜର ରାଜଧାନୀ ମାନ୍ୟତା ପାଇଥିଲା ବୋଲି କୁହାଯାଏ ।

ସପ୍ତଦଶ ଶତାବ୍ଦୀ ବେଳକୁ ଭଞ୍ଜମାନେ ହରିପୁରଗଡ଼ରୁ ଯେଉଁ ରାଜ୍ୟକୁ ଶାସନ କଲେ ତାହା ଖିଜିଙ୍ଗମଣ୍ଡଳ ପରିବର୍ତ୍ତେ ମୟୁରଭଞ୍ଜ ରାଜ୍ୟ ନାମରେ ଖ୍ୟାତ ହେଲା । ଭଞ୍ଜମାନେ ହରିପୁରଗଡ଼ରେ ଶୈବ ଓ ଶାକ୍ତ ପରିବର୍ତ୍ତେ ବୈଷ୍ଣବ ଧର୍ମର ଉପାସନା କରିବା ସହ ଖିଚିଂରେ ପ୍ରଚଳିତ ରାଜକୀୟ

Digitized by srujanika@gmail.com

ଚିହ୍ନ ବୃଷଭକୁ ପରିହାର କରି ମୟୂରପକ୍ଷୀକୁ ବଂଶର ପ୍ରତୀକ ଭାବେ ଗ୍ରହଣ କଲେ ।

ରାଜା ବୈଦ୍ୟନାଥ ଭଞ୍ଜ ନିଜ ଗୁରୁଦେବ ସ୍ୱାମୀ ରସିକାନନ୍ଦଙ୍କ ସ୍ମୃତିରେ ହରିପୁରଗଡ଼ ପରିସରରେ ରସିକରାୟ ମନ୍ଦିର ନିର୍ମାଣ କରିଥିଲେ । ଗୌଡ଼ୀୟ ଶୈଳୀରେ ନିର୍ମିତ ଏହି ମନ୍ଦିରର କଳା ଓ ସ୍ଥାପତ୍ୟ ଭଞ୍ଜ ରାଜାମାନଙ୍କୁ ଇତିହାସରେ କାଳଜୟୀ କରି ରଖିଦେଇଛି । ମନ୍ଦିରଟି ଇଟାରେ ନିର୍ମିତ । ରସିକରାୟ ମନ୍ଦିରର ଅନତିଦୂରରେ **ରାଣୀହଂସପୁର** ଥିଲା । ଅନ୍ତପୁରବାସୀଙ୍କ ନିମନ୍ତେ ଦକ୍ଷିଣ-ପଶ୍ଚିମରେ ଥିବା ଆକର୍ଷଣୀୟ **ସ୍ନାନାଗାର** ଓ **ଶୟନ କକ୍ଷ**ର ଭିତ୍ତିଭୂମି ଆଜି ବି ଭଞ୍ଜ ରାଜାମାନଙ୍କ କଳାଚାତୁରୀର ପରିଚୟ ଦେଇଥାଏ । ମନ୍ଦିର ଗାତ୍ରରେ ପୁରାଣବର୍ଣ୍ଣିତ କୃଷ୍ଣଲୀଳାର ଅନେକ ସୂକ୍ଷ୍ମ ଖୋଦିତ ଚିତ୍ର ଏବେ ବି ଦୃଶ୍ୟମାନ ହୋଇଥାଏ । ରସିକରାୟ ମନ୍ଦିର ପ୍ରାଙ୍ଗଣରେ ଏକ **ଦରବାର ମହଲ** ଥିଲା । ପ୍ରକାଣ୍ଡ ଦରବାରକୁ ଟେକି ଧରିବାପାଇଁ ବିଶାଳ ସ୍ତମ୍ଭଗୁଡ଼ିକ ନାନା କାରୁକାର୍ଯ୍ୟରେ ନିର୍ମିତ ହୋଇଥିଲା । ରାଜପ୍ରାସାଦର ଉତ୍ତର-ପଶ୍ଚିମ ଏବଂ ରସିକରାୟ ମନ୍ଦିରର ବିପରୀତ ଦିଗରେ **ରାଧାମୋହନ ମନ୍ଦିର** ଅବସ୍ଥିତ । ଏହା ବି ଇଟାରେ ନିର୍ମିତ ହୋଇଥିଲା । ଏହାର ଭଗ୍ନାବଶେଷ ଏବେ ଅଧାଅଧି ମାଟିରେ ପୋତି ହୋଇରହିଛି ।

ହରିପୁରଗଡ଼ ସଂଲଗ୍ନ ଗଡ଼ଚଣ୍ଡୀ ମନ୍ଦିର

Digitized by srujanika@gmail.com

ମହିଷାମର୍ଦ୍ଦିନୀ ଦୁର୍ଗା   କୋଟାସିନୀ

ଇଟା ନିର୍ମିତ ରସିକରାୟ ଓ ରାଧାମୋହନ ମନ୍ଦିର ଦୁଇଟି ଗୌଡ଼ୀୟ ଶୈଳୀରେ ନିର୍ମିତ ହୋଇଥିଲା । ରସିକରାୟ ମନ୍ଦିରର ଗର୍ଭଗୃହଟି ଏବେ ଥିବାବେଳେ ନାଟମନ୍ଦିର, ଜଗମୋହନ ଓ ମୁଖଶାଳା ଧ୍ୱଂସ ପାଇଯାଇଛି । ରସିକରାୟ ମନ୍ଦିରର ଦକ୍ଷିଣ ପୂର୍ବରେ ଏକ ଜଗନ୍ନାଥ ମନ୍ଦିର ଥିଲା । ବହିଃଶତ୍ରୁଙ୍କ ଆକ୍ରମଣରେ ଏହା ସଂପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା । ଏଥିରେ ପୂଜା ପାଉଥିବା ମୂର୍ତ୍ତିକୁ ନିକଟସ୍ଥ ପ୍ରତାପପୁର ଗ୍ରାମରେ ଥିବା ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଛି । **ପ୍ରତାପପୁର ଜଗନ୍ନାଥ ମନ୍ଦିରକୁ ମଧ୍ୟ ରାଜା ହରିହର ଭଞ୍ଜ ନିର୍ମାଣ କରିଥିଲେ ।** ଏହା ମଧ୍ୟ ଏକ ପ୍ରାଚୀନ ଭାସ୍କର୍ଯ୍ୟଶିଳ୍ପର ଆଉ ଏକ ନମୁନା । ସେତେବେଳର ମୟୂରଭଞ୍ଜର ରାଜଧାନୀ ହରିପୁରଗଡ଼ ବର୍ତ୍ତମାନର ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ଏକ ସାଧାରଣ ଗାଁ ଭାବେ ଇତିହାସକୁ ସାକ୍ଷୀ ରଖି ନିରବରେ ଠିଆ ହୋଇଛି ।

ଭଞ୍ଜବଂଶୀମାନେ ସାଧାରଣତଃ ସେମାନଙ୍କ ରାଜଧାନୀରେ ଦେବୀ କିଚକେଶ୍ୱରୀଙ୍କୁ ଆରାଧନା କରିଥା'ନ୍ତି । ପ୍ରଥମ ରାଜଧାନୀ ଖିଚିଂ, ପରେ ବହଳଦା ଏବଂ ଶେଷ ରାଜଧାନୀ ବାରିପଦାରେ କିଚକେଶ୍ୱରୀଙ୍କ ମନ୍ଦିର ଥିବାବେଳେ ହରିପୁରରେ ଏହା ଦୃଶ୍ୟମାନ ହୋଇ ନଥାଏ । ହରିପୁର ଗଡ଼ ନିକଟରେ କିଚକେଶ୍ୱରୀଙ୍କ ମନ୍ଦିର କିମ୍ବା ମୂର୍ତ୍ତି ଥିବାର ପ୍ରମାଣ ମିଳୁ ନଥିଲେ ମଧ୍ୟ ଗ୍ରାମର ଆରମ୍ଭରେ ଦୁଇଗୋଟି ଦେବୀ ମୂର୍ତ୍ତି **ଗଡ଼ଚଣ୍ଡୀ** ଭାବେ ପୂଜା ପାଉଛନ୍ତି । କଳାମୁଗୁନି ପଥରରେ ନିର୍ମିତ ଏହି

Digitized by srujanika@gmail.com

ପ୍ରତ୍ନତାତ୍ତ୍ୱିକ ଖନନ ପରେ ହରିପୁର ଗଡ଼ର ଭଗ୍ନାବଶେଷ

ଦୁଇ ପ୍ରାଚୀନ ମୂର୍ତ୍ତି ମଧ୍ୟରୁ ବଡ଼ ମୂର୍ତ୍ତିଟି ହେଉଛି **ମହିଷାମର୍ଦ୍ଦିନୀ ଦୁର୍ଗା**ଙ୍କର । ଏହି ମୂର୍ତ୍ତିରେ ମହିଷାସୁର ବକ୍ଷଭେଦ କରୁଥିବା ତ୍ରିଶୂଳ ଭଗ୍ନ ଅବସ୍ଥାରେ ରହିଛି । ଦେବୀ ଦଶଭୁଜା ଏବଂ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ । ଏହା ସହିତ ଅନ୍ୟ ଏକ ଛୋଟ ମୂର୍ତ୍ତି ରହିଛି ଯାହାଙ୍କର ନାମ ହେଉଛି **କୋଟବାସିନୀ** ବା **କୋଟାସିନୀ** ।

ପେଡ଼ାଗଡ଼ିର ଭୀମେଶ୍ୱରୀ ଓ ଅନ୍ୟାନ୍ୟ ପ୍ରାଚୀନ ମୂର୍ତ୍ତି

କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପେଡ଼ାଗଡ଼ି ଗାଁଟି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ପ୍ରାଚୀନ କୀର୍ତ୍ତିରାଜିଭରା ଅଞ୍ଚଳ ଭାବେ ପରିଚିତ । ଏହି ଗାଁ ଦେଇ ବହି ଯାଇଥିବା କାଳ ନଦୀ କୂଳରେ ବହୁ ପ୍ରାଚୀନ ମୂର୍ତ୍ତି ଓ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ । ଏହା ଭୀମେଶ୍ୱରୀ ପୀଠ ଭାବେ ପରିଚିତ । ଏହା ଏକ ପ୍ରାଚୀନ ତନ୍ତ୍ରପୀଠ । ଏହିସବୁ କୀର୍ତ୍ତିରାଜି ଓ ମୂର୍ତ୍ତି ସପ୍ତମ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି ।

ଏଠାରେ ମୁଖ୍ୟଦେବୀ ଭାବେ ମା' ଭୀମେଶ୍ୱରୀ ପୂଜା ପାଇଥା'ନ୍ତି । ଖିଚିଂର କିଚକେଶ୍ୱରୀଙ୍କ ଭଳି ଭୀମେଶ୍ୱରୀ ଏକ ଚାମୁଣ୍ଡା ମୂର୍ତ୍ତି । କଙ୍କାଳମୟୀ ଏହି ଚାମୁଣ୍ଡା ମୂର୍ତ୍ତି ଶିବଙ୍କ ଉପରେ ଉପବିଷ୍ଟ ମୁଦ୍ରାରେ ଶୋଭା ପାଉଛନ୍ତି ।

ଏହି ପୀଠରେ ଏକ ଭଗ୍ନ ମନ୍ଦିରର ବିଶାଳ ଧ୍ୱଂସସ୍ତୁପ ରହିଛି । ସଂଭବତଃ ଏଠାରେ ଏକ ବିଶାଳ ଓ ଆକର୍ଷଣୀୟ କାରୁକାର୍ଯ୍ୟଭରା ପୁରୁଣା ମନ୍ଦିର ରହିଥିଲା । କାଳକ୍ରମେ ଏହା ପୋତି ହୋଇଯାଇଛି । ଏବେ ଏଠାରେ କେବଳ ମନ୍ଦିରର ଭିତ୍ତିଭୂମି ଦେଖିବାକୁ ମିଳିଥାଏ ଏବଂ ମନ୍ଦିରର ଅନେକ ଭଗ୍ନାଂଶ ଏଣେତେଣେ ପଡ଼ି ରହିଥିବାର ଦୃଶ୍ୟମାନ ହୋଇଥାଏ । ଭୀମେଶ୍ୱରୀ ପୀଠର ପ୍ରତ୍ନତାତ୍ତ୍ୱିକ ଖନନ

Digitized by srujanika@gmail.com

ଚାମୁଣ୍ଡା ମୂର୍ତ୍ତି

କରାଗଲେ ବହୁ ପ୍ରାଚୀନ ମୂର୍ତ୍ତି ଓ ଭାସ୍କର୍ଯ୍ୟ ଉଦ୍ଧାର ହୋଇପାରିବ ।

ମୁଖ୍ୟ ଦେବୀ ଭୀମେଶ୍ୱରୀଙ୍କ ସମେତ ଏଠାରେ ଆହୁରି ଅନେକ ପ୍ରାଚୀନ ପଥର ମୂର୍ତ୍ତି ରହିଛି । ସେଗୁଡ଼ିକର ତାଲିକା ନିମ୍ନରେ ଦିଆଗଲା-

୧. ଚାମୁଣ୍ଡା ବା ଭୀମେଶ୍ୱରୀ (ପୀଠଦେବୀ)

୨. ପାର୍ବତୀ

୩. ବୈଷ୍ଣବୀ (ସପ୍ତମାତୃକା)

Digitized by srujanika@gmail.com

ବରାହୀ ମୂର୍ତ୍ତି

୪. ବରାହୀ (ସପ୍ତମାତୃକା)

୫. ଚଣ୍ଡୀ (ସପ୍ତମାତୃକା)

୬. କାର୍ତ୍ତୀକ

୭. ଶିବ

Digitized by srujanika@gmail.com

ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ପେଡ଼ାଗଡ଼ିରେ ଲେଖକ

ବୈଷ୍ଣବୀ

ଦେବୀ ମୂର୍ତ୍ତି

ଯମ

Digitized by srujanika@gmail.com

ପେଡ଼ାଗଡ଼ିର ପ୍ରାଚୀନ ଦେବୀ ମୂର୍ତ୍ତି

Digitized by srujanika@gmail.com

ପାର୍ବତୀ

Digitized by srujanika@gmail.com

କାର୍ତ୍ତିକେୟ

Digitized by srujanika@gmail.com

ଚଣ୍ଡୀ ମୂର୍ତ୍ତି ଶିବ

୮. ବୃଷଭ

୯. ଦେବୀ

୧୦. ଯମ

୧୧. ଅନ୍ୟାନ୍ୟ ସପ୍ତମାତୃକା ମୂର୍ତ୍ତି (ଭଗ୍ନ ଓ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା)

୧୨. ବୁଦ୍ଧ (ଭୂମିସ୍ପର୍ଶ ମୁଦ୍ରା)

ମାତ୍ର ଏହି ପ୍ରାଚୀନ ମୂର୍ତ୍ତିମାନେ ଏବେ ଅସୁରକ୍ଷିତ ସ୍ଥାନରେ ପଡ଼ି ରହିଥିବାରୁ ଏହାର ସଂରକ୍ଷଣ ଜରୁରୀ ହୋଇପଡ଼ିଛି । ଅତୀତରେ ଉଦଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରମାନଙ୍କ ଦ୍ୱାରା ଏହି ପୀଠରେ କିଞ୍ଚିତ୍ ଖନନ କରାଯିବା ଫଳରେ ବହୁ ପ୍ରାଚୀନ ଦେବଦେବୀଙ୍କ ମୂର୍ତ୍ତି ମାଟିତଳୁ ଉଦ୍ଧାର କରାଯାଇଥିଲା ।

ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ପେଡ଼ାଗଡ଼ି ଏକ ପ୍ରାଚୀନ ବୌଦ୍ଧ କ୍ଷେତ୍ର ଭାବେ ଜଣା । ସପ୍ତମ ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମରେ ତନ୍ତ୍ର ସାଧନାର ପ୍ରବେଶ କରିସାରିଥିଲା । ଏମାନେ ସହଜଯାନୀ ଭାବେ ପରିଚିତ ହୋଇଥିଲେ । ସୋନପୁର ଥିଲା ସହଜଯାନୀଙ୍କର ପେଣ୍ଠସ୍ଥଳ । ସହଜଯାନୀ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନେ ବିଭିନ୍ନ ସ୍ଥାନ ପରିଭ୍ରମଣ କରୁଥିଲେ । ଓଡ଼ିଆ ଭାଷାର ପ୍ରଥମ ପଦ୍ୟାବଳୀ 'ଚର୍ଯ୍ୟାପଦ'ର ରଚୟିତା ସହଜଯାନୀ ସନ୍ନ୍ୟାସୀ ଲୁଇପା ନିଜ ଶିଷ୍ୟଶିଷ୍ୟାଙ୍କ ସହ ସୋନପୁରରୁ କପ୍ତିପଦାକୁ ଚାଲି ଆସିଥିଲେ । କାଳନଦୀ କୂଳରେ ଅବସ୍ଥିତ ଭୀମେଶ୍ୱରୀ ପୀଠ ସେତେବେଳେ

Digitized by srujanika@gmail.com

ବୌଦ୍ଧ ତନ୍ତ୍ରସାଧନାର କେନ୍ଦ୍ରସ୍ଥଳ ପାଲଟିଗଲା । ପରେ ଲୁଇପା ରାଜ ନିକଟସ୍ଥ ସିନ୍ଦୁରମୁଣ୍ଡି ପାହାଡ଼ ଗୁମ୍ଫାରେ ତପସ୍ୟା କରି ସିଦ୍ଧିଲାଭ କଲେ । ସିଦ୍ଧିପ୍ରାପ୍ତି ପରେ ସେ ନିଜର ଅନୁଗାମୀଙ୍କ ସହ ନୀଳଗିରି ସଂଲଗ୍ନ ଅଯୋଧ୍ୟା ବାଟ ଦେଇ ପଶ୍ଚିମବଙ୍ଗ, ଆସାମ ଆଦି ପାର ହୋଇ ନେପାଳ ଓ ତିବ୍ବତ ଯାଇଥିଲେ ବୋଲି କଥିତ ଅଛି ।

ଭୁଜଙ୍ଗବିରାଟ ରାଜବଂଶର ପ୍ରାଚୀନ ରାଜଧାନୀ: କଇଁସାରି ଗଡ଼

ଉଦଳା ବ୍ଲକ୍ ଅନ୍ତର୍ଗତ ଖଲାଡ଼ି ପଞ୍ଚାୟତର କଇଁସାରି ଗାଁଟି ଐତିହାସିକ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ । ଏହା ଦିନେ ଭୁଜଙ୍ଗ ବିରାଟ ରାଜବଂଶର ପ୍ରାଚୀନ ରାଜଧାନୀ ଥିଲା । ଏଠାରେ ପ୍ରାଚୀନ ଭୁଜଙ୍ଗବିରାଟ ଗଡ଼ର ଧ୍ୱଂସାବଶେଷ ଦୃଷ୍ଟିଗୋଚର ହୋଇଥାଏ । ଏହି ଧ୍ୱଂସପ୍ରାପ୍ତ ଗଡ଼ର ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇପାରିଲେ ଇତିହାସର ବହୁ କଥା ଲୋକଲୋଚନକୁ ଆସିପାରିବ । ଏହି ଗଡ଼ଟି ଏବେ ମାଟି ତଳେ ପୋତି ହୋଇରହିଛି । ଏଠାରେ ଭୁଜଙ୍ଗ ବଂଶୀୟ ରାଜାମାନେ ଶାସନ

କୁଟାଶୁଣୀ

ଲୌହ ନିର୍ମିତ କମାଣ

Digitized by srujanika@gmail.com

କରୁଥିଲେ । ଏହାର ନିକଟରେ **ବିରାଟପୁର** ଗ୍ରାମ ରହିଛି । ଏହା ମହାଭାରତର ବିରାଟନଗରୀ ଓ ପାଣ୍ଡବମାନଙ୍କ ଉପସ୍ଥିତି ସଂପର୍କରେ ସୂଚନା ପ୍ରଦାନ କରିଥାଏ ।

କେବଳ ଇତିହାସ କାହିଁକି କଇଁସାରୀ ଗ୍ରାମଟି ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଠାରେ ବୁଢ଼ାବଳଙ୍ଗର ପ୍ରମୁଖ ତିନୋଟି ଉପନଦୀ **ପଞ୍ଜ, ଦେଓ (ଦିଅଁ)** ଓ **ସୋନ ନଦୀ** ମିଳିତ ହୋଇ ଏକ ତ୍ରିବେଣୀ ସଂଗମ ସୃଷ୍ଟି କରିଛନ୍ତି । ଏଭଳି ଏକ ପ୍ରାକୃତିକ ଶୋଭାଭରା, ନଦୀକୂଳିଆ ଓ ଉର୍ବର ଅଞ୍ଚଳକୁ ରାଜା ନିଜର ଗଡ଼ ପ୍ରତିଷ୍ଠା କରିବା ପାଇଁ ଚୟନ କରିବା ସ୍ୱାଭାବିକ ।

ଏହି ଗାଁରେ ଭୁଜଙ୍ଗ ବଂଶୀ ରାଜାଙ୍କର କୁଳଦେବୀ **କୁଟାଶୁଣି (କୁଟବାସିନୀ)** ଦେବୀ ପୂଜା ପାଇଥାନ୍ତି । ଗାଁକୁ ପ୍ରବେଶ କଲାମାତ୍ରେ ଠାକୁରାଣୀ ଶାଳରେ ଏକ ବହୁ **ପୁରୁଣା ଲୌହ ନିର୍ମିତ କମାଣ** ଦେଖିବାକୁ ମିଳିଥାଏ । ଏହି କମାଣଟି ଏହି ଗାଁକୁ କିଭଳି ଆସିଲା ତାହା ଗବେଷଣାସାପେକ୍ଷ । ଏହା ସହିତ ଗାଁରେ ବହୁ ପ୍ରାଚୀନ ମୂର୍ତ୍ତି, ରାଜଦୁର୍ଗର ଧ୍ୱଂସାବଶେଷ ଆଦି ଦେଖିବାକୁ ମିଳିଥାଏ । ଏଠାରେ ଏକ **ଜଗନ୍ନାଥ ମନ୍ଦିର** ରହିଛି ।

କପ୍ତିପଦାର ରାଜପରିବାରଙ୍କୁ ମହାଭାରତର ବିରାଟ ରାଜାଙ୍କ ବଂଶଧର ବୋଲି ବିଶ୍ୱାସ କରାଯାଏ । ଏକଦା ଏହା **ମତ୍ସ୍ୟ ଦେଶ** ଥିଲା ଏବଂ ଏହାର ରାଜା ବିରାଟ ଥିଲେ । ମତ୍ସ୍ୟ ଦେଶରେ ପାଣ୍ଡବମାନେ ଅଜ୍ଞାତବାସ କରୁଥିଲେ । ଏଠାରେ ଥିବା ଶମୀବୃକ୍ଷରେ ପାଣ୍ଡବମାନେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବାର କିମ୍ବଦନ୍ତୀ ରହିଛି । ମାତ୍ର ନୀଳମଣି ସେନାପତି ଓ ଡ. ନବୀନ କୁମାର ସାହୁଙ୍କ ଦ୍ୱାରା ସଂପାଦିତ ମୟୁରଭଞ୍ଜ ଡିଷ୍ଟ୍ରିକ୍ଟ ଗେଜେଟିୟରର ତଥ୍ୟ ଅନୁସାରେ, ଏହି ରାଜବଂଶ ୧୪୨୮ ଖ୍ରୀ.ଅ.ରୁ ଏ ଅଞ୍ଚଳରେ ଶାସନ ଆରଂଭ କରିଥିଲେ । ୧୪୨୮ ମସିହାରେ ଜଣେ ନାଗା ଯୋଦ୍ଧା ଫଣିମୁକୁଟଙ୍କ ଦ୍ୱାରା ଏହି ରାଜ୍ୟ ସ୍ଥାପିତ ହୋଇଥିଲା । ଫଣିମୁକୁଟ ଗଜପତି କପିଳେନ୍ଦ୍ର ଦେବଙ୍କର ଜଣେ ସେନାପତି ଥିଲେ । ପ୍ରଥମେ ତାଙ୍କର ରାଜଧାନୀ କଇଁସାରିଠାରେ ଥିଲା । କଇଁସାରି ନିକଟସ୍ଥ ବଇରାଟପୁରରେ ତାଙ୍କର ଗଡ଼ଥିଲା । ଫଣିମୁକୁଟଙ୍କ ପୁତ୍ର ବସନ୍ତ ବିରାଟ ଗଜପତି ପୁରୁଷୋତ୍ତମ ଦେବଙ୍କର କାଞ୍ଚି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।କାଞ୍ଚି ବିଜୟ ପରେ ବସନ୍ତ ବିରାଟ ପୁରୁଷୋତ୍ତମ ଦେବଙ୍କଠାରୁ **'ଜୟ ଭୁଜଙ୍ଗ'** ଉପାଧି ପାଇଥିଲେ । ତାଙ୍କର ପରବର୍ତ୍ତୀ ରାଜାମାନେ ଭୁଜଙ୍ଗ ବଂଶୀ ଭାବେ ପରିଚିତ ହେଲେ ।

କପ୍ତିପଦା ରାଜବାଟି

ଭୁଜଙ୍ଗବଂଶୀ ରାଜା ଶରତ ଚନ୍ଦ୍ର ଜୟଭୁଜଙ୍ଗ ମାନ୍ଧାତା **କଇଁସାରିରୁ** ରାଜଧାନୀ ଉଠାଇ ଆଣି ସୋନ ନଦୀ କୂଳରେ ଅବସ୍ଥିତ **କପ୍ତିପଦାରେ** ସ୍ଥାପନ କରିଥିଲେ । କଇଁସାରି ଗଡ଼ଟି ଧ୍ୱଂସ ପାଇଯିବା ପରେ କପ୍ତିପଦାଠାରେ ନୂତନ ଗଡ଼ ସ୍ଥାପିତ ହୋଇଥିଲା ।

Digitized by srujanika@gmail.com

କପ୍ତିପଦା ରାଜବାଟି

ପଞ୍ଚଦଶ ଶତାବ୍ଦୀରେ ଗଜପତି ରାଜା କପିଳେନ୍ଦ୍ର ଦେବଙ୍କ ଶାସନ କାଳରେ କପ୍ତିପଦା ରାଜ୍ୟର ନୂତନ ରାଜପ୍ରାସାଦର ଭୂମିପୂଜନ ହୋଇଥିଲା । ସେତେବେଳକୁ ଭୁଜଙ୍ଗ ରାଜବଂଶର ରାଜ୍ୟ କପ୍ତିପଦାର ସୀମା ବାଲେଶ୍ୱରର ନୀଳଗିରିଠାରୁ ଖୁଣ୍ଟା ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ଶରତ ଦେଇ କେନ୍ଦୁଝର ସୀମାକୁ ସ୍ପର୍ଶ କରିଥିଲା । ମାତ୍ର ପରବର୍ତ୍ତୀ ୨୭ ଜଣ ଭୁଜଙ୍ଗ ରାଜବଂଶୀ ଶାସକଙ୍କ ସଂପର୍କରେ ବିଶେଷ କିଛି ଜଣା ନ ପଡ଼ିଲେ ମଧ୍ୟ ପଣ୍ଡିତ ଶ୍ରୀନାଥ ମିଶ୍ରଙ୍କ ଏକ କାବ୍ୟାଂଶରୁ ସମ୍ୟକ ସୂଚନା

କପ୍ତିପଦା ଜଗନ୍ନାଥ ମନ୍ଦିର

Digitized by srujanika@gmail.com

ମିଳିଥାଏ । "ଶରତଚନ୍ଦ୍ର ଅନ୍ତେ ସତାଇଶ ନରପତି/ଭୁଜଙ୍ଗ ବଂଶରେ ଜନ୍ମି ଶାସିଲେ ଜଗତି ।" ('ବିରାଟ ବଂଶ', ଲେଖକ: ଶ୍ରୀନାଥ ମିଶ୍ର, ପ୍ରଥମ ପ୍ରକାଶ କାଳ: ୧୯୧୩) । ଭୁଜଙ୍ଗ ବଂଶର ୨୮ତମ ନରପତିଙ୍କ ନାମ ଥିଲା ନୃସିଂହ ଚରଣ ମାନ୍ଧାତା । ଏହାଙ୍କ ପରବର୍ତ୍ତୀ ଶାସକମାନଙ୍କ ସାଙ୍ଗିଆ 'ଭୁଜଙ୍ଗ' ପରିବର୍ତ୍ତେ ମାନ୍ଧାତା ସଂଯୁକ୍ତ ହୋଇଥିଲା ।

୧୯୪୯ ଜାନୁୟାରୀ ୧ ତାରିଖରେ ଓଡ଼ିଶା ସହ ମୟୁରଭଞ୍ଜର ମିଶ୍ରଣ ପରେ ଶେଷ କରଦ ରାଜା ଭାବେ ପ୍ରମୋଦ ଚନ୍ଦ୍ର ମାନ୍ଧାତା ୧୯୫୨ ମସିହା ପର୍ଯ୍ୟନ୍ତ ଶାସନ କରିଥିଲେ । ବର୍ତ୍ତମାନ ରାଜାଙ୍କ ଉତ୍ତରାଧିକାରୀମାନେ କପ୍ତିପଦା ରାଜପ୍ରାସାଦରେ ବାସ କରୁଛନ୍ତି । ଏଠାରେ ରାଜାଙ୍କର ପ୍ରାଚୀନ ଧୂନି ମନ୍ଦିର ଓ ବିରାଟେଶ୍ୱରୀ ମନ୍ଦିର ଶୋଭା ପାଉଛି । ଏହି ମନ୍ଦିର ଗାତ୍ରରେ ଅନେକ ପ୍ରାଚୀନ ମୂର୍ତ୍ତି ମଧ୍ୟ ରହିଛି । ରାଜ ପ୍ରାସାଦର ମୁଖ୍ୟ ଦ୍ୱାରରେ କପୋତର ସଂକେତ ଦେଖିବାକୁ ମିଳିଥାଏ । କପ୍ତିପଦା ଉପଖଣ୍ଡର ଏହି ରାଜକୀୟ କୀର୍ତ୍ତିକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରାଯିବା ଉଚିତ ବୋଲି ଦାବି ହେଉଛି ।

ଡୁବିଗଡ଼ ଓ ଇଟାଗଡ଼

ଉଦଳାଠାରୁ ପୋଡ଼ାଡିହା ରାସ୍ତାରେ ପୋଡ଼ାଡିହାର ଅଳ୍ପ ପୂର୍ବରୁ ଶିମିଳିପାଳ ପର୍ବତ ଶିଖରରେ ଏକ ପ୍ରାଚୀନ ନିର୍ମାଣ ଦୃଶ୍ୟମାନ ହୋଇଥାଏ । ଏହା ହିଁ **ଡୁବିଗଡ଼** । ଏହି ଗଡ଼ରେ ରାଜା ପୋଖରୀ ଓ ରାଣୀ ପୋଖରୀ ନାମରେ ଦୁଇଟି ବିଶାଳ ଆକର୍ଷଣୀୟ ପୁଷ୍କରିଣୀ ରହିଛି । ଜଣେ ରାଜା ଓ ଜଣେ ରାଣୀ ଏହି ପୁଷ୍କରିଣୀରେ ଡୁବ ଦେଇ ପ୍ରାଣତ୍ୟାଗ କରିଥିବାରୁ ଏହି ଗଡ଼ର ନାମ ଡୁବିଗଡ଼ ବୋଲି ଲୋକମୁଖରେ ଶୁଣାଯାଏ । ଭୁଜଙ୍ଗ ବଂଶର ରାଜାମାନେ ଶିକାର ଉଦ୍ଦେଶ୍ୟରେ ଶିମିଳିପାଳକୁ ଆସି ଏଠାରେ ଶିକାର ଶିବିର ସ୍ଥାପନ କରିଥିଲେ । ସେହିପରି ଡୁବିଗଡ଼ର ନିକଟରେ ବଡ଼କମଣ ଜଙ୍ଗଲରେ ଆଉ ଏକ ପାହାଡ଼ରେ ଇଟା ନିର୍ମିତ ଏକ ଦୁର୍ଗର ଭଗ୍ନାବଶେଷ ରହିଛି, ଯାହାର ନାମ **ଇଟାଗଡ଼** । ଏବେ ମଧ୍ୟ ବଡ଼କମଣ ଜଙ୍ଗଲ ମଧ୍ୟରେ ଧ୍ୱଂସପ୍ରାପ୍ତ ଇଟାର କାନ୍ଥମାନ ଦୃଷ୍ଟିଗୋଚର ହୋଇଥାଏ । ଏହି ଦୁଇ ଗଡ଼ ଦୁର୍ଗମ ଓ ଅପହଞ୍ଚ ହୋଇଥିବାରୁ ଏଠାକୁ ସହଜରେ ଯିବାଆସିବା କରି ହୋଇ ନଥାଏ । ମାତ୍ର ମୟୁରଭଞ୍ଜ ଜିଲ୍ଲାର ପ୍ରାଚୀନ ଐତିହ୍ୟର ସ୍ମାରକୀ ଦୃଷ୍ଟିରୁ ଏହି ଗଡ଼ ଦୁଇଟିର ସଂରକ୍ଷଣ ଜରୁରୀ ହୋଇପଡ଼ିଛି ।

ପଥୁରିଆଗଡ଼

କପ୍ତିପଦାର କୁଟିଂ ପାହାଡ଼ ଓ ଇଟାଗଡ଼ର ଅପରପାର୍ଶ୍ୱରେ ପଥୁରିଆଗଡ଼ ଅବସ୍ଥିତ । ଦେଓ ନଦୀ କୂଳରେ ଏହି ଐତିହାସିକ ପ୍ରାଚୀନ ଗଡ଼ଟି ରହିଛି । ଏଠାରେ ପଥର ଓ ଇଟା ନିର୍ମିତ ଏକ ପ୍ରାଚୀନ ଗଡ଼ର ପୁରୁଣା କାନ୍ଥମାନ ଦେଖିବାକୁ ମିଳିଥାଏ । ଏଠାରେ ଏକ ଉଚ୍ଚ ଢିପ ଆକୃତିର ସ୍ଥାନ ରହିଛି,

Digitized by srujanika@gmail.com

ଯେଉଁଠି ପଥୁରିଆ ଗଡ଼ ପୋତିହୋଇ ରହିଛି ବୋଲି କୁହାଯାଏ । ଏହି ଗଡ଼ଟି ଦେଓ ନଦୀ, ଦୁଇଟି ଗଭୀର ନାଳ ଓ ଏକ ଗଡ଼ଖାଇ ଦ୍ୱାରା ଚାରିପଟୁ ଆବଦ୍ଧ ହୋଇ ରହିଥାଏ । ଚାରି ଦିଗରୁ ପଥରର ସୁଉଚ୍ଚ ପ୍ରାଚୀର ଚିହ୍ନ ଓ ଦେଓ ନଦୀ କୂଳରେ ଥିବା ବିରାଟ ପଥରର ପାହାଚସବୁ ଥିବା କାରଣରୁ ଏହାର ନାମ ପଥୁରିଆଗଡ଼ ହୋଇଛି ବୋଲି କୁହାଯାଏ । ଏବେ ବି ଏଠାରୁ ଇଟା ତିଆରି କାଛ ଓ ପୁରୁଣା ଦୁର୍ଗର ଧ୍ୱଂସାବଶେଷ ମିଳିଥାଏ ।

କୁଟଲିଙ୍ଗର ମା' ବିରାଟପାଟ

ଉଦଳା ବ୍ଲକ୍ ଅନ୍ତର୍ଗତ କୁଟଲିଙ୍ଗଠାରେ ବହୁ ପ୍ରାଚୀନ ମୂର୍ତ୍ତି ଓ ମନ୍ଦିରର ଧ୍ୱଂସାବଶେଷ ଦେଖିବାକୁ ମିଳିଥାଏ । ଏହି ଗ୍ରାମଟିର ତିନି ଦିଗରେ ଦେଓ ନଦୀ ଘେରି ରହିଥିବାବେଳେ ଅନ୍ୟ ଏକ ଦିଗରେ ସୋନ ନଦୀ ରହିଛି । ଏଠାରେ ବହୁ ସଂଖ୍ୟାରେ ଶିବଲିଙ୍ଗ ରହିଛି । ବହୁ ସଂଖ୍ୟାରେ ଅର୍ଥାତ୍ କୋଟି କୋଟି ସଂଖ୍ୟାରେ ଲିଙ୍ଗ ଅର୍ଥାତ୍ 'କୋଟିଲିଙ୍ଗ' ଅପଭ୍ରଂଶ ହୋଇ 'କୁଟଲିଙ୍ଗ' ବା 'କୁଟିଂ'

ମା' ବିରାଟପାଟ

ହୋଇଛି ବୋଲି ଐତିହାସିକଙ୍କ ମତ । କୁଟଲିଙ୍ଗ ଗାଁ ଉପକଣ୍ଠ ଦେଓ ନଦୀ କୂଳରେ କୁନ୍ଦ ଅକାରର ଏକ ଉଚ୍ଚ ଭୂମି ରହିଛି । ଏଠାରେ ବିରାଟପାଟ ଠାକୁରାଣୀ ପୂଜା ପାଆନ୍ତି । ବିରାଟପାଟ ଠାକୁରାଣୀ ହେଉଛନ୍ତି ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ଏକ ପ୍ରାଚୀନ ମୂର୍ତ୍ତି । ଏହି ମୂର୍ତ୍ତିଟିର କିଛି ଅଂଶ ମାଟିତଳେ ପୋତିହୋଇ ଥିବାବେଳେ କିଛି ଅଂଶ ମାଟି ଉପରକୁ ରହିଛି । ମାଟିରେ ପୋତି ହୋଇ ରହିଥିବା ଅବସ୍ଥାରେ ଦେବୀ ଏଠାରେ ପୂଜା ପାଉଛନ୍ତି । ମାତ୍ର ଏଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ

Digitized by srujanika@gmail.com

ଆହୁରି ଅଧିକ ସଂଖ୍ୟାରେ ପ୍ରାଚୀନ ମୂର୍ତ୍ତି ଓ ଅନ୍ୟାନ୍ୟ ଶିଳାବଶେଷ ମିଳିପାରିବ ବୋଲି ଅନୁମାନ କରାଯାଉଛି ।

ଉଠାଣଗାଁର କଖାରୁଆ ବାଣେଶ୍ୱର

ଉଦଳା ବ୍ଲକ୍ ଅନ୍ତର୍ଗତ ଉଠାଣଗାଁରେ ରହିଛି ପ୍ରସିଦ୍ଧ ଐତିହାସିକ ଶୈବପୀଠ, ଯାହାର ନାଁ କଖାରୁଆ

କଖାରୁଆ ବାଣେଶ୍ୱର

ବାଣେଶ୍ୱର । ଉଦଳା ସହର ନିକଟରେ ବହିଯାଇଥିବା ସୋନ ନଦୀ କୂଳରେ ଏହି ପ୍ରାଚୀନ ମନ୍ଦିରଟି ଅବସ୍ଥିତ । କପ୍ତିପଦା ଗଡ଼ର ରାଜାଙ୍କ ଦ୍ୱାରା ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଏଠାରେ ଥିବା ଶିବଲିଙ୍ଗର ଉପରି ଭାଗରେ ଏକ ଖଣ୍ଡିଆ ଚିହ୍ନ ରହିଛି । କିମ୍ବଦନ୍ତୀ ଅନୁସାରେ, ବାଣାସୁର ଏଠାରେ ଏହି ଶିବଲିଙ୍ଗ ସ୍ଥାପନ କରିଥିଲା । ତେଣୁ ତାଙ୍କ ନାମାନୁସାରେ ଏହି ମହାଦେବଙ୍କ ନାମ କଖାରୁଆ ବାଣେଶ୍ୱର ହୋଇଛି । ସୋନ ନଦୀ କୂଳରେ ଅବସ୍ଥିତ ଏହି ସ୍ଥାନଟି ଅତ୍ୟନ୍ତ ମନୋରମ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ମନ୍ଦିର ପରିସରରେ ବହୁ ସଂଖ୍ୟାରେ ପ୍ରାଚୀନ ପ୍ରସ୍ତର ମୂର୍ତ୍ତି ଦେଖିବାକୁ ମିଳିଥାଏ । ଏହି ପୀଠଟିର ଯେଉଁଳି ବିକାଶ ହେବାକଥା, ତାହା ହୋଇନାହିଁ ।

ଘଣ୍ଟଶିଳା, ଲାଖାଇ ଚଣ୍ଡୀ ଓ ହଳଦିଘାଟ

ଖୁଣ୍ଟା ବ୍ଲକ୍ ସଦର ମହକୁମା ନିକଟରେ ଅବସ୍ଥିତ କୁକୁଆ ବାରୁଣୀ ପୀଠର ପୂର୍ବକୁ ଏକ ପାହାଡ଼ିଆ ଉଚ୍ଚଭୂମି (କୁଦ) ଦେଖିବାକୁ ମିଳେ । ଏହା ଘଣ୍ଟଶିଳା (ଘାଟଶିଳା) ଭାବେ ପରିଚିତ । ଏଠାରେ ଏକ ବିଶାଳ ପ୍ରସ୍ତର ଚଟାଣ ଉପରେ ରହିଛି ଏକ ପାହାଡ଼ ଗୁମ୍ଫା । ଏହି ପାହାଡ଼ ଗୁମ୍ଫାରେ ଏକ

Digitized by srujanika@gmail.com

ଲାଖାଇଚଣ୍ଡୀ

ପ୍ରାଚୀନ ଦେବୀ ମୂର୍ତ୍ତି **(ଲାଖାଇ ଚଣ୍ଡୀ)** ପୂଜା ପାଉଛନ୍ତି । ଏହା ଏକ ଅତି ପ୍ରାଚୀନ ମୂର୍ତ୍ତି ଏବଂ ଦେବୀ ଚତୁର୍ଭୁଜା । ତାଙ୍କ ପାଦ ତଳେ ଏକ ଛେଳି ଓ ସିଂହ ଶୋଭା ପାଉଥିବାର ଦେଖାଯାଏ । ଏହି ଘଣ୍ଟଶିଳା ପ୍ରସ୍ତର ଚଟାଣ ଉପରେ ଏକ ଅଣ୍ଡାକୃତି ପଥର ଦୃଶ୍ୟମାନ ହୋଇଥାଏ । ଏହାକୁ ସ୍ଥାନୀୟ ଲୋକେ **'ଖୁଦପୁଟୁଳି'** ବୋଲି କହନ୍ତି ।

କିମ୍ବଦନ୍ତୀ ଅନୁସାରେ, ଅଜ୍ଞାତ ବନବାସ କାଳରେ ପାଣ୍ଡବମାନେ ବିରାଟ ରାଜ୍ୟ ଅର୍ଥାତ୍

ଘଣ୍ଟଶିଳା ଗୁମ୍ଫାରେ ପୂଜିତ ଲାଖାଇଚଣ୍ଡୀଙ୍କ ପୁରାତନ ମୂର୍ତ୍ତି

Digitized by srujanika@gmail.com

ଘଣ୍ଟଶିଳା ପ୍ରସ୍ତର ଶଯ୍ୟାରେ ଥିବା 'ଖୁଦପୁଟୁଳି' ଶିଳାଖଣ୍ଡ

ବର୍ତ୍ତମାନର କପ୍ତିପଦା ଅଞ୍ଚଳରେ ଘୁରି ବୁଲୁଥିବାବେଳେ ଏଠାରେ କିଛିଦିନ ଅବସ୍ଥାନ କରିଥିଲେ । ପାଣ୍ଡବମାନେ ଏହି ଘଣ୍ଟଶିଳା ପାହାଡ଼ରେ ଅବସ୍ଥାନ କରୁଥିବାବେଳେ ଭୀମ ଏଠାରେ ଏକ ଖୁଦ ପୁଟୁଳି ରଖି ଦେଇ ଖାଇବାକୁ ଭୁଲି ଯାଇଥିଲେ । ଭୀମଙ୍କ ସେହି ଖୁଦପୁଟୁଳିଟି ଏବେ ପଥର ଅବସ୍ଥାରେ ଚଟାଣ ଉପରେ ପଡ଼ିରହିଛି । ଏଠାରେ ମଧ୍ୟ ଭୀମଙ୍କର ଆଣ୍ଠୁ ଚିହ୍ନ ଦେଖିବାକୁ

ଘଣ୍ଟଶିଳାର ବିସ୍ତୀର୍ଣ୍ଣ ପ୍ରସ୍ତର ଶଯ୍ୟା

Digitized by srujanika@gmail.com

ମିଳିଥାଏ । ଏଠାରେ ତିନୋଟି ଧ୍ୱଂସପ୍ରାପ୍ତ ଓ କ୍ଷୁଦ୍ର ଇଟା ନିର୍ମିତ ମନ୍ଦିର ଅଛି ।

ଘଣ୍ଟଶିଳାର ଖୁବ୍ ନିକଟରେ ଅନ୍ୟ ଏକ ପାହାଡ଼ ଅବସ୍ଥିତ ଯାହାର ନାଁ **'ହଳଦିଘାଟ'**। ହଳଦୀଘାଟରେ ରାମାୟଣର ରାମ, ଲକ୍ଷ୍ମଣ ଓ ସୀତା କିଛିଦିନ ପାଇଁ ଅବସ୍ଥାନ କରିଥିବା ଲୋକମୁଖରୁ ଶୁଣିବାକୁ ମିଳିଥାଏ । ଏଠାରେ ସୀତା ରୋଷେଇ ନିମନ୍ତେ ହଳଦୀଗୁଣ୍ଡ ପ୍ରସ୍ତୁତ କରିଥିଲେ । ଏଠାରେ ଏକ ଶିଳ ଓ ଶିଳପୁଆ ଦୃଶ୍ୟମାନ ହୋଇଥାଏ, ଯେଉଁଥିରେ କି ଦେବୀ ସୀତା ହଳଦି ବାଟୁଥିଲେ । ଦେବୀ ସୀତା ନିକଟସ୍ଥ ଗଙ୍ଗାହାର ନଦୀର ଭୁଡୁଆ ଜଳପ୍ରପାତ ନିକଟରେ ସ୍ନାନ କରୁଥିବାର କିମ୍ବଦନ୍ତୀ ରହିଛି । ମାତ୍ର ଏହି ପର୍ଯ୍ୟଟନସ୍ଥଳଟି ଯେମିତି ବିକଶିତ ହେବା କଥା, ତାହା ହୋଇପାରିନାହିଁ ।

କପ୍ତିପଦାର ଝିଙ୍କେଶ୍ୱର ପୀଠ

ଉତ୍ତର ଓଡ଼ିଶାର ପ୍ରମୁଖ ଶୈବପୀଠମାନଙ୍କ ମଧ୍ୟରୁ ଝିଙ୍କେଶ୍ୱର ପୀଠ ଅନ୍ୟତମ । ଉଦଳାଠାରୁ

କପ୍ତିପଦା ଯିବା ରାସ୍ତାରେ ପଡେ ଏହି ଝିଙ୍କେଶ୍ୱର ପୀଠ । କାଳ ନଦୀ କୂଳରେ ଏହି ପ୍ରାଚୀନ ଶିବ ମନ୍ଦିରଟି ଅବସ୍ଥିତ । ଶିବରାତ୍ରୀ ସମୟରେ ଏଠାରେ ପନ୍ଦର ଦିନ ଧରି ମେଳା ବସେ । ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଏଠାକୁ ଆସନ୍ତି । ଏଠାରେ ଏକ ପ୍ରାଚୀନ ବାମ୍ଫୀ ରହିଛି ।

Digitized by srujanika@gmail.com

ଶିଳଘାଟି ବନ୍ଧ

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ବେଳକୁ ମୟୁରଭଞ୍ଜରେ ପ୍ରଜା ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କ୍ଷମତା ଚାଲିଯିବା ଭୟରେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଇଂରେଜମାନଙ୍କ

ଶିଳଘାଟି ଡ୍ୟାମ୍

ସହାୟତା ଲୋଡ଼ିଥିଲେ । ଏହାର ସୁଯୋଗ ନେଇ ଇଂରେଜମାନେ ଉଭୟ ରାଜା ଓ ପ୍ରଜାମାନଙ୍କୁ ଶୋଷଣ କରିବାକୁ ଲାଗିଲେ । ଇଂରେଜମାନଙ୍କ ପୃଷ୍ଠପୋଷକତାରେ ରାଜକର୍ମଚାରୀମାନେ ମେଳିଆ ପ୍ରଜାମଣ୍ଡଳର ବିଭିନ୍ନ ସଂସ୍କାରଧର୍ମୀ କାର୍ଯ୍ୟକୁ ବିରୋଧ କରୁଥିଲେ ।

ମୟୁରଭଞ୍ଜ ରାଜା ମଧ୍ୟ ପ୍ରଜାମଣ୍ଡଳ କର୍ମୀମାନଙ୍କର ନାନା ପ୍ରକାର ସଂସ୍କାରମୂଳକ ଓ ଜନହିତକର କାର୍ଯ୍ୟକୁ ବିରୋଧ କରିଥିଲେ । ମୟୁରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ଅଞ୍ଚଳରେ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଦୋଳନରତ ପ୍ରଜାମଣ୍ଡଳ କର୍ମୀମାନେ ଚାଷୀମାନଙ୍କ ହିତ ପାଇଁ କପ୍ତିପଦା ଉପଖଣ୍ଡ ନିକଟବର୍ତ୍ତୀ ବର୍ତ୍ତମାନର ଗୋପବନ୍ଧୁନଗର ବ୍ଲକ୍ ଅନ୍ତର୍ଗତ ଶିଳଘାଟି ଗାଁରେ ଅବସ୍ଥିତ କିମ୍ବିରାହୁଡ଼ି ଓ ଭାଗିରଥୀହୁଡ଼ି ନାମକ ଦୁଇଟି କ୍ଷୁଦ୍ର ପାହାଡ଼କୁ ଏକ ବନ୍ଧ ଦ୍ୱାରା ସଂଯୋଗ କରି ଜଳଭଣ୍ଡାର ନିର୍ମାଣ କରିବେ ବୋଲି ନିଷ୍ପତ୍ତି ନେଇଥିଲେ ।

୧୯୪୨ ମସିହା ମାର୍ଚ୍ଚ ମାସ ୨୪ ତାରିଖ ଦିନ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ପ୍ରଜାମଣ୍ଡଳ କର୍ମୀମାନଙ୍କ ଉପସ୍ଥିତିରେ ଏହି ବନ୍ଧ ନିର୍ମାଣ କାମ ଆରମ୍ଭ ହୋଇଥିଲା । ପ୍ରଜାମଣ୍ଡଳ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ୧୯୪୨ ମସିହା ଏପ୍ରିଲ୍ ପହିଲା ଉତ୍କଳ ଦିବସ ଦିନ ଏହି ବନ୍ଧର

Digitized by srujanika@gmail.com

ନିର୍ମାଣ କାମ ଶେଷ ହୋଇଥିଲା । ଏବେ ବି ସେଦିନର ଏହି ବନ୍ଧ (ଜଳଭଣ୍ଡାର) ଏକ ଐତିହାସିକ ସାକ୍ଷୀ ଭାବେ ଶିଳସାଟିରେ ଦଣ୍ଡାୟମାନ । କର୍ପୁର ଉଡ଼ିଯାଇଛି, ମାତ୍ର କନା ପଡ଼ି ରହିଛି ନ୍ୟାୟରେ ଜଳଭଣ୍ଡାରଟି ଅନେକ ଅଂଶରେ ପୋତି ହୋଇପଡ଼ିଲାଣି । ଏହାର ପୁନରୁଦ୍ଧାର ଏବେ ଜରୁରୀ ହୋଇପଡ଼ିଛି ।

ଗୋରୁମହିଷାଣିର 'ପିଏନ୍ ବୋଷ ମେମୋରିଆଲ୍'

ରାଇରଙ୍ଗପୁର ବ୍ଲକ୍ ଅନ୍ତର୍ଗତ କୁଲେଇଶିଳା ଗୋରୁମହିଷାଣି ପାହାଡ଼ଟି ଐତିହାସିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ । ୧୯୦୪ ମସିହା ଫେବ୍ରୁଆରୀ ୨୪ ତାରିଖ ଦିନ ଏହି ପାହାଡ଼ରେ ଭାରତର ପ୍ରଥମ ଲୁହାଖଣି ଆବିଷ୍କୃତ ହୋଇଥିଲା । ଐତିହାସିକ ଗୋରୁମହିଷାଣି ଲୁହାଖଣିଟି ତତ୍କାଳୀନ ଟିସ୍କୋ (ଆଜିର ଟାଟା ଷ୍ଟୀଲ୍)ର ମାତୃଖଣି ବା 'ମଦର୍ ମାଇନ୍ସ' ଭାବେ ସୁପରିଚିତ । ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ଭାରତର ପ୍ରଥମ ଭୂତତ୍ତ୍ୱବିତ୍ ତଥା ଇଂଲଣ୍ଡରୁ ଜିଓଲୋଜିରେ ପାଠପଢ଼ି ଭାରତ ଫେରିଥିବା (ମୟୂରଭଞ୍ଜର ପ୍ରଥମ ଷ୍ଟେଟ୍ ଜିଓଲୋଜିଷ୍ଟ) ପ୍ରମଥ ନାଥ ବୋଷଙ୍କ ଯୋଗୁଁ ଆଜି ମୟୂରଭଞ୍ଜ ଜିଲ୍ଲା ଭାରତ ଇତିହାସରେ ପ୍ରଥମ ଲୁହା ଉତ୍ତୋଳନକାରୀ ରାଜ୍ୟର

ପି.ଏନ୍. ବୋଷ ମେମୋରିଆଲ

Digitized by srujanika@gmail.com

ପ୍ରମଥ ନାଥ ବୋଷ୍ (ପି.ଏନ୍. ବୋଷ)

ମାନ୍ୟତା ଲାଭ କରିପାରିଛି । ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପରାମର୍ଶକ୍ରମେ ଶ୍ରୀ ବୋଷ୍ ଭାରତର ପ୍ରଥମ ଲୌହ ଇସ୍ପାତ୍ କାରଖାନାର ସ୍ୱପ୍ନ ଦେଖୁଥିବା ଜାମ୍‌ସେଦ୍‌ଜୀ ନାସେର୍ ବାନ୍‌ଜି ଟାଟାଙ୍କୁ ଗୋରୁମହିଷାଣି ଲୁହାଖଣିର ଆବିଷ୍କାର ସଂପର୍କରେ ୧୯୦୪ ମସିହା ଫେବ୍ରୁଆରୀ ୨୪ ତାରିଖରେ ଏକ ଜରୁରୀପତ୍ର ଲେଖି ଲୁହାପଥର ଖଣିର ଲିଜ୍ ଗ୍ରହଣ କରିବାକୁ ଆମନ୍ତ୍ରଣ କରିଥିଲେ । ପି.ଏନ୍. ବୋଷଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଲୁହାପଥର ଖଣ୍ଡର ଏକ ନମୂନା ଉଚ୍ଚତର ପରୀକ୍ଷଣ ପାଇଁ ଲଣ୍ଡନସ୍ଥିତ ବ୍ରିଟିଶ୍ ଲାବୋରେଟୋରିକୁ ପଠାଯାଇଥିଲା । ମୟୂରଭଞ୍ଜ ରାଜ୍ୟରେ ଉନ୍ନତମାନର ଲୁହାପଥର ଗଚ୍ଛିତ ରହିଛି ବୋଲି ପରୀକ୍ଷା ରିପୋର୍ଟରୁ ଜଣାପଡ଼ିବା ପରେ ମୟୂରଭଞ୍ଜ ରାଜ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା । ଏହାପରେ ଜେ.ଏନ୍. ଟାଟା ଗୋରୁମହିଷାଣି ପାହାଡ଼ରୁ ଲୁହାପଥର ଉତ୍ତୋଳନ କରିବା ପାଇଁ ମୟୂରଭଞ୍ଜ ମହାରାଜାଙ୍କ ସହ ଏକ ୩୦ ବର୍ଷିଆ ଖଣିଲିଜ୍ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଥିଲେ । ଗୋରୁମହିଷାଣି ଲୁହାଖଣିରୁ ଉତ୍ତୋଳନ ହୋଇଥିବା ଲୁହାପଥରକୁ ବ୍ୟବହାର କରି ଜାମ୍‌ସେଦପୁରଠାରେ ଭାରତ ତଥା ଏସିଆ ମହାଦେଶର ପ୍ରଥମ ଲୁହା କାରଖାନା ଗଢ଼ିଉଠିଥିଲା । ଏହା ଫଳରେ ସମଗ୍ର ବ୍ରିଟିଶ୍ ଇଣ୍ଡିଆରେ ତତ୍‌କାଳୀନ ମୟୂରଭଞ୍ଜ ରାଜ୍ୟ ପ୍ରଚୁର

Digitized by srujanika@gmail.com

ରାଜସ୍ୱ ହାସଲ କରି ଏକ ଧନୀ ଓ ପ୍ରଭାବଶାଳୀ ରାଜ୍ୟ ଭାବେ ମୁଣ୍ଡ ଟେକିଥିଲା । ଟାଟା କଂପାନୀ ସେତେବେଳେ ଭାରତର ପ୍ରଥମ ଲୁହାଖଣିର ଆବିଷ୍କାରକ ପି.ଏନ୍. ବୋଷଙ୍କ ଅମର ସ୍ମୃତିରେ ତାଙ୍କଦ୍ୱାରା ଆବିଷ୍କୃତ ହୋଇଥିବା ବିଶାଳ ଲୁହାପଥର ଖଣ୍ଡଟିକୁ ଗୋରୁମହିଷାଣି ପାହାଡ଼ର ଏକ ପ୍ଲାଟ୍‌ଫର୍ମ ଉପରେ ସ୍ଥାପନ କରି ଏହାକୁ 'ପି.ଏନ୍. ବୋଷ ମେମୋରିଆଲ୍' ନାମରେ ନାମିତ କରିଥିଲେ । ମାତ୍ର ଏହି ଐତିହ୍ୟ ନିର୍ମାଣସ୍ଥଳୀଟି ଆଜି ଅବହେଳିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ।

ବହଳଦାର କିଚକେଶ୍ୱରୀ ମନ୍ଦିର

ଏକଦା ବହଳଦା ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା ବୋଲି ଇତିହାସରେ ଉଲ୍ଲେଖ ରହିଛି । ଖିଚିଂରୁ ରାଜଧାନୀ ଅପସାରଣ ପରେ ସାମୟିକ ଭାବେ ବହଳଦାରେ ମୟୂରଭଞ୍ଜର ରାଜଧାନୀ

ବହଳଦାର କୀଚକେଶ୍ୱରୀ ମନ୍ଦିର

ପ୍ରତିଷ୍ଠାଲାଭ କରିଥିଲା । ଖିଚିଂରୁ ରାଜଧାନୀ ଉଠି ଆସିବା ସମୟରେ ଭଞ୍ଜରାଜବଂଶର କୁଳଦେବୀ କିଚକେଶ୍ୱରୀ ମଧ୍ୟ ବହଳଦାକୁ ଆସିଥିଲେ । ଖିଚିଂ ନଗର ସମେତ କିଚକେଶ୍ୱରୀ ମନ୍ଦିରକୁ ଫିରୋଜ ଶାହା ତୁଗଲକ ଧ୍ୱଂସ କଲାପରେ ଭଞ୍ଜରାଜାମାନେ ସେଠାରୁ ଚାଲିଆସି ବୁଢ଼ାବଳଙ୍ଗ ନଦୀ କୂଳରେ ହରିପୁରଗଡ଼ରେ ନିଜର ରାଜଧାନୀ ପ୍ରତିଷ୍ଠା କଲେ । ସପ୍ତଦଶ ଶତାବ୍ଦୀ ବେଳକୁ ହରିପୁରଗଡ଼ ମୟୂରଭଞ୍ଜର ନୂଆ ରାଜଧାନୀ ହେଲା । ଏହା ପୂର୍ବରୁ ସାମୟିକ ଭାବେ ବହଳଦା ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ ଥିଲା ।

Digitized by srujanika@gmail.com

୧୯୧୮ ମସିହା ପର୍ଯ୍ୟନ୍ତ ବହଳଦା ବାମନଘାଟୀ ଉପଖଣ୍ଡର ସଦର ମହକୁମା ଥିଲା । ଏହାପରେ ରାଇରଙ୍ଗପୁର ବାମନଘାଟି ଉପଖଣ୍ଡର ସଦର ମହକୁମା ହୋଇଛି । ଏଠାରେ ଥିବା କିଚକେଶ୍ୱରୀ ମନ୍ଦିର ପ୍ରଥମେ ଧରୁଆ ବଂଶର ରାଜା ଦେବେନ୍ଦ୍ର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ପରେ ଭଂଜବଂଶର ରାଜଧାନୀ ବହଳଦାକୁ ସ୍ଥାନାନ୍ତର ହେବାପରେ ମା' କିଚକେଶ୍ୱରୀ ସେହି ବଂଶର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜିତ ହେଲେ । ରାଜଧାନୀ ହରିପୁରଗଡ଼କୁ ସ୍ଥାନାନ୍ତର ହେବା ପର୍ଯ୍ୟନ୍ତ ବହଳଦା ଭଞ୍ଜବଂଶର ରାଜଧାନୀ ଥିଲା । ଆଜି ବି ବହଳଦାର କଚେରୀ ଓ ରଙ୍ଗମହଲର ଭଗ୍ନାବଶେଷ ଦୃଷ୍ଟିଗୋଚର ହୋଇଥାଏ । ବହଳଦାର ପଶ୍ଚିମ ପଟେ ଖଡ଼ଖାଇ ଓ ପୂର୍ବରେ ନେସା ନଦୀ ବହିଯାଇଛି । ବହଳଦାର **ଛଉ ଉତ୍ସବ** ସମଗ୍ର ଓଡ଼ିଶାରେ ପ୍ରସିଦ୍ଧିଲାଭ କରିପାରିଛି । ଏହା ଏକମାସ ଧରି ଚାଲିଥାଏ ।

ରଘୁନାଥ ମୁର୍ମୁଙ୍କ ସମାଧିସ୍ଥଳ, ଦାଣ୍ଡବୋଷ ଓ ଗୁଣ୍ଡୁରିଆ

ରାଇରଙ୍ଗପୁର ସହରର ଅନତିଦୂରରେ ଅଲ୍‌ଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥାନ ତଥା ସମାଧିସ୍ଥଳ 'ଦାଣ୍ଡବୋଷ' ଗାଁ ଅବସ୍ଥିତ । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଗ୍ରାମ ଓ ସମାଧିସ୍ଥଳ ଦାଣ୍ଡବୋଷକୁ ପ୍ରତିବର୍ଷ ବୈଶାଖ ପୂର୍ଣ୍ଣିମାରେ ବହୁଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଆସିଥା'ନ୍ତି । ଦାଣ୍ଡବୋଷ ଏବେ ମୟୂରଭଞ୍ଜ ପର୍ଯ୍ୟଟନ ମାନଚିତ୍ରରେ ନୂତନକରି ସ୍ଥାନ ପାଇଛି । ଶାନ୍ତ ଓ ଶୀତଳ ପରିବେଶ ମଧ୍ୟରେ ଏକ ବିଶାଳ ପୁଷ୍କରିଣୀ, ଏକ ବିଶାଳ ପାର୍କ ଏବଂ ରଘୁନାଥ ମୁର୍ମୁଙ୍କ ସମାଧିସ୍ଥଳ

ରଘୁନାଥ ମୁର୍ମୁଙ୍କ ସମାଧିସ୍ଥଳ, ଦାଣ୍ଡବୋଷ

Digitized by srujanika@gmail.com

ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ସେହିଭଳି ଇତିହାସ ପ୍ରସିଦ୍ଧ ଗୁଷ୍ଟୁରିଆ ଗ୍ରାମଟି ମଧ୍ୟ ଦାଣ୍ଡବୋଷ ନିକଟରେ ଅବସ୍ଥିତ । ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶାରେ ମିଶିଥିଲା । ସ୍ୱର୍ଗତଃ ସୁନାରାମ ସୋରେନ୍‌ଙ୍କ ନେତୃତ୍ୱରେ ଆଦିବାସୀମାନେ ବିହାରରେ ମିଶିବା ପାଇଁ ଆନ୍ଦୋଳନ କରିଥିଲେ । ୧୯୪୯ ମସିହା ଫେବ୍ରୁଆରୀ ୭ ତାରିଖରେ ପୁଲିସ ଗୁଳିରେ ବହୁ ଆଦିବାସୀ ପ୍ରାଣ ହରାଇଥିଲେ । ସେମାନଙ୍କ ସ୍ମୃତିରେ ପ୍ରତିବର୍ଷ ଫେବ୍ରୁଆରୀ ୭ ତାରିଖରେ **'ଗୁଷ୍ଟୁରିଆ ସହିଦ ଦିବସ'** ଭାବେ ପାଳନ ହୋଇ ଆସୁଛି ।

ରାଇରଙ୍ଗପୁରର ଜଗନ୍ନାଥ ମନ୍ଦିର (ନୂତନ)

ରାଇରଙ୍ଗପୁର ସହର (ଗଡ଼ସାହି) ମଧ୍ୟରେ ଖଡ଼ଖାଇ ନଦୀ କୂଳରେ ଜଗନ୍ନାଥଙ୍କ ମନ୍ଦିର ଅବସ୍ଥିତ । ଏହି ମନ୍ଦିରଟି ୧୯୯୮ ମସିହାରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି । ଏଠାରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ । ବିଶେଷକରି ଝାଡ଼ଖଣ୍ଡରେ ବସବାସ କରୁଥିବା ଓଡ଼ିଆ ଭକ୍ତମାନେ ଏଠାକୁ ବହୁ ସଂଖ୍ୟାରେ ଆସିଥାନ୍ତି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଥା ଓ ପରଂପରା ଅନୁଯାୟୀ ଏଠାରେ ବାରମାସରେ ତେର ପର୍ବ ପାଳିତ ହୋଇଥାଏ ।

ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର

Digitized by srujanika@gmail.com

ରାଇରଙ୍ଗପୁର ଗଡ଼

ରାଇରଙ୍ଗପୁର ଗଡ଼ରେ ଅବସ୍ଥିତ ପ୍ରାଚୀନ ଐଶାଣେଶ୍ୱର ମନ୍ଦିର

ବାମନଘାଟିର ଧରୁଆ ମହାରାଜାଙ୍କ ଦ୍ୱାରା ରାଇରଙ୍ଗପୁର ଗଡ଼ ନିର୍ମାଣ କରାଯାଇଥିଲା । ଏହାର ଧ୍ୱଂସାବଶେଷ ଏବେ ରାଇରଙ୍ଗପୁରର ପୁରୁଣାଘାଟୀରେ ରହିଛି । ଖ୍ରୀ.ଅ. ୧୭୦୦ରେ ଧରୁଆ ମହାରାଜାଙ୍କ ବଂଶଧରଙ୍କ ଦ୍ୱାରା ଏହି ଗଡ଼ ପ୍ରତିଷ୍ଠା କରାଯାଇଥିଲା । ଏଠାରେ **ଐଶାନେଶ୍ୱର ମହାଦେବ ଏବଂ ମା' କିଚକେଶ୍ୱରୀଙ୍କ ମନ୍ଦିର** ରହିଛି । ପ୍ରତିବର୍ଷ ବିଷୁବ ସଂକ୍ରାନ୍ତିରେ ଏଠାରେ ପାଟୁଆ ଯାତ୍ରା (ଉଡ଼ା ପାଟ) ଯାତ୍ରା ଅନୁଷ୍ଠିତ ହୋଇଥାଏ । ଠାକୁରମୁଣ୍ଡାର ଉଡ଼ାପାଟ ଯାତ୍ରା ପରେପରେ ରାଇରଙ୍ଗପୁରର ଉଡ଼ାପାଟ ଯାତ୍ରା ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମଯାତ୍ରାର ମାନ୍ୟତାଲାଭ କରିପାରିଛି । ଏଠାରେ ଥିବା ଐଶାନେଶ୍ୱର ମନ୍ଦିରଟି ହରିପୁରଗଡ଼ର ରସିକରାୟ ମନ୍ଦିର ଭଳି ଗୌଡ଼ୀୟ ଶୈଳୀରେ ନିର୍ମିତ ।

ପ୍ରାଚୀନ ଐତିହ୍ୟସ୍ଥଳ; ପଦ୍ମପୁର (ଦେଉଳି)

ସାରସକଣା ବ୍ଲକ୍‌ର ଡାଲଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର (ଦେଉଳି) ଗାଁଟି ଐତିହାସିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଗାଁ ପାର୍ଶ୍ୱ ଦେଇ ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଖନନ ହେବାବେଳେ ଏଠାରେ ଏକ ପ୍ରାଚୀନ ମନ୍ଦିର ଥିବାର ଜଣାପଡ଼ିଥିଲା । କେନାଲ ଖୋଳାହେବା ସମୟରେ ଏଠାରୁ ବହୁତ ପ୍ରାଚୀନ ମୂର୍ତ୍ତି, ମନ୍ଦିରର ଅଂଶବିଶେଷ ଓ ଅନ୍ୟାନ୍ୟ କୀର୍ତ୍ତିରାଜି ମିଳିଥିଲା । ଏଠାରେ ପଥର ନିର୍ମିତ ଏକ ବହୁ ପୁରାତନ ମନ୍ଦିର ମାଟି ତଳେ ପୋତି ହୋଇ ଏକ ବିଶାଳ ସ୍ତୁପ (ଗଦା) ସୃଷ୍ଟି କରିଛି । ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଏହାର ପ୍ରାଚୀନତା ସଂପର୍କରେ ବହୁ ତଥ୍ୟ

Digitized by srujanika@gmail.com

ସାରସକଣା ବ୍ଲକ୍ ପଦ୍ମପୁର ଗାଁରୁ ମିଳିଥିବା ପ୍ରାଚୀନ ମୂର୍ତ୍ତି

ଭଗ୍ନ ମନ୍ଦିରର ଅଂଶବିଶେଷ

ଉଣାପଡ଼ନ୍ତା । ପୁରୁଣା ମନ୍ଦିରର ବହୁ ଅଂଶବିଶେଷ କେନାଲ ପାର୍ଶ୍ୱରେ ଏଣେତେଣେ ପଡ଼ିରହିଛି । ଏଠାରୁ ଉଦ୍ଧାର କରାଯାଇଥିବା ଏକ ବଡ଼ ବିଷ୍ଣୁ ମୂର୍ତ୍ତି, ଶିବ-ପାର୍ବତୀଙ୍କ ଯୁଗଳ ମୂର୍ତ୍ତି, ଶିବଲିଙ୍ଗ, ଦୁର୍ଗା ମୂର୍ତ୍ତି, ପୁରୁଣା ମନ୍ଦିରର ଧ୍ୱଂସାବଶେଷ, ମନ୍ଦିରର ଚୂଡ଼ା, ସୁନା ଧାତୁ ନିର୍ମିତ ଏକ ନାଗ ସମେତ ଅନ୍ୟାନ୍ୟ ପ୍ରାଚୀନ ମୂର୍ତ୍ତି ଏହି ପ୍ରାଚୀନ ଐତିହ୍ୟସ୍ଥଳର ବିଶେଷତ୍ୱ ସଂପର୍କରେ ଅନେକ କଥା କହିଥାଏ । ତେବେ ଏଠାରେ ଏକ ନୂତନ ମନ୍ଦିର ନିର୍ମାଣ କରାଯାଇ ବିଷ୍ଣୁ ମୂର୍ତ୍ତିଙ୍କ ସମେତ ଶିବ-ପାର୍ବତୀ ଓ

Digitized by srujanika@gmail.com

ଦୁର୍ଗାଙ୍କ ମୂର୍ତ୍ତିକୁ ପୂଜା କରାଯାଉଛି । ଏଠାରୁ ଉଦ୍ଧାର କରାଯାଇଥିବା ସୁନା ନାଗ ମନ୍ଦିର ସେବାୟତ ଇନ୍ଦ୍ରମୋହନ ମହାନ୍ତଙ୍କ ଘରେ ରହିଛି ।

ବାବା ଶିମଳେଶ୍ୱର ମନ୍ଦିର

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଗୋଲାମୁଣ୍ଡାକଟା ପଞ୍ଚାୟତରେ ଶିମିଳିପାଳ ପାଦଦେଶରେ ବୁଢ଼ାବଳଙ୍ଗ ନଦୀ କୂଳରେ ଶିମଳେଶ୍ୱର ମହାଦେବ ମନ୍ଦିର ଅବସ୍ଥିତ । ଏହି ପୁରାତନ ଶୈବ ପୀଠଟି ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଭ କରିପାରିଛି । ଏହି ପୀଠକୁ

ଶିମଳେଶ୍ୱର ଶିବ ମନ୍ଦିର, ବାଙ୍ଗିରିପୋଷି

ନେଇ ଏକ କିମ୍ବଦନ୍ତି ରହିଛି । ଏହି ସ୍ଥାନଟି ଦିନେ ଶିମିଳି ଗଛକୁ ନେଇ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ପାଖ ଦେଇ ବହିଯାଉଥିବା ବୁଢ଼ାବଳଙ୍ଗ ନଦୀ ଆରପାର୍ଶ୍ୱସ୍ଥ ଏକ ଗାଁରୁ ଗାଇଟିଏ ଆସି ଜଙ୍ଗଲର ଏହି ନିର୍ଦ୍ଦିଷ୍ଟ ସ୍ଥାନରେ କ୍ଷୀର ଦେଉଥିଲା । ଗାଇଟି କାହିଁକି ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ କ୍ଷୀର ଦେଉଛି ବୋଲି ଗାଇମାଲିକ ମନରେ ସନ୍ଦେହ ହେଲା । ଦିନେ ମାଲିକ ଗାଇ ପଛେପଛେ ଅନୁସରଣ କରିବାରୁ ସେଠାରେ ଏକ ଶିବଲିଙ୍ଗ ଥିବାର ଜାଣିବାକୁ ପାଇଥିଲେ । ଶିମିଳି ବଣରେ ଥିବା ଏହି ଶିବଲିଙ୍ଗକୁ ପରବର୍ତ୍ତୀ କାଳରେ ଲୋକେ ପୂଜାର୍ଚ୍ଚନା କରିବା ଆରମ୍ଭ କରିଥିଲେ । ସେହିଦିନଠୁ ମହାଦେବ ଶିମଳେଶ୍ୱରଙ୍କ ନାମରେ ଖ୍ୟାତ ହେଲେ । ୧୯୧୫ ମସିହାରେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା ।

Digitized by srujanika@gmail.com

ଅଗ୍ନିଦେବୀ ହିଙ୍ଗୁଳା ମନ୍ଦିର (ନୂତନ)

ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ୍ ସୋହାଗପୁର ପଞ୍ଚାୟତର ଘଞ୍ଚ ଶାଳଜଙ୍ଗଲ ମଧ୍ୟରେ ରହିଛି ହିଙ୍ଗୁଳା ଠାକୁରାଣୀଙ୍କ ଏକ ଆକର୍ଷଣୀୟ ମନ୍ଦିର । ବାରିପଦାରୁ ଡୁକୁରା ଛକ ଦେଇ ୨୦ କିଲୋମିଟର

ଗଲେ ଏହି ପୀଠ ପଡ଼ିଥାଏ । ସୋହାଗପୁର କୁଆମରା ରାସ୍ତାର ଶାଳ ଜଙ୍ଗଲ ମଧ୍ୟରେ ଏବଂ **ଗଙ୍ଗାହାର** ନଦୀ କୂଳରେ ମା' ହିଙ୍ଗୁଳାଙ୍କ ମନ୍ଦିର ଅବସ୍ଥିତ । ପ୍ରତିବର୍ଷ ଅଗ୍ନି ପୂର୍ଣ୍ଣିମା ପର ଶନିବାର କିମ୍ବା ମଙ୍ଗଳବାର ଏଠାରେ ହିଙ୍ଗୁଳା ମହୋତ୍ସବ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ । ସମଗ୍ର ଉତ୍ତର ଓଡ଼ିଶାରେ ଏହି ବୃହତ୍ ମେଳା ଓ ଯଜ୍ଞ ଦେଖିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତ ଆସିଥାନ୍ତି । ତାଳଚେରର ଗୋପାଳପ୍ରସାଦ ପରେପରେ ଏହା ରାଜ୍ୟର ଦ୍ୱିତୀୟ ବୃହତ୍ତମ ହିଙ୍ଗୁଳା ପୀଠ ଭାବେ ପରିଚିତ ।

Digitized by srujanika@gmail.com

ମାଣତ୍ରୀର କଖାରୁଆ ବୈଦ୍ୟନାଥ ମନ୍ଦିର

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରୁ ୪୫ କିଲୋମିଟର ଦକ୍ଷିଣ-ପୂର୍ବ ଦିଗରେ ଡୁକୁରା-ପ୍ରତାପପୁର-ବଡ଼ସାହି ରାସ୍ତାରେ ମାଣତ୍ରୀଠାରେ ଏହି ପ୍ରସିଦ୍ଧ ଐତିହାସିକ ହରିହର ପୀଠଟି ଅବସ୍ଥିତ । ଏହି ମନ୍ଦିରର ନିର୍ମାଣ ଶୈଳୀ ମଧ୍ୟଯୁଗୀୟ କଳା ଭାସ୍କର୍ଯ୍ୟରେ ଏକ ଶ୍ରେଷ୍ଠ ନମୁନା ।

ମାଣତ୍ରୀଠାରେ ବାବା କଖାରୁଆ ବୈଦ୍ୟନାଥ ଏବଂ ଦଧିବାମନ ରୂପରେ ଜଗନ୍ନାଥ ପୂଜିତ ହେଉଥିବାରୁ ଏହା ହରିହର ପୀଠ ଭାବେ ଖ୍ୟାତ । ଏଠାରେ ସୂର୍ଯ୍ୟ ଦେବତାଙ୍କ ପୂଜା କରାଯାଉଥିବାରୁ ଏହା ଅର୍କ କ୍ଷେତ୍ର ଭାବେ ମଧ୍ୟ ସ୍ୱୀକୃତ । ମନ୍ଦିରଟି ଖ୍ରୀ.ଅ. ୧୪୦୦ରେ ତତ୍କାଳୀନ ଓଡ଼ିଶାର

ଗଜପତି ବଂଶର କଖାରୁଆ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । କଖାରୁଆ ଦେବ ପଶ୍ଚିମାଞ୍ଚଳ ଭ୍ରମଣରେ ଆସିଥିବାବେଳେ ମାଣତ୍ରୀଠାରେ ଡେରା ପକାଇଥିଲେ ଏବଂ ସ୍ୱପ୍ନାଦେଶ ପରେ ସେ ଏହି ମନ୍ଦିରର ନିର୍ମାଣ କାମ ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା କଖାରୁଆ ଦେବ ନିହତ ହୋଇଥିଲେ । ୧୫୫୬ ଖ୍ରୀ.ଅ.ରେ ମୟୂରଭଞ୍ଜର ତତ୍କାଳୀନ ଭଞ୍ଜବଂଶୀୟ

Digitized by srujanika@gmail.com

ରାଜା ବୈଦ୍ୟନାଥ ଭଞ୍ଜ ଏଠାରେ ନିର୍ମିତ ଶିବ ମନ୍ଦିରକୁ ଲାଗି ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ସେବେଠୁ ମାଣତ୍ରୀ ହରିହର କ୍ଷେତ୍ର ଭାବେ ପରିଚିତ ହୋଇପାରିଛି ।

ବୈଦ୍ୟନାଥ ମନ୍ଦିରଟି ମରହଟ୍ଟା ଦୁର୍ଗ ଗଠନ ଶୈଳୀରେ ନିର୍ମିତ । ମନ୍ଦିର ଚତୁର୍ପାର୍ଶ୍ୱରେ ଗଡ଼ ପରିକ୍ରମା ବେଢ଼ା ନିର୍ମିତ ହୋଇଛି । ମନ୍ଦିରଟି ଚାରି ଭାଗରେ ବିଭକ୍ତ ଯଥା- ନାଟ ମନ୍ଦିର, ବୃଷଭ ବଖରା, ପାର୍ବତୀ ମନ୍ଦିର ଏବଂ ଗର୍ଭଗୃହ । ମୂଳ ମନ୍ଦିରର ଉଚ୍ଚତା ୬୩ ଫୁଟ ୬ ଇଞ୍ଚ । ମନ୍ଦିର ମଧ୍ୟରେ ଅଷ୍ଟଦଳ ପଦ୍ମଯୁକ୍ତ ସୂର୍ଯ୍ୟମଣ୍ଡଳ ଏବଂ କୋଣାର୍କ ମନ୍ଦିର ଶୈଳୀରେ ସୂର୍ଯ୍ୟ ନାରାୟଣଙ୍କ ବିଗ୍ରହ ବିଦ୍ୟମାନ । ଏଠାରେ ମହାଦେବଙ୍କ ମହାଶିବରାତ୍ରୀ ଓ ଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ ।

ମାଣତ୍ରୀ ହରିହର ମନ୍ଦିର ପଛ ପଟେ ଅର୍ଥାତ୍ ଉତ୍ତର ଦିଗରେ ପବିତ୍ର ଗଙ୍ଗାହାର ନଦୀ ବହିଯାଉଥିବାବେଳେ ଉତ୍ତର ପାର୍ଶ୍ୱରେ ବୁଢାବଳଙ୍ଗ ନଦୀ ପ୍ରବାହିତ ହୋଇ ପୀଠର ପବିତ୍ରତା ବୃଦ୍ଧି କରିଛି । ଏଠାକାର ଲୋକେ ତିନି ମାଣ ଜମିର ଶସ୍ୟ ଠାକୁରଙ୍କ ନିମନ୍ତେ ଭୋଗ ପ୍ରଦାନ କରୁଥିବାରୁ ଏହାର ନାମ 'ମାଣତ୍ରି' ହୋଇଛି ବୋଲି କୁହାଯାଇଥାଏ ।

ତାଳନ୍ଦ ପ୍ରତ୍ନତାତ୍ତ୍ୱିକ ସ୍ଥଳ (ବଡ଼ସାହି)

ବଡ଼ସାହି ବ୍ଲକ୍ ଅନ୍ତର୍ଗତ ତାଳନ୍ଦ ଗାଁଟି ମୟୂରଭଞ୍ଜ ଜିଲ୍ଲାର ଆଉ ଏକ ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ବହନ କରୁଥିବା ଗାଁ । ବାରିପଦାରୁ ପୋଡ଼ାଅସ୍ତିଆ ଦେଇ ଉଦଳା ରାସ୍ତାରେ ଗଲେ ବାଟରେ ପଡ଼େ ଏହି

ତାଳନ୍ଦରେ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିବା ମନ୍ଦିରର ଭଗ୍ନାବଶେଷ

Digitized by srujanika@gmail.com

ତାଳଦରେ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିବା ମନ୍ଦିରର ଭଗ୍ନାବଶେଷ

ଗାଁ । ତାଳଦ ଗାଁଟି ବାଲିଯୋଡ଼ାକୁ ଲାଗି ଅବସ୍ଥିତ । ଏହି ଗାଁ ମୁଣ୍ଡରେ ଏକ ବିସ୍ତୀର୍ଣ୍ଣ କୁଦ (ଉଚ୍ଚ ଭୂମି) ଅବସ୍ଥିତ । ଏଠାରେ ପ୍ରାଚୀନ କାଳର ବହୁ ପ୍ରସ୍ତର ନିର୍ମିତ ମନ୍ଦିରର ଅବଶେଷ ଦେଖିବାକୁ ମିଳେ । ଅତୀତରେ ଏଠାରେ ବହୁସଂଖ୍ୟାରେ ମୂର୍ତ୍ତି ମଧ୍ୟ ଏଣେତେଣେ ବିଛେଇହୋଇ ପଡ଼ିଥିଲା । ଏଥିରୁ ବହୁତ ମୂର୍ତ୍ତି ଚୋରି ହୋଇଯାଇଛି । ତଥାପି ଏବେ ଏଠାରେ ଭଗ୍ନ ମନ୍ଦିରର ବହୁ ଅଂଶବିଶେଷ ଏବଂ ମନ୍ଦିରର ଚୂଡ଼ା ପଡ଼ିଥିବାର ଦେଖାଯାଏ । ଏହି କୁଦ (ଢିପ ଜମି)କୁ ଖନନ କଲେ ବହୁ ପ୍ରାଚୀନ ମୂର୍ତ୍ତି ଓ ମନ୍ଦିରର ଅଂଶବିଶେଷ ମିଳିବ ବୋଲି ଅନୁମାନ କରାଯାଉଛି । ମାତ୍ର ଆଜିଯାଏ ଏଠାରେ ପ୍ରତ୍ନତାତ୍ତ୍ୱିକ ଖନନ ସଂଭବପର ହୋଇପାରିନାହିଁ ।

କୁରାଡ଼ିହା ଗଡ଼

ବଡ଼ସାହି ବ୍ଲକ୍ ଅନ୍ତର୍ଗତ ମାଣିତ୍ରୀ ଗାଁ ନିକଟରେ ଏହି ପ୍ରାଚୀନ ଐତିହାସିକ କୁରାଡ଼ିହାଗଡ଼ର ଭଗ୍ନାବଶେଷ ରହିଛି । ଏଠାରେ ଥିବା ଐତିହାସିକ ବାନ୍ଧ, ଭଗ୍ନ ରାଣୀମହଲ, ମା' ଅମ୍ବିକା ଓ ପାତାଳେଶ୍ୱର ମନ୍ଦିର ହିଁ ଗଡ଼ର ପ୍ରାଚୀନତା ସଂପର୍କରେ ବହୁ ତଥ୍ୟ ଉପସ୍ଥାପିତ କରିଥାଏ । ବଡ଼ସାହି-ମାଣିତ୍ରୀ ରାସ୍ତା ମଧ୍ୟରେ କୁରାଡ଼ିହାଗଡ଼ ଅବସ୍ଥିତ । କୁରାଡ଼ିହା ଗଡ଼ରୁ ବହୁ ଭଗ୍ନାବଶେଷ ମିଳିଛି । କୁରାଡ଼ିହା ଗଡ଼ର ପତନ ନେଇ ଅନେକ କଥା ଶୁଣିବାକୁ ମିଳେ । ମରହଟ୍ଟାମାନଙ୍କ ମାଣିତ୍ରୀଗଡ଼ ଦଖଲ ପରେ ମୟୁରଭଞ୍ଜର ମହାରାଜା ଦାମୋଦର ଭଞ୍ଜ ଏହି ଗଡ଼କୁ ପଳାଇ ଆସିଥିଲେ । ମାତ୍ର ପରେ ମରାଠାମାନେ ଗଡ଼କୁ ମଧ୍ୟ ଧ୍ୱଂସ କରିଦେଇଥିଲେ । ମାଣତ୍ରୀ ଗଡ଼ ମରହଟ୍ଟାଙ୍କ କବ୍‌ଜାକୁ

Digitized by srujanika@gmail.com

କୁରାଡ଼ିହାଗଡ଼ସ୍ଥ ବାମ୍ଫି

ଚାଲିଯିବାରୁ ମହାରାଜା ଦାମୋଦର ଭଞ୍ଜ ସୈନ୍ୟସାମନ୍ତଙ୍କ ସହ ଏହି ଗଡ଼କୁ ଚାଲି ଆସିଥିଲେ । ମାତ୍ର ନିଜ ସେନାପତିଙ୍କ ବିଶ୍ୱାସଘାତକତା ଏବଂ ମରହଟ୍ଟା ସେନାର ପ୍ରବଳ ଆକ୍ରମଣ ଜାଣିପାରି ମହାରାଜା ଦୁର୍ଗ ଛାଡ଼ ପଳାଇ ଯାଇଥିଲେ । ସୈନ୍ୟସାମନ୍ତଙ୍କ ଖାଦ୍ୟ ପାଇଁ ସେ ଏଠାରେ ଏକ ବିଶାଳ ଶସ୍ୟଭଣ୍ଡାର ନିର୍ମାଣ କରାଇଥିଲେ । ଏଠାରେ ବହୁମାତ୍ରାରେ ଚାଉଳ ମହଜୁଦ ଥିଲା । ଦୁର୍ଗ ପରିତ୍ୟାଗ କରିବା ପୂର୍ବରୁ ମହାରାଜା ଶସ୍ୟଭଣ୍ଡାରରେ ଅଗ୍ନି ସଂଯୋଗ କରିଦେଇଥିଲେ । ଏହା ଫଳରେ ସମସ୍ତ ଶସ୍ୟ ପୋଡ଼ି ଧ୍ୱଂସ ପାଇଯାଇଥିଲା । ଏବେ ବି ଏଠାରେ ମାଟିତଳେ ପୋଡ଼ା ଚାଉଳ ପୋତି ହୋଇଥିବାର ଦୃଶ୍ୟମାନ ହୋଇଥାଏ ।

ଏଠାରେ ବର୍ଗାକାର ଇଟା ଓ ପଥରର ଅବଶେଷ ଏଠାରେ ଦେଖିବାକୁ ମିଳେ । ଗଡ଼ ନିକଟରେ କୁରାଡ଼ିହା ନାମରେ ଏକ ବଡ଼ ଗାଁ ରହିଛି । ଏଠାରେ ଏକ ଗଭୀର ବାମ୍ଫି ରହିଛି । ବର୍ଗାକାର ଇଟାରେ ନିର୍ମିତ ଏହି ବାମ୍ଫିର ତଳ ପର୍ଯ୍ୟନ୍ତ ଯିବାକୁ ମୋଟ ୨୬ଟି ପାହାଚ ରହିଛି । ପନ୍ଦର ଫୁଟ

Digitized by srujanika@gmail.com

ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ଏହି ବାମ୍ଫିର ପାଣି ପର୍ଯ୍ୟନ୍ତ ପହଞ୍ଚିବାକୁ ୨୬ଟି ପାହାଚ ନିର୍ମାଣ କରାଯାଇଛି । ଗଡ଼ର ପୂର୍ବ ଦିଗରେ ଗଡ଼ଚଣ୍ଡୀଙ୍କର ଏକ ମନ୍ଦିର ଥିଲା । ମାତ୍ର ବର୍ତ୍ତମାନ ତାହା ନାହିଁ । ଏଠାରେ ଗଡ଼ଚଣ୍ଡୀ ମନ୍ଦିରର ଚୂଡ଼ା ଧ୍ୱଂସପ୍ରାପ୍ତ ଅବସ୍ଥାରେ ପଡ଼ିଥିବାର ଦେଖାଯାଏ । କୁରାଢ଼ିଆ ଗଡ଼ର ନିର୍ମାଣ କାଳ ଜଣାପଡ଼ି ନାହିଁ ।

ବଡ଼ବେଲାକୁଟି ଓ ଏଠାରୁ ମିଳିଥିବା ପ୍ରାଚୀନ ମୂର୍ତ୍ତି

ଦଶଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା (ବୁଢ଼ୀଚଣ୍ଡୀ)

Digitized by srujanika@gmail.com

ବଡ଼ବେଲାକୁଟିରେ ପୂଜା ପାଉଥିବା ପ୍ରାଚୀନ ମୂର୍ତ୍ତି

ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ୍‌ର ପଶୁଦା ପଞ୍ଚାୟତରେ ରହିଛି ବଡ଼ବେଲାକୁଟି ଐତିହାସିକ ଗ୍ରାମ । ଏହି ଗାଁର ଉତ୍ତର ଦିଗରେ ଏକ ଭଗ୍ନ ଦୁର୍ଗର ଧ୍ୱଂସାବଶେଷ ରହିଛି । ଐତିହାସିକ ଦୃଷ୍ଟିରୁ ଏହି ଗାଁଟି ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଏଠାରେ ବହୁ ସଂଖ୍ୟାରେ ପ୍ରାଚୀନ ମୂର୍ତ୍ତି, ମନ୍ଦିର ଧ୍ୱଂସାବଶେଷ, ଅନ୍ୟାନ୍ୟ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ । ଏଠାରେ ଥିବା ଦଶଭୁଜା ମହିଷାମର୍ଦ୍ଦିନି ଦୁର୍ଗା **'ବୁଷଚଣ୍ଡୀ'** ଭାବେ ପୂଜା ପାଇଥାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ଉଦ୍ଧାର

ବଡ଼ବେଲାକୁଟିରେ ପୂଜା ପାଉଥିବା ପ୍ରାଚୀନ ମୂର୍ତ୍ତି

Digitized by srujanika@gmail.com

ହୋଇଥିବା ମୂର୍ତ୍ତିମାନଙ୍କ ମଧ୍ୟରେ ଏହି **ଦଶଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତିଟି** ଗଠନ ଓ କଳାତ୍ମକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ । ମୂର୍ତ୍ତିଟିର ଆକାର ବହୁତ ବଡ଼ ଓ ଖୁବ୍ କମନୀୟ । ଦଶଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତିର ବାମପଟକୁ **ଚତୁର୍ଭୁଜ ବିଷ୍ଣୁ, ଦ୍ୱିଭୁଜା ଜନକ ଦୁର୍ଗା, ବିରାଟପାଟ** ଆଦି ଅନେକ ମୂର୍ତ୍ତି ରହିଛି । ଏସବୁ ମୂର୍ତ୍ତି ବହୁ ପ୍ରାଚୀନ । ମାତ୍ର ଏ ପ୍ରାଚୀନ ମୂର୍ତ୍ତିଗୁଡ଼ିକ ସଂପର୍କରେ ଆଜିଯାଏ ସନ୍ତୋଷଜନକ ଅଧ୍ୟୟନ ସଂଭବପର ହୋଇପାରିନାହିଁ । ଏହି ଗାଁରେ ମଧ୍ୟ ମହାଦେବ **ଶୀତଳେଶ୍ୱର** ଓ **ଲୋକନାଥ** ମନ୍ଦିର ରହିଛି । ଗାଁରେ ଏକ ବିଶାଳ ପଥର ନିର୍ମିତ ଚୈତ୍ୟ ଦେଖିବାକୁ ମିଳିଥାଏ । ଏହାକୁ **'ଏକଚୈତ୍ୟ'** କୁହାଯାଏ । ସ୍ଥାନୀୟ ଲୋକେ ଏହାକୁ **'ଭୀମକାଣ୍ଡ'** କହିଥାନ୍ତି । ଗାଁ ନିକଟରେ ଭାଗିରଥୀ ଗୁଡ଼ି ଅବସ୍ଥିତ । ଭାଗିରଥୀ ଗୁଡ଼ିରେ ଏକ ବିଶାଳ ଗୁମ୍ଫା ରହିଛି ।

ଐତିହାସିକ ସଠିଲୋ ଗ୍ରାମ ଓ ଏଠାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

ବେତନଟୀ ବ୍ଲକ୍ ସଦର ମହକୁମାଠାରୁ ମାତ୍ର ୨ କିଲୋମିଟର ପୂର୍ବ ଦିଗରେ ସଠିଲୋ ଗ୍ରାମ ଅବସ୍ଥିତ । ଏଠାରେ ଏକ ପୁରାତନ ଦୁର୍ଗ ଥିଲା ବୋଲି ଇତିହାସରେ ଉଲ୍ଲେଖ ରହିଛି । ମାତ୍ର ଆଜିର ଦିନରେ ଏହି ଗାଁରେ ସେମିତି କୌଣସି ଦୁର୍ଗର ଅଂଶବିଶେଷ ଦୃଷ୍ଟିଗୋଚର ହୋଇ ନଥାଏ । ଗାଁରେ ଏକ ଉଚ୍ଚ କୁଦ/ଢିପ ଭଳି ସ୍ଥାନ ରହିଛି, ଯାହାକୁ ସ୍ଥାନୀୟ ଲୋକେ **'ଢିପଉଙ୍ଗା'** ବୋଲି କହନ୍ତି । ଏଠାରେ

ସଠିଲୋରେ ପୂଜିତ ମୂର୍ତ୍ତି

Digitized by srujanika@gmail.com

ଘଠିଲୋରେ ପୂଜା ପାଉଥିବା ପୁରାତନ ପ୍ରସ୍ତର ମୂର୍ତ୍ତିସମୂହ

ପ୍ରାଚୀନ ଗଡ଼ଟି ପୋତି ହୋଇ ରହିଛି ବୋଲି ଗ୍ରାମବାସୀ କୁହନ୍ତି । ଏହା ସହିତ ଏହି ଗାଁରେ ଦୁଇଟି ବିଶାଳ ରାଜକୀୟ ପୁଷ୍କରିଣୀ ରହିଛି । ଏଠାରୁ ଉଦ୍ଧାର କରାଯାଇଥିବା ଅନେକ ପ୍ରାଚୀନ ମୂର୍ତ୍ତି କାରୁକୀର୍ତ୍ତି ଗାଁରେ ସଂଗ୍ରହ କରାଯାଇ ରଖାଯାଇଛି । ଗାଁରୁ ଉଦ୍ଧାର କରାଯାଇଥିବା ମୂର୍ତ୍ତିମାନଙ୍କୁ ଗ୍ରାମବାସୀ ପୂଜା କରିଆସୁଛନ୍ତି । ଏଠାରୁ ମିଳିଥିବା ମୂର୍ତ୍ତିମାନଙ୍କର ଏକ ତାଲିକା ଦିଆଗଲା-

ଘଠିଲୋରେ ପୂଜା ପାଉଥିବା ପୁରାତନ ପ୍ରସ୍ତର ମୂର୍ତ୍ତିସମୂହ

Digitized by srujanika@gmail.com

୧. କାଳିକା ମୂର୍ତ୍ତି : ଏହି ମୂର୍ତ୍ତିଟି ଦ୍ୱିଭୁଜା ଏବଂ ଏହାକୁ ରତ୍ନପୁର ଗ୍ରାମବାସୀ ପୂଜା କରୁଛନ୍ତି । ମୂର୍ତ୍ତିଟିର ଗୋଟିଏ ହାତରେ କୋରଡ଼ା (ଚାବୁକ୍) ଥିଲାବେଳେ ଅନ୍ୟହାତରେ ଖଣ୍ଡା ରହିଛି ।

୨. ହର-ପାର୍ବତୀ ମୂର୍ତ୍ତି : ସଠିଲୋ ମହାଦେବ ମନ୍ଦିର ସାମ୍ନାରେ ପୂଜିତ

୩. ମଙ୍ଗଳା

୪. ସର୍ବମଙ୍ଗଳା

୫. ପଷ୍ଟିମା

୬. ବିଷ୍ଣୁମୂର୍ତ୍ତି (ବଂଶୀଧର)

୭. ଦୁର୍ଗା

୮. ଲତା ଦେବା (କୃଷ୍ଣଙ୍କ ପତ୍ନୀ)

୯. ଦ୍ୱାରଶୁଣୀ

୧୦. ଗଡ଼ଚଣ୍ଡୀ

୧୧. ଛଅ ଭଉଣୀ

୧୨. କ୍ଷେତ୍ରପାଳ ଓ ଅନ୍ୟାନ୍ୟ

ମଙ୍ଗଳା, ସର୍ବମଙ୍ଗଳା, ପଷ୍ଟିମା, ବିଷ୍ଣୁ (ବଂଶୀଧର), ଦୁର୍ଗା, ଲତା ଦେବୀ (କୃଷ୍ଣ ପତ୍ନୀ), ଦ୍ୱାରଶୁଣୀ, ଗଡ଼ଚଣ୍ଡୀ, ଛଅଭଉଣୀ, କ୍ଷେତ୍ରପାଳ ଆଦି ମୂର୍ତ୍ତି ସଠିଲୋ ଗ୍ରାମର ଗଡ଼ଚଣ୍ଡୀଙ୍କ ମନ୍ଦିରରେ ପୂଜା ପାଉଛନ୍ତି ।

ଐତିହାସିକ ଗ୍ରାମ ରାଣୀବନ୍ଧ (ଗୋପବନ୍ଧୁନଗର)

ଐତିହାସିକ ଦୃଷ୍ଟିକୋଣରୁ ଗୋପବନ୍ଧୁନଗର ବ୍ଲକ୍ ଅନ୍ତର୍ଗତ ରାଣୀବନ୍ଧ ଗ୍ରାମଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଏଠାରୁ ବହୁ ପ୍ରାଚୀନ ମୂର୍ତ୍ତି, ଚୈତ୍ୟ, ଦୁର୍ଗର ଧ୍ୱଂସାବଶେଷ ଦେଖିବାକୁ ମିଳିଥାଏ । ଗାଁଟିରେ ବିଶେଷକରି ବାଥୁଡ଼ି ସଂପ୍ରଦାୟର ଜନଜାତି ଲୋକମାନେ ବାସ କରନ୍ତି । ରାଣୀବନ୍ଧ ଗ୍ରାମରେ ଦୁଇଟି ବିଶାଳ ଐତିହାସିକ ପୁଷ୍କରିଣୀ ରହିଛି । ସେ ଦୁଇ ପୁଷ୍କରିଣୀ ହେଉଛି- **୧. କୋଟିବ୍ରାହ୍ମୀ ପୁଷ୍କରିଣୀ (ବେଲଗଡ଼ିଆ) ୨. ବୋଧି ପୋଖରୀ (ବୋଧିଗଡ଼ିଆ)** । ଏଠାରୁ ଉଦ୍ଧାର କରାଯାଇଥିବା **ନରସିଂହଙ୍କ ମୂର୍ତ୍ତି** (ଚତୁର୍ଦ୍ଦଶ ଶତାବ୍ଦୀ) ଏବେ ବାରିପଦା ସଂଗ୍ରହାଳୟରେ ରଖାଯାଇଛି । ମାତ୍ର ଏହି ମୂର୍ତ୍ତିଟିର ପ୍ରାପ୍ତିସ୍ଥାନ ବଡ଼ସାହି ବୋଲି ଦର୍ଶାଯାଇଛି । **ରାଣୀବନ୍ଧ** ଗ୍ରାମରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତିମାନଙ୍କୁ ଗ୍ରାମବାସୀମାନେ ପୂଜା କରୁଛନ୍ତି । ସେଥିମଧ୍ୟରୁ ଜଣେ ଦେବତା ହେଉଛନ୍ତି, ରାଣୀବନ୍ଧ ଗ୍ରାମର ବଡ଼ାମ୍ ଶାଳରେ ପୂଜା ପାଉଥିବା ମହାବୀର । ମହାବୀର ହନୁମାନ ହେଉଛନ୍ତି

Digitized by srujanika@gmail.com

ରାଣୀବନ୍ଧ (ଗୋପବନ୍ଧୁନଗର ବ୍ଲକ୍)ରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

ବାଥୁଡ଼ିମାନଙ୍କ ଅନ୍ୟତମ ପ୍ରମୁଖ ଦେବତା । ସେହି ଦୃଷ୍ଟିରୁ ରାଣୀବନ୍ଧର ବାଥୁଡ଼ିମାନେ ଏହି ମୂର୍ତ୍ତିଟିକୁ ମହାବୀର ଭାବେ ପୂଜାର୍ଚ୍ଚନା କରୁଛନ୍ତି । ମାତ୍ର ଏହି ମୂର୍ତ୍ତିଟିକୁ ଅନୁଧ୍ୟାନ କଲେ, ଏହା ଏକ ଚତୁର୍ଭୁଜା ଦେବୀ ମୂର୍ତ୍ତି ବୋଲି ଜଣାପଡ଼େ । ଏହି ମୂର୍ତ୍ତିଟିର ଅନେକ ଅଂଶ ଭାଙ୍ଗି ଯାଇଥିବାରୁ ଆକଳନ କରିବା କଷ୍ଟ ହୋଇପଡ଼େ । ମୂର୍ତ୍ତିଟିର ସୁଢଳ କମନୀୟ ସ୍ତନଯୁଗଳକୁ ଲକ୍ଷ୍ୟ କଲେ ଏହା ଏକ ଦେବୀ ମୂର୍ତ୍ତି

ରାଣୀବନ୍ଧ (ଗୋପବନ୍ଧୁନଗର ବ୍ଲକ୍)ରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

Digitized by srujanika@gmail.com

ବୋଲି ସ୍ପଷ୍ଟ ହୁଏ ।

ରାଣୀବନ୍ଧ ଗାଁର ବାଥୁଡ଼ି ପୂଜକ ବିନୋଦ ନାଏକଙ୍କ ଘର ପଛ ବାଡ଼ିରେ ଅନ୍ୟ ଦୁଇଟି ମୂର୍ତ୍ତି ପୂଜା ପାଉଛନ୍ତି । ଏମାନଙ୍କ ମଧ୍ୟରୁ ଗୋଟିଏ ବିଷ୍ଣୁ ମୂର୍ତ୍ତି ଓ ଅନ୍ୟଟି ଚତୁର୍ଭୁଜା ଦୁର୍ଗାଙ୍କର । ଏହି ମୂର୍ତ୍ତିମାନଙ୍କ ସଂପର୍କରେ ଗଭୀର ଅଧ୍ୟୟନ ଆଜିଯାଏ ସଂଭବ ହୋଇପାରିନି । ସେହିଭଳି ରାଣୀବନ୍ଧ ଗାଁ ନୂଆସାହିରେ ଏକ ଗଛମୂଳେ ପାଖାପାଖି ୪ଟି ମୂର୍ତ୍ତି ପୂଜା ପାଉଛନ୍ତି । ଏମାନଙ୍କ ମଧ୍ୟରୁ ୨ଟି ମୂର୍ତ୍ତି ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବାବେଳେ ଅନ୍ୟ ଦୁଇଟି ମୂର୍ତ୍ତିର ଅବସ୍ଥା ମଧ୍ୟ ଭଲନାହିଁ । ରାଣୀବନ୍ଧରୁ ଉଦ୍ଧାର କରାଯାଇଥିବା **ଅବଲୋକିତେଶ୍ୱରଙ୍କ** ମୂର୍ତ୍ତି (ଏକାଦଶ ଶତାବ୍ଦୀ)କୁ ବାରିପଦା ସଂଗ୍ରହାଳୟରେ ଅବସ୍ଥାପିତ କରାଯାଇଛି ।

କୁଆମରା ଓ ଚିଲିମାର ପ୍ରାଚୀନ ମୂର୍ତ୍ତି ଓ କୀର୍ତ୍ତିରାଜି, ଐତିହାସିକ କୃଷ୍ଣସାଗର

ଗୋପବନ୍ଧୁନଗର ବ୍ଲକ୍ ଅନ୍ତର୍ଗତ କୁଆମରା ଓ ଏହାର ନିକଟତମ ଚିଲିମା; ଗାଁ ଦୁଇଟି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟନ୍ତି । କୁଆମରା ଗାଁରେ ଏକ ପୁରାତନ ମଠ ରହିଛି, ଯାହାର ନାଁ **ନୃସିଂହ ଗୋପାଳଜିଉ ମଠ** । ଏଠାରେ ଏକ ଆକର୍ଷଣୀୟ ଓ ବିଶାଳ ନୃସିଂହ ମନ୍ଦିର ନିର୍ମିତ ହୋଇଛି । ଗାଁର ପାଇକସାହିରେ ଏକ ବଡ଼ ପୁଷ୍କରିଣୀ ରହିଛି । ଏହାର ନାମ

କୁଆମରା ଓ ଚିଲିମାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

Digitized by srujanika@gmail.com

କୁଆମରା ଓ ଚିଲିମାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

କୁଆମରା ଓ ଚିଲିମାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

'କୃଷ୍ଣସାଗର' । କୃଷ୍ଣସାଗରରେ ଜଣେ ଜଳଦେବୀ ଅଛନ୍ତି ବୋଲି ସ୍ଥାନୀୟ ଲୋକମୁଖରୁ ଶୁଣିବାକୁ ମିଳିଥାଏ । ଏହି ଜଳଦେବୀ ରାତି ସମୟରେ ଗଭୀର ଜଳରୁ ବାହାରକୁ ଆସନ୍ତି ଓ ବିଚରଣ କରନ୍ତି ବୋଲି ସ୍ଥାନୀୟ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । ପୁଷ୍କରିଣୀଟି ଏତେ ବିଶାଳ ଏବଂ ଏହାର ପରିବେଶ ଏତେ ଶାନ୍ତ ଓ ଶୀତଳ, ପର୍ଯ୍ୟଟକଟିଏ ବୁଲି ଆସିଲେ ସାଥୀରେ ଏକ ଅଭୁଲା ସ୍ମୃତି ନେଇ ଫେରିବା ନିଶ୍ଚିତ ।

Digitized by srujanika@gmail.com

କୁଆମରା ଓ ଚିଲିମାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମୂର୍ତ୍ତି

କୁଆମରା ଗାଁରେ ଦୁଇଟି ଠାକୁରାଣୀ ମନ୍ଦିର ରହିଛି । ଗାଁର ଶେଷମୁଣ୍ଡ ମହାପାତ୍ରସାହିରେ **'ଦୁର୍ଗାପାଳ'** ଠାକୁରାଣୀଙ୍କ ଏକ ଶାଳ ରହିଛି । ଏଠାରେ ବହୁ ପ୍ରାଚୀନ ମୂର୍ତ୍ତି ପୂଜିତ ହେଉଛନ୍ତି । ଏଠାରେ ବୁଦ୍ଧଙ୍କର ଏକ ମୂର୍ତ୍ତି ଏବଂ ଦୁଇଟି ବୌଦ୍ଧ ଦେବୀ ମୂର୍ତ୍ତି ଅଛନ୍ତି । ସେହିଭଳି କୁଆମରା ଗାଁର **ଚନ୍ଦନପୋଖରୀ** ବା କୁଣ୍ଡି ପୋଖରୀ ନିକଟରେ ଥିବା ଦୁର୍ଗା ମନ୍ଦିରେ ବହୁ ପ୍ରାଚୀନ ମୂର୍ତ୍ତି, ଚୈତ୍ୟ, ମନ୍ଦିରର ଧ୍ୱଂସାବଶେଷ ଭଳି କୀର୍ତ୍ତିରାଜି ମହଜୁଦ ରହିଛି । ଏଠାରେ ଦେବୀଙ୍କର ବିରଳ ଓ କମନୀୟ ମୂର୍ତ୍ତି ରହିଛି । ସବୁଠୁ ବଡ଼କଥା ହେଉଛି, ଏହି ଦେବୀ ମୂର୍ତ୍ତିଙ୍କର ତିନୋଟି ମସ୍ତକ ଅଛି । ସେଥିମଧ୍ୟରୁ ଗୋଟିଏ ମସ୍ତକ ବରାହୀଙ୍କର ବୋଲି ଜଣାପଡୁଛି । ଅନ୍ୟଦୁଇ ମସ୍ତକ ଅସ୍ପଷ୍ଟ ଦିଶୁଥିବାରୁ ଏହାର ଉଚ୍ଚତର ଅଧ୍ୟୟନର ଆବଶ୍ୟକତା ରହିଛି । ତେବେ ଏହି ମୂର୍ତ୍ତିକୁ ସ୍ଥାନୀୟ ଗ୍ରାମବାସୀ **ତ୍ରିମୁଖୀ ଦୁର୍ଗା** ଭାବେ ପୂଜା କରୁଛନ୍ତି । ମୂର୍ତ୍ତିଟିର ତିନୋଟି ମସ୍ତକ ଅକ୍ଷୁର୍ଣ୍ଣ ଅବସ୍ଥାରେ ଥିଲାବେଳେ ଶରୀରର ଅନ୍ୟ କେତେକ ଅଂଶ ଭାଙ୍ଗି ଯାଇଛି ।

Digitized by srujanika@gmail.com

ଏଠାରେ ଗଣେଶଙ୍କର ଏକ ବୃହତ୍ ମୂର୍ତ୍ତି, କାର୍ତ୍ତୀକେୟ ଓ ଅନ୍ୟାନ୍ୟ ପ୍ରାଚୀନ ମୂର୍ତ୍ତି ଦେଖିବାକୁ ମିଳେ । ଏହି ମନ୍ଦିରରେ ଅନେକ ବୌଦ୍ଧସ୍ତୁପ ଓ ଚୈତ୍ୟର ଧ୍ୱଂସାବଶେଷ ମଧ୍ୟ ଅଛି । କୁଆମରାରୁ ଉଦ୍ଧାର କରାଯାଇଥିବା ବହୁ ପ୍ରସିଦ୍ଧ ନାଗମୂର୍ତ୍ତି (ଏକାଦଶ ଶତାବ୍ଦୀ) ଏବେ ବାରିପଦା ସଂଗ୍ରହାଳୟରେ ସ୍ଥାନିତ ହୋଇଛି ।

ସେହିଭଳି କୁଆମରା ନିକଟସ୍ଥ ଚିଲିମା (ଗୋପବନ୍ଧୁନଗର ବ୍ଲକ୍) ଗାଁରେ ମଧ୍ୟ ବହୁ ପ୍ରାଚୀନ ମୂର୍ତ୍ତି ଓ କୀର୍ତ୍ତିରାଜି ଉଦ୍ଧାର କରାଯାଇଛି । **ଚିଲିମା ମଙ୍ଗଳା ମନ୍ଦିରକୁ** ପ୍ରବେଶ କରିବା ପୂର୍ବରୁ ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ଅନେକ ପ୍ରାଚୀନ ମୂର୍ତ୍ତି ଓ ବୁଦ୍ଧସ୍ତୁପ ଓ ଚୈତ୍ୟ ଥିବାର ଦେଖିବାକୁ ମିଳେ । ଏହି ଛୋଟ ମନ୍ଦିରଟିରେ ଗୋଟିଏ ବୁଦ୍ଧ ମୂର୍ତ୍ତି ସମେତ ଦୁଇଟି ମୁଖା, ଚୈତ୍ୟ ଏବଂ ଅଷ୍ଟଭୁଜା ଦୁର୍ଗା (ବାଘ ଉପରେ ଉପବିଷ୍ଟ) ମୂର୍ତ୍ତି ରହିଛି । ଏହାବ୍ୟତୀତ ମଙ୍ଗଳା ମନ୍ଦିର କାଛରେ ଅନେକ ପ୍ରାଚୀନ ମୂର୍ତ୍ତି ରହିଛି । ସେଗୁଡ଼ିକ ମଧ୍ୟରେ ବିଶାଳ ଗଣେଶ ମୂର୍ତ୍ତି, ଦ୍ୱିଭୁଜା ଦୁର୍ଗା, ଭବାନୀ (ପାର୍ବତୀ)ଙ୍କ ମୂର୍ତ୍ତି ରହିଛି । ମୂଳ ଭବାନୀ (ପାର୍ବତୀ)ଙ୍କ ମୂର୍ତ୍ତିର କିଛି ଅଂଶ ଭାଙ୍ଗି ଯାଇଥିବାରୁ ତା'ର ମରାମତି କରାଯାଇ ରଙ୍ଗ ଲେପନ କରାଯାଇଛି ।

କୁଳିଅଣା ଓ ଏହା ସଂଲଗ୍ନ ନୂତନ ପ୍ରସ୍ତର ଯୁଗର ପ୍ରତ୍ନତାତ୍ତ୍ୱିକ ବିଭବ

ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ କୁଳିଅଣା ଗ୍ରାମଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । କେବଳ କୁଳିଅଣା ନୁହେଁ ବରଂ ଏହାକୁ ଲାଗି ଅନେକ ଗାଁରୁ ନୂତନ ପ୍ରସ୍ତର ଯୁଗର ଅଂଶବିଶେଷ ଓ କୃଷି, ଶିକାର ସାମଗ୍ରୀ ଉଦ୍ଧାର କରାଯାଇଛି । ଏ ନେଇ ଅତୀତରେ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟ କରାଯାଇଛି । କୁଳିଅଣା ନିକଟସ୍ଥ କଳାବାଡ଼ିଆ, କୋଇଲିସୂତା, ନବେଡ଼ି, ବେଲୁଡ଼ିହା, କୁଚେଇ, ପ୍ରତାପପୁର, ବ୍ରାହ୍ମଣଗାଁ, ପାତିହିଞ୍ଜା, ପାରିଆକୁଲି, ମୁଣ୍ଡାବଣି ଆଦି ଗ୍ରାମମାନଙ୍କରୁ ବହୁ ପ୍ରାଚୀନ ମୂର୍ତ୍ତି, ମୁଦ୍ରା ଓ ସାମଗ୍ରୀ ମିଳିଛି । ବର୍ତ୍ତମାନ ଏସବୁ ପ୍ରସ୍ତର ସାମଗ୍ରୀ ଦୃଶ୍ୟମାନ ହୁଏନାହିଁ । କିଛି ପ୍ରସ୍ତର ସାମଗ୍ରୀ କଲିକତା ବିଶ୍ୱବିଦ୍ୟାଳୟରେ ଗଚ୍ଛିତ ରଖାଯାଇଛି ।

ଦେବଗ୍ରାମ (ଦେଓଗାଁ) ଓ ସୋନ ନଦୀ ଗର୍ଭସ୍ଥ ପୁରାତନ ଭଗ୍ନ ମନ୍ଦିର

ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ୍‌ରେ ସୋନ ନଦୀ କୂଳରେ ଗୋଟିଏ ଖୁବ୍ ଅପରିଚିତ ଗାଁ ରହିଛି । ମାତ୍ର ଐତିହାସିକ ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିବାର ମନେହୁଏ । ଏହି ଗାଁଟିର ନାମ ହେଉଛି **ଦେବଗ୍ରାମ** ବା **ଦେଓଗାଁ** *(Gods' Village)* । ଗାଁଟି ଦେବତାଙ୍କ ଆବାସସ୍ଥଳ ହୋଇଥିବାରୁ ଏହା ଦେବଗ୍ରାମ ନାମରେ ପରିଚିତ । ସୋନ ନଦୀର କୂଳେକୂଳେ ଗାଁଟି ଅବସ୍ଥିତ ।

Digitized by srujanika@gmail.com

ଦେବଗ୍ରାମ (ଗୋପବନ୍ଧୁନଗର ବ୍ଲକ୍)ରେ ପୂଜିତ ପ୍ରାଚୀନ ମୂର୍ତ୍ତି

ଦେବଗ୍ରାମ (ଗୋପବନ୍ଧୁନଗର ବ୍ଲକ୍)ରେ ପୂଜିତ ଚାମୁଣ୍ଡା ମୂର୍ତ୍ତି

Digitized by srujanika@gmail.com

ବାରିପଦାଠାରୁ ୪୫ କିଲୋମିଟର ଦୂରରେ ଅବସ୍ଥିତ ଦେବଗ୍ରାମ (ଦେଓଗାଁ)ଟି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ସୋନ (ସ୍ୱର୍ଣ୍ଣ ନଦୀ) ନଦୀ କୂଳରେ ଅବସ୍ଥିତ । ନଦୀକୂଳରେ ବହୁ ପ୍ରାଚୀନ ମୂର୍ତ୍ତି ଏବଂ ନଦୀ ମଧ୍ୟରେ ଏକ ପ୍ରାଚୀନ ମନ୍ଦିରର ଧ୍ୱଂସାବଶେଷ ଦେଖିବାକୁ ମିଳିଥାଏ । ଏକଦା ଏହି ନଦୀ କୂଳରେ ଏକ ବିଶାଳ ପ୍ରାଚୀନ ମନ୍ଦିର ଥିଲା ଏବଂ ନଦୀର ଗତିପଥ ପରିବର୍ତ୍ତନ ଫଳରେ ମନ୍ଦିର ଧ୍ୱଂସ ପାଇଯାଇଥିବାର ଅନୁମାନ କରାଯାଉଛି । ମାତ୍ର ଏବେ ବି ନଦୀ ଗର୍ଭ ମଧ୍ୟରେ ଭଗ୍ନ ମନ୍ଦିରଟି ପୋତି ହୋଇରହିଛି ଏବଂ ନଦୀ ଗର୍ଭରେ ଏକ ଉଚ୍ଚ କୂଦ ଆକୃତିର ପଥରଗଦାକୁ ଦେଖିଲେ ମନ୍ଦିରର ଇତିହାସ ସଂପର୍କରେ ବହୁକଥା ମନକୁ ଆସିଥାଏ । ଏଠାରେ ଖୋଦେଇକରା ବହୁ ବଡ଼ବଡ଼ ଖଣ୍ଡ ପଥର ନଦୀ ମଧ୍ୟରେ ପୋତି ହୋଇରହିଛି । ଏହାର ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇପାରିଲେ ମନ୍ଦିରର ଇତିହାସ ସଂପର୍କରେ ବହୁ କଥା ଉନ୍ମୋଚିତ ହୋଇପାରନ୍ତା ।

ଦେବଗ୍ରାମ (ଗୋପବନ୍ଧୁନଗର ବ୍ଲକ୍)ରେ ପୂଜିତ ଚାମୁଣ୍ଡା ମୂର୍ତ୍ତି

Digitized by srujanika@gmail.com

ସୋନ ନଦୀ ମଧ୍ୟରୁ ଅନେକ ବିରଳ ପ୍ରାଚୀନ ମୂର୍ତ୍ତି ମିଳିଛି । କେତେକ ମୂର୍ତ୍ତି ଦେବଗ୍ରାମର ଲୋକମାନଙ୍କ ଦ୍ୱାରା ପୂଜା ପାଉଛନ୍ତି । ଏଠାରେ ଅଷ୍ଟଭୁଜା ଚାମୁଣ୍ଡାଙ୍କର ଏକ ବିରଳ ମୂର୍ତ୍ତି ରହିଛି । ମୂର୍ତ୍ତିଟିର ଉଚ୍ଚତା ପ୍ରାୟ ଦୁଇ ମିଟର ଏବଂ କଳାମୁଗୁନି ପଥରରେ ନିର୍ମିତ ଏହି ଚାମୁଣ୍ଡା ମୂର୍ତ୍ତିଟି ବେଶ୍ ଭୟ ସଞ୍ଚାରକାରୀ । ଆଖି କୋଟରଗତ ଏବଂ କଙ୍କାଳସାର ଏହି ମୂର୍ତ୍ତିଟି ଅଷ୍ଟଭୂଜା । ଗ୍ରାମବାସୀଙ୍କ ପକ୍ଷରୁ ସୋନନଦୀ କୂଳରେ ଏକ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇ ସେଠାରେ ମା' ଚାମୁଣ୍ଡାଙ୍କୁ ପୂଜା କରାଯାଉଛି । ଏହି ମନ୍ଦିରେ ଚାମୁଣ୍ଡାଙ୍କ ମୂର୍ତ୍ତି ସମେତ ଏକ ସିଂହ ମୂର୍ତ୍ତି ଓ ପୁରୁଣା ମନ୍ଦିରର ବହୁ ମୂଲ୍ୟବାନ ଅଂଶବିଶେଷ ମଧ୍ୟ ଏଣେତେଣେ ବିଛେଇ ହୋଇ ପଡ଼ିରହିଛି । ସେହିଭଳି ଗ୍ରାମରେ ଥିବା ମହାଦେବ ବାଣେଶ୍ୱର ମନ୍ଦିର ପରିସରରେ ଗୋଟିଏ ଅଷ୍ଟଭୁଜା ଦୁର୍ଗା ଏବଂ ଗୋଟିଏ ଗଣେଶଙ୍କର ପ୍ରାଚୀନ ମୂର୍ତ୍ତି ରହିଛି ।

ସୋନ ନଦୀ ଗର୍ଭରେ ଥିବା ପଥରଗଦା ଚାମୁଣ୍ଡା ମନ୍ଦିରର ଅଂଶବିଶେଷ ବୋଲି କୁହାଯାଉଛି । ଏଠାରେ ଏବେ ବହୁ ସଂଖ୍ୟାରେ ଖୋଦେଇକରା ପଥରମାନ ନଦୀ କୂଳରେ ପଡ଼ିଥିବାର ଦେଖିବାକୁ ମିଳିଥାଏ ।

ସେହିଭଳି ବଡ଼ସାହି ନିକଟସ୍ଥ କୋଶଳୀ ଗାଁରେ ଜୈନତୀର୍ଥଙ୍କର ପାର୍ଶ୍ୱନାଥଙ୍କର ଏକ ପ୍ରାଚୀନ ମୂର୍ତ୍ତି ରହିଛି । କୋଶଳୀ ଗାଁରୁ ଏକ ପ୍ରାଚୀନ ବିଷ୍ଣୁ ମୂର୍ତ୍ତି ମଧ୍ୟ ଉଦ୍ଧାର କରାଯାଇଛି । ବଡ଼ସାହି ଗାଁ ନିକଟରେ **'ପାସା ଚଣ୍ଡୀ' (ରୁଦ୍ର ଭୈରବୀ)**ଙ୍କ ଏକ ବହୁ ପୁରୁଣା ଭଗ୍ନ ଅବସ୍ଥାରେ ଅଛି । ଏଠାରେ ଅଷ୍ଟଭୁଜା ପାସା ଚଣ୍ଡୀଙ୍କର ମୂର୍ତ୍ତି ପୂଜା ପାଇଥାଏ । ବଡ଼ସାହିର ବଡ଼ପୋଖରୀ ନିକଟରେ **'ଚନ୍ଦ୍ରସେନା'**ଙ୍କର ଏକ କ୍ଷୁଦ୍ର ମୂର୍ତ୍ତି ଏବଂ ଏକ ଦ୍ୱିଭୁଜା ଦେବୀ ମୂର୍ତ୍ତି **(କାଳିକା ମୂର୍ତ୍ତି)** ଏବଂ ଚତୁର୍ଭୁଜା ଦେବୀ ମୂର୍ତ୍ତି **(ରାଉତାଣୀ)** ଦେଖିବାକୁ ମିଳେ । ବଡ଼ସାହି ଓ ଏହାର ଆଖପାଖ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ଐତିହାସିକ ପୁଷ୍କରିଣୀମାନ ଦେଖିବାକୁ ମିଳିଥାଏ ।

ବାଲିଡିହାର ନାକକାଟି ଠାକୁରାଣୀ ଓ ଐତିହ୍ୟପୂର୍ଣ୍ଣ ଅରଣ୍ୟ ନିବାସ

ମୟୂରଭଞ୍ଜ ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଶିମିଳିପାଳ ପାଦଦେଶରେ ଅବସ୍ଥିତ ବାଲିଡିହା ଡ୍ୟାମ୍ ନିକଟରେ ମୟୂରଭଞ୍ଜର ପ୍ରସିଦ୍ଧ ଶକ୍ତିପୀଠ 'ନାକକାଟି ଠାକୁରାଣୀ'ଙ୍କ ମନ୍ଦିର ଅବସ୍ଥିତ । ଏଠାରେ ବହୁ ପୁରାତନ ଠାକୁରାଣୀଙ୍କର ଏକ ପ୍ରସ୍ତର ମୂର୍ତ୍ତି ରହିଛି । ଗୋଟିଏ ପଥର ଆଧାରରେ ନିର୍ମିତ ଠାକୁରାଣୀଙ୍କ ମୂର୍ତ୍ତି ସମେତ ଆଉ ପାଞ୍ଚଟି ଛୋଟଛୋଟ ପାର୍ଶ୍ୱ ମୂର୍ତ୍ତି ରହିଛି । ଦେବୀ ନିଜର ପାଞ୍ଚ ସନ୍ତାନଙ୍କ ସହ ଶିମିଳିପାଳ ଅରଣ୍ୟରେ ରହି ଭକ୍ତଙ୍କ ଦ୍ୱାରା ନାକକାଟି ଠାକୁରାଣୀ ଭାବେ ପୂଜା ପାଇଆସୁଛନ୍ତି ।ଦେବୀ ଚତୁର୍ଭୁଜା ଏବଂ ତାଙ୍କର ଦୁଇ ହାତ ତାଙ୍କର ଦୁଇ ସନ୍ତାନଙ୍କ ମସ୍ତକରେ ଆଶୀର୍ବାଦ ମୁଦ୍ରାରେ ରହିଥିବାବେଳେ ଅନ୍ୟ ଦୁଇ ହାତରେ ଶଙ୍ଖ ଓ ଗଦା ଧାରଣ କରିଛନ୍ତି ।

Digitized by srujanika@gmail.com

ବାଲିଡିହାର ଅରଣ୍ୟ ନିବାସ

ସେହିଭଳି ବାଲିଡ଼ିହା ଜଳଭଣ୍ଡାରକୁ ଲାଗି ଏକ ପାହାଡ଼ ରହିଛି, ଯାହାର ନାଁ **'ସୀତାରାମ ଢୁଡ଼ି'** । ଏହି ସୀତାରାମ ପାହାଡ଼ର ଶୀର୍ଷରେ ମୟୂରଭଞ୍ଜ ମହାରାଜାଙ୍କ ପାରିଧି ସ୍ଥଳ **'ଅରଣ୍ୟ ନିବାସ'** ରହିଛି । ଏଠାରେ ରାଜାଙ୍କ ପ୍ରାଚୀନ ପାରିଧି ଶିବିର ସମେତ ବହୁ ପୁରୁଣା କୋଠା ଦେଖିବାକୁ ମିଳିଥାଏ । ପଥରରେ ନିର୍ମିତ ଏହି ପ୍ରାଚୀନ କୋଠାଗୁଡ଼ିକୁ ମୟୂରଭଞ୍ଜ ରାଜାଙ୍କ ଅନ୍ୟ

ବାଲିଡିହାର ନାକକାଟି ଠାକୁରାଣୀ ପୀଠ

Digitized by srujanika@gmail.com

ବାଲିଡିହାର ଶାଳଜାଡି ଠାକୁରାଣୀ ପୀଠ

ପ୍ରମୁଖ ସ୍ମାରକୀ ଭାବେ ବିବେଚନା କରାଯାଏ । ମୟୂରଭଞ୍ଜ ମହାରାଜା ଶିମିଳିପାଳରେ ଶିକାର ସାରି ଏଠାରେ ବିଶ୍ରାମ ନେଇଥା'ନ୍ତି ବୋଲି କୁହାଯାଏ । ଏହି ଐତିହ୍ୟପୂର୍ଣ୍ଣ ସ୍ମାରକୀର ପୁନରୁଦ୍ଧାର ଏବେ ଜରୁରୀ ହୋଇପଡ଼ିଛି । ବାଲିଡିହା ଜଳଭଣ୍ଡାରକୁ ଘେରି ଆଉ ଦୁଇଟି ପାହାଡ଼ ରହିଛି ଯାହାର ନାଁ **ସାରୁଡୁଙ୍ଗର ଡୁଡ଼ି** ଏବଂ **ଆମ୍ବଡୁଙ୍ଗର ଡୁଡ଼ି** । ଆମ୍ବଡୁଙ୍ଗର ଡୁଡ଼ିର ନାଁ ଅନୁସାରେ ଏଠାରେ ଆମ୍ବଡାଳି ଗାଁ ରହିଛି । ବାଲିଡିହାର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ କାରଣରୁ ଏଠାରେ ଅତୀତରେ ଅନେକ ଚଳଚ୍ଚିତ୍ର ସୁଟିଂ ମଧ୍ୟ ହୋଇଛି । ବହୁ ପ୍ରସିଦ୍ଧ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର **'ରଜନୀଗନ୍ଧା'** ଏହି ବାଲିଡ଼ିହା ଡ୍ୟାମ୍ ଆଖପାଖ ଏବଂ ସୀତାରାମଡୁଡ଼ିର 'ଅରଣ୍ୟ ନିବାସ'ରେ ସୁଟିଂ ହୋଇଥିଲା ।

ସାରସକଣା ଜଗନ୍ନାଥ ମନ୍ଦିର (ନୂତନ)

ସାରସକଣାରେ ଏକ ଆକର୍ଷଣୀୟ ଜଗନ୍ନାଥ ମନ୍ଦିର ରହିଛି । ୧୯୮୦ ମସିହାରୁ ଆରମ୍ଭ ହୋଇ ଏହି ମନ୍ଦିର ୨୦୦୨ ମସିହାରେ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ଦ୍ୱାରା ପ୍ରତିଷ୍ଠାଲାଭ କରିଥିଲା । ସାରସକଣା ନିକଟ ଦେଇ ସୁବର୍ଣ୍ଣରେଖା ନଦୀ ବହିଯାଇଛି । ଏହା ସମଗ୍ର ଉତ୍ତର ଓଡ଼ିଶାରେ

Digitized by srujanika@gmail.com

'ସାରସକ୍ଷେତ୍ର' ଭାବେ ପରିଚିତ । ମନ୍ଦିର ବେଢା ମଧ୍ୟରେ ଶ୍ରୀରାମ ମନ୍ଦିର, ମା' ବିମଳା ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ସାକ୍ଷୀଗୋପୀନାଥ ମନ୍ଦିର, ସାରସେଶ୍ୱର ମହାଦେବ ମନ୍ଦିର, ଗଣେଶ, ସରସ୍ୱତୀ, ହନୁମାନ, ତାରିଣୀ, ଶନିଶ୍ଚର ଦେବଙ୍କ ମନ୍ଦିର ରହିଛି । ଏଠାରେ କଳ୍ପବଟ, କୋଇଲି ବୈକୁଣ୍ଠ, ପୁଷ୍ପ ଉଦ୍ୟାନ, ସ୍ନାନମଣ୍ଡପ, ରୋଷଶାଳ, ଏବଂ ଜଗାବଳିଆ ପାଠାଗାର ମଧ୍ୟ ରହିଛି । ଏଠାରେ ରଥଯାତ୍ରା ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନୀତିରେ ଏଠାରେ ବାରମାସରେ ତେର ପର୍ବ ପାଳିତ ହୋଇଥାଏ । ସାରସକଣା ନିକଟରେ ଶୀର୍ଷା ଗାଁ ଓ ମେରୁମଠ ଅବସ୍ଥିତ । ବାରିପଦାରୁ ୫ ନମ୍ବର ଜାତୀୟ ରାଜପଥ ଦେଇ ବମ୍ବେ ଛକ (ଝାରପୋଖରିଆ)ରେ ପହଞ୍ଚିଲାପରେ ସେଠାରୁ ସାରସକଣାକୁ ଯିବାକୁ ପଡ଼ିଥାଏ ।

ମୟୁରଭଞ୍ଜର ପ୍ରଥମ ରାଜଧାନୀ ଆଦିପୁର ଗଡ଼

ମୟୁରଭଞ୍ଜ ରାଜ୍ୟର ସର୍ବପ୍ରଥମ ରାଜଧାନୀ ଆଦିପୁରଗଡ଼ ଖିଚିଂଠାରୁ ୨୮ କିଲୋମିଟର ଦୂରରେ ବୈତରଣୀ ନଦୀ କୂଳରେ ଅବସ୍ଥିତ । ଐତିହାସିକ ଦୃଷ୍ଟିକୋଣରୁ ଆଦିପୁର ଗଡଟି ମୟୁରଭଞ୍ଜ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ମୟୁରଭଞ୍ଜ ରାଜ୍ୟ ସୃଷ୍ଟି ହେବା ଦିନଠାରୁ ରାଜ୍ୟର ପ୍ରଥମ ରାଜା ଆଦି ଭଞ୍ଜ ଏଠାରେ ରାଜଧାନୀ ନିର୍ମାଣ କରି ଶାସନ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାର ପ୍ରମାଣସ୍ୱରୂପ ଏବେ ବି ବୈତରଣୀ କୂଳରେ ରାଜବାଟୀର ଧ୍ୱଂସସ୍ତୁପ ଏବଂ ରାଜପ୍ରାସାଦ ଚତୁର୍ପାର୍ଶ୍ୱରେ ଏକ ଗଡଖାଇ ରହିଛି ।

Digitized by srujanika@gmail.com

ଐତିହାସିକଙ୍କ ମତରେ, ପୂର୍ବେ କେନ୍ଦୁଝର ଓ ମୟୂରଭଞ୍ଜ ଉଭୟ ମିଶି ଗୋଟିଏ ରାଜ୍ୟ ଥିଲା । ସେହି ରାଜ୍ୟର ନାମ ଥିଲା ହରିହରପୁର । କେନ୍ଦୁଝରର ରାୟସାହେବ କ୍ଷେତ୍ରମୋହନ ମିଶ୍ରଙ୍କ ରଚିତ 'କେନ୍ଦୁଝର' ପୁସ୍ତକ ଅନୁସାରେ, କେନ୍ଦୁଝର ଓ ମୟୂରଭଞ୍ଜକୁ ମିଳିତ ଭାବେ ହରିହରପୁର ରାଜ୍ୟ କୁହାଯାଉଥିଲା । ଏହି ରାଜ୍ୟର ରାଜା ଜୟସିଂହଙ୍କର ଦୁଇ ପୁତ୍ର ଥିଲେ । ଜଣେ ଆଦି ସିଂ ଓ ଅନ୍ୟ ଜଣେ ଜ୍ୟୋତି ସିଂ । ପରବର୍ତ୍ତୀ କାଳରେ ହରିହରପୁରଗଡ଼ ବିଭାଜିତ ହୋଇ ମୟୂରଭଞ୍ଜ ଓ କେନ୍ଦୁଝର ଦୁଇଟି ପୃଥକ ରାଜ୍ୟ ହୋଇଗଲେ । ଆଦି ସିଂ (ଆଦି ଭଞ୍ଜ) ହେଲେ ମୟୂରଭଞ୍ଜର ରାଜା ଓ ଜ୍ୟୋତି ସିଂ (ଜ୍ୟୋତି ଭଞ୍ଜ) କେନ୍ଦୁଝରର ରାଜା ।

ଆଦିପୁରର ଖୁବ୍ ନିକଟରେ ଖିଚିଂ, ବେଣୀସାଗର (ଝାଡ଼ଖଣ୍ଡ) ଭଳି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ରହିଛି । ଏଠାରେ ବାଥୁଡ଼ି ଜମିଦାରଙ୍କ ଦ୍ୱାରା ପୂଜିତ ବହୁ ପ୍ରାଚୀନ ମୂର୍ତ୍ତି ଦେଖିବାକୁ ମିଳେ । ଏହାର ଖୁବ୍ ନିକଟରେ ୧୧ଟି ପ୍ରାଚୀନ ଶିବଲିଙ୍ଗ (ଏକାଦଶ ରୁଦ୍ର) ଅବସ୍ଥିତ । ଆଦିପୁର ନିକଟରେ ଖଇରି ଓ ଭଣ୍ଡନ ନଦୀ ମିଳିତ ହୋଇ 'ଦୋ-ମୁହାଁଣି ଘାଟ' ସୃଷ୍ଟି କରିଛନ୍ତି ।

କରଞ୍ଜିଆର ବାରଖଣ୍ଡା ମନ୍ଦିର

ପଞ୍ଚପିଢ ଉପଖଣ୍ଡର ସଦର ମହକୁମା କରଞ୍ଜିଆ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରୁ ୧୨୨ କିଲୋମିଟର ଦୂରରେ ଅବସ୍ଥିତ । ବାରିପଦାରୁ ୫ ନମ୍ବର ଓ ୪୯ ନମ୍ବର ଜାତୀୟ ରାଜପଥ ଦେଇ କରଞ୍ଜିଆ ଯିବାକୁ ହୁଏ । ୪୯ ନମ୍ବର ଜାତୀୟ ରାଜପଥର ଟଙ୍ଗାବିଲା ଛକରୁ ୧୫ କିଲୋମିଟର ବାମକୁ କରଞ୍ଜିଆ ସହର ଅବସ୍ଥିତ । ପ୍ରାଚୀନ କାଳରେ କରଞ୍ଜିଆ ବାଥୁଡ଼ି ଜମିଦାରମାନଙ୍କ ଶାସନ ଅନ୍ତର୍ଭୁକ୍ତ ଥିଲା । ଏବେ ମଧ୍ୟ କରଞ୍ଜିଆ ସହରର ଗଡ଼ସାହିରେ ବାଥୁଡ଼ି ଜମିଦାରମାନେ ବସବାସ କରୁଛନ୍ତି । କରଞ୍ଜିଆ ସହରରେ ବହୁ ମଠ ଓ ମନ୍ଦିର ରହିଛି । ସେଗୁଡ଼ିକ ମଧ୍ୟରେ ଗୌରାଙ୍ଗ ମନ୍ଦିର, ଶ୍ୟାମରାୟ ମଠ, ସତ୍ୟ ନାରାୟଣ ମନ୍ଦିର, ଅମ୍ବିକା ମନ୍ଦିର, ପୂର୍ଣ୍ଣେଶ୍ୱର ମନ୍ଦିର, ବାରଖଣ୍ଡା ମନ୍ଦିର, ଶକ୍ତି ମନ୍ଦିର, ମଙ୍ଗଳା ମନ୍ଦିର ପ୍ରମୁଖ । ବାରଖଣ୍ଡା ମନ୍ଦିରଟି ଗଡ଼ସାହି ନିକଟରେ ଅବସ୍ଥିତ ଏବଂ ଏହା ବାଥୁଡ଼ି ପୂଜକଙ୍କ ଦ୍ୱାରା ପୂଜିତ ହୋଇଥାଏ ।

ଯଶିପୁରର ଐତିହ୍ୟ ସ୍ମାରକୀ : ରଘୁନାଥଜିଉ ମଠ

ମୟୂରଭଞ୍ଜ ଜିଲ୍ଲାର ଏକ ପୁରାତନ ଐତିହ୍ୟସ୍ଥଳୀ ଭାବେ ଯଶିପୁର ମଠର ନିଆରା ପରିଚୟ ରହିଛି । ଯଶୀପୁର ମଠ ସମଗ୍ର ପଞ୍ଚପିଢ ଉପଖଣ୍ଡରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ନିର୍ମାଣ ସ୍ଥଳୀ ଅଟେ । ଯଶିପୁରରୁ ଶିମିଳିପାଳ ଯିବା ରାସ୍ତାରେ ଅଳ୍ପ ଦୂରରେ ଡାହାଣ ପାଖକୁ ଏକ ବିଶାଳ ସ୍ତୁପ ପଡ଼େ । ଖଇରି ଓ ଭଣ୍ଡନ ନଦୀ ଏହି ସ୍ତୁପଟିକୁ ଚାରିପଟେ ଘେରି ରହିଛନ୍ତି । ଏହି

Digitized by srujanika@gmail.com

ପଞ୍ଚପୁର ରଘୁନାଥ ମଠ

ସ୍ଥପଟି ବାଥୁଡ଼ି ଜମିଦାରଙ୍କ ଗୋଟିଏ ଦୁର୍ଗ ଥିଲା ବୋଲି କୁହାଯାଏ । ଦୁର୍ଗ ଭିତରେ ମଠଟି ଅବସ୍ଥିତ । ଏହି ଦୁର୍ଗର ତଳ କୋଠରୀଟି ଏକ ବିରାଟ ଅସ୍ତ୍ରାଗାର ଥିଲା । ସର୍ବୋଚ୍ଚ ମହଲାଟିରେ ଏବେ ବାଥୁଡ଼ିମାନଙ୍କ ପ୍ରମୁଖ ଦେବତା ପ୍ରଭୁ ରଘୁନାଥଜିଉ ପୂଜା ପାଉଛନ୍ତି । ଏହି ମଠଟିକୁ ଭଞ୍ଜ ରାଜାଙ୍କ ଆର୍ଥିକ ପ୍ରୋତ୍ସାହନରେ ବାଥୁଡ଼ି ଜମିଦାର ନିର୍ମାଣ କରିଥିଲେ ବୋଲି ଇତିହାସରେ ଉଲ୍ଲେଖ ରହିଛି । ତେବେ ଏହି ଐତିହ୍ୟ ମଠ ଉପରେ ଯେମିତି ଗବେଷଣା ହେବା କଥା, ତାହା ହୋଇପାରିନାହିଁ ।

ମଠର ପ୍ରତିଷ୍ଠା ଓ ଇତିହାସ ସଂପର୍କରେ ସବିଶେଷ ତଥ୍ୟ ଜଣା ପଡ଼ି ନଥିଲେ ବି ମଠର ସମସ୍ତ

Digitized by srujanika@gmail.com

ଭଣ୍ଡନ ନଦୀ କୂଳରେ ଅବସ୍ଥିତ ଯଶୀପୁର ରଘୁନାଥ ଜିଉ ମଠ

ରେକର୍ଡପତ୍ର ଅଗ୍ନିରେ ପୋଡ଼ି ହୋଇ କିମ୍ବା ବନ୍ୟାରେ ଭାସିଯାଇ ନଷ୍ଟ ହୋଇଯାଇଛି ବୋଲି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ।

ଏକ ସମୟରେ ମୟୂରଭଞ୍ଜ ରାଜ୍ୟରେ ୨୨ଟି ଜମିଦାରୀ ଥିଲା । ସେଥିମଧ୍ୟରୁ ୪ଟି ବାଥୁଡ଼ି ଜମିଦାରୀ ଥିଲା ବୋଲି ମୟୂରଭଞ୍ଜ ଡିଷ୍ଟ୍ରିକ୍ଟ ଗେଜେଟିୟର ପୁସ୍ତକରେ ନୀଳମଣି ସେନାପତି ଉଲ୍ଲେଖ କରିଛନ୍ତି । ଆଦିପୁର, ଯଶୀପୁରରେ ବାଥୁଡ଼ି ଜମିଦାରମାନେ ଖୁବ୍ ପ୍ରଭାବଶାଳୀ ଥିବାର ଉକ୍ତ ପୁସ୍ତକରେ ବର୍ଣ୍ଣନା ରହିଛି । ଯଶୀପୁରର ବାଥୁଡ଼ି ଜମିଦାର ଯଶୁ ଦିଗାର ଯଶୀପୁର ମଠ ନିର୍ମାଣ କରିଥିଲେ । ଏଥିନେଇ ଏକ କିମ୍ବଦନ୍ତୀ ରହିଛି । "ଯଶୁ ଦିଗାର ନଦୀରେ ଗାଧୋଉଥିବାବେଳେ ଦୁଇଟି ଭିନ୍ନ ଚୌପଡିରେ ଦୁଇଟି ଶାଳଗ୍ରାମ ଭାସି ଆସୁଥିବାର ଦେଖିଲେ । ସେ ଏହି ଦୁଇ ଚୌପଡିରେ ଥିବା ଦୁଇଟି ଶାଳଗ୍ରାମକୁ ଧରିବାକୁ ଚେଷ୍ଟା କଲେ । ଡାହାଣ ହାତରେ ଗୋଟିଏ ଚୌପଡି ଧରି ସାରିବାବେଳେ ବାମ ହାତ ବଢାଇବାବେଳକୁ ଅନ୍ୟ ଚୌପଡିରେ ଥିବା ଶାଳଗ୍ରାମଟି ପାଣିରେ ବୁଡ଼ିଗଲା । ଏହି ଦୁଇଟି ଶାଳଗ୍ରାମ ମଧ୍ୟରୁ ଗୋଟିଏ ଲକ୍ଷ୍ମୀ ଓ ଅନ୍ୟଟି ନାରାୟଣ ଥିଲେ । ଜମିଦାର ଯଶୁ ଦିଗାର ନାରାୟଣଙ୍କ ଶାଳଗ୍ରାମକୁ ଧରିପାରିଥିଲେ, ମାତ୍ର ମା' ଲକ୍ଷ୍ମୀଙ୍କ ଶାଳଗ୍ରାମ ପାଣିରେ ବୁଡ଼ି ଯାଇଥିଲା । ଯଶୁ ନାରାୟଣଙ୍କ ଏହି ଶାଳଗ୍ରାମକୁ ଆଣି ଯଶୀପୁର ମଠରେ ରଘୁନାଥଜିଉ ଭାବେ ପ୍ରତିଷ୍ଠା କଲେ ।

କେନ୍ଦୁଝର ଜିଲ୍ଲା ରାଜନଗରରେ ଥିବା ମଠରୁ ରଘୁନାଥଜିଉଙ୍କ ମୂର୍ତ୍ତି ଆଣି ଏଠାରେ ପ୍ରତିଷ୍ଠା କରାଯାଇଛି ବୋଲି କିଛି କହିଥା'ନ୍ତି । ତେବେ ଯଶୀପୁର ହେଉଛି ବାଥୁଡ଼ିମାନଙ୍କର ଗଡ଼ ଏବଂ

Digitized by srujanika@gmail.com

ଏଠାରେ ବାଥୁଡ଼ି ଜମିଦାରୀର ଏକ ପୁରୁଣା ଦୁର୍ଗ ରହିଛି । ପୁରୁଣା ବାଥୁଡ଼ି ଦୁର୍ଗର ଉତ୍ତରରେ ଖଇରି ନଦୀ ପ୍ରବାହିତ ହେଉଥିବାବେଳେ ଦକ୍ଷିଣରେ ଭଣ୍ଡନ ନଦୀ ବହିଯାଉଛି । ଖଇରି ଓ ଭଣ୍ଡନ ଯଶୀପୁର ବାଥୁଡ଼ି ଦୁର୍ଗର ଉଭୟ ପାର୍ଶ୍ୱରେ ପ୍ରବାହିତ ହୋଇ ଦୁର୍ଗର କିଛିବାଟ ଆଗରେ ମିଳିତ ହୋଇଛନ୍ତି ।

ଖଣ୍ଡିଆଦର ଯୋଗୀ ମଠ

ଟଙ୍ଗାବିଲା ଛକରୁ କରଞ୍ଜିଆ ରାସ୍ତାରେ ମାତ୍ର ୪ କିଲୋମିଟର ଦୂରରେ ତାଟୋ ଅବସ୍ଥିତ । ଏଠାରେ ବହୁ ସଂଖ୍ୟାରେ ପ୍ରାଚୀନ ମନ୍ଦିର ରହିଛି । ଏଠାରୁ ମାତ୍ର ୪ କିଲୋମିଟର ଦୂରରେ ଚାମ୍ପବଣିଠାରେ ଚାଇନା କ୍ଲେ ମାଇନ୍‌ସ ରହିଛି । ତାଟୋରୁ ୨୦ କିଲୋମିଟର ଦୂରରେ ଖଣ୍ଡିଆଦର ଗାଁରେ ଯୋଗୀ ମଠ ଅବସ୍ଥିତ । ଏହି ମଠର ପ୍ରତିଷ୍ଠା ସଂପର୍କରେ ନିର୍ଦ୍ଦିଷ୍ଟ ଐତିହାସିକ ତଥ୍ୟ ନଥିଲେ ମଧ୍ୟ ଏହା ସପ୍ତମ କିମ୍ବା ଅଷ୍ଟମ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି । ମଠଟିର ଚତୁର୍ପାର୍ଶ୍ୱରେ ନଭସ୍ପର୍ଶୀ ପାହାଡ଼, ଘଞ୍ଚ ଜଙ୍ଗଲ ଏବଂ ଦୁଇଟି ମନୋରମ ଝରଣା ବହିଯାଇଛି । ଯୋଗୀମଠର ମାଟିତଳୁ ପ୍ରାଚୀନ ଯୁଗର ବର୍ଗାକାର ଇଟାମାନଙ୍କୁ ଲକ୍ଷ୍ୟ କଲେ ଏହା ଏକ ବୌଦ୍ଧ ଧର୍ମର ପୀଠସ୍ଥଳି ଥିବାର ଅନୁମାନ କରାଯାଏ ।

ଭଞ୍ଜକିଆର କିଆଶୁଣୀ ପୀଠ

ରରୁଆଁ ବ୍ଲକ୍ ଅନ୍ତର୍ଗତ ଭଞ୍ଜକିଆର କିଆଶୁଣୀ ଦେବୀ ପୀଠଟି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପୁରାତନ ଶକ୍ତିପୀଠ ଭାବେ ପରିଚିତ । ଯଶୀପୁରରୁ ରରୁଆଁ ଯିବା ବାଟରେ କିଆଶୁଣୀ ଠାକୁରାଣୀ ପୀଠଟି ପଡ଼ିଥାଏ । ଶୁଣାଯାଏ, ଏଠାରେ ଖିଚିଂର କିଚକେଶ୍ୱରୀଙ୍କ ଭଳି କଳାମୁଗୁନି ପଥର ନିର୍ମିତ ଏକ ବିଶାଳ ଦେବୀମୂର୍ତ୍ତି ପୂଜା ପାଉଥିଲେ । ମାତ୍ର ଏହି ଦେବୀ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ନିକଟସ୍ଥ ଏକ ନଦୀ ଗଣ୍ଡରେ ଫିଙ୍ଗି ଦେଇଥିବାରୁ ମୂଳ ମୂର୍ତ୍ତିଟି ଦେଖିବାକୁ ମିଳେନାହିଁ । କିଆଶୁଣୀ ହେଉଛନ୍ତି ଖିଚିଂର କିଚକେଶ୍ୱରୀଙ୍କ ବଡ଼ ଭଉଣୀ ବୋଲି ସ୍ଥାନୀୟ ଗ୍ରାମର ନରସିଂହ ବାରିକ ଓ ମାନସ କୁମାର ନାଏକ କହନ୍ତି । ଏଠାରେ ଅତୀତରେ ଭଞ୍ଜବଂଶୀ ରାଜାଙ୍କର ଏକ କିଲ୍ଲା (ସେନା ଛାଉଣି) ଥିବାରୁ ଏହା **'ଭଞ୍ଜ କିଲ୍ଲା'** ନାମରେ ପରିଚିତ ଥିଲା । ପରବର୍ତ୍ତୀ କାଳରେ ଏହା ଅପଭ୍ରଂଶ ହୋଇ 'ଭଞ୍ଜ କିଆ'ରେ ପରିଣତ ହୋଇଛି ବୋଲି କୁହାଯାଏ । ସେତେବେଳେ କିଆ ଭଞ୍ଜ ନାମରେ ଜଣେ ସାମନ୍ତ ରାଜା ଏଠାରେ ଶାସନ କରୁଥିଲେ । ଏଠାରେ ଗଣ୍ଡ ଜାତିର ପ୍ରଜାମାନେ ରହୁଥିଲେ । ମୋଗଲବନ୍ଦୀ ଅଞ୍ଚଳର ଏହି ଗଣ୍ଡମାନେ ମୋଗଲମାନଙ୍କ ଦ୍ୱାରା ଲୁଣ୍ଠିତ ହୋଇ କିମ୍ବା ମୋଗଲମାନଙ୍କ ଦ୍ୱାରା ଟେଷ୍ଟପଣି ଯୁଦ୍ଧରେ ପରାସ୍ତ ହୋଇ ଭଞ୍ଜକିଆ ଛାଡ଼ି ଚାଲିଯାଇଛନ୍ତି । ମୋଗଲମାନେ ଏଠାରେ

Digitized by srujanika@gmail.com

ଲୁଣ୍ଠନ କରୁଥିବାର ଜାଣି ମୟୂରଭଞ୍ଜର ମହାରାଜା ତାଙ୍କର ଜଣେ ବଂଶୀୟ କିଆ ଭଞ୍ଜ ନାମରେ ସାମନ୍ତ ରାଜାଙ୍କୁ ଏହି ଭଞ୍ଜ କିଲ୍ଲାରେ ନିଯୁକ୍ତ କରିଥିଲେ । ଭଞ୍ଜକିଲ୍ଲା ସେତେବେଳେ ଏକ ଅସ୍ଥାୟୀ ସେନା ଛାଉଣୀ ଭାବେ ଶାଳ କାଠରେ ନିର୍ମିତ ହୋଇଥିଲା । ମୟୂରଭଞ୍ଜ ରାଜା ମଧ୍ୟ ଅଧିକାଂଶ ସମୟରେ ଏହି ଭଞ୍ଜ କିଲ୍ଲା ବୁଲିଆସି ସ୍ଥିତି ଅନୁଧ୍ୟାନ କରିବା ସହ ପାରିଧି କରୁଥିଲେ ।

ମା' କିଆଶୁଣୀ ଥିଲେ ଭଞ୍ଜବଂଶୀ ରାଜା କିଆ ଭଞ୍ଜଙ୍କର ଆରାଧ୍ୟ ଦେବୀ । କିଆଶୁଣୀଙ୍କ ମୂର୍ତ୍ତିଟି କଳାମୁଗୁନି ପଥରରେ ନିର୍ମିତ ହୋଇଥିଲା । ଭୂୟାଁ ଜାତିର ଲୋକେ (ଦେହୁରୀ) ମା'ଙ୍କୁ ପୂଜା କରିଥା'ନ୍ତି । ମାତ୍ର ଅତୀତରେ ଏହି ପୂଜକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ କାରଣରୁ ଜଣେ କେହି ପୂଜକ ନିକଟସ୍ଥ କାତରାଣୀ ନାମକ ଗଣ୍ଡରେ ମା' କିଆଶୁଣୀଙ୍କ କଳାମୁଗୁନି ପଥର ମୂର୍ତ୍ତିଟିକୁ ଫିଙ୍ଗି ଦେଇଥିଲେ ବୋଲି ଗ୍ରାମବାସୀ କହନ୍ତି । ଏହି ଘଟଣା ପରଠାରୁ ଏଠାରେ ଏକ ଶିଳାଖଣ୍ଡକୁ ପ୍ରତୀକ ରୂପେ ଦେବୀ ଭାବେ ପୂଜା କରାଯାଇ ଆସୁଛି ।

ଅତୀତର ଭଞ୍ଜ କିଲ୍ଲା ଗଡ଼ଟି ଏବେ ନାହିଁ ସତ, ମାତ୍ର ଏଠାରେ ଅନେକ ସ୍ମୃତି ଛାଡ଼ିଯାଇଛି । ଏଠାରେ ନିର୍ମିତ ହୋଇଥିବା ଭଞ୍ଜକିଲ୍ଲାରୁ ସବୁଯାକ ମୂଲ୍ୟବାନ କାଠଗୁଡ଼ିକୁ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସମୟରେ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏକ କଂପାନୀ ବଡୁଆ ନେଇଯାଇଥିବା ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳେ ।

ଏଠାରେ ଥିବା **ଭକ୍ତା ପୋଖରୀ (ସତୀ ପୋଖରୀ)** ଟି ଖୁବ୍ ବିଶାଳ ଜଳାଶୟ ଭାବେ ସ୍ଥାନୀୟ ଲୋକଙ୍କୁ ସହାୟକ ହୋଇଆସୁଛି । ଏଠାରେ ମହାଦେବ ଝାଡ଼େଶ୍ୱରଙ୍କ ନିକଟରେ ଚୈତ୍ରପର୍ବ ଅବସରରେ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇଥାଏ । ଉଡ଼ା ପର୍ବରେ ମାନସିକ ରଖୁଥିବା ଭକ୍ତ (ଭକ୍ତା)ମାନେ ଏହି ପୋଖରୀରେ ସ୍ନାନ କରୁଥିବାରୁ ଏହାର ନାମ ଭକ୍ତା ପୋଖରୀ ହୋଇଥିଲା । ମାତ୍ର ଭଞ୍ଜବଂଶର କୌଣସି ଜଣେ ରାଣୀ ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ଏହି ପୋଖରୀରେ ଝାସ ଦେଇ ଆତ୍ମହତ୍ୟା କରିଥିବାରୁ ଏହାର ନାମ 'ସତୀ ପୋଖରୀ' ମଧ୍ୟ ହୋଇଛି ।

ଯୁଦ୍ଧରେ କିଆ ଭଞ୍ଜଙ୍କର ମୃତ୍ୟୁ ହୋଇଯିବାରୁ ରାଣୀ ନିଜର ସତୀତ୍ୱ ରକ୍ଷା କରିବାକୁ ଯାଇ ନିକଟରେ ଥିବା ଖଇରୀ-ଭଣ୍ଡନ ନଦୀରେ ଝାସ ଦେଇ ମୃତ୍ୟୁବରଣ କରିଥିଲେ । ଏଣୁ ଖଇରୀ-ଭଣ୍ଡନ ନଦୀର ସେହି ସ୍ଥାନଟି ଆଜିଯାଏ **'ରାଣୀବୁଡ଼ା'** ନାମରେ ପରିଚିତ । ଏଠାରେ ରାଜବଂଶର ବିଲୋପ ପରେ ପ୍ରଜାମାନେ ମଧ୍ୟ ଏହି ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲି ଯାଇଥିଲେ ।

ରାସଗୋବିନ୍ଦପୁରର ବିନୋଦ ରାୟ ମଠ

ରାସଗୋବିନ୍ଦପୁରର ବିନୋଦ ରାୟ ମଠ, ମୟୂରଭଞ୍ଜର ମଠ ସଂସ୍କୃତିରେ ଯୋଡ଼ିପାରିଛି ଭିନ୍ନ ଏକ ଫର୍ଦ୍ଦ । ଏଠାରେ ପ୍ରଭୁ ବିନୋଦ ରାୟ (ବିଷ୍ଣୁ) ପୂଜା ପାଇଥା'ନ୍ତି । ଏହି ମଠଟି ବହୁତ ପ୍ରାଚୀନ ଏବଂ

Digitized by srujanika@gmail.com

ଏଠାରେ ପଥର ନିର୍ମିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଛନ୍ତି । ଏହାର ନିକଟରେ ଗାଁ ଅମର୍ଦ୍ଦା ଥିବାରୁ ଏହାର ଐତିହାସିକ ମୂଲ୍ୟ ବେଶି ରହିଛି । ଏହିସବୁ ଅଞ୍ଚଳକୁ ଶ୍ରୀଚୈତନ୍ୟ (ଜଗନ୍ନାଥ ସଡ଼କ ଦେଇ) ଆସିଥିବାର ପ୍ରମାଣ ରହିଛି । ଏହାବ୍ୟତୀତ ରାସଗୋବିନ୍ଦପୁର ବ୍ଲକ୍‌ରେ ଆହୁରି ଅନେକ ପୁରୁଣା ମଠ ଅଛି । କାନପୁର ମଠ, ହରିପୁର ମଠ (ଗାଁ ଅମର୍ଦ୍ଦା), ଖୁଣ୍ଟା ମଠ, ତୋଟାପଡ଼ା ମଠ ରାସଗୋବିନ୍ଦପୁର ବ୍ଲକ୍‌ର କୃଷ୍ଣ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲେଇଛି ।

ଐତିହାସିକ ରତ୍ନପୁର: ରାଧାନାଥଙ୍କ 'ପାର୍ବତୀ' କାବ୍ୟର ପୃଷ୍ଠଭୂମି

ପଞ୍ଚପିଢ଼ ସବ୍‌ଡିଭିଜନ ଅନ୍ତର୍ଗତ ଐତିହାସିକ ରତ୍ନପୁର ଗାଁଟି ବିଭିନ୍ନ ଦୃଷ୍ଟିରୁ ଚର୍ଚ୍ଚିତ । ଏହି ଗାଁର ପୃଷ୍ଠଭୂମିକୁ ନେଇ କବିବର ରାଧାନାଥ ରାୟ ତାଙ୍କର ଚର୍ଚ୍ଚିତ 'ପାର୍ବତୀ' କାବ୍ୟ ରଚନା କରିଛନ୍ତି । ରତ୍ନପୁର ଗାଁଟି ଘଞ୍ଚ ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳ ମଧ୍ୟରେ ସାଳନ୍ଦୀ ନଦୀ କୂଳରେ ଅବସ୍ଥିତ । ଏଠାକାର ପ୍ରାକୃତିକ ପରିବେଶ ଓ ସବୁଜିମା ସବୁଠୁ ଆକର୍ଷଣୀୟ । ଏଠାରେ ରତ୍ନପୁର ଜମିଦାରଙ୍କ ଧ୍ୱଂସପ୍ରାପ୍ତ ଦୁର୍ଗ ରହିଛି । ଏହି ରତ୍ନପୁର ଦୁର୍ଗର ଧ୍ୱଂସାବଶେଷ ଏବେ ଏକ ବିଶାଳ ଢିପ ଆକୃତିର ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ । ରାଧାନାଥ ରାୟଙ୍କ ପାବର୍ତୀ କାବ୍ୟର ବର୍ଣ୍ଣନା ଅନୁସାରେ, ଏହି ରତ୍ନପୁର ଶାସକ ଏବଂ ପୁରୀର ଗଙ୍ଗ ବଂଶୀ ରାଜା ଗଙ୍ଗେଶ୍ୱର ଦେବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ କ୍ଷେତ୍ରକୁ ଗଙ୍ଗେଶ୍ୱର ଦେବ ନିଜ କନ୍ୟାକୁ ସାଥୀରେ ଆଣିଥିଲେ ଏବଂ ତାଙ୍କ ପ୍ରତି ଅନୈତିକ ସଂପର୍କ ରକ୍ଷା କରିଥିଲେ । ତେବେ ସେ ସଂପର୍କିତ କୌଣସି ଐତିହାସିକ ପ୍ରମାଣ ଆଜିଯାଏ ମିଳିପାରିନାହିଁ । ମାତ୍ର ଗଙ୍ଗବଂଶୀ ପ୍ରତିଷ୍ଠାତା ରାଜା ଚୋଡ଼ଗଙ୍ଗ ଦେବ ମଧ୍ୟପ୍ରଦେଶର କାଳଚୁରି ଶାସିତ ରତ୍ନପୁର ସହ ଲଢେଇ କରି ପରାଜିତ ହୋଇଥିବାର ଐତିହାସିକ ତଥ୍ୟ ଅଛି । ତତ୍କାଳୀନ ରତ୍ନପୁର ଜମିଦାରଙ୍କ କୁଳଦେବତା **ଦଧିବାମନଜିଉ** ଏବେ ଦିଗଧର ଗ୍ରାମବାସୀଙ୍କ ଦ୍ୱାରା ପୂଜା ପାଉଛନ୍ତି । ରତ୍ନପୁରରେ ଭୂର୍ୟାଁ ଜମିଦାରୀ ଶାସନ ପ୍ରଚଳିତ ଥିଲା ।

ଅମର୍ଦ୍ଦା (ରାସଗୋବିନ୍ଦପୁର), ରାଜାବସା ଓ ରାଇରଙ୍ଗପୁର ଏୟାରଷ୍ଟ୍ରିପ୍

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ୍ ସରକାର ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ୍‌ରେ ଏକ ବିଶାଳ ଏୟାରଷ୍ଟ୍ରିପ୍ ବା ଉଡ଼ାଜାହାଜ ପଡ଼ିଆ ନିର୍ମାଣ କରିଥିଲେ । ବ୍ରିଟିଶ ସରକାର ଏହାକୁ ଏକ ସାମରିକ ଘାଟି ସହ ପାଇଲଟ୍ ଟ୍ରେନିଂ ସେଣ୍ଟର ଭାବେ ବ୍ୟବହାର କରୁଥିଲେ । ବାରିପଦାଠାରୁ ୪୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଏୟାରଷ୍ଟ୍ରିପ୍ ୫୦୦ ଏକରରୁ ଊର୍ଦ୍ଧ୍ୱ ଜମି ଉପରେ ଗଢିଉଠିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ସମୟ ବେଳକୁ ୧୯୪୫ ମସିହା ଜୁଲାଇ ୨୬ ତାରିଖ ଦିନ ଅମର୍ଦ୍ଦାରୋଡ ଏୟାରବେସ୍‌ରୁ ୨ଟି ଯୁଦ୍ଧ ବିମାନ ଉଡ଼ାଣ କରିବାର ଅଳ୍ପ ସମୟ ମଧ୍ୟରେ ପରସ୍ପର ମଧ୍ୟରେ ଧକ୍କା ଖାଇବାରୁ ଦୁଇଟିଯାକ ଯୁଦ୍ଧ ବିମାନ ଧ୍ୱଂସ ପାଇଥିଲା । ଏହି ଯୁଦ୍ଧ ବିମାନ ଦୁର୍ଘଟଣାରେ ଜଣେ ଭାରତୀୟଙ୍କ ସମେତ ୭ଟି ଦେଶର ୧୪ ଜଣ ବାୟୁସେନା ଯବାନ୍ ପ୍ରାଣ ହରାଇଥିଲେ । ବର୍ତ୍ତମାନ ଭାରତୀୟ ପ୍ରତିରକ୍ଷା ବିଭାଗ ଅଧୀନରେ ଥିବା ଏହି ବିମାନଘାଟୀରେ ୩.୫ କିଲୋମିଟର ଦୀର୍ଘ ଏକ

Digitized by srujanika@gmail.com

ରାଜାବସା ଏୟାରଷ୍ଟ୍ରୀପ୍

ରନ୍‌ୱେ ରହିଛି । ୨୦୧୫ ମସିହାରେ ରାଜ୍ୟ ସରକାର ଏହି ଏୟାରଷ୍ଟ୍ରିପକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ଘୋଷଣା କରିଥିଲେ । ଏହା ପୂର୍ବରୁ ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ଏହି ଏୟାରଷ୍ଟ୍ରିପ୍‌କୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ କରିଥିଲା । ଅନ୍ୟପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ଅମର୍ଦା ଗ୍ରାମଟି ବେଶ ଗୁରୁତ୍ୱପୂର୍ଣ୍ଣ । ଶ୍ରୀଚୈତନ୍ୟ ପୁରୀ ଯିବା ବାଟରେ ଏହି ଗାଁରେ ଅଟକିଥିଲେ । ଗାଁରେ ଅତିଥି ହୋଇଥିବା ଶ୍ରୀଚୈତନ୍ୟଙ୍କ ଖାଦ୍ୟ ରନ୍ଧନ ନିମନ୍ତେ ଗ୍ରାମବାସୀ କାଠ ସଂଗ୍ରହ କରି ଦେଇଥିବାରୁ

ରାଜାବସା ଏୟାରଷ୍ଟ୍ରୀପ୍

Digitized by srujanika@gmail.com

ରାଇରଙ୍ଗପୁର ଏୟାରଷ୍ଟ୍ରିପ୍

ଏହି ଗାଁକୁ **'ଜାଠୁଆ ଅମର୍ଦ୍ଦା'** ବୋଲି କୁହାଯାଇଥାଏ । ଏହା ଏକଦା **'ଅମର୍ଦ୍ଦକ ତୀର୍ଥ'** ଭାବେ ଜଣାଶୁଣା ଥିଲା ।

ବାରିପଦା-କୋଷ୍ଟା ରାସ୍ତା ଦେଇ ପୂର୍ବଦିଗକୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଐତିହାସିକ ରାଜାବସା ଏୟାରଷ୍ଟ୍ରିପ୍ । ରାଜ ଶାସନ କାଳରେ ମହାରାଜାଙ୍କ ଦ୍ୱାରା ଏହି କ୍ଷୁଦ୍ର ବିମାନ ପଡ଼ିଆଟି ପ୍ରତିଷ୍ଠା ହୋଇଥିଲା । ମୟୁରଭଞ୍ଜ ମହାରାଜାଙ୍କ ବିମାନ ଏଠାରେ ଅବତରଣ

ଅମର୍ଦ୍ଦା ଏୟାରଷ୍ଟ୍ରିପ୍

Digitized by srujanika@gmail.com

କରୁଥିଲା । ମାତ୍ର ବର୍ତ୍ତମାନ ଏହି ବିମାନବନ୍ଦରଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଗୋଟିଏ ଛୋଟ ପୁରୁଣା କୋଠା ବ୍ୟତୀତ ଏଠାରେ ଆଉ କିଛି ଦେଖିବାକୁ ମିଳିନଥାଏ । ଏବେ ବର୍ତ୍ତମାନର ରାଜା ଏହି ପଡ଼ିଆରୁ କିଛି ଅଂଶ ବିକ୍ରି କରିଦେଇଥିବା ଜଣାପଡ଼ିଛି ।

ସେହିଭଳି ରାଇରଙ୍ଗପୁରରେ ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଏୟାରଷ୍ଟ୍ରିପ୍ ରହିଛି । ଐତିହାସିକ ଦୃଷ୍ଟିକୋଣରୁ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ ।

ମଞ୍ଚାବନ୍ଧା ଇକୋ ପାର୍କ

ବାରିପଦା ସହରଠାରୁ ମାତ୍ର ୬ କିଲୋମିଟର ବାଲେଶ୍ୱର ରାସ୍ତାରେ ପଡ଼ିଥାଏ ମଞ୍ଚାବନ୍ଧା ଇକୋ ପାର୍କ । ଏହାକୁ ଏବେ ଏକ ପରିବେଶ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକାଶ କରାଯାଇଛି । ଏଠାରେ ଥିବା ପ୍ରାକୃତିକ ଜଙ୍ଗଲ, ଘଞ୍ଚ ଶାଳବଣ, ଏକ କ୍ଷୁଦ୍ର ଜଳଭଣ୍ଡାର ଓ ପୁଷ୍ପ ଉଦ୍ୟାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଐତିହାସିକ ଦୃଷ୍ଟିରୁ ମଞ୍ଚାବନ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଭଞ୍ଜବଂଶୀ ରାଜାଙ୍କର ଏହା ଏକ ପାରିଧି ସ୍ଥଳ ଥିଲା । ଏଠାକୁ ଶିକାର କରିବାକୁ ଆସି ମହାରାଜା ରାମଚନ୍ଦ୍ର ଭଞ୍ଜଙ୍କ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ । ଏହା ପଛରେ ଏକ ଲମ୍ବା କାହାଣୀ ରହିଛି । ମହାରାଜା ଏକ କଳା କୋଟ ପିନ୍ଧି ମଞ୍ଚା ଉପରକୁ ଚଢୁଥିବାବେଳେ ସୁରକ୍ଷା କର୍ମୀ ଭାଲୁ ଭାବି ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ଗୁରୁତର ଆହତ ହୋଇ କିଛିଦିନ ବଞ୍ଚିବା ପରେ ମହାରାଜା ମୃତ୍ୟୁବରଣ କରିଥିଲେ । ତେବେ ମହାରାଜାଙ୍କ ମୃତ୍ୟୁକୁ ନେଇ ଏକ ଐତିହାସିକ ରହସ୍ୟ ମୟୂରଭଞ୍ଜବାସୀଙ୍କୁ ସନ୍ଦେହରେ ପକାଇଥାଏ ।

ଭୀମ ଆଣ୍ଠୁଆ, ପାଣ୍ଡରା ଗାଁ ଓ ପାଣ୍ଡବେଶ୍ୱର ମନ୍ଦିର

ସାରସକଣା ବ୍ଲକ୍ ଅନ୍ତର୍ଗତ ପାଣ୍ଡରା ଗ୍ରାମରେ ରହିଛି ପ୍ରାଚୀନ ଶୈବପୀଠ ଓ ପାଣ୍ଡବେଶ୍ୱର ମନ୍ଦିର । 'ପାଣ୍ଡରା' ଓ ପାଣ୍ଡବେଶ୍ୱର ମନ୍ଦିରକୁ ନେଇ ଅନେକ ଲୋକକଥା ଓ କିମ୍ବଦନ୍ତୀ ରହିଛି । ପାଣ୍ଡରା ଗାଁ ନିକଟରେ ଶୀର୍ଷା ମେରୁମଠ ଓ ସୁବର୍ଣ୍ଣରେଖା ନଦୀ ଶଯ୍ୟାରେ 'ଭୀମ ଆଣ୍ଠୁଆ' ନାମକ ଏକ ସ୍ମାରକୀ ରହିଛି । ଏଠାରେ ପଥର ଶଯ୍ୟା ଉପରେ ପଣ୍ଡୁ ପୁତ୍ର ଭୀମ ଆଣ୍ଠେଇ ପଡ଼ିଥିବାରୁ ତାଙ୍କର ଆଣ୍ଠୁ ଚିହ୍ନ ରହିଛି । ମେରୁମଠର ଅନତିଦୂରରେ ସୁବର୍ଣ୍ଣରେଖା ନଦୀକୂଳରେ ଏକ ରାଜପ୍ରାସାଦ ରହିଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ । ନଦୀ ମଧ୍ୟରେ ପଥର ପାଲଟି ଯାଇଥିବା 'ବାସୁଆ ବଳଦ' ସ୍ମାରକୀ ଓ 'ଗଡ଼ଘାଟ'କୁ ନେଇ ମଧ୍ୟ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳିଥାଏ । ଏହି 'ଗଡ଼ଘାଟ' ପରବର୍ତ୍ତୀ କାଳରେ 'ଜାମଶୋଳା ଘାଟ' ନାମରେ ପରିଚିତ ହୋଇଛି । ମେରୁମଠଠାରୁ ଜାମଶୋଳା ଘାଟ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା କୂଳ ଏବଂ ସବୁଜିମାକୁ 'ଶାନ୍ତିକାନନ' କୁହାଯାଉଥିଲା । ଏଠାରେ ଯେଉଁ ଗାଁ ଅବସ୍ଥିତ ତାର ନାଁ 'ପାଣ୍ଡରା' । ଏହି ସ୍ଥାନରେ ପାଣ୍ଡବମାନେ ଅବସ୍ଥାନ କରୁଥିବାରୁ ଏହାର ଏଭଳି ନାମକରଣ ସଂଭବ ହୋଇଛି ବୋଲି କୁହାଯାଏ । ଏଠାରେ ଥିବା ପାଣ୍ଡବେଶ୍ୱର ମନ୍ଦିର ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରାଚୀନ ଶୈବପୀଠ ଭାବେ ପରିଚିତ ।

Digitized by srujanika@gmail.com

ବୈଶିଙ୍ଗାର କାଛି ମଠ

କାଛିମଠ

ବେତନଟୀ ବ୍ଲକ୍ ଅଧୀନସ୍ଥ କଳମା ପଞ୍ଚାୟତ କାଛିମଠରେ ଅବସ୍ଥିତ ପ୍ରାଚୀନ ମଠ ଓ ଗୌଡ଼ୀୟ ଶୈଳୀରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟଟନ ଦୃଷ୍ଟିରୁ ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପୀଠ ଭାବେ ପରିଚିତ । ହରିପୁରଗଡ଼, ରାଇରଙ୍ଗପୁର ଗଡ଼ ମଧ୍ୟରେ ନିର୍ମିତ ରସିକରାୟ ଓ ଐଶାଣେଶ୍ୱର ମନ୍ଦିର ଶୈଳୀରେ କାଛିମଠଠାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମିତ ହୋଇଛି । ଗୌଡ଼ୀୟ ଶୈଳୀରେ ନିର୍ମିତ ଏହି ମନ୍ଦିରଟି ଖୁବ୍ ଆକର୍ଷଣୀୟ ମନେହୁଏ । ଏହା ତିନିଶହ ବର୍ଷର ପୁରୁଣା ମନ୍ଦିର ବୋଲି କୁହାଯାଉଛି । କାଛିମଠ ପରିସରରେ ଥିବା ପ୍ରାଚୀନ ମନ୍ଦିରରେ ପ୍ରଭୁ ଜଗନ୍ନାଥ ପୂଜା ପାଉଛନ୍ତି । ମହାପ୍ରଭୁଙ୍କ ସହିତ ଶ୍ରୀଚୈତନ୍ୟ, ନିତ୍ୟାନନ୍ଦ, ରଘୁନାଥ, ପାର୍ଶ୍ୱଦେବତା ଭାବେ ପଞ୍ଚମୁଖୀ ପଞ୍ଚଲିଙ୍ଗେଶ୍ୱର, ତୁଳସୀଦେବୀ ପୂଜା ପାଉଛନ୍ତି । ମଠରେ ଅନ୍ୟାନ୍ୟ ବହୁ ପର୍ବପର୍ବାଣି ପାଳିତ ହେଉଥିବାବେଳେ ରଥଯାତ୍ରାରେ ସହସ୍ରାଧିକ ଭକ୍ତଙ୍କ ସମାବେଶ ଘଟିଥାଏ । ମାତ୍ର ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ମନ୍ଦିରଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସରକାରୀ ସହାୟତା ଅଭାବରୁ ରୁଗ୍ଣ ହୋଇପଡ଼ିଛି । କାଛିମଠରେ ଅନେକ ସଂଖ୍ୟାରେ ବିଶାଳ ପୁଷ୍କରିଣୀମାନ ରହିଛି ଯାହାକି ମଠର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ ।

Digitized by srujanika@gmail.com

ତୃତୀୟ ପରିଚ୍ଛେଦ

ମୟୂରଭଞ୍ଜର ପାହାଡ଼, ନଦୀ, ନଦୀବନ୍ଧ, ଝରଣା ଓ ଜଳପ୍ରପାତ

ବଣ, ପାହାଡ଼, ଝରଣା, ସବୁଜ ବନାନୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏକ ମନୋରମ ଭୌଗୋଳିକ ଅଞ୍ଚଳ ଭାବେ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷରେ ମୟୂରଭଞ୍ଜର ଏକ ନିଆରା ପରିଚୟ ରହିଛି । ଏଠାକାର ଶାଳ ଜଙ୍ଗଲ, ଶିମିଳିପାଳର ଜୈବବିବିଧତା, ନଦୀ, ନାଳ, ପାହାଡ଼, ଝରଣା, ଜଳପ୍ରପାତ, ଆଦିମ ଅଧିବାସୀ ବହିରାଗତଟିଏକୁ ଆନମନା କରିଥାଏ । ଏଠାରେ ଥିବା ନଦୀମାନଙ୍କରେ ଅନେକ ଆକର୍ଷଣୀୟ ଜଳଭଣ୍ଡାର ଓ ନଦୀ ବନ୍ଧ ନିର୍ମାଣ କରାଯାଇ ଜଳସେଚନ କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ଏଗୁଡ଼ିକର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଭୁଲି ନଥାଏ । ଶିମିଳିପାଳ ଜୈବମଣ୍ଡଳରେ ଓଡ଼ିଶାର ଉଚ୍ଚ ଗିରିଶୃଙ୍ଗଠାରୁ ଆରମ୍ଭ କରି ବହୁ ନଦୀ, ଝରଣା ଓ ମନୋରମ ଜଳପ୍ରପାତ ରହିଛି । ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ଆକର୍ଷଣୀୟ ପାହାଡ଼, ଜଳପ୍ରପାତ ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ରହିଛି । ଏ ସଂପର୍କରେ ପରବର୍ତ୍ତୀ 'ଶିମିଳିପାଳ' ଶୀର୍ଷକ ପରିଚ୍ଛେଦରେ ଆଲୋଚନା କରାଯାଇଛି । ତେବେ ଶିମିଳିପାଳ ଜୈବମଣ୍ଡଳ ବାହାରେ ଥିବା କିଛି ପାହାଡ଼, ଝରଣା, ଜଳପ୍ରପାତ ଓ ନଦୀବନ୍ଧ ସଂପର୍କରେ ଏହି ପରିଚ୍ଛେଦରେ ଆଲୋଚନା କରାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ପାହାଡ଼ ପର୍ଯ୍ୟଟନ

ପାହାଡ଼, ନଈ ଓ ଝରଣା ସବୁବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ପାହାଡ଼ର ସୌନ୍ଦର୍ଯ୍ୟ ଉପଭୋଗ କରିବା, ପାହାଡ଼ ଚଢ଼ିବା ଏବଂ ପାହାଡ଼ରେ ଥିବା ଜୈବବିବିଧତାକୁ ଉପଭୋଗ କରିବାକୁ କାହିଁ କେତେଦୂରରୁ ପର୍ଯ୍ୟଟକମାନେ ଛୁଟି ଆସିଥାନ୍ତି ।

ପାହାଡ଼ କଥା ଆଲୋଚନା ହେବ, ତାହା ପୁଣି ଶିମିଳିପାଳ ଜୈବମଣ୍ଡଳକୁ ବାଦ୍ ଦେଇ, ଏମିତି କଥା କଳ୍ପନାରେ ସୁଧା ଚିନ୍ତା କରିହେବନି । ସେମିତି ଶିମିଳିପାଳ କଥା ଆଲୋଚନା ହେବ, ପୁଣି ମେଘାସନ ପାହାଡ଼କୁ ବାଦ୍ ଦେଇ, ଏହା ବି ଚିନ୍ତା କରାଯାଇ ନପାରେ । ମେଘାସନ ଶିମିଳିପାଳର ସବୁଠୁ ଉଚ୍ଚତମ ପାହାଡ଼ ନ ହେଲେ ବି ଏହାର ସୌନ୍ଦର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିପାରିଛି ।

Digitized by srujanika@gmail.com

ଶିମିଳିପାଳରେ ଥିବା ପାହାଡ଼ମାନଙ୍କ ମଧ୍ୟରେ **'ଖଇରିବୁରୁ'** ହିଁ ସବୁଠୁ ଉଚ୍ଚତମ ପର୍ବତଶୃଙ୍ଗ । ଏହାର ଉଚ୍ଚତା ୧.୧୬୮ ମିଟର । ଶିମିଳିପାଳର ଦ୍ୱିତୀୟ ଉଚ୍ଚତମ ଗିରିଶୃଙ୍ଗ ହେଉଛି **ମେଘାସନ** । ଏହାର ଉଚ୍ଚତା ୧୧୬୫ ମିଟର । ଏହି ପାହାଡ଼ଟି ମେଘମାଳାମାନଙ୍କର ଆସନ ହୋଇଥିବାରୁ ଏହାକୁ ମେଘାସନ କୁହାଯାଏ । **ଟୁଙ୍ଗିବୁରୁ** ଶିମିଳିପାଳର ତୃତୀୟ ଉଚ୍ଚତମ ପାହାଡ଼ । ମୟୁରଭଞ୍ଜ ଜିଲ୍ଲାରେ ଶିମିଳିପାଳ ଜୈବମଣ୍ଡଳ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ଉଚ୍ଚ ପାହାଡ଼ ଓ ଗିରିଶୃଙ୍ଗ ରହିଛି । ସେଗୁଡ଼ିକର ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରି ନିମ୍ନରେ ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଲେ- **ଖଇରିବୁରୁ (ଶିମିଳିପାଳ), ଟୁଙ୍ଗିବୁରୁ (ଶିମିଳିପାଳ), ମେଘାସନ (ଶିମିଳିପାଳ), ବାର୍ହାକାମୁଡ଼ା(ଶିମିଳିପାଳ), ଭଞ୍ଜବସା (ଶିମିଳିପାଳ), ନଓ୍ୱାଣା (ଶିମିଳିପାଳ), ବକୁଆ (ଶିମିଳିପାଳ), ଟୁଙ୍ଗିବୁରୁ (ଶିମିଳିପାଳ), ଡେରାବୁରୁ (ଶିମିଳିପାଳ), ଯାବଡ଼ାବୁରୁ (ଶିମିଳିପାଳ), ଧୁଡୁଚଂପା (ଶିମିଳିପାଳ), ଗୋରୁମହିଷାଣି, ଜୁଆପାହାଡ଼ (ରାଇରଙ୍ଗପୁର), ବାଦାମପାହାଡ଼, ନସ୍‌କରିଆ ପାହାଡ଼ (ରାଇରଙ୍ଗପୁର), ସୁଲେଇପାଟ (କୁସୁମୀ ବ୍ଲକ୍), ଚହଲା, ବାଲିତିହା, ମାଙ୍କିଡ଼ିଘାଟି, କାଣ୍ଡିଆ ପାହାଡ଼ (ଯାରସକଣା), ମଦୁଭାଣ୍ଡ (ଯାରସକଣା), ଖଣ୍ଡାଡେରା (ଯାରସକଣା), ବାଛୁରୀବନ୍ଧା (ଯାରସକଣା), ଭାଲିଆବଳି (ଯାରସକଣା), ଭାଦୁଆ (ଯାରସକଣା), ସର୍ପଚକ୍ର (ଯାରସକଣା), ବୁଢା ପାହାଡ, ଚଢ଼କମରା ପାହାଡ଼ (ଯାରସକଣା), କୁକୁଡ଼ା ଅଣ୍ଡା ପାହାଡ଼ (ଯାରସକଣା), ଛତ୍ରମଣ୍ଡଳ ଡୁଡ଼ି (ରାଇରଙ୍ଗପୁର), କଳସୀଭଙ୍ଗା ପାହାଡ (ରାଇରଙ୍ଗପୁର), ସରାଳି (ସାର୍‌ଲି) ପାହାଡ଼ (ବିଜାତଳା), ଚଢ଼େଇପାହାଡ଼ି (ବିଜାତଳା), ବାଡିଡାହି (ବିଜାତଳା), କାଣାପାଟ ପାହାଡ଼ (ବିଜାତଳା), କଚଡ଼ ପାହାଡ଼ (ବିଜାତଳା), ଗୁଞ୍ଜୁରୁ ପାହାଡ଼ (ବିଜାତଳା), ଚାଡ଼ରା ପାହାଡ଼, (ବିଜାତଳା), ଛତ୍ରମଣ୍ଡଳ, ସୀତାରାମ ପାହାଡ଼ (ଶ୍ୟାମାଖୁଣ୍ଟା), ହରିଣଡିଆଁ ପାହାଡ଼ (ଶ୍ୟାମାଖୁଣ୍ଟା), ଦୁଦୁକାଚା ପାହାଡ଼ (ଶିମିଳିପାଳ), ଡୁବିଗଡ଼ (କପ୍ତିପଦା), ଇଟାଗଡ଼ (କପ୍ତିପଦା), ଟାଙ୍ଗିରିଆଡୁଡ଼ି (କପ୍ତିପଦା), ଛତ୍ରଡୁଡ଼ି (କପ୍ତିପଦା), ଟାଙ୍ଗରାଶୁଣି ଡୁଡ଼ି (କପ୍ତିପଦା), ଲୁଇପା ଡୁଡ଼ି-ସିଦ୍ଧଗୁମ୍ଫା (ଉଦଳା), ଶମୀବୃକ୍ଷ (କପ୍ତିପଦା), କୁଂଭିରାଡୁଡ଼ି (ଗୋପବନ୍ଧୁନଗର), ଭାଗିରଥୀଡୁଡ଼ି (ଗୋପବନ୍ଧୁନଗର), ଭାଲୁଭାଡ଼ି, ମୁଣ୍ଡଘୁରା ପାହାଡ଼ (ଖୁଣ୍ଟ), ରାଣୀଭୋଳ ପାହାଡ଼ (ଖୁଣ୍ଟା), ନାଚୁଣିଆ ପାହାଡ଼ (ଅଲକୁଦର ଜଳପ୍ରପାତ, ଯଶୀପୁର), ଭୈରବଡୁଡ଼ି, 'ମଦୁ ଭଣ୍ଡାର ପାହାଡ଼', 'ଅସୁରହାଡ଼', ଅସୁରଘାଟି ପାହାଡ଼, ସାରୁଡୁଙ୍ଗର ଡୁଡ଼ି, ଆମ୍ବଡୁଙ୍ଗର ଡୁଡ଼ି, ବାଙ୍ଗଡ଼ା (କୁଣ୍ଡଳବଣି) ପାହାଡ଼ (ଶିମିଳିପାଳ), ଝରଲି ବୁରୁ (ଶିମିଳିପାଳ), ଜିଲିଂବୁରୁ (ବାଙ୍ଗିରିପୋଷି), ସିନ୍ଦୁରବୁରୁ (ବାଙ୍ଗିରିପୋଷି), ହେସେଲବୁରୁ (ବାଙ୍ଗିରିପୋଷି), ବୁଢ଼ାବୁଢ଼ି ପାହାଡ଼ (ବାଙ୍ଗିରିପୋଷି), ଏଦେଲବେଡ଼ା ପାହାଡ଼ (ବାଙ୍ଗିରିପୋଷି), ପେଟୁଆ ପାହାଡ଼ (ବାଙ୍ଗିରିପୋଷି), ସାତପୁଟୁଳି ପାହାଡ଼ (ବାଙ୍ଗିରିପୋଷି), ଝିଙ୍ଗପାହାଡ଼ି (ବାଙ୍ଗିରିପୋଷି), ଟୁଲିଆ ପାହାଡ଼ (ବାଙ୍ଗିରିପୋଷି), ବିଧୁଭଣ୍ଡାର**

Digitized by srujanika@gmail.com

ପାହାଡ଼ (ବାଙ୍ଗିରିପୋଷି), ବାଘଯୋଡ଼ା ପାହାଡ଼ (ବ୍ରାହ୍ମଣକୁଣ୍ଡ, ବାଙ୍ଗିରିପୋଷି), ଦେଖିଦେଖାଣି ପାହାଡ଼ (ବହଳଦା), ବଳଦିଆ, କୁକୁନ୍ଦରାଣୀ ଡୁଡ଼ି (ନୁଦୁଡିହା, କପ୍ତିପଦା), ଶୁଆଶାଳୀ ପାହାଡ଼ (କପ୍ତିପଦା), ମାନଗଡ଼ ପାହାଡ଼ (ସାରସକଣା), କାଳୀପାହାଡ଼ (ସୀତାକୁଣ୍ଡର ଉପର), ମିର୍‌ତି ମାଇକାଣୀ (ଉଦଳା), ମାରାଂବୁରୁ (ଉଦଳା), ଖଣ୍ଡାଚିରା (ଉଦଳା), ଚେଡ଼େ ପାହାଡ଼ (ଉଦଳା) ।

ଏସବୁ ଉଚ୍ଚ ପାହାଡ଼ ଓ ଗିରିଶୃଙ୍ଗ ମୟୂରଭଞ୍ଜ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛି । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ସର୍ବାଧିକ ଗିରିଶୃଙ୍ଗ ଓ ପାହାଡ଼ମାନ ରହିଛି । ଶିମିଳିପାଳକୁ ବାଦ୍ ଦେଲେ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅନେକ ଛୋଟବଡ଼ ପାହାଡ଼ ଓ ଗିରିଶୃଙ୍ଗ ରହିଛି । ମୟୂରଭଞ୍ଜ ଜିଲ୍ଲାର ଏସବୁ ପ୍ରସିଦ୍ଧ ପାହାଡ଼ ଓ ଗିରିଶୃଙ୍ଗଗୁଡ଼ିକର ପର୍ଯ୍ୟଟନ ଗୁରୁତ୍ୱ ମଧ୍ୟ ରହିଛି । ଏଠାକୁ ପ୍ରତିବର୍ଷ ପର୍ଯ୍ୟଟକମାନେ ଅବସର ବିନୋଦନ କରିବାକୁ ଆସିଥା'ନ୍ତି । ଏହାବ୍ୟତୀତ ଅଧିକାଂଶ ପାହାଡ଼, ପର୍ବତ ଓ ଗିରିଶୃଙ୍ଗ ସହିତ ଧାର୍ମିକ ଭାବନା ଯୋଡ଼ି ହୋଇଥିବାରୁ ଏଠାକୁ ବେଶି ସଂଖ୍ୟାରେ ଭକ୍ତ ଓ ଭଗବତପ୍ରେମୀ ଆସିଥା'ନ୍ତି । ମୟୂରଭଞ୍ଜ ଜିଲ୍ଲାର କିଛି ପାହାଡ଼, ଗିରିଶୃଙ୍ଗ ଓ ଏହାକୁ ଭିତ୍ତିକରି ଗଢି ଉଠିଥିବା ଧାର୍ମିକ ପର୍ଯ୍ୟଟନସ୍ଥଳ ସଂପର୍କରେ ସମ୍ୟକ ଆଲୋଚନା କରାଯାଇପାରେ ।

ବାଦାମ ପାହାଡ଼ (ବଡ଼ାମ ପାହାଡ଼)

ବାମନଘାଟି ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରଠାରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ ବାଦାମ ପାହାଡ଼ଟି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ । ମୟୂରଭଞ୍ଜ ଜିଲ୍ଲା କାହିଁକି ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଲୁହାପଥର ଖଣିଜସଂପଦ ଭରା ଅଞ୍ଚଳ ଭାବେ ବାଦାମ ପାହାଡ଼ର ସୁନାମ ରହିଛି । ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବାଦାମପାହାଡ଼ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଦାମପାହାଡ଼ ଅବସ୍ଥିତ । ବାଦାମ ପାହାଡ଼ର ପ୍ରାକୃତିକ ପରିବେଶ ଓ ପାହାଡ଼ ଉପରୁ ନିମ୍ନଭୂମିର ଦୃଶ୍ୟ ବେଶ୍ ରୋମାଞ୍ଚକର । ଏ ଅଞ୍ଚଳରେ ବାଥୁଡ଼ି ସଂପ୍ରଦାୟର ଲୋକେ ବେଶି ସଂଖ୍ୟାରେ ବାସକରନ୍ତି । ବାଥୁଡ଼ିମାନଙ୍କର ମୁଖ୍ୟ ଦେବତା 'ବଡ଼ାମ୍' ଏହି ପାହାଡ଼ରେ ପୂଜିତ ହେଉଥିବାରୁ ଅତୀତରେ ଏହାର ନାମ **'ବଡ଼ାମ୍ ପାହାଡ଼'** ଥିଲା । କାଳକ୍ରମେ ଉଚ୍ଚାରଣରେ ପରିବର୍ତ୍ତନ ଘଟି ଏହାର ନାମ **'ବାଦାମ ପାହାଡ଼'** ହୋଇଯାଇଛି ବୋଲି କୁହାଯାଏ । କେବଳ ବାଦାମ ପାହାଡ଼ ନୁହେଁ ବରଂ 'ବଡ଼ାମ' ନାମ ବହନ କରୁଥିବା ବହୁ ସ୍ଥାନ ଏଠାରେ ରହିଛି । ରାଇରଙ୍ଗପୁର ଯିବା ପୂର୍ବରୁ ପଡ଼ିଥାଏ ଏକ ଛକ ଯାହାର ନାମ **'ବଡ଼ାମ୍ ତଳିଆ'** ଛକ ।

Digitized by srujanika@gmail.com

ଶକ୍ତିପୀଠ ଟାଙ୍ଗରାଶୁଣୀ

ଶକ୍ତିପୀଠ ଟାଙ୍ଗରାଶୁଣୀ

କପ୍ତିପଦା ଛକରୁ କାଳଡ୍ୟାମ୍ ରାସ୍ତାରେ ପଶ୍ଚିମକୁ ୬ କିଲୋମିଟର ଗଲାପରେ ପଡେ ସାନଖଲାଡ଼ି ଗାଁ । ସାନଖଲାଡି ଗ୍ରାମ ଉପକଣ୍ଠରେ ପ୍ରକୃତିର ଅପରୂପ ଶୋଭାଭରା ପାହାଡ଼ଟି ଅବସ୍ଥିତ, ଯାହାର ନାଁ **ନାଙ୍ଗରାଶୁଣୀ ଢୁଡ଼ି** । ଏହା ଶମୀବୃକ୍ଷର ଏକ ଅଂଶ ବୋଲି ବିଶ୍ୱାସ କରାଯାଏ । ଏଠାରେ ମା' ଟାଙ୍ଗରାଶୁଣୀ ପୂଜା ପାଆନ୍ତି । ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରମୁଖ ଶକ୍ତିପୀଠ ଭାବେ ଟାଙ୍ଗରାଶୁଣୀର ପ୍ରସିଦ୍ଧି ରହିଛି । ଏଠାରେ ମା'ଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପଶୁବଳି ପ୍ରଦାନ କରାଯାଇଥାଏ । ମା' ଟାଙ୍ଗରାଶୁଣୀ ହେଉଛନ୍ତି କପ୍ତିପଦା ରାଜବଂଶର ଅନ୍ୟତମ ପ୍ରମୁଖ ଦେବୀ । କପ୍ତିପଦା ଅଞ୍ଚଳରେ ମରୁଡ଼ି, ଅନାବୃଷ୍ଟି କି ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ପଡ଼ିଲେ ଟାଙ୍ଗରାଶୁଣୀଙ୍କ ନିକଟରେ ଯଜ୍ଞର ଆୟୋଜନ କରାଯାଇଥାଏ । ପ୍ରତିବର୍ଷ ଏଠାରେ ବିଶାଳ ମକର ମେଳା ବସିଥାଏ । ଟାଙ୍ଗରାଶୁଣୀ ଢୁଡ଼ିର ଶୀର୍ଷ ଦେଶରୁ ଅପରପାର୍ଶ୍ୱରେ ଥିବା କାଳ ଡ୍ୟାମ୍‌ର ଦୋଳାୟିତ ଜଳରାଶି, ଶମୀବୃକ୍ଷ ଓ ଅନ୍ୟ ପାର୍ଶ୍ୱରେ ଶିମିଳିପାଳ ଜଙ୍ଗଲର ସବୁଜିମା, ମେଘାସନ ପାହାଡ଼ମାଳାର ଦୃଶ୍ୟ ବେଶ୍ ମନମୁଗ୍‌ଧକର । ଟାଙ୍ଗରାଶୁଣୀର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ବି ପର୍ଯ୍ୟଟକଙ୍କୁ ବେଶ୍ ଆନମନା କରିଥାଏ ।

ଟାଙ୍ଗିରିଆ ପୀଠ

କପ୍ତିପଦା ବ୍ଲକ୍‌ର ତିନୋଟି ପୁରାଣପ୍ରସିଦ୍ଧ ପଥର ଗୁମ୍ଫା; **ଟାଙ୍ଗିରିଆ ଗୁମ୍ଫା, ଛତାଢୁଡ଼ି ଗୁମ୍ଫା (ଛତ୍ରଢୁଡ଼ି) ଓ ମୟୂରଢୁଡ଼ା** ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନର ଅନ୍ୟତମ ପ୍ରମୁଖ ଆକର୍ଷଣ । ମାଙ୍କଡ଼ପଡ଼ା ଗ୍ରାମ

Digitized by srujanika@gmail.com

ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାବିଲ ଓ କଅଁରପୁର ଗ୍ରାମ ସୀମାନ୍ତରେ ଅବସ୍ଥିତ **ଟାଙ୍ଗିରିଆ ଗୁମ୍ଫା**ରେ ପୂଜା ପାଆନ୍ତି ମହାଦେବ ଟାଙ୍ଗରେଶ୍ୱର । ମହାଭାରତର ପାଣ୍ଡବମାନେ ଅଜ୍ଞାତବାସ ସମୟରେ ଏହି ଟାଙ୍ଗିରିଆ ଗୁମ୍ଫାରେ କିଛିକାଳ ଅବସ୍ଥାନ କରିବା ସହ ନିକଟସ୍ଥ ଶମୀବୃକ୍ଷରେ ଅସ୍ତ୍ରଶସ୍ତ୍ର ଗୋପନରେ



ଟାଙ୍ଗିରିଆ ଗୁମ୍ଫା

Digitized by srujanika@gmail.com

ରଖିଥିଲେ ବୋଲି ଲୋକବିଶ୍ୱାସ ରହିଛି । ଟାଙ୍ଗିରିଆ ମକର ମେଳା ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରସିଦ୍ଧିଲାଭ କରିପାରିଛି । ଏଠାରେ ପନ୍ଦର ଦିନ ଧରି ମକର ମେଳା ଚାଲିଥାଏ ।

୧୯୨୦ ମସିହାରେ କପ୍ତିପଦା ରାଜା ରଜତ ଚନ୍ଦ୍ର ମାନ୍ଧାତା ଏହି ପୀଠକୁ ପ୍ରଥମେ ଲୋକଲୋଚନକୁ ଆଣିଥିଲେ । ଏହା ପରେ ବହୁ ସାଧୁସନ୍ଥ ଏଠାରେ ଥିବା ଗୁମ୍ଫାରେ ସାଧନା କରିଆସିଛନ୍ତି । କାଳକ୍ରମେ ଟାଙ୍ଗିରିଆ ଗୁମ୍ଫାରେ ଜଗଦୀଶ ବାବା, ନାରାୟଣ ବାବା, ବୈଷ୍ଣବ ବାବା, ଅନନ୍ତ ବାବା, ବୁଦ୍ଧୁରାମ ବାବା ଏହି ପାହାଡ଼ ଗୁମ୍ଫାରେ ଅବସ୍ଥାନ କରି ପୀଠଟିର ଗୁରୁତ୍ୱ ବୃଦ୍ଧି କରିଛନ୍ତି ବୋଲି କହନ୍ତି ବର୍ତ୍ତମାନର ମନ୍ଦିର ପୂଜକ ମାଗୁଣୀ ପାଣିଗ୍ରାହୀ ।

ଦୀର୍ଘବର୍ଷ ଧରି ଏହି ପୀଠଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାବେଳେ ଏବେଏବେ ଏହାର ବିକାଶ ସମ୍ଭବପର ହୋଇପାରିଛି । ପାହାଡ଼ର ଶୀର୍ଷଦେଶରେ ଅବସ୍ଥିତ ଗୁମ୍ଫାକୁ ଯିବା ପାଇଁ ପାହାଚମାନ କରାଯାଇଛି । 'ବାଇଟାଙ୍ଗିରିଆ ଉନ୍ନୟନ ପରିଷଦ' ନାମରେ ଏକ ଅନୁଷ୍ଠାନ ମାଧ୍ୟମରେ ଏହି ପୀଠର ପ୍ରଚାର ଓ ପ୍ରସାର ସଂଭବ ହୋଇଛି । ଦେବକୁଣ୍ଡକୁ ଯୋନିପୀଠ ବୋଲି କୁହାଯାଉଥିବାବେଳେ ଏଠାରେ ସାଂକେତିକ ଭାବେ ପଥର ଯୋନି ପ୍ରକଟିତ ହୋଇଥିବାର ଜଣାଯାଏ । ପାହାଡ଼ର ଶୀର୍ଷ ଗୁମ୍ଫାରେ ଅଷ୍ଟଭୁଜା ଦୁର୍ଗା ପୂଜା ପାଇଥା'ନ୍ତି । ଏଠାରେ ଥିବା ବଡ଼ବଡ଼ ୯ଟି ପଥରଖଣ୍ଡମାନଙ୍କୁ ନବଗ୍ରହ ଭାବେ ପୂଜା ହୋଇଥାଏ । ନବଗ୍ରହ ମଣ୍ଡପର କିଛି ଉପରକୁ ଗଲେ ଜଗଦୀଶ ବାବାଙ୍କ ନାମରେ ଏକ ଗୁମ୍ଫା ରହିଛି ।

ଛତାହୁଡ଼ି (ଛତ୍ରହୁଡ଼ି) ପାହାଡ଼ ଗୁମ୍ଫା

ଛତାହୁଡ଼ି ପାହାଡ଼ ଗୁମ୍ଫା

Digitized by srujanika@gmail.com

ଛତାହୁଡ଼ି ପାହାଡ଼ ଗୁମ୍ଫା

କପ୍ତିପଦା ବ୍ଲକ୍‌ର ସଦର ପଞ୍ଚାୟତ ଅନ୍ତର୍ଗତ ଶାଳଘାଟୀ ଗାଁରେ ରହିଛି ଅନ୍ୟ ଏକ ପାହାଡ଼ ଗୁମ୍ଫା; ଯାହାର ନାଁ ଛତାହୁଡ଼ି *(Umbrella Hill)* । ଏହି ପାହାଡ଼ଟିର ଆକୃତି ଏକ ଛତା ଭଳି ଦିଶୁଥିବାରୁ ଏହାର ଏଭଳି ନାମକରଣ ହୋଇଛି । ଏଠାରେ ବାବା ଛତ୍ରେଶ୍ୱର ମହାଦେବ ପୂଜା ପାଆନ୍ତି ।



ଛତାହୁଡ଼ି ପାହାଡ଼ ଗୁମ୍ଫାର ଶୀର୍ଷ ପ୍ରଦେଶ

Digitized by srujanika@gmail.com

ଏହି ପାହାଡ଼ଟି କପ୍ତିପଦା ଓ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍‌ର କୁଲଡିହା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପାହାଡ଼ ଉପରୁ ନିମ୍ନ ଭୂମି ଦର୍ଶନ, ଏଠାକୁ ଆସୁଥିବା ଆଗନ୍ତୁକଙ୍କୁ ମୋହିତ କରିଥାଏ । ଛତାହୁଡ଼ି ପାହାଡ଼ର ଶୀର୍ଷରେ ଗଦା ହୋଇଥିବା ମାଳମାଳ ପଥରଖଣ୍ଡମାନ ପାହାଡ଼ଟିର ଶୋଭାକୁ ବହୁଗୁଣିତ କରିଥାଏ । ଏହି ପଥରଖଣ୍ଡମାନଙ୍କୁ ପିଟିଲେ ଏଥିରୁ କଂସା ପିଟିଲା ଭଳି ଶବ୍ଦ ନିର୍ଗତ ହୋଇଥାଏ । ଏଠାରେ ପ୍ରତିବର୍ଷ ମକରମେଳାରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥାଏ ବୋଲି ଏଠାକାର ପୂଜକ ଶ୍ୟାମ ବାବା କୁହନ୍ତି । ପାାହାଡ଼ର ଶୀର୍ଷରୁ ଥାଇ ନିମ୍ନଭୂମିର ଦୃଶ୍ୟ ଉପଭୋଗ କଲାବେଳେ ଶରୀର ମଧ୍ୟରେ ପୁଲକ ସୃଷ୍ଟି ହୋଇଥାଏ । ଏଠାକାର ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ବେଶ ରୋମାଞ୍ଚକର । ଏହି ପାହାଡ଼ଟିର ଉଚ୍ଚତା ୨୦୦ ଫୁଟ । ଏହି ପାହାଡ଼ଟିର ଅପରପାର୍ଶ୍ୱରେ ରହିଛି ପ୍ରସିଦ୍ଧ କୁଲଡିହା ଅଭୟାରଣ୍ୟ ଅନ୍ତର୍ଗତ ଦେବଗିରି ପର୍ବତ, ଚେମଚଟା ପାହାଡ଼, ଦଲମା ପାହାଡ଼ । ଛତାହୁଡ଼ିରେ ରହିଛି ପ୍ରସ୍ତରର ଏକ ବିଶାଳ ଚଟାଣ, ଯାହାର ନାଁ **ଦେବସଭା ଚତରା** । ଏଠାରେ ଦେବତମାନଙ୍କର ସଭା ବସିଥାଏ ବୋଲି ଲୋକ ମୁଖରେ ଶୁଣିବାକୁ ମିଳିଥାଏ । ଏଠାରେ **'ହାତୀପେଟା'** ନାମରେ ଏକ ବିଶାଳ ପ୍ରସ୍ତର ଖଣ୍ଡ ରହିଛି । ଏହି ପଥର ଖଣ୍ଡଟି ଠିକ୍ ହାତୀଟି ପେଟେଇଥିବା ଭଳି ଦୃଶ୍ୟମାନ ହୋଇଥାଏ । ଏଠାରେ ଥିବା ପଥରଖଣ୍ଡ ଗୁଡ଼ିକ କଂସାପଥର ହୋଇଥିବାରୁ ପଥରଖଣ୍ଡକୁ ପିଟିଲେ କଂସା ବା ଘଣ୍ଟ ଭଳି ଶବ୍ଦ କରିଥାଏ ।

ରାଇରଙ୍ଗପୁରର ନସ୍‌କରିଆ ପାହାଡ଼ ଗୁମ୍ଫା

ରାଇରଙ୍ଗପୁର ବ୍ଲକ୍ ସୁଣ୍ଢଳ ଗ୍ରାମ ନିକଟରେ ଥିବା ପ୍ରସିଦ୍ଧ ନସ୍‌କରିଆ ପାହାଡ଼ ଶୀର୍ଷରେ ଏକ ବିଶାଳ ଗୁମ୍ଫା ରହିଛି । ନସ୍‌କରିଆ ପାହାଡ଼ଟି ମୟୁରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପାହାଡ଼ ଭାବେ ପରିଚିତ । ଏଠାକାର ପ୍ରାକୃତିକ ଶୋଭା ଓ ପାହାଡ଼ ଉପରୁ ପାଦଦେଶର ଦୃଶ୍ୟପଟ୍ଟ ପର୍ଯ୍ୟଟକଙ୍କୁ ମୋହିତ କରିଥାଏ । ନସ୍‌କରିଆ ପାହାଡ଼ ଗୁମ୍ଫାରେ ମହାଦେବ ନସ୍‌କରିଆ ପୂଜା ପାଆନ୍ତି । ନସ୍‌କରିଆ ପାହାଡ଼ଟିର ଉଚ୍ଚତା ୨୮୦୦ ଫୁଟ । କପିଳାସ ଶୈବପୀଠ ଭଳି ଏହି ପାହାଡ଼ ଉପରକୁ ଉଠିବାକୁ ହେଲେ ଭକ୍ତମାନଙ୍କୁ ବହୁ କଷ୍ଟଶ୍ରାନ୍ତ କରିବାକୁ ହୋଇଥାଏ । ନସ୍‌କରିଆ ଶୈବପୀଠରେ ବର୍ଷରେ ଦୁଇଥର ମହାଶିବରାତ୍ରୀ ଓ ମହାବିଷୁବ ସଂକ୍ରାନ୍ତିରେ ମହାଦେବ ପୂଜିତ ହୋଇଥାନ୍ତି । ଏଠାକୁ ମୟୂରଭଞ୍ଜ ଜିଲ୍ଲା ସମେତ ପଡ଼ୋଶୀ ଝାଡ଼ଖଣ୍ଡରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ସୁଣ୍ଢଳ ଗ୍ରାମର ସିଦ୍ଧେଶ୍ୱର ମୁଣ୍ଡା ନାମକ ଜଣେ ଭୂମିଜ ଲୋକଙ୍କୁ ବାବା ସ୍ୱପ୍ନାଦେଶ କରିବା ପରେ ଏହି ପୀଠ ଆବିଷ୍କୃତ ହୋଇଥିଲା ।

Digitized by srujanika@gmail.com

କୁଂଭିରା ଢୁଡ଼ି



କୁମ୍ଭୀରା ଢୁଡ଼ି

ଗୋପବନ୍ଧୁନଗର ବ୍ଲକ୍ ଅନ୍ତର୍ଗତ କୁଶଳଦା ପଞ୍ଚାୟତର ଖଡ଼ିଆବସା ଓ ଶିଳଘାଟି ଗାଁ ନିକଟରେ ରହିଛି ପ୍ରସିଦ୍ଧ କୁଂଭିରା ପାହାଡ଼ *(Crocodile Hill)* । ପାହାଡ଼ଟିର ସାମ୍ନା ପଟ ଏକ କୁଂଭୀରର ମୁହଁ ଭଳି ଦିଶୁଥିବାରୁ ଏଭଳି ନାମକରଣ ହୋଇଛି । ପାହାଡ଼ଟିରେ ବହୁ ସଂଖ୍ୟାରେ ବଡ଼ବଡ଼

କୁମ୍ଭୀରା ଢୁଡ଼ିରେ ମଣ୍ଡଳ ମେଳା

Digitized by srujanika@gmail.com

କୁମ୍ଭୀରା ଡୁଡ଼ିରେ ମକର ମେଳା

ପଥରଖଣ୍ଡମାନ ସଜ୍ଜିତ ହୋଇ ରହିଥିବାର ମନେ ହୋଇଥାଏ । କୁଂଭିରାଡୁଡ଼ିରେ ପ୍ରତିବର୍ଷ ବଡ଼ ଧରଣର ମକର ମେଳା ବସିଥାଏ ଏବଂ ଏଠାରେ ଲକ୍ଷାଧିକ ଭକ୍ତଙ୍କ ଗହଳି ଲାଗିଥାଏ । ଏଠାରେ ମା' ଅମ୍ବିକା, ବଳେଇବିରି, ସିନ୍ଦୁରଗୌରା, ଦୁଆରଶୁଣୀ, ଭଗବତୀ ଆଦି ଦେବୀ ପୂଜା ପାଇଥା'ନ୍ତି । ମୟୂରଭଞ୍ଜରେ ପ୍ରଜା ଆନ୍ଦୋଳନ ସମୟରେ କୁଂଭିରା ଡୁଡ଼ି ଓ ଭାଗିରଥୀ ଡୁଡ଼ି ନାମକ ଦୁଇଟି କ୍ଷୁଦ୍ର ପାହାଡ଼କୁ ଏକ ବନ୍ଧ ଦ୍ୱାରା ସଂଯୋଗ କରି ଶିଳଘାଟି ଜଳଭଣ୍ଡାର ନିର୍ମାଣ କରାଯାଇଛି । ଏହାକୁ ଆନ୍ଦୋଳନରତ ପ୍ରଜାମାନେ ନିଜ ଶ୍ରମଦାନ କରି ନିର୍ମାଣ କରିଥିଲେ । କୁଂଭିରାଡୁଡ଼ି ନିକଟରେ ଐତିହାସିକ ବଡ଼ବେଲାକୁଟି ଗାଁ ରହିଛି । ଏଠାକାର ଶାନ୍ତ, ଶୀତଳ ପରିବେଶ ଏବଂ ପାହାଡ଼ ଶୀର୍ଷରୁ ନିମ୍ନ ଭୂମି ଦର୍ଶନ ବେଶ୍ ରୋମାଞ୍ଚକର ।

ମୟୂର ପାହାଡ଼; ବାଘାଯତୀନଙ୍କ ସ୍ମୃତିପୀଠ

ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାର ମୟୂର ପାହାଡ଼ *(Peacock Hill)* ଅନ୍ୟତମ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ । ଏହି ପାହାଡ଼ଟି ଦେଖିବାକୁ ଏକ ମୟୂରର ଭ୍ରମ ସୃଷ୍ଟି କରୁଥିବାରୁ ଏହାର ଏଭଳି ନାମକରଣ ହୋଇଥିଲା । ମାତ୍ର ଆଜିର ଦିନରେ ଏଠାରୁ ପଥର ମାଫିଆମାନେ ପଥର ଖୋଳି ନେବା ଯୋଗୁଁ ଏହି ପାହାଡ଼ଟି ନିଜର ମୂଳ ସ୍ୱରୂପ ହରାଇ ବସିଲାଣି । ଏହା ଏବେ ବିକୃତ ହୋଇପଡ଼ିଲାଣି । କ୍ରାନ୍ତିକାରୀ ସଂଗ୍ରାମୀ ବାଘାଯତୀନଙ୍କ ସ୍ମୃତିପୀଠ ଭାବେ ଏହି ପାହାଡ଼ଟି ସମଗ୍ର ଓଡ଼ିଶାରେ ଜଣାଶୁଣା ।

Digitized by srujanika@gmail.com

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବାଘାଯତୀନ୍ ପଶ୍ଚିମବଙ୍ଗରୁ ଆସି କପ୍ତିପଦା ମାଟିରେ ସଶସ୍ତ୍ର ସଂଗ୍ରାମ ଚଳାଇଥିଲେ । କପ୍ତିପଦାରୁ ବାଲେଶ୍ୱର ଭାୟା ନୀଳଗିରି ଦେଇ ଯାଇଥିବା ରାସ୍ତାରେ କପ୍ତିପଦାଠାରୁ ମାତ୍ର ୩ କିଲୋମିଟର ଦୂରରେ କାଲାଡ଼ାହି ଗାଁରେ ମୟୁରପାହାଡ଼ ଅବସ୍ଥିତ । ମାତ୍ର ଏଭଳି ଏକ ଐତିହାସିକ ପାହାଡ଼ଟି ଏବେ ପଥର ମାଫିଆଙ୍କ ବିଷ ଦୃଷ୍ଟିକୁ ଆସି ଯାଇଥିବାରୁ ଏହା ଏବେ ଧ୍ୱଂସମୁଖୀ । ଏହି ପାହାଡ଼ରେ ବାଘାଯତୀନ ନିଜର ସମର୍ଥକଙ୍କ ଗହଣରେ ଅବସ୍ଥାନ କରି ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଜାରି ରଖିଥିଲେ । ମୟୁରହୁଡ଼ା ପାହାଡ଼ ଗୁମ୍ଫା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ମୟୁରହୁଡ଼ାରେ ପୂଜା ପାଆନ୍ତି ମା' ଫାଗୁଆଶୁଣି ।

ବାଦୁଡ଼ିଆପାଟ ଗୁମ୍ଫା

(Bat Cave)

ବାଦୁଡ଼ିଆପାଟ ଗୁମ୍ଫା

ସାରସକଣା ବ୍ଲକ୍ ଉମାଦେଇପୁର ପଞ୍ଚାୟତର କବାଟଶୋଳ ଗାଁ ନିକଟରେ ରହିଛି ଏକ ସୁଉଚ୍ଚ ପାହାଡ଼, ଯେଉଁଠି ଏହି ଗୁମ୍ଫା ଅବସ୍ଥିତ । ଏହି ଗୁମ୍ଫା ସ୍ଥାନୀୟ ଅଞ୍ଚଳରେ ବାଦୁଡ଼ିଆପାଟ ଗୁମ୍ଫା *(Bat Cave)* ଭାବେ ପରିଚିତ । ଏହି ଗୁମ୍ଫାରେ ପ୍ରତିବର୍ଷ ଶ୍ରୀରାମ ନବମୀ (ବସନ୍ତ ଋତୁ) ଅବସରରେ ତିନି ଦିନିଆ **'ଗୁମ୍ଫା ଯାତ୍ରା'** ଓ ଅଖଣ୍ଡ ନାମଯଜ୍ଞର ଆୟୋଜନ କରାଯାଇଥାଏ ।

କବାଟଶୋଳ ଗାଁଟି **ପଟାଳି ପଥର** ପାଇଁ ପ୍ରସିଦ୍ଧ । ମାଟିତଳୁ ବାହାରୁଥିବା ଏକ ସ୍ୱତନ୍ତ୍ର ଧରଣର ପତଳା ପଟା ଭଳି (ସ୍ତରସ୍ତର ହୋଇ) ଧଳା ରଙ୍ଗର ପଥରକୁ ସ୍ଥାନୀୟ ଲୋକେ ପଟାଳି ପଥର ବୋଲି କହିଥା'ନ୍ତି । ଅତୀତରେ ସ୍ଥାନୀୟ ଅଞ୍ଚଳର ଲୋକେ ଏହି ପଟାଳି ପଥରକୁ ବ୍ୟବହାର କରି

Digitized by srujanika@gmail.com

ବାଦୁଡ଼ିଆପାଟ ଗୁମ୍ଫାର ପ୍ରାକୃତିକ ପରିବେଶ ଓ ଶୋଭାରାଜି

ଘର ଓ ପାଚେରୀ ନିର୍ମାଣ କରୁଥିଲେ । ମାତ୍ର ଏବେ ଏହାର ବ୍ୟବହାର ହ୍ରାସ ପାଇଛି । ସାରସକଣା ବ୍ଲକର ଖଡ଼ିପାହାଡ଼ି, ବାହାଦୁରପୁର ଅଞ୍ଚଳର ମାଟିତଳୁ ପଟାଳି ପଥର ବ୍ୟାପକ ମାତ୍ରାରେ ମିଳିଥାଏ ।

କାବାଟଶୋଳ ଗ୍ରାମ ନିକଟରେ ଏକ ପାହାଡ଼ ଦୃଶ୍ୟମାନ ହୋଇଥାଏ ଯାହାର ନାମ **ଜଳାପଥର ଡୁଙ୍ଗୁରି** । ଡୁଙ୍ଗୁରିର ଉପରେ ଏକ ବିଶାଳ ଗୁମ୍ଫା ରହିଛି । ଏହି ଗୁମ୍ଫାଟି ବାଦୁଡ଼ିଆପାଟ ଭାବେ

ବାଦୁଡ଼ିଆପାଟ ଗୁମ୍ଫାର ପ୍ରାକୃତିକ ପରିବେଶ ଓ ଶୋଭାରାଜି

Digitized by srujanika@gmail.com

ପ୍ରସିଦ୍ଧ । ଗୁମ୍ଫାକୁ ଲାଗି ଏକ ବିରାଟ ଆମ୍ବବଗିଚା ରହିଛି । ଏହି ଗୁମ୍ଫାରେ ଅତୀତରେ ଜଣେ ସନ୍ନ୍ୟାସୀ ସାଧନାରେ ମଗ୍ନ ଥିଲେ ଏବଂ ତାଙ୍କର ସମାଧି ଗୁମ୍ଫା ନିକଟରେ ରହିଛି । ଏହି ଗୁମ୍ଫାରେ ବହୁ ସଂଖ୍ୟାରେ ବାଦୁଡ଼ି ବାସ କରୁଥିବାରୁ ଏହାର ଏଭଳି ନାମକରଣ ହୋଇଛି ବୋଲି କୁହାଯାଏ । ଅତୀତରେ ଏହି ଗୁମ୍ଫାରେ ବାଘ ରହୁଥିଲେ ବୋଲି ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳେ ।

ଠାକୁରମୁଣ୍ଡାର ବାଘମରା ଗୁମ୍ଫା

ଠାକୁରମୁଣ୍ଡାର ବାଘମରା ଗୁମ୍ଫା

ବାଘମରା ଗୁମ୍ଫାଟି ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ସାତକୋଶିଆ ଜଙ୍ଗଲ ମଧ୍ୟରେ ଶାଳଚୁଆ ଗାଁରେ ଅବସ୍ଥିତ । ଏହା ଏକ ଅତ୍ୟନ୍ତ ମନୋରମ ପର୍ଯ୍ୟଟନସ୍ଥଳୀ ଭାବେ ନିଜର ପରିଚୟ ସୃଷ୍ଟି କରିଛି । ଘଞ୍ଚ ଜଙ୍ଗଲରେ ଥିବା ଏକ ବିଶାଳ ପାହାଡ଼ ମଧ୍ୟରେ ଅନେକ ଗୁମ୍ଫା ଅଛି । ତେବେ ଏହା ମଧ୍ୟରୁ ବାଘମରା ଗୁମ୍ଫାଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଅତୀତରେ ଏଠାରେ ବହୁ ସଂଖ୍ୟାରେ ବାଘ ରହୁଥିଲେ । କୌଣସି କାରଣରୁ ଏହି ଗୁମ୍ଫାରେ ଏକ ମୃତ ବାଘକୁ ଦେଖିବା ପରେ ଜଣେ ସନ୍ନ୍ୟାସୀ ଏହାର ନାମ 'ବାଘମରା ଗୁମ୍ଫା' ଦେଇଥିଲେ । ଏହା ପରଠୁ ଏହା ବାଘମରା ଗୁମ୍ଫା ନାମରେ ଖ୍ୟାତ ହୋଇଛି ।

Digitized by srujanika@gmail.com

ଠାକୁରମୁଣ୍ଡାର ବାଘମରା ଗୁମ୍ଫା ସନ୍ନିକଟ ମହାଦେବ ମନ୍ଦିର

ବାଘମରା ଗୁମ୍ଫା ମଧ୍ୟରେ ଏକ 'ଗୀତା ଭାଗବତ ଗାଦି' ରହିଛି । ଏଠାରେ ଜଣେ ସନ୍ନ୍ୟାସୀ ନରହରି ନାଏକ ଗୀତା ଭାଗବତ ଗାଦି ପୂଜା କରନ୍ତି । ନିକଟରେ ମହାଦେବ ସିଦ୍ଧେଶ୍ୱରଙ୍କ ଏକ ଭବ୍ୟ ମନ୍ଦିର ରହିଛି । ଶୀତ ଋତୁରେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକମାନେ ଆସିଥାନ୍ତି । ଏହି

ଠାକୁରମୁଣ୍ଡାର ବାଘମରା ଗୁମ୍ଫା

Digitized by srujanika@gmail.com

ପୀଠଟି ମୟୂରଭଞ୍ଜ ଜିଲ୍ଲାରେ ହୋଇଥିଲେ ମଧ୍ୟ ଘଞ୍ଚ ପାହାଡଜଙ୍ଗଲ ଅଞ୍ଚଳ ଅତିକ୍ରମ କରି ମୟୂରଭଞ୍ଜର ଲୋକେ ଏଠାକୁ ସହଜରେ ଆସି ପାରିନଥାନ୍ତି । ମାତ୍ର, ଆନନ୍ଦପୁର ଅଞ୍ଚଳର ଲୋକେ ଖୁବ୍ ସହଜରେ ଏଠାକୁ ଚଳପ୍ରଚଳ କରିଥାନ୍ତି । ଏହି ପୀଠର ମନୋରମ ଦୃଶ୍ୟ ଏବଂ ଶାନ୍ତ ଶୀତଳ ସବୁଜିମା ଘେରା ପରିବେଶ ପର୍ଯ୍ୟଟକଙ୍କୁ ମୋହିତ କରିଥାଏ ।

ରାଢ଼ୋର ଲୁଇପା ହୁଡ଼ି ଓ ସିଦ୍ଧ ଗୁମ୍ଫା (ସିଦ୍ଧଗୁହା)

ଲୁଇପା ହୁଡ଼ି

"କାଆ ତରୁବର ପଞ୍ଚ ବି ଡାଳ
ଚଞ୍ଚଳ ଚୀଏ ପଇଠା କାଳ ।
ଦିଢ କରିଅ ମହାସୁଅ ପରିମାଣ
ଲୁଇ ଭଣଇ ଗୁରୁ ପୁଛିଅ ଜାଣ ।"

ବୌଦ୍ଧ ସିଦ୍ଧାଚାର୍ଯ୍ୟ ଲୁଇପାଙ୍କର ଏହି ଚର୍ଯ୍ୟାଗୀତିକାଟି ପ୍ରାଚୀନ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ଉପାଦାନ । ଲୁଇପା ଏହି ଚର୍ଯ୍ୟାଗୀତିକା ମାଧ୍ୟମରେ ଶରୀରକୁ ଏକ ବୃକ୍ଷ ସଦୃଶ ତୁଳନା କରିଛନ୍ତି । ଏଥିରେ ପାଞ୍ଚୋଟି ଶାଖା ରହିଛି । ଏଥିରେ ବୌଦ୍ଧ ସହଜ ସାଧନାର କଥା କୁହାଯାଇଛି । ସହଜ ସାଧନାର ବିଶେଷତ୍ୱ ହେଉଛି ସାଧାରଣ ଜୀବନଚର୍ଯ୍ୟା ମଧ୍ୟରେ ଅନିର୍ବଚନୀୟ ନିର୍ବିକଳ୍ପ ମହାସୁଖଲାଭ । କ୍ଷୁଧା ଓ ଯୌନଲାଳସା ରୂପକ ଦୁଇଟି ମୌଳିକ ସହଜାତ ପ୍ରବୃତ୍ତିକୁ ଶକ୍ତିପୂର୍ବକ ବିରୋଧ ନ କରି

Digitized by srujanika@gmail.com

ବରଂ ଏହାକୁ ସ୍ୱାଭାବିକ ଭାବେ ଗ୍ରହଣ କରି ମୋକ୍ଷପ୍ରାପ୍ତ ହେବା ସିଦ୍ଧାଚାର୍ଯ୍ୟଙ୍କ ଲକ୍ଷ୍ୟ ଥିଲା । ଏହି ଗୁଢ଼ ରହସ୍ୟର ଉନ୍ମୋଚନ ପାଇଁ ସେମାନେ ଲେଖି ଯାଇଥିଲେ ଅନେକ ଚର୍ଯ୍ୟାଗୀତିକା (ଦୋହା) । ଏହିସବୁ ବୌଦ୍ଧଗାନ ବା ଦୋହାର ଭାଷା ପ୍ରାକ୍ ଓଡ଼ିଆ ଥିଲାବୋଲି କୁହାଯାଇଥାଏ । ୮୪ ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ସହଜିଆ ବୌଦ୍ଧ ସାଧକ ଲୁଇପା ଏହି ଚର୍ଯ୍ୟାଗୀତିକାରେ ଶରୀରର ଗୁଢ଼ ରହସ୍ୟ କଥା କହିଛନ୍ତି ।

ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍‌ର ରାଢ଼ୋ ଗ୍ରାମ ଉପକଣ୍ଠ ଦେଇ ବହିଯାଇଥିବା **ସୋନ ନଦୀ** କୂଳରେ **ସିନ୍ଦୁରମୁଣ୍ଡି ପାହାଡ଼**ର ଶୀର୍ଷ ଦେଶରେ ଓଡ଼ିଶାର ପ୍ରସିଦ୍ଧ ତଥା ପ୍ରାଚୀନ ସିଦ୍ଧାଚାର୍ଯ୍ୟ ଲୁଇପାଙ୍କ **ସିଦ୍ଧ ଗୁମ୍ଫା/ସିଦ୍ଧ ଗୁହା** *(Monk Cave)* ଓ ତାଙ୍କ ସାଧନା ପୀଠ ଅବସ୍ଥିତ । ନବମ-ଦଶମ ଶତାବ୍ଦୀ ବେଳକୁ ଓଡ଼ିଶାରେ 'ଚର୍ଯ୍ୟା ଗୀତିକା' ନାମରେ ଯେଉଁ ପ୍ରାଚୀନ ଓଡ଼ିଆ ସାହିତ୍ୟ ସୃଷ୍ଟି ହୋଇଥିଲା, ଏହାର ସ୍ରଷ୍ଟା ଥିଲେ ୮୪ ଜଣ ବୌଦ୍ଧ ସିଦ୍ଧାଚାର୍ଯ୍ୟ । ଏହି ବୌଦ୍ଧ ସିଦ୍ଧ ଆଚାର୍ଯ୍ୟଙ୍କ 'ଚର୍ଯ୍ୟାଗୀତିକା'କୁ ଓଡ଼ିଆ ସାହିତ୍ୟର ସର୍ବ ପୁରାତନ ସାହିତ୍ୟ ଭାବେ ଗଣନା କରାଯାଉଛି । ଏହି

ଲୁଇପା ଦୁଡ଼ିର ସିଦ୍ଧଗୁମ୍ଫା

୮୪ ବୌଦ୍ଧ ସିଦ୍ଧ ସାଧକଙ୍କ ମଧ୍ୟରୁ ଆଚାର୍ଯ୍ୟ ଲୁଇପା (ଲୁଇପାଦ) ଥିଲେ ଅନ୍ୟତମ ଏବଂ ତାଙ୍କର ସାଧନା ସ୍ଥଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ରାଢୋ ରାଜ୍ୟର ମିରିଗିଦାନି ଗ୍ରାମର ସିନ୍ଦୁରମୁଣ୍ଡି ପାହାଡ଼ ଗୁମ୍ଫାରେ ଥିଲା ।

Digitized by srujanika@gmail.com

କାହ୍ନୁ ପା (କାହ୍ନୁ ପାଦ), କୀଳପାଦ (କୀଳପା), ଶାନ୍ତିପାଦ (ଶାନ୍ତିପା), ଶବରୀପାଦ (ଶବରୀପା), ଭୁଷୁକୁପାଦ (ଭୁଷୁକୁପା), ଡୋମ୍ବୀପାଦ (ଡୋମ୍ବିପା), ହାଡ଼ିପାଦ (ହାଡ଼ିପା) ଆଦି ୮୪ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ଲଇପାଦ (ଲୁଇପା) ଥିଲେ ସହଜଯାନ ବୌଦ୍ଧ ପରମ୍ପରାର ଅନ୍ୟତମ ଶ୍ରେଷ୍ଠ ଓ ପ୍ରଭାବଶାଳୀ ସିଦ୍ଧସାଧକ । ଏହି ୮୪ ସିଦ୍ଧାଚାର୍ଯ୍ୟଙ୍କ ସାଧନାସ୍ଥଳ ଭାରତର ଅନ୍ୟାନ୍ୟ ସ୍ଥାନରେ ବୋଲି କୁହାଯାଉଥିଲେ ମଧ୍ୟ ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ବେଶି ଯୁକ୍ତିଯୁକ୍ତ ମନେ ହୋଇଥାଏ । ତେବେ ଲୁଇପାଙ୍କ ସାଧନା ସ୍ଥଳ ମୟୂରଭଞ୍ଜର ରାଢ଼ୋ ବୋଲି ଅନେକ ଗବେଷକ ନିଜ ଯୁକ୍ତି ମାଧ୍ୟମରେ ଦର୍ଶାଇଛନ୍ତି । ବିଶିଷ୍ଟ ଭାଷାଶାସ୍ତ୍ର ଗବେଷକ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଲୁଇପାଙ୍କୁ 'ରାଢ଼ୋ ଦେଶୀୟ' ବୋଲି ଅଭିହିତ କରିଛନ୍ତି । ତେବେ ଏହି 'ରାଢ଼ୋ ଦେଶ' ମୟୂରଭଞ୍ଜର ରାଢ଼ କି ଅନ୍ୟ ସ୍ଥାନର ତାହା ବିତର୍କର ଅପେକ୍ଷା ରଖେ । କାରଣ କିଛି ବଙ୍ଗୀୟ ପଣ୍ଡିତ ରାଢ଼କୁ ବଙ୍ଗଳାର ବୋଲି ଦାବି କରିଆସିଥା'ନ୍ତି । ନଗେନ୍ଦ୍ର ନାଥ ବସୁ ଲୁଇପାଙ୍କୁ ମୟୂରଭଞ୍ଜର ରାଢୋ ଅଧିବାସୀ ବୋଲି ବର୍ଣ୍ଣନା କରିଛନ୍ତି । କାରଣ ପ୍ରାଚୀନ ରାଢ଼ ମଣ୍ଡଳରେ ମୟୂରଭଞ୍ଜ ଅନ୍ତର୍ଭୁକ୍ତ ଥିଲା ବୋଲି ଐତିହାସିକମାନେ ଦାବି କରିଥା'ନ୍ତି ।

ଲୁଇପାଙ୍କ ପ୍ରଧାନ ଶିଷ୍ୟ ଦାରିକପା ଓଡ଼ିଶାର ଜଣେ ରାଜା ଥିଲେ । ପ୍ରବାଦ ଅଛି, ରାଜା ଦାରିକ ଲୁଇପାଙ୍କ ଦ୍ୱାରା ପ୍ରଭାବିତ ତଥା ଦୀକ୍ଷିତ ହୋଇ ରାଜ୍ୟ ତ୍ୟାଗ କରିଥିଲେ । ଲୁଇପାଙ୍କ ଶିଶ୍ୟତ୍ୱ ଗ୍ରହଣ କରିବା ପରେ ସିଦ୍ଧିଲାଭ ନିମନ୍ତେ ଗୁରୁଙ୍କ ଆଦେଶରେ ଏକ ଗଣିକାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ଏହି ଗଣିକା (ଦାରି)ଙ୍କ ସଂସ୍ପର୍ଶରେ ଆସି ରାଜା ସିଦ୍ଧିଲାଭ କରିଥିଲେ ବୋଲି ତାଙ୍କୁ ଦାରିକପା କୁହାଯାଇଥାଏ । ସମ୍ଭବତଃ ଦାରିକପା ମୟୂରଭଞ୍ଜ ଅନ୍ତର୍ଗତ ରାଢମଣ୍ଡଳର ଜଣେ ରାଜା ଥିଲେ ବୋଲି ଅନୁମାନ କରାଯାଏ । ଅପରପକ୍ଷେ, ସିଦ୍ଧ ଲୁଇପା ଜଣେ ଉଡ୍ଡୀୟାନ୍ ଥିଲେ । ଏହି ଉଡ୍ଡୀୟାନ୍ ବର୍ତ୍ତମାନର ଓଡ଼ିଶା ବୋଲି କୁହାଯାଉଛି । ଓଡ଼ିଶାର ରାଜା ଦାରିକ ଓ ତାଙ୍କ ମନ୍ତ୍ରୀ ଡେଙ୍ଗୀପା ଏବଂ ଅନ୍ୟ ଜଣେ ରାଜା ବଜ୍ରଘଣ୍ଟ ମଧ୍ୟ ଲୁଇପାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଲୁଇପାଙ୍କ ଗୁରୁ ଶବରୀପା ଜଣେ ଉତ୍କଳୀୟ ବୋଲି ଅନେକ ପ୍ରମାଣ ରହିଛି । ଏସବୁକୁ ବିଚାର କରି ଲୁଇପାଙ୍କୁ ରାଢ଼ ରାଜ୍ୟର ବାସିନ୍ଦା ବୋଲି ଦାବି କରାଯାଇଥାଏ ।

ରାଢ଼ ନିକଟବର୍ତ୍ତୀ ବାଲେଶ୍ୱର ଜିଲ୍ଲାର ବରହମ୍ପୁର, ଅଯୋଧ୍ୟା, କୁପାରି, ନୀଳଗିରି, ସଜନାଗଡ଼ ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ପେଡ଼ାଗଡ଼ି, କଇଁସାରୀ, ଟାଙ୍ଗରାଶୁଣୀ, ସାନଖଲାଡ଼ି ଆଦି ଗ୍ରାମରୁ ବହୁ ସଂଖ୍ୟାରେ ବୌଦ୍ଧ ଧର୍ମର ଦେବୀ ମୂର୍ତ୍ତି ଆବିଷ୍କୃତ ହୋଇଛନ୍ତି । ଏହି ବଜ୍ରଯାନୀ ସହଜିଆ ବୌଦ୍ଧ ଦେବୀ ମୂର୍ତ୍ତି ମଧ୍ୟରେ ତାରା, ଡୋମ୍ବୀ, ଯୋଗିନୀ, ଚଣ୍ଡାଳୀ ଆଦି ଏ ଅଞ୍ଚଳରେ ବୌଦ୍ଧ ବଜ୍ରଯାନର ପ୍ରଭାବ ସଂପର୍କରେ ପ୍ରମାଣ ଦେଇଥାଏ । ସୂଚନାଯୋଗ୍ୟ, ଖ୍ରୀ.ଅ. ସପ୍ତମ-ଅଷ୍ଟମ

Digitized by srujanika@gmail.com

ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମରେ ବଜ୍ର ଯାନ ଓ ତନ୍ତ୍ରମନ୍ତ୍ରର ପ୍ରବେଶ ପରେ ଏହି ସିଦ୍ଧାଚାର୍ଯ୍ୟମାନେ ବେଶ୍ ସକ୍ରିୟ ହୋଇପଡ଼ିଥିଲେ ।

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ରାଢ଼ସ୍ଥିତ ଲୁଇପା ସିଦ୍ଧ ଗୁମ୍ଫାରେ ପ୍ରତିବର୍ଷ ଶାମ୍ବଦଶମୀଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଲୁଇପୂଜା **(ଲୁଇପା ମହୋତ୍ସବ)**ର ଆୟୋଜନ କରାଯାଇଥାଏ । ଏହା ସହିତ ସହିତ ବାବା ଶଙ୍କରଦାସଙ୍କ ମଠ ଅବସ୍ଥିତ । ଓଡ଼ିଆ ଭାଷାର ଭିତ୍ତିଭୂମିକୁ ସୁଦୃଢ଼ କରିଥିବା ଏହି ମହାନ୍ ସିଦ୍ଧ ସାଧକ ଲୁଇପାଙ୍କ ସାଧନା ପୀଠର ବିକାଶ ଏବେ ଜରୁରୀ ହୋଇପଡ଼ିଛି । ଏହାକୁ ଯଥାଶୀଘ୍ର ଏକ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବା ସହିତ ପାହାଡ଼ ଉପରେ ଥିବା ସିଦ୍ଧଗୁମ୍ଫା ଓ ଅନ୍ୟାନ୍ୟ ସ୍ମାରକୀଗୁଡ଼ିକର ସୁରକ୍ଷା ଜରୁରୀ ବୋଲି ସ୍ଥାନୀୟ ଗବେଷକ ଅଧ୍ୟାପକ ପ୍ରଶାନ୍ତ ବେହେରା ଦାବି କରିଛନ୍ତି ।

ବାଙ୍ଗିରିପୋଷି ଘାଟି, ଦୁଆରଶୁଣୀ ପୀଠ ଓ ବିଧୁଭଣ୍ଡାର ପାହାଡ଼

ବାଙ୍ଗିରିପୋଷି ଘାଟିର ଆରାଧ୍ୟ ଦେବୀ ଦୁଆରଶୁଣୀ ଠାକୁରାଣୀ

Digitized by srujanika@gmail.com

ବାଙ୍ଗିରିପୋଷି ଘାଟିର ଆରାଧ୍ୟ ଦେବୀ ଦୁଆରଶୁଣୀ ଠାକୁରାଣୀ

କେନ୍ଦୁଝରର କାଞ୍ଜିପାଣି ଘାଟି, ରାଉରକେଲାର ଟେନ୍‌ସା ଘାଟି, ଗଞ୍ଜାମର ତପ୍ତପାଣିଘାଟି ଭଳି ଓଡ଼ିଶାର କେତେକ ପାହାଡ଼ଘାଟି ପର୍ଯ୍ୟଟକଙ୍କ ମନରେ ଛାପ ସୃଷ୍ଟି କରିପାରିଛନ୍ତି । ଠିକ୍ ସେହିଭଳି ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଘାଟି (ଦ୍ୱାରଶୁଣୀ ଘାଟି) ମଧ୍ୟ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ମୟୁରଭଞ୍ଜ ଜିଲ୍ଲାର ଶକ୍ତି ପୀଠମାନଙ୍କ ମଧ୍ୟରୁ **ବାଙ୍ଗିରିପୋଷି ଘାଟି** ବା **ବାମନଘାଟି (ବାବନଘାଟି)**ରେ ଥିବା ଦ୍ୱାରଶୁଣୀ ପୀଠ ଅନ୍ୟତମ । ଏଠାରେ ପୂଜା ପାଉଥିବା ମା' ଦୁଆରଶୁଣୀ ଠାକୁରାଣୀ ପ୍ରତ୍ୟକ୍ଷ ଦେବୀ ଅଟନ୍ତି । ୪୯ ନମ୍ବର ଜାତୀୟ ରାଜପଥର ଏକ ପାର୍ଶ୍ୱରେ ବାଙ୍ଗିରିପୋଷିଠାରୁ ବିଶୋଇ ରାସ୍ତାର ଘାଟୀ ମଧ୍ୟରେ ଦୁଆରଶୁଣୀଙ୍କ ମନ୍ଦିର ଅବସ୍ଥିତ । କେନ୍ଦୁଝର, କରଞ୍ଜିଆ, ମୟୁରଭଞ୍ଜ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ଯାତ୍ରୀମାନେ ଏହି ଜାତୀୟ ରାଜପଥ ଦେଇ ଯାଉଥିବାବେଳେ ମା'ଙ୍କ ଦର୍ଶନ ପାଇଁ ଘଡ଼ିଏ ଅଟକି ଯାଆନ୍ତି । ଏଠାରେ ମକର ସଂକ୍ରାନ୍ତି ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ଏହାବ୍ୟତୀତ ବାଙ୍ଗିରିପୋଷି ଘାଟି (ବାମନଘାଟି)ରେ ବହୁ ସଂଖ୍ୟାରେ ପ୍ରାକୃତିକ ପାହାଡ଼ ଗୁମ୍ଫା ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ପ୍ରାକୃତିକ ଗୁମ୍ଫାମାନଙ୍କରେ ଛାଉଣୀକରି ରହୁଥିଲେ ।

ବାଙ୍ଗିରିପୋଷି ଘାଟି ଚଢ଼ିବା ପରେ ଦୁଆରଶୁଣୀ ଠାକୁରାଣୀ ପୀଠର ଦକ୍ଷିଣ ପାର୍ଶ୍ୱରେ **ବିଧୁଭଣ୍ଡାର** ପର୍ବତ ରହିଛି । ବିଧୁ ନାମକ ଜଣେ ଖଡ଼ିଆ ଜନଜାତିର ଲୋକ ନିଜ ସ୍ତ୍ରୀର ବିଶ୍ୱାସଘାତକତାର ଶିକାର ହୋଇ ଏହି ପାହାଡ଼ରେ ଆତ୍ମହତ୍ୟା କରିଥିଲା । ଏଣୁ ଏହି ପାହାଡ଼ର ଏଭଳି ନାମକରଣ ହୋଇଛି । ଏଠାରେ ଏକ ଗୁମ୍ଫା ରହିଛି । ପ୍ରତିବର୍ଷ ମକର ଉତ୍ସବରେ ଏଠାରେ ବଡ଼ ଧରଣର

Digitized by srujanika@gmail.com

ମେଳା ବସିଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିହାର ଓ ପଶ୍ଚିମବଙ୍ଗକୁ ଯାତାୟତ ପାଇଁ ଏହି ଘାଟି ହିଁ ଏକମାତ୍ର ରାସ୍ତାଥିଲା । ସେ ସମୟରେ ଆମେରିକା ଓ ବ୍ରିଟେନ୍‌ର ସୈନିକମାନେ ବର୍ଷବର୍ଷ ଧରି ଏଠାରେ ସେନା ଛାଉଣି କରି ରହିଥିଲେ । ଏହି ସୈନ୍ୟମାନେ ବିଧୁଭଣ୍ଡାର ପର୍ବତ ଉପରେ ବିମାନ ଅବତରଣ ପାଇଁ ମଧ୍ୟ ଏକ ସ୍ଥାନ ପ୍ରସ୍ତୁତ କରିଥିଲେ । ଏହି ବିଧୁଭଣ୍ଡାର ପର୍ବତ ଉପରୁ ଠିଆ ହୋଇ ସୁବର୍ଣ୍ଣରେଖା ନଦୀର ସୌନ୍ଦର୍ଯ୍ୟକୁ ଖାଲି ଆଖିରେ ଉପଲବ୍‌ଧି କରିହୁଏ । ଏହି ପାହାଡ଼ ଉପରୁ ସୁବର୍ଣ୍ଣରେଖାର ଶଯ୍ୟା ଓ ଜଳରାଶି ବେଶ୍ ଆକର୍ଷଣୀୟ ଲାଗିଥାଏ ।

ବାଙ୍ଗିରିପୋଷି ଘାଟିରେ ମୋଟ ୫୨ଟି ଘାଟି ଥିବାରୁ ଏହାର ନାମ ବାବନ ଘାଟି ବା ବାମନଘାଟି ହୋଇଛି । ବର୍ତ୍ତମାନ ଯଦିଓ ୫୨ଟି ଘାଟି ଉପଲବ୍‌ଧ ହୁଏନାହିଁ, କିନ୍ତୁ ଦିନେ ଏଠାରେ ୫୨ଟି ସର୍ପିଳ ଘାଟି ଥିଲା ।

ସାତପୁଟୁଳି ଠାକୁରାଣୀ ପାହାଡ଼ ଏବଂ ଉତ୍ତର ଓଡ଼ିଶାର ସବୁଠୁ ବଡ଼ ପାହାଡ଼ ଯାତ୍ରା

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଭୁଆଶୁଣୀ, ବୁଢ଼ିଖମାରି ଓ ବଡ଼ଗାଁ ଭଳି ତିନିଗୋଟି ଗ୍ରାମ ପଞ୍ଚାୟତକୁ ଲାଗିକରି ରହିଛି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଓ ସୁଉଚ୍ଚ ପାହାଡ଼; ଯାହାର ନାଁ **'ସାତପୁଟୁଳି ପାହାଡ଼'** । ସାତଗୋଟି ପାହାଡ଼ର ସମାହାରରେ ସୃଷ୍ଟି ହୋଇଥିବା ଏହି

ସାତପୁଟୁଳି ପାହାଡ଼ ଯାତ୍ରା

Digitized by srujanika@gmail.com

ସାତପୁଟୁଳି ପାହାଡ଼ ଯାତ୍ରା

ପାହାଡ଼ଟି ସାତପୁଟୁଳି ପାହାଡ଼ ନାମରେ ପରିଚିତ । ଏହି ପାହାଡ଼ରେ **ମା' ସାତପୁଟୁଳି ଠାକୁରାଣୀ** ବର୍ଷକରେ ଥରେ ମାତ୍ର ମାଘ ମାସର ତୃତୀୟ ଗୁରୁବାର ଦିନ ପୂଜା ପାଇଥା'ନ୍ତି । ଏହି ଅବସରରେ ଏକ ବୃହତ୍ତ ପାହାଡ଼ ମେଳାର ଆୟୋଜନ ହୋଇଥାଏ । ପାହାଡ଼କୁ ଲାଗି ରହିଥିବା ୩ଟି ଗ୍ରାମ ପଞ୍ଚାୟତର ମୋଟ ୩୭ ଗ୍ରାମର ଲୋକେ ମା' ସାତପୁଟୁଳି ଠାକୁରାଣୀଙ୍କ ପୂଜା କରିଥା'ନ୍ତି ।

ପ୍ରତିବର୍ଷ ଫେବୃଆରୀ ମାସ (ମାଘ ମାସ)ର ତୃତୀୟ ଗୁରୁବାର ଦିନ ମା'ଙ୍କ ବାର୍ଷିକ ପାହାଡ଼ି ପୂଜା ଅନୁଷ୍ଠିତ ହୋଇଥାଏ । ଏହି ପାହାଡ଼ ମେଳା ସମଗ୍ର ଉତ୍ତର ଓଡ଼ିଶାରେ ସର୍ବବୃହତ୍ତମ ପାହାଡ଼ ମେଳା (ହିଲ୍ ଫେଷ୍ଟିଭାଲ୍) ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ମେଳାଟି ମାତ୍ର ଗୋଟିଏ ଦିନ ପାଇଁ ଅନୁଷ୍ଠିତ ହୋଇଥାଏ । ସୂର୍ଯ୍ୟ ଉଦୟଠାରୁ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ୧୨ ଘଣ୍ଟା ଧରି ପାହାଡ଼ର ଶୀର୍ଷରେ ଏହି ମେଳା ଲାଗିଥାଏ । ଠାକୁରାଣୀଙ୍କ ଏହି ବାର୍ଷିକ ପାହାଡ଼ି ପୂଜାରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଭକ୍ତ ଓ ମାନସିକଧାରୀମାନେ ନିଜର ମାନସିକ ପୂରଣ ହେବାପରେ ଛେଳି, କୁକୁଡ଼ା, ମେଣ୍ଢା, ପାରା ଆଦି ଧରି ମା'ଙ୍କୁ ଅର୍ପଣ କରିଥା'ନ୍ତି । ସେଦିନ ପଶୁ, ପକ୍ଷୀଙ୍କ ରକ୍ତରେ ସାତପୁଟୁଳି ଠାକୁରାଣୀ ପାହାଡ଼ର ଶୀର୍ଷଦେଶ ରକ୍ତରଞ୍ଜିତ ହୋଇଉଠେ ।

Digitized by srujanika@gmail.com

ସାତପୁଟୁଳି ପାହାଡ଼ର ଶୀର୍ଷ ଦେଶରେ ମା' ସାତପୁଟୁଳି ଠାକୁରାଣୀ ପୂଜା ପାଇଥା'ନ୍ତି । ଏହି ପାହାଡ଼ି ପୂଜାବେଳେ ମା' ସାତପୁଟୁଳି ଠାକୁରାଣୀଙ୍କ ନିକଟରେ ହଜାର ହଜାର ସଂଖ୍ୟାରେ ପଶୁ, ପକ୍ଷୀଙ୍କୁ ବଳି ଦିଆଯାଇଥାଏ । ଭୁଆଶୁଣୀରୁ ଚାରି କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ପାହାଡ଼ର ଶୀର୍ଷ ଦେଶରେ ପହଞ୍ଚିବାକୁ ହୋଇଥାଏ । କେବଳ ଭୁଆଶୁଣି ପଟୁ ନୁହେଁ ବରଂ ସାତପୁଟୁଳି ପାହାଡ଼ର ଶୀର୍ଷଦେଶରେ ପୂଜିତ ଠାକୁରାଣୀଙ୍କ ନିକଟକୁ ଯିବା ପାଇଁ ପାହାଡ଼ର ଚତୁର୍ପାର୍ଶ୍ୱରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପାଦଚଲା ରାସ୍ତା ରହିଛି । ଭକ୍ତମାନେ ନିଜ ଇଛା ଅନୁଯାୟୀ କୌଣସି ବି ପଥ ଦେଇ ପାହାଡ଼ ଚୂଡ଼ାରେ ପହଞ୍ଚିଥା'ନ୍ତି । ଏଠାରେ ଭକ୍ତମାନେ ଠାକୁରାଣୀଙ୍କ ନିକଟରେ ମାନସିକ ରଖି ପଶୁ ଓ ପକ୍ଷୀ ବଳି ଚଢ଼ାଇଥା'ନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମା' ସାତପୁଟୁଳି ପ୍ରତିଦିନ ଭୁଆଶୁଣୀ ପଞ୍ଚାୟତର ଚାକଦର ଗାଁରେ ପୂଜା ପାଇଥା'ନ୍ତି । ମା'ଙ୍କ ନିର୍ଦ୍ଦେଶ ଅନୁସାରେ, ପ୍ରତିବର୍ଷ ମାଘ ମାସର ତୃତୀୟ ଗୁରୁବାର ଦିନ ସାତଟି ପାହାଡ଼ର ମଧ୍ୟ ଦେଶରେ ଥିବା ଏକ ବିସ୍ତୀର୍ଣ୍ଣ ଚଟାଣ ଉପରେ ମା'ଙ୍କ ଆସ୍ଥାନରେ ବାର୍ଷିକ ପୂଜା ପାଳିତ ହୋଇଥାଏ । ବହୁବର୍ଷ ପୂର୍ବେ ଏଠାରେ ଜଣେ ଖଡ଼ିଆ ଜନଜାତିର ପୂଜକ ମା'ଙ୍କୁ ପୂଜା କରୁଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଉତ୍ତରାଧିକାରୀ କେହି ନ ରହିବାରୁ ମା'ଙ୍କ ପୂଜା ବନ୍ଦ ରହିଥିଲା । ପରେ ଚାକଦର ଗାଁର ବାଥୁଡ଼ି ସଂପ୍ରଦାୟର ପୂଜକ ପୁରୁଷୋତ୍ତମ ନାଏକଙ୍କୁ ସ୍ୱପ୍ନାଦେଶ ହେବାରୁ ମା'ଙ୍କ ପୂଜା ପୁଣି ଆରଂଭ ହୋଇଥିଲା । ଏହା ପରଠାରୁ ଠାକୁରାଣୀଙ୍କୁ ବାଥୁଡ଼ି ପୂଜକ ପୂଜା କରିଆସୁଛନ୍ତି । ପୁରୁଷୋତ୍ତମଙ୍କ ପରେ ତାଙ୍କର ପୁତ୍ର ପଞ୍ଚୁ ନାଏକ, ତାଙ୍କ ପୁଅ ଲକ୍ଷ୍ମଣ ନାଏକ ଏବଂ ବର୍ତ୍ତମାନ ଲକ୍ଷ୍ମଣଙ୍କ ପୁତ୍ର ଶରତ ଚନ୍ଦ୍ର ନାଏକ ଠାକୁରାଣୀଙ୍କୁ ପୂଜା ମା'ଙ୍କୁ ପୂଜା କରିଆସୁଛନ୍ତି । ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ମା'ଙ୍କ ପୂଜା ପାଇଁ ସାଢ଼େ ୯ ମାଣ ଜମି ଦାନ କରିଛନ୍ତି । ବର୍ଷର ଅନ୍ୟାନ୍ୟ ସମୟରେ ମା' ସାତପୁଟୁଳି ଠାକୁରାଣୀ ଚାକଦର ଗାଁରେ ପୂଜା ପାଇଥା'ନ୍ତି । ଏଠାରେ ମା'ଙ୍କର ଆଷାଢ଼ି ପୂଜା, ମାଘେଇ ପୂଜା ଆଦି ଅନୁଷ୍ଠିତ ହୋଇଥାଏ ।

ଆମ୍ବିଳିପାଟ ଠାକୁରାଣୀ ପାହାଡ଼

ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ କଳାବାଡ଼ିଆର ଆମ୍ବିଳିପାଟ (ଆମ୍‌ଲିପାଟ) ଠାକୁରାଣୀ ପାହାଡ଼ ଏବଂ ଏଠାରେ ପୂଜା ପାଉଥିବା ମା' ଆମ୍ବିଳିପାଟ ଠାକୁରାଣୀ ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଜଣାଶୁଣା । ଏହି ପାହାଡ଼ଟି ସ୍ଥାନୀୟ ଅଞ୍ଚଳରେ **ଠାକୁରାଣୀ ପାହାଡ଼ି** ଭାବେ ଖ୍ୟାତ । ଏଠାରେ ପ୍ରତିବର୍ଷ ଜୁନ୍ ମାସ ରଜ ସଂକ୍ରାନ୍ତି ଅବସରରେ ବାର୍ଷିକ ପାହାଡ଼ି ପୂଜା ଅନୁଷ୍ଠିତ ହୋଇଥାଏ । ଏଠାରେ ବାର୍ଷିକ ପାହାଡ଼ି ପୂଜାରେ ବହୁ ସଂଖ୍ୟାରେ ପଶୁପକ୍ଷୀ ବଳି ପଡ଼ିବା ସହ ଠାକୁରାଣୀ ପୀଠଟି ରକ୍ତରଞ୍ଜିତ ହୋଇଉଠିଥାଏ । ଆମ୍ବିଳିପାଟ ଠାକୁରାଣୀଙ୍କ ନାମାନୁସାରେ ଏହି

Digitized by srujanika@gmail.com

ଆମିଳିପାଟ ଠାକୁରାଣୀ ପାହାଡ଼ ଗୁମ୍ଫା

ପାହାଡ଼ଟି ଆମ୍ବିଳିପାଟ ପାହାଡ଼ ହୋଇଛି । ମା' ଆମ୍ବିଳିପାଟ ଠାକୁରାଣୀ ନିକଟସ୍ଥ ଜଗନ୍ନାଥଖୁଣ୍ଟା ଗ୍ରାମରେ ପୂଜା ପାଉଥିବାବେଳେ ବାର୍ଷିକ ପାହାଡ଼ି ପୂଜା ଆମ୍ବିଳିପାଟ ପାହାଡ଼ ଉପରେ ଆୟୋଜିତ ହୋଇଥାଏ । ଏହି ପାହାଡ଼ଟି ଏବେ ପଥର ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟିକୁ ଆସିଥିବାରୁ ଏଠାରେ ନିୟମିତ ପଥର ଖୋଳା ଆରମ୍ଭ ହୋଇଛି, ଯାହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ଜାରି ରଖିଛନ୍ତି ।

ଖଡ଼ିଆ ରାଜା ପାହାଡ଼ (ବୁଢ଼ାବୁଢ଼ୀ ପାହାଡ଼) ଓ ଗୁମ୍ଫା

ବାଙ୍ଗିରିପୋଷି ବ୍ଲକ୍ ସଦର ମହକୁମାଠାରୁ ୧୩ କିଲୋମିଟର ଦୂର ନିଷ୍ଠିନ୍ତା ପଞ୍ଚାୟତର ଦୁବୁଲାବେଡ଼ା ଗାଁ ଉପକଣ୍ଠରେ ଥିବା ସାନଗାଡ଼ରା ପାହାଡ଼ ଓ ପାହାଡ଼ ଗୁମ୍ଫା ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି । ଏହି ପାହାଡ଼କୁ ସ୍ଥାନୀୟ ଅଞ୍ଚଳରେ **ଖଡ଼ିଆ ରାଜା ପାହାଡ଼** କିମ୍ବା **ବୁଢ଼ାବୁଢ଼ୀ ପାହାଡ଼** କୁହାଯାଇଥାଏ । ଚାରି କିଲୋମିଟର ଘଞ୍ଚ ଜଙ୍ଗଲପୂର୍ଣ୍ଣ ପାହାଡ଼ିଆ ରାସ୍ତା ଚାଲିକରି ଗଲାପରେ ସାନଗାଡ଼ରା ପାହାଡ଼ ପଡ଼େ ଏବଂ ଏହି ପାହାଡ଼ର ୫୦୦ ମିଟର ଉପରକୁ ଉଠିଗଲାପରେ ଏଠାରେ ଅନେକ ପାହାଡ଼ ଗୁମ୍ଫା ଦୃଶ୍ୟମାନ ହୋଇଥାଏ ।

ଖଡ଼ିଆ ରାଜା ପାହାଡ଼ଟିକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ଅଦ୍ଭୁତ ବିଶ୍ୱାସ ରହିଛି । ପ୍ରତିବର୍ଷ ବର୍ଷା ଋତୁରେ ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏହି ପାହାଡ଼ଟି ଉପରେ ସର୍ବାଧିକ

Digitized by srujanika@gmail.com

ବଜ୍ରପାତ ହୋଇଥାଏ । ଏଠାରେ ପ୍ରତିବର୍ଷ ଡିସେମ୍ବର-ଜାନୁୟାରୀ ମାସ ବେଳକୁ ପାହାଡ଼ି ଗୁମ୍ଫା ପୂଜା ଅନୁଷ୍ଠିତ ହୋଇଥାଏ । ସାନଗାଡ଼ରା ପାହାଡ଼ରେ ଥିବା ଏହି ଗୁମ୍ଫାରେ କୌଣସି ଖଡ଼ିଆ ସଂପ୍ରଦାୟର ରାଜା ମୂର୍ତ୍ତି ନିର୍ମାଣ କରି ଦେବ, ଦେବୀଙ୍କୁ ଉପାସନା କରୁଥିବାର ବିଶ୍ୱାସ କରାଯାଏ । ଏହି ପାହାଡ଼ରେ ରାତି ସମୟରେ ବିଭିନ୍ନ ପ୍ରକାର ଭୟଙ୍କର ଶବ୍ଦ ଶୁଭିଥାଏ ବୋଲି ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳେ । ଏଠାରେ **ନାଗେଶ୍ୱର ମହାଦେବ** ପୂଜା ପାଇଥା'ନ୍ତି । ଖଡ଼ିଆରାଜା ପାହାଡ଼ର ପୂର୍ବ ଦିଗରେ **ଗଜା ପାହାଡ଼**, ପଶ୍ଚିମରେ **ଜିଲିଂବୁରୁ**, **ସିନ୍ଦୁରବୁରୁ**, **ହେସେଲବୁରୁ**, ଉତ୍ତର ଦିଗରେ **ବୁଢ଼ାବୁଢ଼ି ପାହାଡ଼** ଏବଂ ଦକ୍ଷିଣ ଦିଗରେ **ସାନଚାତରା**, **ବଡ଼ଚାତରା** ଭଳି ସୁଉଚ୍ଚ ପାହାଡ଼ ରହିଛି । ଖଡ଼ିଆ ରାଜା ପାହାଡ଼ରେ ନାଗେଶ୍ୱର ମହାଦେବଙ୍କ ସମେତ ବୁଢ଼ାବୁଢ଼ି ଠାକୁର-ଠାକୁରାଣୀ ପୂଜା ପାଇଥା'ନ୍ତି । ଏଠାରେ ଥିବା ଗୁମ୍ଫାରେ ଖଡ଼ିଆ ରାଜା ବହୁସଂଖ୍ୟାରେ ଅସ୍ତ୍ରଶସ୍ତ୍ର ରଖିଥିଲେ ବୋଲି ଗ୍ରାମବାସୀଙ୍କ ମୁହଁରୁ ଶୁଣିବାକୁ ମିଳେ ।

ଖଡ଼ିଆ ରାଜା ପାହାଡ଼କୁ ନେଇ ଏକ କିମ୍ବଦନ୍ତୀ ରହିଛି । ଥରେ ଖଡ଼ିଆ ରାଜା ଏହି ପାହାଡ଼ ଉପରେ ବିଚରଣ କରୁଥିବା ଦୁଇଜଣ ବୁଢ଼ାବୁଢ଼ୀଙ୍କୁ ମାରିବାକୁ ଗୋଡ଼ାଇବାବେଳେ ବୁଢ଼ାବୁଢ଼ୀ ସେଠାରେ ବିଗ୍ରହ ପାଲଟିଯାଇଥିଲେ । ରାଜା ନିଜର ଭୁଲ୍ ବୁଝିପାରି ବିଗ୍ରହ ପାଲଟି ଯାଇଥିବା ବୁଢ଼ାବୁଢ଼ୀଙ୍କୁ ପୂଜା କରିବାକୁ ଆରଂଭ କଲେ ଏବଂ ସେହିଦିନଠାରୁ ପାହାଡ଼ଟି **ବୁଢ଼ାବୁଢ଼ୀ ପାହାଡ଼** ଭାବେ ଖ୍ୟାତ ହୋଇଥିଲା । ପ୍ରତିବର୍ଷ ମାର୍ଗଶୀର ମାସରେ ଏହି ପାହାଡ଼ ଗୁମ୍ଫାରେ ବୁଢ଼ାବୁଢ଼ୀ ପୂଜା ପାଇଥା'ନ୍ତି । ନିଶ୍ଚିନ୍ତା, ଶୁଣ୍ଠିସାହି, ଶିରାସାହି, ଦୁବୁଲାକଚା, କାଡ଼ିବେଡ଼ା, ଦୁଆରଶୁଣୀ, ଦଶିଶୋଳ ଆଦି ଅଞ୍ଚଳ ଖଡ଼ିଆ ରାଜାଙ୍କ ରାଜସ୍ୱ ଅଞ୍ଚଳ ଥିଲା । ଏଠାରେ ମାଙ୍କଡ଼ା ପଥର ଓ ଇଟା ନିର୍ମିତ ଘରର ଭଗ୍ନାବଶେଷ ଦେଖିବାକୁ ମିଳେ । ଏଠାରେ ଖଡ଼ିଆମାନେ **ମାଘବଙ୍ଗା** ପୂଜା ପାଳନ କରିଥା'ନ୍ତି ।

ମୟୂରଭଞ୍ଜ ଜିଲ୍ଲାର ନଦୀ ବ୍ୟବସ୍ଥା

କବିବର **ରାଧାନାଥ ରାୟ**ଙ୍କ ଭାଷାରେ-

"ଶାଳ୍ମଳୀ ଶଇଳୁଁ ତିନି ସ୍ଥାନେ ତିନି ତଟିନୀ ଝରେ
ଲଂଘି ନାନା ବନ ଜନପଦ ମିଶେ ବଙ୍ଗସାଗରେ ।
ଉତ୍ତରେ ବଳାଙ୍ଗୀ ମଧ୍ୟେ ଗଙ୍ଗାହାର ଶୋଣ ଦକ୍ଷିଣେ
ଜଳ ବେଣୀ ବର୍ଣ୍ଣେ କୁରଙ୍ଗୀନୟନ ନୀଳିମା ଜିଣେ ।"

ମୟୁରଭଞ୍ଜ ଜିଲ୍ଲାରେ ଅନେକ ଛୋଟବଡ଼ ନଦୀ ଜାଲପରି ବିଛେଇ ହୋଇ ରହିଛନ୍ତି । ଏହି ସମସ୍ତ ନଦୀ ମୁଖ୍ୟତଃ ଜିଲ୍ଲାର ପ୍ରମୁଖ ୪ଟି ନଦୀ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ମୟୁରଭଞ୍ଜ ଜିଲ୍ଲାର ଏହି ୪ଟି ନଦୀ ବ୍ୟବସ୍ଥା ହେଉଛନ୍ତି-

Digitized by srujanika@gmail.com

୧. ବୁଢ଼ାବଳଙ୍ଗ

୨. ସୁବର୍ଣ୍ଣରେଖା

୩. ଜଂଭିରା

୪. ବୈତରଣୀ

ବୁଢ଼ାବଳଙ୍ଗ ନଦୀକୁ ମୟୂରଭଞ୍ଜ ଜିଲ୍ଲାର 'ଲାଇଫ୍ ଲାଇନ୍' କୁହାଯାଇଥାଏ । ଏହି ନଦୀ ମେଘାସନ ପାହାଡ଼ରୁ ଉତ୍ପତ୍ତିଲାଭ କରିଛି । **ପଳପଳା, କାଡ୍ରା, ମାଙ୍କଡ଼କେନ୍ଦା, ବେଣାଯୋଡ଼ି, ବେତନା, ଉରାଳି-ସରାଳି, ମାଧବୀ, ଗଙ୍ଗାହାର, କୁଣ୍ଡି, ସୋନ (ସୁନେଇ), ପୁରୁଣାପାଣି, ଯୋଡ଼ାବଣି, ଅରିକୁଳ, ନାଲୁଆ, ସଞ୍ଜ, ଦିଁଅ (ଦେଓ), କାଳ, କୁଶଭଦ୍ରା, ଠକ୍ଠକି, ପନାସିଆ** (ଯୋରନ୍ଦା ଜଳପ୍ରପାତ), **କଣ୍ଟାଳ, ଶଙ୍କରେଇ, ଶଙ୍କରମରା, ହଣ୍ଡୁରେଇ, କଇଳା, ସାପରେଇ, ଘୁଣ୍ଟୁରୁଖାଳ** ଆଦି ଅନେକ ଛୋଟବଡ଼ ଉପନଦୀ ଶିମିଳିପାଳ ଜଙ୍ଗଲରୁ ବାହାରି ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେବାପରେ ବୁଢ଼ାବଳଙ୍ଗରେ ମିଶିଛନ୍ତି । ସେହିଭଳି **ସୁବର୍ଣ୍ଣରେଖା** ଏବଂ ଏହାର ପ୍ରମୁଖ ଉପନଦୀମାନେ ଯଥା- **ଖଡ଼ଖାଇ, ନେସା, ବାଙ୍କବାଳ, ତିଙ୍ଗୁରୁ, ବାଳିଆପେଟା, ସିଙ୍ଗଡୋଭ, ରୁରୁ, କାଞ୍ଚି, ଦାମ୍ରା, କରୁ, କରାକାରି, ଗୁରୁମା, ଗରା, କୋଡ଼ିଆ, ଦୁଲୁଙ୍ଗା, ଖେଜୁରି** ଆଦି ଶିମିଳିପାଳ ଜୈବମଣ୍ଡଳୀରୁ ଉତ୍ପତ୍ତିଲାଭ କରି ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ସୁବର୍ଣ୍ଣରେଖା ନଦୀରେ ମିଶିଛନ୍ତି । **ଜଂଭିରା** ଏବଂ ଏହାର ପ୍ରମୁଖ ଉପନଦୀ **ମହାନ୍ତି, ଗୁନ୍ଫା, ସୁରୁଦି, ମୁରଲି, ସାନନଇ, ବାଂଶ, ହଂସକାରା, ବାରୁଆନଳା, ମୁଣ୍ଡୁରି** ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହୋଇଛନ୍ତି ।ଏହା ସହିତ ବୈତରଣୀ ନଦୀର କିଛି ପ୍ରମୁଖ ଉପନଦୀ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହୋଇଛନ୍ତି । ଶିମିଳିପାଳରୁ ବାହାରିଥିବା ଅନ୍ୟାନ୍ୟ ନଦୀମାନଙ୍କ ମଧ୍ୟରେ **ଶାଳନ୍ଦୀ, ଖଇରି, ଭଣ୍ଡନ, ଉଷ୍କି, ଦେଓ, ତେଲ, ସିମ୍, ଟାମକଯୋଡ଼ି, କଚିମଯୋର, ଭିରାଳ-ଯମୁନା, ଘାଗରା-ଘଣ୍ଟିଆ, ଚାରିନାଳିଆ** ଆଦି ଅନେକ ଛୋଟବଡ଼ ନଦୀ ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ପଶ୍ଚିମରେ **ବୈତରଣୀ** ନଦୀରେ ମିଶିଛନ୍ତି ।

ବୁଢ଼ାବଳଙ୍ଗ *(The Budhabalanga)*

ବୁଢ଼ାବଳଙ୍ଗ ଓ ଜଂଭିରା ନଦୀ ଅବବାହିକା ଅଞ୍ଚଳ

ଦେଶ: ଭାରତ

ରାଜ୍ୟ: ଓଡ଼ିଶା

ନଦୀ ଅବବାହିକା ଅଞ୍ଚଳ : ଓଡ଼ିଶା ଓ ପଶ୍ଚିମବଙ୍ଗ

ଓଡ଼ିଶା : ୬,୩୫୪ ବର୍ଗ କି.ମି

Digitized by srujanika@gmail.com

ବଡ଼ସାହି ବ୍ଲକ୍ ବେଲପାଳ ନିକଟରେ ବୁଢ଼ାବଳଙ୍ଗ

ପଶ୍ଚିମବଙ୍ଗ : ୩୩୭ ବର୍ଗ କି.ମି

ମୋଟ ଅବବାହିକା ଅଞ୍ଚଳ : ୬,୬୯୧ ବର୍ଗ କି.ମି

ଜିଲ୍ଲା (ଓଡ଼ିଶା) : ମୟୁରଭଞ୍ଜ, ବାଲେଶ୍ୱର

ନଦୀଦ୍ୱୟର ଦୈର୍ଘ୍ୟ : ୨୮୯ କି.ମି

ବୁଢାବଳଙ୍ଗର ଦୈର୍ଘ୍ୟ : ୧୯୯ କି.ମି

ଜଂଭିରାର ଦୈର୍ଘ୍ୟ : ୯୦ କି.ମି

ବୁଢାବଳଙ୍ଗ ନଦୀଟି ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳ ପାର୍ବତ୍ୟାଞ୍ଚଳରୁ ଉତ୍ପତ୍ତିଲାଭ କରି ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଦେଇ ମୋଟ **୧୯୯ କିଲୋମିଟର** ପଥ ପ୍ରବାହିତ ହେବାପରେ ବାଲେଶ୍ୱର ଜିଲ୍ଲାର **ବଳରାମଗଡ଼ି ମୁହାଁଣ**ରେ ବଙ୍ଗୋପସାଗରରେ ମିଳିତ ହୋଇଛି । ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, କୁଳିଅଣା, ବାରିପଦା, ଶ୍ୟାମାଖୁଣ୍ଟା, ବଡ଼ସାହି, ବେତନଟୀ ଆଦି ବ୍ଲକ୍ ଦେଇ ପ୍ରବାହିତ ହେବାପରେ ବାଲେଶ୍ୱର ଜିଲ୍ଲାକୁ ପ୍ରବେଶ କରିଛି । ଏହା ବାଲେଶ୍ୱର ଜିଲ୍ଲାର ରେମୁଣା, ବାଲେଶ୍ୱର ସଦର ବ୍ଲକ୍ ଦେଇ ଅତିକ୍ରମ କରିବାପରେ ଶେଷରେ ବାଲେଶ୍ୱର ଜିଲ୍ଲାର ବଳରାମଗଡ଼ି ମୁହାଁଣ ନିକଟରେ ବଙ୍ଗୋପସାଗରରେ ମିଶିଛି ।

ବୁଢାବଳଙ୍ଗ ନଦୀଟି ଶିମିଳିପାଳ ଜୈବମଣ୍ଡଳର ନଓ୍ୱାଣା ସାଉଥ୍ (ଧୁଡୁଚଂପା) ରେଞ୍ଜ ଅନ୍ତର୍ଗତ ଥିବା **ବୁଢ଼ାବଳଙ୍ଗ ଗାଁ**ର ଉପରମୁଣ୍ଡରେ ଥିବା **ବଦରଗୋଡ଼ା ନାଳ**ରୁ ଉତ୍ପତ୍ତିଲାଭ କରିଛି । ବୁଢାବଳଙ୍ଗ ନଦୀ ମେଘାସନ ପାହାଡ଼ରୁ ଭୂପତିତ ହୋଇ ଶିମିଳିପାଳର ପ୍ରସିଦ୍ଧ **ବରେହିପାଣି ଜଳପ୍ରପାତ** ସୃଷ୍ଟି

Digitized by srujanika@gmail.com

କରିଛି । ଏହାପରେ ପୁଣି **'ବଳଙ୍ଗ ଘୁଡ଼ି'** (ବାଙ୍ଗିରିପୋଷି ବ୍ଲକ୍)ରୁ ଭୂ-ପତିତ ହୋଇ ମୟୂରଭଞ୍ଜ ଜିଲ୍ଲାର ସମତଳ ଭୂମିକୁ ସ୍ପର୍ଶ କରିଛି ।

ବୁଢ଼ାବଳଙ୍ଗ ନଦୀଟି ମୟୂରଭଞ୍ଜବାସୀଙ୍କ ମୁହଁରେ **'ବଳଙ୍ଗ'** ନାମରେ ପରିଚିତ । କବିବର ରାଧାନାଥ ରାୟ ଏହି ନଦୀକୁ ତାଙ୍କ କାବ୍ୟ ମାଧ୍ୟମରେ **'ବଳାଙ୍ଗୀ'** ବୋଲି ସମ୍ବୋଧନ କରିଛନ୍ତି । ନଦୀଟି ଶିମିଳିପାଳରୁ ବାହାରି ବାଙ୍ଗିରିପୋଷି ଦେଇ ଉତ୍ତର-ପୂର୍ବ ଦିଗକୁ ଗତି କରିଛି । ପରେ ଦକ୍ଷିଣ ଦିଗକୁ କିଛି ବାଟ ଗତି କରି **ଝଙ୍କାପାହାଡ଼ି**କୁ ଅତିକ୍ରମ କରିଛି । ଶିମିଳିପାଳରୁ ବାହାରିଥିବା ବୁଢ଼ାବଳଙ୍ଗର ଅନ୍ୟ ଦୁଇଟି ଉପନଦୀ **ପଳପଳା** ଓ **ଚିପଟ୍** ବାରିପଦା ସହର ନିକଟରେ ମିଶିଛନ୍ତି । ସେହିଭଳି ବାରିପଦା ସହର ମଧ୍ୟ ଦେଇ ପ୍ରବାହିତ ଅନ୍ୟ ଦୁଇଟି କ୍ଷୁଦ୍ର ନଦୀ **ଉରାଳି** ଓ **ସରାଳି** ମଧ୍ୟ ବାରିପଦା ସହର ଉପକଣ୍ଠରେ ବୁଢ଼ାବଳଙ୍ଗ ସହ ମିଶିଛନ୍ତି । ମୟୂରଭଞ୍ଜର ପୂର୍ବତନ ରାଜଧାନୀ ହରିପୁର ଗଡ଼ ମଧ୍ୟ ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ । **ପଳପଳା, ମାଙ୍କଡ଼କେଦା, ଉରାଳି, ସରାଳି, ଘୁଙ୍ଗୁଯୋଡ଼ା, ଚିପଟ, ଇଟାଯୋଡ଼ି, ବେଣାଯୋଡ଼ି, ବେତନା, କାଳିଆଖାଳ, ଅଝରିଖାଳ, ମାଧବୀ, ଗଙ୍ଗାହାର, କୁଣ୍ଡି, ସୋନ (ସୁନେଇ), ପୁରୁଣାପାଣି, ଯୋଡ଼ାବଣି, ଅରିକୁଳ, ନାଲୁଆ, ସଞ୍ଜ, ଦିଁଅ (ଦେଓ), କାଳ, କାଡ୍ରା, କୁଶଭଦ୍ରା, ଠକ୍‌ଠକି, କଣ୍ଡାଳ, ପନାସିଆ** (ଯୋରନ୍ଦା ଜଳପ୍ରପାତ), **ଶଙ୍କରେଇ, ଶଙ୍କରମରା, ହଣ୍ଡୁରେଇ, କଇଳା, ପାପରେଇ, ଢେଙ୍କୁଆ, ଲହରଖାଳ, ଘୁଙ୍ଗୁରୁଖାଳ, କାଷ୍ଠିଖାଳ** ଆଦି ବୁଢ଼ାବଳଙ୍ଗର ପ୍ରମୁଖ ଉପନଦୀ ।

ବଡ଼ସାହି ବ୍ଲକ୍ ବେଲପାଳ ନିକଟରେ ବୁଢ଼ାବଳଙ୍ଗ

Digitized by srujanika@gmail.com

ବୁଢ଼ାବଳଙ୍ଗର ପ୍ରମୁଖ ଉପନଦୀମାନେ ହେଲେ-

୧. ପଳପଳା
୨. ସୁନେଇ (ସୋନ)
୩. କାଳ
୪. ସଞ୍ଜ
୫. ଦେଓ (ଦିଅଁ)
୬. ଗଙ୍ଗାହାର
୭. କାତ୍ରା
୮. ମାଙ୍କଡ଼କେଦା
୯. ଜରାଳି
୧୦. ସରାଳି
୧୧. ସୁକୁଯୋଡ଼ା
୧୨. କାଳିଆଖାଳ
୧୩. ଚିପଟ
୧୪. ଇଟାଯୋଡ଼ି
୧୫. ମାଧବୀ
୧୬. ପୁରୁଣାପାଣି
୧୭. ଯୋଡ଼ାବଣି
୧୮. ଅରିକୁଳ
୧୯. ନାଲୁଆ
୨୦. କାତ୍ରା
୨୧. କୁଶଭଦ୍ରା
୨୨. ଠକ୍‌ଠକି
୨୩. କଣ୍ଡାଳ
୨୪. ପଣସିଆ (ଯୋରନ୍ଦା ଜଳପ୍ରପାତ)
୨୫. ଶଙ୍କରେଇ
୨୬. ଶଙ୍କରମରା

Digitized by srujanika@gmail.com

ବୁଢ଼ାବଳଙ୍ଗ ଓ କାତ୍ରାର ମିଳନ ସ୍ଥଳ 'ଦୋମୁହାଣି' (ବାଙ୍ଗିରିପୋଷି ବ୍ଲକ୍‌ର ବ୍ରାହ୍ମଣ ଗାଁ ନିକଟ)

ଗୋପବନ୍ଧୁନଗର ବ୍ଲକ୍‌ର ଦେବଗ୍ରାମ
ନିକଟରେ ବହି ଯାଉଥିବା ସୋନ ନଦୀ

୨୭. ହଷ୍ଟୁରେଇ

୨୮. କଇଳା

୨୯. ସାପରେଇ

୩୦. ଢେଡୁଆ

୩୧. ଲଦ୍ଧରଖାଳ

୩୨. କୁଣ୍ଡି

Digitized by srujanika@gmail.com

ବୁଢ଼ାବଳଙ୍ଗ ଓ କାତ୍ରାର ମିଳନ ସ୍ଥଳ 'ଦୋମୁହାଣି' (ବାଙ୍କିରିପୋଷି ବ୍ଲକ୍‌ର ବ୍ରାହ୍ମଣ ଗାଁ ନିକଟ)

୩୩. ବେଣାଯୋଡ଼ି

୩୪. ବେତନା

୩୫. ଘୁଣ୍ଟୁରୁଖାଳ

୩୬. କାଞ୍ଚିଖାଳ

୩୭. ବଡ଼ଯୋଡ଼

୩୮. ଅଝରିଖାଳ

ଚିପଟ୍ : ଚିପଟ୍ ନଦୀଟି ବୁଢ଼ାବଳଙ୍ଗର ଅନ୍ୟତମ ପ୍ରମୁଖ ଉପନଦୀ । ଚିପଟ୍ ନଦୀ ବାରିପଦା ସହର ଉପକଣ୍ଠସ୍ଥ ବୁଢ଼ାରାଉଳ ମଠ ନିକଟରେ ବୁଢ଼ାବଳଙ୍ଗ ସହ ମିଳିତ ହୋଇଛି । ଏଠାରେ **ବୁଢାବଳଙ୍ଗ** ସହ **ଚିପଟ** ଓ **ଇଟାଯୋଡ଼ି** ନଦୀ ମିଳିତ ହୋଇ ଏକ ତ୍ରିବେଣୀ ସଙ୍ଗମ ସୃଷ୍ଟି କରିଛନ୍ତି । ବାରିପଦା ସହରର ଅଳ୍ପକିଛି ଦୂରରେ ଅବସ୍ଥିତ ମୁନ୍‌ସିବନ୍ଧରୁ ବାହାରିଥିବା ଆଉ ଏକ ଛୋଟ ନଈ **ବେଣାଯୋଡ଼ି** ଏବଂ କୁଳିଅଣା ବ୍ଲକର ବେତନା ପାଟରୁ ବାହାରିଥିବା **ବେତନା** ନଈ ବାରିପଦା ସହର ଉପକଣ୍ଠସ୍ଥ ଦାମୋଦରପୁରର ଟିକେ ଆଗକୁ ଚିପଟ୍ ନଦୀ ସହ ମିଳିତ ହୋଇଛନ୍ତି । ଚିପଟ ଏହି ଦୁଇ ନଦୀକୁ ସାଥୀରେ ଧରି ବୁଢ଼ାରାଉଳ ମଠ ନିକଟରେ ବୁଢ଼ାବଳଙ୍ଗ ସହ ମିଶିଛି । **ମାଙ୍କଡ଼କେନ୍ଦା** ମଧ୍ୟ ଚିପଟର ଅନ୍ୟ ଏକ ଉପନଦୀ । **ଇଟାଯୋଡ଼ି** ଶ୍ୟାମାଖୁଣ୍ଟା ବ୍ଲକ୍ ସଦର ମହକୁମା ଶ୍ୟାମାଖୁଣ୍ଟା ଗ୍ରାମର ଭୂୟାଁସାହି ନିକଟ ପାଟଡମିରୁ ନଦୀ ବାହାରି ବୁଢ଼ାରାଉଳ ମଠ ନିକଟରେ ବୁଢ଼ାବଳଙ୍ଗ ନଦୀରେ ମିଶିଛି । **କାଞ୍ଚିଖାଳ** ଭୋଳଗଡ଼ିଆ ନିକଟରୁ ବାହାରି ବାହାଦୂରପୁର ନିକଟରେ ବୁଢ଼ାବଳଙ୍ଗ ନଦୀରେ ମିଶିଛି । **କାଳିଆଖାଳ** ପାଲବଣି-ମଣ୍ଡାବନ୍ଧା ନିକଟରୁ ବାହାରି ଶ୍ୟାମାଖୁଣ୍ଟା ବ୍ଲକ୍ ଇଟାମୁଣ୍ଡିଆ ଗ୍ରାମ ନିକଟରେ ବୁଢ଼ାବଳଙ୍ଗରେ ମିଶିଛି ।

Digitized by srujanika@gmail.com

ଗୋପବନ୍ଧୁନଗର ବ୍ଲକ୍ ଦାମୋଦରପୁର ନିକଟରେ ଗଙ୍ଗାହାର ନଦୀ

ଗଙ୍ଗାହାର : ଗଙ୍ଗାହାର ନଦୀଟି ବୁଢ଼ାବଳଙ୍ଗର ଏକ ପ୍ରମୁଖ ଉପନଦୀ । ଏହା ଶିମିଳିପାଳର ମେଘାସନ ପର୍ବତରୁ ନିର୍ଗତ ହୋଇ ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ଶେଷରେ ବୁଢ଼ାବଳଙ୍ଗରେ ମିଶିଛି । ଗଙ୍ଗାହାରର ଉପନଦୀ **ନାଲୁଆ** ମଧ୍ୟ ଶିମିଳିପାଳରୁ ବାହାରି କପ୍ତିପଦା ଉପଖଣ୍ଡର ମାଣିତ୍ରୀ ନିକଟରେ ଗଙ୍ଗାହାର ସହ ମିଶିଛି । ଗଙ୍ଗାହାର ନଦୀଟି ବାରିପଦା ଓ କପ୍ତିପଦା ଉପଖଣ୍ଡ ଅଞ୍ଚଳରେ ପ୍ରବାହିତ ହୋଇ ବାଲେଶ୍ୱର ଜିଲ୍ଲାର ରେମୁଣା ନିକଟବର୍ତ୍ତୀ **ଫୁଲାରି (ଫୁଲାଡ଼ି)** ଘାଟଠାରେ ବୁଢ଼ାବଳଙ୍ଗ ସହ ମିଶିଛି । ଏହିଠାରେ **ବୁଢ଼ାବଳଙ୍ଗ, ଗଙ୍ଗାହାର** ଏବଂ **ସୋନ** ନଦୀ ମିଳିତ ହୋଇ ଏକ ତ୍ରିବେଣୀ ସଙ୍ଗମ ସୃଷ୍ଟି କରିଛନ୍ତି । ସେହିଭଳି **କୁଣ୍ଡି** ନଦୀଟି **ଗଙ୍ଗାହାର**ର ଅନ୍ୟତମ ପ୍ରମୁଖ ଉପନଦୀ ।

ସୋନ (ସୋଣ) : ସୋନ (ସୋଣ) ନଦୀ ବୁଢ଼ାବଳଙ୍ଗର ଏକ ପ୍ରମୁଖ ଉପନଦୀ । ଏହି ନଦୀ ଶିମିଳିପାଳରୁ ବାହାରି କପ୍ତିପଦା ଉପଖଣ୍ଡର ଶରତ ଦେଇ ପ୍ରବାହିତ ହୋଇ ବାଲେଶ୍ୱର ପୂର୍ବରୁ ରେମୁଣା ବ୍ଲକ୍‌ର ଫୁଲାରି (ଫୁଲାଡ଼ି)ଘାଟରେ ବୁଢ଼ାବଳଙ୍ଗ ସହ ମିଶିଛି । ଅନ୍ୟ ଏକ ଉପନଦୀ **କାଳ** ଶିମିଳିପାଳ ଜଙ୍ଗଲରୁ ବାହାରି ପେଡ଼ାଗଡ଼ିଠାରେ **ସୋନ** ନଦୀ ସହ ମିଳିତ ହୋଇଛି । ଏହା ପୂର୍ବରୁ **ଠକ୍‌ଠକି** ଓ **କୁଶଭଦ୍ରା** ନଦୀ ଦୁହେଁ ଶିମିଳିପାଳରୁ ବାହାରି ପୂର୍ବ ଦିଗକୁ ପ୍ରବାହିତ ହେବାପରେ କପ୍ତିପଦାର ଶମୀବୃକ୍ଷ ନିକଟରେ କାଳ ନଦୀ ସହ ମିଶିଛନ୍ତି । **କଣ୍ଡାଳ** ନଦୀଟି ଶିମିଳିପାଳରୁ ବାହାରି କପ୍ତିପଦାର ଢାରଡ଼ାଠାରେ ସୋନ ସହ ମିଳିତ ହୋଇଛି । କପ୍ତିପଦା ବ୍ଲକ୍‌ର ଢାରଡ଼ା

Digitized by srujanika@gmail.com

ଗାଁଟିକୁ କାଳ, କଣ୍ଟାଳ ଓ ସୋନ ନଦୀ ଘେରି ରହିଛନ୍ତି । ଏହିଠାରେ ହିଁ କାଳ ଓ କଣ୍ଟାଳ ନଦୀର ମିଶ୍ରଣ ଘଟି ଉଭୟ ଟିକେ ଆଗକୁ ସୋନ ନଦୀରେ ପଡ଼ିଛନ୍ତି ।

ପ୍ରତିବର୍ଷ ବର୍ଷା ଋତୁରେ ଏହି ତିନି ନଦୀର ପାଣିରେ ଉବୁଟୁବୁ ହୋଇଉଠେ ଜାରଡ଼ା ଗାଁ । ଏଣୁ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରବାଦ ରହିଛି

"କାଳ କଣ୍ଟାଳ ସୋନ ମିତ,

ବାଣ୍ଟି ଖାଆନ୍ତି ଜାରଡ଼ା ବିତ୍ତ"

ସୋନ ନଦୀର ଅନ୍ୟ ଦୁଇଟି ଉପନଦୀ **ଦେଓ ଏବଂ ସଂଢ** ନଦୀ ଶିମିଳିପାଳରୁ ବାହାରି କପ୍ତିପଦା ଉପଖଣ୍ଡର ହାତୀସାହିଠାରେ ଉଭୟ ମିଳିତ ହୋଇ ଶେଷରେ କଇଁସାରୀ ନିକଟରେ ସୋନ ନଦୀରେ ପତିତ ହୋଇଛନ୍ତି । **ଦେଓ** ଶିମିଳିପାଳ ଜଙ୍ଗଲରୁ ଉତ୍ପତ୍ତିଲାଭ କରି ଦେବକୁଣ୍ଡ ନିକଟରେ ନିମ୍ନଗାମୀ ହୋଇ ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ଏହାକୁ **ଦେବକୁଣ୍ଡ ଜଳପ୍ରପାତ** କୁହାଯାଇଥାଏ । କଇଁସାରୀ ନିକଟରେ ସୋନ ସହିତ ଦେଓ ଓ ସଂଢ ନଦୀର ଏକ ତ୍ରିବେଣୀ ସଂଗମ ସୃଷ୍ଟି ହୋଇଛି । **ସଂଢ** ନଦୀ ଶିମିଳିପାଳ ଜଙ୍ଗଲରୁ ବାହାରି ବଣିଆବସା, ଘୋଷପାଳ ନିଝାଗିବଡ଼ାମ୍ ମନ୍ଦିର ଦେଇ କିଛିବାଟ ପ୍ରବାହିତ ହେଲାପରେ ହାତୀସାହିଠାରେ **ଦେଓ** ନଦୀ ସହିତ ମିଳିତ ହୋଇଛି ।

କାତ୍ରା (କତରା) : ବିଜାତଳା ବ୍ଲକ୍‌ରେ ଅବସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ **ବିଂଦର୍ହ**ର ଉପରମୁଣ୍ଡରେ ରାଇରଙ୍ଗପୁର ବ୍ଲକ୍‌ର **ଛତ୍ରମଣ୍ଡଳ ଝୁଡ଼ି** ଏବଂ **କଲ୍‌ସୀଭଙ୍ଗା ପାହାଡ଼**ରୁ କାତରା ନଦୀ ଉତ୍ପତ୍ତିଲାଭ

ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ 'ଖଣ୍ଡାବୁଡ଼ା' ପର୍ଯ୍ୟଟନସ୍ଥଳ : ଅରିକୁଳ ନଈର ଛାତିରେ ପଥରଙ୍କ ମେଳା

Digitized by srujanika@gmail.com

କରିଛି । କାଡ୍ରା ନଦୀଟି ଏଠାରୁ ଉତ୍ପତ୍ତିଲାଭ କରିବା ପରେ ବିଂଦର୍ହିରୁ କିଛି ପଥ ଅତିକ୍ରମ କରି ସାରସକଣା ବ୍ଲକ୍‌ର କାଣ୍ଡିଆ ପାହାଡ଼ର ଉପରମୁଣ୍ଡରୁ ତଳକୁ ଖସି ଏକ ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରିଛି । ଏହି ଜଳପ୍ରପାତର ନାଁ **କାଣ୍ଡିଆଲୁଙ୍ଗା** । କାଡ୍ରା ନଦୀଟି ରାଇରଙ୍ଗପୁର, ବିଜାତଳା, ସାରସକଣା, ବାଙ୍ଗିରିପୋଷି ବ୍ଲକ୍ ଦେଇ ପ୍ରବାହିତ ହେବାପରେ ବାଙ୍ଗିରିପୋଷି ବ୍ଲକ୍ **କଳାବାଡ଼ିଆ ପଞ୍ଚାୟତର ବ୍ରାହ୍ମଣଗାଁ ନିକଟ** (କୁଳିଅଣା ବ୍ଲକ୍‌ର **ଡେରାର** ଉପରମୁଣ୍ଡ)ରେ ବୁଢ଼ାବଳଙ୍ଗ ନଦୀ ସହ ମିଳିତ ହୋଇଛି । ପଥୁରିଆ ଶଯ୍ୟା ଉପରେ ବୁଢ଼ାବଳଙ୍ଗ ଓ ଉପନଦୀ କାଡ୍ରାର ମିଳନ ଫଳରେ ଏଠାରେ ଏକ ମୁହାଁଣ ସୃଷ୍ଟି ହୋଇଛି ଯାହାକୁ ସ୍ଥାନୀୟ ଅଞ୍ଚଳରେ **ଦୋ'ମୁହାଁଣୀ** କହନ୍ତି ।

ଶଙ୍ଖରେଇ (ଶଂକ୍ରାଇ) : ଶଙ୍ଖରେଇ ନଦୀଟି ଶିମିଳିପାଳରୁ ଉତ୍ପତ୍ତିଲାଭ କରି ବାଙ୍ଗିରିପୋଷି, କୁଳିଅଣା ବ୍ଲକ୍‌ର ଆଂଶିକ ଅଞ୍ଚଳ ଦେଇ ପ୍ରବାହିତ ହେବାପରେ ବାଙ୍ଗିରିପୋଷି ବ୍ଲକ୍ ବଣକାଟି ପଞ୍ଚାୟତର **କାଳିଆମି-ଡାହିସାହି (ସୁନାମୁହିଁ ଘାଟ)** ନିକଟରେ ବୁଢ଼ାବଳଙ୍ଗରେ ମିଶିଛି । ସୁନାମୁହିଁ ଘାଟରେ ପ୍ରତିବର୍ଷ ଶୀତଋତୁରେ ସ୍ଥାନୀୟ ପର୍ଯ୍ୟଟକଙ୍କ ଗହଳି ଲାଗିଥାଏ । ସେହିଭଳି ଶଙ୍ଖରେଇ ନଦୀ ସହିତ ବାଙ୍ଗିରିପୋଷି ଓ ବିଶୋଇର ଉପରମୁଣ୍ଡରେ **ହଣ୍ଡୁରେଇ, କଇଳା, ସାପରେଇ** ଆଦି ନଦୀ ମିଳିତ ହୋଇଛନ୍ତି । ସେହିଭଳି ବାଙ୍ଗିରିପୋଷି ବ୍ଲକ୍‌ର କେନ୍ଦୁଡିହା ପାଟବିଲରୁ **ଘୁଙ୍ଗୁରୁ ଖାଳ** ନାମରେ ଏକ ଛୋଟ ନାଳ ଉତ୍ପତ୍ତିଲାଭ କରି କଳାବାଡ଼ିଆର କୋଷେ ଦୂରରେ ବୁଢ଼ାବଳଙ୍ଗ ସହିତ ମିଶିଛି ।

ସୁବର୍ଣ୍ଣରେଖା *(The Subarnarekha)*

ସୁବର୍ଣ୍ଣରେଖା (ଡାମଶୋଳା ଗେଟ୍ ନିକଟ)

Digitized by srujanika@gmail.com

ନଦୀ ଅବବାହିକା ଅଞ୍ଚଳ

ଦେଶ: ଭାରତ

ରାଜ୍ୟ: ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ

ଓଡ଼ିଶା : ୨,୯୮୩ ବର୍ଗ କି.ମି

ଝାଡ଼ଖଣ୍ଡ : ୧୩,୨୨୨ ବର୍ଗ କି.ମି

ପଶ୍ଚିମବଙ୍ଗ : ୩,୦୨୨ ବର୍ଗ କି.ମି

ମୋଟ ଅବବାହିକା ଅଞ୍ଚଳ : ୧୯,୨୭୭ ବର୍ଗ କି.ମି

ଜିଲ୍ଲା (ଓଡ଼ିଶା) : ମୟୂରଭଞ୍ଜ, ବାଲେଶ୍ୱର

ମୟୂରଭଞ୍ଜ : ୨,୧୯୯ ବର୍ଗ କି.ମି

ବାଲେଶ୍ୱର : ୭୮୪ ବର୍ଗ କି.ମି

ନଦୀର ଦୈର୍ଘ୍ୟ : ୪୪୬ କି.ମି. ଓଡ଼ିଶାରେ ୭୯ କି.ମି.

ସୁବର୍ଣ୍ଣରେଖା ନଦୀଟି ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ଉତ୍ପତ୍ତିଲାଭ କରି ଓଡ଼ିଶାର ବାଲେଶ୍ୱର ଜିଲ୍ଲାର **କୀର୍ତ୍ତନିଆ ମୁହାଁଣ**ରେ ବଙ୍ଗୋପସାଗରେ ପଡ଼ିଛି । ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚି ନିକଟସ୍ଥ ଏକ ଗାଁ **ପିସ୍କା (ନାଗ୍ରି)**ରୁ ସୁବର୍ଣ୍ଣରେଖା ବାହାରି ମୋଟ ୪୪୬ କିଲୋମିଟର ପଥ ଅତିକ୍ରମ କରିବା ପରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର କୀର୍ତ୍ତନିଆ ମୁହାଁଣରେ ବଙ୍ଗୋପସାଗରରେ ମିଳିତ ହୋଇଛି । ଝାଡ଼ଖଣ୍ଡର ରାଞ୍ଚି, ଷଢ଼େଇକଳା-ଖରସୁଆଁ, ପୂର୍ବ ସିଂହଭୂମି ଜିଲ୍ଲା, ପଶ୍ଚିମବଙ୍ଗର ପଶ୍ଚିମ ମେଦିନିପୁର

ସୁବର୍ଣ୍ଣରେଖା (ଡାମଶୋଳା ଗେଟ୍ ନିକଟ)

Digitized by srujanika@gmail.com

ଜିଲ୍ଲା ଏବଂ ଓଡ଼ିଶାର ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଦେଇ ସୁବର୍ଣ୍ଣରେଖା ନଦୀ ପ୍ରବାହିତ ହୋଇଛି ।

'ସୁବର୍ଣ୍ଣରେଖା'ର ନାମକୁ ନେଇ ଏକ କାହାଣୀ ରହିଛି । 'ସୁବର୍ଣ୍ଣରେଖା'ର ଅର୍ଥକୁ ବିଶ୍ଳେଷଣ କଲେ ଏହା 'ସୁନାର ଏକ ଦୀର୍ଘ ରେଖା' *(streak of gold)* ଭଳି ପ୍ରତୀୟମାନ ହୋଇଥାଏ । ଅର୍ଥାତ୍ ରାଞ୍ଚି ନିକଟସ୍ଥ ପିସ୍କା ଗାଁରୁ ଯେତେବେଳେ ସୁବର୍ଣ୍ଣରେଖା ଉତ୍ପତ୍ତିଲାଭ କଲା, ସେତେବେଳେ ଏହି ନଦୀର କୂଳେକୂଳେ ସୁନା କଣିକାର ଧାରମାନ ଦୃଶ୍ୟମାନ ହେଉଥିଲା । ଏଥିପାଇଁ ଏହି ନଦୀର ନାମ ସୁବର୍ଣ୍ଣରେଖା ଦିଆଯାଇଛି ବୋଲି ସ୍ଥାନୀୟ ଅଞ୍ଚଳରେ କଥିତ ଅଛି ।

ଝାଡ଼ଖଣ୍ଡର ରାଞ୍ଚି, ଜାମସେଦପୁର, ପଶ୍ଚିମବଙ୍ଗର ଗୋପୀବଲ୍ଲଭପୁର, ଚାଣ୍ଡିଲି, ଘାଟଶିଳା, ମୟୂରଭଞ୍ଜ ଜିଲ୍ଲାର ଜାମଶୋଳା, ଶୀର୍ଷା, ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପ୍ରମୁଖ ସହର ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ । ଝାଡ଼ଖଣ୍ଡର ଷଡ଼େଇକଳା-ଖରସୁଆଁ ଜିଲ୍ଲାରେ ଅବସ୍ଥିତ ଚାଣ୍ଡିଲିଠାରେ ସୁବର୍ଣ୍ଣରେଖାରେ ଏକ ବୃହତ୍ ଜଳଭଣ୍ଡାର ନିର୍ମାଣ କରାଯାଇଛି ।

ସୁବର୍ଣ୍ଣରେଖାର ପ୍ରମୁଖ ଉପନଦୀଗୁଡିକ ହେଲେ-

୧. ରରୁ
୨. କାଞ୍ଚି
୩. ଦାମ୍ରା
୪. କରୁ
୫. ଖଡ଼ଖାଇ
୬. ବାଙ୍କବଳ
୭. ନେସା
୮. ଚିଙ୍ଗୁରୁ
୯. କରାକାରି
୧୦. ଗୁରୁମା
୧୧. ଗରା
୧୨. ସିଙ୍ଗଡୋଭ୍
୧୩. କୋଡ଼ିଆ
୧୪. ଦୁଲୁଙ୍ଗା
୧୫. ଖେଜୁରୀ

Digitized by srujanika@gmail.com

୧୬. ବାଲିଆପେଟା

୧୭. ଦୁକାଖାଳ (ବାଙ୍କବଳର ଉପନଦୀ)

ଖଡ଼ଖାଇ : ଖଡ଼ଖାଇ ସୁବର୍ଣ୍ଣରେଖାର ଏକ ପ୍ରମୁଖ ଉପନଦୀ । ଏହା ଶିମିଳିପାଳରୁ ବାହାରି ମୟୂରଭଞ୍ଜ ଜିଲ୍ଲାର ଉତ୍ତର-ପଶ୍ଚିମ ଦିଗରେ ଗତି କରି ସୁବର୍ଣ୍ଣରେଖା ନଦୀରେ ପଡ଼ିଛି । ଏହି ନଦୀର ଦକ୍ଷିଣ ପାର୍ଶ୍ୱରେ ରାଇରଙ୍ଗପୁର ସହର ଅବସ୍ଥିତ । ଏହା ରାଇରଙ୍ଗପୁର, ବହଳଦା ଓ ତିରିଂ ଦେଇ ପ୍ରବାହିତ ହେବାପରେ ସୁବର୍ଣ୍ଣରେଖାରେ ମିଶିଛି । ଏହି ନଦୀର ସୁଲେଇପାଟଠାରେ ଏକ ଜଳଭଣ୍ଡାର ନିର୍ମାଣ କରାଯାଇଛି । ଖଡ଼ଖାଇ ନଦୀଟି ଓଡ଼ିଶା ଓ ଝାଡ଼ଖଣ୍ଡର ସୀମାରେ ପ୍ରବାହିତ ହୋଇଛି ।

ନେସା, ବାଙ୍କବଳ : ନେସା ଓ ବାଙ୍କବଳ ସୁବର୍ଣ୍ଣରେଖାର ଅନ୍ୟ ଦୁଇଟି ଉପନଦୀ । ନେସା ନଦୀ ଶିମିଳିପାଳରୁ ବାହାରି ଖଡ଼ଖାଇ ନଦୀରେ ବହଳଦା ନିକଟରେ ମିଳିତ ହୋଇଥିବାବେଳେ ବାଙ୍କବଳ ବିଜାତଳା ବ୍ଲକ୍‌ରେ ଖଡ଼ଖାଇ ସହିତ ମଳିତ ହୋଇଛନ୍ତି । ବହଳଦା ନିକଟରେ ନେସା ନଦୀରେ ଏକ ଜଳଭଣ୍ଡାର ଏବଂ ବିଜାତଳାରେ ବାଙ୍କବଳ ନଦୀ ଉପରେ ଏକ ଜଳଭଣ୍ଡାର ନିର୍ମାଣ କରାଯାଇଛି । ଦୁକାଖାଳ ବାଙ୍କବଳ ନଦୀର ପ୍ରମୁଖ ଉପନଦୀ । ଏହା ବାଙ୍କବଳ ଜଳଭଣ୍ଡାରର ଉପରମୁଣ୍ଡରେ ବାଙ୍କବଳ ନଦୀ ସହିତ ମିଳିତ ହୋଇଛି ।

ଜଂଭିରା *(Jambhira)*

ବୁଢାବଳଙ୍ଗ ଓ ଜଂଭିରା ନଦୀ ଅବବାହିକା ଅଞ୍ଚଳ

ଦେଶ: ଭାରତ

ରାଜ୍ୟ: ଓଡ଼ିଶା, ପଶ୍ଚିମବଙ୍ଗ

ଓଡ଼ିଶା : ୬,୩୫୪ ବର୍ଗ କି.ମି

ପଶ୍ଚିମବଙ୍ଗ : ୩୩୭ ବର୍ଗ କି.ମି

ମୋଟ ଅବବାହିକା ଅଞ୍ଚଳ : ୬୬୯୧ ବର୍ଗ କି.ମି

ଜିଲ୍ଲା (ଓଡ଼ିଶା) : ମୟୁରଭଞ୍ଜ, ବାଲେଶ୍ୱର

ନଦୀଦ୍ୱୟର ଦୈର୍ଘ୍ୟ : ୨୮୯ କି.ମି

ବୁଢାବଳଙ୍ଗର ଦୈର୍ଘ୍ୟ : ୧୯୯ କି.ମି

ଜଂଭିରାର ଦୈର୍ଘ୍ୟ : ୯୦ କି.ମି

ଜଂଭିରା ନଦୀଟି 'ଜମିରା' ନାମରେ ବି ପରିଚିତ । ଏହା ମୟୁରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ନଦୀ ବ୍ୟବସ୍ଥା । ବାରିପଦା ଉପଖଣ୍ଡର **ଧାଙ୍ଗିଡ଼ିଶୋଳ** ନିକଟସ୍ଥ **ସୋନାପୋଷି** ନାମକ ଏକ ପ୍ରାକୃତିକ

Digitized by srujanika@gmail.com

ମୋରଡ଼ା ନିକଟରେ ଜଂଭିରା ନଦୀ (ବନ୍ୟା ସମୟର ଦୃଶ୍ୟ)

ଝରରୁ ଏହି ନଦୀ ଉତ୍ପତ୍ତିଲାଭ କରି ଉତ୍ତର-ପୂର୍ବ ଦିଗକୁ ଗତି କରିଛି । ନଦୀଟି ବାରିପଦା ଉପଖଣ୍ଡର ଶୂଳିଆପଦା, ମୋରଡ଼ା, ରାସଗୋବିନ୍ଦପୁର ଆଦି ବ୍ଲକ୍ ଦେଇ ପ୍ରବାହିତ ହେବା ପରେ ବାଲେଶ୍ୱର ଜିଲ୍ଲାରେ ବଙ୍ଗୋପ ସାଗରରେ ପଡ଼ିଛି । ଜଂଭିରା ନଦୀଟି ତଳମୁଣ୍ଡ ବାଲେଶ୍ୱର ଜିଲ୍ଲାରେ **ଜଳକା ନଦୀ** ନାମରେ ପରିଚିତ ହୋଇଛି । ଜଂଭିରାର ପ୍ରମୁଖ ଉପନଦୀଗୁଡିକ ହେଲେ-

୧. ମହାନ୍ତି

୨. ଗୁନ୍‌ଫା

Digitized by srujanika@gmail.com

୩. ସୁରୁଦି

୪. ମୁରଲି (ପଶ୍ଚିମବଙ୍ଗର ଚାନ୍ଦାବିଲାରୁ ଆନୀତ)

୫. ସାନନଇ

୬. ବାଂଶ

୭. ହଂସକାରା

୮. ବାରୁଆନଳା

୯. ମୁଣ୍ଡୁରି

୧୦. ଜଳକା

ମୟୂରଭଞ୍ଜ ଜିଲ୍ଲାରେ ପ୍ରବାହିତ ବୈତରଣୀର ପ୍ରମୁଖ ଉପନଦୀ

(Tributaries of Baitaranee in Mayurbhanj)

ବୈତରଣୀ ନଦୀଟି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସୀମା ଦେଇ ବହୁପଥ ଅତିକ୍ରମ କରିଛି । ବୈତରଣୀର କିଛି ଉପନଦୀମାନେ ବିଶେଷକରି ଶିମିଳିପାଳରୁ ନିର୍ଗତ ହୋଇଛନ୍ତି । ଶିମିଳିପାଳରୁ ବାହାରିଥିବା **ଶାଳନ୍ଦୀ, ଖଇରି, ଭଣ୍ଡନ, ଉଷ୍କି, ଦେଓ, ତେଲ, ସିମ୍, ଟାମକଯୋଡ଼ି, କଚିମଯୋର, ଭିରାଳ-ଯମୁନା, ଘାଗରା-ଘଣ୍ଟିଆ, ଚାରିନାଳିଆ** ଆଦି ଅନେକ ଛୋଟବଡ଼ ନଦୀ ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ପଶ୍ଚିମରେ **ବୈତରଣୀ** ନଦୀରେ ମିଶିଛନ୍ତି ।

ଶାଳନ୍ଦୀ : ଶାଳନ୍ଦୀ ନଦୀଟି ଶିମିଳିପାଳର ମେଘାସନୀ ପର୍ବତମାଳାରୁ ଉତ୍ପତ୍ତିଲାଭ କରି ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ଚାନ୍ଦବାଲି ବ୍ଲକ୍‌ର ତିନିତର ଘାଟ ନିକଟରେ ବୈତରଣୀ ନଦୀ ସହ ମିଶିଛି । ଭଦ୍ରକ ସହରଟି ଶାଳନ୍ଦୀ ନଦୀ କୂଳରେ ଅବସ୍ଥିତ ।

ଦେଓ : ଏହି ନଦୀଟି ଶିମିଳିପାଳରୁ ବାହାରି ମୟୂରଭଞ୍ଜ ଜିଲ୍ଲାର ପଶ୍ଚିମ ଦିଗକୁ ପ୍ରବାହିତ ହୋଇଛି । ପଞ୍ଚପିଢ଼ (କରଞ୍ଜିଆ) ଉପଖଣ୍ଡ ଦେଇ ପ୍ରବାହିତ ହେବାପରେ କେନ୍ଦୁଝର ଜିଲ୍ଲାର ସ୍ୱାମ୍‌ପାଟଣା ନିକଟରେ ବୈତରଣୀ ନଦୀ ସହ ମିଳିତ ହୋଇଛି । ପଞ୍ଚପିଢ଼ ଉପଖଣ୍ଡର **ହାତୀବାରି**ଠାରେ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ଦେଓ ନଦୀରେ ଏକ ନଦୀବନ୍ଧ ନିର୍ମାଣ କରାଯାଇଛି ।

ଖଇରି-ଭଣ୍ଡନ : ଶିମିଳିପାଳ ଜଙ୍ଗଲରୁ ଖଇରି ଓ ଭଣ୍ଡନ ନାମରେ ଦୁଇଟି ନଦୀ ସମାନ୍ତରାଳ ଭାବେ ପ୍ରବାହିତ ହୋଇ ଯଶୀପୁର ନିକଟରେ ମିଳିତ ହୋଇଛନ୍ତି । ଏହି ଦୁଇ ନଦୀ ମିଶିଗଲା ପରେ ଏହା ଖଇରଭଣ୍ଡନ ନଦୀ ନାମରେ ଖ୍ୟାତ ହୋଇ ପଞ୍ଚପିଢ଼ ଉପଖଣ୍ଡର ଯଶୀପୁର, ଶୁକ୍ରୁଳି, ରରୁଆଁ ଦେଇ ପ୍ରବାହିତ ହେବାପରେ ଚଂପୁଆ ଓ ରରୁଆଁ ବ୍ଲକ୍‌ରେ ଅବସ୍ଥିତ ଦୋ-ମୁହାଁଣୀ ଘାଟରେ ବୈତରଣୀ ନଦୀ ସହ ମିଳିତ ହୋଇଛି ।

Digitized by srujanika@gmail.com

କାକରୀ ହ୍ରଦ (ଭୋଳକୁଣ୍ଡି)

ବୁଢ଼ାବଳଙ୍ଗ ନଦୀର ପ୍ରସିଦ୍ଧ ଭୋଳକୁଣ୍ଡି ଗଣ୍ଡ

ବୁଢ଼ାବଳଙ୍ଗ ନଦୀର ଉପରମୁଣ୍ଡରେ ନଦୀଗର୍ଭ ମଧ୍ୟରେ ବିଭିନ୍ନ ସ୍ଥାନରେ ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟଭରା ସ୍ଥାନମାନ ରହିଛି । ସେଥିମଧ୍ୟରୁ କାକରୀ ହ୍ରଦ ବା ଛିଡ଼ାନଦୀ ବା ଭୋଳକୁଣ୍ଡି ଅନ୍ୟତମ । ଚିପଟ୍ ଅସ୍ତିଆ ଦେଇ ଗଲାବେଳେ ବୁଢ଼ାଳବଙ୍ଗ ନଦୀଗର୍ଭରେ ଏକ ବିଶାଳ ଗଣ୍ଡ ଦୃଶ୍ୟମାନ ହୋଇଥାଏ । ଏହି ଗଣ୍ଡଟିର ଆକୃତି ଏକ ଘୋଡ଼ାର ଖୁରାସଦୃଶ ଏବଂ ଏଥିରେ ବହୁ ବିରଳ ଜଳଜୀବ ଦୃଶ୍ୟମାନ ହୁଅନ୍ତି । ଆହୁରି ମଧ୍ୟ ଆପଣ ବାରିପଦାରୁ ୧୮ ନମ୍ବର ଜାତୀୟ ରାଜପଥ ଦେଇ ଦରଖୋଳି ଛକରେ ପହଞ୍ଚି ସେଠାରୁ ୩ କିଲୋମିଟର ବାମକୁ ଆନିଆପାଳ ଛକ ଦେଇ ମଣିଷମୁଣ୍ଡିଆ ଗାଁରେ ପହଞ୍ଚିବେ । ମଣିଷମୁଣ୍ଡିଆ ଗ୍ରାମ ଉପକଣ୍ଠ ଦେଇ ବହିଯାଇଥିବା ବୁଢ଼ାବଳଙ୍ଗ ନଦୀ ମଧ୍ୟରେ ଏକ ବିରାଟ ଗଣ୍ଡ ରହିଛି, ଯାହାର ନାଁ ଭୋଳକୁଣ୍ଡି । ଏଠାରେ ଦୀର୍ଘଦିନ ଧରି ଏକ ଡଲ୍‌ଫିନ୍ ବାସ କରୁଥିଲା । ଭୋଳକୁଣ୍ଡିର ଏପଟେ କୁଳିଅଣା ବ୍ଲକ୍ ଥିବାବେଳେ ଅପରପାର୍ଶ୍ୱରେ ଶ୍ୟାମାଖୁଣ୍ଟ ବ୍ଲକ୍ ରହିଛି । ବୁଢ଼ାବଳଙ୍ଗ ନଦୀର ଅନ୍ୟାନ୍ୟ ମନୋରମ ସ୍ଥଳୀଗୁଡ଼ିକ ମଧ୍ୟରେ **ପାଗୁଳିଆ, ଆଡ଼ଶିଳି (ଆଡ଼ଶିଳା), ଡେରା** ଆଦି ସ୍ଥାନ ବେଶ୍ ମନୋରମ । ଏହିସବୁ ସ୍ଥାନ ପର୍ଯ୍ୟଟକଙ୍କୁ ବେଶିମାତ୍ରାରେ ଆକୃଷ୍ଟ କରିଥାଏ । ବୁଢ଼ାବଳଙ୍ଗ ନଦୀ ଶଯ୍ୟା ପାହାଡ଼ିଆ ସ୍ଥାନ ଦେଇ ଗତି କରୁଥିବାବେଳେ ଏହାର ପାର୍ଶ୍ୱରେ ଥିବା ଶିଳାଶ୍ରେଣୀ ଦୀର୍ଘ ଓ ସୁଉଚ୍ଚ କାଛ ଭଳି ମନେ ହୋଇଥାଏ । ବୁଢ଼ାବଳଙ୍ଗ ଧାରରେ ଶିଳାଶ୍ରେଣୀ ଯେହେତୁ ଆଡ଼ ହୋଇ (ଡେରା ହୋଇ) ରହିଥିବା ପରି ମନେହୁଅନ୍ତି,

Digitized by srujanika@gmail.com

ତେଣୁ ଏହାର ନାମ ଆଡ଼ଶିଳା ଏବଂ ତେରା ହୋଇଛି ।

ଆଡ଼ଶିଳି: ବୁଢ଼ାବଳଙ୍ଗ ଶଯ୍ୟାର ଆକର୍ଷଣୀୟ ଲ୍ୟାଣ୍ଡସ୍କେପ୍

ଆଡ଼ଶିଳି (ବୁଢ଼ାବଳଙ୍ଗ)ର ମୋହିନୀ ରୂପ: ଯେଉଁଠି ପାଣି ଓ ପଥରଙ୍କ ମେଳା ଚାଲିଥାଏ

ବୁଢ଼ାବଳଙ୍ଗ ନଦୀଟି ଶିମିଳିପାଳ ଜୈବମଣ୍ଡଳର ମେଘାସନ ପର୍ବତରୁ ବାହାରି ବାଲେଶ୍ୱରର ବଳରାମଗଡ଼ି ମୁହାଁଣ ନିକଟରେ ବଙ୍ଗୋପସାଗରରେ ପଡ଼ିଛି । ଉପରମୁଣ୍ଡ ବିଶେଷକରି ଶିମିଳିପାଳ ଜୈବମଣ୍ଡଳ, ବାଙ୍ଗିରିପୋଷି, କୁଳିଅଣା, ଶ୍ୟାମାଖୁଣ୍ଟା, ବାରିପଦା ଆଦି ବ୍ଲକ୍ ଅଞ୍ଚଳରେ ବୁଢ଼ାବଳଙ୍ଗର ଶଯ୍ୟା ପଥୁରିଆ ହୋଇଥିବାରୁ ଏହା ଖୁବ୍ ଆକର୍ଷଣୀୟ ଲାଗିଥାଏ । ବୁଢ଼ାବଳଙ୍ଗ ନଦୀର ଉପରମୁଣ୍ଡରେ

Digitized by srujanika@gmail.com

ନଦୀଗର୍ଭରେ ଅନେକ ଗଣ୍ଡ, ପଥୁରିଆ ଶଯ୍ୟା, ଝରଣା ଓ କୁଣ୍ଡମାନ ଦୃଶ୍ୟମାନ ହୋଇଥାଏ । ସେଥିମଧ୍ୟରୁ ଆଡ଼ଶିଳି (ଆଡ଼ଶିଳା) ଅନ୍ୟତମ । କୁଳିଅଣା ବ୍ଲକ୍ ଅନ୍ତର୍ଗତ ପାଗୁଳିଆ ଗ୍ରାପପଞ୍ଚାୟତରେ ଅବସ୍ଥିତ ଆଡ଼ଶିଳିର ପ୍ରାକୃତିକ ସୌନ୍ଦର୍ଯ୍ୟ ସତରେ ଖୁବ୍ ଚିତ୍ତାକର୍ଷକ ଓ ମନଲୋଭା । ଆଡ଼ଶିଳିର ଦିଗନ୍ତବିସ୍ତାରି ଲ୍ୟାଣ୍ଡସ୍କେପ୍, ପଥୁରିଆ ଶଯ୍ୟା ଏବଂ ଏହା ମଧ୍ୟରେ ଥିବା ନଦୀଗଣ୍ଡ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ ।

ଆପଣ ଆଡ଼ଶିଳି ଯିବାକୁ ଇଛାକଲେ ବାରିପଦା ସହରରୁ ବମ୍ବେଛକ ଆଡ଼କୁ ଯାଇଥିବା ୫ ନମ୍ବର ଜାତୀୟ ରାଜପଥ ଦେଇ ପ୍ରଥମେ କୁଚେଇ ଛକରେ ପହଞ୍ଚିବେ । କୁଚେଇ ଛକରୁ ୫ କିଲୋମିଟର ବାମକୁ କୁକୁଡ଼ାଖୁଂପି, ଘୋଡ଼ାଶାଳ ଆଦି ଗାଁ ଦେଇ ପହଞ୍ଚିବେ ଆଡ଼ଶିଳି ଗାଁରେ । ଆଡ଼ଶିଳି ଗାଁରେ ପ୍ରଥମେ ମା' ଶ୍ୟାମାକାଳୀଙ୍କୁ ଦର୍ଶନ କରି ଆପଣ ଯିବେ ଗାଁ ପାର୍ଶ୍ୱ ଦେଇ ବହିଯାଇଥିବା ବୁଢ଼ାବଳଙ୍ଗ ନଦୀଶଯ୍ୟାକୁ ।

ବୁଢ଼ାବଳଙ୍ଗ ଶଯ୍ୟାରେ ବିସ୍ତୀର୍ଣ୍ଣ ଶିଳାଶ୍ରେଣୀ ଆଡ଼ ହୋଇ ଏକ ନଦୀବନ୍ଧ ପରି ପ୍ରଖର ସ୍ରୋତପୂର୍ଣ୍ଣ ଜଳରାଶିକୁ ଅଟକାଇବାକୁ ଉଦ୍ୟମ କରୁଥା'ନ୍ତି । ଶିଳାଖଣ୍ଡସବୁ ନଦୀ ମଧ୍ୟରେ ଆଡ଼କରି ରହିଥିବାରୁ ଏହାର ନାମ ଆଡ଼ଶିଳା ହୋଇଛି । କ୍ରମେ ଏହା ଅପଭ୍ରଂଶ ହୋଇ ଆଡ଼ଶିଳି ହୋଇଛି ବୋଲି ବିଶ୍ୱାସ କରାଯାଏ । ବଡ଼ବଡ଼ ପଥରଖଣ୍ଡ ଉପରୁ ପ୍ରଖର ଜଳରାଶି କ୍ଷୀପ୍ରବେଗରେ ତଳକୁ ଖସିପଡ଼ି ମନୋରମ ଜଳପ୍ରପାତର ଭ୍ରମ ସୃଷ୍ଟି କରୁଥାନ୍ତି । ଏଠାରେ ଏକ ଗଭୀର ଗଣ୍ଡ ରହିଛି । ଏହି କୁଣ୍ଡର ନାଁ **ଗରିଆବୁଢ଼ା ଗଣ୍ଡ** । ଗରିଆବୁଢ଼ା ଗଣ୍ଡର ଅଳ୍ପ କିଛି ଦୂରରେ ଅନ୍ୟ ଏକ ଗଣ୍ଡ ରହିଛି ଯାହାର ନାଁ **ଉଭରାଂ ଗଣ୍ଡ** । ଏହି ଦୁଇ ଗଣ୍ଡରେ ବହୁମାତ୍ରାରେ ମାଛ ଓ ଅନ୍ୟାନ୍ୟ ଜଳଜୀବ ଦେଖିବାକୁ ମିଳନ୍ତି । ଆଡ଼ଶିଳିର ଏହି ପଥୁରିଆ ନଦୀଶଯ୍ୟାରେ ପୂଜା ପାଇଥା'ନ୍ତି ଗରିଆବୁଢ଼ା ଠାକୁର । ସେ ଗାଁକୁ ବିପଦଆପଦରୁ ମୁକ୍ତ କରିଥା'ନ୍ତି । ଗାଁଲୋକଙ୍କର ସବୁପ୍ରକାର ମନସ୍କାମନା ପୂରଣ କରିଥା'ନ୍ତି ।

ଡେରା: ବୁଢ଼ାବଳଙ୍ଗ ଶଯ୍ୟାରେ ପଥରମାନଙ୍କ ମେଳା

ବାଙ୍ଗିରିପୋଷି ବ୍ଲକ୍‌ର କଳାବାଡ଼ିଆ ପଞ୍ଚାୟତର ବ୍ରାହ୍ମଣଗାଁ ନିକଟରେ ବୁଢ଼ାବଳଙ୍ଗ ତା'ର ପ୍ରମୁଖ ଉପନଦୀ କାତ୍ରା (କତରା)କୁ ସାଥୀରେ ଧରି ପଥୁରିଆ ଶଯ୍ୟା ଦେଇ ପ୍ରାୟ ଦୁଇ କିଲୋମିଟର ଆଗେଇବା ପରେ ଏହି ଡେରା ପର୍ଯ୍ୟଟନସ୍ଥଳୀଟି ପଡ଼ିଥାଏ । ଏଠାରେ ବୁଢ଼ାବଳଙ୍ଗ ନଦୀ ପାହାଡ଼ିଆ ସ୍ଥାନ ଦେଇ ଗତି କରୁଥିବାବେଳେ ନଦୀର ଉଭୟ ପାର୍ଶ୍ୱରେ ଥିବା ଶିଳାଶ୍ରେଣୀ ଦୀର୍ଘ ଓ ସୁଉଚ୍ଚ କାନ୍ଥ ଭଳି ମନେ ହୋଇଥାଏ । ବୁଢ଼ାବଳଙ୍ଗ ନଦୀଧାରରେ ଶିଳାଶ୍ରେଣୀ ଡେରା ହୋଇ ରହିଥିବା ମନେ ହୋଇଥାଏ । ଏଥିପାଇଁ ଏହି ସ୍ଥାନର ନାମ 'ଡେରା' ହୋଇଛି । ବାରିପଦାରୁ ବାଙ୍ଗିରିପୋଷି ଦିଗରେ ଯାତ୍ରା କରୁଥିବା ସମୟରେ ୧୮ ନମ୍ବର ଜାତୀୟ ରାଜପଥର କୁଳିଅଣାରୁ କଳାବାଡ଼ିଆ ଛକ

Digitized by srujanika@gmail.com

କୁଳିଅଣା ବ୍ଲକ୍ ଅନ୍ତର୍ଗତ ଡେରାରେ ବୁଢ଼ାବଳଙ୍ଗର ଆକର୍ଷଣୀୟ ରୂପ

ମଧ୍ୟରେ ଏକ ସ୍ଥାନ ପଡ଼େ ଯାହାର ନାଁ **ଶୁଖୁଆପୋଡ଼ା** । କୁଳିଅଣା ବ୍ଲକ୍ ଅନ୍ତର୍ଗତ ଏହି ଶୁଖୁଆପଡ଼ା ଛକରୁ ବାମକୁ ୧ କିଲୋମିଟର ପାଦଚଲା ରାସ୍ତା ଦେଇ ଗଲେ ବୁଢ଼ାବଳଙ୍ଗର ଏହି ପଥୁରିଆ ଶଯ୍ୟା ଦୃଶ୍ୟମାନ ହୋଇଥାଏ । ବୁଢ଼ାବଳଙ୍ଗ ନଦୀ ଏହି ସ୍ଥାନରେ ଥିବା ପାହାଡ଼କୁ କାଟି ଅଗ୍ରସର ହେଉଥିବାବେଳେ ଉଭୟ ପାର୍ଶ୍ୱରେ ଥିବା ବିସ୍ତୀର୍ଣ୍ଣ ପଥର ଏକ ପ୍ରାଚୀରର ଭ୍ରମ ସୃଷ୍ଟି କରିଥାଏ ଏବଂ ନଦୀ ଶଯ୍ୟାରେ ରାଶିରାଶି ପଥର ଖଣ୍ଡ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ନଦୀର ଉଭୟ ପାର୍ଶ୍ୱରେ କେବଳ ପଥରମାନଙ୍କର ମେଳା ବସିଥିବାର ମନେ ହୋଇଥାଏ । ଏହି ପଥୁରିଆ ଶଯ୍ୟାକୁ

Digitized by srujanika@gmail.com

ପ୍ରତିବର୍ଷ ଶୀତଦିନେ ବହୁସଂଖ୍ୟାରେ ସ୍ଥାନୀୟ ଅଞ୍ଚଳର ପର୍ଯ୍ୟଟକମାନେ ପିକ୍‌ନିକ୍ କରିବାକୁ ଆସନ୍ତି ।

ଘୋଡ଼ାମୁହାଁ (ଜଉମାରା)

ବାଙ୍ଗିରିପୋଷି ବ୍ଲକ୍ ବଣକାଟି ପଞ୍ଚାୟତରେ କଳାବାଡ଼ିଆ-ବାଙ୍ଗିରିପୋଷି ରାସ୍ତାରେ ଅବସ୍ଥିତ ଘୋଡ଼ାମୁହାଁରେ ପ୍ରତିବର୍ଷ ଶୀତଋତୁରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥାଏ । ଏଠାରେ ଇଂରେଜ ଅମଳର ଏକ ପୁରୁଣା ପୋଲି ରହିଛି । ମାତ୍ର ଏହି ପୋଲକୁ ଭାଙ୍ଗି ଏବେ ଏକ ନୂତନ ପୋଲ ନିର୍ମିତ ହୋଇଛି । ଏହି ସ୍ଥାନରେ ବୁଢ଼ାବଳଙ୍ଗ ନଦୀଟି ସଂପୂର୍ଣ୍ଣ 'ୟୁ' ଆକାର ଧାରଣ କରିଛି । ଏହାର ଅପରପାର୍ଶ୍ୱରେ ପଥୁରିଆ ଶଯ୍ୟା ସାଙ୍ଗକୁ ଝିଙ୍କ ପାହାଡ଼ି (ଟୁଲିଆ ପାହାଡ଼) ସ୍ଥାନଟିର ଗୁରୁତ୍ୱ ବୃଦ୍ଧି କରିଥାଏ । ଏଠାକାର ପାହାଡ଼, ଜଙ୍ଗଲ ଓ ପ୍ରାକୃତିକ ପରିବେଶ ବେଶ ଆକର୍ଷଣୀୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ଏକ ଅସ୍ଥାୟୀ ସେନା ଛାଉଣୀ ନିର୍ମିତ ହୋଇଥିବାର ଶୁଣିବାକୁ ମିଳେ ।

ଦୋ' ମୁହାଁଣୀ (ବୁଢ଼ାବଳଙ୍ଗ ଓ କାତ୍ରା ନଦୀର ମିଳନ ସ୍ଥଳ)

ବାଙ୍ଗିରିପୋଷି ବ୍ଲକ୍ ବ୍ରାହ୍ମଣଗାଁ ନିକଟରେ ବୁଢ଼ାବଳଙ୍ଗ ଓ କାତ୍ରା ନଦୀର ମିଳନ ସ୍ଥଳ

ବିଜାତଳା ବ୍ଲକ୍‌ରେ ଅବସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ **ବିଂଦର୍ହ**ର ଉପରମୁଣ୍ଡରେ ରାଇରଙ୍ଗପୁର ବ୍ଲକ୍‌ର **ଛତ୍ରମଣ୍ଡଳ ଦୁଡ଼ି** ଏବଂ **କଲ୍‌ସୀଭଙ୍ଗା ପାହାଡ଼**ରୁ କାତରା ନଦୀ ଉତ୍ପତ୍ତିଲାଭ କରିଛି । କାତ୍ରା ନଦୀଟି ଏଠାରୁ ଉତ୍ପତ୍ତିଲାଭ କରିବା ପରେ ବିଂଦର୍ହରୁ କିଛି ପଥ ଅତିକ୍ରମ କରି ସାରସକଣା ବ୍ଲକ୍‌ର କାଣ୍ଡିଆ ପାହାଡ଼ର ଉପରମୁଣ୍ଡରୁ ତଳକୁ ଖସି ଏକ ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରିଛି । ଏହି ଜଳପ୍ରପାତର

Digitized by srujanika@gmail.com

ନାଁ **କାଣ୍ଡିଆଲୁଙ୍କା ।** କାତ୍ରା ନଦୀଟି ରାଇରଙ୍ଗପୁର, ବିଜାତଳା, ସାରସକଣା, ବାଙ୍ଗିରିପୋଷି ବ୍ଲକ୍ ଦେଇ ପ୍ରବାହିତ ହେବାପରେ ବାଙ୍ଗିରିପୋଷି ବ୍ଲକ୍ **କଳାବାଡ଼ିଆ ପଞ୍ଚାୟତର ବ୍ରାହ୍ମଣଗାଁ ନିକଟ** (କୁଳିଅଣା ବ୍ଲକ୍‌ର **ଦେଭାର** ଉପରମୁଣ୍ଡ)ରେ ବୁଢ଼ାବଳଙ୍ଗ ନଦୀ ସହ ମିଳିତ ହୋଇଛି । ପଥୁରିଆ ଶଯ୍ୟା ଉପରେ ବୁଢ଼ାବଳଙ୍ଗ ଓ ଉପନଦୀ କାତ୍ରାର ମିଳନ ଫଳରେ ଏଠାରେ ଏକ ମୁହାଁଣ ସୃଷ୍ଟି ହୋଇଛି ଯାହା ସ୍ଥାନୀୟ ଅଞ୍ଚଳରେ **ଦୋ'ମୁହାଁଣୀ** ଭାବେ ପରିଚିତ । ଦୋ' ମୁହାଁଣୀର ଗୋଟିଏ ପାର୍ଶ୍ୱରେ କଳାବାଡ଼ିଆ ପଞ୍ଚାୟତର ବ୍ରାହ୍ମଣଗାଁ, ପାଣିଶୋଳ, ଜଗନ୍ନାଥପୁର ଆଦି ଗାଁ ଥିବାବେଳେ ଅପରପାର୍ଶ୍ୱରେ କୁଳିଅଣା ବ୍ଲକ୍‌ର ଅଦାପାଳ, କୁଡ଼ିଆପାଳ, ପାଡିହିଞ୍ଜା ଆଦି ଗାଁ ଓ ବିସ୍ତୀର୍ଣ୍ଣ ଚାଷଜମି ରହିଛି । ଏଠାରେ ଥିବା ପଥୁରିଆ ଶଯ୍ୟାକୁ ଖୋଳି ଦୁଇଟି ନଦୀର ଗତିକୁ ଲକ୍ଷ୍ୟ କଲେ ମନରେ ରୋମାଞ୍ଚ ସୃଷ୍ଟି ହୋଇଥାଏ ।

ଦୋ' ମୁହାଁଣୀ ଘାଟ (ବୈତରଣୀ ଓ ଖଇରି-ଭଣ୍ଡନ ନଦୀର ମିଳନ ସ୍ଥଳ)

ମୟୂରଭଞ୍ଜ ଜିଲ୍ଲାର ଶୁକ୍ରୁଳି ଏବଂ କେନ୍ଦୁଝର ଜିଲ୍ଲାର ଚଂପୁଆ ବ୍ଲକ୍ ସୀମାରେ ରହିଛି ଏହି ପୁରାଣପ୍ରସିଦ୍ଧ ପ୍ରାଚୀନ ଦୋ-ମୁହାଁଣୀ ଘାଟ । ବୈତରଣୀ ଓ ଏହାର ଉପନଦୀ ଖଇରି-ଭଣ୍ଡନ (କଣ୍ଟାଖଇରି ଓ

ବୈତରଣୀ ଓ ଖଇରୀ-ଭଣ୍ଡନ ନଦୀର ମିଳନ ସ୍ଥଳ 'ଦୋମୁହାଁଣି'

Digitized by srujanika@gmail.com

ଦୋମୁହାଁଣି ନିକଟରୁ ଉଦ୍ଧାର କରାଯାଇଥିବା ପୁରାତନ ପଥର ମୂର୍ତ୍ତି ଓ ମନ୍ଦିରର ଭଗ୍ନାବଶେଷ

ଭଣ୍ଡନ ନଦୀର ମିଳନରେ ସୃଷ୍ଟି)ର ମିଳନ ସ୍ଥଳରେ ଥିବା ଏହି ଦୋ-ମୁହାଁଣୀ ଘାଟଟି ଐତିହାସିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଦୋ-ମୁହାଁଣି ଘାଟଟିର ଗୋଟିଏ ପଟେ ମୟୂରଭଞ୍ଜ ଜିଲ୍ଲାର ଶୁକ୍ଳି ବ୍ଲକ୍‌ର ଆଦିପୁର (ପୁରାତନ ଆଦିପୁରଗଡ଼) ଏବଂ ଅନ୍ୟପଟେ କେନ୍ଦୁଝର ଜିଲ୍ଲାର ଚଂପୁଆ ବ୍ଲକ୍‌ର ପଦ୍ମପୁର (ପୁରାତନ ଜ୍ୟୋତିପୁରଗଡ଼ ସନ୍ନିକଟ)ରହିଛି । ପୂର୍ବେ ଏହା ଏକ ପ୍ରାଚୀନ ନଦୀ ଘାଟ ଭାବେ ବିଶେଷ ଖ୍ୟାତି ଅର୍ଜନ କରିଥିଲା । ଏବେ ବି ଏହି ନଦୀ ଘାଟରେ କାଠ ନିର୍ମିତ ଦେଶୀ ଡଙ୍ଗା ସହାୟତାରେ ମୟୁରଭଞ୍ଜ ଓ କେନ୍ଦୁଝରର ଲୋକେ ନଦୀ ପାର ହୋଇଥା'ନ୍ତି ।

ଏହି ଘାଟରେ ବୁଡ଼ ପକେଇଲେ କିମ୍ବା ଅସ୍ଥି ବିସର୍ଜନ କଲେ ମୋକ୍ଷପ୍ରାପ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ପ୍ରତିବର୍ଷ ଶୀତଦିନେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି ।

ଏଠାରେ ମାର୍କଣ୍ଡ ଋଷିଙ୍କ ପୁତ୍ର ମୃକଣ୍ଡ ମହର୍ଷିଙ୍କ ମଠ ସ୍ଥାପନ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହନ୍ତି । ଆଦିପୁରର ଇଷ୍ଟଦେବତା ନୀଳକଣ୍ଠେଶ୍ୱର ମହାଦେବ ହୋଇଥିବାବେଳେ ଏଠାରେ ତାଙ୍କର ଏକ କାରୁକାର୍ଯ୍ୟଭରା ପୁରୁଣା ମନ୍ଦିର ରହିଛି । ପୁରୁଣା ମନ୍ଦିରଟି ସମୟାନୁକ୍ରମେ ଭାଙ୍ଗିରୁଜି ଯାଇଛି । ତେବେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହଯୋଗରେ ଏଠାରେ ଏକ ନୂତନ ମନ୍ଦିର ନିର୍ମିତ ହୋଇପାରିଛି ।

ଦୋ-ମୁହାଁଣୀ ଘାଟର ପବିତ୍ର ପାଣି ସଂଗ୍ରହ କରି ଯେଉଁ ସ୍ଥାନରେ ସିଞ୍ଚନ କରାଯିବ ସେ ସ୍ଥାନ ଶୁଦ୍ଧ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି । ଏଠାରେ ମହାଶିବରାତ୍ରୀ, ମକର ମେଳା ବେଶ୍ ଧୁମଧାମରେ ପାଳିତ ହୋଇଥାଏ । ଏହି ଦୋ-ମୁହାଁଣୀ ଘାଟକୁ ପଞ୍ଚତୀର୍ଥ ବୋଲି ବର୍ଣ୍ଣନା କରାଯାଇଥାଏ ।

Digitized by srujanika@gmail.com

ପୁରାଣର ବର୍ଣ୍ଣନା ଅନୁସାରେ, ଏହି ଘାଟ ଗଂଗାଠାରୁ ମଧ୍ୟ ପ୍ରାଚୀନ । ଏହି ପଞ୍ଚତୀର୍ଥରେ ଜଳେଶ୍ୱର ମହାଦେବ, ମହୋଦଧି, ମୁକ୍ତେଶ୍ୱର ମହାଦେବ, ଧବଳେଶ୍ୱର ଓ ନୀଳକଣ୍ଠେଶ୍ୱର ବିରାଜମାନ କରିଛନ୍ତି । ଦୋ-ମୁହାଁଣୀ ଘାଟ ସନ୍ନିକଟ ରୂପା କୁଣ୍ଡଠାରେ ମୂର୍କଣ୍ଡ ଋଷିଙ୍କର ଯଜ୍ଞକୁଣ୍ଡ ରହିଥିବାର ସ୍ଥାନୀୟ ଲୋକେ କୁହନ୍ତି । ଏହି କୁଣ୍ଡଟି ବୈତରଣୀ ନଦୀର ଏକ ଗଭୀର ଗଣ୍ଡ ମଧ୍ୟରେ ଅବସ୍ଥିତ ।

ଦୋ-ମୁହାଁଣୀ ଘାଟରେ ମଧ୍ୟ ଜାତିର ପିତା ମହାତ୍ମା ଗାନ୍ଧୀ, ଶାନ୍ତି ଦୂତ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଚିତାଭସ୍ମ ବିସର୍ଜନ କରାଯାଇଛି । ପ୍ରାଚୀନ କୀର୍ତ୍ତି ବହନ କରିଆସୁଥିବା ନୀଳକଣ୍ଠେଶ୍ୱର ମନ୍ଦିର, ଭଗ୍ନ ଅବସ୍ଥାରେ ପଡିରହିଥିବା ବହୁ ପ୍ରାଚୀନ କୀର୍ତ୍ତିରାଜି ବୈତରଣୀ ଓ ଖଇରିଭଣ୍ଡନ ନଦୀର ଗତିପଥ ପରିବର୍ତ୍ତନ ଯୋଗୁଁ ନଦୀ ମଧ୍ୟରେ ଲୀନ ହୋଇଯାଇଛି ।

ରରୁଆଁର ସୁନାଯୋଡ଼ି ଦର୍ହ

ଖଇରୀ-ଭଣ୍ଡନ ନଦୀର ପଥୁରିଆ ଶଯ୍ୟା ଦେଇ ଛଳଛଳ ବହି ଯାଉଥିବା କାଚକେନ୍ଦୁ ନୀଳ ଝରଣା ଏବଂ ନଦୀ ଚାରିକଡ଼େ ଥିବା ଘଞ୍ଚ ଜଙ୍ଗଲ ଓ ନଦୀ ଗର୍ଭରେ ଥିବା ବିଶାଳ ଗଣ୍ଡ; ଏସବୁର ସମାହାର ହେଉଛି ସୁନାଯୋଡ଼ି ପର୍ଯ୍ୟଟନସ୍ଥଳ । ଏଠାରେ ଖଇରୀ-ଭଣ୍ଡନ ନଈର ଦୃଶ୍ୟ ଖୁବ୍ ମନୋହର । ମୟୂରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକ୍ ଅନ୍ତର୍ଗତ ଭଞ୍ଜକିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡାକୁଡ଼ିପାଳ ଗାଁ ନିକଟରେ ଭଣ୍ଡନ ନଦୀରେ ଏହି ସୁନାଯୋଡ଼ି ପର୍ଯ୍ୟଟନସ୍ଥଳଟି ରହିଛି । ଏଠାରେ ଭଣ୍ଡନ ନଦୀର ପଥୁରିଆ ଶଯ୍ୟା ସାଙ୍ଗକୁ ଏକ ବିଶାଳ ଗଣ୍ଡ ରହିଛି । ଏହି ଗଭୀର ଗଣ୍ଡଟି ଏକ ପ୍ରାକୃତିକ ହ୍ରଦର

ରରୁଆଁ ବ୍ଲକ୍ ଡାକୁଡ଼ିପାଳରେ ଭଣ୍ଡନ ନଦୀ ଗର୍ଭ ମଧ୍ୟରେ ଥିବା ପ୍ରସିଦ୍ଧ ସୁନାଯୋଡ଼ି ଗଣ୍ଡ

Digitized by srujanika@gmail.com

ସୁନାଯୋଡ଼ି ଗଣ୍ଡରେ ପଥରମାନଙ୍କ ଆକର୍ଷଣୀୟ ରୂପ

ଭ୍ରମ ସୃଷ୍ଟି କରିଥାଏ ଏବଂ ଏହି ଗଣ୍ଡଟି କେତେ ଗଭୀର ତାହା ସ୍ଥାନୀୟ ଲୋକେ କହିପାରନ୍ତି ନାହିଁ । ଏଠାରେ ନଦୀ ଶଯ୍ୟାରେ ପଡ଼ିଥିବା ଧାଡ଼ିକି ଧାଡ଼ି କଳାମୁଗୁନି ପଥରର ଚିକ୍କଣ ଓ ବଡ଼ବଡ଼ ପଥରଖଣ୍ଡ ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକର୍ଷିତ କରିଥାଏ । ରରୁଆଁରୁ ଯଶୀପୁର ରାସ୍ତାର ମଝିରେ ସୁନାଯୋଡ଼ି ପର୍ଯ୍ୟଟନସ୍ଥଳଟି ଅବସ୍ଥିତ । ଏହାର ନିକଟରେ ନଦୀର ଅପରପାର୍ଶ୍ୱରେ ରହିଛି

ସୁନାଯୋଡ଼ି ଗଣ୍ଡରେ ପଥରମାନଙ୍କ ଆକର୍ଷଣୀୟ ରୂପ

Digitized by srujanika@gmail.com

କୁଡିଆମ ଜଙ୍ଗଲ । ଏଠାରେ ପ୍ରତିବର୍ଷ ଶୀତ ଓ ବସନ୍ତ ଋତୁରେ ପର୍ଯ୍ୟଟକଙ୍କ ଗହଳି ଜମିଥାଏ । ମାତ୍ର ଏଠାକୁ ରାସ୍ତା ନଥିବାରୁ ଏଠାକୁ ବହୁ ସଂଖ୍ୟାରେ ବାହାରର ପର୍ଯ୍ୟଟକ ଆସିପାରି ନଥାନ୍ତି । ଏଠାରେ ଥିବା ଗଭୀର ଗଣ୍ଡରେ ବୋଟିଂ, ଲାଇଟ୍ ଆଣ୍ଡ ସାଉଣ୍ଡର ବ୍ୟବସ୍ଥା କରାଯାଇପାରିଲେ ଏହା ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳର ମାନ୍ୟତାଲାଭ କରିପାରିବ । ସୁନାଯୋଡ଼ି ପର୍ଯ୍ୟଟନସ୍ଥଳକୁ ନେଇ ସ୍ଥାନୀୟ ଅଞ୍ଚଳରେ ବହୁ କିମ୍ବଦନ୍ତୀ ରହିଛି । ଶୁଣାଯାଏ, ଏଠାରେ ଜଣେ ଆଦିମ ଜନଜାତି ଲୋକ ମଇଁଷି ଚରାଇବାକୁ ଆସିଥିବାବେଳେ ମଇଁଷିଗୁଡ଼ିକ ଗଭୀର ଗଣ୍ଡରେ ବୁଡ଼ି ଯାଇଥିଲେ । ଏଣୁ ଏଠାରେ ଅନେକ ସମୟରେ ନିରୋଳା ମୁହୂର୍ତ୍ତରେ ମଇଁଷିମାନଙ୍କର ଆର୍ତ୍ତନାଦ ଶୁଣାଯାଇଥାଏ । ମଇଁଷିମାନଙ୍କର ଏହି କରୁଣ କ୍ରନ୍ଦନ ଶୁଣି ସ୍ଥାନୀୟ ଲୋକଙ୍କ ମନରେ ଭୟ ସଂଚାର ହୋଇଥାଏ ବୋଲି ସ୍ଥାନୀୟ ଜଣେ ଯୁବକ ଚୁନୁ ତିରିଆ କହନ୍ତି ।

କରଞ୍ଜିଆର ତିନିଧାରିଆ (ତ୍ରିଧାରା)

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ର ମହାଦେବଦେଉଳି ନିକଟରେ ବୈତରଣୀ ଓ ଏହାର ଉପନଦୀ ଦେଓର ସଙ୍ଗମ ସ୍ଥଳର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଓ ମନଲୋଭା । ମହାଦେବଦେଉଳି ନିକଟରେ

କରଞ୍ଜିଆ: ବୈତରଣୀ ଓ ଦେଓ ନଦୀର ମିଳନ ସ୍ଥଳ 'ତ୍ରିଧାରା'

Digitized by srujanika@gmail.com

କରଞ୍ଜିଆ ତ୍ରିଧାରାର ସାମାନ୍ୟ ଆଗକୁ ବୈତରଣୀ ନଦୀ

ବୈତରଣୀ ନଦୀରୁ ଏକ ଶାଖା ସୃଷ୍ଟି ହୋଇଛି ଏବଂ ଏଠାରେ ମଧ୍ୟ ବୈତରଣୀ ଓ ତା'ର ଶାଖା ନଦୀ ସହ **ଦେଓ (ଦେବ ନଦୀ)**ର ମିଳନ ଘଟି **'ତିନିଧାରିଆ'** ବା **'ତ୍ରିଧାରା'** ସୃଷ୍ଟି ହୋଇଛି । ଦେଓ ନଦୀ ଶିମିଳିପାଳ ପାର୍ବତ୍ୟାଞ୍ଚଳରୁ ବାହାରି ଯଶୀପୁର, କରଞ୍ଜିଆ, ସାହାରପଡ଼ା (କେନ୍ଦୁଝର) ବ୍ଲକ୍ ଦେଇ ପ୍ରବାହିତ ହେବାପରେ ମୟୂରଭଞ୍ଜ ଜିଲ୍ଲାର ମହାଦେବଦେଉଳି ନିକଟରେ ବୈତରଣୀ ସହ ମିଳିତ ହୋଇଛି । ଏହି ମିଳନ ସ୍ଥଳରେ ବୈତରଣୀ ନଦୀରୁ ଏକ ଶାଖା ବାହାରିବା ସହ ଦେଓ ନଦୀ ମିଶି ମୋଟ ତିନୋଟି ଧାର ସୃଷ୍ଟି କରିଥିବାରୁ ଏହାର ନାମ 'ତିନିଧାରିଆ' ବା 'ତ୍ରିଧାରା' ହୋଇଛି ।

ତିନିଧାରିଆଠାରେ ବୈତରଣୀ ନଦୀ ଗର୍ଭରେ ଏକ ବିରାଟ ଆକାରର ପ୍ରସ୍ତର କୁଦ (ଚଟାଣ) ରହିଛି । ଏହାକୁ ସ୍ଥାନୀୟ ଭାଷାରେ **'ନିମିତି କୁଦର'** ବୋଲି କୁହାଯାଇଥାଏ । ଏଠାରେ ପ୍ରତିବର୍ଷ ମକର ମେଳା ଏବଂ ସାନ୍ତାଳମାନଙ୍କର ଦାମୋଦର ପର୍ବ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ । ତିନିଧାରିଆର ପୂର୍ବପାର୍ଶ୍ୱରେ କେନ୍ଦୁଝର ଜିଲ୍ଲା ସ୍ୱାମ୍‌ପାଟଣା ବ୍ଲକ୍‌ର ତୁରୁମୁଙ୍ଗା, ତ୍ରିବିନ୍ଧା, ତିଣ୍ଡା ଆଦି ସ୍ଥାନ ରହିଥିବାବେଳେ ପଶ୍ଚିମରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ର ଚଢେଇଭୋଳ, ମହାଦେବଦେଉଳି ଆଦି ସ୍ଥାନ ରହିଛି । ଏହି ମହାଦେବଦେଉଳି ଗ୍ରାମରେ ମହାଦେବ ଝାଡେଶ୍ୱରଙ୍କ ଏକ ମନ୍ଦିର ରହିଛି ।

Digitized by srujanika@gmail.com

ଶୀର୍ଷାର ମେରୁ ମଠ, ସୁବର୍ଣ୍ଣରେଖାର ଆକର୍ଷଣୀୟ 'ପଥର ଶଯ୍ୟା'

ଯେଉଁଠି ସଂଜ ନଇଁଗଲେ ସୂର୍ଯ୍ୟର ସୁନେଲୀ କିରଣ ବିଛାଡ଼ି ହୋଇପଡ଼େ ସୁବର୍ଣ୍ଣରେଖାର ଚକ୍‌ଚକ୍ ବାଲୁକା ଶଯ୍ୟାରେ, ଯେଉଁଠି ଓଡ଼ିଶା-ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ ପରସ୍ପରକୁ ଆଲିଙ୍ଗନ କରନ୍ତି ସେହିଭଳି

ଶିର୍ଷା ମେରୁମଠ ନିକଟରେ ସୁବର୍ଣ୍ଣରେଖା

ସ୍ଥାନର ନାଁ ହେଉଛି 'ଶିର୍ଷା ମେରୁମଠ' । ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ସାରସକଣା ବ୍ଲକ୍‌ର ଶିର୍ଷା ଗାଁର ପାଦଦେଇ ବହିଯାଇଛି ସୁବର୍ଣ୍ଣରେଖା ନଦୀ । ସୁବର୍ଣ୍ଣରେଖାର ଏହି ସ୍ଥାନର ଗୋଟିଏ ପଟେ ଓଡ଼ିଶା, ଗୋଟିଏ ପଟେ ଝାଡ଼ଖଣ୍ଡ ଓ ଅନ୍ୟପଟେ ରହିଛି ପଶ୍ଚିମବଙ୍ଗ । ନିକଟରେ ଅଛି ଜାମଶୋଳା ଆନ୍ତଃରାଜ୍ୟ ଚନ୍ଦଖି ଫାଟକ । ଶିର୍ଷାଠାରେ ରହିଛି ମହିମା ଧର୍ମର ବହୁ ପୁରାତନ ମଠ । ଏହାର ନାମ ମେରୁମଠ । ଯୋରନ୍ଦାର ମହିମା ମଠ ପରେପରେ ଏହି ମେରୁମଠ ହେଉଛି ରାଜ୍ୟର ଅନ୍ୟତମ ପ୍ରମୁଖ ପୁରାତନ ମହିମା ମଠ । ଏଠାରେ ପ୍ରତିବର୍ଷ ମହିମା ଧର୍ମର ମାଘମେଳା ଧୁମ୍‌ଧାମରେ ପାଳିତ ହୋଇଥାଏ । ଏହି ମଠର ନବକିଶୋର ବାବା ଜଣେ ପ୍ରଖ୍ୟାତ କବିରାଜ ଥିଲେ । ସମଗ୍ର ମୟୂରଭଞ୍ଜ ଜିଲ୍ଲାରୁ ବହୁ ଭକ୍ତ ଓ ରୋଗୀ ବାବାଙ୍କ ନିକଟରୁ ଆୟୁର୍ବେଦିୟ ଔଷଧ ନେଇ ଆରୋଗ୍ୟଲାଭ କରୁଥିଲେ ।

Digitized by srujanika@gmail.com

ଶିର୍ଷା ମେରୁମଠ ନିକଟରେ ସୁବର୍ଣ୍ଣରେଖା

ଏଠାରେ ଥିବା ଔଷଧୀୟ ଏବଂ ଫଳ ଉଦ୍ୟାନରେ ବିଭିନ୍ନ ଫଳ, ପୁଷ୍ପ ଓ ବହୁ ମୂଲ୍ୟବାନ ବୃକ୍ଷ ରହିଛି । ମହିମାଧର୍ମୀ ନବକିଶୋର ବାବା ଏଠାରେ ପ୍ରାୟ ୨୦ ଏକର ଜମି ଉପରେ ଏକ ଔଷଧୀୟ ବଗିଚା (ହର୍ବାଲ୍ ଗାର୍ଡେନ) ପ୍ରତିଷ୍ଠା କରିଥିଲେ । ଏଠାରେ ଯାବତୀୟ ଔଷଧୀୟ ବୃକ୍ଷ ରହିଥିଲା ।

ଏଠି ସୁବର୍ଣ୍ଣରେଖା ନଦୀ ଗର୍ଭ ବେଶ୍ ଆକର୍ଷଣୀୟ ଓ ପଥର ଶଯ୍ୟାବିଶିଷ୍ଟ । ଏହି ପଥର ଶଯ୍ୟାରେ ରହିଛି ଏକ ଆଶ୍ଚର୍ଯ୍ୟଜନକ ପ୍ରାକୃତିକ ନିର୍ମାଣ, ଯାହାର ନାଁ 'ଭୀମ ଆଣ୍ଠୁଆ ଖୋଲ' । ଏଠାରେ ଭୀମଙ୍କର ଆଣ୍ଠୁ ଓ ପଦଚିହ୍ନ ରହିଛି । କୁହାଯାଏ ଏଠାକୁ ଦ୍ୱିତୀୟ ପାଣ୍ଡବ ଭୀମ ଆସିଥିଲେ । ଏହାର ଐତିହାସିକ ଓ ପୌରାଣିକ ସତ୍ୟତା ମଧ୍ୟ ରହିଛି । ଏହାର ନିକଟରେ ଖିଚିଂଠାରେ ରହିଛି ବିରାଟଗଡ଼ ଓ କୀଚକଗଡ଼ । ଏଠାରେ ପାଣ୍ଡବମାନେ ଅଜ୍ଞାତବାସ କରୁଥିବା ସମୟରେ ଭୀମ ସୁବର୍ଣ୍ଣରେଖା ନଦୀକୂଳେକୂଳେ ଏହି ଶିର୍ଷାକୁ ଆସିଥିଲେ ବୋଲି ବିଶ୍ୱାସ କରାଯାଏ ।

ବାଙ୍କବଳର ଆକର୍ଷଣୀୟ ପ୍ରସ୍ତର ଶଯ୍ୟା 'ହାତୀବାରି'

ବିଜାତଳା ବ୍ଲକ୍ ଦେଇ ବାଙ୍କବଳ ନଇ ପ୍ରବାହିତ ହୋଇଛି । ବାଙ୍କବଳ ନଇଟି ପଥୁରିଆ ଅଞ୍ଚଳ ଦେଇ ଗତିକରିଥିବାରୁ ଏହାର ଅଧିକାଂଶ ଶଯ୍ୟା ଖୁବ୍ ଆକର୍ଷଣୀୟ ଲାଗିଥାଏ । ସେହିଭଳି ଏକ

Digitized by srujanika@gmail.com

ବାଙ୍କବଳ ନଦୀ ମଧ୍ୟରେ ଥିବା ପ୍ରସିଦ୍ଧ 'ହାତୀବାରି' ପର୍ଯ୍ୟଟନ ସ୍ଥଳ

ଆକର୍ଷଣୀୟ ପଥର ଶଯ୍ୟା ହେଉଛି ଖନ୍ତ ନିକଟସ୍ଥ ହାତୀବାରି ପ୍ରସ୍ତର ଶଯ୍ୟା । ବଡ଼ବଡ଼ ଶିଳାଖଣ୍ଡ ଦେଇ ଜଳ ପ୍ରବାହିତ ହେଉଥିବାର ଦୃଶ୍ୟ ଖୁବ୍ ମନମୁଗ୍ଧକର । ଏଠାରେ ଏକ କ୍ଷୁଦ୍ର ଗଣ୍ଡ ରହିଛି । ବାଙ୍କବଳର ବିସ୍ତୀର୍ଣ୍ଣ ପଥର ଶଯ୍ୟା ଓ ଶିଳାଖଣ୍ଡ ମଧ୍ୟଦେଇ କୁଳୁକୁଳୁ ହୋଇ ବହିଯାଉଥିବାର ଦୃଶ୍ୟ ସତେଯେମିତି କେଉଁ ଶିଳ୍ପୀର କାନ୍‌ଭାସ୍‌ରେ ଏକ ଜୀବନ୍ତ ପେଣ୍ଟିଂର ଭ୍ରମ ସୃଷ୍ଟି କରୁଥାଏ । ଶୀତଦିନେ ଏଠାରେ ପିକ୍‌ନିକ୍ ପାଇଁ ବହୁ ପର୍ଯ୍ୟଟକଙ୍କ ସମାବେଶ ଘଟିଥାଏ ।

Digitized by srujanika@gmail.com

ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଜଳ ପ୍ରପାତ ଓ ନଦୀକୁଣ୍ଡ

ମୟୂରଭଞ୍ଜକୁ ପାହାଡ଼, ଝରଣା ଓ ଜଳପ୍ରପାତର ଜିଲ୍ଲା କହିଲେ ବି ଭୁଲ୍ ହେବନି । କାରଣ ଏହି ଜିଲ୍ଲାରେ ଅନେକ ଝରଣା, ଜଳପ୍ରପାତ ଓ ପ୍ରସିଦ୍ଧ କୁଣ୍ଡମାନ ରହିଛି । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜୈବମଣ୍ଡଳରେ ବରେହିପାଣି, ଯୋରନ୍ଦା, ଉସ୍କି, ଦେବକୁଣ୍ଡ, ସୀତାକୁଣ୍ଡ, ଭୀମକୁଣ୍ଡ, କେଶରୀକୁଣ୍ଡ, ବ୍ରାହ୍ମଣକୁଣ୍ଡ, ଭୈରବକୁଣ୍ଡ, ମାଛକାନ୍ଦଣା, ଲୁଲୁଆ, ମହୁଲଝରନ୍, ଟୁଙ୍ଗି, ଚିଙ୍ଗୁଡ଼ିଆ, ଅଁଳା, ମଈଷିଗୋଳା, ବିଞ୍ଜଦର, ବିଲାପଘା, ମଣିଭଦ୍ରା, ଅଲକୁଦର, କାଣ୍ଡିଆଲୁକା ଭଳି ପ୍ରସିଦ୍ଧ ଜଳପ୍ରପାତ ଓ କୁଣ୍ଡମାନ ରହିଛି । ଏଥିମଧ୍ୟରୁ ଶତକଡ଼ା ଅଶୀ ଭାଗ ଜଳପ୍ରପାତ କେବଳ ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅବସ୍ଥିତ । ଏସଂପର୍କରେ ଶିମିଳିପାଳ ପରିଚ୍ଛେଦରେ ସବିଶେଷ ଆଲୋଚନା କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର କିଛି ଜଳପ୍ରପାତ ଓ ଜଳକୁଣ୍ଡ ଓଡ଼ିଶା କାହିଁକି ଓଡ଼ିଶା ବାହାର ପର୍ଯ୍ୟଟକଙ୍କୁ ନିଜ ଆଡକୁ ଆକର୍ଷିତ କରିଥାଏ ।

ଭୀମକୁଣ୍ଡ

ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳଟି ବୈତରଣୀ ନଦୀ ଗର୍ଭରେ ଅବସ୍ଥିତ । ଏହାର ଗୋଟିଏ ପାର୍ଶ୍ୱରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥିଲାବେଳେ ଅନ୍ୟ ପାର୍ଶ୍ୱରେ କେନ୍ଦୁଝର ଜିଲ୍ଲାର ସ୍ୱାମ୍ପାଟଣା ଅବସ୍ଥିତ । ଏଠାରେ ବୈତରଣୀ ନଦୀ ମଧ୍ୟରେ ଥିବା ଏକ ଗଭୀର କୁଣ୍ଡରେ ଦ୍ୱିତୀୟ ପାଣ୍ଡବ ଭୀମ

ଭୀମକୁଣ୍ଡ (ବୈତରଣୀ ନଦୀ)

Digitized by srujanika@gmail.com

ଭୀମକୁଣ୍ଡ (ବୈତରଣୀ ନଦୀ)

ସ୍ନାନ କରିଥିବାରୁ ଏହାର ନାମ 'ଭୀମ କୁଣ୍ଡ' ହୋଇଛି ବୋଲି ବିଶ୍ୱାସ କରାଯାଏ ।

ଭୀମକୁଣ୍ଡରେ ଦେବୀ ସୁନାମୁହିଁ ମଧ୍ୟ ପୂଜା ପାଆନ୍ତି । ନଦୀର ସୁଅ ମୁହଁରେ ଦେବୀ ସୁନାମୁହିଁଙ୍କର ଆସ୍ଥାନ ରହିଛି । ଦେବୀ ସୁନାମୁହିଁଙ୍କର କିଛି ନିର୍ଦ୍ଦିଷ୍ଟ ମୂର୍ତ୍ତି ନାହିଁ । ପ୍ରସ୍ତରଶଯ୍ୟା ଦେଇ ବୈତରଣୀ ନଦୀର ଜଳ ପ୍ରବାହକୁ ଠାକୁରାଣୀ ମନେକରି ପୂଜାର୍ଚ୍ଚନା କରାଯାଇଥାଏ । ମକର ମେଳା ସମୟରେ ଏଠାରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ହୋଇଥାଏ । ଏହି ସ୍ଥାନଟି ଅଧିକ ବିପଦପୂର୍ଣ୍ଣ ହୋଇଥିଲେ ହେଁ ପୂଜାପାଠ ସମୟରେ କୌଣସି ଅଘଟଣ ଘଟିଥିବା ନଜରକୁ ଆସିନାହିଁ । ସ୍ଥାନୀୟ ଲୋକେ ବୈତରଣୀ ନଦୀକୁ ଗଙ୍ଗାମାତା ଭାବେ ପୂଜା କରୁଥିବାବେଳେ ସୁନାମୁହିଁ ଠାକୁରାଣୀଙ୍କୁ ନାଗମାତା, ବରୁଣେଇ ମାତା ବା ପାଟମୁଖୀ ଠାକୁରାଣୀ ଭାବେ ପୂଜା କରନ୍ତି । ଏହି ସ୍ଥାନରେ ବୈତରଣୀ ନଦୀର ଉଭୟ ପାର୍ଶ୍ୱରେ ଅର୍ଥାତ୍ ମୟୁରଭଞ୍ଜ ଓ କେନ୍ଦୁଝର ସୀମାରେ ମହାଦେବଙ୍କର ଦୁଇଟି ଭିନ୍ନଭିନ୍ନ ମନ୍ଦିର ରହିଛି । ଭୀମକୁଣ୍ଡ ନିକଟରେ ବୈତରଣୀ ନଦୀ ଗର୍ଭ ମଧ୍ୟ ଭାଗରେ କଳାମୁଗୁନି ପଥରର ଏକ ସୁଦୀର୍ଘ ଶଯ୍ୟା ରହିଛି । ଏହା ନଦୀ ଗର୍ଭ ମଧ୍ୟ ଦେଇ ଏକ ରାସ୍ତା ଭଳି ନଦୀକୁ ଦୁଇ ଭାଗରେ ବିଭକ୍ତ କରିଛି ।

ଭୀମକୁଣ୍ଡଠାରେ ବୈତରଣୀର ଉଗ୍ର ଓ ଭୟଙ୍କର ରୂପ ଯିଏ ଦେଖିଛି, ନିଶ୍ଚିତ ଏକ ମୃଦୁ

Digitized by srujanika@gmail.com

ଆତଙ୍କରେ ତା' ଶରୀର ରୋମାଞ୍ଚିତ ହୋଇଛି । ପଥରଶଯ୍ୟା ଦେଇ ବୈତରଣୀ ନଦୀ ଗତି କରୁଥିବାବେଳେ ଭୀମକୁଣ୍ଡଠାରେ ହଠାତ୍ ବହୁତଳକୁ ଖସି ପଡ଼ିଛି ଏବଂ ଏଠାରେ ଏହାର ସ୍ରୋତ ଏତେ ପ୍ରଖର ଓ ତଳକୁ ଖସି ପଡୁଥିବା ଜଳରାଶି ଏତେ ଜୋର୍‌ରେ ଶବ୍ଦ ସୃଷ୍ଟି କରିଥାଏ ସାଧାରଣ ଲୋକେ ଏହାକୁ ଦେଖି ଭୟଭୀତ ହୋଇ ପଡ଼ିଥାନ୍ତି । ବୈତରଣୀ ନଦୀର ଜଳ ଏଠାରେ ଏକ କୁଣ୍ଡ ମଧ୍ୟରେ ଘର୍ଘର ନାଦ କରି ଖସିପଡୁଥାଏ । କୁଣ୍ଡ ମଧ୍ୟରୁ ଏହି ଜଳରାଶି ପାତାଳଗାମୀ ହୋଇଥିବାର ବିଶ୍ୱାସ କରାଯାଏ । ଏଠାରୁ କିଛିବାଟ ବୈତରଣୀ ନଦୀ ପାତାଳଗାମୀ ହୋଇ ଅନ୍ତର୍ଧାନ ହୋଇଯାଇଛି । ପ୍ରାୟ ୧୫ କିଲୋମିଟର ପଥ ପାତାଳୀ ହେବା ପରେ ବୈତରଣୀ ନଦୀ ପୁନଃ ଦୃଷ୍ଟିଗୋଚର ହୋଇଥାଏ ।

ଭୀମକୁଣ୍ଡ (ବୈତରଣୀ ନଦୀ)

ବୈତରଣୀ ନଦୀ ଏହି ସ୍ଥାନରେ ଭୀମ ରୂପ ଧାରଣ କରି ପଥର ଶଯ୍ୟା ଉପରୁ ତଳକୁ ଲମ୍ଫ ପ୍ରଦାନ କରିଛି । ଏକ ପ୍ରକାଣ୍ଡ ଓ ସୁନ୍ଦର ଗର୍ତ୍ତ ଭିତରକୁ ବୈତରଣୀର ଜଳ ଶୋଷି ହୋଇ ଯାଉଥିବାର ଦୃଶ୍ୟ ବାସ୍ତବରେ ଭୟଙ୍କର ଓ ଉପଭୋଗ୍ୟ । ନଦୀର ଉପର ଶଯ୍ୟାରୁ ପ୍ରସ୍ତର ଗର୍ତ୍ତ ମଧ୍ୟକୁ ଜଳଧାର ଡେଇଁ ପଡୁଥିବାରୁ ଘୋଘୋ ଶବ୍ଦ ସୃଷ୍ଟି ହୋଇଥାଏ । ଏହି ଭୀମ ଗର୍ଜନ ଶବ୍ଦ ମନରେ ଭୟ ସଞ୍ଚାର କରିଥାଏ । ପବିତ୍ର କାର୍ତ୍ତୀକ ମାସର ପଞ୍ଚୁକ ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ବୈତରଣୀର ଏହି କୁଣ୍ଡରେ ବୁଡ଼ ପକେଇଥାନ୍ତି । ମକର ସଂକ୍ରାନ୍ତି ଅବସରରେ ଏଠାରେ 'ଭୀମକୁଣ୍ଡ ମହୋତ୍ସବ' ପାଳିତ ହୋଇଥାଏ । ମକର ସଂକ୍ରାନ୍ତିରେ ଭୀମକୁଣ୍ଡରେ ବୁଡ଼ ପକେଇବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାବେଶ ଘଟିଥାଏ ।

Digitized by srujanika@gmail.com

ଭୀମକୁଣ୍ଡ (ବୈତରଣୀ ନଦୀ)

ବୈତରଣୀ ନଦୀର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ସାମୟିକ ଭାବେ ଏକ ଅସ୍ଥାୟୀ ଝୁଲାପୋଲ ନିର୍ମାଣ କରାଯାଇଥାଏ । ଅନ୍ୟ ଦିନରେ ଏହି ପୋଲ ନଥାଏ । ଏହାବ୍ୟତୀତ ସାନ୍ତାଳ ସଂପ୍ରଦାୟର ଆଦିବାସୀମାନେ ଏଠାରେ **'ଦାମୋଦର ପର୍ବ'** ପାଳନ କରିଥା'ନ୍ତି । ଦାମୋଦର ପର୍ବ ମାଧ୍ୟମରେ ସାନ୍ତାଳମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସମୂହ ଶ୍ରାଦ୍ଧ କ୍ରିୟା ସମାପନ କରିଥା'ନ୍ତି । ଏଠାରେ 'ଭୀମକୁଣ୍ଡ ଜଳବିଦ୍ୟୁତ୍ ଯୋଜନା' କାର୍ଯ୍ୟକାରୀ ହେବା ନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରହିଛି । ମାତ୍ର, ଏଥିନେଇ ବିଶେଷ ଅଗ୍ରଗତି ଲାଭ କରିପାରିନାହିଁ ।

କେଶରୀକୁଣ୍ଡ

ପୁଣ୍ୟତୋୟା ବୈତରଣୀ ନଦୀରେ ମୟୁରଭଞ୍ଜ ଓ କେନ୍ଦୁଝର ସୀମାନ୍ତରେ ରହିଛି ଏହି ପ୍ରସିଦ୍ଧ କେଶରୀକୁଣ୍ଡ । କେନ୍ଦୁଝର ଜିଲ୍ଲାର ଚଂପୁଆ ବ୍ଲକ୍ ଅନ୍ତର୍ଗତ ସରେଇ ଏବଂ ମୟୁରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକ୍ ଅନ୍ତର୍ଗତ କେଶରୀ ଗ୍ରାମ ନିକଟସ୍ଥ ବୈତରଣୀ ନଦୀରେ ଥିବା ଦିଗନ୍ତ ବିସ୍ତାରି ପ୍ରସ୍ତର ଶଯ୍ୟା ଉପରେ ଏକ ବିଶାଳ କୁଣ୍ଡ ରହିଛି । ଏହାର ନାମ କେଶରୀକୁଣ୍ଡ ।

ସରେଇ, ଅସନପାଟ, ରାମଲା, ଜଗନ୍ନାଥପୁର, କେଶରୀ, ଜ୍ୟୋତିପୁର, ଆଦିପୁର, ରରୁଆଁ,

Digitized by srujanika@gmail.com

କେଶରୀ କୁଣ୍ଡ (ବୈତରଣୀ ନଦୀ)

Digitized by srujanika@gmail.com

କେଶରୀ କୁଣ୍ଡ (ବୈତରଣୀ ନଦୀ)

ଖିଚିଂ ଆଦି ଅଞ୍ଚଳରୁ ପ୍ରସ୍ତର ଯୁଗର ମଣିଷ ବ୍ୟବହାର କରୁଥିବା ନାନା ପ୍ରକାର ଅସ୍ତ୍ରଶସ୍ତ୍ର ଓ କୃଷି ସରଞ୍ଜାମ ମିଳିଥିବାରୁ ଏସବୁ ସ୍ଥାନର ଐତିହାସିକ ଗୁରୁତ୍ୱ ରହିଛି । ବୈତରଣୀ ନଦୀ କୂଳରେ ମାନବ ସଭ୍ୟତା ଗଢ଼ି ଉଠିଥିବାର ବହୁ ପ୍ରମାଣ ଏସବୁ ଅଞ୍ଚଳରେ ରହିଛି ।

ପବିତ୍ର ମକର ସଂକ୍ରାନ୍ତିରେ କେଶରୀକୁଣ୍ଡରେ ବୁଡ଼ ପକାଇଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହା ଉଭୟ ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସୀମାରେ ଥିବାରୁ ଉଭୟ ଜିଲ୍ଲାବାସୀ ଏହି ପୀଠଟିକୁ ନିଜର ବୋଲି ଦାବି କରନ୍ତି । ମକର ସଂକ୍ରାନ୍ତି ଅବସରରେ ଏଠାରେ ମକର ମେଳା ପାଳିତ ହୋଇଥାଏ ଏବଂ ଏହି ଅବସରରେ ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ଘଟିଥାଏ ।

କେଶରୀକୁଣ୍ଡକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । ତ୍ରେତୟା ଯୁଗରେ ରାମଚନ୍ଦ୍ରଙ୍କ ବନବାସ କାଳରେ ମାତା ସୀତା ବୈତରଣୀ ନଦୀର ଏହି କୁଣ୍ଡରେ ସ୍ନାନ କରିଥିବାର ଲୋକମୁଖରୁ ଶୁଣିବାକୁ ମିଳେ । ଏହାକୁ ସ୍ଥାନୀୟ ଅଞ୍ଚଳରେ 'ସୀତାକୁଣ୍ଡ' କୁହାଯାଇଥାଏ । ବୈତରଣୀ ନଦୀର ଏହି ସ୍ଥାନରେ ତିନୋଟି କୁଣ୍ଡ ରହିଛି । ଜଳ ପୂର୍ଣ୍ଣ ଏହି କୁଣ୍ଡଗୁଡିକ ଉପରକୁ ଅଲଗା ଅଲଗା ଜଣାଯାଉଥିଲେ ମଧ୍ୟ ଭିତରେ ପରସ୍ପର ସହ ସୁଡ଼ଙ୍ଗ ମାଧ୍ୟମରେ ସଂଯୁକ୍ତ ହୋଇଛନ୍ତି । ମକର ମେଳା ଅବସରରେ

Digitized by srujanika@gmail.com

ଏଠାକୁ ଆସିଥିବା ଅନେକ ଭକ୍ତ ଗୋଟିଏ କୁଣ୍ଡରେ ବୁଡ଼ ପକେଇ ସୁଡ଼ଙ୍ଗ ମାଧ୍ୟମରେ ଅନ୍ୟ କୁଣ୍ଡରେ ବାହାରନ୍ତି । ଏହି ତିନି କୁଣ୍ଡରେ ସ୍ନାନ କଲେ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଏ ଅଞ୍ଚଳରେ ବସବାସ କରୁଥିବା ସାନ୍ତାଳ ଆଦିବାସୀମାନେ ପୁଣ୍ୟତୋୟା ବୈତରଣୀକୁ ମାଆ ବୋଲି ମାନିଥାନ୍ତି । ଏମାନେ ଶୁଦ୍ଧିକ୍ରିୟା ନିମନ୍ତେ କେଶରୀକୁଣ୍ଡକୁ ଆସିଥାନ୍ତି । ସେମାନଙ୍କ ଦ୍ୱାରା ଏଠାରେ **ଦାମୋଦର ପର୍ବ** (ସାମୁହିକ ଶୁଦ୍ଧିକ୍ରିୟା) ପାଳିତ ହୋଇଥାଏ ।

ଭୈରବ କୁଣ୍ଡ

ମୟୂରଭଂଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍‌ର ଘଞ୍ଚ ଜଙ୍ଗଲପୂର୍ଣ୍ଣ ଶାଳନ୍ଦୀ ନଦୀ ମଧ୍ୟରେ ରହିଛି ଏହି ଭୈରବ କୁଣ୍ଡ ପର୍ଯ୍ୟଟନ ସ୍ଥଳ । ଏଠାକୁ ଉଭୟ ଠାକୁରମୁଣ୍ଡା ଏବଂ ଆନନ୍ଦପୁର ଦେଇ ଯାତାୟତର ସୁବିଧା ରହିଛି । ମାତ୍ର ଭୈରବକୁଣ୍ଡଟି ଘଞ୍ଚ ଜଙ୍ଗଲପୂର୍ଣ୍ଣ ଅଞ୍ଚଳରେ ଥିବାରୁ ଏଠାକୁ ଯିବାଟା ସେତେ ସହଜ ହୋଇ ନ ଥାଏ । ଏହା କରଂଜିଆ ଫରେଷ୍ଟ ରେଂଜ୍ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର ଜଂଗଲିଆ ଅଞ୍ଚଳରେ ସାଳନ୍ଦୀ ନଦୀ ମଧ୍ୟରେ ଅବସ୍ଥିତ । ପାହାଡ଼ିଆ ଅଞ୍ଚଳ ମଧ୍ୟରେ ପଥୁରିଆ ଶଯ୍ୟା ଦେଇ ଶାଳନ୍ଦୀ ନଦୀଟି ବହୁଥିବାବେଳେ ପାହାଡ଼ ଉପରୁ ତଳକୁ ଭୟଙ୍କର ଶବ୍ଦ କରି ଖସି ପଡ଼ି ତଳେ ଏକ ବିଶାଳ କୁଣ୍ଡ ସୃଷ୍ଟି କରିଛି । ଜଙ୍ଗଲ ମଧ୍ୟରେ ଶାଳନ୍ଦୀ ନଦୀର ଘୋ ଘୋ ଗର୍ଜନ ପର୍ଯ୍ୟଟକଙ୍କୁ ବିଭୋର ଓ କିଛି ମାତ୍ରାରେ ରୋମାଞ୍ଚିତ କରିଥାଏ । ନଦୀର କୂଳରେ ଶଂକର୍ଷଣ ବାବାଙ୍କର ଏକ ମନୋରମ ଆଶ୍ରମ ରହିଛି ।

ଭୈରବ କୁଣ୍ଡର ପାଦଦେଶରେ ମହାଦେବଙ୍କ ଏକ ମନ୍ଦିର ଓ ଭୈରବ ବାବାଙ୍କ ଆଶ୍ରମ ପଡେ । ଏଠାରେ ମା' ଭୈରବୀଙ୍କ ସମେତ ମହାଦେବ ଶିବ, ପାର୍ବତୀ, ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ମଧ୍ୟ ପୂଜା ପାଉଛନ୍ତି । ପାହାଡ଼ ପାଦଦେଶରୁ ପାଂଚଶହ ମିଟର ଉପରକୁ ଚଢିଲା ପରେ ଶାଳନ୍ଦୀ ନଦୀ ଶଯ୍ୟାରେ ଏହି ଭୈରବୀ କୁଣ୍ଡଟି ଅବସ୍ଥିତ । ଏଠାରେ ପଥର ଉପରେ ବଜରଂଗବାଲି ହନୁମାନଙ୍କ ଏକ ବିରାଟ ପଦଚିହ୍ନ ରହିଛି । ରାମାୟଣର ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ହନୁମାନ ଗନ୍ଧମାର୍ଦ୍ଦନକୁ ସଂଜୀବନି ବୃକ୍ଷ ଆଣିବାକୁ ଯାଇଥିବାବେଳେ ଏଠାରେ ସ୍ୱଳ୍ପ ସମୟ ପାଇଁ ଅଟକିଥିଲେ ବୋଲି ଲୋକଙ୍କଠାରୁ ଶୁଣିବାକୁ ମିଳେ । ହନୁମାନ ଏହି କୁଣ୍ଡରେ ସ୍ନାନ କରିଥିବାରୁ ଏହାକୁ ଭୈରବ କୁଣ୍ଡ କୁହାଯାଉଛି । ଏଠାରେ ସ୍ନାନ କଲେ ୨୭ ଜନ୍ମର ପାପ ନାଶନ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି । ଏଠାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ । ଏହି ପର୍ଯ୍ୟଟନସ୍ଥଳକୁ ଯିବାକୁ ଭଲ ରାସ୍ତାଟିଏ ନଥିବାରୁ ଏଠାକୁ ବେଶି ସଂଖ୍ୟାରେ ପର୍ଯ୍ୟଟକମାନେ ଆସିପାରୁନାହାନ୍ତି ।

Digitized by srujanika@gmail.com

ମଣିଭଦ୍ରା ଜଳପ୍ରପାତ

ରାଇରଙ୍ଗପୁର ବ୍ଲକ୍‌ର **ଅସୁରଘାଟି ପାହାଡ଼**ରେ ରହିଛି ପ୍ରସିଦ୍ଧ ମଣିଭଦ୍ରା ଜଳପ୍ରପାତ । ରାଇରଙ୍ଗପୁର ସହରରୁ ଗୋରୁମହିଷାଣି ଯିବା ବାଟରେ ଶୁଣ୍ଡଳ ଗ୍ରାମର ଉଗାଳସାହି ସ୍କୁଲ୍ ଛକରୁ ପ୍ରାୟ ୪ କିଲୋମିଟର ଗଲେ ପଡେ ଏହି ଜଳପ୍ରପାତ । ଏହି ଜଳପ୍ରପାତର ପୂର୍ବ ଦିଗରେ କଟୁପିଢ ପର୍ବତମାଳା ଓ ପଶ୍ଚିମରେ ଗୋରୁମହିଷାଣି ଲୁହାପଥର ଖଣି ମଧ୍ୟରେ ଥିବା ଅସୁରଘାଟି ପାହାଡ଼ରୁ ଖସି ପଡ଼ିଥିବା ଏହି ଜଳପ୍ରପାତଟି ମୟୁରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ଜଳପ୍ରପାତ । ଘଞ୍ଚ ଜଙ୍ଗଲ କାରଣରୁ ଏଠାରେ ଦିନବେଳା ମଧ୍ୟ ସୂର୍ଯ୍ୟକିରଣ ପଡ଼ି ନଥାଏ । ତୃତୀୟ ପାଣ୍ଡବ ଭୀମ ଏଠାରେ ଏକ ଅସୁରକୁ ବଧ କରିଥିବାରୁ ଏହି ପାହାଡ଼ର ନାମ ଅସୁରଘାଟି ହୋଇଛି । ଏହି ଜଳପ୍ରପାତ ନିକଟରେ ବହୁ ବର୍ଷ ତଳେ ଏକ ବିରାଟକାୟ ମୁଣ୍ଡ ଭଳି ଦିଶୁଥିବା ପଥର ଥିଲା । ଏହି ପଥର ଚୂନ ପଥର ହୋଇଥିବାରୁ ସ୍ଥାନୀୟ ଲୋକେ ଏହାକୁ ଭାଙ୍ଗି ଚୂନ ରୂପେ ବ୍ୟବହାର କରିବାରୁ ଏହା କାଳକ୍ରମେ ଶେଷ ହୋଇଯାଇଛି ।

କାଣ୍ଡିଆ ଜଳପ୍ରପାତ (କନିଆ ଲୁକା)

ସାରସକଣା ବ୍ଲକ୍ ଅନ୍ତର୍ଗତ ଶଙ୍ଖାଭଙ୍ଗା ପଞ୍ଚାୟତର କୁଲାପଟା ଗାଁ ଉପକଣ୍ଠରେ ଘଞ୍ଚ ଜଙ୍ଗଲ

କାଣ୍ଡିଆଲୁକା ଜଳପ୍ରପାତ (ଖଡ଼କେଇ ନଦୀ)

Digitized by srujanika@gmail.com

ମଧ୍ୟରେ କାଣ୍ଡିଆ ଜଳପ୍ରପାତଟି ଦୃଷ୍ଟିଗୋଚର ହୋଇଥାଏ । କୁଲାପଟା ଗାଁରୁ ପ୍ରାୟ ଦୁଇ କିଲୋମିଟର ଜଙ୍ଗଲିଆ ରାସ୍ତା ଦେଇ ଚାଲିଚାଲି ଗଲେ ଏହି ଆକର୍ଷଣୀୟ ଜଳପ୍ରପାତଟି ନଜରକୁ ଆସିଥାଏ । ବୁଢ଼ାବଳଙ୍ଗର ପ୍ରମୁଖ ଉପନଦୀ କାତ୍ରା ନଦୀଟି କାଣ୍ଡିଆ ପାହାଡ଼ ଉପରୁ ତଳକୁ ଖସିପଡ଼ି ଏହି ଜଳପ୍ରପାତଟି ସୃଷ୍ଟି କରିଛି । କାତ୍ରା ନଦୀଟି **କାଣ୍ଡିଆ ପାହାଡ଼**ରୁ ଖସି ପଡ଼ି ଏହି ଜଳପ୍ରପାତଟି ସୃଷ୍ଟି କରିଥିବାରୁ ଏହାର ନାମ 'କାଣ୍ଡିଆ ଜଳପ୍ରପାତ' ହୋଇଛି ।

କାଣ୍ଡିଆ ଜଳ ପ୍ରପାତକୁ ନେଇ ଏକ କିମ୍ବଦନ୍ତୀ ରହିଛି । ଜଣେ ଭୂମିଜ କନ୍ୟା ଏଠାରେ ଥିବା କୁଣ୍ଡକୁ ମାଛ ଧରିବାକୁ ଆସି ଆଉ ଫେରି ନଥିଲା । ଏଠାରେ କାଣ୍ଡିଆ ବାବା ନାମରେ ଜଣେ ଦେବତା ପୂର୍ବରୁ ଅବସ୍ଥାନ କରୁଥିଲେ । ଭୂମିଜ କନ୍ୟାର ରୂପରେ ମୁଗ୍ଧ ହୋଇ ତାକୁ ଲୁଚାଇ ରଖିଥିଲେ । ଭୂମିଜ କନ୍ୟାକୁ ଏଠାରେ ଲୁଚାଇ ରଖାଯାଇଥିବାରୁ ଏହିସ୍ଥାନଟି **'କନିଆ ଲୁକା'** (କନ୍ୟା ଲୁଚା) ନାମରେ ପ୍ରସିଦ୍ଧିଲାଭ କଲା । ପରବର୍ତ୍ତୀ କାଳରେ କାଣ୍ଡିଆ ବାବାଙ୍କ ସମେତ ଭୂମିଜ କନ୍ୟା କନିଆଲୁକା ଠାକୁରାଣୀ ଭାବେ ପୂଜା ପାଇଆସୁଛନ୍ତି । ଏହାର ନିକଟରେ ଆଉ ଏକ ଗଭୀର କୁଣ୍ଡ ରହିଛି ଯାହାର ନାମ **'ଧିରିଦର୍ହ'** (ଭୂମିଜ ଭାଷାରେ 'ଧିରି' ଅର୍ଥ ପଥର ଓ 'ଦର୍ହ' ଅର୍ଥ କୁଣ୍ଡ) । କାଣ୍ଡିଆ ଜଳପ୍ରପାତର ଅପରପାର୍ଶ୍ୱରେ ବିଜାତଳା ବ୍ଲକ୍‌ର **ଗୋରୁମହିଷାଣି ପର୍ବତ** ଅବସ୍ଥିତ । କାଣ୍ଡିଆ ପାହାଡ଼କୁ ଲାଗି **ଚଡ଼େଇ ପାହାଡ଼, ପାର୍ଲି ପାହାଡ଼, ମହୁଭାଣ୍ଡ, ଖାଣ୍ଡଦେରା, ବାଛୁରୀବନ୍ଧା, ଭାଲିଆବଳି, ଚଡ଼କମରା, ଭାଦୁଆ, ସର୍ପଚକ୍ର, ବୁଢ଼ା ପାହାଡ, କୁକୁଡ଼ା ଅଣ୍ଡା ପାହାଡ଼** ଭଳି ଅନେକ ଛୋଟବଡ଼ ପାହାଡ଼ ରହିଛି ।

କାଣ୍ଡିଆ ଜଳପ୍ରପାତ ତଳକୁ କ୍ଷୀପ୍ର ଗତିରେ ଖସି ପାହାଡ଼ର ପାଦଦେଶରେ ଏକ ବିଶାଳ କୁଣ୍ଡ ସୃଷ୍ଟି କରିଛି । କାତ୍ରା ନଦୀଟି ଅଳ୍ପ ଦୂର ପ୍ରବାହିତ ହୋଇ ବୁଢ଼ାବଳଙ୍ଗ ନଦୀରେ ମିଶିଯାଇଛି ।

ଝାରପୋଖରିଆ (ବମ୍ବେ ଛକ)ରୁ ସାରସକଣା ବ୍ଲକ୍ ସଦର ମହକୁମରୁ ଚାରିଛକ ଦେଇ ଶଙ୍ଖାଭଙ୍ଗା ପଞ୍ଚାୟତର କୁଲାପଟା ଗାଁରେ ପହଞ୍ଚିବା ପରେ ପାଦରେ ଚାଲିଚାଲି ଏହି ଜଳପ୍ରପାତ ନିକଟରେ ପହଞ୍ଚିବାକୁ ହୋଇଥାଏ । କାଣ୍ଡିଆ ଜଳପ୍ରପାତର ନିକଟରେ ଶୀର୍ଷାସ୍ଥିତ ମେରୁ ମଠ ଓ ସୁବର୍ଣ୍ଣରେଖା ନଦୀ ଉପତ୍ୟକା ଅବସ୍ଥିତ । ଏଠାରେ ସୁବର୍ଣ୍ଣରେଖାର ବାଲୁକା ଶଯ୍ୟାରୁ ସ୍ଥାନୀୟ ଅଞ୍ଚଳର ଲୋକେ ସୁନା କଣିକା ସଂଗ୍ରହ କରିଥାନ୍ତି ।

ଭୁଡୁଆ ଜଳପ୍ରପାତ

ମେଘାସନ ପାହାଡ଼ରୁ ବାହାରିଥିବା ଗଙ୍ଗାହାର ନଦୀର ପ୍ରସ୍ତରଶଯ୍ୟା ମଧ୍ୟରେ ଏହି ଭୁଡୁଆ ବାରୁଣୀ ପୀଠଟି ଅବସ୍ଥିତ । ଏହା ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ କ୍ଷୁଦ୍ର ଓ ଆକର୍ଷଣୀୟ ଜଳପ୍ରପାତ । ଏଠାରେ ଏକ ଗଭୀର କୁଣ୍ଡ ରହିଛି । ଗଙ୍ଗାହାର ନଦୀର ପବିତ୍ର ଜଳ ଏହି କୁଣ୍ଡ ମଧ୍ୟରେ ଥିବା ମହାଦେବଙ୍କ

Digitized by srujanika@gmail.com

ଢୁଢୁଆ ବାରୁଣୀ ପୀଠ (ଗଙ୍ଗାହାର ନଦୀ)

ଉପରେ ଢୋ' ଢୋ' ହୋଇ ପଡୁଥିବାରୁ ଏହାର ନାମ ଢୁଢୁଆ ହୋଇଛି । ଏଠାରେ ଢୁଢେଶ୍ୱର ମହାଦେବ ପୂଜା ପାଇଥାନ୍ତି ।

ଖୁଣ୍ଟା ବ୍ଲକ୍ ସଦର ମହକୁମାଠାରୁ ମାତ୍ର ତିନି କିଲୋମିଟର ଦୂରରେ ଯଦୁର୍ଘେରା ଗାଁରେ ଅବସ୍ଥିତ ଏହି ଢୁଢୁଆ ବାରୁଣୀ ପୀଠ । ଏହି ପୀଠଟି ଗଙ୍ଗାହାର ନଦୀ ଗର୍ଭର ପଥୁରିଆ ଶଯ୍ୟା ମଧ୍ୟରେ ଶୋଭା ପାଇଥାଏ । ପ୍ରତିବର୍ଷ ଚୈତ୍ର ମାସ ତ୍ରୟୋଦଶ ତିଥି ଶତଭିଷା ନକ୍ଷେତ୍ର ମହାବାରୁଣୀ ସ୍ନାନ ଯୋଗରେ ଏଠାରେ ବାରୁଣୀ ମେଳା ଅନୁଷ୍ଠିତ ହୋଇଥାଏ । ଲକ୍ଷାଧିକ ଭକ୍ତ ଗଙ୍ଗାହାର ନଦୀରେ ବୁଡ଼ ପକାଇ ମୋକ୍ଷପ୍ରାପ୍ତ ହୋଇଥାନ୍ତି ।

ଶିମିଳିପାଳରୁ ବାହାରି ଗଙ୍ଗାହାର ନଦୀ ଏଠାରେ ବିଶାଳ ପ୍ରସ୍ତର ଶଯ୍ୟା ଦେଇ ପ୍ରବାହିତ ହୋଇଥାଏ । ଏହି ପଥର ଶଯ୍ୟାରେ ଥିବା ପ୍ରଥମ କୁଣ୍ଡ ଭିତରେ ମହାଦେବଙ୍କ ଲିଙ୍ଗ ପୂଜା ପାଇଥାଏ । ଏହି କୁଣ୍ଡରେ ବର୍ଷତମାମ୍ ଜଳପୂର୍ଣ୍ଣ ଥାଏ । ମାତ୍ର ବାରୁଣୀ ସମୟରେ ଏହି କୁଣ୍ଡରୁ ଜଳ ନିଷ୍କାସନ କରାଯାଇ ଢୁଢେଶ୍ୱରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ ।

କିମ୍ବଦନ୍ତୀ ଅନୁସାରେ, ଅଜ୍ଞାତ ବନବାସ କାଳରେ ପାଣ୍ଡବମାନେ ପ୍ରାଚୀନ ବିରାଟ ରାଜ୍ୟ ଅର୍ଥାତ୍ ବର୍ତ୍ତମାନର କପ୍ତିପଦା ଅଞ୍ଚଳରେ ଘୁରି ବୁଲୁଥିବାବେଳେ ମାତା କୁନ୍ତୀ ନିଜ ପାଖରେ ରଖିଥିବା

Digitized by srujanika@gmail.com

ଢୁଢୁଆ ବାରୁଣୀ ପୀଠ (ଗଙ୍ଗାହାର ନଦୀ)

ମହାଦେବ ଶିବଙ୍କୁ ଜଳଦାନ କରିବାକୁ ଇଚ୍ଛା କରିଥିଲେ । ମାତ୍ର କେଉଁଠୁ ପାଣି ନ ମିଳିବାରୁ ମାତା ଖୁବ୍ ବ୍ୟଥିତ ହୋଇପଡ଼ିଥିଲେ । ମହାଦେବଙ୍କୁ ଜଳଲାଗି କରି ପାରୁ ନଥିବାରୁ ମା' କୁନ୍ତୀଙ୍କ ବ୍ୟସ୍ତତା ଦେଖି ଭୀମ କ୍ରୋଧିତ ହୋଇଯାଇଥିଲେ । କ୍ରୋଧିତ ଅବସ୍ଥାରେ ଭୀମ ଉକ୍ତ ଶିବଲିଙ୍ଗକୁ ଏକ ପଥର ଶଯ୍ୟା ଉପରେ ରଖି ପ୍ରବଳ ପ୍ରହାର କରିବାରୁ ତାହା ତଳକୁ ଦବି ଯାଇଥିଲା । ଏହା ଦେଖି ମାତା କୁନ୍ତୀ ଖୁବ୍ ବିଚଳିତ ହୋଇପଡ଼ିଥିଲେ । ମାତାଙ୍କ ବ୍ୟସ୍ତତାକୁ ଦେଖି ଯଦିଓ ଭୀମ ବହୁ ବଳ ପ୍ରୟୋଗ କରି ଉକ୍ତ ଶିବ ଲିଙ୍ଗକୁ ପଥର ମଧ୍ୟରୁ ବାହାର କରିବାକୁ ଚେଷ୍ଟା କଲେ ମାତ୍ର, ତାହା ଆଉ ଭୂମିରୁ ଉଠିଲା ନାହିଁ । ଶିବ ସ୍ୱପ୍ନାଦେଶ କଲେ, ଗଙ୍ଗା ଜଳରେ ସ୍ନାନ କରାଇଲେ ଏଥିରୁ ମୁକ୍ତି ମିଳିବ । ଏହାପରେ ତୃତୀୟ ପାଣ୍ଡବ ଅର୍ଜୁନ ଆକାଶରୁ ମାତା ଗଙ୍ଗାକୁ ଆଣିବାକୁ ଏକ ଶର ନିକ୍ଷେପ କଲେ । ଭଗବାନ ନାରାୟଣ ଏହା ଜାଣିପାରି ଅର୍ଜୁନଙ୍କ ଶରକୁ ନିଜ ହାତରେ ଅଟକାଇ ତାହାକୁ ଶିମିଳିପାଳ (ଶାଳ୍ମଳୀ) ପର୍ବତମାଳାର ଏକ ଅଂଶ ମେଘାସନ ଉପରକୁ ନିକ୍ଷେପ କଲେ । ସେଠାରୁ ଦ୍ୱିତୀୟ ଗଙ୍ଗା ଭାବେ ଗଙ୍ଗାହାର ନଦୀର ଉତ୍ପତ୍ତି ହେଲା । ଗଙ୍ଗାହାର ନଦୀର ଜଳ ପ୍ରବାହିତ ହୋଇ ଭୂମି ମଧ୍ୟକୁ ଦବି ଯାଇଥିବା ଶିବଲିଙ୍ଗ ଉପର ଦେଇ ପ୍ରବାହିତ ହେବାରୁ ମହାଦେବ ଶାନ୍ତ ହୋଇଥିଲେ ।

ଅପରପକ୍ଷେ, ମହାଦେବଙ୍କ ଉପରେ ଗଙ୍ଗାହାର ନଦୀର ଜଳଧାର ଢୋ ଢୋ ହୋଇ ପତିତ ହେଉଥିବାରୁ ତାଙ୍କ ନାମ ଢୁଢେଶ୍ୱର ଏବଂ ଏହି ପୀଠ ଢୁଢୁଆ ବାରୁଣୀ ନାମରେ ପରିଚିତ ହେଲା । ଶଙ୍ଖାକୃତି ଏହି ଜଳକୁଣ୍ଡ ମଧ୍ୟରେ ମହାଦେବଙ୍କ ଆବିର୍ଭାବର ଦୃଶ୍ୟ ଖୁବ୍ ରୋମାଞ୍ଚକର ମନେ

Digitized by srujanika@gmail.com

ହୋଇଥାଏ । ଗଙ୍ଗାହାର ନଦୀକୂଳରେ ଥିବା ଘଣ୍ଟଶିଳା ପାହାଡ଼ଟି ମଧ୍ୟ ଏକ ପ୍ରାଚୀନ ତନ୍ତ୍ର ପୀଠ ଭାବେ ଜଣାଶୁଣା । ଏଠାରେ ଏକ ଭଗ୍ନ ମନ୍ଦିରର ଧ୍ୱଂସାବଶେଷ ଦେଖିବାକୁ ମିଳିଥାଏ ।

ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ନଦୀବନ୍ଧ ଓ ପର୍ଯ୍ୟଟନ ଗୁରୁତ୍ୱ

ଶୀତଦିନ ଆସିଲେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ନଦୀବନ୍ଧ (ଡ୍ୟାମ୍)ମାନଙ୍କୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ଏହିସବୁ ନଦୀବନ୍ଧ ନିକଟରେ ପିକ୍‌ନିକ୍ କରି ପର୍ଯ୍ୟଟକମାନେ ବେଶ୍ ମଜା ନେଇଥା'ନ୍ତି । ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ନଦୀ ଜାଲ ପରି ବିଛେଇ ହୋଇରହିଛି । ମୁଖ୍ୟତଃ ଶିମିଳିପାଳ ପାର୍ବତ୍ୟାଞ୍ଚଳରୁ ଅନେକ ଛୋଟବଡ଼ ନଦୀ ଉତ୍ପତ୍ତିଲାଭ କରି ସମଗ୍ର ଜିଲ୍ଲାରେ ପ୍ରବାହିତ ହୋଇଛନ୍ତି । ଜିଲ୍ଲାର ଚାଷ ଓ ଚାଷୀଙ୍କ ବିକାଶ ପାଇଁ ଏହିସବୁ ନଦୀମାନଙ୍କରେ ଅନେକ ନଦୀବନ୍ଧ ନିର୍ମାଣ କରାଯାଇଛି । ଏସବୁ ନଦୀବନ୍ଧ ଜଳସେଚନରେ ସହାୟକ ହେବା ସାଙ୍ଗକୁ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ । ପ୍ରତିବର୍ଷ ଶୀତଋତୁରେ ଏସବୁ ନଦୀବନ୍ଧ ଓ ଜଳଭଣ୍ଡାର ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥା'ନ୍ତି । କେବଳ ଜଳଭଣ୍ଡାର ନୁହଁନ୍ତି ବରଂ ଏସବୁ ସ୍ଥାନମାନଙ୍କର ପ୍ରାକୃତିକ ଶୋଭାରାଜି, ପାହାଡ଼, ଜଙ୍ଗଲ ଓ ଘଞ୍ଚ ଶାଳବଣ ପର୍ଯ୍ୟଟକଙ୍କୁ ମୋହିତ କରିଥାଏ ।

ବାଲିଡିହା ନଦୀ ବନ୍ଧ

ବାଲିଡିହା (ପଳପଳା ନଦୀ)ରେ ଏକ ସୁନେଲୀ ସନ୍ଧ୍ୟା

ମୟୂରଭଞ୍ଜ ଜିଲ୍ଲାର ସର୍ବପୁରାତନ, ଏହି ନଦୀ ବନ୍ଧଟି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ୧୯୧୨ ମସିହାରେ ନିର୍ମିତ ହୋଇଥିଲା । ଶିମିଳିପାଳରୁ ବାହାରିଥିବା ପଳପଳା ନଦୀ ଉପରେ ଶ୍ୟାମାଖୁଣ୍ଟା ବ୍ଲକ୍‌ର ବାଲିଡିହାଠାରେ ଏହି ନଦୀବନ୍ଧ ନିର୍ମାଣ କରାଯାଇଛି । ପଳପଳା ନଦୀଟି

Digitized by srujanika@gmail.com

ବୁଢାବଳଙ୍ଗ ନଦୀର ଏକ ପ୍ରମୁଖ ଉପନଦୀ । ଏହି ନଦୀବନ୍ଧଟିର ଦୈର୍ଘ୍ୟ ୧୭୩ ମିଟର ହୋଇଥିବାବେଳେ ଉଚ୍ଚତା ୭ ମିଟର । ବର୍ଷାଦିନେ ଏହି ନଦୀବନ୍ଧଟି ନାଏଗ୍ରା ଜଳପ୍ରପାତର ଭ୍ରମ ସୃଷ୍ଟି କରିଥାଏ । ବନ୍ଧ ଉପରୁ ତିନୋଟି ସ୍ତର ଦେଇ ଜଳଭଣ୍ଡାରର ଜଳ ଧାରଧାର ତଳକୁ ଖସି ପଡୁଥିବାର ଦୃଶ୍ୟ ସତରେ ମନ ମୁଗ୍ଧକର । ପ୍ରତିବର୍ଷ ବର୍ଷାଦିନେ ଏଠାରେ ଗାଧୋଇବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥା'ନ୍ତି । ଡିସେମ୍ବରରୁ ଜାନୁୟାରୀ ମଧ୍ୟରେ ଏଠାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ବାରିପଦାଠାରୁ ପଶ୍ଚିମ ଦିଗକୁ ପ୍ରାୟ ୧୫ କିଲୋମିଟର ଦୂରରେ ଏହି ନଦୀବନ୍ଧଟି ଅବସ୍ଥିତ ।

ହଳଦିଆ ଡ୍ୟାମ୍

ହଳଦିଆ ଡ୍ୟାମ୍

ଢଂଢିରା ନଦୀରେ କୁଳିଅଣା ବ୍ଲକ୍‌ର ହଳଦିଆ ନିକଟରେ ଏକ ବିଶାଳ ଜଳଭଣ୍ଡାର ନିର୍ମାଣ କରାଯାଇଛି । ବାରିପଦା ସହରରୁ ୧୮ କିଲୋମିଟର ଦୂରରେ ଏହି ଜଳଭଣ୍ଡାରଟି ଅବସ୍ଥିତ । ବାରିପଦାରୁ ରାଇରଙ୍ଗପୁର ଯିବା ରାସ୍ତାରେ କୁଚେଇଠାରୁ ଡାହାଣକୁ ଭାଙ୍ଗିଗଲେ ଏହି ଡ୍ୟାମ୍‌ଟି ଦୃଶ୍ୟମାନ ହୋଇଥାଏ । ମୟୂରଭଞ୍ଜ ରାଜତନ୍ତ୍ର କାଳରେ ଏଠାରେ ଏକ ପୁରୁଣା ନଦୀବନ୍ଧ ନିର୍ମିତ ହୋଇଥିଲା । ମାତ୍ର ଏବେ ସୁବର୍ଣ୍ଣରେଖା ନଦୀବନ୍ଧ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏହାକୁ ନବୀକରଣ କରାଯାଇଛି । ଏହାର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଯାଇ ଏକ ବିଶାଳ ଡ୍ୟାମ୍ ନିର୍ମାଣ କରାଯାଇଛି ।

Digitized by srujanika@gmail.com

ଜଂଭିରା ଡ୍ୟାମ୍

ଝଂଭିରା ଡ୍ୟାମ୍ (ଦେଉଳି)

ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ଦେଉଳି ନିକଟରେ ରାଜ୍ୟର ଅନ୍ୟତମ ବୃହତ୍ତମ ଜଳଭଣ୍ଡାର 'ଜମ୍ବିରା ଡ୍ୟାମ୍' ନିର୍ମାଣ କରାଯାଇଛି । ଏଠାରେ ଝଂଭିରା ନଦୀର ଉତ୍ପତ୍ତି ସ୍ଥଳରୁ ନିର୍ଗତ ପାଣି ସମେତ ସୁବର୍ଣ୍ଣରେଖା ନଦୀର ପାଣିକୁ କେନାଲ ମାଧ୍ୟମରେ ଅଣାଯାଇ ଜଳଭଣ୍ଡାରକୁ ପୂର୍ଣ୍ଣ କରାଯାଉଛି । ଏହାର ଅଳ୍ପ କିଛି ଦୂର ଉପରମୁଣ୍ଡରୁ ଝଂଭିରା ନଦୀ ଉତ୍ପତ୍ତିଲାଭ କରିଛି । ହୀରାକୁଦ ନଦୀବନ୍ଧ ଯୋଜନା ପରେପରେ ଝଂଭିରା ଡ୍ୟାମ୍‌କୁ ଦ୍ୱିତୀୟ ବୃହତ୍ତମ ମାଟି ବନ୍ଧ ଭାବେ ଗ୍ରହଣ କରାଯାଉଛି । ଶୀତଦିନେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ଏଠାରେ ପିକ୍‌ନିକ୍‌ର ମଜା ଉଠାଇଥା'ନ୍ତି ।

ସୋନ (ସୁନେଇ) ନଦୀ ବନ୍ଧ

ସୁନେଇ ନଦୀ ବନ୍ଧ

Digitized by srujanika@gmail.com

କପ୍ତିପଦା ବ୍ଲକ୍‌ରେ ସୋନ ନଦୀ ଉପରେ ଗଢି ଉଠିଛି ମୟୁରଭଞ୍ଜ ଜିଲ୍ଲାର ଅନ୍ୟତମ ବୃହତ୍ତମ ନଦୀବନ୍ଧ, ଯାହାର ନାମ ସୁନେଇ ଡ୍ୟାମ୍ । କପ୍ତିପଦାଠାରୁ ୧୨ କିଲୋମିଟର ଦୂରରେ ଶାଳଚୁଆଠାରେ ଏହି ନଦୀବନ୍ଧ ରହିଛି । ଶିମିଳିପାଳରୁ ବାହାରିଥିବା ସୋନ ନଦୀରେ ଶାଳଚୁଆଠାରେ ଏହି ନଦୀବନ୍ଧ ନିର୍ମିତ ହୋଇଛି । ଏହା ଏକ ମାଟିବନ୍ଧ ଏବଂ ଏହାର ଦୈର୍ଘ୍ୟ ୨୧୩୪ ମିଟର ହୋଇଥିବାବେଳେ ଉଚ୍ଚତା ୩୦ ମିଟର । ଏହି ନଦୀବନ୍ଧରେ ଏକ ସ୍ପିଲ୍ ଗେଟ୍ ରହିଛି ।

କାଳ ଡ୍ୟାମ୍

କାଳ ନଦୀ ଶିମିଳିପାଳରୁ ବାହାରି ପେଡ଼ାଗଡ଼ି ନିକଟରେ ସୋନ ନଦୀରେ ମିଳିତ ହୋଇଛି । କପ୍ତିପଦାଠାରୁ ପଶ୍ଚିମକୁ ୭ କିଲୋମିଟର ଦୂରରେ ଶମୀବୃକ୍ଷର ପାଦଦେଶରେ କାଳ ନଦୀ ଉପରେ

କାଳ ଡ୍ୟାମ୍

ଏକ ବୃହତ୍ ନଦୀ ବନ୍ଧ ନିର୍ମାଣ କରାଯାଇଛି । ଏହାର ନାମ କାଳ ଡ୍ୟାମ୍ । ଶମୀବୃକ୍ଷର ଉପର ମୁଣ୍ଡରେ କାଳ ନଦୀରେ କୁଶଭଦ୍ରା ଓ ଠକ୍‌ଠକି ନଦୀ ଦ୍ୱୟ ମିଶିଛନ୍ତି । ଏହି ତିନୋଟି ନଦୀର ଜଳକୁ ଅଟକାଇ କାଳ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଏହା ମୟୁରଭଞ୍ଜ ଜିଲ୍ଲାର ଅନ୍ୟତମ ବୃହତ୍ତମ ଡ୍ୟାମ୍ ଅଟେ । କାଳ ନଦୀବନ୍ଧଟିର ଦୈର୍ଘ୍ୟ ୨୪୫୦ ମିଟର ହୋଇଥିବାବେଳେ ଉଚ୍ଚତା ୨୨.୨୨ ମିଟର । ଏହା ଏକ ବିଶାଳ ମାଟିବନ୍ଧ । ଏହି ଡ୍ୟାମ୍ ୧୯୭୮ ମସିହାରେ ଆରମ୍ଭ ହୋଇ ୧୯୮୧ ମସିହାରେ ଶେଷ ହୋଇଥିଲା । ନିକଟରେ ଶିମିଳିପାଳ ଜଙ୍ଗଲ ଓ ପାହାଡ଼ ରହିଥିବାରୁ ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କ ମନ ମୋହିଥାଏ । ଏଠାରେ ପ୍ରତିବର୍ଷ ଡିସେମ୍ବରରୁ ଜାନୁୟାରୀ

Digitized by srujanika@gmail.com

ମାସ ମଧ୍ୟରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ପିକ୍‌ନିକ୍ ପାଇଁ ଏହା ମୟୂରଭଞ୍ଜ ଜିଲ୍ଲାର ଏକ ଅତି ଉତ୍ତମ ପର୍ଯ୍ୟଟନ ସ୍ଥଳ । ଶିମିଳିପାଳ ଜୈବମଣ୍ଡଳର ମେଘାସନ ପାହାଡ଼ ଉପରୁ କାଳଡ୍ୟାମ୍ ସ୍ପଷ୍ଟ ଦିଶିଥାଏ ।

ଖଡ଼ଖାଇ ଡ୍ୟାମ୍ (ସୁଲେଇପାଟ ନଦୀ ବନ୍ଧ)

ଖଡ଼ଖାଇ (ସୁଲେଇପାଟ) ଡ୍ୟାମ୍

ଖଡ଼ଖାଇ ନଦୀ ଉପରେ ନିର୍ମିତ ସୁଲେଇପାଟ ନଦୀବନ୍ଧଟି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ । ଖଡ଼ଖାଇ ନଦୀଟି ଶିମିଳିପାଳରୁ ବାହାରି ରାଇରଙ୍ଗପୁର ଉପଖଣ୍ଡ ଦେଇ ପ୍ରବାହିତ ହେବା ପରେ ଜାମ୍‌ସେଦ୍‌ପୁର ନିକଟରେ ସୁବର୍ଣ୍ଣରେଖା ନଦୀରେ ପଡ଼ିଛି । ରାଇରଙ୍ଗପୁର ଉପଖଣ୍ଡର କୁସୁମି ବ୍ଲକ୍‌ରେ ଖଡ଼ଖାଇ ନଦୀରେ ଦୁଇଟି ପାହାଡ଼କୁ ସଂଯୋଗ କରି ଏହି ନଦୀ ବନ୍ଧ

Digitized by srujanika@gmail.com

ନିର୍ମାଣ କରାଯାଇଛି । ଏହି ନଦୀବନ୍ଧଟି ୧୯୭୨ ମସିହାରେ ଆରମ୍ଭ ହୋଇ ୧୯୭୯ ମସିହାରେ ଶେଷ ହୋଇଥିଲା । ତତ୍‌କାଳୀନ କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୭୯ ମସିହାରେ ଡ୍ୟାମ୍‌ଟି ଉଦ୍‌ଘାଟିତ ହୋଇଥିଲା । ଏହି ମାଟି ବନ୍ଧଟିର ଦୈର୍ଘ୍ୟ ୨୦୪ ମିଟର ଏବଂ ଉଚ୍ଚତା ୨୭ ମିଟର । ଏଥିରେ ଗୋଟିଏ ସ୍ପିଲ୍ ଓ୍ୱେ ରହିଛି । ପ୍ରତିବର୍ଷ ଡିସେମ୍ବରରୁ ଫେବ୍ରୁଆରୀ ମାସ ମଧ୍ୟରେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ରାଇରଙ୍ଗପୁରଠାରୁ ଯଶୀପୁର ରାସ୍ତାରେ ୪ କିଲୋମିଟର ଅତିକ୍ରମ କଲାପରେ ପଡ଼େ ଭାଲୁବସା ଛକ । ସେଠାରୁ ବାମକୁ ୧୭ କିଲୋମିଟର ଗଲେ ପଡ଼ିଥାଏ ସୁଲେଇପାଟ ଡ୍ୟାମ୍ । ଏଠାକାର ଶାନ୍ତ, ଶୀତଳ ଓ ସବୁଜିମା ପରିବେଶ ଓ ଡେଙ୍ଗୀ ଶାଳବଣ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

ନେସା ଡ୍ୟାମ୍

ଶିମିଳିପାଳରୁ ବାହାରିଥିବା ନେସା ନଦୀ ବହଳଦାର ତଳମୁଣ୍ଡରେ ଖଡ଼ଖାଇ ନଦୀ ସହିତ ମିଳିତ ହୋଇଛି । ବହଳଦାର ଉପରମୁଣ୍ଡ ଇନ୍ଦଖୋଲିଠାରେ ନେସା ନଦୀରେ ୧୯୭୮ ମସିହାରେ ଏକ ଡ୍ୟାମ୍ ନିର୍ମାଣ କରାଯାଇଛି । ଏଠାରେ ଦୁଇଟି ପାହାଡ଼କୁ ଏକ ମାଟି ବନ୍ଧ ଦ୍ୱାରା ବନ୍ଧାଇ ନେସା ନଦୀର ଜଳକୁ ଅଟକାଇ ରଖାଯାଇଛି । ନେସା ଡ୍ୟାମର ଦୈର୍ଘ୍ୟ ୭୩୦ ମିଟର ହୋଇଥିବାବେଳେ ଉଚ୍ଚତା ୧୮ ମିଟର । ଶୀତଦିନେ ଏଠାରେ ପର୍ଯ୍ୟଟକମାନଙ୍କର ଭିଡ଼ ଜମିଥାଏ । ବହଳଦାଠାରୁ ଝରାଡିହି ରାସ୍ତା ଦେଇ ୭ କିଲୋମିଟର ଗଲାପରେ ପଡ଼ିଥାଏ ଇନ୍ଦଖୋଲି । ଇନ୍ଦଖୋଲିରୁ ପୁଣି ୪ କିଲୋମିଟର ଦକ୍ଷିଣକୁ ଗଲାପରେ ନେସା ଜଳଭଣ୍ଡାର ଦୃଶ୍ୟମାନ ହୋଇଥାଏ । ନେସା ଜଳଭଣ୍ଡାର

Digitized by srujanika@gmail.com

ମଧ୍ୟରେ ପବନରେ ଦୋଳି ଖେଳୁଥିବା ଟିକିଟିକି ଢେଉ ଏବଂ ଜଳଭଣ୍ଡାରର ଚାରିକଡ଼େ ବେଢ଼ି ରହିଥିବା ପାହାଡ଼, ଘଞ୍ଚ ସବୁଜ ଶାଳ ଜଙ୍ଗଲ ପର୍ଯ୍ୟଟକଙ୍କ ହୃଦୟକୁ ଚହଲାଇଦିଏ ।

ବାଙ୍କବଳ ଡ୍ୟାମ୍

ବାଙ୍କବଳ ନଦୀଟି ଖଡ଼ଖାଇ ନଦୀର ଏକ ପ୍ରମୁଖ ଉପନଦୀ । ବାଙ୍କବଳ ନଦୀର ଉପର ମୁଣ୍ଡରେ କୁସୁମୀ ବ୍ଲକର ଡ଼ୁମୁରିଆଠାରେ ଏକ ମନୋରମ ଡ୍ୟାମ୍ ନିର୍ମାଣ କରାଯାଇଛି । ଶିମିଳିପାଳରୁ ବାହାରିଥିବା

ବାଙ୍କବଳ ନଦୀଟି ରାଇରଙ୍ଗପୁରର ଉପର ମୁଣ୍ଡରେ ଖଡ଼ଖାଇ ସହ ମିଳିତ ହୋଇଛି । ଏହି ନଦୀବନ୍ଧଟି ଏକ ମାଟିବନ୍ଧ ହୋଇଥିବାବେଳେ ଏହାର ଦୈର୍ଘ୍ୟ ୧୯୦୦ ମିଟର ଏବଂ ଉଚ୍ଚତା ୧୮ ମିଟର । ୧୯୮୦ ମସିହାରେ ଏହି ଡ୍ୟାମ୍ ନିର୍ମାଣ କାମ ଆରମ୍ଭ ହୋଇ ୧୯୮୮ ମସିହାରେ ଶେଷ ହୋଇଥିଲା । ଏହି ଜଳଭଣ୍ଡାରର ଜଳ ରାଇରଙ୍ଗପୁର ଉପଖଣ୍ଡର ଚାଷୀଙ୍କ ପାଇଁ ଜଳସେଚନରେ ସହାୟକ ହୋଇଥାଏ । ବାମନଘାଟି ଉପଖଣ୍ଡବାସୀଙ୍କ ସମେତ ସମଗ୍ର ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟକମାନେ ଶୀତଦିନେ ଏଠାରେ ବଣଭୋଜି ଓ ପିକ୍‌ନିକ୍‌ର ମଜା ନେଇଥା'ନ୍ତି ଏହି ଜଳଭଣ୍ଡାରର ଉପର ପାର୍ଶ୍ୱରେ ଥିବା ପାହାଡ଼ ଓ ଜଙ୍ଗଲ ତଥା ନିମ୍ନ ପ୍ରଦେଶରେ ଥିବା ବିସ୍ତୀର୍ଣ୍ଣ କୃଷିକ୍ଷେତ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ନେସା ଜଳଭଣ୍ଡାରର ଖୁବ୍ ନିକଟରେ ଅନ୍ୟ ଏକ ପାର୍ଶ୍ୱରେ ସୁଲେଇପାଟ (ଖଡ଼ଖାଇ) ଜଳଭଣ୍ଡାର ରହିଛି ।

ହାତୀବାରି ଦେଓ ଡ୍ୟାମ୍

କରଞ୍ଜିଆ ସବ୍ ଡିଭିଜନ ଅନ୍ତର୍ଗତ ଡାଟୋଠାରୁ ୧୦ କିଲୋମିଟର ପୂର୍ବ ଦିଗରେ ହାତୀବାରି ଗାଁ ନିକଟରେ ଦୁଇଟି ପାହାଡ଼ ମଧ୍ୟରେ ବନ୍ଧ ବନ୍ଧାଯାଇ ଦେଓ ଡ୍ୟାମ୍ ନିର୍ମାଣ କରାଯାଇଛି । ଶିମିଳିପାଳରୁ

Digitized by srujanika@gmail.com

ବହି ଯାଇଥିବା ପଶ୍ଚିମ ଦେଓ ନଦୀ ଉପରେ ଏହି ଡ୍ୟାମ୍ ନିର୍ମାଣ କରାଯାଇଛି । ଏଠାକାର ପ୍ରାକୃତିକ ଶୋଭା ଓ ପର୍ବତଘେରା ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

ଶଙ୍କରମରା ଡ୍ୟାମ୍

ବାଲିଡିହା ଡ୍ୟାମ୍ ବୁଲାବୁଲି ସାରି ଆପଣ ଭୁଆଁଶୁଣୀ ରାସ୍ତା ଦେଇ ବାଙ୍କିରିପୋଷିକୁ ଗଲାବେଳେ ବାଟରେ ପଡ଼ିବ ଶଙ୍କରମରା ଡ୍ୟାମ୍ । ଏହି ଡ୍ୟାମ୍‌ଟି କୁଳିଅଣା ବ୍ଲକ୍‌ରେ ଥିଲେ ମଧ୍ୟ ଅନେକ ଭାବନ୍ତି ଏହା ବାଙ୍କିରିପୋଷି ଓ ଶ୍ୟାମାଖୁଣ୍ଟା ବ୍ଲକ୍‌ର । କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନାବାର୍ଡ଼ର ଆର୍ଥିକ ସହାୟତାରେ ଏହି ଡ୍ୟାମ୍ ନିର୍ମିତ ହୋଇଛି । ଏହାର ପାରିପାର୍ଶ୍ୱିକ ପ୍ରାକୃତିକ ଶୋଭା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହି ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ୨୦୦୨ ମସିହାରୁ ଆରମ୍ଭ ହୋଇ ୨୦୦୮ ମସିହାରେ ଶେଷ ହୋଇଥିଲା । ଶୀତଦିନେ ଏଠାରେ ପର୍ଯ୍ୟଟକଙ୍କ ଗହଳି ଜମିଥାଏ । କୁଳିଅଣା ବ୍ଲକ୍‌ର ଜଗନ୍ନାଥପୁର ଗ୍ରାମ ଉପକଣ୍ଠରେ ବହି ଯାଉଥିବା ଶଙ୍କରମରା ନଦୀର ଜଳକୁ ଅଟକାଇ ଏହି ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଶିମିଳିପାଳ ଜୈବମଣ୍ଡଳରେ ଥିବା **ବାଙ୍କଡ଼ା (କୁଣ୍ଡଳବଣି)** ପାହାଡ଼ରୁ ଶଙ୍କରମରା ନଦୀଟି ଉତ୍ପତ୍ତିଲାଭ କରିବାର କିଛି ଦୂର ଆଗରେ ଜଳଭଣ୍ଡାରଟି ନିର୍ମାଣ କରାଯାଇଛି । ଏହି ଜଳଭଣ୍ଡାରର ଗୋଟିଏ ପାର୍ଶ୍ୱରେ **ଏଦେଲବେଡ଼ା ପାହାଡ଼** ଏବଂ ଏଦେଲ୍‌ବେଡ଼ା ଗ୍ରାମ ଅବସ୍ଥିତ ।

Digitized by srujanika@gmail.com

ନେଦାମ୍ ଡ୍ୟାମ୍

ମୟୁରଭଞ୍ଜ ଜିଲ୍ଲାର ଯଦି ସବୁଠୁ ଆକର୍ଷଣୀୟ ଜଳଭଣ୍ଡାର କିଏ ଥାଏ, ତେବେ ତାହା ହେଉଛି ନେଦାମ୍ ଜଳଭଣ୍ଡାର । ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ସୋରିଷପାଳ ପଞ୍ଚାୟତରେ ଅବସ୍ଥିତ ନେଦାମ୍

ଜଳଭଣ୍ଡାର ଓ ଏହାର ପ୍ରାକୃତିକ ପରିବେଶ ଜଣେ ପର୍ଯ୍ୟଟକକୁ ବିମୋହିତ କରିଦିଏ । ନେଦାମ୍ ଗ୍ରାମ ଉପକଣ୍ଠରେ ଶିମିଳିପାଳ ଜୈବମଣ୍ଡଳର ପାଦଦେଶରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହି ଡ୍ୟାମ୍ ନିର୍ମିତ ହୋଇଛି । ଶିମିଳିପାଳରେ ଥିବା ଦୁଇଟି ପ୍ରସିଦ୍ଧ ପାହାଡ଼ **ପେଟୁଆ ପାହାଡ଼** ଏବଂ **ବଳଦିଆ ପାହାଡ଼**କୁ ବନ୍ଧାଯାଇ ଏହି ଜଳଭଣ୍ଡାର ନିର୍ମାଣ କରାଯାଇପାରିଛି । ଶିମିଳିପାଳ ମଧ୍ୟରେ ଥିବା ଛୋଟବଡ଼ ପାହାଡ଼ି ଝରଣା, ଜଙ୍ଗଲି ନାଳ ଏବଂ ସର୍ବୋପରି ବାଙ୍ଗିରିପୋଷି ବ୍ଲକ୍‌ର ପ୍ରସିଦ୍ଧ ବ୍ରାହ୍ମଣକୁଣ୍ଡ ଜଳପ୍ରପାତରୁ ନିର୍ଗତ ଜଳକୁ ଏହି ଜଳଭଣ୍ଡାର ମଧ୍ୟରେ ଗଚ୍ଛିତ ରଖାଯାଇଛି ।

ଜଳଭଣ୍ଡାରର ଜଳରାଶୀ, ପାହାଡ଼ ଉପତ୍ୟକା ଓ ସବୁଜ ଜଙ୍ଗଲର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିଥାଏ । ଏଠାକୁ ଆସିବାକୁ ହେଲେ ଆପଣ ପ୍ରଥମେ ବାଙ୍ଗିରିପୋଷି ବଜାରରୁ କୁସୁମବନ୍ଧ ଛକରେ ପହଞ୍ଚିବେ ଏବଂ ଏହି ଛକରୁ ଦକ୍ଷିଣକୁ ରଙ୍ଗାମାଟିଆ ଦେଇ ପହଞ୍ଚିପାରିବେ କିମ୍ବା ବାରିପଦାରୁ ଶ୍ୟାମାଖୁଣ୍ଟା ବ୍ଲକ୍‌ର ବାଲିଡିହା, ଭୁଆଶୁଣୀ ଏବଂ କୁସୁମବନ୍ଧ ଛକରୁ ବାମକୁ ରଙ୍ଗାମାଟିଆ ଦେଇ ପହଞ୍ଚିପାରିବେ । ବାରିପଦାରୁ ବାଲିଡିହା ୧୪ କିଲୋମିଟର, ବାଲିଡିହାରୁ ଭୁଆଶୁଣୀ ୧୭ କିଲୋମିଟର, ଭୁଆଶୁଣୀରୁ କୁସୁମବନ୍ଧ ୧୨ କିଲୋମିଟର, କୁସୁମବନ୍ଧରୁ ନେଦାମ୍ ୭ କିଲୋମିଟର । ସେହିଭଳି ବାରିପଦାରୁ ବାଙ୍ଗିରିପୋଷି ୩୫ କିଲୋମିଟର, ବାଙ୍ଗିରିପୋଷିରୁ ନେଦାମ୍ ୧୫ କିଲୋମିଟର ।

Digitized by srujanika@gmail.com

ନେଦାମ୍ ଗ୍ରାମଟି ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅବସ୍ଥିତ । ଏହାର ଖୁବ୍ ନିକଟରେ ପ୍ରସିଦ୍ଧ **ବ୍ରାହ୍ମଣକୁଣ୍ଡ ଜଳପ୍ରପାତ ଓ କାନଚିରା ପ୍ରାକୃତିକ ପର୍ଯ୍ୟଟନସ୍ଥଳ** ଅବସ୍ଥିତ । କାନଚିରା ପ୍ରାକୃତିକ ପର୍ଯ୍ୟଟନସ୍ଥଳଟି ମଣିଷ ମନରେ ଗଭୀର ତୃପ୍ତି ଓ ମାନସିକ ସ୍ଥିରତା ଦେଇଥାଏ ।

ଅରିକୁଳ ଡ୍ୟାମ୍

ଶିମିଳିପାଳ ପାଦଦେଶରେ ଖୁଣ୍ଟା ବ୍ଲକ୍ ସପନଚୁଆ ଓ ଲକ୍ଷ୍ମଣସାହି ମଧ୍ୟରେ ଅରିକୂଳ ଜଳଭଣ୍ଡାର ଅବସ୍ଥିତ । ଶିମିଳିପାଳରୁ ନିର୍ଗତ ଅରିକୂଳ ଝରଣାର ପାଣିକୁ ଅଟକାଇ ଏଠାରେ ଏକ ଜଳଭଣ୍ଡାର ନିର୍ମାଣ କରାଯାଇଛି । ବାରିପଦା-ଉଦଳା ୧୯ ନମ୍ବର ଜାତୀୟ ରାଜପଥ ଦେଇ ବାରିପଦାରୁ ୨୦ କିଲୋମିଟର ଗଲେ ପଡ଼ିଥାଏ ପୁରୁଣାପାଣି ଛକ । ପୁରୁଣାପାଣି ଛକରୁ ମାତ୍ର ୭ କିଲୋମିଟର ପଶ୍ଚିମରେ ଅରିକୂଳ ଡ୍ୟାମ୍ ଅବସ୍ଥିତ । ଶିମିଳିପାଳ ପାଦଦେଶର ପ୍ରାକୃତିକ ବିଭବ ଓ ଡ୍ୟାମ୍ ଚତୁର୍ପାର୍ଶ୍ୱର ଜଙ୍ଗଲ, ପାହାଡ଼ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ପ୍ରତିବର୍ଷ ଡିସେମ୍ବର-ଜାନୁୟାରୀ ମାସ ବେଳକୁ ଏଠାରେ ପିକ୍‌ନିକ୍ ଓ ବଣଭୋଜି ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି ।

ବଡ଼ଯୋଡ଼ ପକ୍ଷୀବିହାର

ପ୍ରତିବର୍ଷ ଶୀତଋତୁରେ ବାରିପଦା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ଯୋଡ଼ ପଞ୍ଚାୟତ ଅଧୀନରେ ଥିବା ପ୍ରସିଦ୍ଧ ବଡ଼ଯୋଡ଼ ଜଳଭଣ୍ଡାରରେ ପକ୍ଷୀ ଓ ପର୍ଯ୍ୟଟକମାନଙ୍କ ଗହଳି ଲାଗିଯାଏ । କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ଏହି ଜଳଭଣ୍ଡାରଟି ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଯେତିକି ସହାୟକ

Digitized by srujanika@gmail.com

ହୋଇଥାଏ, ତା'ଠୁଁ ବେଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଶିମିଳିପାଳରୁ ବାହାରିଥିବା **ବଡ଼ଯୋଡ଼** ଖାଳଟି ବଡ଼ସାହି ବ୍ଲକ୍ ଅନ୍ତର୍ଗତ ବେଲପାଳ ଘାଟ ନିକଟରେ **ବୁଢ଼ାବଳଙ୍ଗ** ନଦୀ ସହିତ ମିଳିତ ହୋଇଛି । ଏହା ବେଲପାଳ ଘାଟ (ଦୋମୁହାଁଣି) ଭାବେ ପରିଚିତ । ଏଠାରେ ପ୍ରତିବର୍ଷ ସାନ୍ତାଳ ସଂପ୍ରଦାୟର ଲୋକେ ସେମାନଙ୍କର ଅସ୍ଥି ବିସର୍ଜନ ପର୍ବ (ଦାମୋଦର ମେଳା)ର ଆୟୋଜନ କରିଥା'ନ୍ତି । ଏଠାକୁ ପ୍ରତିବର୍ଷ ଶୀତଋତୁରେ ଲକ୍ଷାଧିକ ସଂଖ୍ୟାରେ ବିଦେଶୀ ପକ୍ଷୀମାନେ ଆସିଥାନ୍ତି । ବାରିପଦା-ବାଲେଶ୍ୱର ୧୮ ନମ୍ବର ଜାତୀୟ ରାଜପଥରେ ବାରିପଦା ପଟୁ ଗଲେ ନଙ୍ଗଳକଟା (କେସିପୁର) ଚର୍ଚ୍ଚ ଛକରୁ ଦକ୍ଷିଣକୁ ମାତ୍ର ୩ କିଲୋମିଟର ଦୂରରେ ଏହି ମନୋରମ ଜଳାଶୟ ଅବସ୍ଥିତ । ଜଳାଶୟଟି ଏବେ ପୋତି ହୋଇପଡ଼ିବା କାରଣରୁ ଏହା କିଛିମାତ୍ରାରେ ନିଜର ସୌନ୍ଦର୍ଯ୍ୟ ହରାଇବସିଛି । ଏହାର ପୁନରୁଦ୍ଧାର ଜରୁରି ହୋଇପଡ଼ିଛି ।

ମୟୁରଭଞ୍ଜ ଜିଲ୍ଲାର କିଛି ଜଳାଶୟ ଓ 'ପକ୍ଷୀ ବିହାର'

ଶୀତ ଋତୁରେ କାହିଁ କେତେ ଦୂରରୁ ବହୁ ବିଦେଶାଗତ ପକ୍ଷୀ ମୟୁରଭଞ୍ଜ ଜିଲ୍ଲାକୁ ବୁଲିଆସନ୍ତି । ସେମାନେ ଜିଲ୍ଲାରେ ଥିବା ପ୍ରାକୃତିକ ଓ କୃତ୍ରିମ ଜଳାଶୟଗୁଡ଼ିକରେ ଆଶ୍ରୟ ନେଇ ଶୀତଦିନକୁ ବେଶ୍ ଉପଭୋଗ କରି ଫେରି ଯାଆନ୍ତି । ମୟୁରଭଞ୍ଜ ଜିଲ୍ଲାରେ ଶହେରୁ ଅଧିକ ଜଳାଶୟ ରହିଛି, ଯାହା ଶୀତଦିନେ ପକ୍ଷୀଙ୍କ ଅଭୟାରଣ୍ୟ ପାଲଟିଥାଏ । ଏହି ଜଳାଶୟଗୁଡ଼ିକ 'ପକ୍ଷୀ ବିହାର' ଭାବେ ପରିଚିତ । ପ୍ରତିବର୍ଷ ଡିସେମ୍ବରରୁ ଜାନୁୟାରୀ ମାସ ମଧ୍ୟରେ ବନ ବିଭାଗ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲାରେ ଥିବା ଏସବୁ ଜଳାଶୟଗୁଡ଼ିକରେ ପକ୍ଷୀଗଣନା କାର୍ଯ୍ୟ ହୋଇଥାଏ । ଏହିସବୁ ପ୍ରାକୃତିକ ଓ କୃତ୍ରିମ ଜଳାଶୟ ପକ୍ଷୀମାନଙ୍କୁ ଯେତିକିମାତ୍ରାରେ ଆକୃଷ୍ଟ କରିଥାଏ ତା'ଠୁ ଅଧିକ ମାତ୍ରାରେ ଆକର୍ଷିତ

Digitized by srujanika@gmail.com

କରିଥାଏ ପର୍ଯ୍ୟଟକମାନଙ୍କୁ । ପ୍ରତିବର୍ଷ ଶୀତଋତୁରେ ଏହିସବୁ 'ପକ୍ଷୀବିହାର' (ଜଳାଶୟ)ଗୁଡ଼ିକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥା'ନ୍ତି । ମୟୂରଭଞ୍ଜ ଜିଲ୍ଲାର କିଛି ପ୍ରାକୃତିକ ଓ କୃତ୍ରିମ 'ପକ୍ଷୀ ବିହାର'ର ନାମ ନିମ୍ନରେ ପ୍ରଦାନ କରାଗଲା-

୧. ବଡ଼ଯୋଡ଼ (ବେତନଟୀ ରେଞ୍ଜ)
୨. ପଣସିଆ (ବେତନଟୀ ରେଞ୍ଜ)
୩. ଦାନ୍ତିଆମୁହାଁ (ବେତନଟୀ ରେଞ୍ଜ)
୪. ସାରିଆ (ବେତନଟୀ ରେଞ୍ଜ)
୫. ପଦ୍ମା (ବେତନଟୀ ରେଞ୍ଜ)
୬. ବେଣାଶୋଳ ନଳା (ବେତନଟୀ ରେଞ୍ଜ)
୭. ହାଣ୍ଡିଭଙ୍ଗା ବନ୍ଧ (ବେତନଟୀ ରେଞ୍ଜ)
୮. ବାଉଁଶନଳା (ବେତନଟୀ ରେଞ୍ଜ)
୯. ଆମ୍ବଯୋଡ଼ା (ବେତନଟୀ ରେଞ୍ଜ)
୧୦. ଦରିଆକୁଣ୍ଡି (ବେତନଟୀ ରେଞ୍ଜ)
୧୧. ଖଡ଼ିଆଶୋଳ (ବେତନଟୀ ରେଞ୍ଜ)
୧୨. ଗଡ଼ଦେଉଳିଆ କୁଣ୍ଡି (ବେତନଟୀ ରେଞ୍ଜ)
୧୩. ରାଜାବନ୍ଧ (ଉଦଳା ରେଞ୍ଜ)
୧୪. ଢଂଭିରା ଜଳଭଣ୍ଡାର (ଦେଉଳି ରେଞ୍ଜ)
୧୫. ଫାନିଆ ବନ୍ଧ (ଦେଉଳି ରେଞ୍ଜ)
୧୬. ପଚାଖାଳି (ଦେଉଳି ରେଞ୍ଜ)
୧୭. ହଳଦିଆ ଜଳଭଣ୍ଡାର (ଦେଉଳି ରେଞ୍ଜ)
୧୮. ରାଜାବନ୍ଧ (ବାଙ୍ଗିରିପୋଷି ରେଞ୍ଜ)
୧୯. ଆମ୍ବଡିହା ବନ୍ଧ (ବାଙ୍ଗିରିପୋଷି ରେଞ୍ଜ)
୨୦. ସରକାରୀ ବନ୍ଧ (ବାଙ୍ଗିରିପୋଷି ରେଞ୍ଜ)
୨୧. ନେଦାମ୍ ଡ୍ୟାମ୍ (ବାଙ୍ଗିରିପୋଷି ରେଞ୍ଜ)
୨୨. ଝାରମାଡା ବନ୍ଧ (ବାଙ୍ଗିରିପୋଷି ରେଞ୍ଜ)
୨୩. ବୁଢ଼ାବଳଙ୍ଗ ନଦୀ (ପିଠାବଟା ରେଞ୍ଜ)
୨୪. ରାଜାବନ୍ଧ (ପିଠାବଟା ରେଞ୍ଜ)

Digitized by srujanika@gmail.com

୨୫. ବାଲିଡିହା ଜଳଭଣ୍ଡାର (ପିଠାବଟା ରେଞ୍ଜ)
୨୬. କାଳ ଡ୍ୟାମ୍ (କପ୍ତିପଦା ରେଞ୍ଜ)
୨୭. ସୁନେଇ ଡ୍ୟାମ୍ (କପ୍ତିପଦା ରେଞ୍ଜ)
୨୮. ରାସଗୋବିନ୍ଦପୁର ବନ୍ଧ (ରାସଗୋବିନ୍ଦପୁର ରେଞ୍ଜ)
୨୯. ଘାଗରା ଡ୍ୟାମ୍ (ରାସଗୋବିନ୍ଦପୁର ରେଞ୍ଜ)
୩୦. ଚିତ୍ରଡ଼ା ଡ୍ୟାମ୍ (ରାସଗୋବିନ୍ଦପୁର ରେଞ୍ଜ)
୩୧. ରାଜାବନ୍ଧ (ରାସଗୋବିନ୍ଦପୁର ରେଞ୍ଜ)
୩୨. ଘୋଡ଼ାବନ୍ଧ (ରାସଗୋବିନ୍ଦପୁର ରେଞ୍ଜ)
୩୩. ଚିକିଟାମାଟିଆ (ରାସଗୋବିନ୍ଦପୁର ରେଞ୍ଜ)
୩୪. ପ୍ରତାପପୁର ଗଣ୍ଡ (ଡୁକୁରା ରେଞ୍ଜ)
୩୫. ଖୁଣ୍ଟାପାଳ ଗଣ୍ଡ (ଡୁକୁରା ରେଞ୍ଜ)
୩୬. ମାଣତ୍ରୀ କୁଣ୍ଡି (ଡୁକୁରା ରେଞ୍ଜ)
୩୭. ସାତପଉଟିଆ ଗଣ୍ଡ (ଡୁକୁରା ରେଞ୍ଜ)
୩୮. କେନ୍ଦୁଆ ବନ୍ଧ (ଡୁକୁରା ରେଞ୍ଜ)
୩୯. ମାଧବୀ ଡ୍ୟାମ୍ (ଡୁକୁରା ରେଞ୍ଜ)
୪୦. ଯମୁନା (ଡୁକୁରା ରେଞ୍ଜ)
୪୧. ଯଦୁନାଥପୁର ଡ୍ୟାମ୍ (ଡୁକୁରା ରେଞ୍ଜ)
୪୨. ଅରିକୁଳ ଡ୍ୟାମ୍ (ଡୁକୁରା ରେଞ୍ଜ)
୪୩. ତରଡ଼ିହା (ସାତକୋଶିଆ ରେଞ୍ଜ)
୪୪. ଶତବେଦୀ (ସାତକୋଶିଆ ରେଞ୍ଜ)
୪୫. ଗଂଭାରିଆ ବନ୍ଧ (କରଞ୍ଜିଆ ରେଞ୍ଜ)
୪୬. ବ୍ରାହ୍ମଣୀପୋଷି ବନ୍ଧ (କରଞ୍ଜିଆ ରେଞ୍ଜ)
୪୭. ମେଣ୍ଢାମୁଣ୍ଡି ବନ୍ଧ (କରଞ୍ଜିଆ ରେଞ୍ଜ)
୪୮. ତେଲିଆ ବନ୍ଧ (କରଞ୍ଜିଆ ରେଞ୍ଜ)
୪୯. ହଳଦିଆ ବନ୍ଧ (କରଞ୍ଜିଆ ରେଞ୍ଜ)
୫୦. ସର୍ଦ୍ଦାର ବନ୍ଧ (କରଞ୍ଜିଆ ରେଞ୍ଜ)
୫୧. ରାଜାବନ୍ଧ (କରଞ୍ଜିଆ ରେଞ୍ଜ)

Digitized by srujanika@gmail.com

୫୨. ହାତୀଶାଳବେଡ଼ା ବନ୍ଧ (କରଞ୍ଜିଆ ରେଞ୍ଜ)
୫୩. ସଲରପଦା ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୫୪. ପଣସପାଳ ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୫୫. ଚାମ୍ପବଣି ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୫୬. ପାନପୋଷି ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୫୭. ବଡ଼ନଈ ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୫୮. ସୁନାମୁହିଁ ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୫୯. ପୁରୁଣାପାଣି ଜଳଭଣ୍ଡାର (ଦୁଧିଆଣି ରେଞ୍ଜ)
୬୦. ଶାଳଦୀ ନଦୀ (ଠାକୁରମୁଣ୍ଡା ରେଞ୍ଜ)
୬୧. ଠାକୁରମୁଣ୍ଡା ପୁଷ୍କରିଣୀ (ଠାକୁରମୁଣ୍ଡା ରେଞ୍ଜ)
୬୨. ଝାରବେଡ଼ା (ଗୁଡୁଗୁଡିଆ ରେଞ୍ଜ)
୬୩. ନିଉଣ୍ଟି ପୁଷ୍କରିଣୀ (ଗୁଡୁଗୁଡିଆ ରେଞ୍ଜ)
୬୪. କୁମୁଡାବାଡ଼ି ଡ୍ୟାମ୍ (ଗୁଡୁଗୁଡିଆ ରେଞ୍ଜ)
୬୫. ରାଜାବନ୍ଧ (କେନ୍ଦୁମୁଣ୍ଡି ରେଞ୍ଜ)
୬୬. ପଡ଼ିଆବେଡ଼ା ପୋଖରୀ (କେନ୍ଦୁମୁଣ୍ଡି ରେଞ୍ଜ)
୬୭. ସୁଲେଇପାଟ ଜଳଭଣ୍ଡାର (ବାଦାମପାହାଡ଼ ରେଞ୍ଜ)
୬୮. ବାଙ୍କବଳ ଡ୍ୟାମ୍ (ବିଶୋଇ ରେଞ୍ଜ)
୬୯. ରାଣୀବନ୍ଧ (ରାଇରଙ୍ଗପୁର ରେଞ୍ଜ)
୭୦. ବଡ଼ବନ୍ଧ (ରାଇରଙ୍ଗପୁର ରେଞ୍ଜ)
୭୧. ପୋଖରିଆ ଡ୍ୟାମ୍ (ବହଳଦା ରେଞ୍ଜ)
୭୨. ନେସା ଡ୍ୟାମ୍ (ବହଳଦା ରେଞ୍ଜ)

Digitized by srujanika@gmail.com

ଚତୁର୍ଥ ପରିଚ୍ଛେଦ

ଧରାର ସ୍ୱର୍ଗ : ଶିମିଳିପାଳ

ବଙ୍ଗୋପସାଗରର ଉର୍ଦ୍ଧ୍ୱଗତି ଓ ଶିମିଳିପାଳ ପର୍ବତମାଳାର ଅଭ୍ୟୁଦୟ

ଆମେ ଆଜି ମୟୂରଭଞ୍ଜ ଜିଲ୍ଲାର ଯେଉଁ ସୁଦୀର୍ଘ ଶିମିଳିପାଳ ପର୍ବତମାଳା ଦେଖୁଛୁ, ତାହା ଦିନେ ସମୁଦ୍ର ଥିଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଅନୁରୂପ ଆଜିର ହିମାଳୟ ପାର୍ବତ୍ୟାଞ୍ଚଳ ବି ଦିନେ ସମୁଦ୍ର ଥିଲା । **'ଟେଥିସ୍ ସାଗର'**ର ଉର୍ଦ୍ଧ୍ୱମୁଖୀ ପ୍ରକ୍ରିୟା ଫଳରେ ହିମାଳୟ ପର୍ବତମାଳା ସୃଷ୍ଟି ହେବାଭଳି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପର୍ବତମାଳା ଦିନେ ଆଜିର ବଙ୍ଗୋପସାଗର ଅଂଶବିଶେଷ ଥିଲା । ବଙ୍ଗୋପସାଗର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ଭୂମିରୁ ଲାଭା ଉଦ୍‌ଗୀରଣ ହୋଇ ଶିମିଳିପାଳ ପର୍ବତମାଳା ସୃଷ୍ଟି ହୋଇଛି । ବିଶ୍ୱପ୍ରସିଦ୍ଧ ସର୍ବପୁରାତନ **'ବାରିପଦା ଶିଳାଶଯ୍ୟା'** *(Baripada Bed)*ର ଭୂତାତ୍ତ୍ୱିକ ଓ ଜୀବାଶ୍ମ ଅଧ୍ୟୟନରୁ ଏହା ଜଣାପଡ଼ିଛି ।

ଆଜିକୁ ୭ ନିୟୁତ ବର୍ଷରୁ ୨୬ ନିୟୁତ ବର୍ଷ ମଧ୍ୟରେ ମଧ୍ୟ ମାୟୋସିନ୍ କାଳ *(middle miocene period)*ରେ ଶିମିଳିପାଳ ପର୍ବତମାଳା ସମେତ ଏହାର ପାଦଦେଶରେ ଅବସ୍ଥିତ ବାରିପଦା ସହର ବଙ୍ଗୋପସାଗରର ଅଗଭୀର ଅଂଶବିଶେଷ ଥିଲା । ମୋଟ ଉପରେ ବୁଝିବାକୁ ଗଲେ ଶିମିଳିପାଳ ପର୍ବତାମାଳାକୁ ଘେରି ରହିଥିବା ସମଗ୍ର ମୟୂରଭଞ୍ଜ ଜିଲ୍ଲା ହିଁ ବଙ୍ଗୋପସାଗର ମଧ୍ୟରେ ଥିଲା । ବଙ୍ଗୋପସାଗରର ଏହି ଅଗଭୀର ଅଂଶର ଉର୍ଦ୍ଧ୍ୱଗତି ଫଳରେ ଏଠାରେ ଏହି ସୁବିସ୍ତୃତ ଭୂ-ଭାଗ ସୃଷ୍ଟି ହୋଇଛି ।

ଆଜିର ବାରିପଦା ଓ ଉଦଳା ଉପଖଣ୍ଡ ଅଞ୍ଚଳକୁ ନେଇ ବୁଢାବଳଙ୍ଗ ନଦୀ ଉପତ୍ୟକାରେ ଯେଉଁ ବିଶାଳ ପାର୍ବତ୍ୟାଞ୍ଚଳ ରହିଛି ତାହା ହିଁ 'ବାରିପଦା ଶିଳାଶଯ୍ୟା' । ବୁଢାବଳଙ୍ଗ ନଦୀ ଦ୍ୱାରା ଖୋଦିତ ହୋଇ ଅବକ୍ଷିପ୍ତ ଶିଳାସ୍ତରର ବହିଃପ୍ରକାଶ ଘଟି 'ବାରିପଦା ଶିଳାଶଯ୍ୟା' ସୃଷ୍ଟି ହୋଇଛି । ବାରିପଦା ଓ ଏହାର ଆଖପାଖ ଅଞ୍ଚଳରେ ଭୂ-ତଳ ଜଳ ପାଇଁ ଖନନ ବେଳେ ଯେଉଁସବୁ ପ୍ରସ୍ତର ନମୁନା ମିଳିଥିଲା ଏହି ବାରିପଦା ଶିଳାଶଯ୍ୟା ଅନ୍ତର୍ଭୁକ୍ତ ବୋଲି ଜଣାପଡ଼ିଥିଲା । ବିଶେଷକରି, ବାରିପଦା

Digitized by srujanika@gmail.com



ଶିଳାଶଯ୍ୟା ଢ଼ଳଦିଆ ଚୂନପଥର *(Limestone)*, ଶେଲ୍ *(Shales)*, କର୍ଦ୍ଦମଶିଳା *(Alluvium)* ଓ ମାଙ୍କଡ଼ାପଥର *(Laterite)* ଦ୍ୱାରା ଗଠିତ ।

ଶିମିଳିପାଳ ଜୈବମଣ୍ଡଳ ଦିନେ ସମୁଦ୍ର ଥିଲା ବୋଲି ଏଠାରୁ ଉଦ୍ଧାର କରାଯାଇଥିବା ସାମୁଦ୍ରିକ ଜୀବାଶ୍ମ*(marine fossil)*ରୁ ପ୍ରମାଣ ମିଳିଛି । ଶିମିଳିପାଳ ଏବଂ ଏହାର ପାଦଦେଶରେ ଥିବା ବାରିପଦା ଶିଳାଶଯ୍ୟାରୁ ଯେଉଁ ଜୀବାଶ୍ମଗୁଡ଼ିକ ଆବିଷ୍କୃତ ହୋଇଛି, ସେସବୁ ସାମୁଦ୍ରିକ ଜୀବମାନଙ୍କର କଙ୍କାଳ ବୋଲି ଜଣାପଡ଼ିବା ପରେ ଏ ଅଞ୍ଚଳ ଦିନେ ସମୁଦ୍ର ଥିଲା ବୋଲି ସ୍ପଷ୍ଟ ହୋଇଛି । ଆଜିର ଦିନରେ ମଧ୍ୟ ଶିମିଳିପାଳ ଜଙ୍ଗଲ ଓ ଏହାର ପାଖଆଖ ଗାଁମାନଙ୍କରୁ ଅନେକ ଜୀବାଶ୍ମର ସନ୍ଧାନ ମିଳୁଛି, ଯାହାକି ସାମୁଦ୍ରିକ ପ୍ରାଣୀଙ୍କର ବୋଲି ଜଣାପଡ଼ିଛି ।

ଅତୀତରେ ଶିମିଳିପାଳ ପାଦଦେଶରେ ଅବସ୍ଥିତ ବାରିପଦା, କୁଳିଅଣା, ବାଙ୍କିରିପୋଷି, ଶ୍ୟାମାଖୁଣ୍ଟା, ଖୁଣ୍ଟା, ଉଦଳା, କପ୍ତିପଦା ଓ ବାଲେଶ୍ୱରର ନୀଳଗିରି ଆଦି ଅଞ୍ଚଳରୁ ଏଭଳି ସାମୁଦ୍ରିକ ଜୀବାଶ୍ମର ସନ୍ଧାନ ମିଳିଛି । ଏବେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ବହୁ ଗାଁମାନଙ୍କରୁ ସାମୁଦ୍ରିକ ଜୀବମାନଙ୍କର ଅସ୍ଥି, କଙ୍କାଳ ଚିହ୍ନ ଥିବା ପଥରଖଣ୍ଡମାନ ମିଳିଥାଏ । ପ୍ରଶ୍ନ ଉଠେ, ମୟୂରଭଞ୍ଜ ଭଳି ଏକ ଭୂ-ଭାଗରେ ସାମୁଦ୍ରିକ ଜୀବଜନ୍ତୁଙ୍କର ଜୀବାଶ୍ମ କେଉଁଠୁ ମିଳୁଛି? ନିଶ୍ଚୟ ଦିନେ ଏଠାରେ ସମୁଦ୍ର

Digitized by srujanika@gmail.com

ଥିଲା ବୋଲି ବିଚାର କରିବାକୁ ହେବ । ସମୁଦ୍ର ମଧ୍ୟରେ ଭୂ-ଉଦ୍‌ଗୀରଣ ଫଳରେ ଉତ୍ତପ୍ତ ତରଳ ଲଭା ସମେତ ସାମୁଦ୍ରିକ ଜୀବଜନ୍ତୁ ମଧ୍ୟ ଅପସାରିତ ହୋଇଛନ୍ତି ।

ନିୟୁତ ନିୟୁତ ବର୍ଷ ଧରି ଏହି ଉତ୍ତପ୍ତ ତରଳ ଲାଭା ଶୀତଳୀକରଣ ଫଳରେ ପାହାଡ଼, ପର୍ବତ ସୃଷ୍ଟି ହୋଇଛି । ମାତ୍ର ଏହି ଉତ୍ତପ୍ତ ତରଳ ଲାଭା ମଧ୍ୟରେ ରହିଯାଇଥିବା ସେଦିନର ସାମୁଦ୍ରିକ ଜୀବମାନଙ୍କର ଶରୀରର ବିଘଟନ ଘଟି ପଥର ମଧ୍ୟରେ ସେମାନଙ୍କର ଚିହ୍ନ ବା ଛାଞ୍ଚ ତିଆରି ହୋଇଛି, ଯାହାକୁ ଜୀବାଶ୍ମ କୁହାଯାଉଛି । ଶିମିଳିପାଳ ପାହାଡ଼ ଓ ଏହାର ଆଖପାଖ ଭୂ-ଭାଗରୁ ଅତୀତରେ ଏବଂ ବର୍ତ୍ତମାନ ମଧ୍ୟ ଏଭଳି ଅନେକ ସାମୁଦ୍ରିକ ଜୀବାଶ୍ମ ମିଳିଛି । ଏହିସବୁ ସାମୁଦ୍ରିକ ଜୀବାଶ୍ମ ଏଠାରେ ସମୁଦ୍ର ଉପସ୍ଥିତିର ପ୍ରମାଣ ଦେଇଥାଏ ।

ସମଗ୍ର ଭାରତବର୍ଷରେ ବିରଳ କୁହାଯାଉଥିବା ଅର୍ବୁଲିନା ସୁତୁରାଲିସ୍ ନାମକ ଏକ ସାମୁଦ୍ରିକ ଜୀବର କଙ୍କାଳ ପ୍ରଥମେ ବାରିପଦା ଶିଳାଶଯ୍ୟାରୁ ଉଦ୍ଧାର କରାଯିବା ପରେ ଏଠାରେ ସମୁଦ୍ର ଥିବାର ପ୍ରଥମ ପ୍ରମାଣ ମିଳିଥିଲା । ଅର୍ବୁଲିନା ସୁତୁରାଲିସ୍‌ର ଜୀବାଶ୍ମ ବାରିପଦାଠାରୁ ମାତ୍ର ୫ କିଲୋମିଟର ଦୂର ପୋଡ଼ାଅସ୍ତିଆ ନିକଟସ୍ଥ ସାତପଉଟିଆ ଗାଁ (ଶିମିଳିପାଳ ପାଦଦେଶରେ ଅବସ୍ଥିତ)ରୁ ମିଳିଥିଲା । ଏହି ଧରଣର ସାମୁଦ୍ରିକ ଜୀବର କଙ୍କାଳ ବାରିପଦା ଶିଳାଶଯ୍ୟା ବ୍ୟତୀତ ଆଣ୍ଡାମାନ,

Digitized by srujanika@gmail.com

ସୁମାତ୍ରା, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଆଦି ସ୍ଥଳଭାଗରେ ଦେଖାଯାଆନ୍ତି । ଏସବୁ ସ୍ଥାନ ମଧ୍ୟ ଦିନେ ସମୁଦ୍ର ଥିବାର ଦାବି କରାଯାଉଛି । ଏହା ସହିତ ସାମୁଦ୍ରିକ କୁଠାରପାଦ ଜାତୀୟ ମୋଲସ୍କା, ବହୁପାଦ ଜାତୀୟ ଜୀବ, ସାର୍କ ମାଛର ଦାନ୍ତ, କଙ୍କଡ଼ା, ପେଲିସିପୋଡ଼ା ଶ୍ରେଣୀର ଅଏଷ୍ଟର ଏବଂ ଅନେକ ସାମୁଦ୍ରିକ ସ୍ତନ୍ୟପାୟୀ ମେରୁଦଣ୍ଡୀ ଓ ଅମେରୁଦଣ୍ଡୀ ପ୍ରାଣୀର ଦାନ୍ତ, ମେରୁହାଡ଼, ଖପୁରୀ ଆଦି ଏହି ବାରିପଦା ଶିଳାଶଯ୍ୟାରୁ ମିଳିଛି ।

ସମ୍ବର ଦଂପତି

ଅତୀତରେ ବାରିପଦା ଶିଳାଶଯ୍ୟାରୁ ଦୁଇଟି ସାମୁଦ୍ରିକ କଙ୍କଡ଼ାର ଜୀବାଶ୍ମ ଆବିଷ୍କୃତ ହୋଇଥିଲା । ଏହି କଙ୍କଡ଼ାଦ୍ୱୟର ଜୀବାଶ୍ମ ମଧ୍ୟରୁ ଗୋଟିଏ ବାରିପଦା ସହର ନାମରେ "ନୁଇସିଆ ବାରିପଦେନ୍‌ସିସ୍" ଏବଂ ଅନ୍ୟଟି ବିଶିଷ୍ଟ ପ୍ରତ୍ନତାତ୍ତ୍ୱିକ ତଥା ମୟୂରଭଞ୍ଜ ମାଟିର ବରପୁତ୍ର ସ୍ୱର୍ଗତଃ ପରମାନନ୍ଦ ଆଚାର୍ଯ୍ୟଙ୍କ ନାମରେ "ନୁଇସିଆ ଆଚାର୍ଯ୍ୟେ" ଭାବେ ନାମିତ କରାଯାଇଛି । ଅତୀତରେ ମୟୂରଭଞ୍ଜ ଜିଲ୍ଲାର ଇଟାମୁଣ୍ଡିଆ ଓ ମୁକୁରମାଟିଆରୁ ବହୁ ସଂଖ୍ୟାରେ ସାମୁଦ୍ରିକ ସାର୍କ ମାଛଦାନ୍ତର ଜୀବାଶ୍ମ ମିଳିଥିଲା । ମିଳିଥିବା ସାମୁଦ୍ରିକ ସାର୍କର ଦାନ୍ତ ଓ ମେରୁଦଣ୍ଡ ହାଡ଼ ଉପରେ ଗବେଷଣା କରିବା ପରେ ଏହା ମାୟୋସିନ୍ କାଳର ବୋଲି ନିରୂପିତ ହୋଇଛି । ଏହାପୂର୍ବରୁ ଶିମିଳିପାଳ ଅଞ୍ଚଳ ବଙ୍ଗୋପସାଗରର ଏକ ଅଂଶବିଶେଷ ଥିଲା ।

Digitized by srujanika@gmail.com

ଶିମିଳିପାଳ ଜୈବ ମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ପ୍ରସ୍ତାବିତ ଜାତୀୟ ଉଦ୍ୟାନ

ଗୟଳ

ଶିମିଳିପାଳ ଜୈବମଣ୍ଡଳ ସମୁଦ୍ରପତ୍ତନଠାରୁ ୯୦୦ ମିଟର ଉଚ୍ଚତାରେ ଅବସ୍ଥିତ । ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଶିମିଳିପାଳ ଏକାଧାରରେ ଏକ ଜୈବମଣ୍ଡଳ, ବନ୍ୟପ୍ରାଣୀ ଅଭୟାରଣ୍ୟ, ବ୍ୟାଘ୍ର ସଂରକ୍ଷଣ । ଆଗାମୀ ସମୟରେ ଏହା ଏକ ଜାତୀୟ ଉଦ୍ୟାନ ଭାବେ ପରିଚିତ ହେବାକୁ ଯାଉଛି । ଶିମିଳିପାଳ ଜୈବମଣ୍ଡଳରେ ପ୍ରଚୁର ମାତ୍ରାରେ **'ଶିମିଳି'** *(Bombax ceiba)* ଗଛ ଥିବାରୁ ଏହାର ନାମ ଶିମିଳିପାଳ ହୋଇଛି ବୋଲି କୁହାଯାଏ । ଜାତିଜାତିକା ପଶୁ, ପକ୍ଷୀ, ଗଛବୃଛ, ନଦୀ, ନାଳ, ଝରଣା, ପାହାଡ଼ ପାଇଁ ସମଗ୍ର ଦେଶରେ ଶିମିଳିପାଳର ଏକ ନିଆରା ପରିଚୟ ରହିଛି । ଶିମିଳିପାଳର **କଳାବାଘ** *(Melanistic tiger)* ସମଗ୍ର ବିଶ୍ୱର ଏକ ବିରଳ ପ୍ରାଣୀ ଭାବେ ଜଣାଶୁଣା । ଶିମିଳିପାଳ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଏହି କଳାବାଘ ଦେଖା ଯାଆନ୍ତି ନାହିଁ । ସେଥିପାଇଁ ଶିମିଳିପାଳକୁ **'କଳାବାଘଙ୍କ ସ୍ୱର୍ଗ'** *(only home to black tiger)* ବୋଲି କୁହାଯାଏ ।

ଦିନେ, ଶିମିଳିପାଳ ପ୍ରାଚୀନ ମୟୂରଭଞ୍ଜ ରାଜ୍ୟର ଭଞ୍ଜବଂଶୀୟ ରାଜାଙ୍କର ଏକ ପଶୁ ଶିକାର କେନ୍ଦ୍ର (ବିହାର) ଥିଲା । ଭଞ୍ଜ ରାଜାମାନେ ଏହି ଘଞ୍ଚ ଜଙ୍ଗଲକୁ ପାରିଧି କରିବାକୁ ଆସୁଥିଲେ । ଅତୀତରେ ଶିମିଳିପାଳରେ ଥିବା **'ଗଡ଼ ଶିମିଳିପାଳ'**, **'ରାଜାବାଡ଼ି'**, **'ଭଞ୍ଜବସା'** ଓ **'ଚହଲା'** ଆଦି ସ୍ଥାନ ମୟୁରଭଞ୍ଜ ରାଜାଙ୍କର ଶିକାର ସ୍ଥଳ ଭାବେ ବେଶ୍ ପରିଚିତ ଥିଲା । ଶିମିଳିପାଳ ଜୈବମଣ୍ଡଳ ଅନ୍ତର୍ଗତ **'ଦେବସ୍ଥଳୀ'** ଓ **'ତାରିଣୀବିଲ୍ଲା'**, ଏମିତି ଦୁଇଟି ସ୍ଥାନ, ଯାହା ଜଣେ ଆଗନ୍ତୁକକୁ ସ୍ୱର୍ଗୀୟ

Digitized by srujanika@gmail.com

ଆନନ୍ଦ ଦେଇପାରେ । ଏଠାକୁ ଆସିଲାପରେ ମନରେ ଗଭୀର ପ୍ରଶାନ୍ତି ଜାଗ୍ରତ ହୋଇଥାଏ । ଶାନ୍ତି ପ୍ରାପ୍ତି ଉଦ୍ଦେଶ୍ୟରେ ଅତୀତରେ ଦେବସ୍ଥଳୀ ଭଳି ସ୍ଥାନକୁ ପୁରୀ ଗଜପତି ମହାରାଜାଙ୍କଠାରୁ ଆରମ୍ଭ କରି ମୟୂରଭଞ୍ଜର ରାଜାମାନେ ଆସୁଥିଲେ ।

ଶିମିଳିପାଳ ଜାତୀୟ ଉଦ୍ୟାନ ବିଶେଷ ଭାବେ ମହାବଳ ବାଘ, ଭାରତୀୟ ଜଙ୍ଗଲୀ ଗୟଳ, ହାତୀ, ଚଉଶିଙ୍ଗା ହରିଣ, କଲରାପତରିଆ ବାଘ ଭଳି ବିରଳ ପ୍ରାଣୀ ଏବଂ ଶାଳ, ଅର୍କିଡ୍ ଉଦ୍ୟାନ ପାଇଁ ପ୍ରସିଦ୍ଧ ।

ଓଡ଼ିଶାରୁ ଜମିଦାରୀ ପ୍ରଥା ଉଚ୍ଛେଦ ହେବାପରେ ଅର୍ଥାତ ତତ୍କାଳୀନ ମୟୂରଭଞ୍ଜ ଷ୍ଟେଟ୍ ଭଞ୍ଜ ରାଜବଂଶ ଅଧୀନରୁ ମୁକ୍ତ ହେବା ପରେ ପ୍ରଥମଥର ପାଇଁ **୧୯୫୬ ମସିହା**ରେ ଶିମିଳିପାଳକୁ କେନ୍ଦ୍ର ସରକାର **ବ୍ୟାଘ୍ର ସଂରକ୍ଷଣ** ନିମନ୍ତେ ବ୍ୟବହାର କଲେ । **୧୯୭୩ ମସିହାରେ** ଏଠାରେ **'ବ୍ୟାଘ୍ର ପ୍ରକଳ୍ପ'** *(Project Tiger)* କାର୍ଯ୍ୟକାରୀ ହେଲା । 'ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ' ମଧ୍ୟରେ ଶିମିଳିପାଳ ଜୈବମଣ୍ଡଳ ସମେତ ହଦଗଡ଼ ଓ ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂଲଗ୍ନ ହୋଇଛି । ମୋଟ **୨୭୫୦ ବର୍ଗ କିଲୋମିଟର** ପରିମିତ ଜଙ୍ଗଲ, ପାର୍ବତ୍ୟ ଅଞ୍ଚଳକୁ ନେଇ **୧୯୭୯ ମସିହା**ରେ ଓଡ଼ିଶା ସରକାର ଶିମିଳିପାଳକୁ **ବନ୍ୟପ୍ରାଣୀ ଅଭୟାରଣ୍ୟ** *(Similipal Wild Life Sanctuary)* ଭାବେ ଘୋଷଣା କଲେ । ସେହି ବର୍ଷ ଖଇରୀ ନଦୀ କୂଳସ୍ଥ ରାମତୀର୍ଥଠାରେ ଏକ କୁମ୍ଭୀର ପ୍ରଜନନ ପ୍ରକଳ୍ପ *(Mugger Crocodile Project)* ଆରମ୍ଭ କରାଗଲା । **୧୯୮୦ ମସିହାରେ** ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟର ମୋଟ **୨୭୫୦** ବର୍ଗକିଲୋମିଟର ଅଞ୍ଚଳରୁ

Digitized by srujanika@gmail.com

୩୦୩ ବର୍ଗକିଲୋମିଟର ଅଞ୍ଚଳକୁ ନେଇ '**ଜାତୀୟ ଉଦ୍ୟାନ**' *(National Park)* ଭାବେ ଘୋଷଣା କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ **୧୯୮୬ ମସିହାରେ** ଏହି ଜାତୀୟ ଉଦ୍ୟାନଟିର କ୍ଷେତ୍ରଫଳ **୮୪୫.୭୦** ବର୍ଗକିଲୋମିଟରକୁ ବୃଦ୍ଧି କରାଯାଇଛି । **୧୯୯୪ ମସିହାରେ** ଭାରତ ସରକାର ଶିମିଳିପାଳକୁ '**ସଂରକ୍ଷିତ ଜୈବ ମଣ୍ଡଳ**' *(Similipal Biosphere Reserve)* ଭାବେ ଘୋଷଣା କଲେ । ମୂଳ ୨୭୫୦ ବର୍ଗ କିଲୋମିଟର ପରିମିତ ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟର ଆହୁରି ୧୦ କିଲୋମିଟର ବ୍ୟାସାର୍ଦ୍ଧବିଶିଷ୍ଟ ଅଞ୍ଚଳକୁ ନେଇ ପରିବ୍ୟାପ୍ତ ସଂରକ୍ଷିତ ଜୈବମଣ୍ଡଳ ସୃଷ୍ଟି ହେଲା. ଯାହାର ମୋଟ କ୍ଷେତ୍ରଫଳ **୫.୫୬୯** ବର୍ଗକିଲୋମିଟର ହେଲା । ୨୦୦୯ ମସିହାରେ ୟୁନେସ୍କୋ *(UNESCO)* ଶିମିଳିପାଳକୁ ନିଜର '**ସଂରକ୍ଷିତ ଜୈବମଣ୍ଡଳ**' ତାଲିକାରେ ସାମିଲ୍ କରି ଏହାକୁ ବିଶ୍ୱସ୍ତରୀୟ ଜୈବମଣ୍ଡଳର ମାନ୍ୟତା ପ୍ରଦାନ କରିଛି । ମାତ୍ର ଏହି ଜୈବମଣ୍ଡଳ ମଧ୍ୟରେ ୬୮ଟି ଗାଁ ଏବଂ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାରୁ ଏହାକୁ ସଂପୂର୍ଣ୍ଣ ବିଶ୍ୱସ୍ତରୀୟ ଉଦ୍ୟାନର ମାନ୍ୟତା ପ୍ରଦାନ ସଂଭବପର ହୋଇପାରିନାହିଁ । ତଥାପି ଭାରତର ପ୍ରମୁଖ ୧୮ଟି ଜୈବମଣ୍ଡଳ ମଧ୍ୟରେ ଶିମିଳିପାଳର ଏକ ନିଆରା ପରିଚୟ ରହିଛି ।

ଶିମିଳିପାଳ ଜୈବମଣ୍ଡଳକୁ ତିନୋଟି ଅଞ୍ଚଳ (ଜୋନ୍)ରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା-୧. କୋର୍ ଏରିଆ ୨. ବଫର ଏରିଆ ୩. ଟ୍ରାନ୍‌ଜିସିନାଲ୍ ଏରିଆ । କୋର୍ ଏରିଆଟି ଶିମିଳିପାଳର କେନ୍ଦ୍ର ଭାଗରେ ଅବସ୍ଥିତ । ଏହା ଖୁବ୍ ଘଞ୍ଚ ଏବଂ ଏଠାକୁ ସାଧାରଣ ଲୋକଙ୍କ ପାଇଁ

Digitized by srujanika@gmail.com

ପ୍ରବେଶ ନିଷିଦ୍ଧ ରହିଛି । ବଫର ଓ ଟ୍ରାନ୍‌ଜିସିନାଲ୍ ଜୋନ୍‌କୁ ପର୍ଯ୍ୟଟକଙ୍କ ଭ୍ରମଣ ନିମନ୍ତେ ମୁକ୍ତ ରଖାଯାଇଛି ।

ପ୍ରତିବର୍ଷ ନଭେମ୍ବରରୁ ଜୁନ୍ ମାସ ଯାଏ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଖୋଲା ରହେ । ଶିମିଳିପାଳ ବୁଲିବା ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ଯେଉଁ ପଥ ପ୍ରସ୍ତୁତ କରାଯାଇଛି ତାହାର ଦୈର୍ଘ୍ୟ ୧୩୦ କିଲୋମିଟର । ଶିମିଳିପାଳ ଜୈବମଣ୍ଡଳର ମୋଟ ୨୭୫୦ ବର୍ଗ କିଲୋମିଟର (କୋର୍ ଓ ବଫର ଜୋନ୍)ଅଞ୍ଚଳ ମଧ୍ୟରୁ କେବଳ ମାତ୍ର ୧୦୨ ବର୍ଗ କିଲୋମିଟର ପରିମିତ ଅଞ୍ଚଳ (ବଫର୍ ଜୋନ୍)କୁ ପର୍ଯ୍ୟଟନ ନିମନ୍ତେ ବ୍ୟବହାର କରାଯାଇଛି । ଏହା ମଧ୍ୟରେ କୋର୍ ଏରିଆ ଅନ୍ତର୍ଭୁକ୍ତ ଚହଲା ଓ ପିଠାବଟା ବନାଞ୍ଚଳର କିଛି ଅଞ୍ଚଳ ପର୍ଯ୍ୟଟକଙ୍କ ନିମନ୍ତେ ବ୍ୟବହାର ହେଉଛି । ବାକି ଅନ୍ୟ କୌଣସି କୋର୍ ଜୋନ୍ ପର୍ଯ୍ୟଟନ ନିମନ୍ତେ ବ୍ୟବହାର ହୋଇନାହିଁ ।

ଶିମିଳିପାଳ ଜାତୀୟ ଉଦ୍ୟାନରେ ବହୁ ସଂଖ୍ୟାରେ ଉଚ୍ଚ ପର୍ବତମାଳା ରହିଥିବାବେଳେ ଏଠାରୁ ବହୁ ନଦୀ, ଝରଣା ପ୍ରବାହିତ ହୋଇଛନ୍ତି । ବୁଢାବଳଙ୍ଗ ନଦୀ ସମେତ ବୈତରଣୀ, ସୁବର୍ଣ୍ଣରେଖାର ଅଧିକାଂଶ ଉପନଦୀ ଶିମିଳିପାଳ ଜଙ୍ଗଲରୁ ଉତ୍ପତ୍ତିଲାଭ କରିଛନ୍ତି । ଏହି ଜୈବମଣ୍ଡଳଟି ବିଭିନ୍ନ ପ୍ରଜାତିର ବୃକ୍ଷଲତା, ଅର୍କିଡ୍, ଜୀବଜନ୍ତୁ ଏବଂ କୋହ୍ଲ, ସାନ୍ତାଳ, ଖଡ଼ିଆ, ମାଙ୍କଡ଼ିଆ ଆଦି ପୁରାତନ ଜନଜାତିଙ୍କର ଏକ ପ୍ରାକୃତିକ ଆବାସିକ ସ୍ଥଳୀ ଭାବେ ବେଶ ପରିଚିତ ।

Digitized by srujanika@gmail.com

ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ

ଶିମିଳିପାଳ ଜୈବମଣ୍ଡଳ, କୁଲ୍‌ଡିହା ଅଭୟାରଣ୍ୟ, ହଦଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବନଖଣ୍ଡମାନଙ୍କୁ ନେଇ ଗତ ୨୦୦୧ ମସିହାରୁ 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ' ଗଠିତ ହୋଇଛି । ସମଗ୍ର ପୂର୍ବ ଭାରତୀୟ କ୍ଷେତ୍ରର ଶତକଡ଼ା ୭୦ ଭାଗ ହାତୀ ଓଡ଼ିଶାରେ ଦେଖାଯାଉଥିବାବେଳେ ଓଡ଼ିଶାର ୭୦ ଭାଗ ହାତୀ କେବଳ 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ'ରେ ବାସକରନ୍ତି । ଆହୁରି ମଧ୍ୟ, 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ' (ମୋଟ ୧୧ଟି ଡିଭିଜନ)ର ଶତକଡ଼ା ୭୦ ଭାଗ ହାତୀ କେବଳ ଶିମିଳିପାଳ ଜୈବମଣ୍ଡଳରେ ବାସ କରନ୍ତି । ମାତ୍ର ଶିମିଳିପାଳ ଜୈବମଣ୍ଡଳ ଏବଂ ଏହାର ଆଖପାଖରେ ହାତୀ ମାଫିଆମାନଙ୍କର ଉତ୍ପାତ ଯେଉଁଭଳି ଭାବେ ବୃଦ୍ଧି ପାଇବାରେ ଲାଗିଛି, ତାହା ଏବେ **'ହାତୀଙ୍କ ସ୍ୱର୍ଗ'** କୁହାଯାଉଥିବା ଶିମିଳିପାଳ ପାଇଁ ଏକ ବିରାଟ ବିପଦ ସୃଷ୍ଟି କରିଛି । ଶିମିଳିପାଳ ଜଙ୍ଗଲରେ ଯେଉଁ ହାରରେ ହାତୀ ଶିକାର ଓ ହାତୀ ମୃତ୍ୟୁ ଘଟି ଚାଲିଛି, ଏଭଳି ଏକ ବିଶାଳ ଏବଂ ଐତିହ୍ୟ ପ୍ରାଣୀକୁ ଇତିହାସ ହେବାକୁ ଆଉ କମ୍ ଦିନ ଲାଗିବନି ।

ରାଜ୍ୟରେ ମୋଟ ୩ଟି 'ଏଲିଫ୍ୟାଣ୍ଟ ରିଜର୍ଭ' ରହିଛି । ସେଗୁଡ଼ିକ ହେଲା-'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ', 'ମହାନଦୀ ଏଲିଫ୍ୟାଣ୍ଟ ରିଜର୍ଭ' ଏବଂ 'ସମ୍ବଲପୁର ଏଲିଫ୍ୟାଣ୍ଟ ରିଜର୍ଭ' । ଏହି ୩ଟି ଏଲିଫ୍ୟାଣ୍ଟ ରିଜର୍ଭ ମଧ୍ୟରୁ ଓଡ଼ିଶାର ମୋଟ ହାତୀ ସଂଖ୍ୟାର ସିଂହଭାଗ ହାତୀ ଅଛନ୍ତି କେବଳ 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ'ରେ । 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ' ଶିମିଳିପାଳ ଜୈବମଣ୍ଡଳ

Digitized by srujanika@gmail.com

ସମେତ କୁଲଡିହା ଅଭୟାରଣ୍ୟ, ହଦଗଡ଼ ଅଭୟାରଣ୍ୟ, ମୟୂରଭଞ୍ଜ ବନମଣ୍ଡଳର ୫ଟି ବନଖଣ୍ଡ (ବାରିପଦା, କରଞ୍ଜିଆ, ରାଇରଙ୍ଗପୁର, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ, ବାଲେଶ୍ୱର) କେନ୍ଦୁଝର ଜିଲ୍ଲାର ୨ଟି ବନଖଣ୍ଡ, ବାଲେଶ୍ୱର ବନଖଣ୍ଡ ଏବଂ ଭଦ୍ରକ ବନଖଣ୍ଡ ସମେତ ମୋଟ ୧୧ଟି ଡିଭିଜନକୁ ନେଇ ଗଠିତ ହୋଇଛି । ଏହା ମୋଟ ୭,୦୪୪ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳକୁ ନେଇ ଗଠିତ । ଅନ୍ୟ ୨ଟି ଏଲିଫ୍ୟାଣ୍ଟ ରିଜର୍ଭ ତୁଳନାରେ 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ'ଟି ରାଜ୍ୟରେ ହାତୀମାନଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ବାସସ୍ଥଳୀ ଭାବେ ପରିଚିତ । ୨୦୧୫-୧୬ ମସିହାର ହାତୀ ଗଣନା ରିପୋର୍ଟ (ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ସୂଚନା) ଅନୁସାରେ, ରାଜ୍ୟରେ ମୋଟ ୧୯୫୪ଟି ହାତୀ ଥିଲାବେଳେ ସେଥିମଧ୍ୟରୁ ଏହି ୩ଟି ଏଲିଫ୍ୟାଣ୍ଟ ରିଜର୍ଭରେ ୧୪୫୦ଟି ଅଛନ୍ତି । ବାକି ୫୦୪ଟି ହାତୀ ରାଜ୍ୟର ଅନ୍ୟାନ୍ୟ ଜଙ୍ଗଲରେ ଅଛନ୍ତି । ଆହୁରି ମଧ୍ୟ, ଏହି ୩ଟି 'ଏଲିଫ୍ୟାଣ୍ଟ ରିଜର୍ଭ' ମଧ୍ୟରୁ 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ'ରେ ସର୍ବାଧିକ ୯୫୦ ହାତୀ ଅଛନ୍ତି । ସବୁଠୁ ବଡ଼ କଥା ହେଉଛି 'ମୟୂରଭଞ୍ଜ ଏଲିଫ୍ୟାଣ୍ଟ ରିଜର୍ଭ'ର ମୋଟ ୧୧ଟି ଡିଭିଜନ ମଧ୍ୟରୁ କେବଳ ଶିମିଳିପାଳ ଜୈବମଣ୍ଡଳରେ ୫୧୨ଟି ହାତୀ ଅଛନ୍ତି । ଏଣୁ ଶିମିଳିପାଳକୁ ହାତୀମାନଙ୍କର ସ୍ୱର୍ଗ ବୋଲି କୁହାଯାଇଥାଏ ।

ଶିମିଳିପାଳ ଜୈବମଣ୍ଡଳରୁ ସୃଷ୍ଟ ନଦନଦୀ

ଭାଟୁଣିଆ

Digitized by srujanika@gmail.com

ଉଷ୍ଣି

ଶିମିଳିପାଳ ଜୈବ ମଣ୍ଡଳରୁ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ନଦୀ ଉତ୍ପତ୍ତିଲାଭ କରି ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ହୋଇଛନ୍ତି । ଶିମିଳିପାଳ ଜୈବମଣ୍ଡଳଟି **ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ** ଓ **ଜଂଭିରା** ନଦୀ ବ୍ୟବସ୍ଥାର ଏକ ପ୍ରମୁଖ ଅବବାହିକା ଅଞ୍ଚଳ *(River Basin Area)* ଅଟେ । ଶିମିଳିପାଳରୁ ବହିଆସୁଥିବା ଜଳରେ ବୈତରଣୀ, ସୁବର୍ଣ୍ଣରେଖା, ଜଂଭିରା ଓ ବୁଢ଼ାବଳଙ୍ଗ ଭଳି ନଦୀମାନେ ପୁଷ୍ଟ ହୋଇଥା'ନ୍ତି । କେନ୍ଦୁଝରର ଗୋନାସିକା ମାଳଭୂମିରୁ ବାହାରିଥିବା **ବୈତରଣୀର** ପ୍ରମୁଖ ଉପନଦୀ **ଶାଳନ୍ଦୀ, ଖଇରି, ଭଣ୍ଡନ, ଦେଓ (ପଶ୍ଚିମ), ତେଲ, ସିମ୍, ଟାମକଯୋଡ଼ି, କଚିମଯୋର, ଭିରାଳ-ଯମୁନା, କାଣ୍ଟିଆଳି, ଗୋବରଝର, ଘାଗରା-ଘଣ୍ଟିଆ, ଚାରିନାଳିଆ, ସାନସିଆଳ (ଯଶୀପୁର ଦେଇ ପ୍ରବାହିତ), ଅଁଳା, ଉଷ୍ଣି** ଆଦି ଅନେକ ଛୋଟବଡ଼ ନଦୀ ଶିମିଳିପାଳ ଜଙ୍ଗଲରୁ ହିଁ ବାହାରିଛନ୍ତି । ସେହିଭଳି ନିଜେ **ବୁଢ଼ାବଳଙ୍ଗ** ନଦୀଟି ମେଘାସନ ପାହାଡ଼ରୁ ବାହାରିଥିବାବେଳେ ଏହାର ଉପନଦୀ **ପଳପଳା, ମାଙ୍କଡ଼କେନ୍ଦା, ଉରାଳି-ସରାଳି, ଚିପଟ, ମାଧବୀ, ଗଙ୍ଗାହାର, ସୋନ (ସୁନେଇ), ପୁରୁଣାପାଣି, ଯୋଡ଼ାବଣି, ଅରିକୁଳ, ନାଲୁଆ, ସଞ୍ଜ, ଦିଁଅ (ଦେଓ), କାଳ, କାତ୍ରା, କୁଶଭଦ୍ରା, ଠକ୍‌ଠକି, କଣ୍ଡାଳ, ପନାସିଆ** (ଯୋରନ୍ଦା ଜଳପ୍ରପାତ), **ଶଙ୍ଖରେଇ, ଶଙ୍ଖରମରା, ହଣ୍ଡୁରେଇ, କଇଳା, ସାପରେଇ, ଢେଙ୍କୁଆ, ଲହରଖାଳ** ଆଦି ଅନେକ ଛୋଟବଡ଼ ଉପନଦୀ ଶିମିଳିପାଳ ଜଙ୍ଗଲରୁ ବାହାରି ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେବାପରେ ବୁଢ଼ାବଳଙ୍ଗରେ ମିଶିଛନ୍ତି ।

ସୁବର୍ଣ୍ଣରେଖା ନଦୀଟି ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ଉତ୍ପତ୍ତିଲାଭ କରି ଓଡ଼ିଶାର

Digitized by srujanika@gmail.com

ବାଲେଶ୍ୱର ଜିଲ୍ଲାର କୀର୍ତ୍ତନିଆ ମୁହାଁଣ ନିକଟରେ ବଙ୍ଗୋପସାଗରେ ପଡ଼ିଛି । ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚି ନିକଟସ୍ଥ ଏକ ଗାଁ ପିସ୍କା (ନାଗ୍ରି)ରୁ ସୁବର୍ଣ୍ଣରେଖା ବାହାରି ମୋଟ ୪୪୭ କିଲୋମିଟର ପଥ ଅତିକ୍ରମ କରିଛି । ଝାଡ଼ଖଣ୍ଡର ରାଞ୍ଚି, ଷଡ଼େଇକଳା-ଖରସୁଆଁ, ପୂର୍ବ ସିଂହଭୂମି ଜିଲ୍ଲା, ପଶ୍ଚିମବଙ୍ଗର ପଶ୍ଚିମ ମେଦିନିପୁର ଜିଲ୍ଲା ଏବଂ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲା ଦେଇ ସୁବର୍ଣ୍ଣରେଖା ନଦୀ ପ୍ରବାହିତ ହୋଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ର ସୁବର୍ଣ୍ଣରେଖା ମୁହାଁଣରେ ପ୍ରସିଦ୍ଧ **'କିର୍ତ୍ତନିଆ ବନ୍ଦର'** ରହିଛି । ସୁବର୍ଣ୍ଣରେଖାର ପ୍ରମୁଖ ଉପନଦୀ **ଖଡ଼ଖାଇ, ନାସା, ବାଙ୍କବଳ, ଡିଙ୍ଗୁରୁ, ବିଞ୍ଝଦର, ସିଙ୍ଗଡୋଭ୍** ଆଦି ଶିମିଳିପାଳ ଜୈବମଣ୍ଡଳୀରୁ ଉତ୍ପତ୍ତିଲାଭ କରିଛନ୍ତି । ଏମିତି ଅନେକ ଛୋଟବଡ଼ ନଦୀକୁ ଜନ୍ମ ଦେଇଥିବା ଶିମିଳିପାଳ ଜୈବମଣ୍ଡଳ ସମ୍ଭବତଃ ଓଡ଼ିଶାର ଏକ ପ୍ରମୁଖ ଜଳ ଉତ୍ସ ଭାବେ ଜଣାଶୁଣା ।

ଶିମିଳିପାଳର ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳର ଜଳ ଉତ୍ସ ହିଁ ଏହି ନଦୀମାନଙ୍କୁ ପୁଷ୍ଟ କରିଥାଏ । **ଶିମିଳିପାଳର ଜଳ ବିନା ଏହି ନଦୀମାନଙ୍କର ସ୍ୱାସ୍ଥ୍ୟ କଥା ଚିନ୍ତା କରାଯାଇ ନପାରେ ।** ମାତ୍ର ଏବେ ଶିମିଳିପାଳ ଜୈବମଣ୍ଡଳରେ ଜଳସ୍ତର ହ୍ରାସ ପାଇବା କାରଣରୁ ଏହା ଉପରେ ନିର୍ଭର କରୁଥିବା ନଦୀ, ଜଳାଶୟ ଓ ଅନ୍ୟାନ୍ୟ ଜଳଉତ୍ସଗୁଡ଼ିକ ପ୍ରତି ଏବେ ବିପଦ ଦେଖାଦେଇଛି ।

ଶିମିଳିପାଳର ଜନବସତି: ଜୈବମଣ୍ଡଳ ପ୍ରତି ଆହ୍ୱାନ

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ (କୋର୍, ବଫର୍ ଓ ଟ୍ରାନ୍‌ଜିସିନାଲ୍ ଜୋନ୍)ରେ ବହୁତ ଗାଁ ରହିଛି । ଏହି ସମସ୍ତ ଗାଁରେ ମୋଟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ଜୈବମଣ୍ଡଳ ମଧ୍ୟରେ ଏସବୁ ଜନବସତିର ଉପସ୍ଥିତି ଏବେ ଜୀବଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା ପାଇଁ ଏକ ପ୍ରକାଣ୍ଡ

ଯୋରଣ୍ଡା ନିକଟସ୍ଥ ନଓ୍ୱାଣା ପର୍ବତ ଉପତ୍ୟକା

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା ମାନବ ବସତି

ଆହ୍ୱାନ ପାଲଟିଛି । ଏହାବ୍ୟତୀତ ଶିମିଳିପାଳ ଜୈବମଣ୍ଡଳର ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଶିମିଳିପାଳକୁ ଲାଗି ୧,୨୦୦ଟି ଗାଁ ରହିଛି । ଏହିସବୁ ଗ୍ରାମମାନଙ୍କରେ ବିଶେଷକରି ସାନ୍ତାଳ, କୋହ୍ଲ, ଗଣ୍ଡ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଖଡ଼ିଆ ଓ ଖ୍ରୀଷ୍ଟିଆନ୍ ମାଙ୍କିଡ଼ିଆ, ଖ୍ରୀଷ୍ଟିଆନ୍ କୋହ୍ଲ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି । ଏମାନେ ନିୟମିତ ପଶୁପକ୍ଷୀ ଶିକାର କରିବା ସହିତ ଗଛ କାଟିବାରେ ମଗ୍ନ ରହୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି । ଜଙ୍ଗଲ ମାଫିଆମାନେ ଏମାନଙ୍କୁ ବ୍ୟବହାର କରି ଶିମିଳିପାଳକୁ ଧ୍ୱଂସ କରିବାର ପ୍ରକ୍ରିୟାରେ ମାତି ରହିଛନ୍ତି । ଏହା ସହିତ ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ପାଇବା କାରଣରୁ ଏଠାରେ ଥିବା ବିସ୍ତୀର୍ଣ୍ଣ ଘାସ ପଡ଼ିଆ *(Meadow/ Savannah/Grass Land)* କ୍ରମେ ସଂକୁଚିତ ହୋଇଯାଉଛି । ଏହା ଫଳରେ ତୃଣଭୋଜୀ ପ୍ରାଣୀମାନେ ପ୍ରଭାବିତ ହେଉଛନ୍ତି । କେବଳ ତୃଣଭୋଜି ପ୍ରାଣୀ ନୁହଁନ୍ତି ବରଂ ସମଗ୍ର 'ଖାଦ୍ୟ ଶୃଙ୍ଖଳ' *(Food Chain)* ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଏ ନେଇ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି । ଶିମିଳିପାଳ ଜୈବମଣ୍ଡଳରେ ମୋଟ ୬୫ଟି ଗାଁ ରହିଥିବାବେଳେ କେବଳ କୋର୍ ଜୋନ୍ ମଧ୍ୟରେ ୭ଟି ରାଜସ୍ୱ ଗାଁ (**ଜବାଟଘାଇ, ଯମୁନାଗଡ଼, ବକୁଆ, ଜେନାବିଲ, ଦଲଦଲି, ଚହଲା, ଧୁଡୁଚଂପା**) ଥିଲା । ତେବେ ଏହି ଗାଁଗୁଡ଼ିକୁ ଅନ୍ୟାନ୍ୟ ସ୍ଥାନକୁ ବିସ୍ଥାପନ କରାଯିବା ପରେ ବର୍ତ୍ତମାନ କୋର୍ ଜୋନ୍‌ରେ ମାତ୍ର ୨ଟି ଗାଁ ରହିଛି । ସେଗୁଡ଼ିକ ହେଲା-

ଗ୍ରାମ	ଜନଜାତି ଗୋଷ୍ଠୀ
୧. ଯମୁନାଗଡ଼	କୋହ୍ଲ, ହୋ
୨. ବକୁଆ	କୋହ୍ଲ ଖ୍ରୀଷ୍ଟିଆନ୍, ମାଙ୍କିଡ଼ିଆ

Digitized by srujanika@gmail.com

ଏହି ଗ୍ରାମମାନଙ୍କ ମଧ୍ୟରୁ ମୋଟ ୨୮୭ ପରିବାରରୁ ୧୬୫ ପରିବାରକୁ ଶିମିଳିପାଳ ଜୈବମଣ୍ଡଳ ବାହାରେ କପଣ୍ଡ, ଆମ୍ବଡ଼ିହା, ଅସନକୁଦର ଓ ମଣଦା ଆଦି ନୂତନ ଗ୍ରାମରେ ଥଇଥାନ କରାଯାଇଛି । ଅନ୍ୟ ପରିବାରଗୁଡ଼ିକୁ ଧୀରେଧୀରେ ଉଠାଇ ନିଆଯିବାର ପ୍ରକ୍ରିୟା ଜାରିରହିଛି । ଏହିସବୁ ଗାଁମାନଙ୍କରେ ମୁଖ୍ୟତଃ ସାନ୍ତାଳ, କୋହ୍ଲ, ଗଣ୍ଡ, ଖଡ଼ିଆ, ବାଥୁଡ଼ି, ଭୂମିଜ ଓ ଖ୍ରୀଷ୍ଟିଆନ୍ କୋହ୍ଲ ସଂପ୍ରଦାୟର ଆଦିବାସୀମାନେ ବସବାସ କରିଥା'ନ୍ତି । ଶିମିଳିପାଳ ଜୈବମଣ୍ଡଳର କୋର୍ ଜୋନ୍‌ରୁ ଏହିସବୁ ଗାଁମାନ ସଂପୂର୍ଣ୍ଣ ଭାବେ ବିସ୍ଥାପନ ହୋଇଗଲେ ପ୍ରସ୍ତାବିତ ଶିମିଳିପାଳ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ସଂରକ୍ଷଣ ପାଇଁ ଅନୁକୂଳ ହୋଇପାରିବ । ଜାତୀୟ ଉଦ୍ୟାନ ମଧ୍ୟରେ ଜନବସତି ରହିବା ଫଳରେ ଜୈବମଣ୍ଡଳ ପ୍ରତି ପ୍ରତିକୂଳ ପ୍ରଭାବ ପଡୁଛି । ଏହିସବୁ ଜନବସତିକୁ ବିସ୍ଥାପନ କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି ।

ଶିମିଳିପାଳ ଜୈବମଣ୍ଡଳ (ବଫର୍ ଜୋନ୍) ମଧ୍ୟରେ ଥିବା ୬୫ ଗ୍ରାମ ଏବଂ ଏହି ଗାଁମାନଙ୍କରେ ବସବାସ କରୁଥିବା ଜନଜାତି ଗୋଷ୍ଠୀଙ୍କର ତାଲିକା ନିମ୍ନରେ ଉଲ୍ଲେଖ କରାଗଲା-

ଗ୍ରାମ	ଜନଜାତି ଗୋଷ୍ଠୀ
୧. ନିଗିର୍ଦା	କୋହ୍ଲ ଖ୍ରୀଷ୍ଟିଆନ୍, ମାଙ୍କିଡ଼ିଆ
୨. ମକାବାଡ଼ି	କୋହ୍ଲ ଖ୍ରୀଷ୍ଟିଆନ୍, କୋହ୍ଲ
୩. କୁକୁରଭୁକା	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ

ଶିମିଳିପାଳର ଶୋଭାବର୍ଦ୍ଧନକାରୀ 'ଅର୍କିଡ୍'

Digitized by srujanika@gmail.com

୪. ଗୋପୀନାଥପୁର	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୫. ନଓ୍ୱାଣା	କୋହ୍ଲ ଖ୍ରୀଷ୍ଟିଆନ୍, ହୋ
୬. ବଳରାମପୁର	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୭. ଅସ୍ତକୁମାର	କୋହ୍ଲ ଖ୍ରୀଷ୍ଟିଆନ୍, ମାଙ୍କିଡ଼ିଆ
୮. ଗଡ଼ଶିମିଳିପାଳ	କୋହ୍ଲ ଖ୍ରୀଷ୍ଟିଆନ୍, କୋହ୍ଲ
୯. ସରୁଦା	କୋହ୍ଲ ଖ୍ରୀଷ୍ଟିଆନ୍, ମାଙ୍କିଡ଼ିଆ
୧୦. ବୁଢ଼ାବଳଙ୍ଗ	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୧୧. ବଣ୍ଡିରାବସା	କୋହ୍ଲ ଖ୍ରୀଷ୍ଟିଆନ୍, ହୋ
୧୨. ଫୁଲବାଡ଼ି	କୋହ୍ଲ, ଖଡ଼ିଆ
୧୩. ଜଡ଼ାଡିହା	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୧୪. ଲେମ୍ବୁଝରନ୍	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୧୫. ବରେହିପାଣି	କୋହ୍ଲ, ଖଡ଼ିଆ
୧୬. ବାରସିଆ	କୋହ୍ଲ, ମାଙ୍କିଡ଼ିଆ
୧୭. ହଳଦିଆ	କୋହ୍ଲ ଖ୍ରୀଷ୍ଟିଆନ୍
୧୮. ଚାକୁଣ୍ଡାକାଚା	କୋହ୍ଲ ଖ୍ରୀଷ୍ଟିଆନ୍
୧୯. କୁଲଝରି	କୋହ୍ଲ ଖ୍ରୀଷ୍ଟିଆନ୍, ମାଙ୍କିଡ଼ିଆ
୨୦. ଅସନବଣି	କୋହ୍ଲ, ହୋ
୨୧. ନୁନିଆଗୁଡ଼ା	କୋହ୍ଲ ଖ୍ରୀଷ୍ଟିଆନ୍
୨୨. ସାନଉସ୍କି	କୋହ୍ଲ, ଖଡ଼ିଆ
୨୩. ବଡ଼ଉସ୍କି	କୋହ୍ଲ, ଖଡ଼ିଆ
୨୪. ରାଉତଳା	କୋହ୍ଲ, ସାନ୍ତାଳ
୨୫. କୋହ୍ଲା	କୋହ୍ଲ, ହୋ
୨୬. ବିଲାପଘା	ବାଥୁଡ଼ି, ଖଡ଼ିଆ
୨୭. ଖେଜୁରି	ଭୂମିଜ, ବାଥୁଡ଼ି
୨୮. କୁଆଁରୀବିଲ	ବାଥୁଡ଼ି, ଭୂମିଜ
୨୯. ନେଞ୍ଜିଗୋସରା	କୋହ୍ଲ, ସାନ୍ତାଳ
୩୦. ଗୁଡୁଗୁଡିଆ	କୋହ୍ଲ, ମାଙ୍କିଡ଼ିଆ

Digitized by srujanika@gmail.com

୩୧. ଚାନ୍ଦିଖମଣ	କୋହ୍ଲ ଖ୍ରୀଷ୍ଟିଆନ୍
୩୨. କୁମାରୀ	ବାଥୁଡ଼ି, କୋହ୍ଲ
୩୩. ସାହାରପାଟ	ବାଥୁଡ଼ି
୩୪. ଖଡ଼ିଆଡୁଙ୍ଗୁରି	ଖଡ଼ିଆ
୩୫. କୁଣ୍ଡିବିଲ	ବାଥୁଡ଼ି, କୋହ୍ଲ
୩୬. ବଡ଼କାଶିରା	ବାଥୁଡ଼ି
୩୭. ଭାରାଚୁଆ	କୋହ୍ଲ ଖ୍ରୀଷ୍ଟିଆନ୍
୩୮. କୁସୁମୀ	କୋହ୍ଲ, ମାଙ୍କିଡ଼ିଆ
୩୯. ସାନକାଶିରା	ବାଥୁଡ଼ି
୪୦. ବାରିଗାଁ	କୋହ୍ଲ, ସାନ୍ତାଳ
୪୧. ଦାନ୍ତିଆକାଚା	କୋହ୍ଲ ଖ୍ରୀଷ୍ଟିଆନ୍
୪୨. ଚାରବନ୍ଧ	କୋହ୍ଲ ଖ୍ରୀଷ୍ଟିଆନ୍
୪୩. କୁସୁମଡୋଟା	କୋହ୍ଲ, ସାନ୍ତାଳ
୪୪. ଚାକିଡ଼ି	କୋହ୍ଲ, ସାନ୍ତାଳ
୪୫. ଢାମତଳିଆ	କୋହ୍ଲ, ସାନ୍ତାଳ
୪୬. ଖଡ଼ିଘାଟି	କୋହ୍ଲ, ସାନ୍ତାଳ
୪୭. ଆମଡ଼ାପାଣି	କୋହ୍ଲ, ସାନ୍ତାଳ
୪୮. କୁକୁରଭୁକା	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୪୯. ପୁରୁଣାପାଣି	କୋହ୍ଲ ଖ୍ରୀଷ୍ଟିଆନ୍, ଖଡ଼ିଆ
୫୦. ଫୁଲଝରି	କୋହ୍ଲ, ସାନ୍ତାଳ
୫୧. ଭାତୁଆକାଚା	କୋହ୍ଲ, ସାନ୍ତାଳ
୫୨. ଢାରକାଣି	ସାନ୍ତାଳ, କୋହ୍ଲ
୫୩. ବାରୁବେଡ଼ା	କୋହ୍ଲ, ସାନ୍ତାଳ
୫୪. ବାସିଲାକାଚା	କୋହ୍ଲ, ସାନ୍ତାଳ
୫୫. ଆଲ୍‌ପାନି	କୋହ୍ଲ, ସାନ୍ତାଳ
୫୬. ରାଜୁପାଲ	କୋହ୍ଲ, ସାନ୍ତାଳ
୫୭. କିଆଝରି	ସାନ୍ତାଳ, କୋହ୍ଲ

Digitized by srujanika@gmail.com

୫୮. ଚାଉଳଝରି	କୋହ୍ଲ, ସାନ୍ତାଳ
୫୯. ଦୁଆରଶୁଣି	କୋହ୍ଲ, ସାନ୍ତାଳ
୬୦. ଖଣ୍ଡାବରେଇ	କୋହ୍ଲ, ସାନ୍ତାଳ
୬୧. ଗହିଗଣ୍ଡ	କୋହ୍ଲ, ସାନ୍ତାଳ
୬୨. ବାଲିଡିହା	ଖଡ଼ିଆ, ସାନ୍ତାଳ
୬୩. ତରଣ	କୋହ୍ଲ, ସାନ୍ତାଳ
୬୪. ହାତୀଚାଦ	କୋହ୍ଲ, ସାନ୍ତାଳ
୬୫. ଦୁଆରଶୁଣି	କୋହ୍ଲ, ସାନ୍ତାଳ

ଶିମିଳିପାଳ ଜୈବମଣ୍ଡଳ ପରିଚାଳନା ଓ ପ୍ରାଶାସନିକ ବ୍ୟବସ୍ଥା

ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ଓ ସୁପରିଚାଳନା ନିମନ୍ତେ ବାରିପଦାଠାରେ 'ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ'ର ଜଣେ କ୍ଷେତ୍ର ନିର୍ଦ୍ଦେଶକ *(Field Director)* ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ *(Regional Chief Conservator of Forest)* ନିଯୁକ୍ତି ପାଇଛନ୍ତି । ସେ ହେଉଛନ୍ତି ଶିମିଳିପାଳ ଜୈବମଣ୍ଡଳର ସର୍ବୋଚ୍ଚ ଅଧିକାରୀ । ତାଙ୍କ ଅଧୀନରେ ଜଣେ ଉପ ନିର୍ଦ୍ଦେଶକ *(DD, STR)*, ୩ ଜଣ ଡିଏଫ୍‌ଓ (ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ), ଜଣେ ପର୍ଯ୍ୟଟନ ଓ ଗବେଷଣା ଉପ ନିର୍ଦ୍ଦେଶକ *(DD, Tourism and Research)* ପ୍ରମୁଖ କାର୍ଯ୍ୟ କରୁଛନ୍ତି । ଏମାନଙ୍କ ତଳ ସ୍ତରରେ ବାରିପଦାସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କାର୍ଯ୍ୟାଳୟରେ ୪ ଜଣ

Digitized by srujanika@gmail.com

ସହକାରୀ ବନ ସଂରକ୍ଷକ (ଏସିଏଫ) ଏବଂ ୩ଟି ଟେରିଟୋରି ଫରେଷ୍ଟ ଡିଭିଜନରେ ୨ ଜଣ ଲେଖାଏଁ ଏସିଏଫ୍ (କରଞ୍ଜିଆ, ବାରିପଦା, ରାଇରଙ୍ଗପୁର ବନଖଣ୍ଡ) ଏବଂ ସେମାନଙ୍କ ଅଧୀନରେ ମୋଟ ୧୯ଟି ରେଞ୍ଜ (ଏସ୍‌ଟିଆର୍ ସମେତ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଫରେଷ୍ଟ ଟେରିଟୋରି ଡିଭିଜନ), ୫୩ଟି ସେକ୍‌ସନ୍, ୧୪୩ଟି ବିଟ୍ ହାଉସ୍ କାର୍ଯ୍ୟ କରୁଛି । ସେହିଭଳି ଶିମିଳିପାଳର ସୁରକ୍ଷା ନିମନ୍ତେ ୧୯ଟି ଚେକ୍‌ପୋଷ୍ଟ (ଚେକ୍‌ଗେଟ୍) ଓ ୧୦ଟି ୱାଚ୍ ଟାୱାର୍ ମଧ୍ୟ କାର୍ଯ୍ୟ କରୁଛି । 'ଶିମିଳିପାଳ ଟାଇଗର୍ ରିଜର୍ଭ' ସମେତ ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଟେରିଟୋରି ଫରେଷ୍ଟ ଡିଭିଜନ ମଧ୍ୟ ଶିମିଳିପାଳ ଜୈବମଣ୍ଡଳ ପ୍ରାଶାସନିକ ଓ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ଅଛନ୍ତି ।

ଅପରପକ୍ଷେ, କେବଳ ଶିମିଳିପାଳ ଜୈବମଣ୍ଡଳର କୋର୍ ଜୋନ୍ ପାଇଁ ସେହି ସମାନ କ୍ଷେତ୍ର ନିର୍ଦ୍ଦେଶକ (ଏଫଡ଼ି) ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ)ଙ୍କ ଅଧୀନରେ ଜଣେ ଉପ ନିର୍ଦ୍ଦେଶକ (ଏସ୍.ଟି.ଆର୍ ବା ଶିମିଳିପାଳ ଟାଇଗର ରିଜର୍ଭ) ଏବଂ ତାଙ୍କ ଅଧୀନରେ ୭ଟି ରେଞ୍ଜ, ୨୩ଟି ସେକ୍ସନ ଓ ୭୫ଟି ବିଟ୍ ହାଉସ୍ କାର୍ଯ୍ୟ କରୁଛି । ଏହି ୭ଟି ରେଞ୍ଜ୍, ୨୩ ସେକ୍ସନ ଓ ୭୫ ବିଟ୍ ହାଉସ୍ ଶିମିଳିପାଳ ଜୈବମଣ୍ଡଳର କୋର୍ ଏରିଆ ମଧ୍ୟରେ ଅବସ୍ଥିତ । ବାକି ରେଞ୍ଜ ଅଫିସ, ସେକ୍ସନ ଅଫିସ ଓ ବିଟ୍ ହାଉସ୍‌ଗୁଡ଼ିକ ଅନ୍ୟ ବନଖଣ୍ଡ (ବାରିପଦା, କରଞ୍ଜିଆ, ରାଇରଙ୍ଗପୁର ଟେରିଟୋରି ଫରେଷ୍ଟ ଡିଭିଜନ) ଅଧୀନରେ କାର୍ଯ୍ୟ କରିଥାଏ । ଏମାନେ ସମସ୍ତେ ଶିମିଳିପାଳର ସୁରକ୍ଷା ପାଇଁ କାର୍ଯ୍ୟ କରିଥା'ନ୍ତି ।

ଜଙ୍ଗଲ ମଧ୍ୟରେ ଥିବା ଏକ ପତଳା ପାଦଚଲା ରାସ୍ତାରୁ ବରେହିପାଣି ଜଳପ୍ରପାତର ଦୃଶ୍ୟ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳରେ ମୟୁର

ଶିମିଳିପାଳ କୋର୍ ଜୋନ୍‌ରେ ଥିବା ୭ଟି ରେଞ୍ଜ ପ୍ରତ୍ୟକ୍ଷ ଭାବେ 'ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ'ର କ୍ଷେତ୍ର ନିର୍ଦ୍ଦେଶକଙ୍କ ଦ୍ୱାରା ପରିଚାଳିତ ହୋଇଥା'ନ୍ତି । ଶିମିଳିପାଳ କୋର୍ ଜୋନ୍‌ରେ ଥିବା ୭ଟି ରେଞ୍ଜଗୁଡ଼ିକ ହେଉଛନ୍ତି-

୧. ପିଠାବଟା : (ୱାଇଲ୍ଡ ଲାଇଫ୍)

(ଅନ୍ୟ ଏକ ପିଠାବଟା ରେଞ୍ଜ ବାରିପଦା ଟେରିଟୋରି ଡିଭିଜନ ଅଧୀନରେ ରହିଛି)

୨. ନଓ୍ୱାଣା (ଉତ୍ତର) : ଏହାର କାର୍ଯ୍ୟାଳୟ ନଓ୍ୱାଣାରେ ଅବସ୍ଥିତ

୩. ନଓ୍ୱାଣା (ଦକ୍ଷିଣ) : ଏହାର କାର୍ଯ୍ୟାଳୟ ଧୁଡ୍ରୁଚଂପାରେ ଅବସ୍ଥିତ

୪. ଜେନାବିଲ : ଏହାର କାର୍ଯ୍ୟାଳୟ ହାତୀଘରଠାରେ ଅବସ୍ଥିତ

୫. ୟୁବିକେ (ଅପର ବାରାକାମୁଡ଼ା)

୬. ଚହଲା

୭. ଯଶୀପୁର (ନ୍ୟାସ୍‌ନାଲ୍ ପାର୍କ) : ଏହାର କାର୍ଯ୍ୟାଳୟ ଯଶୀପୁରରେ ଅବସ୍ଥିତ

ଏହା ସହିତ ଶିମିଳିପାଳର ପ୍ରଶାସନ ଓ ସୁରକ୍ଷା ପାଇଁ ବାରିପଦା, ରାଇରଙ୍ଗପୁର ଏବଂ କରଞ୍ଜିଆ ଟେରିଟୋରି ଫରେଷ୍ଟ ଡିଭିଜନ ଅଧୀନରେ **୧୨ଟି** ରେଞ୍ଜ ରହିଛି । **ବାରିପଦା ଫରେଷ୍ଟ ଡିଭିଜନ** ଅନ୍ତର୍ଗତ ରେଞ୍ଜଗୁଡ଼ିକ ହେଲେ-

୧. ପିଠାବଟା: ଏହାର କାର୍ଯ୍ୟାଳୟ ବାରିପଦାରେ ଅବସ୍ଥିତ

୨. ଡୁକୁରା

Digitized by srujanika@gmail.com

୩. ବାଙ୍ଗିରିପୋଷି ୪. ଉଦଳା

୫. ବଡ଼ିପଦା

ସେହିଭଳି ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ଓ ପ୍ରାଶାସନିକ ବ୍ୟବସ୍ଥାରେ **କରଞ୍ଜିଆ ଫରେଷ୍ଟ ଡିଭିଜନ** ଅନ୍ତର୍ଗତ ରେଞ୍ଜଗୁଡ଼ିକ ହେଲେ-

୧. ଠାକୁରମୁଣ୍ଡା ୨. ସାତକୋଶିଆ

୩. କେନ୍ଦୁମୁଣ୍ଡି ୪. ଦୁଧିଆଣି

୫. ଗୁଡୁଗୁଡିଆ

ସେହିଭଳି ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ଓ ପ୍ରାଶାସନିକ ବ୍ୟବସ୍ଥାରେ **ରାଇରଙ୍ଗପୁର ଫରେଷ୍ଟ ଡିଭିଜନ** ଅନ୍ତର୍ଗତ ରେଞ୍ଜଗୁଡ଼ିକ ହେଲେ-

୧. ମଣଦା

୨. ବିଶୋଇ

ଏମିତି ମୋଟ ୧୯ଟି ରେଞ୍ଜ ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ଓ ପ୍ରଶାସନ ବାବଦରେ କାର୍ଯ୍ୟ କରୁଛି ।

ଶିମିଳିପାଳ ଜୈବମଣ୍ଡଳରେ ଥିବା ଫାଟକ

ଶିମିଳିପାଳ ଜୈବମଣ୍ଡଳ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ବିଶେଷକରି ୩ଟି ଗେଟ୍ କାର୍ଯ୍ୟ କରିଥାଏ । ଏହି ୩ଟି ଗେଟ୍ ହେଉଛି ପିଠାବଟା (ପିଠାବଟା ରେଞ୍ଜ), ତୁଳସୀବଣି (ମଣଦା ରେଞ୍ଜ) ଓ କାଳିଆଣି (ଗୁଡୁଗୁଡିଆ ରେଞ୍ଜ) । ଯଦି ପର୍ଯ୍ୟଟକମାନେ ବାରିପଦା ପଟୁ ପିଠାବଟା ଗେଟ୍ ଦେଇ ପ୍ରବେଶ କରିବେ ତେବେ ସେମାନେ ତୁଳସୀବଣି କିମ୍ବା କାଳିଆଣି ଗେଟ୍ ଦେଇ ପ୍ରସ୍ଥାନ କରିବେ । ଯଦି ପର୍ଯ୍ୟଟକମାନେ ଯଶୀପୁର ପଟୁ ତୁଳସୀବଣି ଗେଟ୍ ଦେଇ ପ୍ରବେଶ କରିବେ ସେମାନେ ପିଠାବଟା କିମ୍ବା କାଳିଆଣି ଗେଟ୍ ଦେଇ ପ୍ରସ୍ଥାନ କରିବେ ଏବଂ ଯଦି ପର୍ଯ୍ୟଟକମାନେ ଯଶୀପୁରର କାଳିଆଣି ଗେଟ୍ ଦେଇ ପ୍ରବେଶ କରିବେ ସେମାନଙ୍କୁ ତୁଳସୀବଣି କିମ୍ବା ପିଠାବଟା ଗେଟ୍ ଦେଇ ପ୍ରସ୍ଥାନ କରିବାକୁ ହେବ । ଏହାବ୍ୟତୀତ ଶିମିଳିପାଳ ଜୈବମଣ୍ଡଳ ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ କରିବାକୁ ଆହୁରି ୧୬ଟି ଗେଟ୍ ରହିଛି । ଏହି ୧୬ଟି ଗେଟ୍ କେବଳ ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ । ସାଧାରଣ ପର୍ଯ୍ୟଟକଙ୍କ ପାଇଁ ଏସବୁ ଗେଟ୍ ନିଷିଦ୍ଧ ।

ଶିମିଳିପାଳ ଜୈବମଣ୍ଡଳକୁ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ମୋଟ ୧୯ଟି ଗେଟ୍ ରହିଛି । ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

Digitized by srujanika@gmail.com

ଫାଟକର ନାମ	ରେଞ୍ଜ
ପିଠାବଟା	ପିଠାବଟା (ବନ୍ୟପ୍ରାଣୀ)
ଭାଡମ୍	ପିଠାବଟା (ବନ୍ୟପ୍ରାଣୀ)
ନମତି	ପିଠାବଟା (ବନ୍ୟପ୍ରାଣୀ)
ନଓ୍ୱାଣା	ନଓ୍ୱାଣା (ଉତ୍ତର)
ନିଗିର୍ଦା	ନଓ୍ୱାଣା (ଉତ୍ତର)
କାଳିଆଣି	ଗୁଡୁଗୁଡ଼ିଆ
କାଳିକାପ୍ରସାଦ	ଯଶୀପୁର (ଜାତୀୟ ଉଦ୍ୟାନ)
କବାଟଘାଇ	ଯଶୀପୁର (ଜାତୀୟ ଉଦ୍ୟାନ)
ଖେଜୁରି	ଯଶୀପୁର (ଜାତୀୟ ଉଦ୍ୟାନ)
ଚହଲା (ପ୍ରବେଶ ନିଷେଧ)	ଚହଲା
ବୃନ୍ଦାବନ	ଚହଲା
କୁଲିପାଳ	ଜେନାବିଲ
ଲେଙ୍ଗଳାକଚା	ନଓ୍ୱାଣା (ଦକ୍ଷିଣ)
ତୁଳସୀବଣି	ମଣଦା
ବଣିଆବସା	ଉଦଳା
ମାନଭଙ୍ଗା	କପ୍ତିପଦା
ଡଙ୍ଗାଡିହା	ଠାକୁରମୁଣ୍ଡା
କେନ୍ଦୁମୁଣ୍ଡି	କେନ୍ଦୁମୁଣ୍ଡି
ତାଳବନ୍ଧ	ବିଶୋଇ

ଶିମିଳିପାଳ ଜୈବମଣ୍ଡଳର କିଛି ପ୍ରାକୃତିକ ସଲ୍ଟ ଲିକ୍ ଓ ବିଶାଳ ଘାସ ପଡ଼ିଆ *(Salt lick/Meadow/Savannah in Similipal Bio-sphere)*

ଶିମିଳିପାଳ ଜୈବମଣ୍ଡଳରେ ଯେ, ଖାଲି ପାହାଡ଼, ପର୍ବତ ଓ ଘଞ୍ଚ ଜଙ୍ଗଲ ରହିଛି ତାହା ନୁହେଁ, ମଝିରେ ମଝିରେ ଅନେକ ସ୍ଥାନରେ ବିସ୍ତୀର୍ଣ୍ଣ ଖୋଲା ଘାସ ପଡ଼ିଆମାନ ରହିଛି । ଏହସବୁ ଉପତ୍ୟକା ତଥା ଘାସପଡ଼ିଆସବୁ ଶିମିଳିପାଳର ପ୍ରାକୃତିକ ଶୋଭାକୁ ବହୁଗୁଣିତ କରିଥାଏ । ଘଞ୍ଚ ଜଙ୍ଗଲ ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ପାଇଁ ପ୍ରକୃତି ଏଭଳି ଖୋଲାପଡ଼ିଆମାନ ସୃଷ୍ଟି କରିଛି । ଅନେକ ସମୟରେ ଜୀବଜନ୍ତୁମାନେ ଘଞ୍ଚ ଜଙ୍ଗଲ ପରିତ୍ୟାଗ କରି ଏହି ଖୋଲା ପଡ଼ିଆରେ ସମୟ କାଟିବାକୁ ପସନ୍ଦ କରିଥା'ନ୍ତି । ଶିମିଳିପାଳର ବିଶାଳ କ୍ରାନ୍ତିମଣ୍ଡଳୀୟ 'ତୃଣଭୂମି' ବା ଘାସ ପଡ଼ିଆ *(Savan-*

Digitized by srujanika@gmail.com

ନଓ୍ୱାଣାର ଆକର୍ଷଣୀୟ ଶୀତଦିନିଆ ଲ୍ୟାଣ୍ଡସ୍କେପ୍

nah) ତୃଣଭୋଜୀ ପ୍ରାଣୀଙ୍କ ସ୍ୱର୍ଗ ଭାବେ ପରିଚିତ । ସନ୍ଧ୍ୟା ଓ ଅପରାହ୍ଣ ସମୟରେ ଜୀବଜନ୍ତୁମାନେ ଘଞ୍ଚ ଜଙ୍ଗଲ ମଧ୍ୟରୁ ଏହିସବୁ ଫାଙ୍କା ଜାଗା (ଘାସ ପଡ଼ିଆ)କୁ ଚାଲି ଆସନ୍ତି ଏବଂ ଏକତ୍ର ରାତ୍ରୀଯାପନ କରନ୍ତି । ଏହି ପଡ଼ିଆମାନଙ୍କର ମାଟି ଲୁଣିଆ ହୋଇଥିବାରୁ ଜୀବଜନ୍ତୁମାନେ ଲୁଣିଆ ମାଟି ଚାଟିବାକୁ ଏଠାକୁ ଚାଲି ଆସନ୍ତି । ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା କିଛି ପ୍ରାକୃତିକ **ଲବଣାକ୍ତ ଭୂମି ବା 'ସଲ୍ଟ ଲିକ୍' ଏବଂ ଘାସ ପଡ଼ିଆ ବା** 'ମିଡୋ'ର *(Salt lick/Meadow)* ତାଲିକା ନିମ୍ନରେ ପ୍ରଦାନ କରାଗଲା–

୧. ଉପରବାର୍ହାକାମୁଡ଼ା ରେଞ୍ଜରେ ଥିବା କିଛି 'ସଲ୍ଟ ଲିକ୍' ଓ 'ମିଡୋ'

-ଦେବସ୍ଥଳୀ

-ପୋଖରୀବାଡ଼ି

-ବାଛୁରୀଚରା

-ଗିନାହଡା

-ବଳଦଘର

-ଅଙ୍କୁରବସା

-ବଳଦଘର (କାଣ୍ଡଧନୁରୁ ପଶ୍ଚିମ ଦେଓ ନଦୀ ପର୍ଯ୍ୟନ୍ତ)

Digitized by srujanika@gmail.com

-ଗୋଳକୁଣ୍ଡ

-ପୋଖରୀଦାଣ୍ଡ (ଧୁତ୍ରାମ୍ ପର୍ଯ୍ୟନ୍ତ)

-ବାରାଗଡ଼ିଆ

-ଖଡ଼ିଚୁଆ

-କୁଲାଚୁଆ

-ତାରିଣୀବିଲା

-ମାଟୁଘର (ଏଠାରେ ଦିନବେଳାରେ ବି ବାଘ ବିଶ୍ରାମ ନେଉଥିବାର ଦେଖାଯାଏ)

-ବେଙ୍ଗପାଣି

-ଚଂପାଗଡ଼ (ବାହ୍ୱାଘର)

-ଚକଶିଳ

-ଧୁତ୍ରାମ୍

-ଧୋବିଘାଟ

-ନେକେଡ଼ାନଚା

-ମଣ୍ଡାଚାତୁରି

ଶିମିଳିପାଳର ଏକ ବିସ୍ତୀର୍ଣ୍ଣ ଖୋଲା ପଡ଼ିଆ (ମିଡୋ)

Digitized by srujanika@gmail.com

-ଭାଲୁକଣ୍ଠି

-ବାଲିଦର

-ଉଡ଼ିଆପିଣ୍ଡ

-କଦଳୀବାଡ଼ି

-ମହୁଲହୁଡ଼ି

-ମାରୁଆଡ଼ିବନ୍ଧ

-ଜଳଛିଣ୍ଡା

-ବାର୍ହାକାମୁଡ଼ା

୨. ଜେନାବିଲ ରେଞ୍ଜ ଅଧୀନରେ ଥିବା କିଛି 'ସଲ୍ଟ ଲିକ୍' ଓ 'ମିଡୋ'

-ଶୁନପୋଖରୀ

-ଦଲ୍କିକଚା

ମଞ୍ଚାବନ୍ଧା ଇକୋ ପାର୍କ

Digitized by srujanika@gmail.com

-ଅଧମୁଖା

-ଗୋରୁଖୁଣ୍ଟା (ଗୌରକଣ୍ଠ)

-ବାଉଁଶଡିହା

-ସାରୁଆ-ଡିକ୍‌ଡାଳି

-ଅଶଙ୍କନଳା

-ଡିକ୍‌ଡାଳି-କିଆବସା

-ଢନଗଡ଼

-ଗୁରାଣ୍ଡିଆ-ଧଳାମାଟି

-ଗୟଳଗଡ଼

୩. ପଣୀପୁର (ନ୍ୟାସ୍‌ନାଲ୍ ପାର୍କ) ରେଞ୍ଜ ଅଧୀନରେ ଥିବା କିଛି 'ସଲ୍‌ଟ ଲିକ୍' ଓ 'ମିଡୋ'

-ନୂଆଗାଁ-ମହାନ୍ତହଣା

-ପଟୁଆଗଡ଼

-ଗଣପତି

-ନେମିଆ-କାଣ୍ଡଧନୁ

-କାଲ୍‌କାମ୍ (ଖଡ଼ିବସା)

ଶିମିଳିପାଳର ବଣିଆବସା : ପଞ୍ଚ ନଦୀ ଓ ନାଲୁଆ ନଦୀ ଉପତ୍ୟକାର ଆକର୍ଷଣୀୟ ପ୍ରାକୃତିକ ଶୋଭା

Digitized by srujanika@gmail.com

୪. ନଓ୍ୱାଣା (ଦକ୍ଷିଣ) ରେଞ୍ଜ ଅଧୀନରେ ଥିବା କିଛି 'ସଲ୍ଟ ଲିକ୍' ଓ 'ମିଡୋ'

-ଭଦ୍ରାଗଡ଼

-ରାଙ୍ଗାଭାଡ଼ି

-ଯୋଡ଼ାପାଳ

-ବାଲିଖାଳ

-ଚଂପାବରେହି

୫. ନଓ୍ୱାଣା (ଉତ୍ତର) ରେଞ୍ଜ ଅଧୀନରେ ଥିବା କିଛି 'ସଲ୍ଟ ଲିକ୍' ଓ 'ମିଡୋ'

-ନଓ୍ୱାଣା

-ଯୋରନ୍ଦା ରିଂ ବନ୍ଧ ପାର୍ଶ୍ୱ

-ପଣ୍ଡାବନ୍ଧା

-ପଣସିଆ

-ଖଡ଼କେଇ-ବାଉଁଶଖାଳ

-ଭଣ୍ଡାଧାର

-ଖୁପି ପାହାଡ଼

କାଇରାକାଚା

Digitized by srujanika@gmail.com

-ଯାଉଚାଟିଣି

-ଏଦେଲ୍‌କଚା

-ଅଶାଡ଼ୋଲା

-ପଲାଟିକି

୬. ଚହଲା ରେଞ୍ଜ ଅଧୀନରେ ଥିବା କିଛି 'ସଲ୍‌ଟ ଲିକ୍' ଓ 'ମିଡୋ'

-ଭାଟୁଣିଆ

-ବୃନ୍ଦାବନ-କୁଣ୍ଡାଗଡ଼

-ଦଲଦଲି

-ରଙ୍ଗାପାହାଡ଼

-କାଇରାକଚା-ବୃନ୍ଦାଭୋଳ

-ଧଡ଼ବସା

-ମାଙ୍କଡ଼ଘାଟି

୭. ପିଠାବଟା ରେଞ୍ଜ ଅଧୀନରେ ଥିବା କିଛି 'ସଲ୍‌ଟ ଲିକ୍' ଓ 'ମିଡୋ'

-ବଡ଼ମକାବାଡ଼ି

-ଶବରବସା

-ଅନ୍ଧାରିଡୋବା

-ଭାଡମ୍

-କାଳୀପାହାଡ଼

-ଦଲ୍‌କିକଚା (ଲାଲ୍‌ପାନି)

-ଢଂଭିରାଖାଳ

-ସାତନାଳିଆ

-ଚିତାଝରନ୍

-ଢାମଝରି

-ଅଲତାଣ୍ଡି

-କଳସୀଡୁବା

-ମୁର୍ମୁରାଣୀଘାଟି

Digitized by srujanika@gmail.com

ଶିମିଳିପାଳ କୋର୍ ଏରିଆରେ ଥିବା ପ୍ରସିଦ୍ଧ ସନ୍ତସନ୍ତିଆ ଭୂମି (ଦଲ୍‌ଦଲି)

(Swamps/wetlands in Similipal Bio-sphere)

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅନେକ ସନ୍ତସନ୍ତିଆ କର୍ଦମାକ୍ତ ଭୂମି ବା ଦଲଦଲି *(Swamps/wetlands)* ରହିଛି । ଏହି ସନ୍ତସନ୍ତିଆ ଭୂମି ଅନେକ ଜଳଚର, ସ୍ଥଳଚର ଓ ଉଭୟଚର ଜୀବଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥାଏ । ଶିମିଳିପାଳର ଏହି ସନ୍ତସନ୍ତିଆ ଭୂମିରେ ଅନେକ ପ୍ରକାର ତୃଣ ଏବଂ ଛୋଟଛୋଟ ଗୁଳ୍ମ ସୃଷ୍ଟି ହୋଇଥାଏ, ଯାହା ତୃଣଭୋଜୀ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକାରୀ ।ସନ୍ତସନ୍ତିଆ ଭୂମିରେ ସବୁଜ ଘାସ ଖାଇବାକୁ ବହୁ ସଂଖ୍ୟାରେ ଜୀବଜନ୍ତୁ ଏଠାକୁ ଆସିଥା'ନ୍ତି । ଶିମିଳିପାଳର ଏହିସବୁ ସନ୍ତସନ୍ତିଆ ଭୂମି (ଦଲଦଲି) ପ୍ରାକୃତିକ ଶୋଭା ବୃଦ୍ଧିକରିବା ସହ ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିଥାଏ । ଏହି ସନ୍ତସନ୍ତିଆ ଭୂମି ଅନେକ ପ୍ରକାର ଜୀବଜନ୍ତୁଙ୍କ ବାସସ୍ଥାନ ପାଲଟିଥାଏ ।

ଶିମିଳିପାଳ ଜୈବମଣ୍ଡଳ ଓଡ଼ିଶାର ଏକ ବୃହତ୍ ଜଳଛାୟା ସୃଷ୍ଟି କରିପାରିଛି । ଏଠାରେ ବହୁମାତ୍ରାରେ ଜଳଉତ୍ସ ରହିଛି । ଜୁନ୍‌ରୁ ଅକ୍‌ଟୋବର ମାସ ମଧ୍ୟରେ ଏଠାରେ ବହୁମାତ୍ରାରେ ବୃଷ୍ଟିପାତ ହୋଇଥାଏ । କେବଳ ଏହି ସମୟରେ ନୁହେଁ ବରଂ ବର୍ଷର ବିଭିନ୍ନ ସମୟରେ ଶିମିଳିପାଳରେ ବର୍ଷା ବର୍ଷିଥାଏ । ସବୁଠୁ ବଡ଼କଥା ହେଉଛି, କେବଳ ଉପରବେଳାରେ ହିଁ ଶିମିଳିପାଳରେ ବର୍ଷା ହୋଇଥାଏ । ଶିମିଳିପାଳର ବାର୍ଷିକ ବୃଷ୍ଟିପାତ ହାର ୨,୦୦୦ ମିଲିମିଟର ହୋଇଥିବାବେଳେ ବର୍ଷର ଅକ୍‌ଟୋବର ମାସରେ ସର୍ବାଧିକ ବୃଷ୍ଟିପାତ ରେକର୍ଡ କରାଯାଇଥାଏ । ଭାରତ ମଧ୍ୟକୁ ପ୍ରବେଶ କରୁଥିବା ଦକ୍ଷିଣ-ପୂର୍ବ ମୌସୁମୀ ବାୟୁ ଶିମିଳିପାଳ ପାର୍ବତ୍ୟାଞ୍ଚଳକୁ ସର୍ବାଧିକ ଟାଣି ହୋଇ ଏଠାରେ ବୃଷ୍ଟିପାତ କରାଇଥାଏ । ଏଠାରେ ତାପମାତ୍ରା ଖୁବ୍ ସ୍ୱାଭାବିକ । ତାପମାତ୍ରା ସର୍ବନିମ୍ନ ୪ ଡିଗ୍ରି ସେଣ୍ଟିଗ୍ରେଡରୁ ସର୍ବାଧିକ ୩୪ ଡିଗ୍ରି ମଧ୍ୟରେ ରହିଥାଏ ।

ଶିମିଳିପାଳର ସବୁଠୁ ଏକ ଆକର୍ଷଣୀୟ ବିଶେଷତ୍ୱ ହେଉଛି, ଏଠାରେ ପ୍ରତିଦିନ ଅପରାହ୍ଣରେ ବର୍ଷା ହୋଇଥାଏ । ଏମିତିକି ମାର୍ଚ୍ଚ, ଏପ୍ରିଲ୍ ମାସର ଅପରାହ୍ଣରେ ଶିମିଳିପାଳ କୁଣ୍ଡଝଡ଼ା ବର୍ଷା ପରିବେଶକୁ ବେଶ୍ ରୋମାଣ୍ଟିକ୍ କରିଦିଏ । ଜଣେ ଆଗନ୍ତୁକ ଶିମିଳିପାଳର ଏହି ମୋହିନୀ ରୂପରେ ବିଭୋର ହୋଇଉଠିଥାଏ ।

ଶିମିଳିପାଳ ଜୈବମଣ୍ଡଳ ଓଡ଼ିଶା ସମେତ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ପାଣିପାଗକୁ ନିୟନ୍ତ୍ରିତ କରିଥାଏ । ମୌସୁମୀ ବାୟୁ ଶିମିଳିପାଳ ପାହାଡ଼ରେ ପିଟି ହୋଇ ଯେଉଁ ବୃଷ୍ଟିପାତ କରାଇଥାଏ, ତାହା ମୁଖ୍ୟତଃ ଏହି ୩ଟି ରାଜ୍ୟରେ ବର୍ଷିଥାଏ । ପାର୍ବତ୍ୟାଞ୍ଚଳ ହୋଇଥିବା ସତ୍ତ୍ୱେ ଶିମିଳିପାଳରେ ବହୁ ଅଂଶ ଜଳମଗ୍ନ ଓ ସନ୍ତସନ୍ତିଆ ହୋଇଥାଏ । ଶିମିଳିପାଳ ଜୈବମଣ୍ଡଳରେ ଥିବା କିଛି ସନ୍ତସନ୍ତିଆ ଭୂମି (ଦଲଦଲି)ର ନାମ ନିମ୍ନରେ ଦିଆଗଲା-

Digitized by srujanika@gmail.com

ଦଲଦଲିର ନାମ	ବିଟ ହାଉସ୍	ରେଞ୍ଜ
ସରୁତାଳ	ଦେବସ୍ଥଳୀ	ଉପର ବାର୍ହାକାମୁଡ଼ା
ବଳଦଘର	ପାଟବିଲ	ଉପର ବାର୍ହାକାମୁଡ଼ା
ଅଙ୍କୁରବସା	କାଣ୍ଡଧେନୁ	ଉପର ବାର୍ହାକାମୁଡ଼ା
ସାନବାଲାଡ଼ି	ଉପରବାର୍ହାକାମୁଡ଼ା	ଉପର ବାର୍ହାକାମୁଡ଼ା
ବଡ଼ବାଲାଡ଼ି	"	"
ତାରିଣୀବିଲା	ତାରିଣୀବିଲା	
ନୂଆଗାଁ-୧, ନୂଆଗାଁ-୨	ନୂଆଗାଁ	ଯଶୀପୁର (ଢା.ଉ)
ପଟୁଆଗୋଡ଼ା	ନୂଆଗାଁ	"
ରଣସା	ରଣସା	
ଗଣପତି	ରଣସା	
ନିମିଆଁ	ମହାବୀରଶାଳ-୧	
ସରୁତାଳ	ମହାବୀରଶାଳ-୨	
ଦୋଳିଗୋଡ଼ା	କବାଟଘାଇ	
ଯମୁନା	ଯମୁନାଗଡ଼	ଢେନାବିଲ
କୁଲୁତାପୁର	ହାତୀଘର-୧	"
ଦଲ୍କିକଚା	ହାତୀଶାଳ-୧	
ବଣିଆପଦା	ତିକ୍ତାଳି	
ଭାଜମଖାଳ	ନାମ୍ତି	ପିଠାବଟା
ଦଲ୍କିକଚା	ପିଠାବଟା	ପିଠାବଟା
ଦଲ୍ଦଲି	ଚହଲା	ଚହଲା
କାଇରାକଚା	କାଇରାକଚା	ଚହଲା
ଢଡ୍କୁଗୁଡ଼ା	କାଇରାକଚା	ଚହଲା
ସରୁ	ବରେହିପାଣି	ଚହଲା
ରଙ୍ଗା	ବରେହିପାଣି	ହଲା
ଧୁଡୁଚଂପା	ଧୁଡୁଚଂପା	ନଓ୍ୱାଣା (ଦକ୍ଷିଣ)
ରାଜାଭାଡ଼ି	ଧୁଡୁଚଂପା	ନଓ୍ୱାଣା (ଦକ୍ଷିଣ)

Digitized by srujanika@gmail.com

ଧୁଣ୍ଟୁବସା	ଧୁଣ୍ଟୁବସା	ନଓ୍ୱାଣା (ଦକ୍ଷିଣ)
ଯୋଡ଼ାପାଳ	ଯୋଡ଼ାପାଳ	ନଓ୍ୱାଣା (ଦକ୍ଷିଣ)
ଭଦ୍ରଗୁଡ଼ା	ବଡ଼ମକାବାଡ଼ି	ନଓ୍ୱାଣା (ଦକ୍ଷିଣ)
ଧୁଳିଆପଦା	ବକୁଆ (୨)	ନଓ୍ୱାଣା (ଦକ୍ଷିଣ)
ଚେରବିଲା	ବକୁଆ(୨)	ନଓ୍ୱାଣା (ଦକ୍ଷିଣ)
ପଣ୍ଡାବନ୍ଧ	ପଣ୍ଡାବନ୍ଧ	ନଓ୍ୱାଣା (ଉତ୍ତର)

ଶିମିଳିପାଳ ଜୈବମଣ୍ଡଳରେ ଥିବା ପ୍ରସିଦ୍ଧ ପାହାଡ଼

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଶହଶହ ପାହାଡ଼ ଓ ଗିରିଶୃଙ୍ଗ ରହିଛି । ଶିମିଳିପାଳରେ ଥିବା ମାଳମାଳ ପାହାଡ଼ ଜଣେ ଆଗନ୍ତୁକକୁ ସମୁଦ୍ର ଢେଉର ଭ୍ରମ ସୃଷ୍ଟି କରିଥାଏ । ଖଇରିବୁରୁ, ମେଘାସନ, ଧୁଡୁଚଂପା ଭଳି ଉଚ୍ଚ ପାହାଡ଼କୁ ବାଦ ଦେଇ ଶିମିଳିପାଳ କଥା ଚିନ୍ତା କରିହେବନି । ଶିମିଳିପାଳ ଜୈବମଣ୍ଡଳର ସର୍ବୋଚ୍ଚ ପାହାଡ଼ ହେଉଛି **ଖଇରିବୁରୁ** । ଶିମିଳିପାଳର ମଧ୍ୟ ଭାଗରେ ସମୁଦ୍ର ପତ୍ତନଠାରୁ ୧୧୬୮ ମିଟର ଉଚ୍ଚତାରେ ଏହି ଉଚ୍ଚତମ ଗିରିଶୃଙ୍ଗ ଅବସ୍ଥିତ । ଏଠାରେ ଶୀତଦିନେ ବରଫପାତ ହୋଇଥାଏ । ଶିମିଳିପାଳର କିଛି ପ୍ରମୁଖ ଉଚ୍ଚତମ ଗିରିଶୃଙ୍ଗ ସଂପର୍କରେ ଆଲୋଚନା କରାଗଲା ।

ଖଇରିବୁରୁ

ଶିମିଳିପାଳ ଜୈବମଣ୍ଡଳର ସବୁଠୁ ଉଚ୍ଚତମ ଗିରିଶୃଙ୍ଗ **'ଖଇରିବୁରୁ'**ର ଉଚ୍ଚତା ପ୍ରାୟ ୧୧୬୮ ମିଟର । ଏହା ମେଘାସନ ପାହାଡ଼ଠାରୁ ଉଚ୍ଚତମ ଗିରିଶୃଙ୍ଗ । ଏହି ପାହାଡ଼ରୁ ଖଇରୀ ନଦୀ ନିର୍ଗତ ହୋଇଥିବାରୁ ଏହାର ନାମ 'ଖଇରିବୁରୁ' ବା 'ଖଇରି ପାହାଡ଼' ହୋଇଛି । ଅନ୍ୟ ଅଥରେ ଖଇରିବୁରୁରୁ ନିର୍ଗତ ହୋଇଥିବାରୁ ନଦୀର ନାମ ଖଇରୀ ହୋଇଥାଇପାରେ । ଖଇରିବୁରୁରେ ବହୁ ବିରଳ ପ୍ରଜାତି ଏବଂ ଔଷଧୀୟ ବୃକ୍ଷଲତା ଥିବାରୁ ଶିମିଳିପାଳର ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ପାହାଡ଼ ଭାବେ ବିବେଚନା କରାଯାଇଥାଏ ।

ମେଘାସନ (ମେଘାସନୀ)

ମେଘାସନ ମୟୁରଭଞ୍ଜ ଜିଲ୍ଲା ଏବଂ ଶିମିଳିପାଳର ଦ୍ୱିତୀୟ ଉଚ୍ଚତମ ଗିରିଶୃଙ୍ଗ । ଏହାର ଉଚ୍ଚତା ପ୍ରାୟ ୧୧୬୫ ମିଟର । ଏହି ପାହାଡ଼ଟି ମେଘମାଳାମାନଙ୍କର ଆସନ ହୋଇଥିବାରୁ ଏହାକୁ ମେଘାସନ କୁହାଯାଏ । ଏହି ପାହାଡ଼ରୁ ବୁଢାବଳଙ୍ଗ ସମେତ ଅନ୍ୟାନ୍ୟ ବହୁ ନଦୀ ଉତ୍ପତ୍ତିଲାଭ କରିଛନ୍ତି । ଶିମିଳିପାଳ ଜୈବମଣ୍ଡଳର କୋର୍ ଫରେଷ୍ଟ ଏରିଆ ଅନ୍ତର୍ଗତ ଉପର ବାର୍ହାକାମୁଡ଼ା ବନାଞ୍ଚଳରେ

Digitized by srujanika@gmail.com

ଏହି ଉଚ୍ଚତମ ଶୃଙ୍ଗଟି ଅବସ୍ଥିତ । ଏଠାକୁ ସାଧାରଣ ପର୍ଯ୍ୟଟକଙ୍କୁ ଯିବାପାଇଁ ଅନୁମତି ନଥାଏ । ମେଘାସନୀ ପାହାଡ଼ ଉପରୁ ଜଣେ ପର୍ଯ୍ୟଟକ ବଙ୍ଗୋପସାଗରକୁ ଖାଲି ଆଖିରେ ଦେଖିପାରନ୍ତି ବୋଲି ଶୁଣିବାକୁ ମିଳେ । ଏହାସହିତ ସମଗ୍ର ମୟୁରଭଞ୍ଜର ଲ୍ୟାଣ୍ଡସ୍କେପ୍‌କୁ ଏହି ପାହାଡ଼ରୁ ଖାଲି ଆଖିରେ ଦେଖି ହୋଇଥାଏ ବୋଲି କିଛି ପୁରୁଖା ଲୋକଙ୍କଠାରୁ ଜଣାଯାଏ ।

ଟୁଙ୍କିବୁରୁ

ଟୁଙ୍କିବୁରୁ ଶିମିଳିପାଳ ଜୈବମଣ୍ଡଳର ତୃତୀୟ ଉଚ୍ଚତମ ପାହାଡ଼ । ଏହି ପାହାଡ଼ର ଉଚ୍ଚତା ପ୍ରାୟ ୧୧୦୦ ମିଟର । ଏହି ପାହାଡ଼ରୁ ଜଳଧାରା ତଳକୁ ଖସିପଡ଼ି ଟୁଙ୍କି ଜଳପ୍ରପାତ ସୃଷ୍ଟି ହୋଇଛି । ଏହି ପାହାଡ଼ଟି ଶିମିଳିପାଳ ଜୈବମଣ୍ଡଳର ଡୁକୁରା ବନାଞ୍ଚଳ ଅନ୍ତର୍ଗତ ବାଲିଘାଳ ନିକଟରେ ଅବସ୍ଥିତ । ସାନ୍ତାଳୀ ଭାଷାରେ **'ଟୁଙ୍କି'** ଅର୍ଥ ଚାଉଳଧୁଆ ପାଚିଆ ଏବଂ **'ବୁରୁ'** ଅର୍ଥ ପାହାଡ଼ । ଏହି ପାହାଡ଼ଟିଆ ଆକୃତି ଏକ ଓଲଟ ଚାଉଳଧୁଆ ପାହାଡ଼ ଭଳି ଦିଶୁଥିବାରୁ ଏହାର ଏଭଳି ନାମକରଣ ହୋଇଛି ।

ଟୁଙ୍କି ବୁରୁ

Digitized by srujanika@gmail.com

ଧୂଡୁଚଂପା

ଶିମିଳିପାଳ ଜୈବମଣ୍ଡଳର ଚତୁର୍ଥ ଉଚ୍ଚତମ ଗିରିଶୃଙ୍ଗ ହେଉଛି ଧୂଡୁଚଂପା । ଏହାର ଉଚ୍ଚତା ପ୍ରାୟ ୧୦୧୦ ମିଟର । ଏହି ପାହାଡ଼ଟି ନଓ୍ୱାଣା (ଦକ୍ଷିଣ) ବନାଞ୍ଚଳରେ ଅବସ୍ଥିତ । ଏହା ହାତୀମାନଙ୍କର ଏକ ଉତ୍ତମ ପ୍ରାକୃତିକ ଆବାସସ୍ଥଳୀ । ଏଠାରେ ମହାବଳ ବାଘ, ସମ୍ବର, ନୀଳଗାଈ ଦେଖାଯାଆନ୍ତି ।

ବକୁଆ

ଏହି ପାହାଡ଼ଟି ଶିମିଳିପାଳ କୋର୍ ଏରିଆର ନଓ୍ୱାଣା ଦକ୍ଷିଣ (ଧୂଡୁଚଂପା) ରେଞ୍ଜ ଅଧୀନରେ ଅବସ୍ଥିତ । ବକୁଆ ପାହାଡ଼ଟି ଏକ ସୁଦୀର୍ଘ ପ୍ରାଚୀର ଭଳି ଦଣ୍ଡାୟମାନ ଏବଂ ଏହାର ଉଚ୍ଚତା ୯୨୪ ମିଟର । ଏଠାରେ ଏକ ମାନବ ବସତି ରହିଛି । ଏଠାରେ ମଧ୍ୟ ବହୁ ପ୍ରକାର ଜୀବଜନ୍ତୁ ଦେଖିବାକୁ ମିଳନ୍ତି । ଏହାର ଖୁବ୍ ନିକଟରେ ବାଥୁଡ଼ିମାନଙ୍କର ଉପାସନାସ୍ଥଳୀ **'ମାନବ ଦେଉଳ' (ଅଠର ଦେଉଳ)** ଅବସ୍ଥିତ ।

ଜେନାବିଲ

ଶିମିଳିପାଳ ଜୈବମଣ୍ଡଳର ବିଶାଳ ତୃଣଭୂମି *(Savannah)* ଭାବେ ଜେନାବିଲ ପରିଚିତ । ଏହା ସମୁଦ୍ର ପତ୍ତନଠାରୁ ୮୬୫ ମିଟର ଉଚ୍ଚରେ ଅବସ୍ଥିତ । ଏଠାରେ ଥିବା ବିଶାଳ ଘାସ ପଡ଼ିଆ ଜୀବଜନ୍ତୁଙ୍କୁ ସ୍ୱର୍ଗୀୟ ଆନନ୍ଦ ପ୍ରଦାନ କରିଥାଏ । ଦିନବେଳା ଏଠାକୁ ବହୁ ସଂଖ୍ୟାରେ ଜୀବଜନ୍ତୁ ଘାସ ଚରିବାକୁ

ଯୋରଣ୍ଡା ଜଳପ୍ରପାତ

Digitized by srujanika@gmail.com

ଆସନ୍ତି । ଗୁଡୁଗୁଡ଼ିଆରେ ପର୍ଯ୍ୟଟକଙ୍କ ମନୋରଂଜନ ଉଦ୍ଦେଶ୍ୟରେ ଥିବା ହାତୀ ଅନ୍ୟ ସମୟରେ (ଜୁନ୍‌ରୁ ଅକ୍‌ଟୋବର ମଧ୍ୟରେ) ଜେନାବିଲରେ ଥା'ନ୍ତି । ଏଠାରେ ଥିବା ବିଶାଳ ଘାସପଡ଼ିଆ ପାଇଁ ହାତୀମାନଙ୍କୁ ଏଠାକୁ ଅଣାଯାଇଥାଏ ।

ଉପର ବାର୍ହାକାମୁଡ଼ା

ଶିମିଳିପାଳ ଜୈବମଣ୍ଡଳର ଅନ୍ୟତମ ଆକର୍ଷଣୀୟ ପାହାଡ଼ ହେଉଛି ଉପର ବାର୍ହାକାମୁଡ଼ା । ଏହାର ଉଚ୍ଚତା ପ୍ରାୟ ୮୨୪ ମିଟର । ଏଠାରେ ଥିବା ବିଶାଳ ଘାସପଡ଼ିଆ ଓ ତୃଣଭୂମି ଯୋଗୁଁ ସବୁ ସମୟରେ ଜୀବଜନ୍ତୁ ଦୃଶ୍ୟମାନ ହୋଇଥା'ନ୍ତି । ଏହା ହାତୀମାନଙ୍କର ଚରାଭୂଇଁ ଭାବେ ପରିଚିତ । ଏଠାରେ ସବୁ ସମୟରେ ହାତୀ ଦେଖାଯାଆନ୍ତି ।

ଭଞ୍ଜବସା

ଭଞ୍ଜବସା ପାହାଡ଼ଟିର ପ୍ରାକୃତିକ ଶୋଭା ବେଶ୍ ମନମୁଗ୍‌ଧକର । ଏହାର ଉଚ୍ଚତା ପ୍ରାୟ ୭୦୬ ମିଟର । ଅତୀତରେ ମୟୂରଭଞ୍ଜର ମହାରାଜା ଏଠାକୁ ଜୀବଜନ୍ତୁ ଶିକାର କରିବାକୁ ଆସୁଥିଲେ ଏବଂ ରାତ୍ରୀ ରହଣୀ କରୁଥିଲେ । ଏଠାରେ ମୟୁରଭଞ୍ଜ ରାଜାଙ୍କ ଦ୍ୱାରା ନିର୍ମିତ ଏକ ଆବାସ ସ୍ଥଳୀ ଥିଲା । ଭଞ୍ଜବସାରେ ଦିନବେଳରେ ବି ମହାବଳ ବାଘ ଦୃଶ୍ୟମାନ ହୋଇଥା'ନ୍ତି । ଅପରାହ୍ନରେ ବହୁ ସଂଖ୍ୟାରେ ସମ୍ବର ଓ ହରିଣ ଘାସ ଚରିବାକୁ ଆସିଥା'ନ୍ତି ।

ରାମତୀର୍ଥ କୁମ୍ଭୀର ପ୍ରକଳ୍ପ (ଶିମିଳିପାଳ)

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳରେ ଦୃଶ୍ୟମାନ ବିରଳ 'ବେଲେରା ମୂଷା'

ଚହଲା

ଶିମିଳିପାଳର ଅନ୍ୟତମ ଉଚ୍ଚତମ ପାହାଡ଼ ହେଉଛି ଚହଲା । ଏହି ପାହାଡ଼ଟିର ଉଚ୍ଚତା ପ୍ରାୟ ୭୭୦ ମିଟର । କଲରା ପତରିଆ ବାଘ ପାଇଁ ଚହଲା ପ୍ରସିଦ୍ଧ । ଏଠାରେ ଏକ ସଲ୍ଟ ଲିକ୍ ରହିଛି, ଯେଉଁଠିକୁ ବହୁ ସଂଖ୍ୟାରେ ଜୀବଜନ୍ତୁ ଆସିଥାନ୍ତି ଏବଂ ରାତିରେ ବିଶ୍ରାମ ନେଇଥା'ନ୍ତି । ଶିମିଳିପାଳକୁ ଆସୁଥିବା ପର୍ଯ୍ୟଟକମାନେ ଚହଲାରେ ଜୀବଜନ୍ତୁଙ୍କ ଦେଖିବାର ସୁଯୋଗଲାଭ କରିଥା'ନ୍ତି । ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ନିର୍ମିତ ପ୍ରାଚୀନ ଡାକବଙ୍ଗଳାଟି ଚହଲାର ଅନ୍ୟତମ ଆକର୍ଷଣ । ଏହାକୁ ଏବେ ଐତିହ୍ୟ ବିଲ୍ଡିଂ ଭାବେ ଘୋଷଣା କରାଯାଇଛି ।

ନଓ୍ୱାଣା

ନଓ୍ୱାଣା ପାହାଡ଼ଟି ନଓ୍ୱାଣା (ଉତ୍ତର) ବନାଞ୍ଚଳରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୭୩୦ ମିଟର । ଏହି ପାହାଡ଼ରୁ ପ୍ରସିଦ୍ଧ ଯୋରନ୍ଦା ଜଳପ୍ରପାତଟି ନିର୍ଗତ ହୋଇଛି । ନଓ୍ୱାଣା ପାର୍ବତ୍ୟାଞ୍ଚଳର ତରଙ୍ଗାୟିତ ପାହାଡ଼ମାଳାର ଦୃଶ୍ୟ ବାସ୍ତବରେ ଖୁବ୍ ମନଲୋଭା ଏବଂ ଆକର୍ଷଣୀୟ ।

ଶମୀବୃକ୍ଷ

ଶିମଳିପାଳ ଜୈବମଣ୍ଡଳ ମଧ୍ୟରେ ଏହି ଗିରିଶୃଙ୍ଗଟି ଅବସ୍ଥିତ । ଉଦଳା ବଜାରରୁ ପୋଡ଼ାଡିହା ଆଡକୁ ୧୮ କିଲୋମିଟର ଦୂରରେ କୁଶଭଦ୍ରା ନଦୀ କୂଳରେ ଏହି ପ୍ରସିଦ୍ଧ ପାହାଡ଼, ଶମୀବୃକ୍ଷ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳରେ ଦୃଶ୍ୟମାନ ବିରଳ 'ବେଲେରା ମୂଷା'

ଅବସ୍ଥିତ । ଶମୀବୃକ୍ଷର ସାମାନ୍ୟ ଉପରକୁ କୁଶଭଦ୍ରା ନଦୀ ସହିତ ଠକ୍‌ଠକି ନଦୀର ମିଳନ ଘଟିଛି । ଶମୀବୃକ୍ଷ ଏଭଳି ଏକ ଏକକ ପଥରବିଶିଷ୍ଟ ପାହାଡ଼, ଦୂରରୁ ଏକ ବୃହତ୍ ଶିବଲିଙ୍ଗ ଭଳି ମନେ ହୋଇଥାଏ ।

ଶମୀବୃକ୍ଷକୁ ନେଇ ଅନେକ କିମ୍ବଦନ୍ତୀ ଓ ଲୋକକାହାଣୀ ରହିଛି । ପାଣ୍ଡବମାନେ ଅଜ୍ଞାତବାସ କାଳରେ ଏଠାକୁ ଆସି ଏହି ପାହାଡ଼ ମଧ୍ୟରେ ସମସ୍ତ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ ବୋଲି ଲୋକମୁଖରେ କଥିତ ଅଛି । ପାଣ୍ଡବମାନେ ଏହିଠାରେ ଅସ୍ତ୍ରଶସ୍ତ୍ର ଲୁଚାଇ ଖିଚିଂସ୍ଥିତ ବିରାଟ ରାଜପ୍ରାସାଦକୁ ଯାଇଥିଲେ କିମ୍ବଦନ୍ତୀ ରହିଛି । ଶମୀବୃକ୍ଷକୁ ପାଣ୍ଡବମାନେ ପଦଯାତ୍ରା କରିଥିବାରୁ ଅନେକ ସ୍ମୃତି ଏବେ ବି ଉଜ୍ଜୀବିତ ହୋଇରହିଛି । ତୃତୀୟ ପାଣ୍ଡବ ଭୀମ ଯେଉଁ ସ୍ଥାନରେ ମହାବଳ ବାଘର ଅନ୍ତ ଫାଡ଼ିଥିଲେ, ସେହି ସ୍ଥାନର ନାମ 'ବାଘଅନ୍ତ', ଅର୍ଜୁନ କାଳ ନଦୀର ଯେଉଁଠାରେ ପାଦ ଧୋଇଥିଲେ ତାହାର ନାମ 'ଅର୍ଜୁନ ଦର୍ହ', ପେଡ଼ାଗଡ଼ିରେ ପୂଜିତ ଦେବୀ 'ଭୀମଭୈରବୀ', ଦେବପୁରୁଷ ପାଣ୍ଡବମାନେ ଯେଉଁ କୁଣ୍ଡରେ ସ୍ନାନ କରିଥିଲେ ତାହାର ନାମ 'ଦେବକୁଣ୍ଡ', 'ଭୀମକୁଣ୍ଡ' ଆଦି ନାମ ପାଣ୍ଡବମାନଙ୍କ ଉପସ୍ଥିତି କଥା କହେ ।

କିମ୍ବଦନ୍ତୀ ଅନୁସାରେ, ଶମୀବୃକ୍ଷ ପାହାଡ଼ଟି ଏକଦା ସ୍ୱର୍ଗକୁ ଛୁଇଁଥିଲା ଏବଂ ଦେବତାମାନେ ଏହି ବାଟ ଦେଇ ମର୍ତ୍ତ୍ୟଲୋକକୁ ଓହ୍ଲାଇ ଆସୁଥିଲେ । ଅର୍ଜୁନଙ୍କ ଶରାଘାତରେ ଏହି ପାହାଡ଼ଟି ୩ ଖଣ୍ଡ ହୋଇଯାଇଥିଲା । ମୂଳ ପାହାଡ଼ଟି ଏଠାରେ ଥିବାବେଳେ ଅନ୍ୟ ଦୁଇଟି ଅଂଶ ଯଥାକ୍ରମେ କପ୍ତିପଦା ବ୍ଲକ୍ ଅନ୍ତର୍ଗତ ସାନଖଲାଡ଼ିର ଟାଙ୍ଗରାଶୁଣି ଓ ପରାଶବଣି ନିକଟସ୍ଥ ଟାଙ୍ଗିରିଆ ପାହାଡ଼ ନାମରେ ପରିଚିତ । ଶମୀବୃକ୍ଷରେ ପ୍ରତିବର୍ଷ ମକର ମେଳା ବେଶ୍ ଜାକଜମକରେ ପନ୍ଦର ଦିନ ଧରି ଚାଲେ ।

Digitized by srujanika@gmail.com

ଏହି ପାହାଡ଼ର ପ୍ରବେଶ ପଥରେ ପଞ୍ଚ ପାଣ୍ଡବଙ୍କ ସ୍ମାରକୀ ମୂର୍ତ୍ତି ନିର୍ମାଣ କରାଯାଇଛି । ଶମୀବୃକ୍ଷର ଅପରପାର୍ଶ୍ୱରେ ବିଶାଳ କାଳ ଡ୍ୟାମ୍ ଅବସ୍ଥିତ । ଶମୀବୃକ୍ଷକୁ ଲାଗି କୁଳିହାଳମ ଗାଁରେ ଏକ ପ୍ରାଚୀନ **ଗୋପୀନାଥ ଜିଉ ମଠ** ରହିଛି ।

ଶିମିଳିପାଳ ଜୈବମଣ୍ଡଳରେ ଥିବା ଜଳପ୍ରପାତ

ପାହାଡ଼, ଗିରିଶୃଙ୍ଗ ବ୍ୟତୀତ ଶିମିଳିପାଳ ଜାତୀୟ ଉଦ୍ୟାନରେ ବହୁ ଆକର୍ଷଣୀୟ ଓ ବିଶ୍ୱପ୍ରସିଦ୍ଧ ଜଳପ୍ରପାତ ରହିଛି । ଯୋରନ୍ଦା, ବରେହିପାଣି, ଉସ୍କି, ଦେବକୁଣ୍ଡ, ଟୁଙ୍କି, ଅଲକୁଦର ଭଳି ମନୋରମ ଜଳପ୍ରପାତ ଶିମିଳିପାଳ ସୌନ୍ଦର୍ଯ୍ୟର ଶୋଭା ବଢ଼ାଇଥାଏ । ଶିମିଳିପାଳ କିଛି ପ୍ରସିଦ୍ଧ ଜଳପ୍ରପାତ ସଂପର୍କରେ ଆଲୋଚନା କରାଯାଇପାରେ ।

ବରେହିପାଣି ଜଳପ୍ରପାତ

ବରେହିପାଣି ଜଳପ୍ରପାତ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳରେ ଅବସ୍ଥିତ ଏହି ଜଳପ୍ରପାତଟି ରାଜ୍ୟର ଏକ ପ୍ରମୁଖ ଆକର୍ଷଣୀୟ ଜଳପ୍ରପାତର ମାନ୍ୟତା ଲାଭ କରିପାରିଛି । ଉଚ୍ଚ ପାହାଡ଼ରୁ ବାର୍ହା ଭଳି ତଳକୁ ଲମ୍ଫ ପ୍ରଦାନ କରୁଥିବାରୁ ଏହାର ନାମକରଣ 'ବରେହିପାଣି' ହୋଇଛି । ଅନ୍ୟ ଅର୍ଥରେ 'ବରେହି' ଅର୍ଥ ସୂତା ବା ଦଉଡ଼ି । ଏହି ଜଳପ୍ରପାତଟି ଅତି ଉଚ୍ଚ ପାହାଡ଼ରୁ ନିମ୍ନକୁ ଖସିପଡ଼ି ଦୂରରୁ ଏକ ପତଳା ଓ ଲମ୍ବା ସୂତା ବା ଦଉଡ଼ି ଭଳି ଦିଶୁଥିବାରୁ ଏହାକୁ 'ବରେହିପାଣି' ବୋଲି କୁହାଯାଏ ।

ବୁଢାବଳଙ୍ଗ ନଦୀ ପାହାଡ଼ରୁ ଖସି ଏହି ଜଳପ୍ରପାତ ସୃଷ୍ଟି କରିଛି । ବରେହିପାଣି ଜଳପ୍ରପାତଟି ପାହାଡ଼ରୁ ନିମ୍ନକୁ ଦୁଇ ଦୁଇ ଥର ଖସି ଦୁଇଟି ଭିନ୍ନ ଜଳପ୍ରପାତ ସୃଷ୍ଟି କରିଛି । ବରେହିପାଣି ଜଳପ୍ରପାତର ଉଚ୍ଚତା ୨୧୭ ମିଟର । ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଜଳପ୍ରପାତଟି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ । ପ୍ରପାତରେ ଗୋଟିଏ ପାର୍ଶ୍ୱରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଏକ ଡାକବଙ୍ଗଳା ରହିଛି । ବର୍ଷାଋତୁ ବ୍ୟତୀତ ଅନ୍ୟ ଋତୁମାନଙ୍କରେ ପର୍ଯ୍ୟଟକ ଶିମିଳିପାଳ ଆସିବା ସହିତ ଏହି ଜଳପ୍ରପାତଟିର ସୌନ୍ଦର୍ଯ୍ୟ ଉପଭୋଗ କରିଥା'ନ୍ତି ।

ଯୋରଣ୍ଡା ଜଳପ୍ରପାତ

ଯୋରଣ୍ଡା ଜଳପ୍ରପାତ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳର କୋର୍ ଜୋନ୍ ନଓ୍ୱାଣା (ଉତ୍ତର) ବନାଞ୍ଚଳରେ ରହିଛି ପ୍ରସିଦ୍ଧ ଯୋରନ୍ଦା ଜଳପ୍ରପାତ । ଯୋରନ୍ଦା ଜଳପ୍ରପାତର ଉଚ୍ଚତା ୧୮୧ ମିଟର । ଏହି ଜଳପ୍ରପାତଟି ନଓ୍ୱାଣା ପାହାଡ଼ ଉପରୁ ଶୂନ୍ୟରେ ଖସିପଡ଼ି ତଳେ ପଡୁଥିବାରୁ ଏହାର ସୌନ୍ଦର୍ଯ୍ୟ ବେଶ ମନମୁଗ୍ଧକର । ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଜଳପ୍ରପାତଟି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବର୍ଷାଦିନ ଛାଡ଼ି ଅନ୍ୟ ଋତୁରେ ପର୍ଯ୍ୟଟକଙ୍କୁ ଏହି ଜଳପ୍ରପାତ ଦେଖିବାକୁ ଅନୁମତି ମିଳିଥାଏ । ସାନ୍ତାଳି ଭାଷାରେ 'ଯୋର' ଅର୍ଥ ଜମିବା 'ଦା' ଅର୍ଥ ପାଣି । ଏଠାରେ ପାଣି ଜମି ରହୁଥିବାରୁ ସାନ୍ତାଳମାନେ ଏପରି ନାମକରଣ କରିଛନ୍ତି ।

ଅନ୍ୟପକ୍ଷରେ, ଯୋରନ୍ଦା ହେଉଛି ବାଥୁଡ଼ି ସଂପ୍ରଦାୟର ଆଦିବାସୀଙ୍କ ଏକ ପ୍ରମୁଖ ଉପାସନାସ୍ଥଳ । 'ଯାଉ ରନ୍ଧା' ବା 'ଯୋରନ୍ଦା'ରେ ବାଥୁଡ଼ିମାନଙ୍କ ପ୍ରମୁଖ ଦେବତା ନୀଳମାଧବ ପୂଜା ପାଉଥା'ନ୍ତି । ଏଠାରେ ବାଥୁଡ଼ିମାନେ ଯାଉ (କ୍ଷୀରି) ରାନ୍ଧି ରାଜାଙ୍କୁ ଖୁଆଇଥିବାରୁ ଏହାର ଏଭଳି ନାମକରଣ ହୋଇଛି । ଏହା ବାଥୁଡ଼ିମାନଙ୍କର ଅଠର ଦେଉଳ ଓ ବଡ଼ାମ୍ ଉପାସନା ସ୍ଥଳ ଅନ୍ତର୍ଭୁକ୍ତ । ଯୋରନ୍ଦାର ପାଣି ତଳକୁ ଖସି **ପଣସିଆ ନଳା** ସୃଷ୍ଟି କରିଛି । ଏହି ପଣସିଆ ନଳା କିଛି ବାଟ ଆଗରେ **ଭାଟୁଣିଆ**ଠାରେ ବରେହିପାଣି ଜଳପ୍ରପାତ ସୃଷ୍ଟି କରିଥିବା **ବୁଢାବଳଙ୍ଗ** ନଦୀ ସହିତ ମିଳିତ ହୋଇଛି ।

ଉସ୍କି ଜଳପ୍ରପାତ

ଉସ୍କି ଜଳପ୍ରପାତ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳରେ ଥିବା ଅନ୍ୟ ଏକ ଆକର୍ଷଣୀୟ ଜଳପ୍ରପାତ ହେଉଛି ଉଷି । ଏହି ଜଳପ୍ରପାତଟି ଉଷି ଗ୍ରାମର ଉପରେ ଥିବା ଅଠରଦେଉଳ ପାହାଡ଼ରୁ ବାହାରିଛି । ଜଳପ୍ରପାତଟି ତଳକୁ ଖସିପଡ଼ି ଉଷି ନଦୀ ସୃଷ୍ଟି କରିଛି । ଉଷି ନଦୀ ହିଁ ଭଣ୍ଡନ ନଦୀ ନାମରେ ପରିଚିତ ହୋଇଛି ।

ଅସୁରଖୋଲ ଜଳପ୍ରପାତ

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଗୁଡୁଗୁଡିଆ ରେଞ୍ଜ ଗୁଡୁଗୁଡିଆ ଗ୍ରାମ ପଞ୍ଚାୟତର ଖଡ଼ିଆଡୁଙ୍ଗୁରି ଓ ତକୁପଶି ଗ୍ରାମ ମଧ୍ୟରେ ଏହି ଜଳପ୍ରପାତଟି ଅବସ୍ଥିତ । ଏହାକୁ ଅସୁରଖୋଲ ବୋଲି କୁହାଯାଇଥାଏ । ଏହା ଉଷି ନିକଟରେ ଅବସ୍ଥିତ । ଏହି ଜଳପ୍ରପାତଟି ଖୁବ୍ ଘଞ୍ଚ ପାହାଡ଼ ଓ ଜଙ୍ଗଲ ମଧ୍ୟରେ ଥିବାରୁ ସେଠାକୁ ପହଞ୍ଚିବା ଖୁବ୍ କଷ୍ଟକର ହୋଇଥାଏ ।

ଅଲକୁଦର ଜଳପ୍ରପାତ

ଅଲକୁଦର ଜଳପ୍ରପାତ

Digitized by srujanika@gmail.com

ଯଶୀପୁର ବ୍ଲକ୍ ଧଳାବଣି ପଞ୍ଚାୟତର ଅଲକୁଦରଠାରେ ଏକ ମନୋରମ ଜଳପ୍ରପାତ ରହିଛି । ଏହି ଜଳପ୍ରପାତଟି ଶିମିଳିପାଳ ଜୈବମଣ୍ଡଳରେ ଅବସ୍ଥିତ । ଯଶୀପୁରଠାରୁ ୧୫ କିଲୋମିଟର ଦୂର ଅଲକୁଦର ଗ୍ରାମରେ ଏହି ଜଳପ୍ରପାତ ଦେଖଯାଏ । ଶିମିଳିପାଳର କାଳିଆଣୀ ଗେଟ୍ (ଯଶୀପୁର)ର ଡାହାଣ ପାର୍ଶ୍ୱକୁ ମାତ୍ର ୫ କିଲୋମିଟର ଦୂରେ ଏହି ଜଳପ୍ରପାତ ଅବସ୍ଥିତ । ଅଲକୁଦର ଗାଁରୁ ୨ କିଲୋମିଟର ଜଙ୍ଗଲିଆ ରାସ୍ତା ଦେଇ ପାଦରେ ଚାଲିଚାଲି ଗଲେ ଜଙ୍ଗଲ ମଧ୍ୟରୁ ସାଁ ସାଁ ଶବ୍ଦ ଭାସିଆସେ । ଏହି ଶବ୍ଦ ହିଁ ନାଡୁଣିଆ ପାହାଡ଼ ଉପରୁ କ୍ଷୀପ୍ର ଗତିରେ ଖସି ପଡୁଥିବା ଅଲକୁଦର ଜଳପ୍ରପାତର ଶବ୍ଦ । କାଳିଆଣି ଗାଁ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାରେ ଜଳପ୍ରପାତ ନିକଟରେ ପହଞ୍ଚି ଗଲାପରେ ୨ କିଲୋମିଟର ପାଦରେ ଚାଲିବାକୁ ପଡ଼ିଥାଏ । ଏହି ଜଳପ୍ରପାତଟିର ଉଚ୍ଚତା ୨୦ ମିଟର ।

ଟୁଙ୍କି ଜଳପ୍ରପାତ

ଟୁଙ୍କି ଜଳପ୍ରପାତ

ଶିମିଳିପାଳର ତୃତୀୟ ଉଚ୍ଚତମ ପାହାଡ଼ 'ଟୁଙ୍କିବୁରୁ'ରୁ ଜଳରାଶି ନିମ୍ନଦେଶକୁ ପତିତ ହୋଇ ଏହି ଜଳପ୍ରପାତ ସୃଷ୍ଟି ହୋଇଛି । ମାତ୍ର ଏଭଳି ଏକ ଆକର୍ଷଣୀୟ ଜଳପ୍ରପାତ ପ୍ରଚାର ଓ ପ୍ରସାର ଅଭାବରୁ ଲୋକଲୋଚନକୁ ଆସିପାରିନାହିଁ । ଟୁଙ୍କି ପାହାଡ଼ର ଧାରୁଆ କାଂଥରେ ଲେସି ହୋଇ ଜଳପ୍ରପାତଟି ତଳକୁ ଖସି ପଡୁଥିବାର ଦୃଶ୍ୟ ଖୁବ୍ ମନଲୋଭା । ଏହି ଜଳପ୍ରପାତଟି ଖୁଣ୍ଟା ବ୍ଲକ୍

Digitized by srujanika@gmail.com

ଟୁଙ୍ଗି ଜଳପ୍ରପାତ

ଅନ୍ତର୍ଗତ ବଡ଼ପଥରା ଗ୍ରାମ ପଞ୍ଚାୟତର ରଙ୍ଗାମାଟିଆ ଓ ବହଳଦା ଗ୍ରାମ ସୀମାରେ ଅବସ୍ଥିତ । ବାରିପଦା-ଉଦଳା ଜାତୀୟ ରାଜପଥରେ ଯାଇ ଟିଟିଆ ଛକରେ ପହଞ୍ଚିଲାପରେ ସେଠାରୁ ଦକ୍ଷିଣକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରେ ବଡ଼ପଥରା, ହିଞ୍ଜିଳିଗଡ଼ିଆ, କୁସୁମଘାଟି, ରଙ୍ଗାମାଟିଆ ଦେଇ ୧୨ କିଲୋମିଟର ପଥ ଅତିକ୍ରମ କରିଗଲା ପରେ ଶିମିଳିପାଳର ଏହି ଆକର୍ଷଣୀୟ ଜଳପ୍ରପାତଟି ଦୃଶ୍ୟମାନ ହୋଇଥାଏ । ଏହା ଏକ କ୍ଷୁଦ୍ର ଜଳପ୍ରପାତ ଏବଂ ଏହାର ଉଚ୍ଚତା ୧୦୦ ଫୁଟ । ମାତ୍ର ଏହି ଜଳପ୍ରପାତ ପର୍ଯ୍ୟନ୍ତ ପହଞ୍ଚିବାକୁ ହେଲେ ପାଖାପାଖି ୩ କିଲୋମିଟର ରାସ୍ତା ପାଦରେ ଚାଲିଚାଲି ଯିବାକୁ ପଡ଼ିଥାଏ । ଛୋଟବଡ଼ ପାହାଡ଼ି ଢୁଡ଼ି ଓ ଜଙ୍ଗଲ ପଥ ଅତିକ୍ରମ କଲାପରେ ଟୁଙ୍ଗି ଜଳପ୍ରପାତକୁ ଦେଖି ହୋଇଥାଏ ।

ଅଁଳା ଜଳପ୍ରପାତ

ଶିମିଳିପାଳ ଜୈବମଣ୍ଡଳରେ ଆଉ ଏକ ଆକର୍ଷଣୀୟ ଜଳପ୍ରପାତ ରହିଛି, ଯାହାର ନାମ ଅଁଳା । କରଞ୍ଜିଆରୁ ଯଶୀପୁର ଯିବା ରାସ୍ତାରେ ପଡ଼େ ତାଟୋ ଛକ । ତାଟୋ ଛକଠାରୁ ପୂର୍ବ ଦିଗକୁ ପ୍ରାୟ

Digitized by srujanika@gmail.com

୧୨ କିଲୋମିଟର ଦୂର ଶିମିଳିପାଳ ଜୈବମଣ୍ଡଳର ବଫର ଏରିଆରେ ତଳ ବାର୍ହାକାମୁଡ଼ା ଗାଁ ଅବସ୍ଥିତ । ସେଠାରୁ ପୁଣି ୨୦ କିଲୋମିଟର ଦୂରରେ ରାମଯୋଡ଼ି ଗାଁରେ ଏହି ଜଳପ୍ରପାତ ଅବସ୍ଥିତ । ଏଠାରେ ଆଦିମ ଜନଜାତି ଖଡ଼ିଆ ଓ ମାଙ୍କିଡ଼ିଆମାନେ ବସବାସ କରିଥା'ନ୍ତି । ଗ୍ରାମର ଉପର ମୁଣ୍ଡରେ ପାଣି ଅଁଳା ନାମରେ ଏକ ଛୋଟ ନଦୀ ପଥୁରିଆ ଶଯ୍ୟା ଦେଇ ବହିଯାଇଛି । ଅଁଳା ନଦୀ ପାହାଡ଼ ଉପରୁ ୧୫୦ ଫୁଟ ତଳକୁ ଖସିପଡ଼ି ଏହି ଜଳପ୍ରପାତଟି ସୃଷ୍ଟି କରିଛି । ଏ ଅଞ୍ଚଳଟି ଖୁବ୍ ଘଞ୍ଚ ଏବଂ ପଥୁରିଆ । ପଥର ଶଯ୍ୟାକୁ କାଟି ଅଁଳା ନଦୀ ବହିଯିବା ପରେ ରାମଯୋଡ଼ି ଗାଁ ନିକଟରେ ହଠାତ୍ ନିମ୍ନକୁ ପତିତ ହୋଇଛି । ଏଠାରେ ଏକ କୁଣ୍ଡ ରହିଛି, ତାହାର ନାମ **ଦେବକନ୍ୟା କୁଣ୍ଡ** । ଏହି କୁଣ୍ଡର ପାଣି ଗାଢ ନୀଳ ରଙ୍ଗର ଓ ଖୁବ୍ ଆକର୍ଷଣୀୟ । ସ୍ୱର୍ଗରୁ ଦେବକନ୍ୟା, ଅପ୍‌ସରାମାନେ ଓହ୍ଲାଇ ଆସି ଏହି କୁଣ୍ଡରେ ସ୍ନାନ ସାରି ଫେରି ଯାଆନ୍ତି ବୋଲି କିମ୍ବଦନ୍ତୀ ରହିଛି । ଦେବକନ୍ୟା କୁଣ୍ଡର ପାଖାପାଖି ୨୦୦ ମିଟର ଦୂରରେ ଏକ ବିଶାଳକାୟ ପ୍ରସ୍ତରଖଣ୍ଡ ରହିଛି, ଯାହାର ନାମ **'ଅସୁରହାଡ଼'** । ଏହା ଏକ ପାହାଡ଼ ଗୁମ୍ଫା । ଏହି ଗୁମ୍ଫା ବାହାରେ ପଥରଗୁଡ଼ିକ ଏଣେତେଣେ ବିଛେଇ ହୋଇ ପଡ଼ିଛି, ଯାହା ଦେଖିବାକୁ ଅସୁରର ହାଡ଼ ସଦୃଶ । ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ଏହି ବାଟ ଦେଇ ଯାତ୍ରା କରିଥିଲେ । ଅସୁରହାଡ଼ ପଥର ଗୁମ୍ଫାରେ ରହୁଥିବା ଅସୁର ତାଙ୍କ ବାଟ ଓଗାଳିବାରୁ ପ୍ରଭୁ ସେ ଅସୁରକୁ ବଧ କରିଥିଲେ ।

ପ୍ରତିବର୍ଷ ଅସୁରହାଡ଼ରେ ମକର ସଂକ୍ରାନ୍ତି ବେଶ୍ ଧୁମଧାମରେ ପାଳିତ ହୋଇଥାଏ । ଅସୁରହାଡ଼ ପ୍ରସ୍ତରଟି ବାଥୁଡ଼ି ଓ ଖଡ଼ିଆ ସଂପ୍ରଦାୟର ଏକ ପୁରାତନ ଉପାସନା ପୀଠ । ନବବିବାହିତ ଦଂପତ୍ତି ଦେବକନ୍ୟା କୁଣ୍ଡରେ ସ୍ନାନ କରି ଅସୁରହାଡ଼କୁ ପୂଜା କଲେ ଦାଂପତ୍ୟ ଜୀବନ ସୁଖରେ କଟିଥାଏ ବୋଲି ବାଥୁଡ଼ିମାନଙ୍କର ବିଶ୍ୱାସ ରହିଛି । ଏହି ଅଞ୍ଚଳଟି ଅସୂର୍ଯ୍ୟମ୍‌ପଶ୍ୟା । ଘଞ୍ଚ ଜଙ୍ଗଲ କାରଣରୁ ସମଗ୍ର ଦିନତମାମ୍ ଏ ଅଞ୍ଚଳରେ ସୂର୍ଯ୍ୟକିରଣ ପଡ଼ି ନଥାଏ । ବନ୍ୟଜନ୍ତୁଙ୍କ ଭୟ ଥିବାରୁ ଏଠାକୁ ଯାଉଥିବା ପର୍ଯ୍ୟଟକମାନେ ଦିନ ୧୧ଟା ମଧ୍ୟରେ ସେଠାରେ ପହଞ୍ଚି ଅପରାହ୍ନ ୩ଟା ସୁଦ୍ଧା ଫେରି ଆସିବାକୁ ନିର୍ଦ୍ଦେଶ ରହିଛି ।

ପାଣି ଅଁଳା ନାଳଠାରୁ ପ୍ରାୟ ଏକ କିଲୋମିଟର ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ବିଶାଳ ପାହାଡ଼ ରହିଛି, ଯାହାର ନାମ **'ମହୁ ଭଣ୍ଡାର ପାହାଡ଼'** । ବିରାଟ ବିରାଟ ପଥର ଖୋଲରୁ ବହୁ ସଂଖ୍ୟାରେ ମହୁ ଫେଣା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଅଧିକ ସମୟରେ ଏହି ପଥର ଚଟାଣ ଦେଇ ମହୁ ଝରି ପଡୁଥାଏ । ରାମଯୋଡ଼ି ଗାଁର ଖଡ଼ିଆମାନେ ମହୁ ସଂଗ୍ରହକରି ସେମାନଙ୍କର ଜୀବନଜୀବିକା ମେଣ୍ଟାଇଥାନ୍ତି । ଏହି ପାହାଡ଼ ଚଢା କାମଟି ସବୁଠୁ ବିପଦପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ଖଡ଼ିଆମାନେ ସାହସର ସହ ଏଠାରୁ ମହୁ ସଂଗ୍ରହ କରିଥା'ନ୍ତି ଏବଂ ନିକଟସ୍ଥ ବଜାରରେ ବିକ୍ରି କରିଥା'ନ୍ତି ।

Digitized by srujanika@gmail.com

ମାଛକାନ୍ଦଣା (ମାଛକାନ୍ଦ) ଜଳପ୍ରପାତ

ଉଦଳାଠାରୁ ପୋଡ଼ାଡିହା ରାସ୍ତାରେ କିଛିବାଟ ଗଲାପରେ ଆପଣ ନଛିପୁର-ନୂଆସାହି ରାସ୍ତାର ପଶ୍ଚିମକୁ ଶିମିଳିପାଳ ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରବେଶ କରିବେ । ଏହାର କିଛିବାଟପରେ ମନଭଙ୍ଗା ଗ୍ରାମରେ ପହଞ୍ଚିବେ । ମନଭଙ୍ଗା ଗ୍ରାମରୁ ୩ କିଲୋମିଟର ପାଦରେ ଚାଲିଚାଲି ଗଲାପରେ ଯାହା ଦେଖିବେ, ତାକୁ ଶବ୍ଦରେ ବର୍ଣ୍ଣନା କରିହେବନି । ଘର୍ଘର ନାଦ କରି ମାଛକାନ୍ଦଣା ଜଳପ୍ରପାତ ମନଭଙ୍ଗା ପାହାଡ଼ରୁ ଖସି ପଡୁଥିବାର ଦୃଶ୍ୟ ଆପଣଙ୍କ ହୃଦୟକୁ ଚହଲେଇ ଦେବ ।

ମାଛକାନ୍ଦଣା ଜଳପ୍ରପାତଟି ନିମ୍ନ ଭୂମିରେ ପତିତ ହୋଇ କୁଶଭଦ୍ରା ନଦୀ ସୃଷ୍ଟି ହୋଇଛି । ଏହି କୁଶଭଦ୍ରା ନଦୀ ନିମ୍ନକୁ ଗଡିକରି 'କାଳ' ନାମକ ନଦୀ ସହ ମିଳିତ ହୋଇଛି । କୁଶଭଦ୍ରା ନଦୀ କୂଳରେ ପ୍ରସିଦ୍ଧ ଶମୀବୃକ୍ଷ ଅବସ୍ଥିତ । ଶମୀବୃକ୍ଷର ଉପରକୁ କୁଶଭଦ୍ରା ନଦୀ ସହିତ ଠକ୍‌ଠକି ନଦୀର ମିଳନ ଘଟିଛି । ଏହି ତିନୋଟି ନଦୀର ଜଳକୁ ଅଟକାଇ କାଳ ଡ୍ୟାମ୍ ନିର୍ମାଣ କରାଯାଇଛି ।

ମାଛକାନ୍ଦଣା (ମାଛକାନ୍ଦ) ଜଳପ୍ରପାତଟି ମୟୂରଭଞ୍ଜ ଜିଲ୍ଲାର ସବୁଠୁ ଆକର୍ଷଣୀୟ ଜଳପ୍ରପାତ । ଏହା ତିନିଗୋଟି ଜଳପ୍ରପାତର ସଂଯୋଗରେ ସୃଷ୍ଟି ହୋଇଛି । ପ୍ରଥମ ଜଳପ୍ରପାତ ନିକଟରେ ଏକ ପ୍ରାଚୀନ ଗୁମ୍ଫା ରହିଛି ବୋଲି କୁହାଯାଏ । ଅନ୍ୟ ଦୁଇଟି ଜଳପ୍ରପାତରୁ ପତିତ ଜଳ ବାଷ୍ପ ହୋଇ ଇନ୍ଦ୍ରଧନୁ ସୃଷ୍ଟି କରିଥାଏ । ମାତ୍ର ଏଠାକୁ ଯାତାୟତ କରିବା ସହଜ ହୋଇ ନଥିବାରୁ ଏବଂ ଉପଯୁକ୍ତ ପ୍ରଚାରପ୍ରସାର ଅଭାବରୁ ଏହି ଜଳପ୍ରପାତଟି ମୟୂରଭଞ୍ଜ ଜିଲ୍ଲାର ଜନମାନସର ଆଢୁଆଳରେ ରହିଯାଇଛି ।

ମାଛକାନ୍ଦଣା ଜଳପ୍ରପାତ

Digitized by srujanika@gmail.com

ମଦ୍ଧୁ ଝରନ୍ ଜଳପ୍ରପାତ

ମଦ୍ଧୁଝରନ୍ ଜଳପ୍ରପାତ

ମଦ୍ଧୁଝରନ୍ ଜଳପ୍ରପାତଟି ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅବସ୍ଥିତ । ଶ୍ୟାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ କଳାପଥର ପଞ୍ଚାୟତର ମୁଦ୍ରାଯୋଡ଼ି ଗ୍ରାମ ଉପକଣ୍ଠସ୍ଥ ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା ମଦ୍ଧୁଝରନ୍ ପାହାଡ଼ରୁ ନିଗିଡ଼ି ଆସିଛି ଏହି ଜଳପ୍ରପାତ । ବାଲିଡିହା ଜଳଭଣ୍ଡାର ବୁଲାବୁଲି କରିସାରିବା ପରେ ଆପଣ ଭୁଆଶୁଣୀ ରାସ୍ତା ମଧ୍ୟରେ ପଡୁଥିବା ମଦ୍ଧୁଝରନ୍ ଜଳପ୍ରପାତ ମଧ୍ୟ ଆସିପାରିବେ । କିଂନ୍ତୁ ଏହି ଯାତ୍ରାଟି ବେଶ୍ କଷ୍ଟକର । ମୁଦ୍ରାଯୋଡ଼ି ଗାଁ ଉପକଣ୍ଠରେ ଥିବା ଏକ ବିସ୍ତୀର୍ଣ୍ଣ ଘାସପଡ଼ିଆ (ପାହାଡ଼ ଉପତ୍ୟକା) ଅତିକ୍ରମ କରି ପ୍ରାୟ ୨ କିଲୋମିଟର ପାହାଡ଼ ଚଢ଼ିବା ପରେ ମଦ୍ଧୁଝରନ୍ ନିକଟରେ ପହଞ୍ଚିହେବ । ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜଳପ୍ରପାତର ପାଣିକୁ ଅଟକାଇ ପାଇପ୍ ଯୋଗେ ମୁଦ୍ରାଯୋଡ଼ି ଗାଁ ଲୋକଙ୍କ ପାଇଁ ପାନୀୟ ଜଳ ଏବଂ ଜଳସେଚନ ପାଇଁ ବ୍ୟବହାର କରାଯାଉଛି ଏବଂ ବଳକା ପାଣିକୁ ନିକଟସ୍ଥ ଶଙ୍କରମରା ଜଳଭଣ୍ଡାରକୁ ଛଡ଼ାଯାଉଛି । ମଦ୍ଧୁଝରନ୍ ପାହାଡ଼କୁ ଲାଗି ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ **ହରିଣଡିଆଁ, ବାଙ୍କଡ଼ା (କୁଣ୍ଡଳବଣି), ଦାଳହାବ୍ ବୁରୁ, ଦୁଦୁକଚା, ଝର୍‌ଲିବୁରୁ** ଭଳି ଅନେକ ଛୋଟବଡ଼ ପାହାଡ଼ ରହିଛି । ମଦ୍ଧୁଝରନ୍ ଜଳପ୍ରପାତ ନିକଟରେ ମୁଦ୍ରାଯୋଡ଼ି ଗ୍ରାମର ଠାକୁରାଣୀ ପୂଜା ପାଆନ୍ତି ଏବଂ ଭଲ ଫସଲ ପାଇଁ ଏଠାରେ

Digitized by srujanika@gmail.com

ପ୍ରତିବର୍ଷ ଆଷାଢ଼ ମାସରେ ଆଷାଢ଼ି ପୂଜା ଅନୁଷ୍ଠିତ ହୋଇଥାଏ । ମୁଦ୍ରାଯୋଡ଼ିର ବିଶାଳ ତୃଣଭୂମି *(Meadow)* ବେଶ୍ ମନୋମୁଗ୍ଧକର ।

ଚିଙ୍ଗୁଡ଼ିଆ ଜଳପ୍ରପାତ

ଉପର ବାର୍ହାକାମୁଡ଼ା ବନାଞ୍ଚଳ ଅନ୍ତର୍ଗତ ଗୁଣ୍ଡୁରିଆ ଫରେଷ୍ଟ ବିଟ୍‌ର ଅଳ୍ପ କିଛି ଦୂରରେ ଚିଙ୍ଗୁଡ଼ିଆ

Digitized by srujanika@gmail.com

ଚିଙ୍ଗୁଡ଼ିଆ ଜଳପ୍ରପାତ

ଜଳପ୍ରପାତ ଅବସ୍ଥିତ । ବାର୍ହାକାମୁଡ଼ା ପାହାଡରୁ ଏହି ଜଳପ୍ରପାତଟି ସୃଷ୍ଟି ହୋଇଛି । ଚିଙ୍ଗୁଡ଼ିଆ ଜଳପ୍ରପାତଟି ଶିମିଳିପାଳ ଜୈବମଣ୍ଡଳର କୋର୍ ଜୋନ୍‌ରେ ଥିବାରୁ ଏଠାକୁ ସାଧାରଣ ଲୋକେ ଯାତାୟତ କରିବା ସଂଭବପର ହୋଇ ନଥାଏ । ଏଣୁ ଏହା ଲୋକଲୋଚନର ଆଢୁଆଳରେ ଥାଏ । ଏହି ଜଳପ୍ରପାତଟି ଅନେକ ଛୋଟବଡ଼ ଜଳସ୍ରୋତର ମିଳନରେ ସୃଷ୍ଟି ହୋଇଛି । ଜଳପ୍ରପାତଟି ଦେଖିବାକୁ ଚିଙ୍ଗୁଡ଼ିର ଗୋଡ଼ ଭଳି ହୋଇଥିବାରୁ ଏହାର ଏଭଳି ନାମକରଣ ହୋଇଛି ।

ମଇଁଷିଗୋଳା ଜଳପ୍ରପାତ

କପ୍ତିପଦା ସବ୍‌ଡିଭିଜନରେ ଅବସ୍ଥିତ ଏହି ଜଳପ୍ରପାତଟି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ । ଶମୀବୃକ୍ଷ ରାସ୍ତାର ଅପରପାର୍ଶ୍ୱରେ ଏହି ଜଳପ୍ରପାତ ଅବସ୍ଥିତ । ଯେଉଁ ପର୍ଯ୍ୟଟକମାନେ ଶମୀବୃକ୍ଷ ବୁଲିଆସିଥା'ନ୍ତି, ସେମାନେ ମଇଁଷିଗୋଳା ଜଳପ୍ରପାତକୁ ଦେଖିଯିବାକୁ ଭୁଲି ନଥା'ନ୍ତି । ମାତ୍ର ଏହି ଜଳପ୍ରପାତଟିକୁ ରାସ୍ତା ନଥିବାରୁ ଏଠାକୁ ସହଜରେ ଯାଇ ହୋଇ ନଥାଏ ।

Digitized by srujanika@gmail.com

ବିଂଦର୍ହ (ସର୍ପ ହ୍ରଦ) ଓ କାତରା ନଈର ମୋହିନୀ ରୂପ

ବାମନଘାଟି ଉପଖଣ୍ଡର ବିଜାତଳା ବ୍ଲକ୍ ଅନ୍ତର୍ଗତ ସରଗଡ଼ା ଗ୍ରାମ ପଞ୍ଚାୟତର ଦଳେଇଡିହି ଗାଁର ଅନତି ଦୂରରେ ବିଂଦର୍ହ ଅବସ୍ଥିତ । ସାନ୍ତାଳ ଭାଷାରେ 'ବିଂ' ଅର୍ଥ ସାପ, ଦର୍ହ ଅର୍ଥ ହ୍ରଦ ବା ଗଣ୍ଡ । ଏଠାରେ ସୃଷ୍ଟି ହୋଇଥିବା ଗଭୀର ଗଣ୍ଡରେ ଏକଦା ଏକ ଦିବ୍ୟ ସର୍ପ (ମଣି ନାଗେଶ୍ୱରୀ) ବାସ

'ବିଂଦର୍ହ'ର ଶାନ୍ତ ଶୀତଳ ପ୍ରାକୃତିକ ଶୋଭା

କରୁଥିବାରୁ ଏହାର ନାମ ବିଂଦର୍ହ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସରହିଛି । ବିଂଦର୍ହକୁ ନେଇ ଏକ ରୋଚକ କିମ୍ବଦନ୍ତୀ ରହିଛି । ଏଠାରେ ବାସ କରୁଥିବା ସର୍ପକନ୍ୟା ସହ ଜଙ୍ଗଲର ବ୍ୟାଘ୍ର ରାଜାଙ୍କ ମଧ୍ୟରେ ପ୍ରଣୟ ସଂପର୍କ ସୃଷ୍ଟି ହୋଇଥିଲା ଏବଂ ପରେ ଏମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଏହାପରଠୁ ଏଠାକାର ସାନ୍ତାଳ, କୋଲ୍ହମାନେ ବିଂଦର୍ହରେ ମଣିନାଗେଶ୍ୱରୀ ଏବଂ ବ୍ୟାଘ୍ର ଦେବତାଙ୍କୁ ପୂଜା କରିଥାନ୍ତି । କାତରା ନଦୀଟି ଏଠାରେ ଥିବା ସରାଳି ପାହାଡ଼ର ପଥୁରିଆ ଶଯ୍ୟା ଦେଇ ଗତିକଲାବେଳେ ଏହା ମୋହିନୀ ରୂପ ଧାରଣ କରିଛି । ପଥୁରିଆ ଶଯ୍ୟା ଦେଇ କିଛିବାଟ ଗତିକଲାବେଳେ କାତରା ନଦୀ ହଠାତ୍ ସରାଳି ପାହାଡ଼ରୁ ତଳକୁ ଲଂପ ପ୍ରଦାନ କରି ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ଜଳପ୍ରପାତର ନିମ୍ନଦେଶରେ ଏକ ବିରାଟ ଗଣ୍ଡ ସୃଷ୍ଟି ହୋଇଛି ଯାହାର ନାମ ବିଂଦର୍ହ । ଏହା ଅତ୍ୟନ୍ତ ଗଭୀର କୁଣ୍ଡ । ତେବେ ଏହି କୁଣ୍ଡଟି କେତେ ଗଭୀର ସ୍ଥାନୀୟ ଅଞ୍ଚଳର ଲୋକେ କହିପାରନ୍ତି ନାହିଁ । ଏଠାରେ ମଣିନାଗେଶ୍ୱରୀଙ୍କ ସମେତ ଆଦିବାସୀଙ୍କ ଆରାଧ୍ୟ ଦେବତା ନୀଳମାଧବ ପୂଜା ପାଇଥାନ୍ତି ।

ଛତ୍ରମଣ୍ଡଳ ଢୁଡ଼ି ଏବଂ କଳସୀଭଙ୍ଗା ପାହାଡ଼ରୁ କାତରା ନଦୀ ଉତ୍ପତ୍ତିଲାଭ କରିଛି । କାତରା

Digitized by srujanika@gmail.com

ନଦୀଟି ଏହି ଦୁଇଟି ପାହାଡ଼ରୁ ଉତ୍ପତ୍ତିଲାଭ କରି କିଛିବାଟ ପଥୁରିଆ ଶଯ୍ୟା ଦେଇ ଗତି କରିଛି । ଏହାପରେ ସରାଳି ପାହାଡ଼ ଉପରୁ ନିମ୍ନକୁ ପତିତ ହୋଇ ଏକ ଜଳପ୍ରପାତ ଓ ଗଣ୍ଡ ସୃଷ୍ଟି କରିଛି । ବିଂଦର୍ହର ଶାନ୍ତ, ଶୀତଳ ଓ ସବୁଜ ବନାନୀ ପ୍ରକୃତିପ୍ରେମୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ବିଂଦର୍ହର ନିକଟରେ ରହିଛି ପ୍ରସିଦ୍ଧ ଚଢ଼େଇପାହାଡ଼ି ।

ବାରିପଦାରୁ ୧୮ ନମ୍ବର ଜାତୀୟ ରାଜପଥ ଦେଇ ୩୫ କିଲୋମିଟର ପରେ ପଡ଼ିବ ବାଙ୍ଗିରିପୋଷି ।

Digitized by srujanika@gmail.com

ବାଙ୍ଗିରିପୋଷିରୁ ୪୯ ନମ୍ବର ଜାତୀୟ ରାଜପଥରେ ବିଶୋଇ ୧୫ କିଲୋମିଟର । ବିଶୋଇରୁ ଦକ୍ଷିଣକୁ ବିଜାତଳା ଦେଇ ଆପଣ ପାଟପୁର ଛକରେ ଅଟକିବେ । ବିଶୋଇରୁ ପାଟପୁର ଛକର ଦୂରତା ୨୦ କିଲୋମିଟର । ପାଟପୁର ଛକରୁ ପୁଣି ଦକ୍ଷିଣକୁ ଲୁହାଶିଳା, ସରଗୁଡ଼ା ଦେଇ ୧୨ କିଲୋମିଟର ଦୂର ଦଳେଇଡିହିରେ ପହଞ୍ଚିବା ପରେ ବିଂଦର୍ହ ପଡ଼ିଥାଏ । ବିଂଦର୍ହର ଆଖପାଖରେ ଅନେକ ପାହାଡ଼ ରହିଛି । ସେଗୁଡ଼ିକ ହେଲେ- **ଚଡ଼େଇପାହାଡ଼ି, ବାଡିଡାହି, କାଣାପାଟ ପାହାଡ଼, କଚଡ଼ ପାହାଡ଼** (କଚଡ଼ ଅର୍ଥ ସାପ ଫଣା, ଏହି ପାହାଡ଼ର ଏଭଳି ଆକାର ହୋଇ ଏହାର ଏଭଳି ନାମକରଣ ହୋଇଛି । ଏହା ଚଡ଼େଇ ପାହାଡ଼ି ପଞ୍ଚାୟତର ପଣ୍ଡୁପାଣି ଓ ଖେଜୁରିଝରନ୍ ମଝିରେ ଅବସ୍ଥିତ), **ଗୁଞ୍ଜୁରୁ ପାହାଡ଼** (ଚଡ଼େଇ ପାହାଡି ପଞ୍ଚାୟତର କଙ୍କଡ଼ାବେଡ଼ା ଗ୍ରାମରେ ଅବସ୍ଥିତ), **ଚାଡ଼ରା ପାହାଡ଼, ଛତ୍ରମଣ୍ଡଳ ଓ କଳସୀଭଙ୍ଗା ପାହାଡ଼, ଗୋରୁମହିଷାଣି ପାହାଡ଼** ।

ବିଲାପଘା ଜଳପ୍ରପାତ

ଯଶୀପୁରରୁ ଗୁଡୁଗୁଡିଆ ଦେଇ ୩୦ କିଲୋମିଟର ବାଟ ଅତିକ୍ରମ କଲାପରେ ପଡେ ଏହି ବିଲାପଘା ଜଳପ୍ରପାତ । ବିଲାପଘା ନାଳଟି ପାହାଡ଼ରୁ ଖସିପଡ଼ି ସୃଷ୍ଟି କରିଛି ଏହି ଜଳପ୍ରପାତ । ଏହାର ଖୁବ୍ ନିକଟରେ ଅସୁରହାଡ଼ ପାହାଡ଼ ଗୁମ୍ଫା ଅବସ୍ଥିତ । ଏହି ଜଳପ୍ରପାତଟି ମୟୂରଭଞ୍ଜ ଜିଲ୍ଲାରେ ଅପେକ୍ଷାକୃତ କମ୍ ଆଲୋଚିତ ପର୍ଯ୍ୟଟନସ୍ଥଳୀ । ଏହାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କୌଣସି ସୁବିଧା କରାଯାଇନାହିଁ ।

ଦେବକୁଣ୍ଡ

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ରହିଛି ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଜଳପ୍ରପାତ, ଦେବକୁଣ୍ଡ । ଦେବକୁଣ୍ଡ ମୟୂରଭଞ୍ଜ ଜିଲ୍ଲା କାହିଁକି ସମଗ୍ର ରାଜ୍ୟର ଏକ ଅତି ପରିଚିତ ପର୍ଯ୍ୟଟନସ୍ଥଳ ଏବଂ ପ୍ରତିବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ସର୍ବାଧିକ ସଂଖ୍ୟାରେ ପର୍ଯ୍ୟଟକ କେବଳ ଦେବକୁଣ୍ଡ ବୁଲିବାକୁ ଆସିଥା'ନ୍ତି ।

ବାରିପଦାରୁ ଉଦଳା ରାସ୍ତାରେ ଏକ ଛକ ପଡ଼େ ଯାହାର ନାମ ବୃନ୍ଦାଗଡ଼ି । ବୃନ୍ଦାଗଡ଼ି ଛକରୁ ଦକ୍ଷିଣ ଦିଗକୁ କୁଣ୍ଡାବାଇ ରାସ୍ତାରେ ୨୮ କିଲୋମିଟର ଗଲେ ପ୍ରକୃତିରାଣୀର ଏହି ଅଫୁରନ୍ତ ସୌନ୍ଦର୍ଯ୍ୟର ଗନ୍ତାଘର ତଥା ମା' ଅମ୍ବିକାଙ୍କ ପୀଠ ପଞ୍ଚ ସାଗର ତୀର୍ଥ 'ଦେବକୁଣ୍ଡ' ପଡ଼ିଥାଏ । ଅଜ୍ଞାତବାସ କାଳରେ ପାଣ୍ଡବମାନେ ଦେବୀ ନଦୀ ବା ଦେଓ ନଦୀର ପଥର ବେଷ୍ଟନୀ ମଧ୍ୟରେ ସୃଷ୍ଟି ହୋଇଥିବା ଦେବକୁଣ୍ଡରେ ଅବସ୍ଥାନ କରିଥିଲେ ବୋଲି ପ୍ରବାଦ ରହିଛି । ଦେବକୁଣ୍ଡର ଉପରକୁ ପାହାଡ଼ ଖୋଲରେ ଆହୁରି ୪ଟି କୁଣ୍ଡ ବା ସାଗର ରହିଥିବାରୁ ଏହାକୁ **ପଞ୍ଚସାଗର ତୀର୍ଥ** ବୋଲି କୁହାଯାଇଥାଏ । ଏହି ପଞ୍ଚସାଗର ତୀର୍ଥଗୁଡ଼ିକ ହେଉଛି- **ଦେବକୁଣ୍ଡ, ଦେବୀକୁଣ୍ଡ, ଦୁଗ୍ଧ କୁଣ୍ଡ**

Digitized by srujanika@gmail.com

ଦେବକୁଣ୍ଡ

ତୈଳକୁଣ୍ଡ, ହରିଦ୍ରାକୁଣ୍ଡ । ପଞ୍ଚସାଗର ତୀର୍ଥ ସର୍ବନିମ୍ନ ସାଗର ବା କୁଣ୍ଡଟି ହେଉଛି ପ୍ରକୃତରେ ଦେବକୁଣ୍ଡ । ଏହାର ଉପରକୁ ଉପରକୁ କ୍ରମାନ୍ୱୟରେ ଦେବୀକୁଣ୍ଡ, ଦୁଗ୍ଧକୁଣ୍ଡ, ତୈଳକୁଣ୍ଡ, ହରିଦ୍ରାକୁଣ୍ଡ ରହିଛି ।

ଦେବକୁଣ୍ଡର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କର ଏକ ମନ୍ଦିର ରହିଛି । ମୟୂରଭଞ୍ଜ ଭଞ୍ଜ ବଂଶର ଦାୟଦ ଲାଲାସାହେବ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଯଦିଓ ଏହି କ୍ଷେତ୍ରଟି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସାମିଲ୍ ହୋଇଛି, ମାତ୍ର ଏହାର ଉପଯୁକ୍ତ ବିକାଶ ଘଟିପାରିନାହିଁ । ଦେବକୁଣ୍ଡଟି ଏକ ବିଶାଳ ଜଳାଶୟର ଭ୍ରମ ସୃଷ୍ଟି କରୁଥିବାରୁ ଏଥିରେ ବୋଟିଂ ବ୍ୟବସ୍ଥା କରାଯିବା ଜରୁରୀ । ଏହି ପୀଠକୁ ଭଲ ରାସ୍ତାଟିଏ ଦରକାର । ବନ୍ୟଜନ୍ତୁଙ୍କୁ ଉପଭୋଗ କରିବା ପାଇଁ ଏଠାରେ ଏକ ୱାଚ୍ ଟାୱାର୍ ଓ ରୋପ୍ ୱେ ଆଦିର ବ୍ୟବସ୍ଥା କରାଯାଇ ପାରିଲେ ଏହା ଦେଶର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିପାରିବ ।

ବ୍ରାହ୍ମଣକୁଣ୍ଡ

ବ୍ରାହ୍ମଣକୁଣ୍ଡ ପର୍ଯ୍ୟଟନସ୍ଥଳଟି ମୟୂରଭଞ୍ଜ ଜିଲ୍ଲାର ଖୁବ୍ ଆକର୍ଷଣୀୟ ଏବଂ ଏହା ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅବସ୍ଥିତ । ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ୍ ଶୋରିଷପାଳ ପଞ୍ଚାୟତ ଅନ୍ତର୍ଗତ

Digitized by srujanika@gmail.com

ଫୁଲଝର ଗାଁରେ ରହିଛି ପ୍ରସିଦ୍ଧ ବ୍ରାହ୍ମଣକୁଣ୍ଡ ପର୍ଯ୍ୟଟନସ୍ଥଳୀ । ବାଙ୍ଗିରିପୋଷି ଛକରୁ ୩୦ କିଲୋମିଟର ଦକ୍ଷିଣକୁ ବୁଢାବଳଙ୍ଗ ନଦୀ କୂଳେକୂଳେ ଦୁର୍ଗମ ଜଙ୍ଗଲ ଦେଇ ଗଲାପରେ ଏହି ଜଳପ୍ରପାତଟି ଦୃଷ୍ଟିଗୋଚର ହୋଇଥାଏ । ଏଠାରେ ଘଞ୍ଚ ସବୁଜ ବନାନୀ ଓ ରାଶିରାଶି ପାହାଡ଼ମାଳା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ବାଘଯୋଡ଼ା ପାହାଡ଼ର ବହୁ ଉଚ୍ଚରୁ ଫୁଲଝର ନାମରେ ଏକ ଝରଣା ନିମ୍ନଗାମୀ ହୋଇ ଏକ ବିଶାଳ କୁଣ୍ଡ ସୃଷ୍ଟି କରିଛି । ଏହାକୁ ସ୍ଥାନୀୟ ଅଞ୍ଚଳରେ ବ୍ରାହ୍ମଣ କୁଣ୍ଡ କୁହାଯାଏ ।

ବ୍ରାହ୍ମଣ କୁଣ୍ଡରେ ଥିବା ବିଶାଳକାୟ ଆକର୍ଷଣୀୟ ମାଛମାନଙ୍କୁ ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏଠାରେ ଥିବା ଗୋଟିଏ ଗୋଟିଏ

Digitized by srujanika@gmail.com

ମାଛର ଓଜନ ଏକ କ୍ୱିଣ୍ଟାଲ୍‌ରୁ ଅଧିକ ହୋଇଥାଏ । ପର୍ଯ୍ୟଟକମାନେ ଏଠାକୁ ସାଥୀରେ ଚାଉଳ, ବିସ୍କୁଟ୍, ମୁଢି, ଖଇ, ଉଖୁଡ଼ା ଧରି ଆସିଥାନ୍ତି । ଏହି ମାଛଗୁଡ଼ିକ 'ଦେବମାଛ' ହୋଇଥିବାରୁ ଏହି ମାଛକୁ କେହି ଖାଆନ୍ତି ନାହିଁ । କୁଣ୍ଡ ମଧ୍ୟକୁ ଖସି ପଡିଥିବା ଫୁଲଝରର ସମସ୍ତ ପାଣି କୁଣ୍ଡ ମଧ୍ୟ ଦେଇ ଅଦୃଶ୍ୟ ହୋଇଯାଇଥାଏ । ଏହା ପାତାଳଗାମୀ ହୋଇ କିଛି ଦୂର ଆଗରେ ପୁଣି ଦୃଶ୍ୟମାନ ହୋଇଥାଏ । ଏଠାରୁ ସୃଷ୍ଟି ହୋଇଥିବା ଖଡ଼ଖାଇ ନଦୀଟି କିଛି ଦୂର ଆଗରେ ବୁଢାବଳଙ୍ଗରେ ମିଛିଛି ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ ପ୍ରକୃତରେ ଶିମିଳିପାଳ ଜଙ୍ଗଲ ମଧ୍ୟରୁ ନିର୍ଗତ ହୋଇଥିବା ଖଡ଼ଖାଇ ନଦୀଟି ସୁବର୍ଣ୍ଣରେଖାର ଏକ ପ୍ରମୁଖ ଉପନଦୀ ଅଟେ । ଏହି ଖଡ଼ଖାଇ ନଦୀଟି ରାଇରଙ୍ଗପୁର ଉପଖଣ୍ଡ ଦେଇ ପ୍ରବାହିତ ହୋଇଛି । ତେବେ ଏହି ଦୁଇ ଖଡ଼ଖାଇ ଗୋଟିଏ ନଦୀ କି ଭିନ୍ନ, ତାହା ବିତର୍କସାପେକ୍ଷ ।

ବ୍ରାହ୍ମଣକୁଣ୍ଡରେ ପ୍ରତିବର୍ଷ ବସନ୍ତ ଋତୁରେ 'ବ୍ରାହ୍ମଣକୁଣ୍ଡ ମହୋତ୍ସବ' ଅନୁଷ୍ଠିତ ହୋଇଥାଏ । ଏହାର ଆଖପାଖରେ ଥିବା ଫୁଲଝର, ଢାରକାଣି, ବାରିବେଢ଼ା ଗାଁର ଲୋକମାନଙ୍କୁ ନେଇ ଗଠିତ 'ବ୍ରାହ୍ମଣକୁଣ୍ଡ ମହୋତ୍ସବ କମିଟି' ଏହି ଉତ୍ସବ ପାଳନର ଦାୟିତ୍ୱ ନେଇଥାଏ ।

ସୀତାକୁଣ୍ଡ

ସୀତାକୁଣ୍ଡ ଜଳପ୍ରପାତଟି ଶିମିଳିପାଳ ଜୈବମଣ୍ଡଳରେ ଏବଂ ଲୁଲୁଂ ନିକଟରେ ଅବସ୍ଥିତ । ଶିମିଳିପାଳର ପିଠାବଟା ଗେଟ୍‌ର ବାମ ପାର୍ଶ୍ୱକୁ ମାତ୍ର ଗୋଟିଏ କିଲୋମିଟର ଗଲାପରେ ଏହି ପୁରାଣପ୍ରସିଦ୍ଧ

ସୀତାକୁଣ୍ଡ

Digitized by srujanika@gmail.com

ସୀତାକୁଣ୍ଡ ଜଳପ୍ରପାତ ଦେଖିବାକୁ ମିଳିଥାଏ । ଶିମିଳିପାଳ ମଧ୍ୟରେ ଥିବା ପ୍ରସିଦ୍ଧ ପାହାଡ଼ **'କାଳିପାହାଡ଼'**ରୁ ପ୍ରାୟ ୨୫୦୦ ଫୁଟ ତଳକୁ ଲମ୍ଫ ପ୍ରଦାନ କରି ଏହି ଜଳପ୍ରପାତଟି ତଳକୁ ପତିତ ହୋଇଛି । ଏହାର ଅଳ୍ପଦୂରରେ ହନୁମାନଙ୍କର ଏକ ମନ୍ଦିର ଓ ମୂର୍ତ୍ତି ରହିଛି । ପିତା ଦଶରଥଙ୍କ ସତ୍ୟ ପାଳନ କରିବାକୁ ଯାଇ ପ୍ରଭୁ ରାମ, ମାତା ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ବନବାସ କରୁଥିବା ସମୟରେ ମାତା ସୀତା ଏହି କୁଣ୍ଡରେ ଗାଧୋଉଥିଲେ । ଶ୍ରୀରାମଙ୍କ ଆଦେଶ ପାଳନ କରିବାକୁ ଯାଇ ପ୍ରଭୁଭକ୍ତ ହନୁମାନ ଅଳ୍ପ ଦୂରରେ ରହି ମାତାଙ୍କ ସୁରକ୍ଷା କଥା ଚିନ୍ତା କରୁଥିଲେ । ଏହି କୁଣ୍ଡର ଉପରଭାଗରେ ଏକ ଜଳପ୍ରପାତ ରହିଛି । ପ୍ରତିବର୍ଷ ଶୀତଦିନେ ଏଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ପିକ୍‌ନିକ୍ ଓ ବଣଭୋଜିର ମଜା ନେଇଥାନ୍ତି । ଏହାର ପରିବେଶ ଖୁବ୍ ଶାନ୍ତ ଓ ଶୀତଳ ।

ଲୁଲୁଂ

ଶିମିଳିପାଳ ପର୍ବତ କନ୍ୟା ପଳପଳା ନଦୀଟି ମୟୂରଭଞ୍ଜ ଜିଲ୍ଲାର ଏକ ଖୁବ୍ ଆକର୍ଷଣୀୟ ଓ ସୁନ୍ଦରୀ ନଈ । ଏହାର ପାହାଡ଼ିଆ ଶଯ୍ୟା ଓ କୁଳୁକୁଳୁ ବହି ଯାଉଥିବା ସ୍ୱଚ୍ଛ କାଚକେନ୍ଦୁ ଭଳି ଜଳରାଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ନଈଟିର ଉଭୟ ପାର୍ଶ୍ୱରେ ସବୁଜ ଘଞ୍ଚ ବନାନୀ ମଧ୍ୟ ଏଠାକାର ଅନ୍ୟ ଆକର୍ଷଣ । ପଳପଳା ନଦୀ କୂଳରେ ଅବସ୍ଥିତ ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ

ଲୁଲୁଂ : ପଳପଳା ନଦୀର ପଥୁରିଆ ଶଯ୍ୟା ଓ ଶାଳ ଜଙ୍ଗଲର ଶାନ୍ତଶୀତଳ ପ୍ରାକୃତିକ ପରିବେଶ

Digitized by srujanika@gmail.com

ପଳପଳା ନଦୀର ପଥୁରିଆ ଶଯ୍ୟା

ପର୍ଯ୍ୟଟନ ସ୍ଥଳ; ଲୁଲୁଂ । ଏଠାକାର ପ୍ରାକୃତିକ ଶୋଭା, ସବୁଜ ବନାନୀ, ଡେଙ୍ଗା ଶାଳବଣ, ପାହାଡ଼ ଓ ପଳପଳା ନଦୀର ଦନ୍ତୁରିତ ପଥୁରିଆ ଶଯ୍ୟା ପର୍ଯ୍ୟଟକଟିକୁ ଆନମନା କରିଦେଇଥାଏ । ଏହା ଶିମିଳିପାଳ ପାଦଦେଶରେ ଅବସ୍ଥିତ । ଏଠାରେ ଶିମିଳିପାଳ ପିଠାବଟା ପ୍ରବେଶ ପଥ ଅବସ୍ଥିତ । ଏହି ଗେଟ୍ ଦେଇ ଶିମିଳିପାଳ ଜୈବମଣ୍ଡଳକୁ ପ୍ରବେଶ କରିବାକୁ ପଡ଼ିଥାଏ । ଶୀତଦିନେ ଲୁଲୁଂ ଦେଇ ବହି ଯାଇଥିବା ପଳପଳା ନଦୀର ପଥୁରିଆ ଶଯ୍ୟାରେ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ବଣଭୋଜିର ମଜା ନେଇଥା'ନ୍ତି । ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ବାରିପଦାରୁ ୩୦ କିଲୋମିଟର ଦୂରରେ ଏହି ପ୍ରାକୃତିକ ଶୋଭାଭରା ପର୍ଯ୍ୟଟନସ୍ଥଳୀଟି ଅବସ୍ଥିତ । ଲୁଲୁଂର ତିନିପାର୍ଶ୍ୱରେ ଘେରି ରହିଛି ଶିମିଳିପାଳ ଅଭୟାରଣ୍ୟ । ଏହା ଶିମିଳିପାଳ ଜୈବମଣ୍ଡଳରେ ଅବସ୍ଥିତ ଏକ ନିରବ ଉପତ୍ୟକା । ଏଠାରେ ପର୍ଯ୍ୟଟନବିଭାଗ ପକ୍ଷରୁ 'ଅରଣ୍ୟ ନିବାସ' ନାମରେ ବିଶ୍ରାମାଗାର ରହିଛି । ସୌରଶକ୍ତି ଦ୍ୱାରା ଏହିସବୁ ବିଶ୍ରାମାଗାରକୁ ବିଜୁଳି ସଂଯୋଗ କରାଯାଇଛି ।

ମୁନିଦର୍ହ (ମୁନିଦର୍‌ହ)

ବାରିପଦାରୁ ୧୫ କିଲୋମିଟର ଦୂର ଲୁଲୁଂ ଜଙ୍ଗଲ ମଧ୍ୟରେ ମୟୁରଭଞ୍ଜ ଜିଲ୍ଲାର ବହୁ ପ୍ରସିଦ୍ଧ ଗଣ୍ଡ ଓ ଜଳଉତ୍ସ 'ମୁନିଦର୍ହ' ଅବସ୍ଥିତ । ଏହି ଗଣ୍ଡଟି ପଳପଳା ନଦୀର ପଥୁରିଆ ଶଯ୍ୟା ମଧ୍ୟରେ

Digitized by srujanika@gmail.com

ଅବସ୍ଥିତ । ଏହି ଗଣ୍ଡଟି କେତେ ଗଭୀର ତାହା କେହି କହିପାରନ୍ତି ନାହିଁ । ଏଠାରେ ବହୁ ଆକର୍ଷଣୀୟ ଏବଂ ବଡ଼ବଡ଼ ମାଛ ଅଛନ୍ତି । ବାହାରର ପର୍ଯ୍ୟଟକମାନେ ଏଠାକୁ ଆସିଲେ ମାଛମାନଙ୍କ ପାଇଁ ଖାଦ୍ୟ ଆଣିଥା'ନ୍ତି । ମାତ୍ର ଏଠାକାର ମାଛକୁ କେହି ଧରନ୍ତିନାହିଁ କିମ୍ବା ଖାଆନ୍ତିନାହିଁ । ପର୍ଯ୍ୟଟକମାନେ ଖାଦ୍ୟ ପକାଇଲାମାତ୍ରେ ଗଭୀର ଗଣ୍ଡ ମଧ୍ୟରୁ ହଜାର ହଜାର ସଂଖ୍ୟାରେ ମାଛ ଅଳଙ୍ଗି ଆସନ୍ତି । ସବୁଠୁ ବଡ଼କଥା ହେଉଛି, ଏହି ଗଣ୍ଡର ପାଣି ଦେଖିବାକୁ ସ୍ୱଚ୍ଛ କାଚକେନ୍ଦୁ ଭଳି ନୀଳ ସବୁଜ ରଙ୍ଗର । ଶୀତଦିନେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକମାନେ ଆସିଥା'ନ୍ତି । ଏଠାରେ ଥିବା ମୁନିମଠ ମଧ୍ୟ ଏକ ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳ ଭାବେ ମୟୂରଭଞ୍ଜ ଜିଲ୍ଲାରେ ନିଜର ପରିଚୟ ସୃଷ୍ଟି କରିପାରିଛି । ରାଜାରାଜୁଡ଼ା ସମୟରେ କେହି ଜଣେ ଯୋଗୀ ଶିମିଳିପାଳ ଅନ୍ତର୍ଗତ ପଳପଳା ନଦୀ କୂଳରେ ତପସ୍ୟା କରିବା ସହ ଏଠାରେ ଏକ ମଠ ସ୍ଥାପନ କରିଥିଲେ କିମ୍ବା ମୟୂରଭଞ୍ଜର କୌଣସି ଜଣେ ରାଜାଙ୍କ ଦ୍ୱାରା ଏହି ମଠ ପ୍ରତିଷ୍ଠା ହୋଇଛି ବୋଲି କୁହାଯାଏ । ଏଠାରେ ପୂଜା ପାଉଥିବା ମହାଦେବଙ୍କ ନାମ **ବୁଦ୍ଧେଶ୍ୱର** ଏବଂ ମଠଟିର ନାମ **ମୁନିମଠ** । ଅତୀତରେ ମହାରାଜାମାନେ ଜଙ୍ଗଲକୁ ଶିକାର କରିବାକୁ ଯିବା ସମୟରେ ଏହି ମଠରେ ବିଶ୍ରାମ ନେଉଥିଲେ ଏବଂ ଏହି **ମୁନିଦର୍ହ**ର ଜଳ ବ୍ୟବହାର କରୁଥିଲେ । ଏହି ଦର୍ହ ମଧ୍ୟରେ ଦୁଇଟି ଅଦ୍ଭୁତ ମାଛ ଅଛନ୍ତି । ମାଛଙ୍କ ନାକରେ ସୁନାର ନୋଥ ଲାଗିଛି ବୋଲି ଶୁଣାଯାଏ । ଲୁଲୁଂ ଦେଇ ବରେହିପାଣି ଯିବା ବାଟରେ ଏହି ମୁନିମଠଟି ପଡ଼ିଥାଏ । ମାତ୍ର ଗତ ୨୦୧୩ ମସିହାରେ ହୋଇଥିବା 'ଫାଇଲିନ୍' ସମୟରୁ ଏହି ଏହି ପର୍ଯ୍ୟଟନ କ୍ଷେତ୍ରଟି ବିପର୍ଯ୍ୟସ୍ତ ହୋଇପଡ଼ିଛି ।

ଶିମିଳିପାଳର ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳ

ଶିମିଳିପାଳ ଜୈବମଣ୍ଡଳ ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ଅନେକ ଗେଟ୍ (ଫାଟକ) ରହିଥିବାବେଳେ ମୁଖ୍ୟତଃ ଯଶୀପୁର ଓ ବାରିପଦା ପଟେ ଯାତାୟତର ସୁବିଧା ରହିଛି । ପର୍ଯ୍ୟଟକମାନେ ପିଠାବଟା ଗେଟ୍ (ବାରିପଦାରୁ ୨୨ କିଲୋମିଟର) ଦେଇ ଶିମିଳିପାଳକୁ ପ୍ରବେଶ କରିପାରିବେ କିମ୍ବା ଯଶୀପୁରର କାଳିଆଣି ଗେଟ୍ ଦେଇ ପ୍ରବେଶ କରିପାରିବେ । ଶିମିଳିପାଳ ବଫର ଜୋନ୍‌ରେ ଥିବା କିଛି ପର୍ଯ୍ୟଟନସ୍ଥଳୀ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇପାରେ ।

ନଓ୍ୱାଣା

ଶୀତଦିନେ ନଓ୍ୱାଣାର ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ, ଘାସ ପଡ଼ିଆ, ପାହାଡ଼ ଉପତ୍ୟକା ଓ ସର୍ବୋପରି ଠାଏଠାଏ ଜନବସତି ଆଗନ୍ତୁକକୁ ଆନମନା କରିଦିଏ । ଶିମିଳିପାଳ ବୁଲିଯାଉଥିବା ପର୍ଯ୍ୟଟକମାନେ ନଓ୍ୱାଣା ଶସ୍ୟକ୍ଷେତର ଶୋଭାକୁ ମନଭରି ଉପଭୋଗ କରିଥା'ନ୍ତି । ନଓ୍ୱାଣାର ପାହାଡ଼ ଛାତିରେ

Digitized by srujanika@gmail.com

ଆଦିମ ଜନଜାତିର ଲୋକମାନେ ଚାଷ କରିଥିବା ସୋରିଷ କ୍ଷେତର ଦୃଶ୍ୟ କେହିଜଣେ ଶିଳ୍ପୀର କାନ୍‌ଭାସର ଭ୍ରମ ସୃଷ୍ଟି କରିଥାଏ ।

ଚହଲା

ଚହଲା ରେଞ୍ଜ ଅଫିସ୍‌ର ଖୁବ୍ ନିକଟରେ ଚହଲା 'ସଲ୍‌ଟ ଲିକ୍' ଅବସ୍ଥିତ । ଏଠାରେ ଏକ ବିଶାଳ ଘାସପଡ଼ିଆ *(Meadow)* ଏବଂ ଲବଣାକ୍ତ ମାଟି ପଡ଼ିଆ *(Salt lick)* ରହିଛି । ଏହି ଲୁଣିମାଟିକୁ ଚାଟିବାକୁ ଜୀବଜନ୍ତୁମାନେ ଚହଲାକୁ ଆସିଥାନ୍ତି । ସନ୍ଧ୍ୟା ସମୟରେ ଏଠାରେ ଜୀବଜନ୍ତୁ ଏକାଠି

ଚହଲା ଡାକବଙ୍ଗଳା

ହୋଇଥା'ନ୍ତି । ହରିଣ, ସମ୍ବର, ବିଲୁଆ, ଗୟଳ ଆଦି ଜୀବଜନ୍ତୁ ଏଠାକୁ ଲୁଣ ଖାଇବାକୁ (ଚାଟିବାକୁ) ଆସିବାବେଳେ ପର୍ଯ୍ୟଟକମାନେ ଏମାନଙ୍କୁ ଦର୍ଶନ କରିବାର ସୁଯୋଗଲାଭ କରିଥା'ନ୍ତି । ଏଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସମୟରୁ ଏକ ରେଷ୍ଟ ସେଡ୍ (ବିଶ୍ରାମାଗାର), ୱାଚ୍ ଟାୱାର ନିର୍ମାଣ କରାଯାଇଥିଲା । ଏହି ୱାଚ୍ ଟାୱାର (ମଞ୍ଚା)ରୁ ପର୍ଯ୍ୟଟକମାନେ ଲୁଚିକରି ଆଢୁଆଳରେ ରହି ଜୀବଜନ୍ତୁଙ୍କ ଦେଖିପାରିବାର ବ୍ୟବସ୍ଥା ରହିଛି । ଚହଲାର ଖୁବ୍ ନିକଟରେ ଏକ ଜଳାଶୟ ଓ ଛୋଟ ନାଳ ବହିଯାଇଛି । ଏଠାକୁ ଜୀବଜନ୍ତୁମାନେ ପାଣି ପିଇବାକୁ ଆସିଥା'ନ୍ତି । ଏହି ସ୍ଥାନର ନାମ **କାଇରାକଚା** । କାଇରାକଚା ହେଉଛି ଶିମିଳିପାଳର ଏକ ପ୍ରସିଦ୍ଧ ସନ୍ତସନ୍ତିଆ ଭୂମି *(Swamp)* ।

Digitized by srujanika@gmail.com

ଏଠାରେ ପାଣି ମଧ୍ୟରେ ବଢିଥିବା ଗଛବୃକ୍ଷ ଏକ ଭାସମାନ ଜଙ୍ଗଲ *(floating garden)*ର ଭ୍ରମ ସୃଷ୍ଟି କରନ୍ତି । କାଇରାକଚାକୁ ଜୀବଜନ୍ତୁଙ୍କ ସ୍ୱର୍ଗ କହିଲେ ଭୁଲ୍ ହେବନି । ଏଠାରେ ବହୁ ସଂଖ୍ୟାରେ ହାତୀ, କଲରାପତରିଆ ବାଘ ଦେଖାଯାଆନ୍ତି ।

ଜାମୁଆଣି

ବରେହିପାଣି, ଯୋରନ୍ଦା ଓ ଚହଲା ବୁଲାବୁଲି କରିସାରିବା ପରେ ଜାମୁଆଣିଠାରେ ରାତ୍ରୀ ରହଣିର ବ୍ୟବସ୍ଥା ରହିଛି । ଜାମୁଆଣିଠାରେ ବହୁ ସଂଖ୍ୟାରେ ବାଉଁଶ ନିର୍ମିତ କୁଡ଼ିଆ ଓ ବିଶ୍ରାମସ୍ଥଳୀ ରହିଛି । ଏଠାରେ ପର୍ଯ୍ୟଟକମାନେ ରାତିରେ ରହି ବଡ଼ି ଭୋର୍‌ରୁ ଶିମିଳିପାଳର ଶାଳ ଜଙ୍ଗଲ, ଅର୍କିଡ ଓ ଜୀବଜନ୍ତୁଙ୍କୁ ଉପଭୋଗ କରିପାରିବେ ।

ରାମତୀର୍ଥ

ଯଶୀପୁରଠାରୁ ମାତ୍ର ୨ କିଲୋମିଟର ଦୂରରେ ପଶ୍ଚିମ ପାର୍ଶ୍ୱରେ ଖଇରି-ଭଣ୍ଡନ ନଦୀର ମିଳନ ସ୍ଥଳରେ ରାମତୀର୍ଥ ଅବସ୍ଥିତ । ଖଇରି-ଭଣ୍ଡନ ନଦୀର ପ୍ରସ୍ତର ଶଯ୍ୟାରେ ରାମଙ୍କ ବସିବା ସ୍ଥାନ, ଧନୁତୀର ମୁଣା, ସୀତାଙ୍କ ବେଣୀ ଦୃଷ୍ଟିଗୋଚର ହୋଇଥାଏ । ବନବାସ କାଳରେ ରାମ, ଲକ୍ଷ୍ମଣ ଓ ସୀତା ଏଠାକୁ ଆସିଥିଲେ ବୋଲି ଲୋକମୁଖରୁ ଶୁଣିବାକୁ ମିଳିଥାଏ । ଏଠାରେ ଏକ କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନ କରାଯାଇଛି । ନଦୀର ଅପରପାର୍ଶ୍ୱରେ ଏକ ଶିବ ମନ୍ଦିର ରହିଛି । ଏଠାରେ ଥିବା

ରାମତୀର୍ଥ (ଶିମିଳିପାଳ)

Digitized by srujanika@gmail.com

ମହାଜାଗତିକ ଉଦ୍ୟାନ *(Astral garden)* ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ରାମତୀର୍ଥରେ ପାଳନ କରାଯାଉଥିବା ମକର ଓ ଟୁସୁ ମେଳା ମୟୂରଭଞ୍ଜ ଜିଲ୍ଲାରେ ବେଶ ପ୍ରସିଦ୍ଧିଲାଭ କରିପାରିଛି ।

ରାମତୀର୍ଥଠାରେ ଓଡ଼ିଶାର ପ୍ରାଚୀନତମ କୁଂଭୀର ପ୍ରଜନନ ପ୍ରକଳ୍ପ *(Mugger Crocodile Project)* ରହିଛି । ଏଠାରେ କୁଂଭୀର ଅଣ୍ଡାକୁ ସଂରକ୍ଷଣ କରାଯାଇ ଛୁଆ ଫୁଟାଯାଇଥାଏ । ଯଶୀପୁର ଫରେଷ୍ଟ ରେଞ୍ଜ(ଜାତୀୟ ପାର୍କ) ଅଧୀନସ୍ଥ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ଏହି କୁଂଭୀର ପ୍ରଜନନ ପ୍ରକଳ୍ପଟି ୧୯୭୯ ମସିହାରେ ପ୍ରତିଷ୍ଠାଲାଭ କରିପାରିଥିଲା । ଶିମିଳିପାଳ ଜାତୀୟ ଉଦ୍ୟାନରେ ଥିବା ଅନେକ ଛୋଟବଡ଼ ଜଳ ଉତ୍ସ ଓ ନଦୀମାନଙ୍କରେ କୁଂଭୀର ଥିବାର ଲକ୍ଷ୍ୟ କରାଯିବା ପରେ ରାମତୀର୍ଥଠାରେ ଖଇରୀ ନଦୀରେ ଏହି କୁଂଭୀର ପ୍ରକଳ୍ପ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ୧୯୮୪ ମସିହାଠାରୁ ଏଠାରେ ବିଧିବଦ୍ଧ ଭାବେ ମଗର ପ୍ରଜାତିର କୁଂଭୀର ଛୁଆ ପ୍ରଜନନ କରାଯାଇ ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନଦୀ (ଖଇରି, ଭଣ୍ଡନ, ବୁଢ଼ାବଳଙ୍ଗ ପ୍ରମୁଖ) ଓ ଜଳ ଉତ୍ସମାନଙ୍କରେ ଛଡ଼ାଯାଇଥିଲା । ୨୦୧୪ ମସିହା ସୁଦ୍ଧା ଏକ ହଜାରରୁ ଊର୍ଦ୍ଧ୍ୱ ମଗର ପ୍ରଜାତିର କୁଂଭୀର ଛୁଆ ଏଠାରୁ ସୃଷ୍ଟି କରାଯାଇପାରିଛି ।

ପର୍ଯ୍ୟଟକଙ୍କ ପାଇଁ ଏଠାରେ ରାତ୍ରୀ ରହଣୀର ବ୍ୟବସ୍ଥା ରହିଛି । ଏଠାରେ ଆକର୍ଷଣୀୟ ଦେବସ୍ଥଳୀ କଟେଜ୍, ଗୋଟିଏ ଟ୍ରାଇବାଲ୍ ହଟ୍, କାଫେଟାରିଆ ଆଦି ରହିଛି ।

ଗୁଡୁଗୁଡ଼ିଆ ଓ କୁମାରୀ

କୁମାରୀର ବାଉଁଶ କୁଡ଼ିଆ

Digitized by srujanika@gmail.com

ପଶୀପୁରଠାରୁ କାଳିଆଣି ଗେଟ୍ ଦେଇ ଶିମିଳିପାଳ ଯିବା ବାଟରେ ୨୮ କିଲୋମିଟର ଅତିକ୍ରମ କଲାପରେ ପଡ଼େ ଗୁଡୁଗୁଡ଼ିଆ ଶୈଳନିବାସ *(hill station)* । ଏହା କରଞ୍ଜିଆ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଗୁଡୁଗୁଡ଼ିଆ ରେଞ୍ଜ ମଧ୍ୟରେ ଏବଂ **ଖଇରୀ ନଦୀ** କୂଳରେ ଅବସ୍ଥିତ । ସମୁଦ୍ରପତ୍ତନଠାରୁ ଉଚ୍ଚ ସ୍ଥାନରେ ଥିବା କାରଣରୁ ଏହା ଗ୍ରୀଷ୍ମଦିନେ ଅନ୍ୟାନ୍ୟ ସ୍ଥାନ ତୁଳନାରେ ଥଣ୍ଡା ଥାଏ । ଏଣୁ ଗୁଡୁଗୁଡ଼ିଆକୁ ମୟୁରଭଞ୍ଜର କାଶ୍ମୀର ବୋଲି କୁହାଯାଇଥାଏ । ଏଠାକାର ସବୁଜିମା, ପାହାଡ଼ ଉପତ୍ୟକା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଏଠାରେ ରାତ୍ରୀ ରହଣି ନିମନ୍ତେ ଜଙ୍ଗଲ ବିଭାଗ ପକ୍ଷରୁ ଏକ ଡାକବଙ୍ଗଳା, ଜଙ୍ଗଲ ଲଜ୍, ବାଉଁଶ ନିର୍ମିତ କୁଡ଼ିଆ ନିର୍ମାଣ କରାଯାଇଛି ।

ଗୁଡୁଗୁଡ଼ିଆଠାରେ ଏକ ଆକର୍ଷଣୀୟ ଅର୍କିଡ୍ ଉଦ୍ୟାନ ପ୍ରତିଷ୍ଠା କରାଯାଇଛି । ଏହି ଅର୍କିଡ଼ ଉଦ୍ୟାନରେ ୬୩ ପ୍ରଜାତିର ଅର୍କିଡ୍ ରହିଛି ଏବଂ ଗ୍ରୀଷ୍ମ ସମୟରେ ଅର୍କିଡ୍ ଫୁଲ ଫୁଟିଥାଏ । ଏହା ଖୁବ୍ ଶୋଭା ବଢାଇଥାଏ । ଅର୍କିଡ଼ ଉପରେ ଗବେଷଣା କରିବା ପାଇଁ ଏଠାକୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଆସିଥାନ୍ତି । ଏହା ସହିତ ଏଠାରେ ସପୁରୀ, କମଳା, ଚା' ଓ କଫି ଚାଷ ମଧ୍ୟ କରାଯାଇଥାଏ । ଗୁଡୁଗୁଡ଼ିଆର ପାହାଡ଼ ଚଢ଼ା ଓ ହାତୀ ପିଠିରେ ବସି ବୁଲିବାର ମଜା ପ୍ରକୃତରେ ଅନନ୍ୟ । ଶିମିଳିପାଳ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଗୁଡୁଗୁଡ଼ିଆ ଓ ଏହାର ନିକଟରେ ଥିବା କୁମାରୀଠାରେ ରାତ୍ରୀ ରହଣିର ବ୍ୟବସ୍ଥା ରହିଛି । **ଗୁଡୁଗୁଡ଼ିଆ** ଓ **କୁମାରୀ**ରେ ଆକର୍ଷଣୀୟ ବାଉଁଶ ନିର୍ମିତ କୁଡ଼ିଆମାନ *(Bamboo cottage)* ନିର୍ମାଣ କରାଯାଇଛି । ଏହି ବାଉଁଶ କୁଡ଼ିଆରେ ବେଡ୍‌ରୁମ୍, ବାଥ୍‌ରୁମ୍, ଡାଇନିଂ ରୁମ୍ ସମେତ ଭିଉ ପଏଣ୍ଟ ରହିଛି । ପର୍ଯ୍ୟଟକମାନେ ବେଶ୍ ଆରାମରେ ଏହି ବାଉଁଶ କୁଡ଼ିଆରୁ ପ୍ରକୃତିକୁ ଉପଭୋଗ

Digitized by srujanika@gmail.com

କରିପାରିବେ । ଏହା ସହିତ କୌଣସି ସାଧାରଣ ସଭା କିମ୍ବା କର୍ମଶାଳା ଆୟୋଜନ ନିମନ୍ତେ ଗୁଡୁଗୁଡିଆରେ ବିଶାଳ କନ୍‌ଫରେନ୍‌ସ ହଲ୍ ମଧ୍ୟ ରହିଛି ।

କାନଛିଣ୍ଡା

ଲୁଲୁଂ ଭଳି କାନଛିଣ୍ଡା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳ । ଏହା ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅବସ୍ଥିତ । ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଶୋରିଷପାଳ ପଞ୍ଚାୟତରେ ଏହି କାନଛିଣ୍ଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥା'ନ୍ତି । ଏହାର ଖୁବ୍ ନିକଟରେ ତାଳବନ୍ଧ ଅବସ୍ଥିତ । ଏଠାରେ ଆକର୍ଷଣୀୟ ପାହାଡ଼ ଉପତ୍ୟକା ରହିଛି ଯାହା ପର୍ଯ୍ୟଟକଙ୍କୁ ସର୍ବାଧିକ ଆକର୍ଷିତ କରିଥାଏ । କାନଛିଣ୍ଡାଠାରେ ଏକ ଡାକବଙ୍ଗଳା ମଧ୍ୟ ରହିଛି । ଏହା କାନଛିଣ୍ଡା ବଙ୍ଗଳା ଭାବେ ପରିଚିତ । ଅତୀତରେ ଏଠାକାର ପ୍ରାକୃତିକ ଶୋଭା ଉପଭୋଗ କରିବା ପାଇଁ ମୟୂରଭଞ୍ଜ ମହାରାଜା ଏଠାରେ ଏକ ବଙ୍ଗଳା ନିର୍ମାଣ କରାଇଥିଲେ । ମହାରାଜା ଅଧିକାଂଶ ସମୟରେ ଏଠାକୁ ଆସି କାନଛିଣ୍ଡାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ । ଅତୀତରେ ରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ପ୍ରତିବର୍ଷ ଉତ୍ତରସାହି ଛଉନୃତ୍ୟ ଦଳକୁ ନେଇ ଏଠାକୁ ଆସୁଥିଲେ । ଏହିଠାରୁ ହିଁ ଉତ୍ତରସାହିର ଜୁଆଙ୍ଗ ବାହାଘର ଓ ଶବରଟୋକା ନୃତ୍ୟର ସୃଷ୍ଟି ବୋଲି ଶୁଣିବାକୁ ମିଳିଥାଏ ।

ତାଳବନ୍ଧ

ଶିମିଳିପାଳ ଜୈବମଣ୍ଡଳ ଉତ୍ତର ଦିଗରେ ଥିବା ଏକ ଆକର୍ଷଣୀୟ ପାହାଡ଼ ଉପତ୍ୟକା ଓ ଶାନ୍ତଶୀତଳ ଘଞ୍ଚବଣର ନାମ ହେଉଛି ତାଳବନ୍ଧ । ଏହା ବାଙ୍ଗିରିପୋଷି ବ୍ଲକ୍‌ର ଶୋରିଷପାଳ ପଞ୍ଚାୟତରେ ଅବସ୍ଥିତ । ଏଠାରେ ଘଞ୍ଚ ଶାଳ ଜଙ୍ଗଲ ଓ ପାହାଡ଼ ଉପତ୍ୟକା ଖୁବ୍ ଆକର୍ଷଣୀୟ । ଅତୀତରେ ଶାଳକାଠ ପରିବହନ ପାଇଁ ବାଙ୍ଗିରିପୋଷିରୁ ତାଳବନ୍ଧ ପର୍ଯ୍ୟନ୍ତ ରେଳ ଚଳାଚଳ କରୁଥିଲା । ଏବେ ମଧ୍ୟ ପୁରୁଣା ରେଳଧାରଣା ଏହି ଘଞ୍ଚ ଜଙ୍ଗଲ ମଧ୍ୟରେ ଦୃଷ୍ଟିଗୋଚର ହୋଇଥାଏ । ତାଳବନ୍ଧରୁ ଚହଲା ପର୍ଯ୍ୟନ୍ତ ଏକ ପତଳା ଜଙ୍ଗଲୀ ରାସ୍ତା ରହିଛି । ଅତୀତରେ ଶିମିଳିପାଳରୁ କାଠ ଆସି ତାଳବନ୍ଧରୁ ରେଳ ଯୋଗେ ରୂପ୍‌ସା ପର୍ଯ୍ୟନ୍ତ ଯାଉଥିଲା । ତାଳବନ୍ଧର ଘଞ୍ଚ ଶାଳବଣ ଓ ପ୍ରାକୃତିକ ବିଭବ ବେଶ୍ ମନଲୋଭା ।

ଚିଲ୍‌କି ଗଣ୍ଡ ଓ ଷାଠିଦର୍ହ

ବାଙ୍ଗିରିପୋଷି ବ୍ଲକ୍‌ର ସୋରିଷପାଳ ପଞ୍ଚାୟତରେ ବୁଢ଼ାବଳଙ୍ଗ ନଦୀ ଗର୍ଭରେ **ଚିଲ୍‌କି ଗଣ୍ଡ** ଥିଲାବେଳେ ସାରସକଣା ବ୍ଲକ୍‌ର ଜାମଶୋଳା ନିକଟରେ ସୁବର୍ଣ୍ଣରେଖା ନଦୀ ଗର୍ଭରେ **ଷାଠିଦର୍ହ** ଗଣ୍ଡ ଅବସ୍ଥିତ । ଏହି ଦୁଇଟି ନଦୀଗଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ବେଶ୍ ପ୍ରସିଦ୍ଧ । ବାଙ୍ଗିରିପୋଷି ବଜାରରୁ ବାମ ଆଡ଼କୁ

Digitized by srujanika@gmail.com

ଯାଇଥିବା ରାସ୍ତାରେ ବଳଙ୍ଗ କୂଳେକୂଳେ ପୋରିଷପାଳ ଦେଇ କୁସୁମବନ୍ଧ ନିକଟରେ ପହଞ୍ଚିବା ପରେ ସେଠାରୁ ୧୨ କିଲୋମିଟର ଆଗରେ ଚିଲ୍‌କି ପଡ଼େ । ଏଠାରେ ବୁଢ଼ାବଳଙ୍ଗ ନଦୀ ଗର୍ଭରେ ଏକ ଅତି ଗଭୀର ଗଣ୍ଡ ରହିଛି, ଯାହାର ନାମ **ଚିଲ୍‌କି** । ବୁଢ଼ାବଳଙ୍ଗ ନଦୀର ପଥୁରିଆ ଶଯ୍ୟା ଏବଂ ଏହାକୁ ଘେରି ରହିଥିବା ଘଞ୍ଚ ଶାଳ ଜଙ୍ଗଲ, ପାହାଡ଼ର ମନୋରମ ସୌନ୍ଦର୍ଯ୍ୟ ଯେପରି ମନଲୋଭା ସେହିଭଳି ଭୟଙ୍କର ମଧ୍ୟ । ସେହିଭଳି ଜାମ୍‌ଶୋଳା ନିକଟରେ ସୁବର୍ଣ୍ଣରେଖା ନଦୀ ଗର୍ଭ ମଧ୍ୟରେ ଏକ ବିଶାଳ ଗଣ୍ଡ ରହିଛି ଯାହାର ନାମ **ଷାଠିଦର୍ହ** । ଏହାର ଗଭୀରତା ଷାଠିଏ ହାତ ହୋଇଥିବାରୁ ଏହାକୁ ଷାଠିଦର୍ହ ବୋଲି କୁହାଯାଇଥାଏ । ଚିଲ୍‌କି ଗଣ୍ଡରୁ ମାଛ ଧରିବା ପାଇଁ ଷାଠିଦର୍ହ ବା ଜାମଶୋଳା ପାଖରୁ କୈବର୍ତ୍ତ ଲୋକମାନଙ୍କୁ ଅଣାଇ ମୟୂରଭଞ୍ଜ ରାଜା ମାଛ ଧରାଉଥିଲେ । ଏହି ଗଣ୍ଡ ଅତ୍ୟଧିକ ଗଭୀର ଏବଂ ଏହାର ପାଣି ବରଫ ଭଳି ଥଣ୍ଡା ହୋଇଥିବାରୁ ମାଛ ଧରୁଥିବାବେଳେ ଅନେକ କୈବର୍ତ୍ତ ଏଠାରେ ମୃତ୍ୟୁବରଣ କରିଥିବା କଥା ଲୋକମୁଖରୁ ଶୁଣିବାକୁ ମିଳେ । ଅପରପକ୍ଷେ, ଅତୀତରେ ଏହା ମୟୂରଭଞ୍ଜ ରାଜାଙ୍କର ଏକ ଉନ୍ନତମାନର ଶିକାର ସ୍ଥଳୀ ଥିଲା । ମୟୂରଭଞ୍ଜର ରାଜାମାନେ ଚିଲ୍‌କିରୁ ବହୁ ପରିମାଣରେ ଜନ୍ତୁ ଶିକାର କରିବାରେ ସଫଳ ହେଉଥିଲେ ।

ଶିମିଳିପାଳର ମହାଶାଳ ଓ ମହାଚଂପା ବୃକ୍ଷ

ଯଶୀପୁରର କାଳିଆଣି ଗେଟ୍ ଦେଇ ଶିମିଳିପାଳ ଜାତୀୟ ଉଦ୍ୟାନକୁ ଗଲାବେଳେ ଗୋଟିଏ ବିରାଟ ଶାଳ ଗଛ ଓ ଗୋଟିଏ ବିଶାଳ ଚଂପା ବୃକ୍ଷ ଦୃଶ୍ୟମାନ ହୋଇଥାଏ । ଏହି ଶାଳ ଓ ଚଂପା ଗଛ ଦୁଇଟିର ବୟସ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ହେବ ବୋଲି ସ୍ଥାନୀୟ ଲୋକେ କହନ୍ତି । ବୃକ୍ଷ ନିକଟରେ **ଅଛାରଝରି ନାଳ** କୁଳୁକୁଳୁ ହୋଇ ବହିଯାଇଥାଏ । କଥିତ ଅଛି, ବଡୁଆ କଂପାନୀ କାଠ ଠିକାଦାରଙ୍କ ଲୋକମାନେ ଏହି ଶାଳଗଛଟିକୁ କରତରେ କାଟିବାକୁ ଉଦ୍ୟମ କରିଥିଲେ । ମାତ୍ର କାଟିବା ସମୟରେ ବୃକ୍ଷଟିରୁ ରକ୍ତ ଝରିବା ଆରମ୍ଭ କରିଥିଲା । ଭୟରେ କାଠ କଟାଳିମାନେ ଗଛରେ ଅଧା କରତ ଲାଗି ରହିଥିବାବେଳେ ସେଠାରୁ ଛାଡ଼ି ପଳାଇ ଯାଇଥିଲେ । ଆଜି ବି ଏହି ଗଛରେ

Digitized by srujanika@gmail.com

ଅଧା କରତ ଲାଗି ରହିଛି । ୧୫୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମହାଶାଳ ବୃକ୍ଷ ନିକଟରେ ଶିମିଳିପାଳ ଯାଉଥିବା ପର୍ଯ୍ୟଟକମାନେ କିଛି ସମୟ ଅଟକି ଥାନ୍ତି । ସେହିଭଳି ଏହାର ସାମାନ୍ୟ ଆଗକୁ ଚଂପାଘାଟିରେ ଏକ ମହାଚଂପା ବୃକ୍ଷ ରହିଛି । ଏହା ଏକ ଦେବବୃକ୍ଷ ହୋଇଥିବାରୁ ଏହାକୁ ସ୍ଥାନୀୟ ଲୋକେ ପୂଜା କରିଥା'ନ୍ତି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗ ପକ୍ଷରୁ ଏହି ଗଛ ଦୁଇଟିର ପ୍ରାଚୀନତା ଓ ଉଚ୍ଚତା ବିଷୟରେ ସୂଚନା ଫଳକ ଲାଗିଛି ।

ଶିମିଳିପାଳର କିଛି 'ଟ୍ରେକିଂ ପାଥ୍'

ପାଦରେ ଚାଲିଚାଲି ପର୍ବତାରୋହଣ କରିବା ଏବେ ପର୍ଯ୍ୟଟକଙ୍କ ପସନ୍ଦ ପାଲଟିଛି । ଏଭଳି ହିଲ୍ ଟ୍ରେକିଂ, ତାହା ପୁଣି ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ; କିଏ ଏଭଳି ସୁଯୋଗକୁ ହାତଛଡ଼ା କରିପାରେ? ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଏଭଳି କିଛି ହିଲ୍ ଟ୍ରେକିଂ ବ୍ୟବସ୍ଥା କରାଯାଇଛି । ହିଲ୍ ଟ୍ରେକିଂ ସମୟରେ ପର୍ଯ୍ୟଟକମାନେ ଶିମିଳିପାଳର ଶୋଭା ଉପଭୋଗ କରିବା ସହିତ ସ୍ୱଚ୍ଛ ଅମ୍ଳଜାନ ପାଇପାରିବେ । ଏହା ସହିତ ଛୋଟବଡ଼ ଜୀବଜନ୍ତୁ ମଧ୍ୟ ଦେଖିବାର ସୁଯୋଗ ମିଳିଥାଏ । ଶିମିଳିପାଳର କିଛି ହିଲ୍ ଟ୍ରେକିଂ ପାଥ୍‌ଗୁଡ଼ିକର ନାମ ଉଲ୍ଲେଖ କରାଗଲା

୧. କାଳିଆଣି-ଅଲକୁଦର (୫ କି.ମି), କରଞ୍ଜିଆ ଡିଭିଜନ
୨. ଜାମୁଆଣି-ରାଜୁପାଲ୍ (୬. ୫ କି.ମି), ରାଇରଙ୍ଗପୁର ଡିଭିଜନ
୩. ପିଠାବଟା-ସୀତାକୁଣ୍ଡ-ଲୁଲୁଂ (୯ କି.ମି), ବାରିପଦା ଡିଭିଜନ
୪. ଜାମୁଆଣି-ବୃନ୍ଦାବନ-ଚହଲା (୧୩ କି.ମି), ରାଇରଙ୍ଗପୁର ଡିଭିଜନ/ଏସ୍‌ଟିଆର୍
୫. ରାମଯୋଡ଼ି-କିଆଝରି (୫ କି.ମି.) କରଞ୍ଜିଆ ଡିଭିଜନ
୬. ଦୁଆରଶୁଣି-ଖାଦମବେଡ଼ା (୧୦ କି.ମି), ରାଇରଙ୍ଗପୁର ଡିଭିଜନ
୭. ମହୁଲଡିହି-ବଣିଆବସା (୬ କି.ମି), ବାରିପଦା ଡିଭିଜନ
୮. କେଶଡିଆ-ମଣ୍ଡଳିଝରି (୮ କି.ମି), କରଞ୍ଜିଆ ଡିଭିଜନ
୯. ଗୁଡୁଗୁଡିଆ-ବାରିଗାଁ (୫ କି.ମି), କରଞ୍ଜିଆ ଡିଭିଜନ
୧୦. ନେଦାମ-ବ୍ରାହ୍ମଣକୁଣ୍ଡ (୫ କି.ମି), ବାରିପଦା ଡିଭିଜନ

ଶିମିଳିପାଳର ପର୍ଯ୍ୟଟନ ମାନଚିତ୍ର

(Eco-Tourism Map of Similipal Bio-Sphere)

ଶିମିଳିପାଳ ଜୈବମଣ୍ଡଳକୁ ତିନୋଟି ଅଞ୍ଚଳ (ଜୋନ୍)ରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା- ୧. କୋର୍ ଏରିଆ ୨. ବଫର ଏରିଆ ୩. ଟ୍ରାନ୍‌ଜିସିନାଲ୍ ଏରିଆ । କୋର୍ ଏରିଆଟି ଶିମିଳିପାଳର କେନ୍ଦ୍ର ଭାଗରେ ଅବସ୍ଥିତ । ଏହା ଖୁବ୍ ଘଞ୍ଚ ଏବଂ ଏଠାକୁ ସାଧାରଣ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ

Digitized by srujanika@gmail.com

ପ୍ରବେଶ ନିଷିଦ୍ଧ ରହିଛି । ବଫର ଓ ଟ୍ରାନ୍‌ଜିସିନାଲ୍ ଜୋନ୍‌କୁ ପର୍ଯ୍ୟଟକଙ୍କ ଭ୍ରମଣ ନିମନ୍ତେ ମୁକ୍ତ ରଖାଯାଇଛି । ପ୍ରତିବର୍ଷ ନଭେମ୍ବରରୁ ଜୁନ୍ ମାସ ଯାଏ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଖୋଲା ରହେ । ପ୍ରତିଦିନ ଦିନବେଳା ସର୍ବାଧିକ ୧୧ ଘଣ୍ଟା ସମୟ ପର୍ଯ୍ୟଟକଙ୍କୁ ଅନୁମତି ପ୍ରଦାନ କରାଯାଇଥାଏ । ଦୈନିକ ୬୦ଟି ଯାନକୁ ଶିମିଳିପାଳ ମଧ୍ୟକୁ (ପିଠାବଟା, କାଳିଆଣି ଓ ତୁଳସୀବଣି ଗେଟ୍ ଦେଇ) ପ୍ରବେଶ ପାଇଁ ଅନୁମତି ଦିଆଯାଇଥାଏ । ଶିମିଳିପାଳ ବୁଲିବା ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ଯେଉଁ ପଥ ପ୍ରସ୍ତୁତ କରାଯାଇଛି, ତାହାର ଦୈର୍ଘ୍ୟ **୧୩୦** କିଲୋମିଟର । ଅପରପକ୍ଷେ, ଶିମିଳିପାଳ ଜୈବମଣ୍ଡଳର ମୋଟ **୨୭୫୦** ବର୍ଗ କିଲୋମିଟର (କୋର୍, ବଫର ଓ ଟ୍ରାନ୍‌ଜିସିନାଲ୍ ଜୋନ୍)ଅଞ୍ଚଳ ମଧ୍ୟରୁ କେବଳ ମାତ୍ର **୧୦୨** ବର୍ଗ କିଲୋମିଟର ଅଞ୍ଚଳ (ବଫର୍ ଓ ଟ୍ରାନ୍‌ଜିସିନାଲ୍ ଜୋନ୍)କୁ ପରିବେଶ ପର୍ଯ୍ୟଟନ ନିମନ୍ତେ ବ୍ୟବହାର କରାଯାଇଛି । ଏହା ମଧ୍ୟରେ ଚହଲା କୋର୍ ଏରିଆର **୫** କିଲୋମିଟର (ସଲ୍ଟ ଲିକ୍) ଅନ୍ତର୍ଭୁକ୍ତ । ବାକି ଅନ୍ୟ କୌଣସି କୋର୍ ଜୋନ୍ ପର୍ଯ୍ୟଟନ ନିମନ୍ତେ ବ୍ୟବହାର ହୋଇନାହିଁ । ତେବେ **ଭାଜମ୍ (ପିଠାବଟା ରେଞ୍ଜ)ରୁ ନିଗିର୍ଦା (ନଓ୍ୱାଣା ଉତ୍ତର ରେଞ୍ଜ)** ପର୍ଯ୍ୟନ୍ତ ୧୮ କିଲୋମିଟର, ହଳଦିଆରୁ ଜାମୁଆଣି ଭାୟା ଚହଲା (ଚହଲା ରେଞ୍ଜ) ୧୫ କିଲୋମିଟର ଏବଂ **କାଳିକାପ୍ରସାଦ ଗେଟ୍ (ଯଶୀପୁର ଜାତୀୟ ଉଦ୍ୟାନ ରେଞ୍ଜ)** ପାଖରୁ ୫ କିଲୋମିଟର ରାସ୍ତା ଶିମିଳିପାଳ ଜୈବମଣ୍ଡଳର କୋର୍ ଏରିଆ ମଧ୍ୟରେ ଆସୁଛି । ଅତଏବ ଶିମିଳିପାଳ କୋର୍ ଏରିଆ ମଧ୍ୟରୁ ମୋଟ ୩୮ କିଲୋମିଟର ରାସ୍ତା ପର୍ଯ୍ୟଟନ ନିମନ୍ତେ ବ୍ୟବହାର ହୋଇ ଆସୁଛି । ସୂଚନାଯୋଗ୍ୟ, ଶିମିଳିପାଳ କୋର୍ ଜୋନ୍‌ରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ବ୍ୟବହାର ନିମନ୍ତେ ମୋଟ ୬୦୦ କିଲୋମିଟର ରାସ୍ତା ରହିଛି ।

ଶିମିଳିପାଳ ପର୍ଯ୍ୟଟନ ପଥ

(Tourist Routes)

ଶିମିଳିପାଳ ଜୈବମଣ୍ଡଳ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ବିଶେଷକରି ୩ଟି ଗେଟ୍ କାର୍ଯ୍ୟ କରିଥାଏ । ଏହି ୩ଟି ଗେଟ୍ ହେଉଛି-

୧. ପିଠାବଟା (ପିଠାବଟା ରେଞ୍ଜ)

୨. ତୁଳସୀବଣି (ମଣଦା ରେଞ୍ଜ)

୩. କାଳିଆଣି (ଯଶୀପୁର ଜାତୀୟ ଉଦ୍ୟାନ ରେଞ୍ଜ)

ଶିମିଳିପାଳ ଜୈବମଣ୍ଡଳ ମଧ୍ୟକୁ ପ୍ରବେଶ ପୂର୍ବରୁ ପିଠାବଟା କିମ୍ବା ଯଶୀପୁର ଜାତୀୟ ଉଦ୍ୟାନ ରେଞ୍ଜ ଅଫିସରୁ ଯାତ୍ରୀମାନେ ନିଜର ଓ ଯାନର ପ୍ରମାଣପତ୍ର ଉପସ୍ଥାପନ କରି ପ୍ରବେଶ ପାଇଁ ଅନୁମତିପତ୍ର ସଂଗ୍ରହ କରିବେ । ଯାତ୍ରୀମାନେ କେବଳ ପିଠାବଟା ଓ କାଳିଆଣି ଗେଟ୍ ଦେଇ ପ୍ରବେଶ

Digitized by srujanika@gmail.com

କରିପାରିବେ, ମାତ୍ର ପିଠାବଟା, କାଳିଆଣି ସମେତ ତୁଳସୀବଣି ଗେଟ୍ ଦେଇ ପ୍ରସ୍ଥାନ କରିପାରିବେ । ତୁଳସୀବଣି ଗେଟ୍ ଦେଇ ପ୍ରବେଶର ସୁବିଧା ନାହିଁ ।

ଯଦି ପର୍ଯ୍ୟଟକମାନେ ବାରିପଦାପଟୁ ପିଠାବଟା ରେଞ୍ଜ ଅଫିସ ଅନ୍ତର୍ଗତ ପିଠାବଟା ଗେଟ୍ ଦେଇ ଶିମିଳିପାଳ ମଧ୍ୟକୁ ପ୍ରବେଶ କରିବେ ତେବେ ସେମାନେ ତୁଳସୀବଣି (ମଣଦା ରେଞ୍ଜ) କିମ୍ବା କାଳିଆଣି ଗେଟ୍ (ଯଶୀପୁର ଜାତୀୟ ଉଦ୍ୟାନ ରେଞ୍ଜ) ଦେଇ ପ୍ରସ୍ଥାନ କରିବେ । ଯଦି ପର୍ଯ୍ୟଟକମାନେ ଯଶୀପୁର ରେଞ୍ଜ ଅଫିସ୍ (ଜାତୀୟ ଉଦ୍ୟାନ)ର କାଳିଆଣି ଗେଟ୍ ଦେଇ ପ୍ରବେଶ କରିବେ ସେମାନଙ୍କୁ ତୁଳସୀବଣି କିମ୍ବା ପିଠାବଟା ଗେଟ୍ ଦେଇ ପ୍ରସ୍ଥାନ କରିବାକୁ ହେବ ।

ଯେଉଁ ପର୍ଯ୍ୟଟକମାନେ ଯଶୀପୁର ରେଞ୍ଜ (ଜାତୀୟ ଉଦ୍ୟାନ) ଅନ୍ତର୍ଗତ କାଳିଆଣି ଗେଟ୍ ଦେଇ ଶିମିଳିପାଳକୁ ପ୍ରବେଶ କରିବେ ସେମାନଙ୍କ ପାଇଁ ୩ଟି ପ୍ରମୁଖ ପଥ ରହିଛି । ସେଗୁଡ଼ିକ ହେଲା-

ପଥ-୧ :

ଯଶୀପୁର ଜାତୀୟ ଉଦ୍ୟାନ ରେଞ୍ଜ ଅଫିସରୁ କାଳିଆଣି ଗେଟ୍

କାଳିଆଣି ଗେଟ୍‌ରୁ କାଳିକାପ୍ରସାଦ, ଗୁଡୁଗୁଡ଼ିଆ

ଗୁଡୁଗୁଡ଼ିଆରେ ରହଣି ଓ ପ୍ରାକୃତିକ ଶୋଭା ଉପଭୋଗ

ଯଶୀପୁରରୁ ଗୁଡୁଗୁଡ଼ିଆ ମୋଟ ପଥ- ୨୮ କିଲୋମିଟର

ପଥ-୨ :

ଗୁଡୁଗୁଡ଼ିଆରୁ ଲାଙ୍ଗିଘୋଷରା, ବିଲାପଘା, କୋହ୍ଲା, ଉପ୍ପି, ବରେହିପାଣି

ବରେହିପାଣିରେ ରହଣି ଓ ଜଳପ୍ରପାତ, ପ୍ରାକୃତିକ ଶୋଭା ଉପଭୋଗ

ଗୁଡୁଗୁଡ଼ିଆରୁ ବରେହିପାଣି ମୋଟ ପଥ- ୩୦ କିଲୋମିଟର

ପଥ-୩ :

ବରେହିପାଣିରୁ ବୃନ୍ଦାବନ, ଜାମୁଆଣି, ଚହଲା

ଚହଲାରେ ରହଣି, ଖୁବ୍ ନିକଟରୁ ଜୀବଜନ୍ତୁଙ୍କ ଦର୍ଶନ

ଚହଲାରୁ ବୃନ୍ଦାବନ, ତୁଳସୀବଣି ପ୍ରସ୍ଥାନ ଫାଟକ

ତୁଳସୀବଣି ଫାଟକରୁ ବାହାରିଗଲା ପରେ ଯଶୀପୁରକୁ ଲେଉଟାଣି

ବରେହିପାଣିରୁ ଯଶୀପୁର ମୋଟ ପଥ- ୬୩ କିଲୋମିଟର

ଯେଉଁ ପର୍ଯ୍ୟଟକମାନେ ପିଠାବଟା ରେଞ୍ଜ ଅନ୍ତର୍ଗତ ପିଠାବଟା ଗେଟ୍ ଦେଇ ଶିମିଳିପାଳକୁ ପ୍ରବେଶ କରିବେ ସେମାନଙ୍କ ପାଇଁ ୪ଟି ପ୍ରମୁଖ ପଥ ରହିଛି । ସେଗୁଡ଼ିକ ହେଲା-

ପଥ-୧ :

ପିଠାବଟା ଗେଟ୍‌ରୁ ଲୁଲୁଂ, ଭାଜମ୍, ଖଡ଼କେଇ, ନିଗିର୍ଦା, ନଓ୍ୱାଣା, ଯୋରଣ୍ଡା

Digitized by srujanika@gmail.com

ଯୋରନ୍ଦାରେ ରହଣି ଓ ଜଳପ୍ରପାତ, ପ୍ରାକୃତିକ ଶୋଭା ଉପଭୋଗ

ପିଠାବଟାରୁ ଯୋରନ୍ଦା ମୋଟ ପଥ-୫୮ କିଲୋମିଟର

ପଥ-୨ :

ଯୋରନ୍ଦାରୁ ନଓ୍ୱାଣା, ବରେହିପାଣି

ବରେହିପାଣିରେ ରହଣି ଓ ଜଳପ୍ରପାତ, ପ୍ରାକୃତିକ ଶୋଭା ଉପଭୋଗ

ଯୋରନ୍ଦାରୁ ବରେହିପାଣି ମୋଟ ପଥ-୧୪ କିଲୋମିଟର

ପଥ-୩ :

ବରେହିପାଣିରୁ ମୁକ୍ତାପୁର, ବୃନ୍ଦାବନ, ଚହଲା

ଚହଲାରେ ରହଣି, ଖୁବ୍ ନିକଟରୁ ଜୀବଜନ୍ତୁଙ୍କ ଦର୍ଶନ

ଚହଲାରୁ ବୃନ୍ଦାବନ, ତୁଳସୀବଣି ପ୍ରସ୍ଥାନ ଫାଟକ

ବରେହିପାଣିରୁ ତୁଳସୀବଣି ପ୍ରସ୍ଥାନ ଫାଟକ ମୋଟ ପଥ- ୪୭ କିଲୋମିଟର

ପଥ-୪ :

ବରେହିପାଣିରୁ ଉସ୍କି

ଉସ୍କି ଜଳପ୍ରପାତ ଦର୍ଶନ

ଉସ୍କିରୁ ଗୁଡୁଗୁଡ଼ିଆ

ଗୁଡୁଗୁଡ଼ିଆରେ ରହଣୀ, ହାତୀ ପିଠିରେ ପାହାଡ଼ ଚଢ଼ା

ଗୁଡୁଗୁଡ଼ିଆରୁ ଲାଞ୍ଜିଘୋଷରା, କାଳିଆଣି ପ୍ରସ୍ଥାନ ଫାଟକ

ବରେହିପାଣିରୁ କାଳିଆଣି ପ୍ରସ୍ଥାନ ଫାଟକ ମୋଟ ପଥ-୪୬ କିଲୋମିଟର

ପର୍ଯ୍ୟଟନ ଋତୁରେ ବର୍ଷା ହେଲେ, ପାଗ ପ୍ରତିକୂଳ ରହିଲେ କିମ୍ବା କୌଣସି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେଲେ, ଏହି ପର୍ଯ୍ୟଟନ ପଥରେ ପରିବର୍ତ୍ତନ କିମ୍ବା ସଂକ୍ଷେପ କରିବାର କ୍ଷମତା ଜଙ୍ଗଲ ବିଭାଗର ରହିଛି ।

ଅଠର ଦେଉଳ: ବାଥୁଡ଼ିମାନଙ୍କ ଉପାସନାସ୍ଥଳ

ଶିମିଳିପାଳ କୋର୍ ଏରିଆର ନଓ୍ୱାଣା (ଦକ୍ଷିଣ) ବା ଧୁଡୁଚଂପା ରେଞ୍ଜ ଅଧୀନସ୍ଥ ବକୁଆ ଫରେଷ୍ଟ ସେକ୍ସନ ଅଫିସର ସାମାନ୍ୟ କିଛି ଦୂରରେ ବାଥୁଡ଼ିମାନଙ୍କ ପୂଜିତ ବଡ଼ାମ୍ ଠାକୁରଙ୍କ ପବିତ୍ର ପୀଠ 'ମାନବ ଦେଉଳ' (ଅଠର ଦେଉଳ) ଅବସ୍ଥିତ । ଶିମିଳିପାଳ ଜୈବମଣ୍ଡଳରେ ପ୍ରାକୃତିକ ଗୁମ୍ଫା ମଧ୍ୟରେ ବାଥୁଡ଼ିମାନଙ୍କ ବିଭିନ୍ନ ଦେବଦେବୀ ପୂଜା ପାଉଥା'ନ୍ତି । ଏଠାରେ ଅଠରଟି ମନ୍ଦିର ରହିଛି ବୋଲି ବିଶ୍ୱାସ କରାଯାଏ । ଏ ସମସ୍ତ ମନ୍ଦିର ଓ ଗୁମ୍ଫା ପ୍ରାକୃତିକ । ମାତ୍ର ଏଠାରେ ମାନବକୃତ ଏକ

Digitized by srujanika@gmail.com

ଶିମିଳିପାଳ ଜୈବମଣ୍ଡଳ କୋର୍ ଏରିଆ ମଧ୍ୟରେ ଥିବା ବାଥୁଡ଼ି ଉପାସନା ପୀଠ 'ଅଠର ଦେଉଳ'

ପଥର ମନ୍ଦିର ରହିଛି । ଏହା ପ୍ରାୟ ଭଗ୍ନ ଅବସ୍ଥାରେ । ଏହି ଭଗ୍ନ ଦେଉଳକୁ 'ମାନବ ଦେଉଳ' କୁହାଯାଏ । ଅଠର ଦେଉଳ ଶିମିଳିପାଳର କୋର୍ ଏରିଆ ମଧ୍ୟରେ ରହିଥିବାରୁ ଏଠାକୁ ବିଦେଶୀ ଲୋକମାନଙ୍କୁ ଯାତାୟତ ପାଇଁ ଅନୁମତି ନଥାଏ । କେବଳ ଚୈତ୍ର ମାସ ବେଳକୁ ବାଥୁଡ଼ିମାନେ ସେମାନଙ୍କ ବଡ଼ାମ ପୂଜନ ପାଇଁ ଅନୁମତି ପ୍ରାପ୍ତ ହୋଇଥା'ନ୍ତି ।

ବାଥୁଡ଼ି ସଂପ୍ରଦାୟର ଜନଜାତିର ଲୋକମାନେ ବର୍ଷରେ ଥରେ ଅଠର ଦେଉଳକୁ ଯାଇଥା'ନ୍ତି ।ବିଶେଷକରି ଚୈତ୍ର ମାସରେ ବାଥୁଡ଼ିମାନେ ଅଠର ଦେଉଳ ଯାତ୍ରା କରିଥା'ନ୍ତି । ଅଠର ଦେଉଳ ପୂଜା ପାଇଁ 'ଅଠର ଦେଉଳ'ର ମୁଖ୍ୟ ପୂଜକ (ବଡ଼ାମ ପୀଠର ସେବକ) ବୃନ୍ଦାବନ ମହାପାତ୍ର ତାଙ୍କର ପତ୍ରବାହକ ପାଣିପାତ୍ରଙ୍କ ହାତରେ ପ୍ରତି ବାଥୁଡ଼ି ଗ୍ରାମକୁ ବଡ଼ାମ୍ ଗୁଆ ଓ ନିମନ୍ତ୍ରଣ ପତ୍ର ମାଧ୍ୟମରେ ବାର୍ତ୍ତା ପଠାନ୍ତି । ମହାପାତ୍ରଙ୍କ ନିର୍ଦ୍ଦେଶରେ ପ୍ରତି ଗ୍ରାମରୁ ପୁରୁଷ ଓ ମହିଳା ନିଜର ଚଳିବା ପାଇଁ ଆସବାବପତ୍ର, ପୋଷାକ, ଚାଙ୍ଗୁବାଦ୍ୟ, ଶଙ୍ଖ ସହିତ ପୂଜାସାମଗ୍ରୀ, ତେଲ, ଲୁଣ, ଚାଉଳ, ପନିପରିବା, ଟଙ୍କାପଇସା ଧରି ଅଠର ଦେଉଳକୁ ବାହାରନ୍ତି । ଏହି ସମୟରେ ସୁନା, ରୁପାର ଗହଣା, କାଚ ଚୁଡ଼ି, ଅତର, ପାଉଡର, ସାବୁନ୍ ଲଗାଇବା ବାରଣ ହୋଇଥାଏ । ସେହିଭଳି ଛୋଟ ପିଲାମାନଙ୍କୁ ଅଠର ଦେଉଳ ଯିବାକୁ ମନା ହୋଇଥାଏ ।

ଅଠର ଦେଉଳ ଯାତ୍ରା ୧୦ ଦିନ ଧରି ଚାଲେ । ଶ୍ୱେତବସ୍ତ୍ର ପରିଧାନ କରି ହାତରେ ଚାଙ୍ଗୁ ବଜାଇ ନାଲି ନେତ ଉଡ଼ାଇ ଜୟ ବଡ଼ାମ୍ ଧ୍ୱନି ଦେଇ ହଜାର ହଜାର ସଂଖ୍ୟାରେ ବାଥୁଡ଼ି ଅଠର ଦେଉଳ ଅଭିମୁଖେ ଯାତ୍ରା କରନ୍ତି । ପ୍ରଥମେ ଶିମିଳିପାଳ ପାଦଦେଶ ବଣିଆବସା/ରାଣୀଭୋଳ

Digitized by srujanika@gmail.com

ନିକଟରେ ଥିବା ମା' ଦୁଆରଶୁଣୀଙ୍କ ପୂଜାର୍ଚ୍ଚନା ସାରି ଚାରି ଦିଗରୁ ଆସିଥିବା ବଡ଼ାମ ଭକ୍ତ, ପୂଜକଙ୍କୁ ସାଙ୍ଗରେ ନେଇ ମୁଖ୍ୟ ପୂଜକ 'ମହାପାତ୍ର' ଅଠର ଦେଉଳରେ ପ୍ରବେଶ କରନ୍ତି । ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାଥୁଡ଼ିମାନେ ଚୈତ୍ର ମାସରେ ଅଠର ଦେଉଳ ଯାତ୍ରା କରିଥା'ନ୍ତି । ପରଦିନ ବାଥୁଡ଼ିଭକ୍ତମାନେ ଗଣେଶ୍ୱରଗଡ଼ରେ ଗଣେଶଙ୍କୁ ପୂଜା କରନ୍ତି । ପରଦିନ ଗଡ଼ଚଣ୍ଡୀ (ଗଡ଼ଶିମିଳିପାଳ)ରେ ପୂଜା ସାରି ସେଠାରେ ରାତିରେ ରହନ୍ତି । ଏହାପରେ କ୍ରମାନ୍ୱୟରେ ଢୋରଦା (ଢାଉରଦ୍ଧା)ରେ ନୀଳମାଧବ ଉପାସନା, ବରେହିପାଣି (ସନ୍ଧାରଧାର)ରେ ବାରଭାଇ ସନ୍ଧାର ଓ ଅନନ୍ତବାସୁକୀ ଉପାସନା ପରେ ଲେମ୍ବୁଗଡ଼ାର ମାନବ ଦେଉଳରେ ପହଞ୍ଚନ୍ତି । ମାନବ ଦେଉଳରେ ବାହୁବଳି, ବାଉଳି ଠାକୁରାଣୀ, ବଡ଼ାମ୍ ଉପାସନା କରାଯାଏ ଏବଂ ଏଠାରେ ପ୍ରାୟ ୫ ଦିନ ଧରି ରାତ୍ରୀରହଣି କରାଯାଏ ।

ମାନବ ଦେଉଳରେ ପହଞ୍ଚିବା ପରେ ବାଥୁଡ଼ିମାନେ ପ୍ରଥମେ ମନ୍ଦିର ଓ ନିଜନିଜକୁ ସଂସ୍କାର କରନ୍ତି । ଭକ୍ତମାନେ କ୍ଷୌର ହେବା ସାଙ୍ଗକୁ ନଖ କାଟି ନିକଟସ୍ଥ ଉଦ୍ଧବଶିଳାରେ ନିଜ ଶରୀରକୁ ଘର୍ଷଣ କରନ୍ତି ଏବଂ ଏହାପରେ ନିକଟସ୍ଥ ରୋହିଣୀକୁଣ୍ଡରେ ସ୍ନାନ ସାରି ନିଜକୁ ସଂସ୍କାର କରନ୍ତି । ମନ୍ଦିର ସମ୍ମୁଖକୁ ଗୋବରରେ ଲେପନ କରି ଭୂମି ସଂସ୍କାର କରନ୍ତି ।

ମାନବ ଦେଉଳ ନିକଟରେ ସହସ୍ରାଧିକ ବାଥୁଡ଼ି ଭକ୍ତ ଅସ୍ଥାୟୀ ତମ୍ବୁ ନିର୍ମାଣ କରି ରାତିରେ ରହନ୍ତି । ଏହି ଅବସରରେ ସେମାନେ ମାନବ ଦେଉଳର କିଛି ବାଟ ପାହାଡ଼ର ଉପରେ ଥିବା ଈଶ୍ୱର ଦେଉଳରେ ଈଶ୍ୱର (ମହାଦେବ) ଉପାସନା, ଲକ୍ଷ୍ମୀଦେଉଳରେ ଲକ୍ଷ୍ମୀ ଉପାସନା, ବଡ଼

ବାଥୁଡ଼ିମାନଙ୍କ ଅଠର ଦେଉଳ ଯାତ୍ରା

Digitized by srujanika@gmail.com

ଦେଉଳରେ ଜଗନ୍ନାଥ, ବଳଭଦ୍ର (ବଡ଼ାମ୍) ଉପାସନା କରନ୍ତି । ଶେଷ ଦିନ ମାନବ ଦେଉଳରେ ମେଢ଼ପୂଜାରେ ମା' ବନଦୁର୍ଗାଙ୍କ ନିକଟରେ ବହୁ ସଂଖ୍ୟାରେ ପଶୁପକ୍ଷୀଙ୍କୁ ବଳି ଚଢ଼ାଯାଏ । ଏହାକୁ ବଡ଼ପୂଜା ମଧ୍ୟ କୁହାଯାଇଥାଏ । ବାଥୁଡ଼ିମାନଙ୍କ ଅଠର ଦେଉଳ ଉପାସନା ମଧ୍ୟରେ ମକାବାଡ଼ିର ଶାରଳା ଠାକୁରାଣୀ, ଷଣ୍ଢଜଟାର ମହାଦେବ ବୈଦ୍ୟନାଥ, ଛତ୍ରୀ ମହାବୀର ହନୁମାନ, ଢେନାବିଲର ବିଷ୍ଣୁ ଦେଉଳ, ଅଲକୁଦର ରାମରାଜା ପାହାଡ଼ରେ ରାମ ଉପାସନା, ବିସିପୁରର ସାହାଡ଼ା ସୁନ୍ଦରୀ (ଶକ୍ତି ଉପାସନା), ଦେବକୁଣ୍ଡର ମା' ବିରାଟପାଟ ଠାକୁରାଣୀ (ଶକ୍ତି ଉପାସନା) ଆଦି ଅନ୍ତର୍ଭୁକ୍ତ ।

ବାଥୁଡ଼ିମାନଙ୍କର ଏହି ଅଠର ଦେଉଳ ଯାତ୍ରା ସମୟରେ ଦୁଆରଶୁଣୀ (ରାଣୀଭୋଳ)ଠାରୁ ଆରମ୍ଭ କରି ଜଡ଼ିଧର, ଚନ୍ଦନପେଡ଼ି, ବୁଢ଼ିଘର ମଠ, ଗଡ଼ଶିମିଳିପାଳ ଏବଂ ମାନବଦେଉଳ ଆଦି ସ୍ଥାନମାନଙ୍କରେ ଭକ୍ତମାନେ ରାତ୍ରୀଯାପନ କରନ୍ତି ।

ଶିମିଳିପାଳ ଜଙ୍ଗଲ ମଧ୍ୟରେ ଥିବା ବିଷ୍ଣୁ ମନ୍ଦିର (ଢେନାବିଲ), ଲେମ୍ବୁଗଡ଼ାସ୍ଥିତ ମାନବ ଦେଉଳର ବାହୁବଳୀ ଠାକୁରାଣୀ, ବାଉଳୀ ଠାକୁରାଣୀ, ଉଦ୍ଧବଶିଳା, ରୋହିଣୀକୁଣ୍ଡ, ଯମୁନା-ବାରଦଣ୍ଡା (ନଦୀ ଠାକୁରାଣୀ), ଗୁପ୍ତ ବୃନ୍ଦାବନ, ବାଥୁଳି ଚାରା ଉପାସନା, ଗଣେଶ୍ୱରଗଡ଼, ଚଂପାଘାଟି ଦୁଧିଆଣୀ (ଠାକୁରାଣୀ), ଶିମୁଳିଆଗଡ଼ର ଗଡ଼ଚଣ୍ଡୀ, ଛତ୍ରୀ ମହାବୀର, ଲକ୍ଷ୍ମଣ ଭଣ୍ଡାର, ଈଶ୍ୱର ଦେଉଳ, ବଡ଼ ଦେଉଳ, ନିଝାଗୀ ବଡ଼ାମ୍ (ରାଣୀଭୋଳ), ବାରଭାଇ, ସନ୍ଧାରଧାର (ବରେହିପାଣି), ଅନନ୍ତ ବାସୁକୀ, ପାର୍ବତୀ ଦେଉଳ (ସାତ କୋଠରୀ ବିଶିଷ୍ଟ ଗୁମ୍ଫାରେ ପୂଜିତ ଠାକୁରାଣୀ), ଅମ୍ବିକା ଦେଉଳ (ତିନି କୋଠରୀ ବିଶିଷ୍ଟ ଗୁମ୍ଫାରେ ପୂଜିତ ଠାକୁରାଣୀ), ଜାଉରନ୍ଧା (ଯୋରନ୍ଦା)ର ନୀଳମାଧବ, ଅସୁରିଆ ହାଡ଼, ରାମରାଜା ପାହାଡ଼ (ଭଲୁକୁ କୁଦର/ଅଲକୁଦର), ସାହାଡ଼ା ସୁନ୍ଦରୀ (ବିଶିପୁର), ରଘୁନାଥ ମଠ (ଯଶୀପୁର), ବଡ଼ାମ-ବଡ଼ାମଣୀ (ସାହାଣଦେଇ) ଠାକୁର ଠାକୁରାଣୀ ବାଥୁଡ଼ିମାନଙ୍କର 'ଅଠର ଦେଉଳ ଉପାସନା'ର ଅନ୍ତର୍ଭୁକ୍ତ ହୋଇଥାଏ ।

ମାନବ ଦେଉଳରେ ପତ୍ରକୁଡ଼ିଆ କରି ମନ୍ଦିର ବେଢ଼ା ସଫା କରି ଭଣ୍ଡାରୀ ପାଖରେ ଶୌଚ ହୋଇ ଗୋମୟ ପାନ କରି ରୋହିଣୀ କୁଣ୍ଡରେ ସ୍ନାନ କରି ମେଘନାଦ ପୋଖରୀରୁ ଜଳ ଆଣି ଚାଙ୍ଗୁ ଖଳା ପ୍ରସ୍ତୁତ କରାଯାଏ । ଏହାପରେ ଚାଙ୍ଗୁ ଖଳାରେ ଝୋଟିଚିତା ପକାଯାଏ । ଉଦ୍ଧବ ଶିଳାରେ ଅଙ୍ଗମର୍ଦ୍ଦନ କରି ଝୁଣାଧୂପରେ ଦେହକୁ ଶୁଦ୍ଧପବିତ୍ର କରାଯାଏ । ଦିନରେ ବଡ଼ାମ୍ ପୂଜା ସହିତ ପ୍ରସାଦ ସେବ କରାଯାଏ । ରାତିରେ ଉପବାସ ରହନ୍ତି । ରାତିତମାମ୍ ଚାଙ୍ଗୁ ଖଳାରେ ଚାଙ୍ଗୁ ନୃତ୍ୟ ପରିବେଷଣ କରାଯାଏ ।

ବାଥୁଡ଼ି ପୁରୁଷମାନେ ଧଳା ଗଞ୍ଜି ଓ ଧୋତି ଏବଂ ମହିଳାମାନେ ଧଳା ଶାଢ଼ି ଓ ନାଲି ବ୍ଲାଉଜ ପିନ୍ଧି ମୁଣ୍ଡରେ ଓଢ଼ଣା ଦେଇ ନଇଁ ନଇଁ ନାଚିଥା'ନ୍ତି । ଶିମିଳିପାଳ ଜଙ୍ଗଲ ମଧ୍ୟରେ ରାତିର ଘନ

Digitized by srujanika@gmail.com

ବାଥୁଡ଼ିମାନଙ୍କ ଅଠର ଦେଉଳ ଯାତ୍ରା

Digitized by srujanika@gmail.com

ଅନ୍ଧାରକୁ ଦୂର କରିବା ପାଇଁ ନିଆଁ ଧୁନି ଜଳାଯାଇଥାଏ । ହୋମ ଯଜ୍ଞ କରାଯାଏ । ନୂଆ ଆଟିକାରେ ଅରୁଆ ଖିରି ରନ୍ଧାଯାଇ ମେଢ ପୂଜା ହୁଏ । ଶେଷ ଦିନ ପାର୍ଶ୍ୱଦେବତାଙ୍କ ପାଖରେ ବୋଦା ଓ କୁକୁଡ଼ା ବଳି ଭୋଗ ଲାଗି ହୋଇଥାଏ ।

ପ୍ରତିବର୍ଷ ଚୈତ୍ର ମାସରେ ଶିମିଳିପାଳର ଆଦି ତୀର୍ଥ ବଡ଼ାମ୍ ପୀଠ ଅଠର ଦେଉଳରେ ବାଥୁଡ଼ିମାନେ ସମବେତ ହୋଇଥାନ୍ତି । ନୀଳମାଧବଙ୍କୁ ଏହିଠାରୁ ଅନ୍ୟତ୍ର ନିଆଯାଇଥିବାରୁ ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମ (ବଡ଼ାମ୍) ଏଠାରେ ରହିଯାଇଛନ୍ତି ଏବଂ ତାଙ୍କୁ ଏଠାରେ ଗୁପ୍ତ ଭାବେ ପୂଜା କରାଯାଇ ଆସୁଛି ବୋଲି ବାଥୁଡ଼ିମାନେ ବିଶ୍ୱାସ କରନ୍ତି । ଦୀର୍ଘ ଦଶଦିନ ଧରି ଅଠର ଦେଉଳ ଯାତ୍ରା ସାରି ବଡ଼ାମ୍‌କୁଳିଆମାନେ ନିଜନିଜର ଗାଁକୁ ଫେରନ୍ତି । ଗ୍ରାମର କୁଳବଧୂମାନେ ହଳଦି ପାଣିରେ ପାଦ ଧୋଇଦେଇ ଛୋଟ ପଥରଖଣ୍ଡ ଗ୍ରାମର ବଡ଼ାମ ଶାଳରେ ରଖନ୍ତି । ଅଠର ଦେଉଳ ଯାତ୍ରା ପରେ ବଡ଼ାମଙ୍କ ମୁଖ୍ୟପର୍ବ ଡାଳିପୂଜା ଆରମ୍ଭ ହୋଇଥାଏ । ପ୍ରତି ବାଥୁଡ଼ି ଗାଁର ପରିଚୟ କୁହାଯାଉଥିବା ବଡ଼ାମ ଶାଳରେ ମହା ଆଡ଼ମ୍ବରରେ ତିନି ଦିନ ଧରି ଡାଳିପୂଜା (ଆମ୍ବ ନୂଆଖିଆ) ପାଳନ କରାଯାଏ । ନଅ ପ୍ରକାର ଡାଳ ଓ ପାଞ୍ଚ ପ୍ରକାର ନୂଆ ଫଳମୂଳ ଠାକୁରଙ୍କୁ ଅର୍ପଣ କଲାପରେ ବାଥୁଡ଼ିମାନେ ଭକ୍ଷଣ କରନ୍ତି ।

କରଞ୍ଜିଆଠାରୁ ଆନନ୍ଦପୁର ରାସ୍ତାରେ ୨୦ କିଲୋମିଟର ଗଲେ କେନ୍ଦୁମୁଣ୍ଡି ପଡ଼େ । କେନ୍ଦୁମୁଣ୍ଡିର ଦକ୍ଷିଣକୁ ୩ କିଲୋମିଟର ଦୂରରେ ଅବସ୍ଥିତ ବିଶିପୁର । ଏଠାରେ ହିଁ ଅଠର ଦେଉଳ ଅବସ୍ଥିତ । ଅଠର ଦେଉଳକୁ ଯଶୀପୁରର ଗୁଡୁଗୁଡିଆ ଦେଇ ମଧ୍ୟ ବାଟ ରହିଛି ।

ବାଥୁଡ଼ି ଜନଜାତିଙ୍କ ଏହି ଉପାସନାସ୍ଥଳୀ 'ଅଠର ଦେଉଳ' ଶିମିଳିପାଳ ଜୈବମଣ୍ଡଳର କୋର୍ ଏରିଆ ମଧ୍ୟରେ ଅବସ୍ଥିତ । ଅଠର ଦେଉଳରେ ବଡ଼ାମ୍ ଠାକୁରଙ୍କ ସମେତ ବାଥୁଡ଼ିମାନଙ୍କ ଅନ୍ୟାନ୍ୟ ଦେବଦେବୀ ଅବସ୍ଥାନ କରିଥାନ୍ତି ।

ଶିମିଳିପାଳ ଜୈବମଣ୍ଡଳର ଜୈବବିବିଧତା

ଶିମିଳିପାଳ ଜାତୀୟ ଉଦ୍ୟାନଟି ନାନା ପ୍ରଜାତିର ପ୍ରାଣୀଙ୍କ ପ୍ରାକୃତିକ ଆବାସସ୍ଥଳୀ ଭାବେ ସମଗ୍ର ଓଡ଼ିଶାରେ ଖୁବ୍ ପରିଚିତ । ଏଠାରେ **୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ** *(Mammals)*, **୩୬୧ ପ୍ରଜାତିର ପକ୍ଷୀ** *(Birds)* ଏବଂ **୬୨ ପ୍ରଜାତିର ସରୀସୃପ** *(Reptiles)* ଏବଂ **୨୧ ପ୍ରକାର ପ୍ରଜାତିର ଉଭୟଚର** *(Amphibia)* ଦେଖିବାକୁ ମିଳିଥା'ନ୍ତି । ଏହା ସାଙ୍ଗକୁ ଶିମିଳିପାଳ ଜୈବମଣ୍ଡଳରେ ବହୁ ପ୍ରଜାତିର କୀଟପତଙ୍ଗ ଓ ଅମେରୁଦଣ୍ଡୀ ପ୍ରାଣୀ ଦେଖିବାକୁ ମିଳନ୍ତି ।

ଶିମିଳିପାଳ ଜାତୀୟ ପ୍ରାଣୀ ଉଦ୍ୟାନରେ ଦେଖାଯାଉଥିବା ପ୍ରମୁଖ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ବାଘ, ଚିତାବାଘ, ସିଂହ, ହାତୀ, ସମ୍ବର, ହରିଣ, ଚିତ୍ରାହରିଣ, ଗୟଳ, ବାର୍ହା, ଜଙ୍ଗଲୀ ବିଲେଇ,

Digitized by srujanika@gmail.com

ବିଲୁଆ, ଗଧିଆ, ନୀଳଗାଈ ଏବଂ ଲାଲ୍ ବଣ କୁକୁଡ଼ା, ମୟୂର, ପାହାଡିଆ ବଣି, ଶୁଆ, ଈଗଲ, ହର୍ଣ୍ଣବିଲ୍, କପୋତ ଭଳି ବହୁ ପ୍ରକାର ପକ୍ଷୀ ଦେଖିବାକୁ ମିଳନ୍ତି । ନାନା ପ୍ରଜାତିର ବିଷଧର ସାପ, କଇଁଛ, କୁମ୍ଭୀର, ଗୋଧି ଆଦି ସରୀସୃପ ଶିମିଳିପାଳ ଜାତୀୟ ଉଦ୍ୟାନର ଶୋଭା ବଢାଇଥା'ନ୍ତି ।

ଶିମିଳିପାଳ ଜାତୀୟ ଉଦ୍ୟାନରେ **୧୩୫୨ ପ୍ରଜାତିର ଉଦ୍ଭିଦ** (ବୃକ୍ଷ, ଗୁଳ୍ମ, ଲଟା, ମୂଳ ଜାତୀୟ ଉଦ୍ଭିଦ) ଦେଖିବାକୁ ମିଳିଥାଏ । ଏହି ଜଙ୍ଗଲର ଅଧିକାଂଶ ଉଦ୍ଭିଦ ଚିରହରିତ୍ ଏବଂ ଆଂଶିକ ବୃକ୍ଷଲତା ପତ୍ରଝଡ଼ା ଦେଇଥା'ନ୍ତି । ଶାଳ ହେଉଛି ଶିମିଳିପାଳ ଜଙ୍ଗଲର ପ୍ରମୁଖ ଉଦ୍ଭିଦ । ଏଠାରେ ଥିବା ଘଞ୍ଚ ଶାଳ ଜଙ୍ଗଲ, ମାଳମାଳ ପାହାଡ, ଝରଣା ଓ ଜୀବଜନ୍ତୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମନ ମୋହିଥାଏ । ଶିମିଳିପାଳର ବିଶାଳ କ୍ରାନ୍ତିମଣ୍ଡଳୀୟ 'ତୃଣଭୂମି' *(Savannah)* ତୃଣଭୋଜୀ ପ୍ରାଣୀଙ୍କ ସ୍ୱର୍ଗ ଭାବେ ପରିଚିତ । ଶିମିଳିପାଳ ଜାତୀୟ ଉଦ୍ୟାନଟି **'ଅର୍କିଡ୍'** ପାଇଁ ସମଗ୍ର ଦେଶରେ ବେଶ୍ ପ୍ରସିଦ୍ଧିଲାଭ କରିଛି । ଏଠାରେ **୯୪ ପ୍ରଜାତିର 'ଅର୍କିଡ୍'** *(Orchid)* ଦେଖିବାକୁ ମିଳିଥାଏ । ଏହା ସହିତ ଶିମିଳିପାଳ ଜଙ୍ଗଲଟି ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷର ଭଣ୍ଡାର ଭାବେ ନିଜର ଏକ ନିଆର ପରିଚୟ ସୃଷ୍ଟି କରିପାରିଛି ।

ଶିମିଳିପାଳ ଜୈବମଣ୍ଡଳରେ ଦେଖାଯାଉଥିବା କିଛି ବୃକ୍ଷ (ବୃକ୍ଷ, ଲତା, ଗୁଳ୍ମ)ମାନଙ୍କର ତାଲିକା ନିମ୍ନରେ ଦିଆଗଲା-

୧. ଜବାଙ୍ଗ : ଆମ୍ବଡ଼ା ଗଛ ଭଳି ଏକ ଗଛ ଯାହାର ଗଣ୍ଡିରୁ ସବୁବେଳେ ଅଠା ଝରୁଥାଏ ।

୨. ସାନନ୍ଦ : କରଞ୍ଜ ଗଛ

୩. ଶିଂଶୁପା : ଶିଶୁ ଗଛ

୪. ସାରଣ : ଆମ୍ବଡ଼ା ଗଛ

୫. ଗନ୍ଧଗୁହାରିଆ : ବିଟଖଇର ଗଛ

୬. କିଂଶୁକ : ପଳାସ

୭. ସାହାଜ : ଅସନ କାଠ ଶ୍ରେଣୀର ଏକ ଜଙ୍ଗଲୀ ଗଛ

୮. ଧାମଣା : ଝାମଣା ଗଛ

୯. ସୋମସାର : ବବୁଲ ଗଛ

୧୦. ସୁନାଳକ : ଅଗସ୍ତ୍ୟ ବୃକ୍ଷ

୧୧. ସ୍ନିଗ୍ଧା : ବଇଁଚ ଗଛ

୧୨. ସୁଆମ : କୁଟଶାଲ୍ମଳୀ ଗଛ

Digitized by srujanika@gmail.com

୧୩. ପାଟଳି : ସୁଗନ୍ଧ ପୁଷ୍ପଯୁକ୍ତ ଗୁଳ୍ମଜାତୀୟ ବୃକ୍ଷ

୧୪. ସିନ୍ଧ : କରବୀର

୧୫. ସ୍ଥଳଚଂପା : ଧଳା ଚଂପା

୧୬. ମହାଜାମୁ : ରାଜଜାମୁ ଗଛ

୧୭. ଜିଙ୍ଗିନି : କାଣିମୂଳା ଗଛ

୧୮. ହିଞ୍ଜଳ : ଜାମୁଜାତୀୟ ବୃକ୍ଷ

୧୯. ଦାରୁ ହରିଦ୍ରା : ଡାଳି ହଳଦି ଗଛ

୨୦. ପର୍ବତ କାଉଁରିଆ

୨୧. ପାପଡ଼ା : ଧଳା-ହଳଦି ରଙ୍ଗର କାଠଯୁକ୍ତ ଏକ ଜଙ୍ଗଲୀ ଗଛ

୨୨. ପିଲୁ : ଭୂଇଁଜାମୁ

୨୩. ନାଗପତ୍ରୀ : ଲକ୍ଷଣା ଗଛ

୨୪. ନାହାଳ

୨୫. ଜୟନ୍ତୀ : ଧଣିଚା

୨୬. ସାର : ଖଇର ବୃକ୍ଷ

୨୭. ଭଦଭଦଳିଆ : ଏକ ବନ୍ୟବୃକ୍ଷ ଯାହାର ଫଳ ଶିବଲିଙ୍ଗ ଭଳି ଦେଖିବାକୁ

୨୮. ସୁପୁଷ୍ପା : ତୁତ୍ କୋଳି ଗଛ

୨୯. ଗଙ୍ଗଶିଉଳି : ଶିଙ୍ଗାରହାର

୩୦. କୁଚିଳା : କେନ୍ଦୁଜାତୀୟ ବନ୍ୟବୃକ୍ଷ । ଏହା ଏକ ଔଷଧୀୟ ବୃକ୍ଷ ।

୩୧. କୁସୁମ : ଏହା ଏକ ବୃହତ୍ ବନ୍ୟବୃକ୍ଷ । ଏ ଗଛରେ ଲାକ୍ଷା କୀଟ ଜନ୍ମ ହୋଇଥା'ନ୍ତି ।

୩୨. କଣ୍ଟି : କୃଷ୍ଣଚୂଡ଼ାବର୍ଗର କଣ୍ଟାଜାତୀୟ ବୃକ୍ଷ

୩୩. କଳିଦ୍ରୁମ : ବାହାଡ଼ା

୩୪. ଘରଞ୍ଜି

୩୫. ଘଣ୍ଟପାଟଳି : ଏକପ୍ରକାରର ପାଟଳି ବୃକ୍ଷ । ଏହାର ଫଳଗୁଡ଼ିକ ଦେଖିବାକୁ ବଳଦ ବେକରେ ବନ୍ଧାଯାଉଥିବା ଘଣ୍ଟି ଆକୃତିର ।

୩୬. ହରିସ୍ୱାଣ : ଆତ ଗଛ ଭଳି ଏକ ବନ୍ୟବୃକ୍ଷ । ଏହାର ପତ୍ରରେ ଟାଣୁଆ ଲୋମ ଥିବାରୁ ଏହାର ପତ୍ରକୁ ହାତୀ ଦାନ୍ତରେ ଘସି ମସୃଣ କରାଯାଏ ।

୩୭. କୁଂଭ : ସଂସାର ବୈରାଗୀ ସାଧୁମାନେ ଏହି ଗଛର ଛାଲକୁ ବସ୍ତ୍ର (କୌପୀନ)

Digitized by srujanika@gmail.com

ଭାବେ ବ୍ୟବହାର କରିଥା'ନ୍ତି ।

୩୮. କୁଆଡରି : ବରଗଛ ଜାତୀୟ ବୃହତ୍ତ ବୃକ୍ଷ

୩୯. ସୁନିର୍ଯ୍ୟାସା : ଶିମୁଳି ଜାତୀୟ ବନ୍ୟବୃକ୍ଷ

୪୦. ସୁରତରୁ : ଦେବଦାରୁ

୪୧. ପୋଇଚାନ୍ଦିଆ : ଏହି ଗଛର ଫଳରୁ ତେଲ ବାହାରେ

୪୨. ହାତୀଅଂକୁଶା : ହାତୀଆବାଙ୍କ ଗଛ

୪୩. ତିନିଶ : ବାନ୍ଧଣ ଗଛ

୪୪. ମହାପିଣ୍ଡି : ମୟଣ ଫଳ ଗଛ

୪୫. କତକ : ନିର୍ମଳା ଗଛ । ଏହି ଗଛର ଫଳକୁ କାଦୁଅ ପାଣିରେ ପକାଇଲେ ଜଳ ନିର୍ମଳ (ବିଶୁଦ୍ଧ) ହୋଇଥାଏ ।

୪୬. ବଜ୍ରବାଟୁଳି : ଏକ ବନ୍ୟବୃକ୍ଷ । ଏହା ଏକ କୀଟନାଶକ ବୃକ୍ଷ ।

୪୭. ଜିଅଳ : କାଶୀମୂଳା

୪୮. ପିଣ୍ଡାଳ : ଜଦାଖାଇ ଗଛ

୪୯. ଶୀତମଞ୍ଜରୀ : ଶେଫାଳି ଗଛ

୫୦. ଘଣ୍ଟାକର୍ଣ୍ଣ : ଘଣ୍ଟପାଟଳି ଗଛ

୫୧. ଶ୍ୱେତରୋହିତ : ଧଳାସୁଆମ ଗଛ

୫୨. ତୁଂବାଲୁ : ଚର୍ମକଷା ଗଛ

୫୩. ଭୂଇଁ କଇଥ : ଏକ ପ୍ରକାର ଔଷଧୀୟ ବନ୍ୟବୃକ୍ଷ

୫୪. କପିତନ : ପାରିଷ ବା ଫାରସାକୋଳି ଗଛ

୫୫. ମଣ୍ଡା : ମଣ୍ଡା କାଇଁଚ ଗଛ

୫୬. ଭେରୁଆଁ : ଭେରୁ-ନିମ୍ବଜାତୀୟ ବୃକ୍ଷ

୫୭. ଗୁଆଁଳ : ପଳାଶ ପତ୍ର ଭଳି ଛୋଟପତ୍ରଯୁକ୍ତ ଏକ ମଧ୍ୟମ ଆକୃତିର ଗଛ

୫୮. କଣ୍ଟକ-ପଳାସ : କଣ୍ଟାପଳାସ ଗଛ

୫୯. କଟୁକପାଳୀ : କଣ୍ଟେଇକୋଳି ଗଛ

୬୦. ନାଡ଼ିହିଙ୍ଗୁ : ବଣହିଙ୍ଗୁ

୬୧. ସାତଳା : ଦେଉଳିଆ ସିଝୁ

୬୨. ସୁଧାଖଡ଼ି : କାଠିସିଝୁ

Digitized by srujanika@gmail.com

୬୩. କାଠ କଦଳୀ : ଏକ ପ୍ରକାର ବନ୍ୟ କଦଳୀ । ଏଥିରେ ମଞ୍ଜି ଥାଏ ।

୬୪. ସୁପୁଷ୍କରା : ସ୍ଥଳପଦ୍ମ

୬୫. ବଣବେଲ

୬୬. ମହେନ୍ଦ୍ରବାରୁଣୀ : ଏକ ଲଟାଜାତୀୟ ଉଦ୍ଭିଦ । ଏହା ମହାକାଳ ଲଟା ଭାବେ ପରିଚିତ ।

୬୭. ଜୀବନ୍ତି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ଲଟାରୁ ଦୁଧ ଭଳି ରସ ବାହାରେ ।

୬୮. ତଙ୍କାରି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ଔଷଧୀୟ ଗୁଣ ରହିଛି ।

୬୯. ନାଗଦନ୍ତି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ବିଛୁଆତି ବା ନାଗଦନ୍ତିକା ଭାବେ ପରିଚିତ ।

୭୦. କୁଆମଇତା : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ଲଟା ପୋଟଳ ଲଟା ଭଳି ।

୭୧. ଶିଆଳି : ଏହା ଏକ ବୃହତ୍ତ ବନ୍ୟଲତା । ଏହାର ପତ୍ରରୁ ଖଲି ଓ ଦନା ଏବଂ ଛାଲିରୁ ଦଉଡ଼ି ପ୍ରସ୍ତୁତ ହୋଇଥାଏ ।

୭୨. ସୁଆଁଲଇ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ସୋମଲତା ବା ସୋମବଲ୍ଲୀ ଭାବେ ପରିଚିତ । ପୂର୍ବକାଳରେ ମୁନିଋଷିମାନେ ଯଜ୍ଞରେ ଏହି ଲତାର ରସକୁ ପାନ କରୁଥିଲେ । ଏହା ଦ୍ୱାରା ନିଶା ହେଉଥିଲା । ପ୍ରବାଦ ଅଛି, ଚନ୍ଦ୍ରପକ୍ଷ ଅନୁଯାୟୀ, ଏ ଲତାରେ ୧୫ଟି ପତ୍ର ଥାଏ । ଚନ୍ଦ୍ରକଳା ବୃଦ୍ଧି ହେଲେ ପତ୍ର ବାହାରେ । ଚନ୍ଦ୍ରକଳା କ୍ଷୟ ହେଲେ ୧୫ ଦିନରେ ୧୫ଟି ପତ୍ର ଝରିପଡ଼େ ।

୭୩. ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ମଞ୍ଜିର ବାସ୍ନା କସ୍ତୁରୀ ଭଳି ।

୭୪. ଅଷାଢୁଆ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ଫଳ ଆଦିବାସୀଙ୍କ ପାଇଁ ଖାଦ୍ୟ ଉପଯୋଗୀ

୭୫. ଜ୍ୟୋତିସ୍ମତୀ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ରାତିରେ ଆଲୋକ ବିକିରଣ କରିବାର କ୍ଷମତା ରଖିଥାଏ ।

୭୬. ଶାଳପର୍ଣ୍ଣି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ପତ୍ର ଦେଖିବାକୁ ଦୀର୍ଘ ଶାଳପତ୍ର ଭଳି

୭୭. ପଦ୍ମଗୁଳଞ୍ଚ : ଏହା ଏକ ଔଷଧୀୟ ଲଟା ଜାତୀୟ ଉଦ୍ଭିଦ ।

୭୮. ତରଡ଼ା : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ଦୁଇ ପ୍ରକାର ଯଥା- ମଧୁର

Digitized by srujanika@gmail.com

ତରଡ଼ା, ପିତାତରଡ଼ା ବା ପିତାତରଡ଼ି କୁହାଯାଏ । ଢଣ୍ଡି ଭଳି ଏହାର ଫଳ ଥାଏ ।

୭୯. ବଜ୍ରବଲ୍ଲୀ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାକୁ ହାଡ଼ଭଙ୍ଗା ବା ହାଡ଼ଯୋଡ଼ା ଲତା କୁହାଯାଏ । ଏହାର ପତ୍ରର ରସକୁ ହାଡ଼ ଭାଙ୍ଗିଯାଇଥିବା ସ୍ଥାନରେ ଲେପ ଦେଲେ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ ।

୮୦. ହାତୀଅଙ୍କୁଶା : ଏହା ଏକ ଲଟା ଜାତୀୟ କଣ୍ଟାଯୁକ୍ତ ଉଦ୍ଭିଦ । ଏହା ଗଡବାଙ୍କ ନାମରେ ପରିଚିତ । ଏହାର କଣ୍ଟାଗୁଡ଼ିକ ଦେଖିବାକୁ ହାତୀର ଅଙ୍କୁଶ ଭଳି ।

୮୧. କେରେଣ୍ଡା : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୮୨. କାକମାଚି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା କାକଚଞ୍ଚୁ ବା କାକଚିଞ୍ଚ ଭାବେ ପରିଚିତ

୮୩. ଶିବଲିଙ୍ଗି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଶକ୍ତି ସହିତ ଶିବଲିଙ୍ଗ ଆକୃତି ବିଶିଷ୍ଟ କଳାଚିକ୍କଣ ବୀଜଯୁକ୍ତ ବନ୍ୟ କଣ୍ଟକ ଲତାବିଶେଷ ।

୮୪. ଶୁକଶିମ୍ବି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ବାଇଡଙ୍କ ଭାବେ ପରିଚିତ

୮୫. ଶିବବଲ୍ଲୀ : ଏହା ଏକ ଲଟା ଜାତୀୟ ଔଷଧୀୟ ଉଦ୍ଭିଦ ।

୮୬. ମହାଚଞ୍ଚୁ : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୮୭. ମହାକାଳ : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୮୮. ମଖମଲି : ମଖମଲ ଭଳି ପତ୍ର ବିଶିଷ୍ଟ ଏକପ୍ରକାର ଲଟା

୮୯. ବିଡ଼ଙ୍ଗ : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୯୦. ତିଉଡ଼ି : ତାମ୍ରପୁଷ୍ପିକା ଲତା

୯୧. ଶ୍ୱେତକୁମାରିକା : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୯୨. ଚଇଁ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ପତ୍ର ଦେଖିବାକୁ ପାନପତ୍ର ଭଳି

୯୩. ଚାକୁଳିଆ : ଏହା ଏକ ଲଟା ଜାତୀୟ ଔଷଧୀୟ ଉଦ୍ଭିଦ ।

୯୬. କଟୁତୁଣ୍ଡି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ପିତା ମଇତା ଭାବେ ପରିଚିତ

୯୭. ଭଦ୍ରବଲ୍ଲୀ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଅଷ୍ଟପାଦିକା ଲତା

୯୮. ମଲାଙ୍ଗ : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୯୯. ସ୍ୱର୍ଣ୍ଣବଲ୍ଲୀ : ଏହା ଏକ ଲଟା ଜାତୀୟ ଔଷଧୀୟ ଉଦ୍ଭିଦ ।

୧୦୦. କୋଷାତକି : ଏହା ଢଣ୍ଡିଜାତୀୟ ଲଟା । ଏହା ଶ୍ୱେତକୋଷକ ଭାବେ ପରିଚିତ ।

Digitized by srujanika@gmail.com

୧୦୧. ନାଗଦମନକ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ପାନଅଇତା ଲତା ଭାବେ ପରିଚିତ ।

୧୦୨. ଦୁଧିଆ ମେଣ୍ଡି : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାକୁ ଭାଙ୍ଗିଲେ ଦୁଧ ଭଳି ଧଳା ରଙ୍ଗର ରସ ବାହାରେ ।

୧୦୩. କାଙ୍କଡ଼ : ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହା ଖାଦ୍ୟ ଉପଯୋଗୀ ଫଳ । ଏ ଲତା ଅଣ୍ଡିରା ଓ ମାଈ ଦୁଇ ପ୍ରକାରର । ଉଭୟ ଜାତିର ଲତା ଏକ ସ୍ଥାନରେ ନ ରହିଲେ ଫଳ ଧରେନାହିଁ ।

୧୦୪. ଈଶ୍ୱର ମୂଳ: ଏହା ଏକ ଲଟା ଜାତୀୟ ଉଦ୍ଭିଦ । ଏହାର ମୂଳକ ସାପକାମୁଡ଼ା ପାଇଁ ଔଷଧ ଭାବେ ବ୍ୟବହାର କରାଯାଏ ।

୧୦୫. କଳାଜଟି : ଏହା ଏକ ଲଟା ଜାତୀୟ ଔଷଧୀୟ ଉଦ୍ଭିଦ ।

୧୦୬. ଦେବଦାଳି : ଏହା ଏକ ଲଟା ଜାତୀୟ ଔଷଧୀୟ ଉଦ୍ଭିଦ ।

୧୦୭. ଗଜପିପ୍ପଳୀ : ଏହା ଏକ ଲଟା ଔଷଧୀୟ ଜାତୀୟ ଉଦ୍ଭିଦ । ଏହା ଆଳୁ ଲତା ଭଳି ଏବଂ ଏହାର ପ୍ରତି ଗଣ୍ଠିରୁ ଚେର ବାହାରିଥାଏ । ଏହାର ଫଳ ପିପ୍ପଳୀ ଆକୃତିର ।

୧୦୮. ବନସ୍ପତି : ଏହା ଏକ ଲଟା ଜାତୀୟ ଉଦ୍ଭିଦ ।

୧୦୯. କୃଷ୍ଣତୁଳସୀ (କଳାତୁଳସୀ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୦. ତାଳମୂଳି : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହାକୁ ହେମପୁଷ୍ପୀ କୁହାଯାଏ ।

୧୧୧. ସର୍ବଭୂମିକ (ଦାରୁଚିନି): ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୨. ବାକୁଚି (ସହରାଜ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୩. କୁରୁବେଲି : ଏହା ଏକ ସୁଗନ୍ଧ ପୁଷ୍ପଯୁକ୍ତ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୪. ଦାସକେରଣ୍ଡା (ଝିଣ୍ଟି) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୫. ଶତାବରୀ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହା ବହୁମୂଳି, ବରୀ, ଗାଇଶିରା ଭାବେ ପରିଚିତ ।

୧୧୬. ଦନ୍ତୀକା : ଏହା ଏକ ସିଜୁଜାତୀୟ ଗୁଳ୍ମ ।

୧୧୭. ଦନ୍ତାରୀ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୮. ହଂସପାଦିକା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୧୯. ବୃହତୀ (ଭେଜି ବାଇଗଣ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୦. ବଜ୍ରମୂଳି (ମହାବଳା) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହାକୁ ବାଡ଼ିଅଁଳା

Digitized by srujanika@gmail.com

ମଧ୍ୟ କୁହାଯାଇଥାଏ ।

୧୨୧. ଶଙ୍ଖପୁଷ୍ପି : ଏହା ଏକ ଔଷଧୀୟ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୨. ବନିଶିରିଆଳି : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୩. ଲଟାବେଙ୍ଗୋଳି : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୪. ନାଗବଳା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୫. ମଣ୍ଡୁକପର୍ଣ୍ଣି (ଅଣସୋରିଷା) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୬. ସାବିତ୍ରୀ (ଅରଣ୍ୟ ପାନମଧୁରୀ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୭. ଗୋରକ୍ଷୀ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୮. ଦନ୍ତୀ (ଏରଣ୍ଡ ଫଳ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୨୯. ହସ୍ତୀକର୍ଣ୍ଣ (ଭୂଇଁପଳାସ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୩୦. ତୁଣ୍ଡପୋଡ଼ା : ହାଉମରିଚିଆ ଗୁଳ୍ମ । ଏହାର ପତ୍ର ଚୋବାଇଲେ ଲଙ୍କା ଭଳି ରାଗ ଲାଗେ ।

୧୩୧. ସୀତପର୍ଣ୍ଣ (ଅରଖ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୩୨. ହାତୀଶୁଣ୍ଢା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୩୩. ଧଳାଚିତା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୩୪. ଦୁର୍ଲଭା : ଏହା ଏକ କଣ୍ଟକିତ ଗୁଳ୍ମଜାତୀୟ ଉଦ୍ଭିଦ ।

୧୩୫. ହଳଦିଆବସନ୍ତ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହାର ଫୁଲ ହଳଦୀ ରଂଗର ।

୧୩୬. ମୟୂରଶିଖା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହାର ଫୁଲ ମୟୂର ଚୂଳ ଭଳି ଦିଶେ ।

୧୩୭. ମଧୁପର୍ଣ୍ଣିକା : ଗୁଡୁଚି, ନୀଳିଗୁଳ୍ମ

୧୩୮. ରୁଦନ୍ତି (ରୁଦନ୍ତିକା) : ଏହା ବୁଟ ଗଛ ଭଳି ଗୁଳ୍ମଜାତୀୟ । ଶରତ ଓ ଶୀତଦିନେ ଏ ଗଛରୁ ଜଳବିନ୍ଦୁ ଝରିଥାଏ ।

୧୩୯. ଅଳମ୍ବୁଷା (ପାଣିଲାଜକୁଳି) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୦. ପିତା କୋରୁଆଁ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୧. ଭୂଇଁ କୋରୁଆଁ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୨. ଅଜମୂଦା : ଛେଳି ଦେହର ଗନ୍ଧ ଭଳି ବାସ୍ନା ହେଉଥାଏ । ଏହାକୁ ବଣ ଜୁଆଣି

Digitized by srujanika@gmail.com

ବୋଲି କୁହାଯାଏ ।

୧୪୩. ଅଶ୍ୱଗନ୍ଧା : ଘୋଡ଼ା ଦେହର ଗନ୍ଧ ଭଳି ବାସ୍ନା ବାହାରୁଥିବା ଏକ ଔଷଧୀୟ ଗୁଳ୍ମ

୧୪୪. ଅତ୍ତସୀ (ପେସି) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୫. ତିଳପର୍ଣ୍ଣି (ରକ୍ତଚନ୍ଦନ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୬. ଅଶ୍ୱକର୍ଣ୍ଣ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୭. ନାଗଦନ୍ତୀ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୮. ବଟପତ୍ରୀ : ଏହା ଏକ ଔଷଧୀୟ ଗୁଳ୍ମଜାତୀୟ ଉଦ୍ଭିଦ ।

୧୪୯. ବାଘନଖୀ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୦. ବନତିକ୍ତ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୧. ସର୍ପଗନ୍ଧା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୧. ହେମପୁଷ୍ପି (ତାଳମୂଳି) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୨. ପାତାଳଗରୁଡ଼ : ଏହା ଏକ ଔଷଧୀୟ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୩. ଭୂତଔରୀ :ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୪. ଚିତ୍ରକ : ଚିତାପାରୁ

୧୫୫. ମୁଦ୍‌ଗପର୍ଣ୍ଣି (ବଣମୁଗ/ଘୋଡ଼ାମୁଗ) : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୬. ସୁକର୍ଣ୍ଣିକା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୭. ମେଣ୍ଢାଶିଂଘା : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହାର ଚେର ସର୍ପ ବିଷକୁ କାଟି ଦେଇଥାଏ ।

୧୫୮. ଚିତାକୁଟି : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୫୯. ଶ୍ୱେତକନ୍ଦ : ଏହା ଏକ ଗୁଳ୍ମଜାତୀୟ ଉଦ୍ଭିଦ ।

୧୬୦. ମଲାଙ୍ଗ

୧୬୧. ରାଜକୋଳି

୧୬୨. ଚାର

୧୬୩. ରାସ୍ନା

୧୬୪. ପୋଲାଙ୍ଗ

୧୬୫. କେନ୍ଦୁ

Digitized by srujanika@gmail.com

୧୬୬. ମହୁଲ

ଶିମିଳିପାଳ ଜୈବମଣ୍ଡଳରେ ବହୁ ପ୍ରକାରର ପ୍ରାଣୀ ଦେଖାଯାଆନ୍ତି । ଶିମିଳିପାଳ ଜାତୀୟ ଉଦ୍ୟାନରେ ଦେଖାଯାଉଥିବା କିଛି ପ୍ରାଣୀଙ୍କର ତାଲିକା ନିମ୍ନରେ ଦିଆଗଲା-

୧. ସମ୍ବର : ଗାଈପରି ବଡ଼ ଜୀବ । ଏମାନେ ଦଳବଦ୍ଧ ଭାବେ ରହନ୍ତି । ସମ୍ବର ମାଂସ ଖାଦ୍ୟ ଉପଯୋଗୀ । ଏହାର ମାଂସକୁ ଖରାରେ ଶୁଖାଇ ରଖାଯାଏ । ତାକୁ ସମ୍ବର ଶୁଣ୍ଡା (ଶୁଣ୍ଠି) କୁହାଯାଏ । ଏହାକୁ ଔଷଧ ଭାବେ ବ୍ୟବହାର କରାଯାଏ ।

୨. ହରିଣ : ବହୁ ପ୍ରକାର ହରିଣ ଅଛନ୍ତି ।

୩. ଚଉସିଙ୍ଗା : ଯେଉଁ ହରିଣର ୪ଟି ସିଙ୍ଗ ଥାଏ, ତାକୁ ଚଉସିଙ୍ଗା କୁହାଯାଏ ।

୪. ବନ୍ୟ କୁକ୍କୁର (ବଳିଆ କୁକୁର) : ଏମାନେ କୁକୁର ଜାତିର ହିଂସ୍ର ଜୀବ ।

୫. ବଜ୍ରକାପ୍ଟା : ଏମାନଙ୍କ ଦେହରେ ପାଦଠାରୁ ଲାଞ୍ଜ ପର୍ଯ୍ୟନ୍ତ କଠିନ କାତିର ଆବରଣ ଥାଏ । ଶତ୍ରୁ ଆକ୍ରମଣର ସୂରାକ ପାଇଲେ ଏମାନେ ମୁହଁ ଓ ଲାଞ୍ଜକୁ ଢାକି ଏପରି ଗୁଡ଼େଇ ହୋଇଯାଆନ୍ତି ଯେ, ଚାରିପାଖରେ କେବଳ କଠିନ କାତି ଛଡ଼ା ଆଉ କିଛି ଦେଖାଯାଏ ନାହିଁ । ଏହାର କାତିରେ ମୁଦି ତିଆରି କରାଯାଇଥାଏ ।

୬. ଝିଙ୍କ : ମୂଷା ଜାତୀୟ କ୍ଷୁଦ୍ର ଚତୁଷ୍ପଦ ସ୍ତନ୍ୟପାୟୀ ପ୍ରାଣୀ । ଏମାନେ ଭୂଇଁରେ ଗାତ ଖୋଳି ରହନ୍ତି । ଦିନବେଳା ବାହାରକୁ ବାହାରନ୍ତି ନାହିଁ । ରାତିରେ ଚରାବୁଲା କରନ୍ତି । ଶତ୍ରୁ ଆକ୍ରମଣ କଲେ ଆତ୍ମରକ୍ଷା ପାଇଁ ଦେହରୁ ମୁନିଆ କଣ୍ଟା ଝାଡ଼ି ଦିଅନ୍ତି ଯାହାକି ଶତ୍ରୁର ଦେହରେ ବିଦ୍ଧ ହୋଇଥାଏ ।

୭. ମତ୍ତହସ୍ତୀ : ହାତୀମାନଙ୍କର ସଂଗମ ସମୟ ହେଲେ ଅଣ୍ଡିରା ହାତୀମାନେ ମତ୍ତ ବା ମସ୍ତ ହୁଅନ୍ତି । ହାତୀର କାନ ଓ କପାଳ ମଝିରେ ଥିବା ଗଣ୍ଡ ସ୍ଥଳରେ ଦୁଇଟି ଅତି ସୂକ୍ଷ୍ମ କଣା ଥାଏ । ହାତୀ ମତ୍ତ ହେଲେ ସେହି କଣା ଫିଟିଯାଏ ଏବଂ ସେହି କଣା ବାଟରେ ହାତୀଙ୍କ ଦେହରୁ ମଦ (ଏକ ପ୍ରକାର ରସ) ଝରେ । ମଦ କ୍ଷରିତ କାରଣରୁ ଅଣ୍ଡିରା ହାତୀମାନେ ପାଗଳ ପ୍ରାୟ ହୋଇ ଉଠନ୍ତି ଏବଂ ଏହି ସମୟରେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ହୋଇ ଯାଆନ୍ତି ।

୮. ଦନ୍ତାବଳ (ଦନ୍ତାହାତୀ) : ଶୁଣ୍ଢ ଓ ତଳପାଟିର ମଧ୍ୟସ୍ଥଳରୁ ଅଣ୍ଡିରା ହାତୀମାନଙ୍କର ଦୁଇଟି ବଡ଼ବଡ଼ ଦାନ୍ତ ବାହାର ପଟକୁ ଗୋଜିଆ ଓ ଉପରମୁହାଁ ହୋଇ ବାହାରିଥାଏ । ଏହି ଦାନ୍ତର ଓଜନ ପ୍ରାୟ ୪୦ରୁ ୬୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ । ମାଈ ହାତୀମାନଙ୍କର ଏଭଳି ବଡ଼ ଦାନ୍ତ ଉଠି ନଥାଏ ।

୯. ମହାବଳ ବାଘ ଓ କଳାବାଘ : ଶିମିଳିପାଳର 'କଳାବାଘ' (ମେଲାନିଷ୍ଟିକ୍ ଟାଇଗର)

Digitized by srujanika@gmail.com

ପାଇଁ ଓଡ଼ିଶା ବିଶ୍ୱ ପ୍ରସିଦ୍ଧ ହୋଇପାରିଛି । ଶିମିଳିପାଳ ଜାତୀୟ ଉଦ୍ୟାନରେ କଳା ଓ ହଳଦିଆ ରଙ୍ଗର ପଟାପଟା ଚିହ୍ନ ଥିବା ଏକ ବିରଳ ପ୍ରଜାତିର ବାଘ ଦେଖିବାକୁ ମିଳନ୍ତି ଯାହା କି ସମଗ୍ର ଭାରତ କାହିଁକି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳନ୍ତି ନାହିଁ । ଏହି ବାଘଗୁଡ଼ିକର ଶରୀରରେ କଳା ରଙ୍ଗର ବଡ଼ବଡ଼ ପଟା ଦାଗ ଥିବାବେଳେ ହଳଦି ରଙ୍ଗର ଛୋଟ ଛୋଟ ପଟା ଚିହ୍ନ ଥାଏ । ଏମାନଙ୍କର ପେଟ ପାଖର ତଳ ଅଂଶ ଦେଖିବାକୁ ଧଳା । ୨୦୧୬ ମସିହା ବାଘଗଣନା ରିପୋର୍ଟ ଅନୁସାରେ ଶିମିଳିପାଳରେ ମୋଟ ୨୯ଟି ମହାବଳ ବାଘ ଥିବାବେଳେ ଏଥିମଧ୍ୟରୁ ୩ଟି କଳାବାଘ ବା 'ମେଲାନିଷ୍ଟିକ୍ ଟାଇଗର' ଅଛନ୍ତି ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ୨୦୧୪ ମସିହାର ବାଘ ଗଣନାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ଉପୁଜିଥିଲା । ଏହି ଗଣନା ଅନୁସାରେ ଶିମିଳିପାଳରେ ୧୮ରୁ କମ୍ ବାଘ ଥିବା କଥା ଜଣାପଡ଼ିଥିଲା । ମାତ୍ର ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା କରାଯାଇ ଏହି ସଂଖ୍ୟା ୨୯ ବୋଲି କୁହାଯାଇଛି । ୨୦୧୦ ମସିହା ବାଘ ଗଣନା ରିପୋର୍ଟ ଅନୁସାରେ ଶିମିଳିପାଳ ଜୈବମଣ୍ଡଳରେ ମାତ୍ର ୧୮ଟି ମହାବଳ ବାଘ ଥିବା ବେଳେ ଏହା ପୂର୍ବରୁ୨୦୦୬ ମସିହାରେ ଶିମିଳିପାଳରେ ୯୯ଟି ବାଘ ଥିଲେ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ଦାବି କରନ୍ତି । ଏହାକୁ ନେଇ ବିତର୍କ ଜାରି ରହିଛି ।

୧୦. ଚିତାବାଘ : ଶିମିଳିପାଳ ଜଙ୍ଗଲରେ ବହୁ ସଂଖ୍ୟାରେ ଚିତାବାଘ ବା କଲରାପତରିଆ ବାଘ ରହିଛନ୍ତି ।

୧୧. ଚିତ୍ରାହରିଣ : ଯେଉଁ ହରିଣ ଦେହରେ ଧଳା ଛାପଛାପ ଚିହ୍ନ ଥାଏ

୧୨. ଗୟଳ : ଜଙ୍ଗଲୀ ମଇଁଷି ।

୧୩. ବାର୍ହା

୧୪. ଜଙ୍ଗଲୀ ବିଲେଇ

୧୫. ବିଲୁଆ

୧୬. ଗଧିଆ

୧୭. ନୀଳଗାଈ : ଏହା ଦେଖିବାକୁ ଗାଈଭଳି ଓ ଶରୀରର ରଙ୍ଗ ସାମାନ୍ୟ ନୀଳ ।

୧୮. ରାମ ଶିଆଳ : ବୃହତ୍ ଶରୀର ବିଶିଷ୍ଟ ଶୃଗାଳ

୧୯. ପଟାହାଡ଼ିଆ : ଏକ ପ୍ରକାର ବାଘ

୨୦. ଶାଳିଆପତନି : ଗନ୍ଧ ମାର୍ଜାର । ନେଉଳ ଜାତୀୟ ବନ୍ୟଜୀବ । ଏହାର ଲାଞ୍ଜ ମୋଟା, ବହୁଲୋମବିଶିଷ୍ଟ, ଅତ୍ୟନ୍ତ ଡରକୁଳା । ଦେହର ରଙ୍ଗ କଳା ଓ ପାଉଁଶିଆ । ଏହାର ଅଣ୍ଡକୋଷରୁ ଏକ ପ୍ରକାର ସୁଗନ୍ଧ ଦ୍ରବ୍ୟ ବହାରେ । ତାହା ସାମାନ୍ୟ କସ୍ତୁରି ଗନ୍ଧ ଭଳି ।

Digitized by srujanika@gmail.com

୨୧. ଅଢାଟ ମୂଷା (ବଜ୍ରମୂଷା) : ଏକ ପ୍ରକାର ବନ୍ୟମୂଷା । ଏମାନେ ଦାନ୍ତରେ ପଥର କାଟି ସୁଡ଼ଙ୍ଗ କରିପାରନ୍ତି ।

୨୨. ବେଲେରା ମୂଷା : ବିବର । ଏମାନେ ଜଳାଶୟ କିମ୍ବା ନଦୀକୂଳିଆ ସ୍ଥାନରେ ରହନ୍ତି । ଏମାନଙ୍କ ଗାତରୁ କସ୍ତୁରୀ ଭଳି ଏକ ସୁଗନ୍ଧ ଦ୍ରବ୍ୟ ମିଳେ ।

୨୩. ପୋହଳା ଏଣ୍ଡୁଅ : ଏମାନଙ୍କ ମୁଣ୍ଡ ନାଲି ରଙ୍ଗର ।

୨୪. କାଇ ପିଂପୁଡ଼ି : ନାଲି ରଙ୍ଗର ଜନ୍ତା । ଆମ୍ବ ଓ ଜାମୁ ଆଦି ଗଛରେ ସେମାନଙ୍କ ପାଟିରୁ ନିର୍ଗତ ଲାଳରେ ପତ୍ରମାନଙ୍କୁ ଯୋଡ଼ି ଥଳି ପରି ତିଆରି କରି ସେଥିରେ ରହନ୍ତି । ଏହାକୁ ଆଦିବାସୀ ଶ୍ରେଣୀର ଲୋକେ ଖାଦ୍ୟ ଭାବେ ବ୍ୟବହାର କରିଥା'ନ୍ତି ।

୨୫. ଅଷ୍ଟପଦୀ (ମାଙ୍କଡ଼ସା) : ଶିମିଳିପାଳ ଅରଣ୍ୟରେ ବହୁ ବଡ଼ବଡ଼ ମାଙ୍କଡ଼ସା ଦେଖା ଯାଆନ୍ତି । ଏମାନେ ବିଷାକ୍ତ ଏବଂ ସେମାନଙ୍କ ମୁଖ ଖୁବ୍ ଭୟଙ୍କର ଦେଖାଯାଏ ।

ଶିମିଳିପାଳ ଜୈବମଣ୍ଡଳରେ ବହୁ ଜାତିର ପକ୍ଷୀ ଦେଖା ଯାଆନ୍ତି । ଏଠାରେ ପ୍ରାୟ ୨୪୨ ପ୍ରଜାତିର ପକ୍ଷୀ *(Birds)* ଦେଖିବାକୁ ମିଳନ୍ତି । ସେମାନଙ୍କ ମଧ୍ୟରୁ ଅଳ୍ପ କିଛି ତାଲିକା ନିମ୍ନରେ ଦିଆଗଲା-

୧. ଶାର ପକ୍ଷୀ : ଶିମିଳିପାଳରେ ଏ ଜାତିର ପକ୍ଷୀ ବେଶି ସଂଖ୍ୟାରେ ଦେଖା ଯାଆନ୍ତି । ଏମାନଙ୍କୁ ଶାରୀ କୁହାଯାଇଥାଏ । ଏମାନେ ମଣିଷର ଧ୍ୱନିକୁ ଉଚ୍ଚାରଣ କରିପାରନ୍ତି ।

୨. ଚାତକ : ଏହି ପକ୍ଷୀର ରଙ୍ଗ ଗାଢ କଳା । ଏମାନେ ବର୍ଷା ଜଳକୁ ପାନୀୟ ଭାବେ ବ୍ୟବହାର କରନ୍ତି ବୋଲି କଥିତ ଅଛି ।

୩. ସାତସତୀ : ଏହାକୁ ସାତ ସଉତୁଣିଆ ମଧ୍ୟ କହନ୍ତି । ଏମାନେ ଶାଖାଶ୍ରୟୀ । ଥଣ୍ଟ ଛୋଟ ଓ ବଙ୍କା । ନାକକୁ ପର ଢାଙ୍କିଥାଏ ।

୪. କାଳିବାଉଣୀ : ଏହାକୁ କଳା ବୁଢ଼ିଆଣୀ ମଧ୍ୟ କହନ୍ତି । ଦେଖିବାକୁ ଶାଗୁଣା ଭଳି ଓ କଳା ରଙ୍ଗର । ଖୁବ୍ ଉଚ୍ଚ ଗଛର ଅଗ୍ରଭାଗରେ ଏମାନେ ବସା କରିଥା'ନ୍ତି । ଏହି ପକ୍ଷୀର ଉଚ୍ଚତା ହାରାହାରି ଦେଢ଼ରୁ ଦୁଇ ଫୁଟ ।

୫. ସୁନାଉଦଳା : ଏହାର ଉଚ୍ଚତା ୨ ଫୁଟରୁ ଅଧିକ ହେବ । ଦେହର ରଙ୍ଗ ଧଳା, ପୁଚ୍ଛ କଳାମିଶା ସବୁଜ । ଥଣ୍ଟ ନାରଙ୍ଗୀ ଓ ଗୋଡ଼ ହଳଦି ରଙ୍ଗର ।

୬. କୋଚିଲାଖାଇ : ଆକାରରେ ଏମାନେ ବହୁତ ବଡ଼ । ପାଖାପାଖି ୩ରୁ ୪ ଫୁଟ ପର୍ଯ୍ୟନ୍ତ ଏମାନେ ବଢ଼ିଥା'ନ୍ତି । ଦେହର ରଙ୍ଗ ଧଳା ଓ କଳା ମିଶ୍ରିତ । ଏହି ପକ୍ଷୀର ତେଲ ବାତ ରୋଗ ପାଇଁ ଅବ୍ୟର୍ଥ ଔଷଧ ବୋଲି କୁହାଯାଏ ।

୭. ହରଡ଼ ଚଢ଼େଇ : ଏହାର ଉଚ୍ଚତା ଏକ ଫୁଟରୁ ଦେଢ ଫୁଟ ମଧ୍ୟରେ । ଦେଖିବାକୁ

Digitized by srujanika@gmail.com

ପାରା ଭଳି । ମୁଣ୍ଡ ପାଉଁଶିଆ । ପକ୍ଷ ସବୁଜ, ପୁଚ୍ଛ ଚେପ୍‌ଟା, ବେକ ମୟୁରକଣ୍ଠୀ ରଙ୍ଗ ।

୮. **ରାମ ସାରସ :** ସାରସ ଜାତୀୟ ଦୀର୍ଘ ଚଞ୍ଚୁବିଶିଷ୍ଟ ପକ୍ଷୀ । ୪ ଫୁଟ ଲମ୍ବ ଏବଂ ଉଚ୍ଚତା ୨ ଫୁଟରୁ ଅଧିକ ହୋଇଥାଏ । ଥଣ୍ଟର ଲମ୍ବ ୬ରୁ ୮ ଇଞ୍ଚ । ବେକ ଖୁବ୍ ଲମ୍ବା ଓ ସରୁ ।

୯. **କାଠହଣା :** ଗଛ ଗଣ୍ଡିରେ ମାଙ୍କଡ଼ ଭଳି ଏମାନେ ଚଢ଼ିପାରନ୍ତି । ଲମ୍ବା ଓ ମୁନିଆ ଥଣ୍ଟ ଦ୍ୱାରା ଗଛର ବକଳକୁ ଛଡ଼ାଇ ସେଥିରେ ଥିବା ପୋକଜୋକ ଖାଇଥାନ୍ତି । ଏହାର ମୁଣ୍ଡରେ ଚୂଳ ଥାଏ ।

୧୦. କେଶରାଜ : ଦେଖିବାକୁ କଜ୍ୱଳପାତି ଭଳି । ମୁଣ୍ଡରେ ଲମ୍ବ କେଶଗୁଚ୍ଛ ଥାଏ ।

୧୧. ଗୁଣ୍ଟୁରି ଚଢ଼େଇ : ଖୁବ୍ କ୍ଷୁଦ୍ର ପକ୍ଷୀ । ବର୍ଷାଋତୁର ପ୍ରାରମ୍ଭ କାଳରେ ଘୁରୁଘୁରୁ ଶବ୍ଦ କରି ଜଙ୍ଗଲରେ ଉଡ଼ି ବୁଲନ୍ତି ।

୧୨. ଚକୋର : ଏହା ଦେଖିବାକୁ ପାରା ଭଳି । ଏମାନେ ସନ୍ଧ୍ୟା ସମୟରେ ଚଳଚଞ୍ଚଳ ହୋଇଥା'ନ୍ତି ।

୧୩. ଭରତିଆ : ଏ ପକ୍ଷୀ ପଡ଼ିଆରେ ବସା କରେ । ସିଟି ମାରି ଭୂଇଁରୁ ଆକାଶକୁ ରକେଟ୍ ଭଳି ଉଠେ । ମୁଣ୍ଡରେ ଛୋଟ ଶିଖା ଥାଏ, ଥଣ୍ଟ ସରୁ ଓ ଦେହର ରଙ୍ଗ ଖଇରିଆ ।

୧୪. ସ୍ୱର୍ଣ୍ଣଶିଖ : ନୀଳକଣ୍ଠ ପକ୍ଷୀ

୧୫. ଧନେଶ ପକ୍ଷୀ : ଦୁଇ ଫୁଟରୁ ୩ ଫୁଟ ଦୀର୍ଘ ଏବଂ ଏହାର ରଙ୍ଗ କଳା ଓ ସବୁଜ ରଙ୍ଗର ।

୧୬. କଇଁଜର : ଦେଖିବାକୁ କଳା କୁକୁଡ଼ା ଭଳି । ଏମାନେ ପାଣି କୂଳରେ ରହନ୍ତି । ବିଶେଷକରି ରାତି ସମୟରେ ବୋବାନ୍ତି ।

୧୭. ଫୁଲ ଶାଗୁଣା : ଏହାର ଗଳାପାଖରେ ସଂଲଗ୍ନ ମାଂସ ଥଳି ଓ ମଥାର ଫୁଲ (ମୁକୁଟ) ନାଲି ରଙ୍ଗର ।

୧୮. ଚଷାପୁଅ : ଚାଷ ପକ୍ଷୀ । ଏହାର ରଙ୍ଗ ନୀଳ ବର୍ଣ୍ଣ । କଣ୍ଠ ନୀଳ ଓ ରକ୍ତବର୍ଣ୍ଣ ମିଶ୍ରିତ । ଥଣ୍ଟ କୁଆ ଥଣ୍ଟ ଭଳି ଓ ଚେପ୍‌ଟା ।

୧୯. ଜଳଫିମ୍ପି : କୁଳଚର ବର୍ଗର ପକ୍ଷୀ ବିଶେଷ ।

୨୦. ପେଚା : ବହୁ ପ୍ରକାର ପେଚା ଶିମିଳିପାଳ ଜଙ୍ଗଲରେ ଦେଖା ଯଆନ୍ତି । ଯଥା- ଶ୍ୱେତପେଚା (ଲକ୍ଷ୍ମୀ ପେଚା), କାଳପେଚା, ଛୋଟ ପେଚା, ଧୁନ୍ଧୁ ପେଚା

୨୧. କାରଣ୍ଡବ : ଏକ ପ୍ରକାର ହଂସ

୨୨. ଲାବ : ବତର ଚଢ଼େଇ

Digitized by srujanika@gmail.com

୨୩. ମୂରାଳ : ଏମାନେ ରାତ୍ରୀଚର । ଏମାନେ ଦେଖିବାକୁ ମୟୁରଭଳି ଏବଂ ରାତି ସମୟରେ ବୋବାନ୍ତି ।

୨୪. ମୁନିଆ : ଏ ପକ୍ଷୀମାନେ ଦେଖିବାକୁ ବାୟା ଚଢ଼େଇ ଭଳି ।

୨୫. ତୁତି : ଏମାନେ ଖୁବ୍ ଛୋଟ । ମୁଣ୍ଡ, ବେକ ଓ ଛାତି ଗୋଲାପି, ପିଠି ଖଇରା । ବସନ୍ତ ଋତୁରେ ରକ୍ତବର୍ଣ୍ଣର ହୁଏ । ଏହାର ସ୍ୱର ଅତ୍ୟନ୍ତ ମଧୁର ।

୨୬. ହୁଁ ହାଁ ଚଢ଼େଇ : ଜଙ୍ଗଲୀ ପେଚାଜାତୀୟ ବଡ଼ ପକ୍ଷୀ । ଏମାନେ ଗଭୀର ରାତ୍ରିରେ ଜଙ୍ଗଲରେ କିମ୍ବା ନିର୍ଜନ ସ୍ଥାନରେ ଦୁଇଟି ପକ୍ଷୀ ପରସ୍ପରଠାରୁ ଦୂରରେ ଥାଇ ରାବ କରନ୍ତି । ଗୋଟିଏ ଚଢ଼େଇ ଗଂଭୀର ଭାବେ 'ହୁଁ' ଶବ୍ଦ କରେ ଏବଂ ଅନ୍ୟ ପକ୍ଷୀଟି 'ହାଁ' ଉଚ୍ଚାରଣ କରେ । ଲୋକମାନେ ଏମାନଙ୍କୁ ଭୂତପ୍ରେତ ମନେ କରି ଅଯଥାରେ ଡରିଥାନ୍ତି ।

୨୭. ନଦୀକୂଳ ବନ୍ଧୁ : ନଦୀ କୂଳରେ ବାସ କରୁଥିବା ପକ୍ଷୀ ବିଶେଷ

୨୮. ସୁବର୍ଣ୍ଣମୁଣ୍ଡି : କଳରବ କରୁଥିବା ଏକପ୍ରକାର ପକ୍ଷୀ । ଏହାର ମୁଣ୍ଡ ସୁନା ପରି ହଳଦିଆ ।

୨୯. କାଣ୍ଡିଆ : କାଣ୍ଡିବଗ । ଏହା ଏକ ବଗ ଜାତୀୟ ପକ୍ଷୀ

୩୦. ହାତୀଆ ଗୁଣ୍ଡୁରି : ଗୁଣ୍ଡୁରି ଭଳି ମାତ୍ର ବଡ଼ ।

୩୧. ଧୋବଲି : ଏ ପକ୍ଷୀ ୭ ଇଞ୍ଚ ଲମ୍ବ । ଦେହର ରଙ୍ଗ ଧଳା । ବେକ ତଳେ କଳା ଦାଗ ଥାଏ ।

୩୨. ନାଲ ପକ୍ଷୀ : ଏକପ୍ରକାର କ୍ଷୁଦ୍ର ଓ ନାଲି ରଙ୍ଗର ସୁନ୍ଦର ପକ୍ଷୀ । ଏହାର ବେକ, ମୁଣ୍ଡ ରକ୍ତ ବର୍ଣ୍ଣର । ଛାତି ନାନା ବର୍ଣ୍ଣରେ ଚିତ୍ରିତ । ଡେଣା ସୁନା ରଙ୍ଗର ।

୩୩. ସିନ୍ଦୁରମୁଣ୍ଡି : ଏକପ୍ରକାର ନାଲିମୁଣ୍ଡିଆ ଚଢ଼େଇ । ଦେହ ସବୁଜ । ମୁଣ୍ଡ ସିନ୍ଦୁର ପରି ଲାଲ୍ ।

୩୪. ହାଡ଼ଗିଳା : ଆକାରରେ ବହୁତ ବଡ଼ । ଦେଖିବାକୁ ବଗ ଭଳି । ଏମାନଙ୍କର ଉଚ୍ଚତା ୪ରୁ ୫ ଫୁଟ ଯାଏ ହୋଇଥାଏ । ମୁଣ୍ଡ ପରହୀନ । ଥଣ୍ଟ ବଡ଼ । କଣ୍ଠରେ ଚମଡ଼ା ଥଳିଟିଏ ଝୁଲୁଥାଏ । ଲାଞ୍ଜ ଛୋଟ ଓ ଥୁଣ୍ଟା । ସାପ, ମାଛ, ବେଙ୍ଗ ଓ ଗେଣ୍ଡା ଆଦି ଖାଆନ୍ତି ।

୩୫. ସାପମାରି : ଏମାନଙ୍କ ରଙ୍ଗ ଖଇରା । ଥଣ୍ଟ ବକ୍ର ଓ ଲାଞ୍ଜ ଦୀର୍ଘ । ଏମାନେ ପଡ଼ିଆରେ ଚରାବୁଲା କରନ୍ତି ।

୩୬. ସାରସ : ଏହା ଧଳା ରଙ୍ଗର ବଡ଼ ପକ୍ଷୀ (ବଢ଼ିଆକାଙ୍କ) । ଏମାନେ ଶୀତଦିନେ ଦେଖାଯାଆନ୍ତି ।

Digitized by srujanika@gmail.com

୩୭. କେଲାଣ୍ଡି : ଗୋବରା ଚଢ଼େଇ ଭଳି ଦେଖିବାକୁ । ଏହାର ପଛ ପଟେ ନାଲି ଲୋମ ଓ ମୁଣ୍ଡରେ କଳା ଚୂଳ ଥାଏ ।

୩୮. ବୋଉ କଥା କହ : ଏମାନଙ୍କ ଗୋଡ଼ରେ ଲୋମ ଥାଏ । ଲାଞ୍ଜ ଛୋଟ । ଏମାନେ 'ବୋଉ କଥା କହ' ଶବ୍ଦ କରି ବୋବେଇଥାନ୍ତି ।

୩୯. ହରବବ୍ବା : ହରବୋଲା ପକ୍ଷୀ ।

୪୦. ଫୁଲଚୁଇଁ : ପୁଷ୍ପମଧୁପାନକାରୀ କ୍ଷୁଦ୍ର ପକ୍ଷୀ । ଏ ପକ୍ଷୀର ଥଣ୍ଟ ସରୁଆ ଓ ଲମ୍ବା । ରଙ୍ଗ ନୀଳ ଓ କଳା । ଥଣ୍ଟ ସାହାଯ୍ୟରେ ଫୁଲରୁ ମହୁ ଶୋଷଣ କରନ୍ତି ।

୪୧. କଟକଟିଆ : ଏ ପକ୍ଷୀ ନୀଳ ଓ କୃଷ୍ଣ ରଙ୍ଗର । କଟକଟ ଶବ୍ଦ କରନ୍ତି ।

୪୨. ଟିଟ୍ଟିଭ : ଟେଣ୍ଡେଇ ପକ୍ଷୀ । ଏହାର ଦେହ ପାଉଁଶିଆ, ଧଳା ଓ ଚିତ୍ରବିଚିତ୍ର । ମୁଣ୍ଡରେ ପକ୍ଷିଆ ଭଳି ଛୋଟ ଛୋଟ କଳାପରର ଟୋପି ଥାଏ । ଗୋଡ଼ ଲମ୍ବା । ଥଣ୍ଟ ସରୁ । ଉପରକୁ ଗୋଡ଼ ଟେକି ସବୁବେଳେ ଶୁଏ । କାଳେ ଆକାଶ ତା' ଉପରକୁ ଖସି ପଡ଼ିବ, ସେହି ଭୟରେ ଗୋଡ଼କୁ ଟେକି ଶୋଇଥାଏ । ଯଦି ଆକାଶ ଗଳି ପଡ଼ିବ ତେବେ ସେ ତା' ଗୋଡ଼ ସାହାଯ୍ୟରେ ଆକାଶକୁ ଟେକି ଧରି ନିଜକୁ ସୁରକ୍ଷିତ ରଖିବ ବୋଲି ପକ୍ଷୀଟିର ବିଶ୍ୱାସ ଥାଏ ।

୪୩. ଢିଙ୍କିଆ : ଏକ ପ୍ରକାରର ବଡ଼ ବଗ । ଢେଙ୍କିବଗ ।

୪୪. ଡୁବାଇ : ପାଣିକୁଆ । ଏମାନଙ୍କ ପାଦ ହଂସ ପାଦ ଭଳି ଓ ଶରୀର କଳା ରଙ୍ଗର । ପାଣିରେ ଅନେକ ସମୟ ଧରି ବୁଡ଼ି ରହନ୍ତି ।

୪୫. ବହିରା : ମାଟିଆ ଚିଲ । ଏହା ଏକ ଶିକାରୀ ପକ୍ଷୀ । ଲମ୍ବ ଦେଢ଼ରୁ ଦୁଇ ଫୁଟ । ବାଜ ପକ୍ଷୀଠାରୁ ବଡ଼ ଓ ବଳବାନ୍ ।

୪୬. କୁରରୀ : ଏକ ପ୍ରକାର କପୋତ । ଏମାନଙ୍କ ଦେହରେ ତିଳ ଓ କୋଳଥିଆ ଠୋପା ଚିହ୍ନ ଦେଖିବାକୁ ମିଳିଥାଏ ।

୪୭. ଅରୁଣଚୂଡ଼ : ବଣକୁକୁଡ଼ା ।

୪୮. ବାଦୁଡ଼ି

୪୯. କୁଂଭାଟୁଆ

୫୦. କାଦୁଅଖୁମ୍ପି : ଏମାନେ କାଦୁଅରୁ ପୋକଜୋକ ଖୁଣ୍ଟି ଖାଇଥାନ୍ତି ।

୫୧. ଡାହୁକ : ଏମାନେ ବିଶେଷକରି ସନ୍ତସନ୍ତିଆ ଆର୍ଦ୍ରଭୂମି ଅଞ୍ଚଳରେ ଦେଖାଯାଆନ୍ତି । ପାଣିରୁ ପୋକଜୋକ, ମାଛ ଖାଆନ୍ତି । ଶରୀର ତୁଳନାରେ ଏମାନଙ୍କର ଥଣ୍ଟ ଓ ଗୋଡ଼ ଖୁବ୍ ଲମ୍ବା ।

Digitized by srujanika@gmail.com

୫୨. ବଣି

୫୩. କୁଣ୍ଡାଫାପୁଲି : ଏମାନେ କ୍ଷୁଦ୍ର ପକ୍ଷୀ । ଶରୀରର ରଙ୍ଗ ମାଟିଆ ।

୫୪. ଭରତିଆ

୫୫. ଚିଲ

୫୬. ହଂସରାଜି

୫୭. ଗୋବରା

୫୮. ବର୍ତ୍ତିକା

୫୯. ହଳଦୀବସନ୍ତ

୬୦. କୋକିଳ (କୋଇଲି)

୬୧. ଟିଆ

୬୨. ଶୁଆ

୬୩. ମୟୁର

୬୪. ଭଦଭଦଳିଆ

୬୫. ବଗ

୬୬. ପାରା

୬୭. ପାତିହଂସ

୬୮. ରାଜହଂସ

୬୯. ଶାଗୁଣା

ଶିମିଳିପାଳ ଜୈବମଣ୍ଡଳରେ ବହୁ ପ୍ରଜାତିର ସରୀସୃପ ଓ ସାପ ବାସ କରନ୍ତି । ସେମାନେ ହେଲେ-

୧. ଶଙ୍ଖଚୂଡ଼

୨. ଅହିରାଜ

୩. ଅଜଗର

୪. ଡାଳୁଅ ଗୋଖର

୫. ଦୋମୁଣ୍ଡିଆ

୬. ନାଗ

୭. କଟକଟିଆ

Digitized by srujanika@gmail.com

୮. ଚନ୍ଦ୍ରବୋଡ଼ା
୯. କଳା ଚିତି
୧୦. ଧଳା ଚିତି
୧୧. ରଣା
୧୨. ଢାମଣା
୧୩. ଲାଉଡଙ୍କି
୧୪. କୋଳଥିଆ ନାଗ
୧୫. ଶ୍ୱେତବୋଡ଼ା
୧୬. କାଣ୍ଡନଳ
୧୭. ଡଂପ
୧୮. ଶଙ୍ଖାମୁଠି
୧୯. ଶିଆଳିଗୁଳି
୨୦. ଗୁଣ୍ଡୁଚିନାଗ
୨୧. ଦୁଧିଆ ବୋଡ଼ା

ହୃଦୟଶୂନ୍ୟ ଜନ୍ତୁଶିକାର ଓ ଗଛକଟା ଏବେ ଶିମିଳିପାଳ ପ୍ରତି ବିପଦ!

ଏବେ ଶିମିଳିପାଳ ଜୈବମଣ୍ଡଳ ପ୍ରତି ବିଭିନ୍ନ ଦିଗରୁ ବିପଦ ଦେଖାଦେଇଛି । ପ୍ରାକୃତିକ ପରିବେଶର ସୁରକ୍ଷା, ବୃକ୍ଷଲତା, ପାହାଡ଼, ପର୍ବତ ଏବଂ ଏଠାରୁ ଉତ୍ପତ୍ତିଲାଭ କରିଥିବା ଛୋଟବଡ଼ ଜଳ ଉତ୍ସର ସୁରକ୍ଷା, ଏଠାରେ ବସବାସ କରୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଶିମିଳିପାଳ ଜୈବମଣ୍ଡଳକୁ ଜାତୀୟ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା । ମାତ୍ର ଏହି ଜାତୀୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଏଠାରେ ବସବାସ କରୁଥିବା ଜୀବଜନ୍ତୁଙ୍କ ନିର୍ଭୟରେ ବଞ୍ଚିବାର ସୁଯୋଗ ସୃଷ୍ଟି କରିପାରିଛିକି? ଏହା ବିତର୍କର ଅପେକ୍ଷା ରଖେ । ଜଙ୍ଗଲ ମାଫିଆଙ୍କ ଲୋଲୁପ ଦୃଷ୍ଟି ଓ ଶିକାରୀ ଆତଙ୍କ, ଜଙ୍ଗଲ ବିଭାଗ ଅଧିକାରୀଙ୍କ ଚରମ ଉଦାସୀନତା, ଅସାଧୁ ବନକର୍ମଚାରୀ ଓ ଜଙ୍ଗଲ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସରଳତାର ସୁଯୋଗରେ ଶିମିଳିପାଳ ଜୈବମଣ୍ଡଳ ଦିନକୁଦିନ ବିପର୍ଯ୍ୟୟକୁ ସାମ୍ନା କରିଚାଲିଛି ।

ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଏଠାରେ "ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ', "ପ୍ରୋଜେକ୍ଟ ଟାଇଗର", "ଟାଇଗର କଞ୍ଜରଭେସନ୍ ପ୍ଲାନ୍", "କ୍ରୋକୋଡାଇଲ୍ କଞ୍ଜର୍‌ଭେସନ୍" ଭଳି ଅନେକ ପ୍ରକଳ୍ପ କାମ କରୁଛି । ଏଥିପାଇଁ ସ୍ୱତନ୍ତ୍ର ଭାବେ 'ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ' କାର୍ଯ୍ୟାଳୟ ବାରିପଦାଠାରେ

Digitized by srujanika@gmail.com

କାର୍ଯ୍ୟ କରୁଛି । ମାତ୍ର ଶିମିଳିପାଳର ସୁରକ୍ଷା ଦିଗରେ ଏହା କେତେ ସହାୟକ ହୋଇପାରୁଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ।

ଶିମିଳିପାଳ ଜଙ୍ଗଲରୁ ପ୍ରତିଦିନ ସଞ୍ଜ, ସକାଳେ ହଜାର ହଜାର ସଂଖ୍ୟାରେ ସାଇକେଲ୍, ଶଗଡ଼ ଓ ଅନ୍ୟାନ୍ୟ ଯାନବାହନ ଯୋଗେ କାଠ ଚାଲାଣ ହେଉଥିବାର ଦୃଶ୍ୟ ଦେଖିଲେ ମନେହେବ ଆଉ ଦିନ କେଇଟାରେ ଜଙ୍ଗଲ ଶେଷ ହୋଇଯିବ । ଶିମିଳିପାଳର ବିଭିନ୍ନ ରାସ୍ତା ଦେଇ ପ୍ରତିଦିନ ପ୍ରତିମୁହୂର୍ତ୍ତରେ ହଜାର ହଜାର ସଂଖ୍ୟାରେ ସାଇକେଲ, ଶଗଡ଼ଗାଡି ଓ ମୋଟର ସାଇକେଲରେ ଚୋରା କାଠ ଚାଲାଣ ଚାଲିଛି । ବିଶେଷକରି ଶିମିଳିପାଳ ଜୈବମଣ୍ଡଳକୁ ଚାରିପଟୁ ଘେରି ରହିଥିବା ଉଦଳା, କପ୍ତିପଦା, ଖୁଣ୍ଟା, ଶ୍ୟାମାଖୁଣ୍ଟା, କରଞ୍ଜିଆ, ବାଙ୍ଗିରିପୋଷି, ବାରିପଦା, ବିଶୋଇ, ଯଶୀପୁର, ଠାକୁରମୁଣ୍ଡା ଆଦି ବ୍ଲକ୍‌ର ବିଭିନ୍ନ ଗୁପ୍ତ ବାଟ ଦେଇ ପ୍ରତିଦିନ ସାଇକେଲ୍‌ରେ କାଠ ଚୋରା ଚାଲାଣ ହୋଇଥାଏ । ଏହା ବ୍ୟତୀତ ବଡ଼ବଡ଼ ଟ୍ରାକ୍‌ଟରରେ ମଧ୍ୟ ମୂଲ୍ୟବାନ କାଠ ଚୋରା ଚାଲାଣ ହେଉଛି । ଏହାକୁ ରୋକିବା ଏବେ ଜଙ୍ଗଲ ବିଭାଗ ପାଇଁ ପ୍ରକାଣ୍ଡ ଆହ୍ୱାନ ପାଲଟିଛି ।

ଗୋଟିଏ ପଟେ ବନ ସୁରକ୍ଷା ଓ ବନୀକରଣ ଯୋଜନାରେ ଶହଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି ଅନ୍ୟପଟେ କାଠ, ପଥର ବେପାରି, ମାଫିଆ ସାଙ୍ଗକୁ ଶିକାରୀ ମେଣ୍ଟକରି ଜଙ୍ଗଲକୁ ଲୁଟିବାରେ ଲାଗିଛନ୍ତି । ଜଙ୍ଗଲ ବିଭାଗ ସବୁ ଜାଣି ଚୁପ୍ ବସିଛି । ଗତ ୨୦୦୨ ମସିହାରୁ ଜାତୀୟ ବନୀକରଣ ଯୋଜନାରେ ଓ ଏଫଡିଏ ଓ କାମ୍ପା ପାଣ୍ଠି ଅନୁଦାନରେ ବନୀକରଣ ଯୋଜନାକୁ ବ୍ୟାପକ କରାଯାଇଥିଲେ ମଧ୍ୟ ଏହାର ସଫଳତା ନେଇ ପ୍ରଶ୍ନବାଚୀ ଉଠିଛି । କାଠ ଓ ପଥର ମାଫିଆଙ୍କ ଦୌରାତ୍ମ୍ୟରେ ଶହଶହ ହେକ୍‌ଟର ଜଙ୍ଗଲ, ବଡବଡ ପାହାଡ ଏବେ ଧ୍ୱଂସ ହେବାକୁ ବସିଲାଣି । ପାହାଡ଼ରେ ବ୍ଲାଷ୍ଟିଂ ଫଳରେ ଜୀବଜନ୍ତୁମାନେ ଏବେ ସହରମୁହାଁ ହେଉଛନ୍ତି । ଡିନାମାଇଟ୍‌ର ପ୍ରକାଣ୍ଡ ଶବ୍ଦ ଶିମିଳିପାଳର ଜୀବଜନ୍ତୁଙ୍କୁ ଏକପ୍ରକାର ଅସ୍ତବ୍ୟସ୍ତ କରିପକାଇଲାଣି ।

ବନ ବିଭାଗର ସ୍ଥାନୀୟ କର୍ମଚାରୀଙ୍କ ସହ ସଂପର୍କ ରକ୍ଷା କରି କାଠ ମାଫିଆମାନେ ପ୍ରତିଦିନ ବାହାରକୁ କାଠ ଚାଲାଣ କରୁଛନ୍ତି । ବିଶେଷକରି, ରାତି ସମୟରେ ଉନ୍ନତମାନର କରତ ବ୍ୟବହାର କରି ମାଫିଆମାନେ ବହୁ ସଂଖ୍ୟାରେ ଗଛ କାଟି ବାହାରକୁ ଚାଲାଣ କରୁଛନ୍ତି । ମାଫିଆମାନଙ୍କ ଅବାଧ ପ୍ରବେଶ ଏବେ ଶିମିଳିପାଳ ଜୈବମଣ୍ଡଳ ପ୍ରତି ବିପଦ ସୃଷ୍ଟି କରିଛି ।

ସେହିଭଳି ପ୍ରତିଦିନ, ପ୍ରତି ମୂହୁର୍ତ୍ତରେ ଶିମିଳିପାଳ ଜୈବମଣ୍ଡଳର ପଶୁପକ୍ଷୀଙ୍କ ପ୍ରତି ବିପଦ ଘନେଇବାରେ ଲାଗିଛି । ଶିମିଳିପାଳ ଜୈବମଣ୍ଡଳରୁ ଯେଉଁଭଳି ଭାବେ ବାଘ ଶିକାର ଚାଲିଛି, ଆଉ ଦିନ କେଇଟାରେ ଏ ଜନ୍ତୁ ନିଶ୍ଚିହ୍ନ ହୋଇଯିବାର ସଂଭବନା ଦେଖାଦେଇଛି । ହାତୀ ମୃତ୍ୟୁ କଥା ନ କହିବା ଭଲ । ଏହା ସାଙ୍ଗକୁ ପ୍ରତିଦିନ କିଛି ନା କିଛି ଛୋଟବଡ଼ ଜୀବଜନ୍ତୁ ଶିକାର ସଂପର୍କିତ ଖବର

Digitized by srujanika@gmail.com

ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି । ଏହା ଏବେ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ପ୍ରକାଣ୍ଡ ଆହ୍ୱାନ ପାଲଟିଛି ।

ଗଛ ଓ ଜଙ୍ଗଲୀ ପଶୁପକ୍ଷୀଙ୍କ ସୁରକ୍ଷା ନେଇ ଜଙ୍ଗଲ ବିଭାଗ ପକ୍ଷରୁ ବହୁ ପ୍ରକାର ପଦକ୍ଷପ ଗ୍ରହଣ କରାଯାଉଛି, ମାତ୍ର ମାଫିଆମାନେ ଯେଉଁଭଳି କାଠ ଚୋରି କରିବା କଥା କରୁଛନ୍ତି । ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଆଣ୍ଟି ପୋଚିଂ କ୍ୟାଂପ୍, ସ୍ପେଶିଆଲ୍ ଟାଇଗର ପ୍ରୋଟେକ୍ସନ ଫୋର୍ସ, ଲ୍ୟାଣ୍ଡସ୍କେପ୍ ଲେଭେଲ ପେଟ୍ରୋଲିଂ, ଜଙ୍ଗଲ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ, ବର୍ଷାଦିନିଆ ପେଟ୍ରୋଲିଂ, ଇନ୍‌ଫର୍ମର ନେଟ୍‌ୱର୍କ, ଡଗ୍ ସ୍କ୍ୱାର୍ଡ, ଭିଏଚ୍‌ଏଫ୍ ନେଟୱର୍କ, ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ସର୍ଭିଲେନ୍‌ସ ଭଳି ନାନା ପ୍ରକାର ସୁରକ୍ଷା ବ୍ୟବସ୍ଥା ରହିଛି । ପ୍ରଶ୍ନ ଉଠୁଛି ଏସବୁ ସୁରକ୍ଷା ବ୍ୟବସ୍ଥା ଜଙ୍ଗଲ କ୍ଷୟକୁ ରୋକି ପାରୁଛିକି?

ବିଶ୍ୱରେ ବିରଳ ଶିମିଳିପାଳର 'କଳାବାଘ'

ହାତୀଙ୍କ ପରେ ବିଶ୍ୱରୁ ଯଦି କୌଣସି ପ୍ରାଣୀଙ୍କ ସଖ୍ୟା ଅସ୍ୱାଭାବିକ ଭାବେ ହ୍ରାସ ପାଉଥାଏ, ସେ ହେଉଛି ବାଘ । ବ୍ୟାପକ ଜଙ୍ଗଲ କ୍ଷୟ ଓ ମଣିଷର ଦୌରାତ୍ମ୍ୟରେ ଜଙ୍ଗଲର ରାଜା କୁହାଯାଉଥିବା ବାଘ ଏବେ ସଂକଟରେ । ଏମାନଙ୍କୁ ସୁରକ୍ଷିତ ରଖିବା ଏବେ ମଣିଷ ପାଇଁ ଏକ ବିରାଟ ଆହ୍ୱାନ

Digitized by srujanika@gmail.com

ପାଲଟିଛି । ଅପରପକ୍ଷେ, ବାଘଙ୍କ ମଧ୍ୟରେ ବିଶ୍ୱରେ ବିରଳ କୁହାଯାଉଥିବା ଶିମିଳିପାଳର 'କଳାବାଘ' (ମେଲାନିଷ୍ଟିକ୍ ଟାଇଗର)ଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଅତି ଜରୁରୀ ହୋଇପଡ଼ିଛି । ଶିମିଳିପାଳ ଜାତୀୟ ଉଦ୍ୟାନରେ କଳା ଓ ହଳଦିଆ ରଙ୍ଗର ପଟାପଟା ଚିହ୍ନ ଥିବା ଏକ ବିରଳ ପ୍ରଜାତିର ବାଘ ଦେଖିବାକୁ ମିଳନ୍ତି ଯାହା କି ସମଗ୍ର ଭାରତ କାହିଁକି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳନ୍ତି ନାହିଁ । ଏହି ବାଘଗୁଡ଼ିକର ଶରୀରରେ କଳା ରଙ୍ଗର ବଡ଼ବଡ଼ ପଟା ଦାଗ ଥିବାବେଳେ ହଳଦି ରଙ୍ଗର ଛୋଟ ଛୋଟ ପଟା ଚିହ୍ନ ଥାଏ । ଏମାନଙ୍କର ପେଟ ପାଖର ତଳ ଅଂଶ ଦେଖିବାକୁ ଧଳା । ସଦ୍ୟ ସମାପ୍ତ ହୋଇଥିବା (୨୦୧୬ ମସିହା) ବାଘ ଗଣନା ରିପୋର୍ଟ ଅନୁସାରେ ଶିମିଳିପାଳରେ ମୋଟ ୨୯ଟି ବାଘ ଥିବାବେଳେ ଏଥିମଧ୍ୟରୁ ୩ଟି କଳାବାଘ ବା 'ମେଲାନିଷ୍ଟିକ୍ ଟାଇଗର' ଅଛନ୍ତି ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ୨୦୧୪ ମସିହାର ବାଘ ଗଣନାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ଉପୁଜିଥିଲା । ଏହି ଗଣନା ଅନୁସାରେ ଶିମିଳିପାଳରେ ୧୮ରୁ କମ୍ ବାଘ ଥିବା କଥା ଜଣାପଡ଼ିଥିଲା । ମାତ୍ର ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା କରାଯାଇ ଏହି ସଂଖ୍ୟା ୨୯ ବୋଲି କୁହାଯାଇଛି । ଗତ ୨୦୧୦ ମସିହା ବାଘ ଗଣନା ରିପୋର୍ଟ ଅନୁସାରେ ଶିମିଳିପାଳ ଜୈବମଣ୍ଡଳରେ ମାତ୍ର ୧୮ଟି ବାଘ ଥିବା ବେଳେ ଏହାପୂର୍ବରୁ୨୦୦୬ ମସିହାରେ ଶିମିଳିପାଳରେ ୯୯ଟି ବାଘ ଥିଲେ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ଦାବି କରନ୍ତି ।

କାଳିଆଣି ବିଞ୍ଚଣି ପବନ

ବର୍ଷସାରା ଶିମିଳିପାଳରେ ତାପମାତ୍ରା କମ୍ ରହିଥାଏ । ଏଠାରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରି ସେଣ୍ଟିଗ୍ରେଡରୁ ସର୍ବାଧିକ ୩୪ ଡିଗ୍ରି ମଧ୍ୟରେ ରହିଥାଏ । ଏଣୁ ଶୀତଦିନେ ଏଠାରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ଶୀତଦିନେ ଏକ ପ୍ରକାର ବାୟୁ ପ୍ରବାହ ହୋଇଥାଏ ଯାହାକୁ **କାଳିଆଣି ବିଞ୍ଚଣି ପବନ** ବୋଲି କୁହାଯାଏ । ଏହି କାଳିଆଣି ପବନ ପ୍ରକୃତିର ଏକ ବିସ୍ମୟକର ପ୍ରକ୍ରିୟା । ଖରାଦିନେ ପଞ୍ଚପିଢ ଉପଖଣ୍ଡ ଅନ୍ତର୍ଗତ କରମଘାଟିର ପୂର୍ବରୁ କିଛି ଦୂରରେ ଶିମିଳିପାଳ ପାହାଡ଼ର ପଶ୍ଚିମ ପାଖରେ ଏକ ସୁଡ଼ଙ୍ଗରୁ ହାତୀଶୁଣ୍ଢ ଭଳି ପବନ ବହିଥାଏ । ଏହି ପବନ ଭଣ୍ଡନ ନଦୀ ଉପରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ବହିଯାଇ ମାଟିଆଗଡ଼, ଚାଇଁନେବଦା ଦେଇ ଖିଚିଂରେ ପହଞ୍ଚିଥାଏ । ଏହି ପବନକୁ କାଳିଆଣି ବିଞ୍ଚଣି ପବନ କୁହାଯାଏ । ଖରାଦିନେ ମାଟିଆଗଡ଼ ଅଞ୍ଚଳରେ ବିଞ୍ଚଣା (ପଙ୍ଖା)ର ଆବଶ୍ୟକତା ପଡ଼ି ନଥାଏ । ସେହିଭଳି ଶିମିଳିପାଳ ପାହାଡ଼ର ଉତ୍ତରରେ ଦେବକୁଣ୍ଡର କିଛି ଉପରକୁ ଏକ ଖୋଲ ରହିଛି । ଏହି ଖୋଲରୁ ଆଉ ଏକ ପବନର ଧାର ଦକ୍ଷିଣ ଓ ପୂର୍ବ ଆଡକୁ ବହିଯାଇ କପ୍ତିପଦା ଅଞ୍ଚଳକୁ ମାଡ଼ିଯାଏ । ଏଣୁ ଏ ଅଞ୍ଚଳରେ ମଧ୍ୟ ଖରାଦିନେ ବିଞ୍ଚଣା (ପଙ୍ଖା)ର ଆବଶ୍ୟକତା ପଡ଼ି ନଥାଏ ।

Digitized by srujanika@gmail.com

ପଦ୍ମଶ୍ରୀ ସରୋଜରାଜ୍ ଚୌଧୁରୀଙ୍କ ଅବୁଝା କନ୍ୟା; 'ଖଇରୀ'

୧୯୭୪ ମସିହା ଅକ୍ଟୋବର ୩ ତାରିଖ ଦିନ ଏକ ଶୀତୁଆ ମଧ୍ୟାହ୍ନ ମୟୂରଭଞ୍ଜ ଇତିହାସରେ ଯୋଡ଼ିଦେଲା ଏକ ନୂଆ ଫର୍ଦ୍ଦ । ଏହି ଦିନ ଶିମିଳିପାଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଜେନାବିଲ ରେଞ୍ଜ ଅଧୀନସ୍ଥ ଖଇରୀ ନଦୀ କୂଳରୁ ସ୍ଥାନୀୟ ଅଞ୍ଚଳର ଜଙ୍ଗଲୀ ଖଡ଼ିଆ ସଂପ୍ରଦାୟର ଲୋକେ ଏକ ବାଘଛୁଆ ପାଇଲେ । ଖଡ଼ିଆମାନେ ଏହି ବାଘ ଛୁଆଟିକୁ ପାଇବା ପରେ ତତ୍କାଳୀନ ଶିମିଳିପାଳ ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ସ୍ୱର୍ଗତଃ ସରୋଜ ରାଜ ଚୌଧୁରୀଙ୍କୁ ପ୍ରଦାନ କରିଥିଲେ । ଆଉ ଏହା ପରଠୁ ଯାହା କିଛି ଘଟିଲା, ତାହା ଇତିହାସ ।

ଦୁଇ ମାସର ଏହି ବାଘ ଛୁଆଟିକୁ ଖଇରୀ ନଦୀ କୂଳରୁ ପାଇଥିବାରୁ ଏହାର ନାମ 'ଖଇରୀ' ରଖାଯାଇଥିଲା । ଲିଙ୍ଗ ନିରୂପଣ କରିବା ପରେ ଏହା ମାଈ ଛୁଆ ବୋଲି ଜଣାପଡ଼ିଥିଲା । ଏହା ପରଠୁଁ ବାଘ ଛୁଆଟି ସରୋଜ ରାଜ୍ ଚୌଧୁରୀଙ୍କ ଅବୁଝା କନ୍ୟା ପାଲଟି ଯାଇଥିଲା । ସିଷ୍ଟର ନିହାର୍ ଖଇରୀର ଦାୟିତ୍ୱ ନେଲେ । ଶୈଶବ ଅତିକ୍ରମ କରି ଖଇରୀ ଯେତେବେଳେ ଯୁବତୀ ହେଲା, ଏହାର ବାହାଘର ଚିନ୍ତା ଘାରିଲା ସରୋଜ ରାଜ୍ ଚୌଧୁରୀଙ୍କୁ । ପ୍ରଜନନ ଉଦ୍ଦେଶ୍ୟରେ ଜଙ୍ଗଲରେ ଛଡ଼ା ଯାଇଥିଲା । ମାତ୍ର ବଣର କୌଣସି ପୁରୁଷ ବାଘ ଖଇରୀକୁ ବାହା ହେବାକୁ ରାଜି ହେଲେନି ।

Digitized by srujanika@gmail.com

ଶେଷରେ ବାପା ହିସାବରେ ଚୌଧୁରୀ ସାହେବ ସମସ୍ତ ପ୍ରକାର ଯତ୍ନ ସହକାରେ ନିଜର କନ୍ୟା ଭଳି ନିଜ ପାଖରେ ରଖିଲେ । ମାତ୍ର ଖଇରୀକୁ ଏକ ବୁଲା କୁକୁର କାମୁଡ଼ିବାରୁ ତାକୁ ଜଳାତଙ୍କ ରୋଗ ହେଲା ଏବଂ ସେ ଅଧିକ ହିଂସ୍ର ହୋଇଉଠିଲା । ବନବିଭାଗ କର୍ମଚାରୀଙ୍କୁ ଆକ୍ରମଣ କଲା । ତାକୁ କାବୁ କରିବାକୁ ଯାଇ ନିଷ୍ତେଜକ ପ୍ରୟୋଗ କରାଯାଇଥିଲା । ପ୍ରଥମ ଟ୍ରାଂକୁଲାଇଜର କାମ ନ କରିବାରୁ ତାକୁ ଦ୍ୱିତୀୟବାର ଦିଆଯାଇଥିଲା । ଦ୍ୱିତୀୟ ଟ୍ରାଂକୁଲାଇଜର ମାତ୍ରାଧିକ ହେବା ଯୋଗୁଁ ଖଇରୀ ସବୁଦିନ ପାଇଁ ଆଖି ବୁଜି ଦେଇଥିଲା । ୧୯୮୧ ମସିହା ମାର୍ଚ୍ଚ ୨୮ ତାରିଖ ଦିନ ଶିମିଳିପାଳ ତଥା ମୟୂରଭଞ୍ଜ ପାଇଁ ଏକ ଦୁଃଖଦ ଦିନ ପାଲଟିଗଲା । ଏହି ଦିନ ଖଇରୀର ମୃତ୍ୟୁ ହୋଇଗଲା । ଖଇରୀର ବାପା କୁହାଯାଉଥିବା ତତ୍‌କାଳୀନ କ୍ଷେତ୍ର ନିର୍ଦ୍ଦେଶକ ସରୋଜ ରାଜ୍ ଚୌଧୁରୀ ନିଜ ପାଳିତା କନ୍ୟାର ଚିନ୍ତାରେ ଅଳ୍ପ ଦିନ ପରେ ମଧ୍ୟ ମରିଯାଇଥିଲେ । ଏହି ପ୍ରଖ୍ୟାତ ବାଘୁଣୀ 'ଖଇରୀ'ର ଜୀବନ ବୃତ୍ତାନ୍ତକୁ ନେଇ ବହୁ ସାହିତ୍ୟ ରଚନା ଏବଂ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଯାଇଛି । ଏଥିପାଇଁ ସରୋଜ ରାଜ୍ ଚୌଧୁରୀଙ୍କୁ ପଦ୍ମଶ୍ରୀ ଉପାଧି ମଧ୍ୟ ମିଳିଛି । ମାତ୍ର ଖଇରୀର ଆତ୍ମା ଆଜି ବି ଶିମିଳିପାଳର ନିଘଞ୍ଚ ଅରଣ୍ୟରେ ଗୁମୁରି ଉଠେ ।

ଖଣିଜ ସଂପଦ ଶିମିଳିପାଳ ଜୈବମଣ୍ଡଳ ପ୍ରତି ବିପଦ!

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଶହଶହ ପଥର କ୍ୱାରି (ପଥର ଖାଦାନ) ଓ ଷ୍ଟୋନ୍ କ୍ରସର ଏବେ ସବୁଠୁ ବଡ଼ ବିପଦ ଭାବେ ଉଭା ହୋଇଛନ୍ତି । ପ୍ରତିଦିନ ଏଠାରେ ପଥର ବ୍ଲାଷ୍ଟିଂ ଓ ଗ୍ରାଇଣ୍ଡିଂ ଚାଲିଛି । ଶିମିଳିପାଳ ଅଭୟାରଣ୍ୟରେ ଚାରି ପାର୍ଶ୍ୱରେ ବସିଥିବା ହଜାର ହଜାର ସଂଖ୍ୟାରେ କ୍ରସର ଏବେ ଶିମିଳିପାଳର ପାହାଡ଼କୁ ଧ୍ୱଂସ କରିଚାଲିଛନ୍ତି । ଜଙ୍ଗଲ ବିଭାଗର ସୂଚନା ପ୍ରକାର ଶିମିଳିପାଳ ମଧ୍ୟରେ କୌଣସି ଖଣିଜ ସଂପଦ ଉତ୍ତୋଳନ କିମ୍ବା ଖନନ କାର୍ଯ୍ୟ ହେଉନାହିଁ । ମାତ୍ର ବେଆଇନ୍ ଭାବେ ଏଠାରେ ପଥର ବ୍ଲାଷ୍ଟିଂ ସହିତ କ୍ୱାର୍ଜ, ରତ୍ନପଥର ଭଳି କିଛି ଖଣିଜ ସଂପଦ ଉତ୍ତୋଳନ ଚାଲିଥିବା ଜଣାପଡ଼ିଛି । ଏଥିରେ ଜଙ୍ଗଲ ବିଭାଗ ଅଧିକାରୀମାନେ ସାମିଲ୍ ଅଛନ୍ତି । ଶିମିଳିପାଳରେ ବେଆଇନ୍ ପଥର ଖନନ ଓ ବ୍ଲାଷ୍ଟିଂକୁ ବନ୍ଦ କରିବା ଜରୁରୀ ହୋଇପଡ଼ିଛି ।

Digitized by srujanika@gmail.com

ବୁଢ଼ାବଳଙ୍ଗ ନଦୀର ଉତ୍ପତ୍ତିସ୍ଥଳ ବୁଢ଼ାବଳଙ୍ଗ ଗାଁର ବଦରଗୋଡ଼ା ନାଳ

Digitized by srujanika@gmail.com

▶ ପଞ୍ଚମ ପରିଚ୍ଛେଦ

ପ୍ରାଚୀନ ଜନଜାତି, ଜୀବନଜୀବିକା, ପ୍ରଥା, ପରଂପରା ଓ ପର୍ବପର୍ବାଣି

ମୟୂରଭଞ୍ଜ ଜିଲ୍ଲାର ଜନଜାତି

ଓଡ଼ିଶାରେ ମୋଟ ୬୨ ପ୍ରକାର ଜନଜାତି ବସବାସ କରୁଥିବାବେଳେ କେବଳ ମୟୂରଭଞ୍ଜ ଜିଲ୍ଲାରେ ୫୩ ପ୍ରକାର ଜନଜାତି ଗୋଷ୍ଠୀ ଦେଖିବାକୁ ମିଳନ୍ତି । ଏଥିପାଇଁ ମୟୂରଭଞ୍ଜ ଓଡ଼ିଶାର ଏକ ସର୍ବାଧିକ ଘନତ୍ୱ ବିଶିଷ୍ଟ ଆଦିବାସୀବହୁଳ ଜିଲ୍ଲା ଭାବେ ଜଣାଶୁଣା । **ମୟୂରଭଞ୍ଜ ଜିଲ୍ଲା ଜନସଂଖ୍ୟାର ଶତକଡ଼ା ୫୯ ପ୍ରତିଶତ ହେଉଛନ୍ତି ଜନଜାତି ଗୋଷ୍ଠୀ ।** ମୟୂରଭଞ୍ଜ ଜିଲ୍ଲାରେ ସାନ୍ତାଳ, କୋହ୍ଲ, ମୁଣ୍ଡା, ବାଗତା, ବାଥୁଡ଼ି, ଭୂୟାଁ, ଭୂମିଆଁ, ଭୂମିଜ, ବିଞ୍ଝଲ, ବିର୍‌ହଳ, ଗଣ୍ଡ, ହୋ, ହାଲ୍‌ବା, ଜତାପୁ, ବଇଗା, ଖଡ଼ିଆ, ମହ୍ଲାର, ଲୋଧା, ମାହାଲି, ସାଉଁଟି ଭଳି ଜନଜାତିର ଲୋକେ ବସବାସ କରନ୍ତି । ଏହାବ୍ୟତୀତ ମାଙ୍କିଡ଼ିଆ, ଖଡ଼ିଆ ଓ ଲୋଧା ଭଳି 'ପୁରାତନ ଜନଜାତି' *(Particularly Vulnerable Tribal Group)*ର ଲୋକମାନେ ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳନ୍ତି । ମାଙ୍କିଡ଼ିଆ ଓ ଖଡ଼ିଆମାନେ କପ୍ତିପଦା ଓ ପଞ୍ଚପିଢ ଉପଖଣ୍ଡର ଉଦଳା, କପ୍ତିପଦା, ଯଶୀପୁର ଆଦି ଅଞ୍ଚଳରେ ବସବାସ କରୁଥିବାବେଳେ ଲୋଧାମାନେ ମୋରଡ଼ା ଓ ଶୁଳିଆପଦା ବ୍ଲକ୍‌ରେ ଦେଖିବାକୁ ମିଳନ୍ତି । ମାଙ୍କିଡ଼ିଆ ଓ ଖଡ଼ିଆ ଆଦିମ ଜନଜାତିର ଲୋକମାନଙ୍କ ବିକାଶ ପାଇଁ 'ମାଙ୍କିଡ଼ିଆ-ଖଡ଼ିଆ ଉନ୍ନୟନ ସଂସ୍ଥା' ଏବଂ ଲୋଧାମାନଙ୍କ ପାଇଁ 'ଲୋଧା ଉନ୍ନୟନ ସଂସ୍ଥା' ନାମରେ ଦୁଇଟି ଅଣୁ ପ୍ରକଳ୍ପ *(Micro Project)* କାର୍ଯ୍ୟ କରୁଛି । ଲୋଧା ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟ ମୋରଡ଼ାରେ ଥିବାବେଳେ ମାଙ୍କିଡ଼ିଆ-ଖଡ଼ିଆ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଯଶୀପୁରଠାରେ କାର୍ଯ୍ୟ କରୁଛି ।

Digitized by srujanika@gmail.com

ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଜୀବନଜୀବିକା

କାଠ, ବାଉଁଶ, ସବାଇଘାସ, ଶିଆଳିଲଟା, ଶାଳପତ୍ର, ଝୁଣା, ଟସର, ଲାଖ ଓ ଅନ୍ୟାନ୍ୟ ଜଙ୍ଗଲଜାତ ସାମଗ୍ରୀ ବିଶେଷକରି ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଜନଜାତି ଗୋଷ୍ଠୀଙ୍କର ଜୀବନଜୀବିକାକୁ ନିୟନ୍ତ୍ରିତ କରିଥାଏ । **ସବାଇ ଘାସ** ଓ **ଶିଆଳି ଲଟା**କୁ ଜନଜାତିଙ୍କ ଜୀବନ ରେଖା କହିଲେ ବେଶି ହୋଇଯିବନି । ସବାଇ ଘାସକୁ ସିଧା ବିକ୍ରି କରି କିମ୍ବା ଏଥିରୁ ପ୍ରସ୍ତୁତ ଦଉଡ଼ି, ପାପୋଛ, ଫୁଲଦାନୀ, ମସିଣା, ଆସନ, ବାସ୍କେଟ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ବିକ୍ରି କରି ଆଦିବାସୀ ଲୋକମାନେ ବେଶ୍ ଦି' ପଇସା ଅର୍ଜନ କରିଥାନ୍ତି ।

ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀ **ସିଆଳି ଲଟା**ର ଦଉଡ଼ି ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇଥା'ନ୍ତି । ସିଆଳି ଲଟାରୁ ଦଉଡ଼ି, ପାପୋଛ ଭଳି ନାନା ଉପକରଣ ପ୍ରସ୍ତୁତ ହୋଇଥାଏ । ଜିଲ୍ଲାର ଅନେକ ସ୍ଥାନରେ କାଠ ଓ ବାଉଁଶ ଶିଳ୍ପର ଚାହିଦା ରହିଛି । ମୟୂରଭଞ୍ଜ ଜିଲ୍ଲାର **ମାହାଲି** ସଂପ୍ରଦାୟର ଜନଜାତି ଗୋଷ୍ଠୀ ବାଉଁଶ ନିର୍ମିତ ଉପକରଣ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟେଇଥାନ୍ତି ।

ସେହିଭଳି ଟସର ଓ ଲାଖ ଚାଷ କରି ମୟୂରଭଞ୍ଜର ଅଧିବାସୀମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଶିମିଳିପାଳ ସମେତ ମୟୂରଭଞ୍ଜର ବିଭିନ୍ନ ଜଙ୍ଗଲରେ ଶାଳ, ଅର୍ଜୁନ, ଅସନ, ପଳାଶ, କୁସୁମ, ଜାମୁ ଓ ବରକୋଳି ଆଦି ଗଛ ବହୁଳ ଭାବେ ଦେଖାଯାଏ । ମୁଖ୍ୟତଃ ଏହି ଜଙ୍ଗଲରେ ଦେଖା ଦେଉଥିବା ଟସର କୀଟ ଶାଳ, ଅର୍ଜୁନ, ଅସନ, ଜାମୁ ଆଦି ଗଛର ପତ୍ର ଖାଇ ବଞ୍ଚୁଥିବାବେଳେ ଲାଖ କୀଟ ପଳାସ, କୁସୁମ, ବରକୋଳି ଆଦି ଗଛର ବକଳ ଖାଇ ବଞ୍ଚିଥାନ୍ତି ।

ବର୍ତ୍ତମାନ ଯୁଗରେ ଟସର ସିଲ୍‌କର ବହୁଳ ବ୍ୟବହାର ହେଉଛି । ଏଥିରୁ ନାନା ପ୍ରକାର ପୋଷାକ ଯଥା-ମଠା ଶାଢ଼ି, ଶାଲ୍, ଚଦର, କୋର୍ଟ ଓ ନାନା ପ୍ରକାର ପୋଷାକ, ପରଦା, ପଟ୍ଟଚିତ୍ର ପାଇଁ କପଡ଼ା ଆଦି ତିଆରି କରାଯାଏ । ସେହିଭଳି ଲାଖ କୀଟରୁ ବାହାରୁଥିବା ଜଉ ଓ ଲାଖରୁ ବାର୍ଣ୍ଣିସ ତିଆରି ହୋଇଥାଏ । ଏହାବ୍ୟତୀତ ସୌଖୀନ ଜିନିଷ ଯଥା-ଜଉ କଣ୍ଢେଇ, ପେପର ୱେଟ୍, ପେନ୍ ଷ୍ଟାଣ୍ଡ, ଫୁଲଦାନି, ଶଙ୍ଖା, ଚୁଡ଼ି ଆଦିରେ ଲାଖର ବ୍ୟବହାର କରାଯାଏ ।

ଶାଳ ଓ ମହୁଲ ମଞ୍ଜିରୁ ତେଲ, ସାବୁନ୍ ଓ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ । ମୟୂରଭଞ୍ଜ ଜିଲ୍ଲାର ଆଦିବାସୀମାନେ ଶାଳ ଓ ମହୁଲ ମଞ୍ଜି ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇଥା'ନ୍ତି । କେବଳ ଶାଳ ମଞ୍ଜି କାହିଁକି ଶାଳପତ୍ର, ମହୁଲ ଫୁଲ ମଧ୍ୟ ଆଦିବାସୀଙ୍କ ଜୀବନଜୀବିକାକୁ ସର୍ବାଧିକ ଭାବେ ପ୍ରଭାବିତ କରିଥାଏ ।

ମୋଟ ଉପରେ କହିବାକୁ ଗଲେ, ମୟୂରଭଞ୍ଜ ଜିଲ୍ଲାର ସୁଦୀର୍ଘ ଘଞ୍ଚ ଜଙ୍ଗଲ ହିଁ ଏଠାକାର ଜନଜାତିଙ୍କ ପାଇଁ ଜୀବନଜୀବିକାର ପ୍ରମୁଖ ଉତ୍ସ । ଏହା ବ୍ୟତୀତ କୃଷିକାର୍ଯ୍ୟ, ପଶୁ ପାଳନ, ମାଛ

Digitized by srujanika@gmail.com

ଚାଷ ଏବଂ ଖଣିଜ ଶିଳ୍ପରେ ମଧ୍ୟ କିଛି ମାତ୍ରାରେ ଜନଜାତି ଗୋଷ୍ଠୀର ଲୋକମାନେ ନିୟୋଜିତ ରହିଛନ୍ତି । ମାହାଲି ଓ ତମ ସଂପ୍ରଦାୟର ଲୋକେ ବାଉଁଶର ନାନା ପ୍ରକାର ଘରକରଣା ଉପକରଣ ପ୍ରସ୍ତୁତ କରି ଜୀବିକା ନିର୍ବାହ କରନ୍ତି । ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା, ଖୁଣ୍ଟା, ଶ୍ୟାମାଖୁଣ୍ଟା, ବେତନଟୀ ଆଦି ସ୍ଥାନରେ ମାହାଲି ଜନଜାତିର ଲୋକମାନେ ବେଶି ସଂଖ୍ୟାରେ ବସବାସ କରନ୍ତି । ଏହାଛଡ଼ା ବାରିପଦା, ଚିତ୍ରଡ଼ା, ମୋରଡ଼ା ଓ ରାସଗୋବିନ୍ଦପୁର ଆଦି ସ୍ଥାନରେ ଅଧିବାସୀମାନେ ଶଙ୍ଖ, ଶାମୁକା ଓ ଉଧ କଣ୍ଢେଇ ଶିଳ୍ପକୁ ଆଦରି ନେଇଛନ୍ତି । ମୟୂରଭଞ୍ଜର ଚିତ୍ରଡ଼ା, ବାରିପଦା, ବେତନଟୀ, କରଞ୍ଜିଆ ଆଦି ସ୍ଥାନରେ ବସବାସ କରୁଥିବା କୁମ୍ଭାର ସଂପ୍ରଦାୟର ଲୋକେ ମାଟି ନିର୍ମିତ ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରି କରି ନିଜନିଜର ଗୁଜୁରାଣ ମେଣ୍ଟାଇଥା'ନ୍ତି । ମୟୂରଭଞ୍ଜର ଢୋକ୍ରା ଓ ପଥର ଶିଳ୍ପ ସମଗ୍ର ରାଜ୍ୟରେ ପ୍ରସିଦ୍ଧିଲାଭ କରିପାରିଛି । ଖିଚିଂର କେସ୍‌ନା, ରରୁଆଁ, ଶୁକୁଳି, ଭଞ୍ଜକିଆ, ଆଦିପୁର, କପ୍ତିପଦା, ଲୁଲୁଂର ପଥର ମୂର୍ତ୍ତି ଶିଳ୍ପ ଏବଂ କୁଳିଅଣା ନିକଟସ୍ଥ କାମତା, ପାରିଆକୋଇଲି, ସୋପର୍ଣଖା, ଖୁଣ୍ଟା ନିକଟସ୍ଥ କୁଡ଼ିଆଖୋଞ୍ଚା ଓ ବିଶୋଇର ଢୋକ୍ରା ଶିଳ୍ପ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନଜୀବିକାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ।

ରାଇରଙ୍ଗପୁର (ବାମନଘାଟି ଉପଖଣ୍ଡ) ସବ୍ ଡିଭିଜନରେ ପ୍ରଥମେ ଲୁହା ଶିଳ୍ପର ଶୁଭ ଉଦ୍‌ଘାଟନ ହୋଇଥିଲା । ଏ ଅଞ୍ଚଳର ମାଟିତଳେ ଗଚ୍ଛିତଥିବା ଲୁହାପଥରକୁ ଭିତ୍ତିକରି ଏଠାରେ ଖଣିଜ ଶିଳ୍ପ ବିକଶିତ ହୋଇପାରିଛି ।

ମୟୂରଭଞ୍ଜରେ ଶିଳ୍ପବିପ୍ଳବର ଇତିହାସ

ଏସିଆ ମହାଦେଶରେ ପ୍ରଥମକରି ଲୌହଖଣିର ସନ୍ଧାନ ମିଳିଥିଲା ଆଜିର ମୟୂରଭଞ୍ଜ ଜିଲ୍ଲା ଅର୍ଥାତ୍ ତତ୍‌କାଳୀନ ମୟୂରଭଞ୍ଜ ରାଜ୍ୟର ବାମନଘାଟି ଉପଖଣ୍ଡରୁ । ସେହିଭଳି ମୟୂରଭଞ୍ଜ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ଶାଳମଞ୍ଜି ତେଲ କାରଖାନା ବିଶ୍ୱ ଶିଳ୍ପ ଇତିହାସରେ ଏକ ନିଆରା ପୃଷ୍ଠା ଯୋଡ଼ିପାରିଥିଲା । ସମଗ୍ର ବିଶ୍ୱରେ ପ୍ରଥମ ଶାଳମଞ୍ଜି ତେଲ ଶିଳ୍ପ ମୟୂରଭଞ୍ଜରୁ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ମୟୂରଭଞ୍ଜରେ ପଥର ଖୋଦେଇ, ମାଟିପାତ୍ର, ଇଟା ଶିଳ୍ପ, ଲାଖ, ଟସର, କୃଷିଭିତ୍ତିକ ଶିଳ୍ପ ପ୍ରଚଳିତ ଥିଲା ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ନିଜ ରାଜ୍ୟରେ ଖଣିଜ ସଂପଦ ବିଷୟରେ ଜାଣିବା ପାଇଁ ସେତେବେଳର ବ୍ରିଟିଶ୍ ସରକାରଙ୍କର ମାଇନିଂ ଅଫିସର **ପ୍ରମଥ ନାଥ ବୋଷ (ପି.ଏନ୍. ବୋଷ)ଙ୍କ** ଦ୍ୱାରା ସର୍ଭେ କରାଇଥିଲେ । ପିଏନ୍ ବୋଷଙ୍କ ସର୍ଭେ ପରେ ବାମନଘାଟି ଅଞ୍ଚଳରେ ବ୍ୟାପକମାତ୍ରାରେ ଲୁହାପଥର ଗଚ୍ଛିତ ଥିବା କଥା ଜଣାପଡ଼ିଲା । ସେହିଭଳି ସୁବର୍ଣ୍ଣରେଖା, ଖଡ଼କେଇ ନଦୀ ଅବବାହିକା ଏବଂ ଶିମିଳିପାଳର ବରେହିପାଣି ସଂଲଗ୍ନ ଅଞ୍ଚଳରେ ସ୍ୱର୍ଣ୍ଣ ଗଚ୍ଛିତ ଥିବା ମଧ୍ୟ ଜଣାପଡ଼ିଥିଲା ।

Digitized by srujanika@gmail.com

ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ କାଳରେ **୧୯୦୪ ମସିହାରେ ଗୋରୁମହିଷାଣି**ରେ ପ୍ରଥମେ ଲୁହାଖଣି ଆବିଷ୍କୃତ ହୋଇଥିଲା । ଟାଟା ଷ୍ଟୀଲ୍ ସହାୟତାରେ ଏଠାରେ ଗଢ଼ି ଉଠିଥିଲା ଖଣିଜସଂପଦଭିତ୍ତିକ ଶିଳ୍ପ ଓ କଳକାରଖାନା । ଆହୁରି ମଧ୍ୟ ୧୯୦୪ ମସିହାରେ ମୟୁରଭଞ୍ଜ ହିଁ ପ୍ରଥମ ଭାରତୀୟ ଦେଶୀୟ ରାଜ୍ୟ ଭାବେ ରେଳ ଚଳାଚଳ କରି ଇତିହାସ ରଚିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଉଦ୍ୟମରେ ରାଜ୍ୟରେ ପ୍ରଥମ କରି ୧୯୦୪ ମସିହାରେ ରୁପ୍‌ସା-ବାରିପଦା ରେଳ (ମୟୁରଭଞ୍ଜ ଷ୍ଟେଟ୍ ଲାଇଟ୍ ରେଳପଥ) ଚଳାଚଳ କରିଥିଲା ଏବଂ ପରେ ଏହି ରେଳପଥ ବାଙ୍ଗିରିପୋଷି-ତାଳବନ୍ଧ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଥିଲା । ଶିମିଳିପାଳ ଜଙ୍ଗଲରୁ ମୂଲ୍ୟବାନ କାଠ ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ପରିବହନ ପାଇଁ ଏହି ରେଳସେବା ପ୍ରମୁଖ ଭୂମିକା ତୁଲାଇ ଆସୁଥିଲା ।

ଦୂରଦୃଷ୍ଟିସଂପନ୍ନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୯୧୦ ମସିହାରେ ହଂକଂ, ଚୀନ୍, ଜାପାନ, ଆମେରିକା, ଇଂଲଣ୍ଡ, ଫ୍ରାନ୍‌ସ, ସୁଇଜରଲ୍ୟାଣ୍ଡ ଆଦି ଅନେକ ଦେଶ ଭ୍ରମଣ କରି ସେଠାକାର କୃଷି ଓ ଶିଳ୍ପକୁ ମୟୁରଭଞ୍ଜରେ ପ୍ରୟୋଗ କରିବାକୁ ଉଦ୍ୟମ କରିଥିଲେ । ଲଣ୍ଡନରେ କାର୍ଯ୍ୟରତ ପ୍ରଥମ ଭାରତୀୟ ଭୂତତ୍ତ୍ୱବିତ୍ **ପ୍ରମଥ ନାଥ ବୋଷ୍** *(P.N. Bose)*ଙ୍କୁ ମୟୁରଭଞ୍ଜ ଷ୍ଟେଟ୍‌ର ମୁଖ୍ୟ ଖଣି ଓ ବୈଷୟିକ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ । ପ୍ରମଥନାଥ ବୋଷଙ୍କ ଉଦ୍ୟମରେ ଦେଶରେ ପ୍ରଥମଥର ପାଇଁ ମୟୁରଭଞ୍ଜରେ ଭୂତାତ୍ତ୍ୱିକ ସର୍ବେକ୍ଷଣ କରାଯାଇଥିଲା । ମୟୁରଭଞ୍ଜର ଚାରିଗୋଟି ଉପଖଣ୍ଡ ମଧ୍ୟରୁ ବାରିପଦା ଓ କପ୍ତିପଦା ଉପଖଣ୍ଡରେ କୃଷିଭିତ୍ତିକ, ପଞ୍ଚପିଢ଼ (କରଞ୍ଜିଆ)ରେ ଜଙ୍ଗଲଭିତ୍ତିକ ଏବଂ ବାମନଘାଟି (ରାଇରଙ୍ଗପୁର) ଉପଖଣ୍ଡରେ ଖଣିଭିତ୍ତିକ ଶିଳ୍ପର ବିକାଶ ପାଇଁ ରାଜା ସ୍ୱପ୍ନ ଦେଖିଥିଲେ ଏବଂ ଏହା ପରବର୍ତ୍ତୀ କାଳରେ ସାକାର ହୋଇପାରିଥିଲା ।

ମୟୁରଭଞ୍ଜରେ ଲୌହଖଣିଭିତ୍ତିକ ଶିଳ୍ପ

ମୟୁରଭଞ୍ଜରେ ଲୁହାଖଣିର ସନ୍ଧାନ ଏବଂ ଏହାକୁ ନେଇ ଗଢ଼ି ଉଠିଥିବା ଶିଳ୍ପ ସମଗ୍ର ଭାରତବର୍ଷରେ ଶିଳ୍ପ କ୍ଷେତ୍ରକୁ ଏକ ନୂତନ ଆଲୋକବର୍ତ୍ତିକା ଦେଖାଇପାରିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଖ୍ୟାତ **ଭୂତତ୍ତ୍ୱବିତ୍ ପ୍ରମଥନାଥ ବୋଷ**ଙ୍କ ପରାମର୍ଶକ୍ରମେ ଜାମ୍‌ସେଦ୍‌ଜୀ ଟାଟାଙ୍କୁ ନିଜ ରାଜ୍ୟରେ ଖଣି ଖନନ କରିବାକୁ ନିମନ୍ତ୍ରଣ କରି (ଆଜିର ଏମ୍‌ଓୟୁ ସ୍ୱାକ୍ଷର ଭଳି) ଶିଳ୍ପବିପ୍ଳବର ମୂଳଦୁଆ ପକାଇଥିଲେ । **୧୯୦୫ ମସିହାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜାମ୍‌ସେଦ୍‌ଜୀ ଟାଟାଙ୍କୁ ୫ ବର୍ଷ ପାଇଁ ବିନାମୂଲ୍ୟରେ ଲୁହାପଥର ଉତ୍ତୋଳନ ପାଇଁ ଅସ୍ଥାୟୀ ଖଣିପଟ୍ଟା ପ୍ରଦାନ କରିଥିଲେ ।** ଏହାପରେ **୧୯୧୦ ମସିହାରେ ଗୋରୁମହିଷାଣି, ବାଦାମପାହାଡ଼, ସୁଲେଇପାଟ**ର ମୋଟ ୧୨.୦୮ ବର୍ଗ ମାଇଲ୍ ଅଞ୍ଚଳରେ ଲୁହାପଥର ଖଣି ଖନନ ଓ ଉତ୍ତୋଳନ ପାଇଁ ଏକ ୩୦ ବର୍ଷିଆ ଚୁକ୍ତି

Digitized by srujanika@gmail.com

ମହାରାଜା ଓ 'ଟିସ୍କୋ' *(Tata Iron and Steel Company)* ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ୧୯୧୯ ମସିହାରେ ବାଦାମପାହାଡ଼ ଓ ୧୯୨୧ ମସିହାରେ ସୁଲେଇପାଟରେ ଟିସ୍କୋ ଦ୍ୱାରା ଲୁହାପଥର ଉତ୍ତୋଳନ କାମ ଆରମ୍ଭ ହୋଇଥିଲା । ପରେ ୧୯୪୦ ମସିହାରୁ ୧୯୭୦ ମସିହା ପର୍ଯ୍ୟନ୍ତ ପୁନର୍ବାର ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଟାଟାଙ୍କ ଲୁହାଖଣି ପଟ୍ଟାକୁ ୩୦ ବର୍ଷିଆ ନବୀକରଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ, ମୟୁରଭଞ୍ଜରୁ ହିଁ ଭାରତବର୍ଷର ଲୁହାପଥର ଶିଳ୍ପର ସୂତ୍ରପାତ ହେବା ସାଙ୍ଗକୁ ଟାଟା କଂପାନୀର ମଧ୍ୟ ଶିଳ୍ପ ସାମ୍ରାଜ୍ୟ ବିସ୍ତାରଲାଭ କରିପାରିଥିଲା ।

ଗୋରୁମହିଷାଣି, ସୁଲେଇପାଟ ଓ ବାଦାମପାହାଡ଼ରୁ ଲୁହାପଥର ଉତ୍ତୋଳନ ହେବା ସ୍ଥଳେ ଏଠାରେ କୌଣସି ଲୁହା କାରଖାନା ବସିପାରିଲା ନାହିଁ । ଏହା ହିଁ ପରମ ଐତିହାସିକ ଦୁର୍ଭାଗ୍ୟ । ମହାରାଜା ମୟୁରଭଞ୍ଜରେ ଲୁହା କାରଖାନା ବସାଇବା ପାଇଁ ଟାଟା କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜଣାଇବା ସତ୍ତ୍ୱେ ପାଣି ଉତ୍ସର ଅଭାବ ଦର୍ଶାଇ ରାଇରଙ୍ଗପୁର ଉପଖଣ୍ଡ କିମ୍ବା ମୟୁରଭଞ୍ଜର ଅନ୍ୟାନ୍ୟ ସ୍ଥାନରେ ଲୁହା କାରଖାନା ପ୍ରତିଷ୍ଠା କରାଗଲାନାହିଁ । ମାତ୍ର ଗୋରୁମହିଷାଣି ଲୁହାପଥର ଖଣି ନିକଟସ୍ଥ ତତ୍କାଳୀନ ବିହାର ରାଜ୍ୟର ସିଂହଭୂମି ଜିଲ୍ଲାର **ସାକ୍‌ଚି (ବର୍ତ୍ତମାନର ଜାମ୍‌ସେଦପୁର)** ଗ୍ରାମରେ ଏବଂ **କଳାମାଟି (ବର୍ତ୍ତମାନର ଟାଟାନଗର)** ରେଳଷ୍ଟେସନ ନିକଟରେ **ଭାରତର ପ୍ରଥମ ଲୌହ ଇସ୍ପାତ୍ କାରଖାନା** ପ୍ରତିଷ୍ଠା କରାଗଲା । ୧୯୧୧ ମସିହାରେ ପ୍ରଥମଥର ପାଇଁ ଜାମସେଦପୁର ଟାଟା କାରଖାନା ଗୋରୁମହିଷାଣି ଖଣିର ଲୁହାପଥରରୁ ଲୌହ ପିଣ୍ଡୁଳା ସୃଷ୍ଟି କଲା । **ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮)** ସମୟରେ ମୟୁରଭଞ୍ଜ ଜିଲ୍ଲାର ଗୋରୁମହିଷାଣି, ସୁଲେଇପାଟ ଓ ବାଦାମପାହାଡ଼ ଲୌହପଥର ଖଣି ହିଁ ଇଂରେଜ ସରକାରଙ୍କୁ ସମସ୍ତ ପ୍ରକାର ଲୌହନିର୍ମିତ ଉପକରଣ ଯୋଗାଇବାରେ ସମର୍ଥ ହୋଇଥିଲା । ଟାଟା (ଟିସ୍କୋ)ର ଜାମ୍‌ସେଦପୁର ଷ୍ଟିଲ୍ ପ୍ଲାଣ୍ଟ ଦୀର୍ଘ ଛଅ ଦଶନ୍ଧି କାଳ ଏହି ତିନି ଖଣିରୁ ଲୁହାପଥର ଉତ୍ତୋଳନ କରି ପ୍ରଚୁର ମାତ୍ରାରେ ଲୌହସାମଗ୍ରୀ ଉତ୍ପନ୍ନ କରିବାରେ ସମର୍ଥ ହୋଇଥିଲା । ଟିସ୍କୋ କର୍ତ୍ତୃପକ୍ଷ ଏହି ତିନୋଟି ଖଣିରୁ ସର୍ବସ୍ୱ ଲୁଟିନେବାପରେ ଏବେ ଏସବୁ ଖଣି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ପରବର୍ତ୍ତୀ ସମୟରେ କେନ୍ଦୁଝର ଓ ବିହାରର ସିଂହଭୂମି ଜିଲ୍ଲାରୁ ଲୁହାପଥର ସନ୍ଧାନ ପାଇବା ପରେ ଟାଟା ଗୋରୁମହିଷାଣି, ବାଦାମପାହାଡ଼ ଓ ସୁଲେଇପାଟ ଛାଡ଼ି ଚାଲିଗଲା । ଯେଉଁ ଗୋରୁମହିଷାଣି ଖଣି ପାଇଁ ଆଜି ଟାଟାର ସାମ୍ରାଜ୍ୟ ସୁଦୀର୍ଘବିସ୍ତାରି ହୋଇପାରିଛି, ସେହି ମା'ର ଅବସ୍ଥା ଆଜି କ'ଣ ହୋଇଛି? ଏହା ଚିନ୍ତା କରିବାର ବିଷୟ ।

୧୯୬୦ ମସିହାରେ ଟାଟା ସୁଲେଇପାଟ ଏବଂ ୧୯୭୦ ମସିହାରେ ଗୋରୁମହିଷାଣି ଓ

Digitized by srujanika@gmail.com

ବାଦାମପାହାଡ଼ ପରିତ୍ୟାଗ କରି କେନ୍ଦୁଝର ଓ ବିହାରର ସିଂହଭୂମି ଆଡ଼େ ମୁହାଁଇଲା । ଏହା ଫଳରେ ମୟୂରଭଞ୍ଜରେ ବେରୋଜଗାରୀ ଓ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା । ସବୁଠୁ ଦୁର୍ଭାଗ୍ୟଜନକ ଘଟଣା ହେଉଛି, ତତ୍‌କାଳୀନ ମୟୂରଭଞ୍ଜ ରାଜ୍ୟରେ ଏତେ ପୂର୍ବରୁ ଶିଳ୍ପବିପ୍ଳବ ଆରମ୍ଭ ହୋଇଥିବା ସତ୍ତ୍ୱେ ଆଜିର ମୟୂରଭଞ୍ଜ ଜିଲ୍ଲା ବିକାଶର ସ୍ୱାଦ ଚାଖିପାରିଲା ନାହିଁ । *(Annual Report of the Geological Department, Mayurbhanj State for 1904-05 by P.N. Bose)*

୧୯୩୩ ମସିହା ଏପ୍ରିଲ ଟିସ୍କୋ ରିଭ୍ୟୁରେ **ଭୂତତ୍ତ୍ୱବିତ୍ ପ୍ରମଥ ନାଥ ବୋଷ** ସେତେବେଳର ଲୁହାପଥର ଶିଳ୍ପର ସ୍ଥିତି ସଂପର୍କରେ ଯାହା ଉଲ୍ଲେଖ କରିଛନ୍ତି, ତାହା ବେଶ୍ ରୋଚକପୂର୍ଣ୍ଣ । ଶିଳ୍ପକୁ ପ୍ରୋତ୍ସାହନ ଯୋଗେଇ ଦେବାକୁ ଯାଇ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଥମ ପାଞ୍ଚ ବର୍ଷ (୧୯୦୫-୧୯୧୦) ବିନା ରୟାଲିଟିରେ ଟାଟା କଂପାନୀକୁ ମାଗଣାରେ ଜମି ଲିଜ ଦେଇଥିଲେ । ତେବେ ୧୯୧୦ ମସିହାଠାରୁ ମୟୂରଭଞ୍ଜ ରାଜ୍ୟ ଟିସ୍କୋଠାରୁ ପ୍ରତି ଏକ ଟନ୍ ଲୁହାପଥର ପିଛା ମାତ୍ର **ଅଧ ଅଣା (୧/୨ ଅଣା)** ପଇସା ରୟାଲିଟି ବାବଦକୁ ପାଉଥିଲା । ପ୍ରଥମ ୩୦ ବର୍ଷିଆ ଚୁକ୍ତି ଅବଧି ଶେଷ ହେବାପରେ ଅର୍ଥାତ୍ ୧୯୪୦ ମସିହାରେ ଏହି ରୟାଲିଟି ବୃଦ୍ଧି ପାଇ **୮ ଅଣା (୫୦ ପଇସା)** ହୋଇଥିଲା ବୋଲି ପି.ଏନ୍. ବୋଷ୍ ଟିସ୍କୋ ରିଭ୍ୟୁରେ ଉଲ୍ଲେଖ କରିଛନ୍ତି । *(TISCO Review, April, 1933)*

କେବଳ ଯେ, ଲୁହାଖଣି ନୁହେଁ ବରଂ ସମଗ୍ର ମୟୂରଭଞ୍ଜ ବିଭିନ୍ନ ଖଣିଜ ସଂପଦରେ ଭରା ଏକ ଅଞ୍ଚଳ । ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ବ୍ରିଟିଶ୍ ସରକାରଙ୍କ ମାଇନିଂ ବିଭାଗ ଉପରେ ନିର୍ଭର ନ କରି ୧୯୪୦ ମସିହାରେ ନିଜ ରାଜ୍ୟର ଗୋଟିଏ ମାଇନିଂ ବିଭାଗ ଖୋଲିଥିଲେ । ସେତେବେଳର ଜଣେ ମେଧାବୀ ଛାତ୍ର ବଟହରି ଜେନାଙ୍କୁ ମହାରାଜା ମାଇନିଂ ଓ ଭୂ-ତତ୍ତ୍ୱ ଅଧ୍ୟୟନ ପାଇଁ ବିଲାତ ପଠାଇଥିଲେ । ବଟହରି ଜେନା ବିଲାତରୁ ଫେରିବା ପରେ ମୟୂରଭଞ୍ଜ ରାଜ୍ୟରେ ବ୍ୟାପକ ମାତ୍ରାରେ ସର୍ଭେ କାର୍ଯ୍ୟକ୍ରମ ଚାଲିଲା । ଏହାପରେ ମୟୂରଭଞ୍ଜରେ ଭାନାଡ଼ି ଫେରସ, ଟିଟାନି ଫେରସ୍ ମାଗ୍‌ନାଇଟ୍, କ୍ୱାର୍ଜାଇଟ୍, ଚାଇନା କ୍ଲେ, ଆଜବେଷ୍ଟସ, ସିସାପଥର ଏବଂ ସୁନା ଥିବାର ସନ୍ଧାନ ମିଳିଥିଲା । ଶିମିଳିପାଳର ବେତଝରଣ, ମୟୂରବେଡ଼ା, କାଦୁଆଣି, ଆମଦାବେଡ଼ା, କେଶରି, ନୂଆପାହାଡ଼ି, ହାତୀଆଦର, ବଡ଼ଶିଆଳନଇ, ଚିତ୍ରବରିଆ, ଅସନବଣି, ବଡ଼ଜୋରିରେ ପ୍ରଚୁର ପରିମାଣରେ ଭାନାଡ଼ି ଫେରସ, ଟିଟାନି ଫେରସ୍ ମାଗ୍‌ନାଇଟ୍ ଥିବା ଜଣାପଡ଼ିଲା । ସେହିଭଳି ବାଙ୍ଗିରିପୋଷି, ପାତିହିଞ୍ଜା, କୋଚିଳାଘାଟି ଆଦି ଅଞ୍ଚଳରେ ସିସା, କରଞ୍ଜିଆ, ଯଶିପୁର ଆଦି ଅଞ୍ଚଳରେ ଚାଇନା କ୍ଲେ, ବାଲିମୁଣ୍ଡୁଳି, ପାତିହିଞ୍ଜା, କାଠଶିରିଶି, ବାଲିଡିହା ଅଞ୍ଚଳରେ କ୍ୱାର୍ଜାଇଟ୍ ଥିବା ଜଣାପଡ଼ିଲା । ଏହିସବୁ ଖଣିଜ ପଦାର୍ଥକୁ ନେଇ କ୍ରମେ ମୟୂରଭଞ୍ଜ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା ।

Digitized by srujanika@gmail.com

ଇସ୍ପାତ୍ ଉଦ୍ୟୋଗ

୧୯୬୦ ମସିହାରେ ରାଇରଙ୍ଗପୁରରେ ଇସ୍ପାତ ଉଦ୍ୟୋଗ ନାମରେ ଏକ କାରଖାନା ପ୍ରତିଷ୍ଠାଲାଭ କଲା । ଏହି କାରଖାନା ଲୁହା ନିର୍ମିତ ବାକ୍ସ, ଟ୍ରଙ୍କ୍, ଆଲ୍‌ମାରି ଏବଂ ଅନ୍ୟାନ୍ୟ ଘରକରଣା ଉପକରଣ ପ୍ରସ୍ତୁତ କରୁଥିଲା ।

ଖଣ୍ଡେଲୱାଲ୍ ଆଇରନ୍ ଆଣ୍ଡ ଷ୍ଟୀଲ୍ କଂପାନୀ

୧୯୫୯ ମସିହାରେ ବାରିପଦା ସହରରେ ଖଣ୍ଡେଲୱାଲ୍ ଆଇରନ୍ ଆଣ୍ଡ ଷ୍ଟୀଲ୍ କଂପାନୀ ନାମରେ ଏକ ଘରୋଇ ଉଦ୍ୟୋଗ ପ୍ରତିଷ୍ଠାଲାଭ କରିଥିଲା । ବିଶେଷକରି କୃଷି ସରଞ୍ଜାମ ଓ ଅନ୍ୟାନ୍ୟ ଲୌହ ଉପକରଣ ପ୍ରସ୍ତୁତ କରୁଥିଲା ।

ମନୋରମା ଫାଉଣ୍ଡାରି ୱାର୍କ୍‌ସ

ତତ୍‌କାଳୀନ ଓଡ଼ିଶା ସରକାର ୧୯୫୯ ମସିହାରେ ରାଇରଙ୍ଗପୁରଠାରେ ବିଦ୍ୟୁତ୍ ସରଞ୍ଜାମ୍ ଓ ପାଇପ୍ ପ୍ରସ୍ତୁତ ଉଦ୍ଦେଶ୍ୟରେ ଏକ ପାଇଲଟ୍ ପ୍ରକଳ୍ପ ଆରଂଭ କରିଥିଲେ, ଯାହାର ନାମ ଥିଲା 'ମନୋରମା ଫାଉଣ୍ଡାରି ୱାର୍କ୍‌ସ' । ୧୯୬୩ ମସିହାରୁ ଏହି କାରଖାନା ନିଜର ଉତ୍ପାଦନ ଆରଂଭ କରିଥିଲା ।

ମୟୂରଭଞ୍ଜର ଟସର ଶିଳ୍ପ

ମୟୂରଭଞ୍ଜର ମଠା, ରେଶମ ଲୁଗା, ବାପ୍ତା ଶାଢ଼ିର ଆଦର ସମଗ୍ର ରାଜ୍ୟରେ ପ୍ରସିଦ୍ଧିଲାଭ କରିଥିଲା । ଅତୀତରେ ଟସର କୋଷା ଚାଷର ଅଭିବୃଦ୍ଧି ପାଇଁ ମୟୂରଭଞ୍ଜ ରାଜା, ମହାରାଜାମାନେ ପ୍ରୋତ୍ସାହନ ଯୋଗେଇ ଆସୁଥିଲେ । ବର୍ତ୍ତମାନ ମଧ୍ୟ ମୟୁରଭଞ୍ଜ ଜିଲ୍ଲା ଟସର ଉତ୍ପାଦନରେ ରାଜ୍ୟରେ ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଚୟ ସୃଷ୍ଟି କରିପାରିଛି । ମୟୁରଭଞ୍ଜର ବାପ୍ତା ଶାଢ଼ି କଲିକତା, ବମ୍ବେ (ମୁମ୍ବାଇ), ଦିଲ୍ଲୀ ଏବଂ ଲଣ୍ଡନରେ ମଧ୍ୟ ଲୋକପ୍ରିୟ ହୋଇପାରିଥିଲା । ମାତ୍ର ଏବେ ଟସର ଶିଳ୍ପ କିଛିମାତ୍ରାରେ ମାନ୍ଦା ପଡ଼ିଯାଇଛି ।

ମୟୁରଭଞ୍ଜର ମହାରାଜା ତ୍ରିବିକ୍ରମ ଭଞ୍ଜ(୧୬୬୦-୧୬୮୮)ଙ୍କ ରାଜତ୍ୱ କାଳରୁ ମୟୁରଭଞ୍ଜର ଟସର ବସ୍ତ୍ର ବେଶ ଲୋକପ୍ରିୟତା ଅର୍ଜନ କରିପାରିଥିଲା । ମୟୁରଭଞ୍ଜ ରାଜ୍ୟରୁ ମିଳୁଥିବା ଉନ୍ନତମାନର ଟସର ସଂଗ୍ରହ କରି 'ଇଷ୍ଟ୍ ଇଣ୍ଡିଆ କଂପାନୀ' ବାଲେଶ୍ୱରଠାରେ ଏକ ଟସର କାରଖାନା ପ୍ରତିଷ୍ଠା କରିଥିଲା । ମାତ୍ର ଊନବିଂଶ ଶତାବ୍ଦୀ ବେଳକୁ ଏହି କଂପାନୀ ବନ୍ଦ ହେବା ପରିସ୍ଥିତିକୁ ଆସି ଯାଇଥିଲା । ତତ୍‌କାଳୀନ ମୟୁରଭଞ୍ଜ ରାଜ୍ୟର ବାମନଘାଟି ଉପଖଣ୍ଡର ବହଳଦା, ବିଞ୍ଝୁଆ, କୁଲ୍‌ଗି,

Digitized by srujanika@gmail.com

ଓଲମରା, ମହୁଲିପାଣି, ଇନ୍ଦଖୋଲ, ତାଲିମା ଏବଂ ବାରିପଦା ଉପଖଣ୍ଡର ଶିର୍ଷା, ଦେଉଳିରେ ବହୁସଂଖ୍ୟାରେ ବୁଣାକାର ପରିବାର ଏହି ବ୍ୟବସାୟରେ ଲିପ୍ତ ଥିଲେ ।

ମୟୁରଭଞ୍ଜ ଟେକ୍ସଟାଇଲ୍ ଓ ସ୍ପିନିଂ ମିଲ୍

ଓଡ଼ିଶାର ପ୍ରଥମ ବୟନ ଶିଳ୍ପ ମୟୁରଭଞ୍ଜ ରାଜାଙ୍କ ଦ୍ୱାରା ବାରିପଦାରେ ଆରଂଭ ହୋଇଥିଲା । **'ମୟୁରଭଞ୍ଜ ଟେକ୍ସଟାଇଲ୍' (ମୟୁରଭଞ୍ଜ ଗଞ୍ଜି ଫ୍ୟାକ୍ଟ୍ରି)** କଂପାନୀ ୧୯୪୩ ମସିହାରେ ପ୍ରଥମ ଥର ପାଇଁ ଲୁଗା, ଗଞ୍ଜି, ଗାମୁଛା, ଟାୱେଲ୍ ଉତ୍ପାଦନ କରିଥିଲା । ମୟୁରଭଞ୍ଜ ଗଞ୍ଜି ଫ୍ୟାକ୍ଟ୍ରିର ଗଞ୍ଜି କଲିକତା ବଜାରରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ତେବେ ମୟୁରଭଞ୍ଜ ରାଜ୍ୟ ଓଡ଼ିଶାରେ ମିଶିଯିବା ପରେ ଏହା ରାଜ୍ୟ ସରକାରଙ୍କ ହାତକୁ ଚାଲିଯାଇଥିଲା । ମୟୁରଭଞ୍ଜରେ ଉପଲବ୍ଧ କପା ତୁଳାକୁ ବିନିଯୋଗ କରି ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ବାରିପଦାଠାରେ 'ମୟୁରଭଞ୍ଜ ଟେକ୍ସଟାଇଲ୍ ମିଲ୍' ନାମରେ ଏକ କାରଖାନା ସ୍ଥାପନ କରାଯାଇଥିଲା । ଏହି ସୁତାକଳକୁ ଉନ୍ନତମାନର ସୁତା ଯୋଗେଇବା ପାଇଁ ରାଇରଙ୍ଗପୁରର କୁଲ୍‌ଡିହାଠାରେ ସୁଇଜରଲ୍ୟାଣ୍ଡର ଇଣ୍ଡୋ-ସୁଇସ୍ କଂପାନୀର ବୈଷୟିକ ସହାୟତାରେ 'ମୟୁରଭଞ୍ଜ ସ୍ପିନିଂ ମିଲ୍' ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ମୟୁରଭଞ୍ଜ ମିଶ୍ରଣ ପରେ ଏହି ଶିଳ୍ପକାରଖାନା ମଧ୍ୟ ବନ୍ଦ ହୋଇଯାଇଥିଲା ।

ସେହିଭଳି ମୟୁରଭଞ୍ଜ ଜିଲ୍ଲାର ଚନ୍ଦନପୁର (ବାଙ୍ଗିରିପୋଷି ବ୍ଲକ୍), ଶିର୍ଷା (ସାରସକଣା ବ୍ଲକ୍), ଦେଉଳି (ଶୁଳିଆପଦା ବ୍ଲକ୍), ତକତପୁର (ବାରିପଦା), ଖୁଣ୍ଟା, ବଡ଼ସାହି, କପ୍ତିପଦା, ବହଳଦାରେ ବହୁ ସଂଖ୍ୟାରେ ବୁଣାକାର ପରିବାରମାନେ ପାରଂପରିକ ଶାଢ଼ି, ଗାମୁଛା, ତଉଲିଆ, ଲୁଙ୍ଗି ମଧ୍ୟ ବୁଣୁଥିଲେ । ଏହିସବୁ ବୟନ କେନ୍ଦ୍ରମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି କାର୍ଯ୍ୟକ୍ଷମ ରହିଥିବାବେଳେ ଅନେକ ସ୍ଥାନରେ କୌଳିକ ବୃତ୍ତି ବୁଡ଼ିଯିବାକୁ ବସିଲାଣି । ଚନ୍ଦନପୁରର ଲୁଗା ସେତେବେଳେ ବେଶ ସୁଖ୍ୟାତି ଅର୍ଜନ କରିପାରିଥିଲା । ସୂଚନାଯୋଗ୍ୟ, ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ କେବଳ ଚନ୍ଦନପୁରର ଲୁଗା ପିନ୍ଧୁଥିଲେ ।

କାଠପାଳ ଅତର କାରଖାନା

ସରକାରୀ ଉଦ୍ୟମରେ ବାରିପଦା ନିକଟସ୍ଥ କାଠପାଳଠାରେ ଏକ ଅତର *(perfume)* କାରଖାନା ପ୍ରତିଷ୍ଠାଲାଭ କରିଥିଲା । ଜଙ୍ଗଲୀ ଘାସରୁ ସୁବାସିତ ତୈଳ ଉତ୍ପାଦନ କରିବା ଏହି କଂପାନୀର ଲକ୍ଷ୍ୟ ଥିଲା । ଏହି କାରଖାନାରୁ ପ୍ରସ୍ତୁତ ସୁବାସିତ କେଶତୈଳ କଲିକତା ବଜାରରେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା ।

Digitized by srujanika@gmail.com

କୁସୁମବଣି ପାୱାର୍ ପ୍ରୋଜେକ୍ଟ

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଥିବା **କୁସୁମବଣି ଗଭୀର ଗଣ୍ଡ** (ବୁଢ଼ାବଳଙ୍ଗ ନଦୀ)ରେ ଏକ ପାୱାର ପ୍ରୋଜକ୍ଟ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ ୧୯୦୭ ମସିହାରେ ସର୍ଭେ କାର୍ଯ୍ୟ ଆରଂଭ ହୋଇଥିଲା । ମୟୁରଭଞ୍ଜ ମହାରାଜା ଏଥିପାଇଁ ଇଞ୍ଜିନିୟର ସି.ଏଚ୍. ଡୁଗଲ୍‌ଙ୍କୁ ନିଯୁକ୍ତ କରିଥିଲେ । ସର୍ଭେ କାର୍ଯ୍ୟ ଶେଷ ହୋଇଯାଇଥିଲା, ମାତ୍ର କୌଣସି କାରଣରୁ ଏହି ପ୍ରକଳ୍ପଟି ଅଗ୍ରଗତି କରିପାରିଲା ନାହିଁ । ଏହି ପୁରୁଣା ପ୍ରକଳ୍ପକୁ କାର୍ଯ୍ୟ କରିବା ପାଇଁ ଏବେ ବି ସମୟ ଅଛି । ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ଏହା ସଂଭବପର ହୋଇପାରୁନାହିଁ । ବାରିପଦା ସହରରେ ବିଜୁଳି ଆବଶ୍ୟକତା ବୃଦ୍ଧିକୁ ଲକ୍ଷ୍ୟ କରି ୧୯୪୪ ମସିହାରେ ବାରିପଦାରେ ଏକ ଡିଜେଲ୍ ପାୱାର ହାଉସ୍ ପ୍ରତିଷ୍ଠା କରାଗଲା । ସେହିଭଳି ବାମନଘାଟି ଉପଖଣ୍ଡରେ ଗଢ଼ି ଉଠିଥିବା ଖଣିଜ ଭିତ୍ତିକ ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାର ବିଜୁଳି ଚାହିଦାକୁ ଲକ୍ଷ୍ୟ କରି ୧୯୫୭-୫୮ ମସିହାରେ ରାଇରଙ୍ଗପୁର ନିକଟସ୍ଥ କୁଲ୍‌ଡିହାଠାରେ ଏକ ଡିଜେଲ୍ ପାୱାର ହାଉସ୍ ନିର୍ମାଣ କରାଯାଇଥିଲା । ମାତ୍ର ୧୯୬୧ ମସିହା ବେଳକୁ ହୀରାକୁଦରୁ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବାପରେ ଏହି ଦୁଇଟି ଡିଜେଲ୍ ପାୱାର୍ ହାଉସ୍ ବନ୍ଦ ହୋଇଗଲା ।

ଲାଖ ଶିଳ୍ପ

ନବରଙ୍ଗପୁର ଜିଲ୍ଲା ପରେ ମୟୁରଭଞ୍ଜର ଲାଖ ଶିଳ୍ପ ସମଗ୍ର ରାଜ୍ୟରେ ବେଶ ପରିଚିତ । କୁସୁମ, ପଳାଶ, ବରକୋଳି ତଥା ଅନ୍ୟାନ୍ୟ ବୃକ୍ଷରେ ଲାଖ ଚାଷ କରାଯାଉଥିଲା । ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରଚେଷ୍ଟା ଓ ପ୍ରୋତ୍ସାହନରେ ୧୯୩୫ ମସିହାରେ ରାଇରଙ୍ଗପୁରରେ ଏକ ଲାଖ କାରଖାନା ନିର୍ମାଣ କରାଯାଇ ଏଥରୁ ଲାଖ ନିର୍ମିତ ସାମଗ୍ରୀ ଉତ୍ପାଦନ କରାଯାଉଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବାମନଘାଟିରୁ ବିଭିନ୍ନ କିସମର ଲାଖ ଦେଶବିଦେଶକୁ ରପ୍ତାନୀ କରାଯାଉଥିଲା । ଏହା ଫଳରେ ମୟୁରଭଞ୍ଜ ରାଜ୍ୟ ବିପୁଳ ପରିମାଣରେ ରାଜସ୍ୱ ହାସଲ କରିପାରୁଥିଲା । ମୟୁରଭଞ୍ଜ ମିଶ୍ରଣ ପରେ ଲାଖଶିଳ୍ପ କାରବାର ବନ୍ଦ ହୋଇଯାଇଛି ।

ରେଳ ସ୍ଲିପର୍ ଶିଳ୍ପ

ମୟୁରଭଞ୍ଜର ବାଦାମପାହାଡ଼ରେ ଏକ ରେଳ ସ୍ଲିପର କାରଖାନା ସ୍ଥାପନ ପାଇଁ ମେସର୍ସ ବରୁହା ଟିମ୍ବର କଂପାନୀକୁ ଶିମିଳିପାଳ ଜଙ୍ଗଲର ଏକ ଅଂଶକୁ ତତ୍‌କାଳୀନ ମହାରାଜା ଲିଜ୍ ଆକାରରେ ପ୍ରଦାନ କରିଥିଲେ । ଶାଳଗଛରୁ ପ୍ରସ୍ତୁତ ଉନ୍ନତମାନର ରେଳ ସ୍ଲିପରର ବେଶ୍ ଚାହିଦା ଥିଲା । ଏଠାରୁ ବହୁଳ ପରିମାଣରେ ସ୍ଲିପର ପ୍ରସ୍ତୁତ ହୋଇ ବେଙ୍ଗଲ-ନାଗପୁର ରେଲ୍‌ୱେ, ଇଷ୍ଟ୍ ଇଣ୍ଡିଆ

Digitized by srujanika@gmail.com

ରେଲ୍‌ୱେ, ଜିଆଇପିଆର୍ ରେଲ୍‌ୱେ କଂପାନୀକୁ ଯୋଗାଣ କରାଯାଉଥିଲା । ଏହା ଫଳରେ ମୟୂରଭଞ୍ଜ ରାଜ୍ୟ ବହୁମାତ୍ରାରେ ରାଜସ୍ୱ ହାସଲ କରିପାରୁଥିଲା । ଆହୁରି ମଧ୍ୟ ସେତେବେଳେ ବ୍ରିଟିଶ୍ ସରକାରଙ୍କ ଜବଲପୁର ଓ କୋଶିପୁରର ବନ୍ଧୁକ ତିଆରି କାରଖାନାକୁ ବାଦାମପାହାଡ଼ ରେଳ ସ୍ଲିପର କାରଖାନାରୁ ପିଆଶାଳ କାଠ ମଧ୍ୟ ଚାଲାଣ କରାଯାଉଥିଲା । ମୟୂରଭଞ୍ଜରୁ କେବଳ କାଠ ରପ୍ତାନୀ ପାଇଁ ସେତେବେଳେ ରୂପସା-ବାଙ୍ଗିରିପୋଷି ଟ୍ରେନ୍ ଲାଇନ୍‌କୁ ଶିମିଳିପାଳର ତାଳବନ୍ଧ ପର୍ଯ୍ୟନ୍ତ ସଂପ୍ରସାରିତ କରାଯାଇପାରିଥିଲା । ମୟୂରଭଞ୍ଜର ମିଶ୍ରଣ ପରେ ଏହି ଶିଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ।

ମୃତ୍ତିକା ଶିଳ୍ପ

ମୟୂରଭଞ୍ଜର ପଞ୍ଚପିଢ଼ (କରଞ୍ଜିଆ) ଉପଖଣ୍ଡରେ ବ୍ୟାପକ ପରିମାଣରେ ଚିନାମାଟିର ସନ୍ଧାନ ମିଳିବାପରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଏହି ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିଥିଲେ । ତାଙ୍କ ଉଦ୍ୟମରେ ବାମନଘାଟି (ରାଇରଙ୍ଗପୁର)ର ପ୍ରତାପଗଡ଼ (କୁଲ୍‌ଡିହା ରେଳଷ୍ଟେସନ) ନିକଟରେ ଜାପାନ ସରକାରଙ୍କ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଚିନାମାଟିର ବାସନକୁସନ, ବୈଦ୍ୟୁତିକ ଇନ୍‌ସୁଲେଟର ସରଞ୍ଜାମ ପ୍ରସ୍ତୁତ କରୁଥିବା ଏକ କାରଖାନା ନିର୍ମାଣ କରାଯାଇଥିଲା । ଏହା *Mayurbhanj Potteries* ନାମରେ ଖ୍ୟାତ ଥିଲା । ଏଠାରୁ ପ୍ରସ୍ତୁତ ଇନ୍‌ସୁଲେଟର ଦେଶବିଦେଶରେ ବେଶ ସୁନାମ ଅର୍ଜନ କରିପାରିଥିଲା ।

କାଚ ଶିଳ୍ପ

ବାମନଘାଟିର ଝରାଡିହି (ବହଳଦା ରୋଡ୍ ରେଳ ଷ୍ଟେସନ) ନିକଟସ୍ଥ ଜାରିଡାଣ୍ଡିଠାରେ ଜର୍ମାନୀର 'ଯେନା ଗ୍ଲାସ୍ କଂପାନୀ'ର ବୈଷୟିକ ସହାୟତା ଏବଂ ମହାରାଜାଙ୍କ ଆର୍ଥିକ ଅନୁଦାନରେ ଏକ କାଚ କାରଖାନା *(Zena Glasses)* ନିର୍ମାଣ କରାଯାଇଥିଲା । ଏହି କାରଖାନାରୁ ରଙ୍ଗୀନ୍ କାଚ ପ୍ରସ୍ତୁତ କରାଯାଉଥିଲା । ସ୍ଥାନୀୟ ଅଞ୍ଚଳରୁ ମିଳୁଥିବା ସିଲିକା ତଥା ଆନୁଷଙ୍ଗିକ କଞ୍ଚାମାଲ୍‌କୁ ବ୍ୟବହାର କରି କାଚର ବିଭିନ୍ନ ଉପକରଣ ଏଠାରେ ଉତ୍ପାଦନ କରାଯାଉଥିଲା । ମୟୂରଭଞ୍ଜ ମିଶ୍ରଣ ପରେପରେ ଏହି କାଚ କାରଖାନାରେ ବି ତାଲା ପଡ଼ିଯାଇଥିଲା ।

ଫେରୋ ଭାନାଡ଼ିୟମ୍ ପ୍ଲାଣ୍ଟ୍

ମୟୂରଭଞ୍ଜର ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ଲୁହାକାନି ଓ ବେତଝରଣ ଅଞ୍ଚଳରେ ମିଳୁଥିବା ଭାନାଡ଼ି-ଫେରସ୍ ମାଗ୍ନେଟାଇଟ୍ ଆଇରନ୍ ଓର୍‌କୁ ସୁବିନିଯୋଗ କରି ରାଇରଙ୍ଗପୁରଠାରେ ଏକ କ୍ଷୁଦ୍ର ଭାନାଡ଼ିୟମ୍ ପ୍ଲାଣ୍ଟ ସ୍ଥାପନ ହୋଇଥିଲା । ଏହି ଷ୍ଟିଲ୍ (ଭାନାଡ଼ିୟମ) ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରଥମେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ୱପ୍ନ ଦେଖିଥିଲେ ଏବଂ ତାଙ୍କ ପୁତ୍ର ପ୍ରତାପ ଚନ୍ଦ୍ର

Digitized by srujanika@gmail.com

ଭଞ୍ଜଦେଓ ଏହା ପୂରଣ କରିପାରିଥିଲେ । ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ଉଦ୍ୟମରେ ଇଂଲଣ୍ଡର ବୈଷୟିକ ସହାୟତାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୦୦ ଏକର ପରିମିତ ଜମି ଉପରେ ରାଇରଙ୍ଗପୁରଠାରେ ଏକ 'ନ୍ୟାସନାଲ୍ ଭାନାଡ଼ିୟମ ଟ୍ରଷ୍ଟ ଲିଃ' *(National Vanadium Trust Ltd.)* ନାମରେ ଏକ ଭାନାଡ଼ିୟମ କାରଖାନା ନିର୍ମାଣ କରାଯାଇଥିଲା । ଏହି ଷ୍ଟିଲ୍ ପ୍ଲାଣ୍ଟରୁ ପ୍ରସ୍ତୁତ ଷ୍ଟିଲ୍ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେଶ୍ ସହାୟକ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ମାନ୍ଦାବସ୍ଥାକୁ ଆସିଯାଇଥିଲା । ମୟୂରଭଞ୍ଜ ଓଡ଼ିଶାରେ ମିଶ୍ରଣ ହେବାପରେ ଏହି ଶିଳ୍ପ କାରଖାନାକୁ 'ଓଡ଼ିଶା ଅଏଲ୍ ଇଣ୍ଡଷ୍ଟ୍ରୀଜ୍'କୁ ଶଗମାଛ ଦରରେ ବିକ୍ରି କରି ଦିଆଯାଇଥିଲା । ଏହି ଭାନାଡ଼ିୟମ କାରଖାନାର ଦାମ୍ ସେତେବେଳର ବଜାର ଦରରେ ୫ କୋଟି ଟଙ୍କା ଆକଳନ କରାଯାଇଥିଲା । ଏହାକୁ ମାତ୍ର କେତେ ଲକ୍ଷ ଟଙ୍କାରେ ଓଡ଼ିଶା ଅଏଲ୍ ଇଣ୍ଡଷ୍ଟ୍ରୀଜ୍‌କୁ ବିକ୍ରି କରି ଦିଆଯାଇଥିଲା । ଭାନାଡ଼ିୟମ କାରଖାନା ବନ୍ଦ ହେବାପରେ ଏଠାରେ ବିଶ୍ୱର ପ୍ରଥମ 'ଶାଳମଞ୍ଜି ତେଲ ଶିଳ୍ପ କାରଖାନା'ର ଉତ୍‌ଥାନ ଘଟିଥିଲା । ମାତ୍ର କିଛିଦିନ ଚାଲିବା ପରେ ଏହି ଶାଳମଞ୍ଜି ତେଲ କାରଖାନାରେ ବି ତାଲା ପଡ଼ିଗଲା ।

ଶାଳମଞ୍ଜି ତେଲ ଶିଳ୍ପ

ତତ୍‌କାଳୀନ ମୟୂରଭଞ୍ଜ ରାଜ୍ୟର ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁରଠାରେ ଶାଳମଞ୍ଜି ତେଲ କାରଖାନା ପ୍ରତିଷ୍ଠା ହେବା ଘଟଣା ସେତେବେଳେ ସମଗ୍ର ବିଶ୍ୱର ପ୍ରମୁଖ ଖବର ପାଲଟିଥିଲା । ମୟୂରଭଞ୍ଜ ରାଜ୍ୟର ଏହି ଶାଳମଞ୍ଜି ତେଲ କାରଖାନା ବିଶ୍ୱର ପ୍ରଥମ କାରଖାନା ଭାବେ ଏକ ନିଆରା କୀର୍ତ୍ତିମାନ୍ ପ୍ରତିଷ୍ଠା ଲାଭକରିଥିଲା । ଯେତେବେଳେ ଶାଳମଞ୍ଜି ଖାଦ୍ୟ ଉପଯୋଗୀ ନଥିଲା, ସେତେବେଳେ ପ୍ରତିଭାବାନ ଓଡ଼ିଆ ବୈଜ୍ଞାନିକ ଡ. ଦାଶରଥି ମିଶ୍ର ଶାଳମଞ୍ଜିରୁ ଖାଦ୍ୟ ଉପଯୋଗୀ ତେଲ ଉତ୍ପାଦନ କରିବାରେ ସକ୍ଷମ ହୋଇଥିଲେ । ସତୁରି ଦଶକର ପ୍ରାରଂଭରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଓ କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରେରଣାରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା କରି 'ଶାଳ ମଞ୍ଜିରୁ ଖାଦ୍ୟ ଉପଯୋଗୀ ତୈଳ ନିଷ୍କାସନ' ସନ୍ଦର୍ଭ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ତାଙ୍କର ପ୍ରସିଦ୍ଧ *'Solvent Extraction Process'* ପଦ୍ଧତି ସେତେବେଳେ ବିଶ୍ୱବିଖ୍ୟାତ ହୋଇପାରିଥିଲା । ତାଙ୍କର ଏହି ପ୍ରସିଦ୍ଧ ପଦ୍ଧତିକୁ ଉପଯୋଗ କରି ଆଜି ଦେଶ ଓ ବିଦେଶର ବହୁ ତୈଳ ଉତ୍ପାଦନ କଂପାନୀ ବେଶ ଲାଭବାନ ହୋଇପାରିଛନ୍ତି । ଡ. ମିଶ୍ରଙ୍କ ପୂର୍ବରୁ ଶାଳମଞ୍ଜିରୁ ପାରଂପରିକ ଭାବେ ଯେଉଁ ତେଲ ଉତ୍ପାଦନ କରାଯାଉଥିଲା, ତାହା ମଣିଷ ଶରୀର ପାଇଁ କ୍ଷତିକାରକ ଥିଲା । ମାତ୍ର ତାଙ୍କର ଏହି ପଦ୍ଧତି ବଳରେ ଶାଳ ମଞ୍ଜିରୁ ଯେଉଁ ତେଲ ପ୍ରସ୍ତୁତ ହେଲା, ତାହା ମଣିଷ ସ୍ୱାସ୍ଥ୍ୟ ପାଇଁ ଉପକାରୀ ଥିଲା ।

Digitized by srujanika@gmail.com

କେସ୍‌ନା ଶିଳ୍ପୀ ଗ୍ରାମ

ଖିଚିଂ ମନ୍ଦିରକୁ ଯିବା ବାଟରେ ଏକ ବୃହତ୍ ଗାଁ ପଡ଼େ, ଯାହାର ନାଁ କେସ୍‌ନା । ଏହି ଗାଁଟିରେ ଶତାଧିକ ପଥର ଶିଳ୍ପୀ ପ୍ରତିଦିନ ପଥର ଖୋଦେଇ କାମରେ ଲାଗିଥା'ନ୍ତି । ଏଠାକାର କଳାମୁଗୁନି ଓ ସବୁଜ ପଥର ମୂର୍ତ୍ତି ବିଶ୍ୱରେ ପ୍ରସିଦ୍ଧିଲାଭ କରିପାରିଛି । ରଘୁରାଜପୁର ପରେ ପରେ ଏହି ଗାଁଟି ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିଛି । ବର୍ତ୍ତମାନ ଗାଁର ପ୍ରତି ପରିବାର ପଥର ଖୋଦେଇ ଶିଳ୍ପରେ ନିୟୋଜିତ ଅଛନ୍ତି । ଗାଁର ପଥର ଶିଳ୍ପୀ ଓ କାରିଗରମାନଙ୍କୁ ନେଇ ସୋସାଇଟିମାନ ଗଠନ କରାଯାଇଛି ଏବଂ ଏହା ମାଧ୍ୟମରେ ବିକ୍ରିବଟାର ସୁବିଧା ସୁଯୋଗ କରାଯାଇଛି ।

ମୟୂରଭଞ୍ଜର ପର୍ବପର୍ବାଣି

ଭଞ୍ଜଭୂମି ମୟୂରଭଞ୍ଜରେ ବର୍ଷତମାମ୍ ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣି ଲାଗି ରହିଥାଏ । ଏଠାରେ ହିନ୍ଦୁ, ମୁସଲମାନ୍, ବୌଦ୍ଧ, ଖ୍ରୀଷ୍ଟିଆନ୍, ଜୈନ, ଶିଖ୍ ଗାଣପତ୍ୟ ସଂପ୍ରଦାୟର ଲୋକେ ବସବାସ କରନ୍ତି । ପ୍ରତି ସଂପ୍ରଦାୟର ଲୋକମାନେ ଏଠାରେ ବାର ମାସରେ ତେର ପରବ ପାଳନ କରନ୍ତି । ମକର ପର୍ବ ହେଉଛି ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରମୁଖ ଗଣପର୍ବ । ମକର ଉତ୍ସବ ସମୟରେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ଉତ୍ସବମୁଖର ହୋଇଉଠିଥାଏ । ଏହାବ୍ୟତୀତ ବାରିପଦା ସହରରେ ଥିବା ହରିବଳଦେବଜିଉ ଓ ବାଣ୍ଟିଆ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାଠାରୁ ଆରମ୍ଭ କରି ଅକ୍ଷୟ ତୃତୀୟା, ଚନ୍ଦନଯାତ୍ରା, ଦେବସ୍ନାନପୂର୍ଣ୍ଣିମା, ଉଲ୍ଟାଯାତ୍ରା, ବାହୁଡ଼ାଯାତ୍ରା, ଇନ୍ଦପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା (ଫଗୁ), ଚୈତ୍ରପର୍ବ (ଛଉ ମହୋତ୍ସବ), ବିଷୁବ ସଂକ୍ରାନ୍ତି ଆଦି ପାଳିତ ହୋଇଥାଏ । ମା' ଅମ୍ବିକା ଓ କିଚକେଶ୍ୱରୀ ମନ୍ଦିରରେ ପାର୍ବଣ ଋତୁରେ ନବରାତ୍ରଠାରୁ ଆରମ୍ଭ କରି ଅନ୍ୟାନ୍ୟ ପୂଜାପର୍ବାଣି ପାଳିତ ହୋଇଥାଏ । ବାରିପଦା ସହରରେ ବହୁ ଆଡ଼ମ୍ବର ସହକାରେ ଦଶହରା, ବିଶ୍ୱକର୍ମା ପୂଜା, ଗଣେଶ ପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ପାଳିତ ହୋଇଥାଏ । ଏହାଛଡ଼ା ରାଇରଙ୍ଗପୁର ଓ ବହଳଦାର ଇନ୍ଦ ପୂର୍ଣ୍ଣିମା, ଜନ୍ତାଳ ପର୍ବ, ଉଲ୍ଟାଯାତ୍ରା ଓ ରଥଯାତ୍ରା ମଧ୍ୟ ନିଜନିଜର ସ୍ୱାତନ୍ତ୍ର୍ୟ ହାସଲ କରିପାରିଛି ।

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ମୟୂରଭଞ୍ଜ ମହୋତ୍ସବ, ଭୁବନେଶ୍ୱରଠାରେ ପାଳିତ 'ମୟୂରଭଞ୍ଜ ଉତ୍ସବ'ଠାରୁ ଆରଂଭ କରି ଚୈତ୍ରପର୍ବ (ଛଉ ମହୋତ୍ସବ), ଉଦଳା ମହୋତ୍ସବ, ରାଢ଼ୋ (ଉଦଳା)ର 'ଲୁଇପା ମହୋତ୍ସବ', ଠାକୁରମୁଣ୍ଡାର ଭୀମକୁଣ୍ଡ ମହୋତ୍ସବ, ରାଇରଙ୍ଗପୁରର ବାମନଘାଟି ମହୋତ୍ସବ, ଖିଚିଂ ମହୋତ୍ସବ, କରଞ୍ଜିଆ ମହୋତ୍ସବ, ଗଙ୍ଗାହାର ମହୋତ୍ସବ, ଝାରପୋଖରିଆ (ବମ୍ଗେଛକ)ଠାରେ 'ଆମ ସୀମାନ୍ତ ମହୋତ୍ସବ' ଆଦି ପାଳିତ ହେଉଛି ।

Digitized by srujanika@gmail.com

ମୟୂରଭଞ୍ଜର ଗଣପର୍ବ; ମକର

ମକର ପର୍ବ ସମଗ୍ର ଉତ୍ତର ଓଡ଼ିଶାର ଗଣପର୍ବର ମାନ୍ୟତା ଲାଭ କରିପାରିଛି । ଏହା ଏ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ଜୀବନଧାରାକୁ ବହୁଳ ଭାବେ ପ୍ରଭାବିତ କରିଥାଏ । ମକର ସାଙ୍ଗକୁ କୁଡୁମୀ ସଂପ୍ରଦାୟର 'ଟୁସୁ ପର୍ବ' ଓ ସାନ୍ତାଳମାନଙ୍କର ଦାମୋଦର ଯାତ୍ରା ଜିଲ୍ଲାର ଜନଜୀବନକୁ ଉତ୍ସବମୁଖର କରିଥାଏ ।

ଭୀମକୁଣ୍ଡରେ ମକର ମେଳା

ମକର ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ସାପ୍ତାହିକୀ ହାଟଗୁଡ଼ିକରେ କୁକୁଡ଼ା ଲଢେଇ ସହ ପାରଂପରିକ ଜୁଆଖେଳ, କ୍ରିକେଟ୍, ଫୁଟବଲ୍ ଓ ଅନ୍ୟାନ୍ୟ ପାରଂପରିକ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଚାଲେ । ସଂକ୍ରାନ୍ତି ସତ୍ତ୍ୱେ ଏହି ଦିନ ପ୍ରାୟ ସମସ୍ତଙ୍କ ଘରେ ମାଛ, କୁକୁଡ଼ା ଓ ଖାସି ମାଂସ ଭଳି ଆମିଷ ଭୋଜନ ହୋଇଥାଏ । ବନ୍ଧୁତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମଣିଷ ମଣିଷ ମଧ୍ୟରେ ସହି ସଂଗାତ, ମକର, ବଉଳ ଆଦି ବସିଥାଏ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ବୈତରଣୀ ଓ ବୁଢ଼ାବଳଙ୍ଗ ନଦୀ ସମେତ ଅନ୍ୟାନ୍ୟ ଜଳାଶୟଗୁଡ଼ିକରେ 'ମକର ବୁଡ଼' ପକାଇଥା'ନ୍ତି । ବୈତରଣୀର କେଶରୀକୁଣ୍ଡ, ରାମତୀର୍ଥ, ରୂପାକୁଣ୍ଡ, ଦୋ-ମୁହାଣୀ, ତିନିଧାରିଆ, ଭୀମକୁଣ୍ଡରେ ବୁଡ଼ ପକାଇଲେ ସବୁଠୁ ଅଧିକ ପୁଣ୍ୟ ମିଳିଥାଏ । ସେହିଭଳି ଯଶୀପୁର, କରଞ୍ଜିଆ,

Digitized by srujanika@gmail.com

ଠାକୁରମୁଣ୍ଡା, ରାଣୀବନ୍ଧ, ବାମନଘାଟି, ବହଳଦା, କୁସୁମୀ, ବଡ଼ଯୋଡ଼, ବୈଶିଙ୍ଗା, ବେତନଟୀ, ବାଲିଡିହା, ମଣଦା, ହଡ଼ଦା, ଭାନୁମ୍ପୁଟୁ ଆଦି ସ୍ଥାନରେ ବଡ଼ ଧରଣର ମକରମେଳା ଅନୁଷ୍ଠିତ ହୋଇଥାଏ । ସବୁଠୁ ବଡ଼ ମକର ମେଳା ରଗୁଆଁ ବ୍ଲକ୍ ଅନ୍ତର୍ଗତ କେଶରୀକୁଣ୍ଡ, ଠାକୁରମୁଣ୍ଡାର ଭୀମକୁଣ୍ଡ, ବାମନଘାଟିର ହଡ଼ଦା ଓ ଭାନୁମ୍ପୁଟୁ ଆଦି ସ୍ଥାନରେ ହୋଇଥାଏ । ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ବାମନଘାଟିରେ ୭ ଦିନ ଧରି ମକରମେଳା ଚାଲେ ।

ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ କେଶରୀକୁଣ୍ଡରେ ଦିନିକିଆ ମକର ମେଳା ଅନୁଷ୍ଠିତ ହୋଇଥାଏ । କେଶରୀକୁଣ୍ଡ ମକରମେଳା ଗୋପାଳ ଓ କୁଡୁମୀ ସଂପ୍ରଦାୟର ଲୋକଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ବିଭିନ୍ନ ସ୍ଥାନରେ ମକର ଚାଉଳ ପୂଜା ହେବା ପରେ ପରସ୍ପର ମଧ୍ୟରେ ସଂପର୍କକୁ ସୁଦୃଢ଼ କରିବା ପାଇଁ ମକର ବସିଥାଏ ।

ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ବୈତରଣୀ ନଦୀର ଭୀମକୁଣ୍ଡଠାରେ ମକର ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ଏହି ଅବସରରେ ଲକ୍ଷାଧିକ ଭକ୍ତ ବୈତରଣୀ ନଦୀରେ ଥିବା ଭୀମଙ୍କ କୁଣ୍ଡରେ ପବିତ୍ର ମକର ବୁଡ଼ ପକାଇଥା'ନ୍ତି । ଏହା ତିନି ଦିନ ଧରି ଚାଲେ ।

କେଶରୀକୁଣ୍ଡରେ ମକର ମେଳା

Digitized by srujanika@gmail.com

ମକର ସଂକ୍ରାନ୍ତି ଅବସରରେ ସୂର୍ଯ୍ୟଙ୍କ ଉତ୍ତରାୟଣ ହେଉଥିବାରୁ ବାରିପଦାର ଜଗନ୍ନାଥ ମନ୍ଦିର ନୀତିରେ ଅନେକ ପରିବର୍ତ୍ତନ ହୋଇଥାଏ । ସନ୍ଧ୍ୟାରେ ଶ୍ରୀଜୀଉଙ୍କ ମନ୍ଦିରରେ ମକର ବେଢା ପରିକ୍ରମା କରାଯିବା ସହ ନେତ ବନ୍ଧାଯାଇଥାଏ ।

ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଜନଜୀବନ ଓ ମକର ମେଳା ପରସ୍ପର ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ । ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ମକର ମେଳାରେ ସାନ୍ତାଳ, ଖଡ଼ିଆ, ମାଙ୍କିଡ଼ିଆ, ଲୋଧା, ଭୂମିଜ ସଂପ୍ରଦାୟରେ ଯୁବକ, ଯୁବତୀମାନେ ନିଜ ନିଜର ଜୀବନ ସାଥୀ ଚୟନ କରିବାର ସୁଯୋଗ ଲାଭ କରିଥାନ୍ତି । ମକର ମେଳାରେ ଆଦିବାସୀ ଯୁବକ, ଯୁବତୀମାନେ ଏକତ୍ରିତ ହୋଇଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ମନ ଦିଆନିଆ ହୁଏ । ମକର ମେଳା ଦିନ ଯେଉଁ ଯୁବକ-ଯୁବତୀ ପରସ୍ପରକୁ ଭଲ ପାଇ ବସନ୍ତି ଏବଂ ସେମାନଙ୍କର ମନ ମିଶେ, ପରବର୍ତ୍ତୀ ଦିନମାନଙ୍କରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି ।

ମକର ଉତ୍ସବ ସମୟରେ କେନ୍ଦୁଝର ସମେତ ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳରେ ଗଞ୍ଜା ଲଢେଇ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ । ଗଞ୍ଜା ଲଢେଇ ମୁଖ୍ୟତଃ ଦୁଇଟି ପକ୍ଷ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ଖେଳରେ ଦୁଇ ପକ୍ଷର ଗଞ୍ଜାକୁ ପରସ୍ପର ମଧ୍ୟରେ ଲଢେଇ କରିବାକୁ ପଡିଥାଏ । ଦୁହିଁଙ୍କ ମଧ୍ୟରେ ଯେଉଁ ଗଞ୍ଜାଟି ବଞ୍ଚି ରହେ ସେ ହିଁ ହୁଏ ବିଜେତା । ଦେଖଣାହାରି ଉଭୟ ପକ୍ଷର ଗଞ୍ଜାକୁ ନେଇ ବାଜି ଲଗେଇଥା'ନ୍ତି । କେଉଁ ଗଞ୍ଜା ବିଜୟୀ ହେବ ତାହା ଲଢେଇ ହେବା ପୂର୍ବରୁ ବାଜି ଲଗାଯାଇଥାଏ । ବିଶାଳ ଖେଳ ପଡିଆ କିମ୍ବା ଗୋଚର ଭୂମିକୁ ଗଞ୍ଜା ଲଢେଇ ପାଇଁ ବ୍ୟବହାର କରାଯାଇଥାଏ । ଏଥିରେ ହଜାର ହଜାର ସଂଖ୍ୟାରେ ଗଞ୍ଜା ମାଲିକମାନେ ଅଂଶଗ୍ରହଣ କରି ଖେଳକୁ ଉପଭୋଗ କରିଥାନ୍ତି । ଖେଳରେ ଲକ୍ଷାଧିକ ଟଙ୍କାର ବାଜି ଲଗାଯାଇଥାଏ । ବେଳେବେଳେ ମଧ୍ୟ ବାଜି ହାର୍‌ଜିତ୍‌କୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥାଏ ।

ମକର ପର୍ବର ପୂର୍ବ ଦିନକୁ **'ବାଉଣ୍ଡି'** କୁହାଯାଏ । 'ବାଉଣ୍ଡି' ଦିନ ମକର ପର୍ବ ପାଳନ ପାଇଁ ଘରେଘରେ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଘରେ ଘରେ ଖାସି ମାଂସ ଓ ମାଛଭାତର ଆସର ଜମେ । ମକର ପାଇଁ ଦୋକାନବଜାର, ହାଟ ସଉଦା ସାଙ୍ଗକୁ ନୂତନ ବସ୍ତ୍ର ନିମନ୍ତେ ଶାଢ଼ି ଓ କପଡ଼ା ଦୋକାନରେ ଖୁବ୍ ଭିଡ଼ ଜମିଥାଏ ।

କୁଡୁମୀ ଯୁବତୀଙ୍କ ଟୁସୁ ପର୍ବ

କୁଡୁମୀ ସଂପ୍ରଦାୟ ବା ମହନ୍ତ ଜାତିର କୁମାରୀ ଝିଅ ଓ ସଧବା ସ୍ତ୍ରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ଟୁସୁ ପର୍ବ ମକର ସଂକ୍ରାନ୍ତି ଦିନଠାରୁ ଆରମ୍ଭ ହୋଇଥାଏ । ମୟୂରଭଞ୍ଜ ଜିଲ୍ଲାର ମହନ୍ତ ସଂପ୍ରଦାୟର ଅବିବାହିତ ଝିଅମାନେ ଟୁସୁ ଦେବୀଙ୍କ ମୂର୍ତ୍ତି ଗଢି ବୈତରଣୀ, ବୁଢ଼ାବଳଙ୍ଗ, ଖଡ଼ଖାଇ, ଢଂଭିରା ଓ

Digitized by srujanika@gmail.com

ଟୁସୁ ମେଳା

ଅନ୍ୟାନ୍ୟ ନଦୀ କୂଳରେ ସ୍ଥାପନା କରି ପୂଜା କରିଥାନ୍ତି । କୁଡୁମୀ ଝିଅମାନେ ପାରଂପରିକ ଗୀତ ଗାଇ ଟୁସୁ ଦେବୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରିଥାନ୍ତି । ପୂଜା ଶେଷ ହେବାପରେ ଗାଁର ଝିଅବୋହୂମାନେ ଟୁସୁ ଦେବୀଙ୍କ ମୂର୍ତ୍ତିଙ୍କୁ ନଦୀରେ ବିସର୍ଜନ କରିଥାନ୍ତି । ଓଡ଼ିଆ ଘରର ଭାଲୁକୁଣୀ ଭଳି 'ଟୁସୁ ଦେବୀ' ହେଉଛନ୍ତି ମାଟିରେ ନିର୍ମିତ ପ୍ରତିମା ।

କୁଡୁମୀ ସଂପ୍ରଦାୟର ଝିଅମାନେ ଟୁସୁ ଦେବୀଙ୍କୁ ପୂଜା କରିବା ପଛରେ ଅନେକ କାରଣ ରହିଛି । ମହନ୍ତ ବା କୁଡୁମୀ ସଂପ୍ରଦାୟରେ 'ଟୁସୁ' ଦେବୀଙ୍କୁ ସେମାନଙ୍କର ଇଷ୍ଟଦେବୀ ଭାବେ ପୂଜା କରିଥାନ୍ତି । ଟୁସୁ ପୂଜା ନେଇ କୌଣସି ଇତିହାସ ନଥିଲେ ମଧ୍ୟ ଏନେଇ ଏକ ପ୍ରବାଦ ଅଛି । ଟୁସୁ ଦେବଲୋକର କୌଣସି ଦେବୀ ନୁହଁନ୍ତି । କିମ୍ବଦନ୍ତୀ ଅନୁସାରେ, ଜନୈକ କୁଡୁମୀ ଜମିଦାରଙ୍କର ଏକମାତ୍ର ଅଲିଅଳି ଝିଅ ଥିଲା 'ଟୁସୁ' । ଟୁସୁ ଥିଲା ଅପରୂପା ସୁନ୍ଦରୀ । ସେତେବେଳେ କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳରେ ମୋଗଲ ଶାସନ ପ୍ରଚଳିତ ଥିଲା । ମୋଗଲ୍ ବାଦଶାହା 'ଟୁସୁ'ର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାକୁ ନିଜର ବେଗମ୍ କରିବାକୁ ଚାହିଁଥିଲେ । ଟୁସୁର ବାପା ଜମିଦାର ଥିଲେ ବି କାମନାଶକ୍ତ ବାଦଶାହାଙ୍କର ଏଭଳି ମତିଗତି ତାଙ୍କୁ ଭଲ ଲାଗି ନଥିଲା । ଏଭଳି ପରିସ୍ଥିତିରେ କିଂକର୍ତ୍ତବ୍ୟବିମୂଢ ହୋଇ ଜମିଦାର ନିଜ ଝିଅ ଟୁସୁକୁ ଅନ୍ୟତ୍ର ବିବାହ କରିବାକୁ ବରପାତ୍ର ଠିକ୍ କରିଦେଲେ । ମାତ୍ର,

Digitized by srujanika@gmail.com

ବାଦଶାହା ଟୁସୁର ଭାବି ବରକୁ ହତ୍ୟା କରିବା ସହିତ ଜମିଦାରକୁ ମଧ୍ୟ ନାନା ପ୍ରକାର ନିର୍ଯାତନା ଦେଇଥିଲେ । ନିଜର ଭାବି ସ୍ୱାମୀର ହତ୍ୟା, ବାପାଙ୍କୁ ଦିଆଯାଉଥିବା ନିର୍ଯାତନା ଓ ବାଦଶାହାର କାମୁକ ନଜରରୁ ନିଜକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ପବିତ୍ର ମକର ସଂକ୍ରାନ୍ତି ଦିନ ଟୁସୁ କଂସାବତୀ (ବୈତରଣୀ) ନଦୀରେ ଝାସ ଦେଇ ନିଜର ସତୀତ୍ୱ ରକ୍ଷା କରିଥିଲେ । ସେହିଦିନଠାରୁ ମକର ସଂକ୍ରାନ୍ତି ଦିନଟିକୁ 'ଟୁସୁ'ର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଟୁସୁ ପର୍ବ ପାଳନ କରାଯାଇଆସୁଛି ।

ସମୂହ ପିଣ୍ଡଦାନ ଉତ୍ସବ 'ଦାମୋଦର ଯାତ୍ରା'

ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ନର୍ମଦା, ସିନ୍ଧୁ, କ୍ରିଷ୍ଣା, କାବେରୀ, ଗୋଦାବରୀ ଭଳି ନଦୀକୁ ଭାରତୀୟମାନେ ପୂଜା କରିଥା'ନ୍ତି । ସେହିଭଳି ଓଡ଼ିଶାରେ ଋଷିକୁଲ୍ୟା, ବୈତରଣୀ, ପ୍ରାଚୀ, ମହାନଦୀ, ବୁଢ଼ାବଳଙ୍ଗକୁ

ବୁଢ଼ାବଳଙ୍ଗ ନଦୀରେ ବାରିପଦାଠାରେ ସାନ୍ତାଳମାନଙ୍କର ଦାମୋଦର ଯାତ୍ରା

ମଧ୍ୟ ପୂଜା କରାଯାଇଥାଏ । ନଦୀକୁ ନେଇ ବର୍ଷତମାମ୍ କିଛି ନା କିଛି ଉତ୍ସବ, ପର୍ବପର୍ବାଣି ପାଳିତ ହୋଇଥାଏ । ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, ସିପ୍ରା, ଗୋଦାବରୀ ଓ କାବେରୀ ନଦୀମାନଙ୍କୁ 'ସପ୍ତ ପବିତ୍ର ନଦୀ' ଭାବେ ବର୍ଣ୍ଣନା କରାଯାଇଛି । ଉତ୍ତର ପ୍ରଦେଶ ଆହ୍ଲାବାଦ ସହରର ପ୍ରୟାଗଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀ (ପୌରାଣିକ ନଦୀ) ନଦୀ ମିଳିତ ହୋଇ ପ୍ରସିଦ୍ଧ 'ତ୍ରିବେଣୀ ସଂଗମ' ସୃଷ୍ଟି କରିଛନ୍ତି । ଏଠାରେ ପ୍ରତି ୧୨ ବର୍ଷରେ ଥରେ ପ୍ରସିଦ୍ଧ 'କୁମ୍ଭ ମେଳା' ଅନୁଷ୍ଠିତ ହୋଇଥାଏ ।

ବାରିପଦା ସହର ଉପକଣ୍ଠରେ ବୁଢ଼ାବଳଙ୍ଗ ନଦୀ ସହିତ ଢରାଳି ଓ ସରାଳି ନଦୀ ମିଶି ଏକ ତ୍ରିବେଣୀ ସଙ୍ଗମ ସୃଷ୍ଟି କରିଛନ୍ତି । ଏହାକୁ ତ୍ରିବେଣୀ ଘାଟ ବା ବାରୁଣୀ ଘାଟ କୁହାଯାଇଥାଏ ।

Digitized by srujanika@gmail.com

ପ୍ରତିବର୍ଷ ମକର ଉତ୍ସବ ପରେପରେ ବାରିପଦାର ଏହି ବାରୁଣୀଘାଟଟି ଉତ୍ସବମୁଖର ହୋଇଉଠେ । ଏଠାରେ ସାନ୍ତାଳ ଜନଜାତିଗୋଷ୍ଠୀଙ୍କର ପ୍ରସିଦ୍ଧ ଦାମୋଦର ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହା ତିନି ଦିନ ଧରି ଚାଲିଥାଏ । ସେହିଭଳି ବୈତରଣୀ ନଦୀରେ ଭୀମକୁଣ୍ଡଠାରେ ଏହି ଦାମୋଦର ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଥାଏ । ବୈତରଣୀ ଓ ବୁଢ଼ାବଳଙ୍ଗ ନଦୀ ଓଡ଼ିଶାରୁ ବାହାରି ଓଡ଼ିଶାରେ ମଧ୍ୟରେ ପଡ଼ିଥିବାରୁ ନଦୀ ଦୁଇଟିକୁ ପବିତ୍ର ମନେ କରାଯାଇଥାଏ ।

ଦାମୋଦର ପର୍ବଟି କେବଳ ଓଡ଼ିଶାର ବୁଢ଼ାବଳଙ୍ଗ ଓ ବୈତରଣୀ ନଦୀକୂଳମାନଙ୍କରେ ଅନୁଷ୍ଠିତ ହୋଇଥାଏ । ବୁଢ଼ାବଳଙ୍ଗ ଓ ବୈତରଣୀ ନଦୀରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ସହ ଅସ୍ଥି ବିସର୍ଜନ କଲେ ସର୍ବାଧିକ ସୁଫଳ ମିଳିଥାଏ ବୋଲି ସାନ୍ତାଳମାନଙ୍କର ବିଶ୍ୱାସ ରହିଛି । ଏହି ବିଶ୍ୱାସକୁ ନେଇ ସାନ୍ତାଳମାନେ ଏହି ନଦୀଦ୍ୱୟର ବିଭିନ୍ନ ଘାଟମାନଙ୍କରେ ଦାମୋଦର ପର୍ବ ବା ସାମୂହିକ ପିଣ୍ଡଦାନ ଉତ୍ସବର ଆୟୋଜନ କରିଥା'ନ୍ତି ।

ବୁଢ଼ାବଳଙ୍ଗ ନଦୀରେ ବାରିପଦାଠାରେ ସାନ୍ତାଳମାନଙ୍କର ଦାମୋଦର ଯାତ୍ରା

ପ୍ରତିବର୍ଷ ଜାନୁୟାରୀ ମାସ ବେଳକୁ ଅର୍ଥାତ୍ ମକର ଉତ୍ସବର ଅଳ୍ପ କିଛିଦିନ ପରେ ମୟୁରଭଞ୍ଜ ଜିଲ୍ଲା ସମେତ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ସାନ୍ତାଳ ସଂପ୍ରଦାୟର ଲୋକେ ବୁଢ଼ାବଳଙ୍ଗ ଓ ବୈତରଣୀ ନଦୀର କୂଳେକୂଳେ ଦାମୋଦର ପର୍ବ ପାଳନ କରିଥା'ନ୍ତି । ଏହି ଅବସରରେ ରାଜ୍ୟର ବିଭିନ୍ନ କୋଣଅନୁକୋଣରେ ବସବାସ କରୁଥିବା ସାନ୍ତାଳ ସଂପ୍ରଦାୟର ଲୋକେ ମୟୁରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଭିନ୍ନଭିନ୍ନ ନଦୀ ଘାଟରେ

Digitized by srujanika@gmail.com

ବୁଢ଼ାବଳଙ୍ଗ ନଦୀରେ ବାରିପଦାଠାରେ ସାନ୍ତାଳମାନଙ୍କର ଦାମୋଦର ଯାତ୍ରା

ସମବେତ ହୋଇ ନିଜନିଜର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସାମୂହିକ ପିଣ୍ଡଦାନ ବା ଅସ୍ଥି ବିସର୍ଜନ କରିଥା'ନ୍ତି ।

ବୁଢାବଳଙ୍ଗ ଓ ବୈତରଣୀ ନଦୀରେ ନିଜନିଜର ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ପିତୃପୁରୁଷଙ୍କ ଆତ୍ମା ମୋକ୍ଷପ୍ରାପ୍ତ ହୋଇଥାଏ ବୋଲି ସାନ୍ତାଳମାନଙ୍କର ବିଶ୍ୱାସ ରହିଛି । ଏଣୁ ପ୍ରତିବର୍ଷ ବୁଢାବଳଙ୍ଗ ଓ ବୈତରଣୀ ନଦୀର ବିଭିନ୍ନ ଘାଟରେ ସାନ୍ତାଳମାନେ ନିଜନିଜର ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ କରିବା ସାଙ୍ଗକୁ ପିଣ୍ଡଦାନ କରିଥାନ୍ତି । ମୟୂରଭଞ୍ଜ ଜିଲ୍ଲାର ବାରିପଦା ବାରୁଣୀ ଘାଟ ସମେତ ଭୀମକୁଣ୍ଡ ଓ କେନ୍ଦୁଝର ଜିଲ୍ଲାର ତୁରୁମୁଙ୍ଗା, ରାଜନଗର ଏବଂ କେନ୍ଦୁଯୋଡ଼ା, ଧକୋଠା, ଘସିପୁରାର ଝାଡ଼େଶ୍ୱର ଘାଟ ଏବଂ ଯାଜପୁର ଜିଲ୍ଲାର ଦଶାଶ୍ୱମେଧ, ବଲ୍ଲଭୀଘାଟ, ସିଦ୍ଧେଶ୍ୱର ଘାଟରେ ସାନ୍ତାଳମାନେ ଏହି ଦାମୋଦର ପର୍ବ ପାଳନ କରିଥା'ନ୍ତି । ଏହି ପର୍ବ ପାଳନ କରି ସାନ୍ତାଳମାନେ ନିଜନିଜର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଅର୍ପଣ କରିଥା'ନ୍ତି ।

ସାନ୍ତାଳମାନେ ନୃତ୍ୟ, ଗୀତ ମାଧ୍ୟମରେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ କରିବା ସାଙ୍ଗକୁ ଦାନଧର୍ମ ମଧ୍ୟ କରିଥା'ନ୍ତି । ଏହି ଅବସରରେ ସାନ୍ତାଳମାନେ ମୁଣ୍ଡ ଲଣ୍ଡା ହୋଇ କେଶକୁ ନିଜର ପିତୃପୁରୁଷଙ୍କୁ ଦାନ କରିବା ସହ ନଦୀରେ ବୁଡ଼ ପକାଇଥାନ୍ତି । ଅସ୍ଥି ବିସର୍ଜନକାରୀମାନେ ନୂତନ ବସ୍ତ୍ର ପରିଧାନ କରି ଛତ୍ର ତଳେ ଲଣ୍ଡା ହୋଇ ପିଣ୍ଡଦାନ କରିଥା'ନ୍ତି । ସାନ୍ତାଳମାନଙ୍କ ଆରାଧ୍ୟ ଦେବତା ମାରାଂବୁରୁଙ୍କ ପ୍ରତିନିଧି ସ୍ୱରୂପ ଶାଳ ଗଛର ଡାଳକୁ ନଦୀ ପାର୍ଶ୍ୱରେ ପୋତି ବିଭିନ୍ନ ପ୍ରକାର ବ୍ୟଞ୍ଜନ ଭୋଗ ଅର୍ପଣ କରିଥା'ନ୍ତି । ଏହାବ୍ୟତୀତ ସାନ୍ତାଳମାନେ ନଦୀ ନିକଟରେ ଥିବା ମାରାଂବୁରୁ ମନ୍ଦିରରେ ତେଲ

Digitized by srujanika@gmail.com

ଅର୍ପଣ କରି ପିତୃପୁରୁଷଙ୍କୁ ସମ୍ମାନ ପ୍ରଦର୍ଶନ କରିଥା'ନ୍ତି । ଏହି ଅବସରରେ ନଦୀ ପଠାରେ ଏକ ବିରାଟ ଦାନ ମେଳା ଅନୁଷ୍ଠିତ ହୋଇଥାଏ । କଂସା, ପିତଳବାସନ, ଶାଢ଼ି, ଧୋତି ଓ ଅନ୍ୟାନ୍ୟ ଶୀତବସ୍ତ୍ର ଦାନ କରାଯାଇଥାଏ । ଏହି ଅବସରରେ ପାରଂପରିକ କୁକୁଡ଼ା ଲଢ଼େଇ, ଚକ୍ରିଖେଳ, ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଫୁଟ୍‌ବଲ୍ ଆଦି ଖେଳ ଅନୁଷ୍ଠିତ ହୋଇଥାଏ । ବାରିପଦାର ବାରୁଣୀଘାଟ ଓ ଭୀମକୁଣ୍ଡରେ ପାଳିତ ଦାମୋଦର ପର୍ବ ସମଗ୍ର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବେଶ୍ ପ୍ରସିଦ୍ଧିଲାଭ କରିପାରିଛି ।

ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ସୁନାମୁହିଁ ବାରୁଣୀଘାଟରେ ଆୟୋଜିତ ଦାମୋଦର ମେଳାକୁ ନେଇ ଏକ ଶୁଣାକଥା ରହିଛି । ପୂର୍ବରୁ ମୟୂରଭଞ୍ଜର ସାନ୍ତାଳ ସଂପ୍ରଦାୟର ଜନଜାତି ଗୋଷ୍ଠୀର ଲୋକମାନେ ସେମାନଙ୍କର ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ ନିମନ୍ତେ କଲିକତାର ହୁଗୁଳି ନଦୀ (ଗଙ୍ଗା)କୁ ଅସ୍ଥି ବିସର୍ଜନ ପାଇଁ ଯାଉଥିବାବେଳେ ବହୁ ସଂଖ୍ୟାରେ ଆଦିବାସୀ ନିଖୋଜ ହୋଇଯାଉଥିଲେ । ପରବର୍ତ୍ତୀ କାଳରେ ଏହି ସମସ୍ୟାକୁ ତତ୍‌କାଳୀନ ମୟୂରଭଞ୍ଜ ରାଜା ହୃଦୟଙ୍ଗମ କରି ବାରିପଦା ସହରରେ କିଭଳି ଏହି ଯାତ୍ରାର ଆୟୋଜନ କରାଯାଇପାରିବ ସେ ନେଇ ଚିନ୍ତା ପ୍ରକଟ କରିଥିଲେ । ଏହାର ଫଳସ୍ୱରୂପ ବାରିପଦା ଉପକଣ୍ଠ ବୁଢ଼ାବଳଙ୍ଗ, ଡରାଳି ଏବଂ ସରାଳି ନଦୀର ସଙ୍ଗମ ସ୍ଥଳରେ ଏକ ସୁନାମୁଦି ଫିଙ୍ଗି ସେହି ସ୍ଥାନକୁ ସଂସ୍କାର କରିଥିଲେ । ସେବେଠୁ ଏହି ଘାଟ 'ସୁନାମୁଦି ଘାଟ' ଏବଂ କାଳକ୍ରମେ 'ସୁନାମୁହିଁ' ଘାଟ ନାମରେ ପରିଚିତ ହୋଇଛି ।

ଦ୍ୱିତୀୟ ଶ୍ରୀକ୍ଷେତ୍ର; ବାରିପଦାର ରଥଯାତ୍ରା

ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି କୁହାଯାଇଥାଏ । ପୁରୀ ରଥଯାତ୍ରା ଭଳି ବାରିପଦାରେ ସମସ୍ତ ନୀତି ପାଳନ କରାଯାଇଥାଏ । ମାତ୍ର ଏଠାରେ ସାମାନ୍ୟ ତଫାତ୍ ଉପଲବ୍‌ଧି କରାଯାଇଥାଏ । ସାଧାରଣତଃ ପୁରୀରେ ଗୁଣ୍ଡିଚା ଯାତ୍ରା ଦିନ ଠାକୁରମାନଙ୍କର ପହଣ୍ଡି ହୋଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥାଏ । ମାତ୍ର ବାରିପଦାରେ ପ୍ରଥମ ଦିନ ଠାକୁର କେବଳ ରଥାରୁଢ଼ ହୋଇ ରଥ ଉପରେ ବିଶ୍ରାମ ନେଇଥାନ୍ତି । ପରଦିନଠାରୁ ରଥଟଣା କାର୍ଯ୍ୟ ହୋଇଥାଏ । ଦ୍ୱିତୀୟ ଦିନରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ହୋଇ ରାଧା ମୋହନ ମନ୍ଦିର ନିକଟରେ ପହଞ୍ଚିଯାଏ ଏବଂ ଦେବୀ ସୁଭଦ୍ରାଙ୍କ ବିଜୟ ରଥ କେବଳ ମହିଳାମାନଙ୍କ ଦ୍ୱାରା ଟଣାଯାଇ ଟାଉନ୍ ଥାନା ସମ୍ମୁଖରେ ରହିଯାଏ । ତା' ପର ଦିନ ସୁଭଦ୍ରାଙ୍କ ରଥ ଓ ନନ୍ଦିଘୋଷ ରଥ ଟଣାଯାଇ ରାଧା ମୋହନ ମନ୍ଦିରରେ ପହଞ୍ଚିଯାଏ । ପୁରୀରେ ରଥଟଣା କାର୍ଯ୍ୟ ଶେଷ ହୋଇଯିବା ପରେ ବାରିପଦାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥାଏ । ଯେଉଁ ଭକ୍ତମାନେ ପୁରୀରେ ମହାପ୍ରଭୁଙ୍କ ରଥ ଟାଣିବାରୁ ବଞ୍ଚିତ ହୁଅନ୍ତି ସେମାନେ ପରଦିନ ବାରିପଦା ଆସି ମହା ଆନନ୍ଦରେ ରଥ ଟାଣିଥା'ନ୍ତି ।

Digitized by srujanika@gmail.com



ବାରିପଦା ରଥଯାତ୍ରା

Digitized by srujanika@gmail.com

ବାରିପଦା ରଥଯାତ୍ରାର ବିଶେଷତ୍ୱ ହେଉଛି ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣିଥା'ନ୍ତି । ୧୯୭୫ ମସିହାରୁ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ଆସୁଛନ୍ତି ।

ବାମନଘାଟିର ଜନ୍ତାଳ ପର୍ବ

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ 'ଜନ୍ତାଳ ପର୍ବ' ପାଳନ କରାଯାଉଥିଲେ ମଧ୍ୟ ବାମନଘାଟିର ଜନ୍ତାଳ ପର୍ବ ସମଗ୍ର ଜିଲ୍ଲାରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି । କୃଷି ଓ ପଶୁ ସଂପଦର ଅଭିବୃଦ୍ଧି ନିମନ୍ତେ ପ୍ରତିବର୍ଷ ଭାଦ୍ରବ ମାସରେ ବିଭିନ୍ନ ପାହାଡ଼ର ଶୀର୍ଷରେ ଏହି ପର୍ବ ପାଳନ କରାଯାଇଥାଏ । 'ଜନ୍ତାଳ' ଶବ୍ଦଟି 'ଜନ୍ତୁଆଳ' ଅର୍ଥାତ୍ ଜୀବଜନ୍ତୁଙ୍କ ପାଳନ କର୍ତ୍ତା ପାହାଡ଼ ଠାକୁରଙ୍କ ନାମାନୁସାରେ ସୃଷ୍ଟି ହୋଇଛି ବୋଲି ବିଶ୍ୱାସ କରାଯାଏ । ପାହାଡ଼ ଆଖପାଖରେ ଅବସ୍ଥିତ କିଛି ଗାଁର ଲୋକମାନେ ମିଶି ଗୋଟିଏ ଗୋଟିଏ ଗୋଷ୍ଠୀ ବା ପିଢ ଗଠନ କରନ୍ତି । ଭାଦ୍ରବ ମାସରେ ଏହି ପିଢମାନେ ଭିନ୍ନଭିନ୍ନ ପାହାଡ଼ରେ ଭିନ୍ନଭିନ୍ନ ଦିନରେ ଜନ୍ତାଳ ପର୍ବ ପାଳନ କରିଥା'ନ୍ତି । ତେବେ ଆଜିର ଦିନରେ ଏହିସବୁ ପିଢମାନେ ଭାଙ୍ଗି ଛୋଟଛୋଟ ହୋଇଗଲେଣି । ମାତ୍ର ଜନ୍ତାଳ ପର୍ବ ପାଳନରେ କୌଣସି ପରିବର୍ତ୍ତନ ଦେଖାଦେଇ ନାହିଁ । ବାମନଘାଟିର ରତ୍ପାଟ, ବାଙ୍କାପାଟ, ଲଛମନପାଟ, ପାଖଣାପାଟ ଆଦି ପାହାଡ଼ଗୁଡ଼ିକରେ ପ୍ରତିବର୍ଷ ଭାଦ୍ରବ ମାସରେ ଜନ୍ତାଳ ପର୍ବ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ ।

ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ଜାମଦା ବ୍ଲକ୍‌ର ପାଖଣାପାଟରେ ପ୍ରତିବର୍ଷ ସବୁଠୁ ବଡ଼ ଜନ୍ତାଳ ପର୍ବ ପାଳିତ ହୋଇଥାଏ । ଭାଦ୍ରବ ମାସର ସୁନିଆ ଦିନ ପଶୁ ସଂପଦ, କୃଷି ଅଭିବୃଦ୍ଧି ଏବଂ ପାରିବାରିକ ମଙ୍ଗଳ କାମନା କରି ଏହି ପର୍ବ ପାଳିତ ହୋଇଥାଏ । ଏହି ଅବସରରେ ଛେଳି, ମେଣ୍ଢା, କୁକୁଡ଼ାଠାରୁ ଆରମ୍ଭ କରି ମଇଁଷି ବଳି ଦିଆଯାଇଥାଏ । ପୂଜକଙ୍କ ଘରେ ଥିବା ପଥର ମୂର୍ତ୍ତିକୁ ପାହାଡ଼ର ଗୁମ୍ଫା ମଧ୍ୟକୁ ନିଆଯାଇଥାଏ ଏବଂ ସେଠାରେ ପୂଜା ପରେ ପୁଣିଥରେ ପୂଜକ ନିଜ ଘରକୁ ଏହି ମୂର୍ତ୍ତିକୁ ନେଇଯାଏ ।

କରମ୍ (କରମା) ପର୍ବ

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ (କରମ ଏକାଦଶୀ) ତିଥିରେ ପଶ୍ଚିମ ଓଡ଼ିଶା ସମେତ ଅନ୍ୟାନ୍ୟ ଅଞ୍ଚଳରେ କରମା ପୂଜା ଅନୁଷ୍ଠିତ ହୋଇଥାଏ । ମୟୂରଭଞ୍ଜ ଜିଲ୍ଲାରେ ଏହା 'କରମ୍ ପର୍ବ' ଭାବେ ପରିଚିତ । କରମ୍ ନାଚରେ ଆଦିବାସୀଙ୍କଠାରୁ ଆରମ୍ଭ କରି କୁଡୁମି ମହାନ୍ତମାନେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ଏହି ପର୍ବରେ କରମା ସାଇଁଙ୍କୁ ପୂଜା କରାଯାଇଥାଏ । କରମା ସାଇଁଙ୍କୁ ପୂଜା କଲେ ଭଲ ଫସଲ ହେବା ସାଙ୍ଗକୁ ଗୋରୁଗାଈଙ୍କୁ ରୋଗ ହୁଏନାହିଁ ବୋଲି ବିଶ୍ୱାସ ରହିଛି । ମୁଖ୍ୟତଃ

Digitized by srujanika@gmail.com

କରମ ପର୍ବ

କରମ୍ ପର୍ବ ଏକ କୃଷିଭିତ୍ତିକ ପର୍ବ । ଏହି ଅବସରରେ କରମ ନାଚ ପ୍ରଦର୍ଶନ କରାଯାଇଥାଏ । ଏହା ଏକ ଦଳଗତ ନୃତ୍ୟ । ଅବିବାହିତ ଯୁବକ, ଯୁବତୀମାନେ ଦଳଦଳ ହୋଇ ଗୀତଗାଇ ନୃତ୍ୟ କରନ୍ତି । ଏହି ପୂଜା ଦୁଇ ଦିନ ଧରି ଚାଲେ । ଗାଁ ମୁଣ୍ଡରେ ପ୍ରସ୍ତୁତ କରାଯାଇଥିବା ପୂଜା ମଣ୍ଡପରେ ନୃତ୍ୟ ଆୟୋଜିତ ହୋଇଥାଏ । କରମା ଗଛର ଡାଳକୁ କରମ ଡାଳ କୁହାଯାଏ । ଯେଉଁଠାରେ କରମ ଡାଳ ନ ମିଳେ ଅନ୍ୟାନ୍ୟ ଡାଳ ବ୍ୟବହାର କରାଯାଏ । ଏହି କରମ ଡାଳକୁ ପୂଜା ମଣ୍ଡପ ମଧ୍ୟରେ ପୋତାଯାଏ । କରମ ଡାଳକୁ ଦେବତା ଭାବେ ବିଚାର କରାଯାଏ । ଦୁଇଦିନ ଧରି କରମ ନାଚ ଶେଷ ହେଲାପରେ କରମ ଡାଳକୁ ନିକଟସ୍ଥ ନଦୀ କିମ୍ବା ନାଳରେ ବିସର୍ଜନ କରାଯାଏ ।

ଭାଦ୍ରବ ମାସ ଏକାଦଶୀର ସାତଦିନ ପୂର୍ବରୁ ପ୍ରାପ୍ତବୟସ୍କା କୁମାରୀ କନ୍ୟାମାନେ ଉପବାସ ରହି ନିଷ୍ଠାର ସହ ନଦୀ, ପୋଖରୀ କିମ୍ବା ଅନ୍ୟାନ୍ୟ ଜଳାଶୟରୁ ଏକ ନୂତନ ଡାଲାରେ ବାଲି ଉଠାଇ ସେଥିରେ ସପ୍ତବର୍ଣ୍ଣା ଶସ୍ୟର ମଞ୍ଜିକୁ ଅଙ୍କୁରୋଦ୍‌ଗମ ନିମନ୍ତେ ବୁଣିଥା'ନ୍ତି । ଏହି ଡାଲାକୁ ସାତ ଦିନ ରଖି କରମ ଠାକୁରଙ୍କ ନିକଟରେ ସମର୍ପଣ କରାଯାଏ । ସାତଦିନ କାଳ ହବିଷାନ୍ନ ଭୋଜନ କରି ନିଷ୍ଠାର ସହ ଏହି ଡାଲା ଚତୁର୍ପାର୍ଶ୍ୱରେ ପ୍ରତି ସନ୍ଧ୍ୟାରେ ଗୀତ ଗାଇ ଯୁବତୀମାନେ ନାଚଗୀତ କରନ୍ତି । ଏହି ଅବସରରେ ଜାଓ୍ୱା ନାଚ ପରିବେଷଣ କରାଯାଇଥାଏ । ବ୍ରତଧାରୀମାନେ ଢୋଲ ମାଦଳର ତାଳେତାଳେ ନାଚିନାଚି କରମ ବୃକ୍ଷର ଡାଳ ଆଣିବାକୁ ଯାଆନ୍ତି । ପୂର୍ବଦିଗକୁ ମୁହଁ କରି କରମା ସାଇଁଙ୍କୁ ପୂଜା କରି ବୃକ୍ଷର ଦୁଇଟି ଡାଳକୁ କାନ୍ଧରେ ବୋହି ପୂଜା ମଣ୍ଡପକୁ ଫେରନ୍ତି । ପୂଜା ମଣ୍ଡପରେ ତମାମ୍ ରାତି ନୃତ୍ୟଗୀତର ଆସର ଜମିଥାଏ । ଏହି ନୃତ୍ୟକୁ ପାଁତା ନାଚ କୁହାଯାଏ ।

Digitized by srujanika@gmail.com

ଏଥିରେ ଝୁମର ଗାନ କରାଯାଇଥାଏ ।

କୁଡୁମୀ ସଂପ୍ରଦାୟର 'ବାନ୍ଦନା' (ଗୋବର୍ଦ୍ଧନ) ପର୍ବ

ପ୍ରତିବର୍ଷ କାଳୀପୂଜା ଅବସରରେ ମୟୂରଭଞ୍ଜ ଜିଲ୍ଲାର କୁଡୁମୀ ସଂପ୍ରଦାୟର ଲୋକମାନେ ଗୋ ବାନ୍ଦନା ବା ଗୋବର୍ଦ୍ଧନ ପର୍ବ ପାଳନ କରିଥାନ୍ତି । ଏହାକୁ ମଧ୍ୟ **'ବାନ୍ଦନା'** ପର୍ବ କୁହାଯାଇଥାଏ । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବଟି ତିନି ଦିନ ଧରି ପାଳିତ ହୋଇଥାଏ । କୁଡୁମୀମାନେ ବସବାସ କରୁଥିବା ଅଞ୍ଚଳରେ ଥିବା କୁଂଭାର, କମାର, ଭୂମିଜ, ସାନ୍ତାଳ, ତନ୍ତି, ବାରିକ ଓ ଲୋଧା ଆଦି ସଂପ୍ରଦାୟର ଲୋକମାନେ ମଧ୍ୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି । ମୟୂରଭଞ୍ଜ, କେନ୍ଦୁଝର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରେ ବାନ୍ଦନା ପର୍ବ ଧୁମ୍‌ଧାମରେ ପାଳନ କରାଯାଏ । କାର୍ତ୍ତିକ ଅମାବାସ୍ୟାଠାରୁ ଏହି ପର୍ବ ତିନି ଦିନ ଧରି ପାଳନ କରାଯାଏ । ପ୍ରଥମ ଦିନକୁ **'ଗୋଠ ପୂଜା'** କୁହାଯାଉଥିବା ବେଳେ ଦ୍ୱିତୀୟ ଦିନ **'ଗୋରୟା ପୂଜା'** ଓ ତୃତୀୟ ଦିନକୁ **'ବୁଢ଼ୀ ବାନ୍ଦନା'** ଭାବେ ପାଳନ କରାଯାଏ । ବର୍ଷତମାମ୍ ଗାଈ, ଗୋରୁ ମଣିଷର ସେବା କରିଥାଏ । ସେଥିପାଇଁ ଗୋ-ଧନକୁ ମଣିଷ ଏହି ପର୍ବରେ ବନ୍ଦାପନା କରିଥାଏ ।

ଗୋରୁଗାଈଙ୍କ ମଙ୍ଗଳ କାମନା କରି କୁଡୁମୀମାନେ 'ବାନ୍ଦନା' ବା 'ଗୋବର୍ଦ୍ଧନ' ପୂଜା କରିଥାନ୍ତି । ଏହା ଦୀପାବଳି ଦିନ ଆରମ୍ଭ ହୋଇ ତିନି ଦିନ ଧରି ପାଳିତ ହୁଏ । ଏହି ଅବସରରେ କୁଡୁମୀ ସଂପ୍ରଦାୟରେ ଗୋରୁ ଗୁହାଳ ଓ ଗୋରୁମାନଙ୍କୁ ପୂଜା କରାଯାଏ ।

ବାନ୍ଦନା (ଗୋବର୍ଦ୍ଧନ) ପର୍ବ

Digitized by srujanika@gmail.com

ବାନ୍ଦନା ପର୍ବର ପ୍ରଥମ ଦିନକୁ **'ଗୋଠପୂଜା'** କୁହାଯାଏ । ଏହିଦିନ ସକାଳୁ ଗ୍ରାମର ସମସ୍ତ ଗାଈଗୋରୁଙ୍କୁ ସ୍ନାନ କରାଯାଏ । ଅପରାହ୍ନରେ ପ୍ରତି ଘରର ଗାଈଗୋରୁଙ୍କୁ ଫୁଲ, ଚନ୍ଦନ ଲଗେଇ ଗାଈ ଗୋଠକୁ ନିଆଯାଇଥାଏ । ସେଠାରେ ଧର୍ମ ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏକ ଅଣ୍ଡାକୁ ଶସ୍ୟ ମଣ୍ଡଳ ଭିତରେ ପୋତି ଦିଆଯାଏ । ଏହି ଅବସରରେ ବାସୁକୀ, ବସୁମତୀ ଓ ଧର୍ମ ଦେବତାଙ୍କୁ ବିଭିନ୍ନ ରଂଗର କୁକୁଡା ବଳି ଦିଆଯାଇଥାଏ । ପୂଜା ପରେ ପରେ ଅଣ୍ଡା ସ୍ଥାପନ କରାଯାଇଥିବା ସ୍ଥଳକୁ ଗାଈବଳଦମାନଙ୍କୁ ନିଆଯାଇଥାଏ । ଯେଉଁ ଗାଈ କିମ୍ବା ବଳଦ ଧର୍ମ ଦେବତାଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ଅଣ୍ଡା ଉପରେ ଚଢିଯାଏ, ସେହି ଗାଈ କିମ୍ବା ବଳଦ ଏବଂ ସେଇ ଗାଈ କିମ୍ବା ବଳଦର ମାଲିକଙ୍କୁ ଭାଗ୍ୟବାନ ମନେ କରାଯାଏ । ସେହି ଭାଗ୍ୟବାନ ଗୋରୁ ମାଲିକଙ୍କୁ ଫୁଲମାଳ ଦେଇ ବାଜା ବଜେଇ, ନୃତ୍ୟଗୀତ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଏ । ଏହା ପରେ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ସେହି ଭାଗ୍ୟବାନ ଗୋରୁ ମାଲିକଙ୍କ ଘରକୁ ଯାଆନ୍ତି । ସଂପୃକ୍ତ ଭାଗ୍ୟବାନ୍ ବ୍ୟକ୍ତି ଏହି ଅବସରରେ ଗ୍ରାମବାସୀଙ୍କୁ ଭୋଜି, ହାଣ୍ଡିଆ, ମଦ, ମାଂସରେ ଆପ୍ୟାୟିତ କରିଥାନ୍ତି । ଏହି ଦିନ ସମସ୍ତଙ୍କ ଘରେ ପିଠାପଣା ହୋଇଥାଏ । ଏହି ଅବସରରେ ନାଚଗୀତର ଆୟୋଜନ କରାଯାଇଥାଏ । ନାଚଗୀତରେ ମସଗୁଲ ହୋଇ ସମସ୍ତେ ଏକ ଶୋଭାଯାତ୍ରାରେ ବାହାରି ଗାଁ ମୁଣ୍ଡକୁ ଯାଆନ୍ତି । ଏହାକୁ **ଧାଦେଇଁ ଖେଳ** କହନ୍ତି । ସମସ୍ତ ପୁରୁଷ ନାରୀ ହସଖୁସିରେ ପରସ୍ପର ଦେହରେ ଚୂନା ବୋଳି ଦେଇଥାନ୍ତି ।

ବାନ୍ଦନା (ଗୋବର୍ଦ୍ଧନ) ପର୍ବ

Digitized by srujanika@gmail.com

ବାନ୍ଦନା (ଗୋବର୍ଦ୍ଧନ) ପର୍ବ

ଗୋଠପୂଜାର ପରଦିନ (ଦ୍ୱିତୀୟ ଦିନ) ହେଉଛି **'ଗୋରୟା ପୂଜା'** । କୁଡ଼ୁମୀ ସଂପ୍ରଦାୟର ଲୋକମାନେ ଲଙ୍ଗଳ, ମଇ, କୁରାଢ଼ୀ ଆଦି କୃଷି ସରଞ୍ଜାମକୁ ସଫାସୁତର କରିଥାନ୍ତି । ତାପରେ ଶିବ, ପାର୍ବତୀ, ବାସୁକି, ବସୁମତୀ, ଧର୍ମଦେବତା, ଗ୍ରାମ ଠାକୁରାଣୀ, ବଡପାହାଳ, ଗୋସେଇଁରାୟ, ମା' କାଳୀ ଆଦି ଦେବଦେବୀଙ୍କୁ ବିଭିନ୍ନ ରଂଗର କୁକୁଡା ଦେଇପୂଜା କରି ସନ୍ତୁଷ୍ଟ କରିଥାନ୍ତି । ନିଜର ପିତୃପୁରୁଷ ଓ ଇଷ୍ଟଦେବଙ୍କୁ ମଧ୍ୟ ପିଠାପଣାର ଭୋଗ ଦେଇଥାନ୍ତି । ଗାଈଗୋରୁଙ୍କୁ କଅଁଳିଆ ଘାସ ପେଟ ପୂରା ଖାଇବାକୁ ଦିଆଯାଏ । ଏହା ଫଳରେ ଗାଈଗୋରୁ ବର୍ଷସାରା ପାଇଥିବା ଦୁଃଖକଷ୍ଟକୁ ସାମୟିକ ଭାବେ ଭୁଲିଯାଇଥାନ୍ତି । ଏହି ଦିନ ଗାଈଗୋରୁଙ୍କ ଅବସ୍ଥା ଦେଖିବାକୁ ମହାଦେବ କିମ୍ବା ତାଙ୍କ ବାହନ ବାସୁଆଷଣ୍ଢ ମର୍ତ୍ତ୍ୟଲୋକକୁ ବୁଲି ଆସିଥାନ୍ତି ବୋଲି କୁଡ଼ୁମୀ ସଂପ୍ରଦାୟର ଲୋକେ ବିଶ୍ୱାସ କରନ୍ତି ।

ତୃତୀୟ ଦିନ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥାଏ । ଏହାକୁ **'ବୁଢ଼ୀ ବାନ୍ଦନା'** କୁହାଯାଏ । ଏହି ଦିନ ଗ୍ରାମର ମଧ୍ୟ ଭାଗରେ ଏକ ଖୁଣ୍ଟ ପୋତାଯାଏ । ବ୍ରତ ହୋଇ ନଥିବା ବଳଦକୁ ସେଠାରେ ବନ୍ଧାଯାଇ ତାକୁ ତିନି ଥର ବୁଲାଯାଏ । ଗୋଠେଶ୍ୱର ମହାଦେବଙ୍କୁ ପୂଜା କରାଯାଏ । ଏହି ଅବସରରେ ପ୍ରତି କୁଡ଼ୁମୀ ଘରର ମହିଳାମାନେ ଘରକୁ ଚିତା, ଝୋଟିରେ ସଜାଇ ଥାନ୍ତି । ସମସ୍ତେ ନୂଆ ବସ୍ତ୍ର ପରିଧାନ କରନ୍ତି । ଅପରାହ୍ଣରେ ଆରମ୍ଭ ହୋଇଯାଏ ବଳଦ ନାଚ ଓ ଏଥିରେ ସମସ୍ତେ ନାଚଗୀତରେ ମସଗୁଲ ହୋଇଉଠନ୍ତି ।

ବାନ୍ଦନା ପର୍ବକୁ କୁଡ଼ୁମୀ (ମହାନ୍ତମାନେ)ମାନେ ବଡପର୍ବ ବୋଲି ମାନିଥାନ୍ତି । ଏହି ପର୍ବ ପାଳନ

Digitized by srujanika@gmail.com

ବାୟନା (ଗୋବର୍ଦ୍ଧନ) ପର୍ବ

ନେଇ ଏକ କିମ୍ବଦନ୍ତୀ ରହିଛି । ଏକଦା ମର୍ତ୍ତ୍ୟରେ ମଣିଷର ଅତ୍ୟାଚାର ବିରୋଧରେ ବିଦ୍ରୋହପୂର୍ବକ ସମସ୍ତ ଗୋରୁଗାଈ କ୍ରୋଧାନ୍ୱିତ ହୋଇ ଚାଷକାର୍ଯ୍ୟ ଛାଡି ସ୍ୱର୍ଗ (ଶିବଙ୍କ ପାଖକୁ)କୁ ଚାଲିଗଲେ । ଏହା ଫଳରେ ମର୍ତ୍ତ୍ୟରେ ଚାଷ କାର୍ଯ୍ୟ ବନ୍ଦ ହୋଇଯିବାରୁ ମଣିଷମାନଙ୍କ ମଧ୍ୟରେ ଭାଳେଣି ପଡିଗଲା । ଏନେଇ ଅକଳା, ବକୁଳା, ଗୋକୁଳା ତିନି ଜଣ ମହାପୁରୁଷ ସ୍ୱର୍ଗକୁ ଯାଇ ଗୋରୁଗାଈଙ୍କୁ ମର୍ତ୍ତ୍ୟଲୋକକୁ ଫେରେଇ ଆଣିବାକୁ ଶିବଙ୍କୁ ପ୍ରାର୍ଥନା କରିଥିଲେ । ଗାଈ, ଗୋରୁଙ୍କୁ ନିର୍ଯାତନା ବନ୍ଦ କଲେ ସେମାନେ ମର୍ତ୍ତ୍ୟଲୋକକୁ ଫେରିବେ ବୋଲି ଶିବ ଏହି ତିନି ଜଣ ମହାପୁରୁଷଙ୍କୁ କହିଲେ । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଦିନରେ ମର୍ତ୍ତ୍ୟପୁରକୁ ବୁଲିଯାଇ ଗୋରୁଗାଈଙ୍କ କଥା ବୁଝି ଆସିବେ ବୋଲି ଶିବ ଏହି ତିନି ଜଣଙ୍କୁ କହି ଗୋରୁଗାଈଙ୍କୁ ସେମାନଙ୍କ ସାଥୀରେ ପ୍ରେରଣ କଲେ । ଏଣୁ ଗୋବର୍ଦ୍ଧନ ପୂଜାର ଦ୍ୱିତୀୟ ଦିନ ଶିବ କିମ୍ବା ତାଙ୍କ ଦୂତ ବାସୁଆ ଷଣ୍ଢ ଗୋରୁଗାଈଙ୍କ ଅବସ୍ଥା ବୁଝିବାକୁ ମର୍ତ୍ତ୍ୟପୁରକୁ ବୁଲି ଆସିଥାନ୍ତି ବୋଲି କୁଡୁମୀ ସଂପ୍ରଦାୟରେ ବିଶ୍ୱାସ ରହିଛି ।

ସାନ୍ତାଳମାନଙ୍କ ବାହାବଂଗା ପର୍ବ

ଫଗୁଣ ମାସ ଆସିଲେ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ସାନ୍ତାଳମାନଙ୍କର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠେ । ସବୁଠି ଢୋଲ, ମାଦଳର ଗୁରୁଗଂଭୀର ସ୍ୱର ଏବଂ ସାନ୍ତାଳ ଯୁବକ, ଯୁବତୀଙ୍କ ନାଚଗୀତ ପଲ୍ଲୀକୁ ଚଳଚଞ୍ଚଳ କରିଦିଏ । ଗୋଟିଏ ପଟେ ଶାଳ, ମହୁଲ, ପଳାଶ ଓ

Digitized by srujanika@gmail.com

ବାହାବଙ୍ଗା ପର୍ବ

ଶିମିଳିଫୁଲ ଫଗୁଣକୁ ରଙ୍ଗୀନ୍ ଓ ବାସ୍ନାବିଭୋର କରିଦେଉଥିବାବେଳେ ଅନ୍ୟପଟେ ସାନ୍ତାଳ ଜନପଦମାନଙ୍କରେ ଯୁବକ, ଯୁବତୀମାନଙ୍କ ନାଚଗୀତ ପ୍ରକୃତିକୁ ଆନମନା କରିଦିଏ ।

ଫଗୁଣମାସରେ ଶାଳଗଛରେ ଶାଳଫୁଲ ଧରିବା ପରଠୁ 'ବାହାବଙ୍ଗା ପର୍ବ' ପାଳନ କରାଯାଇଥାଏ । ପ୍ରତିବର୍ଷ ଫାଲ୍‌ଗୁନ୍ ପୂର୍ଣ୍ଣିମା ଦିନ ଏହି ପର୍ବ ପାଳିତ ହୋଇଥାଏ । 'ବାହାବଂଗା ପର୍ବ' ହେଉଛି ସାନ୍ତାଳମାନଙ୍କର ଏକ ମୁଖ୍ୟ ପର୍ବ । ଏହା ଏକ କୃଷି ଓ ଜୀବନଜୀବିକାଭିତ୍ତିକ ପର୍ବ ଏବଂ ଏହାକୁ 'ବାହା ପରବ୍' ବା 'ଫୁଲ ଭାଙ୍ଗୁଣୀ' ମଧ୍ୟ କୁହାଯାଇଥାଏ । ଅନ୍ୟ ସଂପ୍ରଦାୟର ନୂଆଖିଆ ପର୍ବ ପରି ସାନ୍ତାଳମାନେ ବାହାବଂଗା ପର୍ବ ପରଠାରୁ ନୂତନ ବନ୍ୟଜାତ ଦ୍ରବ୍ୟ ବ୍ୟବହାର କରିଥାନ୍ତି ।

ସାନ୍ତାଳ ସଂପ୍ରଦାୟର ଲୋକମାନେ ଏହି ବାହା ପର୍ବକୁ ଫାଲ୍‌ଗୁନ ମାସ ପଞ୍ଚମୀ ତିଥିଠାରୁ ପୂର୍ଣ୍ଣିମା ମଧ୍ୟରେ ପାଳନ କରିଥାନ୍ତି । ମୟୁରଭଞ୍ଜ ଜିଲ୍ଲାରେ ପ୍ରାୟତଃ ଫଗୁଣ ମାସର ଶୁକ୍ଳପକ୍ଷ ୧୫ ଦିନ ଧରି ସାନ୍ତାଳ ଗ୍ରାମମାନଙ୍କରେ ବାହାପର୍ବ ପାଳିତ ହୋଇଥାଏ । ଶାଳ ଗଛରେ ନୂଆକରି ଫୁଲ ଫୁଟିବା ଆରଂଭ ହେବାପରେ ପରେ ବାହା ପରବ୍ ପାଳନ କରାଯାଇଥାଏ । ସାନ୍ତାଳ ଶବ୍ଦ 'ବାହା'ର ଅର୍ଥ ଫୁଲ ଏବଂ 'ବଙ୍ଗା'ର ଅର୍ଥ ପର୍ବ ।

Digitized by srujanika@gmail.com

ମାରାଂବୁରୁ ହେଉଛନ୍ତି ଜୀବନଦାତା, ବୃଷ୍ଟି (ପାଣିପାଗ) ନିୟନ୍ତା ଓ ଶସ୍ୟଦାତା ବୋଲି ସାନ୍ତାଳମାନଙ୍କର ବିଶ୍ୱାସ ରହିଛି । ମାରାଂବୁରୁ ଅସନ୍ତୁଷ୍ଟ ହେଲେ ମଣିଷ ସମେତ ଗୃହପାଳିତ ପଶୁ ଏବଂ ଗ୍ରାମର କ୍ଷତି ଘଟିଥାଏ । ଏଣୁ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ବାହାବଙ୍ଗା ପର୍ବ ପାଳିତ ହୋଇଥାଏ । ଏହି ଅବସରରେ ଗ୍ରାମର ସମସ୍ତ ଯୁବକ, ଯୁବତୀ ପାରଂପରିକ ପୋଷାକ (ଫୁଟା କାଚା, ଫୁଟା ଖାଣ୍ଡି) ପରିଧାନ କରି ମାଦଳ, ନାଗରା, ଟାମକ, ଟୁମଡା, ଝୁମୁକା ଆଦି ବାଦ୍ୟ ବଜାଇ ମସଗୁଲ୍ ହୋଇପଡନ୍ତି । ସାନ୍ତାଳ ଯୁବକ, ଯୁବତୀମାନେ ଗ୍ରାମର ପୂଜକ ବା ନାଏକଙ୍କୁ କାନ୍ଧରେ ବସାଇ ପୂଜା ସ୍ଥଳ (ଜାହେର ଶାଳ)କୁ ପାଛୋଟି ନିଅନ୍ତି ।

ବାହାବଙ୍ଗା ପର୍ବ

ସାନ୍ତାଳମାନେ ନିଜର ଇଷ୍ଟ ଦେବତା ମାରାଂବୁରୁ (ମୁଖ୍ୟଦେବତା)ଙ୍କ ସମେତ ଜାହେର ଏରା, ମଣେକ, ରଙ୍ଗବୁଢ଼ି (ଶିକାର ଦେବୀ), ସାହାରପାଟ (କୃଷିଦେବୀ)ଙ୍କୁ ନୂତନ ବନ୍ୟଜାତ ଦ୍ରବ୍ୟ, ଫଳ, ଫୁଲ ଭୋଗ ଲଗାଇବା ପରେ ନିଜେ ବ୍ୟବହାର କରିଥାନ୍ତି । ଗ୍ରାମର ପୂଜକ ଶାଳ, ମହୁଲ, ଡିଙ୍ଗୁଡ଼ି, ପଳାସ ଫୁଲ ତଥା ଆମ୍ବ, ଆମ୍ବଡ଼ା, ପଣସ ଏବଂ ଅନ୍ୟାନ୍ୟ ବନ୍ୟ ଫଳକୁ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି । କେବଳ ଯେ ଫଳପୁଷ୍ପ ଅର୍ପଣ କରାଯାଏ ନାହିଁ ବରଂ ଛେଳି, କୁକୁଡ଼ା ଆଦି ବଳି

Digitized by srujanika@gmail.com

ଦିଆଯାଇଥାଏ । ନିଜର ଇଷ୍ଟ ଦେବତା ମାରାଂବୁରୁ, ଜାହେର ଏରାଙ୍କ ନିକଟରେ ପୂଜା ସାରି ଶାଳ ପତ୍ରରେ ସାନ୍ତାଳ ଯୁବକ, ଯୁବତୀମାନେ ଖେଚୁଡି ଭୋଗ ପାଇଥାନ୍ତି । ଏହି ଅବସରରେ ସାନ୍ତାଳମାନେ ସ୍ୱତନ୍ତ୍ର ହାଣ୍ଡିଆ ପ୍ରସ୍ତୁତ କରିଥା'ନ୍ତି । ବାହାପର୍ବରେ ବଳି ପଡ଼େ । ସାନ୍ତାଳମାନେ ବାହା ପର୍ବ ଅବସରରେ ଶଳେ (ଖେଚୁଡ଼ି), ପିଠା, ଲେଟ (ମାଂସ ଘାଣ୍ଟ) ଆଦି ଖାଦ୍ୟ ପ୍ରସ୍ତୁତ କରି ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଶେଷରେ ସାନ୍ତାଳ ଯୁବକ, ଯୁବତୀ ପୂଜକଙ୍କଠାରୁ ଶାଳ ଫୁଲ ଗ୍ରହଣ କରି କାନରେ ଏବଂ ମୁଣ୍ଡରେ ଖୋସି ସଞ୍ଜ ବେଳକୁ ନାଚ ଓ ଗୀତର ଆସର ଜମେଇଥାନ୍ତି । ରାତି ସାରା ସାନ୍ତାଳ ଯୁବକ, ଯୁବତୀମାନେ ବାହା ନାଚଗୀତରେ ମାତାଲ୍ ହୋଇ ଜୀବନକୁ ଉପଭୋଗ କରିଥାନ୍ତି ।

ଶାଳଗଛ ସାନ୍ତାଳମାନଙ୍କର ଏକ ପ୍ରମୁଖ ବୃକ୍ଷ ଅଟେ । ସାନ୍ତାଳମାନଙ୍କର ପୂର୍ବପୁରୁଷମାନେ ଯେତେବେଳେ ଧର୍ମର ଅନ୍ୱେଷଣରେ ଥିଲେ ସେତେବେଳେ ମାରାଂବୁରୁ ସେମାନଙ୍କୁ ଶୂନ୍ୟବାଣୀ କରିଥିଲେ -'ତୁମେ ଆକାଶକୁ ତୀର ନିକ୍ଷେପ କର । ତୀରଟି ଯେଉଁ ସ୍ଥାନରେ ପତିତ ହେବ ସେଠାରେ ତୁମେମାନେ ପୂଜାପାଠ କରିବ ଏବଂ ନିଜର ଇଷ୍ଟଦେବୀଙ୍କୁ ପ୍ରାର୍ଥନା କରିବ" । ଏହି ଶୂନ୍ୟବାଣୀ ଅନୁସାରେ ସେମାନେ ଆକାଶକୁ ତୀର ନିକ୍ଷେପ କଲେ । ତୀରଟି ଏକ ଶାଳଗଛ ମୂଳରେ

ବାହାବଙ୍ଗା ପର୍ବ

Digitized by srujanika@gmail.com

ପଡ଼ିଲା । ସେହିଦିନଠାରୁ ସାନ୍ତାଳମାନେ ଶାଳଗଛ ମୂଳରେ ପୂଜାପାଠ କରି ଆସୁଛନ୍ତି । ସାନ୍ତାଳମାନଙ୍କର କୌଣସି ମନ୍ଦିର, ମୂର୍ତ୍ତି ପୂଜା ହୋଇ ନଥାଏ । କେବଳ ଶାଳ ବୃକ୍ଷ ହିଁ ଏମାନଙ୍କର ଦେବତା ଓ ମନ୍ଦିର । ପଥରର ଶାଳଗ୍ରାମକୁ ଏମାନେ ନିଜର ଦେବତା, ଦେବୀ ଭାବେ ପୂଜା କରିଥାନ୍ତି ।

ବାହାବଙ୍ଗା ପର୍ବର ପ୍ରଥମ ଦିନ ଗାଁର ଯୁବକମାନେ ଜାହେର ଶାଳ ନିକଟରେ ଦୁଇଟି ଛୋଟଛୋଟ ଚାଳିଘର ନିର୍ମାଣ କରନ୍ତି । ଗୋଟିଏ ଚାଳିଘର ଜାହେର ଆୟ୍ ଏବଂ ଅନ୍ୟଟି ମାରାଂବୁରୁଙ୍କ ପାଇଁ ନିର୍ମିତ ହୋଇଥାଏ । ପୂଜାର ପୂର୍ବଦିନ ସାନ୍ତାଳ ଯୁବତୀମାନେ ଗାଈ ଗୋବରରେ ଜାହେର ଶାଳକୁ ଲିପାପୋଛା କରି ଶୋଧନ କରନ୍ତି ।

ପୂଜାଦିନ ସାନ୍ତାଳ ପୂଜକ ଓ ଅନ୍ୟମାନେ ଜାହେର ଶାଳକୁ ପୂଜାସାମଗ୍ରୀ କୁଲା, ପାଚିଆ, ଟୋକେଇ, ଧନୁତୀର, ଖଣ୍ଡା, ଟାଙ୍ଗିଆ, ଝାଡ଼ୁ, ସିଙ୍ଗା, ଲୁହାଶିକୁଳି ସାଥୀରେ ନେଇ ଯାଆନ୍ତି । ରାତିତମାମ୍ ଗାଁର ପୂଜକ ଘର ସାମ୍ନାରେ ମାଦଳ ବଜାଇ ସାନ୍ତାଳ ଯୁବକ, ଯୁବତୀମାନେ ନାଚଗୀତର ଆୟୋଜନ କରନ୍ତି । ଏହି ଅବସରରେ କିଛି ସାନ୍ତାଳ ଲୋକଙ୍କୁ କାଳିସୀ ଲାଗିଥାଏ । ସେମାନଙ୍କୁ 'ବଙ୍ଗା' କୁହାଯାଏ । ଗଛମାନଙ୍କରେ ଫୁଟିଥିବା ଓ ଫଳିଥିବା ଫୁଲ, ଫଳମାନଙ୍କୁ ନୂଆକରି ଖାଇବାର ପ୍ରକ୍ରିୟା ଆରଂଭ କରିବା ପୂର୍ବରୁ ବାହାବଙ୍ଗା ପର୍ବ ପାଳିତ ହୋଇଥାଏ । ଏହି ପର୍ବପାଳନ ସମୟରେ ସାନ୍ତାଳ ଯୁବକ, ଯୁବତୀଙ୍କର ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ବାହା ପର୍ବର ଦ୍ୱିତୀୟ ଦିବରେ ଯେଉଁମାନଙ୍କର ପୂଜାପାଠ କରିବାର ଥାଏ, ସେମାନେ ଗୃହ ଦେବତାଙ୍କୁ ପୂଜା କରନ୍ତି । ହାଣ୍ଡିଆ ଅର୍ପଣ କରିବା ସହ କୁକୁଡ଼ା, ଛେଳି, ଘୁଷୁରି ଆଦି ବଳି ପଡ଼େ । ବନ୍ଧୁବାନ୍ଧବମାନେ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଗ୍ରାମରେ ପାଣିଖେଳ ହୋଇଥାଏ । ଯୁବକମାନେ ଏହି ଅବସରରେ ଜଙ୍ଗଲକୁ ପଶୁ, ପକ୍ଷୀ ଶିକାର (ପାରିଧି) କରିବାକୁ ବାହାରି ପଡ଼ନ୍ତି । ଛୋଟ ପଶୁଟିଏ ହେଉ କି ପକ୍ଷୀଟିଏ, ଶିକାର କରି ଫେରିଲେ ଏହା ସାନ୍ତାଳମାନଙ୍କର ସୁଖସମୃଦ୍ଧିର ସୂଚନା ପ୍ରଦାନ କରିଥାଏ । ଯଦି କୌଣସି କାରଣବଶତଃ ଶିକାର ନ ମିଳେ ବିଧି ରକ୍ଷା ପାଇଁ ଯୁବକମାନେ ଗାଁ ମୁଖିଆଙ୍କ ଘରେ ପାଳନ କରାଯାଇଥିବା କୁକୁଡ଼ାକୁ ଶିକାର କରିଥା'ନ୍ତି ।

ବାହାପର୍ବ ପରେ ଖାଇବା ଯୋଗ୍ୟ ଫୁଲ ଓ ଫଳକୁ ତୋଳି ସାନ୍ତାଳମାନେ ଖାଇବା ଆରଂଭ କରନ୍ତି । ବାହାପର୍ବ ପୂର୍ବରୁ ଗଛ ଡାଳରୁ ଯେକୌଣସି ଫୁଲଟିଏ ତୋଳିବା ମହାପାପ ବୋଲି ସାନ୍ତାଳମାନେ ବିଚାର କରନ୍ତି । ବାହାପର୍ବ ପାଳନ ସରିଗଲାପରେ ସାନ୍ତାଳମାନେ ନିଜ ପୁଅ ଓ ଝିଅମାନଙ୍କ ପାଇଁ ବିଭାଘର ପ୍ରସ୍ତୁତି ଆରଂଭ କରନ୍ତି । ଏହାପୂର୍ବରୁ ବାହାଘର କରିବା ସାନ୍ତାଳ ସମାଜରେ ମନାଥାଏ ।

Digitized by srujanika@gmail.com

କୋହ୍ଲମାନଙ୍କ 'ମାଘେ ପରବ୍'

ମୟୂରଭଞ୍ଜ ଜିଲ୍ଲାର ମୁଣ୍ଡା ଓ କୋହ୍ଲ ସଂପ୍ରଦାୟର ଆଦିବାସୀଙ୍କ ଅନ୍ୟତମ ପ୍ରମୁଖ ପର୍ବ ହେଉଛି ମାଘେ ପରବ୍ । ମାଘ ମାସ ବେଳକୁ କୋହ୍ଲ ଓ ମୁଣ୍ଡା ସଂପ୍ରଦାୟର ଆଦିବାସୀମାନେ ଏହି ପର୍ବ ପାଳନ କରୁଥିବାରୁ ଏହାକୁ 'ମାଘେ ବରବ୍' କୁହାଯାଏ । ମାଘେ ପରବ୍ ସାତ ଦିନ ଧରି ଚାଲେ । ମାଘେ ପରବ୍‌ର ପ୍ରଥମ ଦିନକୁ 'ଗାଉମାହାରା' ବା 'ଗାଉଓଲ' କୁହାଯାଏ । ଏହି ଦିନ କୋହ୍ଲ ମହିଳାମାନେ ନିଜନିଜ ଘରକୁ ନାଲି, ଧଳା, କଳା ଓ ହଳଦିଆ ରଂଗର ମାଟିରେ ଲିପାପୋଛା କରି ପରିଷ୍କାର ପରିଚ୍ଛନ୍ନ କରନ୍ତି । କାନ୍ଥରେ ବିଭିନ୍ନ ଚିତ୍ର ଅଂକନ କରନ୍ତି । ସମସ୍ତେ ନୂଆ ଲୁଗା ପରିଧାନ କରନ୍ତି । ଠାକୁରାଣୀଶାଳକୁ ଲିପାପୋଛା କରି ସେଠାରେ 'ମାରାଂବୁରୁ' (ପର୍ବତ ଦେବତା) ଓ ଅନ୍ୟ ଦେବତାଙ୍କୁ 'ଡିଆଂଗ' (ଚାଉଳି ମଦ) ଓ 'ଅର୍କି' (ମହୁଲି ମଦ) ଭୋଗ ଲାଗି ହୋଇଥାଏ । ସାତ ଦିନ ସାତ ରାତି ଅଖଣ୍ଡ ଉତ୍ସବ ଚାଲିଥାଏ । କୋହ୍ଲ ଯୁବକ, ଯୁବତୀ ଓ ବୃଦ୍ଧବୃଦ୍ଧା ଏହି ଅବସରରେ ହାଣ୍ଡିଆ ପିଇ ମାତାଲ୍ ହୋଇ ନାଚଗୀତ କରିଥାନ୍ତି । ଶେଷରେ କୋହ୍ଲମାନେ ଗାଁରେ ପଙ୍‌କ୍ତି ଭୋଜନରେ ଯୋଗ ଦେଇଥାନ୍ତି । 'ମାଘେ ପରବ୍' ଅବସରରେ କୋହ୍ଲମାନେ ସାତଦିନ ବ୍ୟାପୀ ଗୀତ ଗାଇଗାଇ ଗ୍ରାମ ପରିକ୍ରମା କରିଥାନ୍ତି । ଅମ୍‌ସା, ନାଗରା, ମାଦଲ୍, କେନ୍ଦରା ଆଦି ବାଦ୍ୟ ବଜାଇ ଗୀତ ଗାଇ ପୁରୁଷ ଓ ମହିଳାମାନେ ମତୁଆଲା ହୋଇ ଉଠନ୍ତି । ମାଘେ ପରବ୍ ଆରମ୍ଭରେ ଯୁବକ, ଯୁବତୀମାନେ ଗୀତ ଗାଇବା ଆରମ୍ଭ ମଙ୍ଗଳା ଚରଣରୁ ଆରମ୍ଭ କରନ୍ତି । ମଙ୍ଗଳାଚରଣ ପରେ ଗୀତର ଆସର ଜମିଥାଏ । କ୍ରମେ ରାତି ପାହିଯାଏ । ଏହା ପରେ ଆସେ ମାଘେ ପରବ୍‌ର ଦ୍ୱିତୀୟ ଦିବସ । ଏହାକୁ 'ଆତେ ଝିଲ୍ଲୀ' କୁହାଯାଏ । ଗ୍ରାମର ଗୋଟିଏ ମୁଣ୍ଡକୁ ଗୋବରରେ ଲିପାପୋଛା କରି ବେଦି ତିଆରି କରି ତା' ଉପରେ ବିରି ଚାଉଳ ପୋଡେଇ ଡାମୁ ପତ୍ର ଠୋଲାରେ ହାଣ୍ଡିଆ ଭୋଗ ଦିଆଯାଏ । ସେଦିନ ଗ୍ରାମର ସମସ୍ତ ଯୁବକ, ଯୁବତୀ, ବୃଦ୍ଧ, ବୃଦ୍ଧା ହାଣ୍ଡିଆ ପିଇ ମାତାଲ୍ ହୋଇଉଠନ୍ତି । ମାଘେ ପରବ୍‌ର ତୃତୀୟ ଦିବସକୁ 'ମାଘେଗୁରି' ବା 'ମାଘେ ବଙ୍ଗା' କୁହାଯାଏ । ଏହି ଦିନ ପ୍ରକୃତରେ ଉତ୍ସବର ଦିନ ହୋଇଥାଏ । ବନ୍ଧୁବାନ୍ଧବମାନେ ଆସି ଏକତ୍ରିତ ହୋଇଥାନ୍ତି । ଗାଁଟି ଏହି ଦିନ ଉତ୍ସବମୁଖର ହୋଇଉଠେ । ଯୁବକ, ଯୁବତୀମାନେ ନାଚ ଗୀତର ଆୟୋଜନ କରନ୍ତି । ଗୀତରେ ଗୀତରେ ଯୁବକ, ଯୁବତୀମାନଙ୍କ ମଧ୍ୟରେ ଭାବ ଦିଆନିଆ ହୋଇଥାଏ । ଗୀତରେ ଗୀତରେ ଯୁବକ ଯୁବତୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟ ଦୀର୍ଘ ସମୟ ଧରି ଚାଲେ । ମାଦଲ, ଧୁମ୍‌ସା ଓ ବଇଁଶିର ତାଳେତାଳେ ନୃତ୍ୟ ସଂଗୀତର ଆସର ଜମେ । ଏହା ପରେ ମାଘେ ପରବ୍‌ର ଚତୁର୍ଥ ଦିବସ (ସାପାକି) ଓ ପଞ୍ଚମ ଦିବସ (ଭିତ୍‌ରାଓ୍ୱାଁ), ଷଷ୍ଠ ଦିବସ (ବାଘେୟାଁ)ରେ ମଧ୍ୟ ଗାଁରେ ନୃତ୍ୟ, ଗୀତର ଆସର ଜମିଥାଏ । ସପ୍ତମ ଦିନ ମାଘେ ପରବ୍ ଉଦ୍‌ଯାପିତ ହୋଇଥାଏ ।

Digitized by srujanika@gmail.com

ଉଡ଼ା ପର୍ବ

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଏବଂ ଠାକୁରମୁଣ୍ଡାର ଉଡ଼ାଯାତ୍ରା ସମଗ୍ର ରାଜ୍ୟରେ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ବ୍ୟତୀତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇଥାଏ । ଚୈତ୍ର ମାସର ଶେଷ ଦୁଇଦିନ ଏବଂ ବୈଶାଖ ମାସର ପ୍ରଥମ ଦିନ (ମୋଟ ୩ ଦିନ)ରେ ଉଡ଼ାପର୍ବ ଆୟୋଜିତ ହୋଇଥାଏ । ରାଇରଙ୍ଗପୁର ସହରର ଗଡ଼ସାହିରେ ଖଡ଼ଖାଇ ନଦୀ କୂଳରେ ଉଡ଼ାପର୍ବ ଆୟୋଜିତ ହୋଇଥାଏ ।

ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତି ଦିନ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଏବଂ ରାଇରଙ୍ଗପୁରରେ ଏହି ପ୍ରସିଦ୍ଧ ଉଡ଼ା ପର୍ବ ପାଳିତ ହୋଇଥାଏ । ରାଜାରାଜୁଡ଼ା ଶାସନ କାଳରୁ ଚାଲିଆସିଥିବା ଉଡ଼ା ପର୍ବ ସମଗ୍ର ମୟୂରଭଞ୍ଜ କାହିଁକି ଓଡ଼ିଶାରେ ପ୍ରସିଦ୍ଧିଲାଭ କରିପାରିଛି । ରାଇରଙ୍ଗପୁରର ଗଡ଼ସାହିରେ ଥିବା ଐଶାନେଶ୍ୱର ଶିବ ମନ୍ଦିର ନିକଟରେ ପ୍ରତିବର୍ଷ ପଣା ସଂକ୍ରାନ୍ତି ଦିନ ଏହି ଉଡା ପର୍ବ ପାଳିତ

Digitized by srujanika@gmail.com

ହୋଇଥାଏ । ଏହି ପର୍ବ ପାଳନ ବେଳେ ଭକ୍ତମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ନିଜ ଶରୀରରେ ନାନା ପ୍ରକାର ଯାତନା ଦେଇ ପୂଜାର୍ଚ୍ଚନା କରିଥାନ୍ତି । ଏହି ଯାତ୍ରା ସମୟରେ ଘଟ ଶୋଭାଯାତ୍ରା, ତନ୍ତ୍ରଯାନର କୃଚ୍ଛ୍ରସାଧନା ସ୍ୱରୂପ କଣ୍ଟା ପିଢାରେ ବସିବା, ଶୁଖିଲା ଅଙ୍ଗାରାନ୍ତି କଣ୍ଟା ଗଦା ଉପରେ ଗଡିବା, ହାତ, ବାହୁ ମାଂସପେଶି ଭିତରେ ଲୁହା କଣ୍ଟା ସାହାଯ୍ୟରେ କଣା କରି ତା ଭିତରେ ଦଉଡି ପୂରାଇ ଦଉଡିକୁ ଟଣାଓଟରା କରି ନାଚିବା, ରାଧାଚକ୍ରରେ ଉଡିବା ଓ ସତୀଭଙ୍ଗା ଦୃଶ୍ୟ ଆଦି ପ୍ରଦର୍ଶିତ ହୋଇଥାଏ । ପଣା ସଂକ୍ରାନ୍ତି ପୂର୍ବ ଦିନରୁ ଆରମ୍ଭ ହୋଇ ଏହି ପର୍ବ ତିନିଦିନ ଧରି ଚାଲେ ଏବଂ ତୃତୀୟ ଦିନ ଉଡା ପର୍ବ ପାଳିତ ହୋଇଥାଏ । ଭକ୍ତମାନେ ଦିନ ତମାମ ଉପବାସ ରହି ଦୁଇ ବାହୁରେ କଣ୍ଟା ଫୋଡି ଏକ କାଠରେ ଝୁଲି ଆକାଶରେ ଉଡିଥାନ୍ତି । ଏହା ହିଁ ଉଡାପର୍ବ । ଏହି ପର୍ବର ଶେଷ ଦୃଶ୍ୟ ଦେଖିବା ପାଇଁ ରାଇରଙ୍ଗପୁର ଓ ଠାକୁରମୁଣ୍ଡାରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତଙ୍କ ଗହଳି ଲାଗିଥାଏ ।

ମହନ୍ତ ସଂପ୍ରଦାୟର ଭକ୍ତମାନେ ଏହି ଉଡା ପର୍ବ ପାଳନ କରିଥାନ୍ତି । ଉଡାପର୍ବ ପାଳନ ଅବସରରେ ମାନସିକ କରିଥିବା ଭକ୍ତଙ୍କ ପିଠିରେ ପ୍ରଥମେ ରାଶି ତେଲ ଘସାଯାଏ ଏବଂ ଏହାପରେ ସେମାନଙ୍କ ପିଠିରେ ମୁନିଆ କଣ୍ଟା ଫୋଡାଯାଇଥାଏ । କଣ୍ଟା ଫୋଡାଯିବା ପରେ ଏହି ଭକ୍ତଙ୍କ ଶରୀରରେ

ବାରିପଦାର ପ୍ରସିଦ୍ଧ ଉଡ଼ାଯାତ୍ରା

Digitized by srujanika@gmail.com

ଦେବଦେବୀ ଆବିର୍ଭୂତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଆଉ ଭକ୍ତମାନେ ନିଶାସକ୍ତ ହେଲା ଭଳି ଶୂନ୍ୟରେ ଝୁଲିବାକୁ ଲାଗନ୍ତି । ସେମାନଙ୍କ ଶରୀରରେ ଦେବଦେବୀଙ୍କ ଆତ୍ମା ସବାର ହୋଇଥିବାରୁ ସେମାନଙ୍କୁ ଠାକୁର ମନେକରି ଲୋକେ ଭକ୍ତି କରନ୍ତି ଏବଂ ଅନେକ ଭକ୍ତ ସେମାନଙ୍କର ଶିଶୁମାନଙ୍କର ମଙ୍ଗଳ ନିମନ୍ତେ ଏହି କାଳିସୀଙ୍କ ସମ୍ମୁଖରେ ଶୁଆଇ ଦିଅନ୍ତି । କାଳିସୀମାନେ ଏହି ଶିଶୁଙ୍କ ଉପରେ ମାଡି ଚାଲିଗଲେ ପିଲାଙ୍କର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଉଡ଼ା ଯାତ୍ରାରେ କାଠ ଭାଡ଼ି ଉପରେ 'ରାଧା ଚକ୍ର' ନିର୍ମାଣ କରାଯାଏ । ସେଥିରେ ଅନେକ ଗୁଡିଏ ଖଣ୍ଡା ଖଞ୍ଜା ଯାଇଥାଏ । ଭୀଷ୍ମ ଶରଶଯ୍ୟାରେ ଶୟନ କଲାଭଳି ପୂଜକ (ଦେହୁରୀ) ଏହି ରାଧାଚକ୍ର ଉପରେ ଶୁଏ । ରାଧାଚକ୍ରକୁ ବୋହି ଶୋଭାଯାତ୍ରାରେ ଗଲାବେଳେ ବାହକ ସେହି ଭାଡିରେ ଚଢି ଦେହୁରୀ ଶୋଇଥିବା ଶଯ୍ୟାକୁ ଚକ୍ରାକାରରେ ବୁଲାଏ । ପକ୍ଷୀ ଚକ୍ର କାଟି ଆକାଶରେ ଉଡିଲା ପରି ଦେହୁରୀ ଶୂନ୍ୟ ଆକାଶରେ ଘୁରେ । ଏହି ଦୃଶ୍ୟ ମଣିଷ ଆକାଶରେ ଉଡିବା ପରି ଦିଶୁଥିବାରୁ ଏହାକୁ 'ଉଡାଯାତ୍ରା' କୁହାଯାଏ ।

ପଣା ସଂକ୍ରାନ୍ତି ପୂର୍ବଦିନ 'ଭଗତା'ମାନେ ବୈତରଣୀ ନଦୀରେ ସ୍ନାନ ସାରି ବାସୁଳି ଠାକୁରାଣୀଙ୍କ ପ୍ରାଙ୍ଗଣରେ ସମବେତ ହୁଅନ୍ତି । ପୂଜା କର୍ମ ପରେ ଦେହୁରୀ (ପୂଜକ)ଙ୍କ ଆଦେଶରେ ଶୃଙ୍ଖିଲା ଅଙ୍କରାନ୍ତି କଣ୍ଟା ଗଦା ଉପରେ ଭଗତାମାନେ ଗଡନ୍ତି । ଏହାକୁ 'ଗଡାପାଟ' କୁହାଯାଏ । ସଂକ୍ରାନ୍ତି ଦିନ ଭଗତାମାନେ ଉପବାସ କରନ୍ତି । ତାଙ୍କର ଦୁଇ ବାହୁ ଓ ପିଠି ପଟେ ବଡ଼ ତାମ୍ପଣ ସାହାଯ୍ୟରେ କଣା କରି ତା' ଭିତରେ ଦଉଡି, ହଳଦିଆ ସୂତା ଓ ବାଉଁଶ ପାତିଆ ପୂରେଇ ଦିଆଯାଏ । ଆଗରେ ଓ ପଛରେ ଦୁଇ ଜଣ ଲୋକ ସେହି ଲମ୍ବ ଦଉଡିକୁ ଧରନ୍ତି । ଦଉଡି ମଝିରେ ରହି ଭଗତା ଉଦଣ୍ଡ ନୃତ୍ୟ କରିଥାନ୍ତି । ଏହାକୁ 'ଫୋଡାପାଟ' କହନ୍ତି । ଫୋଡାପାଟ ପରେ ବାସୁଳି ପଟି ପୂଜା କରାଯାଏ । ଏହାପରେ 'ମଳା ବ୍ରାହ୍ମଣୀ', 'ଖଣ୍ଡାପାଟ' ଓ 'ରାଧାଚକ୍ର' ଆଦି ଶୋଭାଯାତ୍ରାର ଆୟୋଜନ କରାଯାଏ । ଛଅ ଖଣ୍ଡି କାଠରେ ନିର୍ମିତ କୋକେଇରେ ଶବ ବୋହିଲା ପରେ ଜଣେ ଭଗତାଙ୍କୁ ସେହି କୋକେଇରେ ଧାରୁଆ ଖଣ୍ଡା ଓ କଣ୍ଟା ଶଯ୍ୟାରେ ଶୁଆଇ ଦିଆଯାଇ ଏକ ନୂତନ ବସ୍ତ୍ର ଉପରେ ଘୋଡାଇ ଦିଆଯାଏ । ଶ୍ମଶାନକୁ ଶବ ବୋହି ନେଲା ଭଳି ଚାରି ଜଣ ଲୋକ ତାଙ୍କୁ ଶୋଭାଯାତ୍ରାରେ ବୋହି ନିଅନ୍ତି । 'ଖଣ୍ଡାପାଟ'ରେ ଚଉକି ପରି କାଠର ମଞ୍ଚାଟିରେ ତିନୋଟି ଧାରୁଆ ଖଣ୍ଡା ଖଞ୍ଜି ଦିଆଯାଏ । ଜଣେ ଭଗତା ସେହି ଖଣ୍ଡା ଉପରେ ଠିଆ ହୁଅନ୍ତି ଏବଂ ସେହି ମଞ୍ଚାଟିକୁ ଲୋକମାନେ ଶୋଭାଯାତ୍ରାରେ ବୋହି ନିଅନ୍ତି । ରାଧାଚକ୍ରର ନିର୍ମାଣ ଶୈଳୀ ଭିନ୍ନପ୍ରକାରର । ଏହାର ସୃଷ୍ଟି ଅନ୍ତରାଳରେ ତନ୍ତ୍ରର ପ୍ରଭାବ ରହିଥିବା ପରି ମନେ ହୁଏ ।

ଉଦଳାର ସରସ୍ୱତୀ ମେଳା

ପୁରାଣର ଉଦ୍ଦାଳକ ମହର୍ଷିଙ୍କ ନାମାନୁସାରେ ଉଦଳା ସହର ସୃଷ୍ଟି ହୋଇଛି । ମହାଭାରତର

Digitized by srujanika@gmail.com

ପାଣ୍ଡବମାନେ ଅଜ୍ଞାତବାସ କାଳରେ ଏଠାରେ ଥିବା ବିରାଟ ରାଜ୍ୟରେ ଅବସ୍ଥାନ କରୁଥିଲେ । ତୃତୀୟ ପାଣ୍ଡବ ଅର୍ଜୁନ ବୃହନ୍ନଳା ରୂପରେ ବିରାଟ ରାଜକନ୍ୟା ଉତ୍ତରାଙ୍କୁ ଏଠାରେ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କରୁଥିଲେ । ନୃତ୍ୟ ଓ ସଙ୍ଗୀତ ବିଦ୍ୟାରେ ଅଜ୍ଞ ଥିବା ଅର୍ଜୁନ ଉଦ୍ଦାଳକ ଋଷିଙ୍କ ଆଶ୍ରମରେ ଥିବା ଦେବୀ ସରସ୍ୱତୀଙ୍କୁ ଧ୍ୟାନ କରି ବୃହନ୍ନଳାକୁ ଶିକ୍ଷାଦାନ କରି ଏଥିରେ ସଫଳତା ପାଇଥିଲେ । ଏଣୁ ଏହା ପରଠାରୁ ଏଠାରେ ସରସ୍ୱତୀଙ୍କ ଉପାସନା କରାଯାଉଛି ବୋଲି କୁହାଯାଏ ।

ଉଦଳା ସହରରେ ରହିଛି ଓଡ଼ିଶାର ପ୍ରଥମ ସରସ୍ୱତୀ ମନ୍ଦିର । ରାଜ୍ୟରେ ଅନ୍ୟ କେଉଁଠି ସରସ୍ୱତୀଙ୍କ ସ୍ଥାୟୀ ମନ୍ଦିର ଦେଖାଯାଏ ନାହିଁ । ଦେବୀ ସରସ୍ୱତୀଙ୍କୁ କେବଳ ଶିକ୍ଷାନୁଷ୍ଠାନମାନଙ୍କରେ ପୂଜା କରାଯାଇଥାଏ । ପୂର୍ବେ କପ୍ତିପଦାର ରାଜା ଗୌର ଚନ୍ଦ୍ର ମାନ୍ଧାତା ଓ ଲାବଣ୍ୟମଞ୍ଜରୀ ଦେବୀଙ୍କ ପ୍ରଚେଷ୍ଟାରେ ଏକ ଚାଳ ଛପର ଆସ୍ଥାନରେ ଦେବୀଙ୍କର ପୂଜା ଆରମ୍ଭ କରାଯାଇଥିଲା । ତେବେ ପରବର୍ତ୍ତୀ କାଳରେ ଉଦଳାବାସୀଙ୍କ ପ୍ରଚେଷ୍ଟାରେ ୧୯୮୫ ମସିହାରେ ଏକ ସୁଦୃଶ୍ୟ ସ୍ଥାୟୀ ମନ୍ଦିର ନିର୍ମାଣ କରାଯାଇଛି । ଏହାକୁ ଓଡ଼ିଶାର ପ୍ରଥମ ସରସ୍ୱତୀ ପୀଠ କୁହାଯାଇଥାଏ । ଏଠାରେ ପ୍ରତିବର୍ଷ ମାଘ ପଞ୍ଚମୀ (ବସନ୍ତ ପଞ୍ଚମୀ) ଅବସରରେ ଏଠାରେ ବିରାଟ ଧରଣର ମେଳା ଓ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପନ୍ଦର ଦିନ ଧରି ଉଦଳାରେ ସରସ୍ୱତୀ ମେଳା ଚାଲେ । ସର୍କସ, ମୀନାବଜାର, ଅପେରା ଠାରୁ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦୋକାନବଜାରର ଗହଳି ଦେଖିବାକୁ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଲୋକେ ଆସିଥା'ନ୍ତି ।

ବଳାଙ୍ଗୀ ମହୋତ୍ସବ

ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ମାସରେ ବଳାଙ୍ଗୀ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଏହି ଉତ୍ସବ ବିଗତ ୨୦୦୩ ମସିହାରୁ ଆରଂଭ ହୋଇ ଆଜିଯାଏ ଚାଲିଆସିଛି । ବାରିପଦା ସହର ଉପକଣ୍ଠସ୍ଥ ଚିପଟ, ଇଟାଯୋଡ଼ି ଓ ବୁଢାବଳଙ୍ଗ ନଦୀର ମିଳନ ସ୍ଥଳରେ ଏବଂ ବୁଢାରାଉଳ ମଠ ନିକଟରେ ନଦୀ ବାଲି ପଠାରେ ବିଶାଳ ମେଳା ବସିଥାଏ । ଏହି ତିନୋଟି ନଦୀର ତ୍ରିବେଣୀ ସଂଗମ ସ୍ଥଳରେ ଥିବା ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଦୋକାନବଜାର ଠାରୁ ମୀନାବଜାର ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଏହି ତିନୋଟି ନଦୀର ତ୍ରିବେଣୀ ସଂଗମ ସ୍ଥଳର ପୂର୍ବ ଦିଗକୁ ବାରିପଦାର ଆରାଧ୍ୟ ଦେବୀ ମା' ଅମ୍ବିକାଙ୍କ ମନ୍ଦିର ରହିଛି । ବିଶିଷ୍ଟ ସମାଜସେବୀ ଶରତ ଚନ୍ଦ୍ର ନାୟକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା କଳାକାରମାନେ କଳା ଓ ନୃତ୍ୟ ପ୍ରଦର୍ଶନ କରିଥା'ନ୍ତି ।

Digitized by srujanika@gmail.com

ଛଉ ମହୋତ୍ସବ/ଚଇତ ପରବ୍

ମୟୁରଭଞ୍ଜର ଛଉ ନୃତ୍ୟ କେବଳ ଆମ ରାଜ୍ୟ କାହିଁକି ସମଗ୍ର ଦେଶ ଓ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ପ୍ରତିବର୍ଷ ଚୈତ୍ର ମାସରେ ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲା ସଦର ମହକୁମାଠାରୁ ଆରମ୍ଭ କରି ସମସ୍ତ ବ୍ଲକ୍ ଓ ପଞ୍ଚାୟତସ୍ତରରେ ଛଉ ନୃତ୍ୟର ଆୟୋଜନ କରାଯାଇଥାଏ । ଚୈତ୍ର ମାସରେ ଏହି ପର୍ବ ପାଳନ କରାଯାଉଥିବାରୁ ଏହାକୁ ଚଇତ ପର୍ବ କୁହାଯାଇଥାଏ ।

ଐତିହାସିକ ତଥ୍ୟ ଅନୁସାରେ, ମୟୁରଭଞ୍ଜ ଛଉ ପ୍ରଥମେ ମହାରାଜା ଯଦୁନାଥ ଭଞ୍ଜ (ଖ୍ରୀ.ଅ.୧୮୨୮-ଖ୍ରୀ.ଅ.୧୮୬୩)ଙ୍କ ସମୟରେ 'ରାମନବମୀ ନାଟ' ଭାବେ ଆରଂଭ ହୋଇଥିଲା । ସେତେବେଳେ ଗାଁଗଣ୍ଡାରେ ଥିବା ପାଇକ ଯୋଦ୍ଧାମାନେ ଏହାକୁ ଆଖଡ଼ାରେ ଅଭ୍ୟାସ କରି 'ଦଶହରା' ସମୟରେ ମହାରାଜାଙ୍କ ଦରବାରରେ ପ୍ରଦର୍ଶନ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ (ଖ୍ରୀ.ଅ.୧୮୬୮-ଖ୍ରୀ.ଅ.୧୮୮୨) ମୟୁରଭଞ୍ଜ ଛଉର ବିକାଶ ପାଇଁ ଷଢ଼େଇକଳାରୁ ଦୁଇଜଣ ଓସ୍ତାଦ ଉପେନ୍ଦ୍ର ବିଶ୍ୱାଳ ଓ ବନମାଳୀ ଦାସଙ୍କୁ ଆଣି ଯଥାକ୍ରମେ ଉତ୍ତରସାହି ଓ ଦକ୍ଷିଣସାହିରେ ଅବସ୍ଥାପିତ କରାଇଥିଲେ । ମୟୁରଭଞ୍ଜ ଛଉ ନୃତ୍ୟରେ ଷଢ଼େଇକଳା ଓ ପୁରୁଲିଆ ଛଉ ଭଳି ମୁଖା ବ୍ୟବହାର କରାଯାଏ ନାହିଁ । ମୟୁରଭଞ୍ଜ ଛଉରେ ଓଡ଼ିଶୀ, ଝୁମର, ବଙ୍ଗଳା, ଭୋଜପୁରୀ ଭାଷାର ଗୀତ ଏବଂ ମହୁରୀ, ଢୋଲ, ଧୁମ୍ସା, ଚଡ଼ଚଡ଼ି, ମାଦଳ, ବଂଶୀ ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ ।

Digitized by srujanika@gmail.com

ଛଉ ନୃତ୍ୟ ମୂଳତଃ ଏକ ପଲ୍ଲୀ ନୃତ୍ୟ ଥିଲା । ମୟୁରଭଞ୍ଜର ରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ସମୟରେ ଏହା ରାଜପୃଷ୍ଠପୋଷକତା ଲାଭ କରି ଅଧିକ ବ୍ୟାପକ ହୋଇପାରିଛି । ପ୍ରାଥମିକ ପର୍ଯ୍ୟାୟରେ ଏହା ମୁଖ୍ୟତଃ ସମରକଳାରେ ପରିପୂର୍ଣ୍ଣ ଏକ ଲୋକନୃତ୍ୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ଥିଲା । ମାତ୍ର ବର୍ତ୍ତମାନ ଏଥିରେ ବହୁ ପରୀକ୍ଷାନିରୀକ୍ଷ କରାଗଲାଣି ।

ମୟୂରଭଞ୍ଜ ଛଉ ନୃତ୍ୟକୁ ସାଧାରଣତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ୧. ଏକକ ନୃତ୍ୟ ୨. ଯୁଗଳ ନୃତ୍ୟ ଏବଂ ୩. ଦଳଗତ ନୃତ୍ୟ । ଅତୀତରେ ପାଇକମାନେ ଛଉ ବାଦ୍ୟ 'ଧୁମ୍ସା'କୁ ଯୁଦ୍ଧ ବାଦ୍ୟ ଭାବେ ବ୍ୟବହାର କରୁଥିଲେ । ଛଉନୃତ୍ୟ ଶିଳ୍ପୀମାନେ ନୃତ୍ୟ ଅଭ୍ୟାସ

Digitized by srujanika@gmail.com

କିମ୍ବା ପ୍ରଦର୍ଶନ ପୂର୍ବରୁ ପ୍ରଥମେ ମା' ଅମ୍ବିକାଙ୍କୁ ପ୍ରାର୍ଥନା କରିଥା'ନ୍ତି । ଏବେ ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ ଚୈତ୍ର ମାସରେ ବଡ଼ ଧରଣର ଛଉ ନୃତ୍ୟ ମହୋତ୍ସବ ଆୟୋଜିତ ହେଉଛି । ମୟୁରଭଞ୍ଜ ଜିଲ୍ଲାରେ ଚୈତ୍ର ମାସ ଶୁକ୍ଳ ପକ୍ଷ ନବମୀଠାରୁ ଛଅ ଦିନ ଧରି ପାଳିତ ହୋଇ ପଣା ସଂକ୍ରାନ୍ତିରେ ଶେଷ ହୋଇଥାଏ ।

୬ ଟକ୍‌କା ଓ ୩୬ ଉଫୁଲିରେ ଛଉ ନୃତ୍ୟ ପରିପୁଷ୍ଟ । ସମସ୍ତ ଟକ୍‌କା ଓ ଉଫୁଲି ମୟୁରଭଞ୍ଜ ଅଞ୍ଚଳର ସଖୀ ନାଚ, ପାଁତା ନାଚ, କାଠିନାଚ, ଡାଣ୍ଡା ନାଚ, ଚାଙ୍ଗୁ ନାଚ, ଦାସାୟଁ ନାଚ, ମାଗେ ନାଚ, ଜାତୁର ନାଚକୁ ନେଇ ସମୃଦ୍ଧ । ଏଥିରେ ଯେଉଁ ସଙ୍ଗୀତ ବୋଲାଯାଏ ତାହାର ପ୍ରାଣବିନ୍ଦୁ ହେଉଛି ଝୁମର ।

ଜଗଦ୍ଧାତ୍ରୀ ମେଳା

୧୯୫୩ ମସିହାରୁ ବାରିପଦାଠାରେ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠିତ ହୋଇଆସୁଛି । ଭଞ୍ଜପୁରର ଜଗଧାତ୍ରୀ ପଡ଼ିଆରେ ପ୍ରତିବର୍ଷ ନଭେମ୍ବର ମାସରେ ଏହି ମେଳା ବସେ । ଜଗଦ୍ଧାତ୍ରୀ ଦେବୀ ଦୁର୍ଗାଙ୍କ ଭଳି ତ୍ରିନୟନା, ଚତୁର୍ଭୁଜା । ଚାରି ହାତରେ ମା' ଶଙ୍ଖ, ଚକ୍ର, ଧନୁ, ତୀର ଧାରଣ କରିଥାନ୍ତି । କରିନ୍ଦ୍ରାସୁରକୁ ବଧ କରି ସେ ଧରାପୃଷ୍ଠରେ ସତ୍ୟ, ନ୍ୟାୟର ବାର୍ତ୍ତା ପ୍ରଦାନ କରନ୍ତି । ଜଗଦ୍ଧାତ୍ରୀଙ୍କ ମେଢରେ ମା' ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବ୍ରହ୍ମଚାରୀ ନାରଦ ପୂଜା ପାଇଥା'ନ୍ତି । ଦୀର୍ଘ ପନ୍ଦର ଦିନ ଧରି ଏହି ମେଳା ଚାଲିଥାଏ । ଏହି ଅବସରରେ ବହୁ ସଂଖ୍ୟାରେ

Digitized by srujanika@gmail.com

ଦୋକାନବଜାର ପଡ଼ିଥାଏ । ୧୯୯୩ ମସିହାଠାରୁ ନୂତନ ଢଙ୍ଗରେ ମେଳା ଅନୁଷ୍ଠିତ ହୋଇଆସୁଛି । ପ୍ରତିବର୍ଷ ଦେଶବିଦେଶର ପ୍ରତିଷ୍ଠିତ ପର୍ଯ୍ୟଟନ ସ୍ଥାନ କିମ୍ବା ରାଜପ୍ରାସାଦ, ମନ୍ଦିର ଶୈଳୀରେ ତୋରଣ ନିର୍ମିତ ହୋଇଥାଏ । ଗତ ୨୦୦୨ ମସିହାରେ ଏଠାରେ କଲିକତାର ପ୍ରସିଦ୍ଧ ଭିକ୍ଟୋରିଆ ମେମୋରିଆଲ୍ ହଲ୍ ତୋରଣ ନିର୍ମାଣ କରାଯାଇଥିବାବେଳେ ୨୦୦୩ ମସିହାରେ ଆଗ୍ରାର ତାଜମହଲ, ୨୦୦୪ ମସିହାରେ ଦିଲ୍ଲୀର ପଦ୍ମମନ୍ଦିର, ୨୦୦୫ ମସିହାରେ କୋଣାର୍କ ମନ୍ଦିର, ୨୦୦୬ ମସିହାରେ ଟାଇଟାନିକ୍ ଜାହାଜ, ୨୦୦୭ ମସିହାରେ ପୁରୀ ଜଗନ୍ନାଥ ମନ୍ଦିର, ୨୦୦୮ ମସିହାରେ ଅକ୍ଷରଧାମ ମନ୍ଦିର, ୨୦୦୯ ମସିହାରେ ମୁମ୍ବାଇର ତାଜ୍ ହୋଟେଲ୍, ୨୦୧୦ ମସିହାରେ ମହୀଶୂର ପ୍ୟାଲେସ୍, ୨୦୧୧ ମସିହାରେ ଆମେରିକାର ହ୍ୱାଇଟ୍ ହାଉସ୍, ୨୦୧୨ ମସିହାରେ ମହୀଶୂରର ଲଳିତା ମହଲ, ୨୦୧୫ ମସିହାରେ ରାଜସ୍ଥାନର ହାୱା ମହଲ, ୨୦୧୬ ମସିହାରେ ରାଜସ୍ଥାନର ଯୋଧପୁର ମହଲ ଆକୃତିର ଆକର୍ଷଣୀୟ ତୋରଣ ନିର୍ମିତ ହୋଇଥିଲା । ଭଞ୍ଜପୁର ବ୍ୟତୀତ ବାରିପଦା ସହରରେ ପ୍ରାୟ ପାଞ୍ଚ ଛଅଟି ସ୍ଥାନରେ ଜଗଧାତ୍ରୀ ମେଳା ଆୟୋଜିତ ହୋଇଥାଏ । କେବଳ ବାରିପଦା ସହର କାହିଁକି ମୟୂରଭଞ୍ଜ ଜିଲ୍ଲାର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଆକର୍ଷଣୀୟ ଜଗଦ୍ଧାତ୍ରୀ ମେଳା ଆୟୋଜିତ ହୋଇଥାଏ ।

ମୟୂରଭଞ୍ଜ ଉତ୍ସବ/ମହୋତ୍ସବ

Digitized by srujanika@gmail.com

ପ୍ରତିବର୍ଷ 'ମୟୂରଭଞ୍ଜ ମହୋତ୍ସବ' ଏବଂ 'ମୟୂରଭଞ୍ଜ ଉତ୍ସବ' ନାମରେ ଦୁଇଟି ଭିନ୍ନଭିନ୍ନ ଉତ୍ସବ ପାଳନ କରାଯାଇ ଆସୁଛି । ଜିଲ୍ଲା ସଦର ମହକୁମା ବାରିପଦା ସହରର ଛଉ ପଡ଼ିଆରେ ତିନିଦିନ ଧରି ମୟୂରଭଞ୍ଜ ମହୋତ୍ସବ ମାଧ୍ୟମରେ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଥାଏ । ପ୍ରତିବର୍ଷ ଡିସେମ୍ବର ମାସ ବେଳକୁ ତିନିଦିନିଆ ମୟୂରଭଞ୍ଜ ମହୋତ୍ସବ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ସେହିଭଳି ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ 'ମୟୂରଭଞ୍ଜ ଉତ୍ସବ' ଅନୁଷ୍ଠିତ ହୋଇଥାଏ । ଭୁବନେଶ୍ୱରର ରାଷ୍ଟ୍ରଭାଷା ପ୍ରଚାର ସମିତି ପଡ଼ିଆରେ ପ୍ରତିବର୍ଷ ନଭେମ୍ବର/ଡିସେମ୍ବର ମାସରେ ତିନିଦିନିଆ ମୟୂରଭଞ୍ଜ ଉତ୍ସବ ପାଳିତ ହୋଇଥାଏ । ଏସବୁ ଉତ୍ସବମାନଙ୍କରେ ମୟୂରଭଞ୍ଜ ସମେତ ରାଜ୍ୟ ଓ ରାଜ୍ୟ ବାହାରର ବହୁ ସାଂସ୍କୃତିକ ଓ ନୃତ୍ୟ ଅନୁଷ୍ଠାନମାନେ ଅଂଶଗ୍ରହଣ କରିଥାନ୍ତି । ଏହା ସହିତ ଖାଦ୍ୟ, ବିଭିନ୍ନ ସାମଗ୍ରୀ ଏବଂ କୃଷି ଓ ଜଙ୍ଗଲଜାତ ସାମଗ୍ରୀର ବଡ଼ ବିପଣୀ ବସିଥାଏ । ମୟୂରଭଞ୍ଜର ପ୍ରସିଦ୍ଧ ମୁଢ଼ି ଓ ମାଂସ ଉଭୟ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥାଏ ।

ଉଦଳା ମହୋତ୍ସବ 'ଧୁମ୍‌ସା'

କପ୍ତିପଦା ସଦର ମହକୁମା ଉଦଳାଠାରେ ପ୍ରତିବର୍ଷ ଡିସେମ୍ବର/ଜାନୁୟାରୀ ମାସରେ ଉପଖଣ୍ଡସ୍ତରୀୟ 'ଉଦଳା ମହୋତ୍ସବ-ଧୁମ୍‌ସା' ବେଶ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ଏହା ପାଞ୍ଚ ଦିନ ଧରି ଚାଲେ । ଏହି ଅବସରରେ କପ୍ତିପଦା ଉପଖଣ୍ଡର ବିଭିନ୍ନ ଜନଜାତି ନୃତ୍ୟ, ଗୀତ ଓ ସାଂସ୍କୃତିକ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ । ମୀନାବଜାର, ଦୋକାନବଜାର ଓ ମେଳା ସାଙ୍ଗକୁ ନୃତ୍ୟଗୀତର ତାଳେତାଳେ ସମଗ୍ର ଉଦଳା ଉତ୍ସବମୁଖର ହୋଇଉଠିଥାଏ ।

ବାମନଘାଟି ମହୋତ୍ସବ 'ମାଦଲ'

ବାମନଘାଟି ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରଠାରେ ପ୍ରତିବର୍ଷ ଏପ୍ରିଲ୍ ମାସ ୧,୨ ଓ ୩ ତାରିଖ ତିନି ଦିନ ଧରି ବାମନଘାଟି ମହୋତ୍ସବ 'ମାଦଲ' ଅନୁଷ୍ଠିତ ହୋଇଥାଏ । ଏହି ମହୋତ୍ସବ ମାଧ୍ୟମରେ ବାମନଘାଟି ଉପଖଣ୍ଡର କଳା, ସଂସ୍କୃତି ଓ ପରଂପରାର ପ୍ରଚାର ଓ ପ୍ରସାର ସହିତ ସ୍ଥାନୀୟ କଳାକାରଙ୍କ କଳା ପ୍ରଦର୍ଶିତ ହୋଇଥାଏ । ଏହାବ୍ୟତୀତ ଦୋକାନବଜାର ସାଙ୍ଗକୁ ମୀନାବଜାର ମଧ୍ୟ ମହୋତ୍ସବର ଅନ୍ୟତମ ଆକର୍ଷଣ ପାଲଟିଥାଏ ।

ସାରସକଣାର ଭୀମମେଳା

ସାରସକଣା ବ୍ଲକ୍ ସଦରମହକୁମା ପଞ୍ଚାୟତ ଅନ୍ତର୍ଗତ ଧେଣ୍ଡଗାଁରେ ପ୍ରତିବର୍ଷ ମକର ମେଳା ପରେପରେ ଭୀମ ମେଳା ଅନୁଷ୍ଠିତ ହୋଇଥାଏ । ଏଠାରେ ମହାଭାରତ ଓ ବିଶେଷକରି ତୃତୀୟ ପାଣ୍ଡବ

Digitized by srujanika@gmail.com

ଭୀମଙ୍କୁ ନେଇ ଅନେକ ଲୋକକଥା, କିମ୍ବଦନ୍ତୀ ଶୁଣିବାକୁ ମିଳିଥାଏ । ଏହି ଗାଁରେ ଏଭଳି ଏକ ପଥର ଖଣ୍ଡ ରହିଛି, ଯାହାକୁ ଭୀମଙ୍କ ଶର ବୋଲି ବିଚାର କରାଯାଇଥାଏ । ଭୀମଙ୍କ ଶର ଏଠାରେ ପଡ଼ି ପାଷାଣ ହୋଇଯାଇଛି ବୋଲି ସ୍ଥାନୀୟ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ । ସେହିଭଳି ସାରସକଣା ବ୍ଲକ୍‌ର ଶୀର୍ଷା ଗ୍ରାମର ମେରୁମଠ ସୁବର୍ଣ୍ଣରେଖା ନଦୀକୂଳରେ ଭୀମଙ୍କର ଆଣ୍ଠୁଚିହ୍ନ ରହିଛି ବୋଲି କୁହାଯାଏ । ଏହା 'ଭୀମ ଆଣ୍ଠୁଆ' ନାମରେ ପରିଚିତ । ସାରସକଣା ବ୍ଲକ୍‌ର ପାଣ୍ଡରା ଗାଁଟି ମଧ୍ୟ ପାଣ୍ଡବଙ୍କ ନାମାନୁସାରେ ହୋଇଛି ଏବଂ ଏଠାରେ ପାଣ୍ଡବେଶ୍ୱର ମହାଦେବ ପୂଜା ପାଉଛନ୍ତି । ପାଣ୍ଡବମାନଙ୍କ ଅଜ୍ଞାତବାସ ସମୟରେ ମାତା କୁଂତୀ ରୋଷେଇ କରିବା ପାଇଁ ପାଣିର ଆବଶ୍ୟକ କରିଥିଲେ । ମାତ୍ର ପାଖରେ ପାଣି ନଥିବାରୁ ଭୀମ ନିକଟ ଦେଇ ବହିଯାଇଥିବା ସୁବର୍ଣ୍ଣରେଖା ନଦୀରେ ଆଣ୍ଠୁ ମାଡ଼ି ବସି ପାଣିର ସ୍ରୋତକୁ ଅଟକାଇ ଦେଇଥିଲେ । ଫଳରେ ସୁବର୍ଣ୍ଣରେଖା ନଦୀଗର୍ଭ ଫୁଲି ପାଣି ଉପରକୁ ଉଠି ମାତା କୁନ୍ତୀଙ୍କ ରୋଷେଇ ନିକଟ ପର୍ଯ୍ୟନ୍ତ ଆସି ପାରିଥିଲା । ତେବେ ଭୀମଙ୍କ ଏହି ପିଲାଳିଆମୀରେ ମାତା କୁଂତୀ ବିରକ୍ତ ପ୍ରକାଶ କରିବା ସହ ନଦୀକୁ ନିଜ ବାଟରେ ବହିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଭୀମ ନଦୀର ସ୍ରୋତକୁ ସ୍ୱାଭାବିକ କରିବା ପାଇଁ ଏକ ଶର ନିକ୍ଷେପ କରିଥିଲେ ଏବଂ ଏହାପରେ ସୁବର୍ଣ୍ଣରେଖା ସ୍ୱାଭାବିକ ଭାବେ ଗତିକରିଥିଲା । ଭୀମଙ୍କ ସେହି ଶର ଧେଣ୍ଡଗାଁ ନିକଟରେ ପଡ଼ି ପଥର ପାଲଟି ଯାଇଛି ବୋଲି ସ୍ଥାନୀୟ ଲୋକକଥା ରହିଛି । ଧେଣ୍ଡଗାଁର ଭୀମମେଳାରେ ପୂଜା ପାଉଥିବା ଏହି 'ଭୀମତୀର' ଶିଳାଖଣ୍ଡର ଆକାର ବିଶାଳକାୟ ଏବଂ ଏହା ଠିକ୍ ଏକ ଧନୁତୀର ଭଳି ଦେଖାଯାଇଥାଏ । ସୁବର୍ଣ୍ଣରେଖା କେନାଲ ଖନନ ବେଳେ ଏହି ଶିଳାଖଣ୍ଡଟି ମାଟିତଳୁ ଆବିଷ୍କୃତ ହୋଇଥିଲା ।

ଖିଚିଂ ମହୋତ୍ସବ

ପ୍ରତିବର୍ଷ ଫେବୃଆରୀ ମାସ ବେଳକୁ ମହାଶିବରାତ୍ରୀ ସମୟରେ ଶୁକ୍ଳି ବ୍ଲକ୍ ଖିଚିଂର କୀଚକେଶ୍ୱରୀ ପୀଠରେ 'ଖିଚିଂ ମହୋତ୍ସବ' ଆୟୋଜିତ ହୋଇଥାଏ । ଏହି ଉତ୍ସବ ତିନି ଦିନ ଧରି ଚାଲେ । ଦୋକାନବଜାର ସାଙ୍ଗକୁ ମୀନବଜାର, ନାଚଗୀତ ଓ କିଣାବିକାରେ ସାମିଲ୍ ହୋଇ ସ୍ଥାନୀୟ ଲୋକେ ବେଶ୍ ମଜା ଉଠାଇଥା'ନ୍ତି ।ଖିଚିଂର କୀଚକେଶ୍ୱରୀ ପୀଠକୁ ପ୍ରଚାର ଓ ପ୍ରସାର କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥାଏ ଏବଂ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଥାଏ । ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ପକ୍ଷରୁ ଏଠାରେ ନୃତ୍ୟ ଓ ଗୀତର ଆସର ଜମିଥାଏ ।

Digitized by srujanika@gmail.com

ଠାକୁରମୁଣ୍ଡାର 'ଭୀମକୁଣ୍ଡ ମହୋତ୍ସବ'

ପ୍ରତିବର୍ଷ ଜାନୁୟାରୀ ମାସରେ ମକର ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡାର ବୈତରଣୀ ନଦୀପଠା ଭୀମକୁଣ୍ଡଠାରେ ପ୍ରସିଦ୍ଧ ଭୀମକୁଣ୍ଡ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଉତ୍ସବ ମକର ସଂକ୍ରାନ୍ତି ଦିନ ଆରମ୍ଭ ହୋଇ ତିନିଦିନ ଧରି ଚାଲେ । ପ୍ରଶାସନ ସହଯୋଗରେ ଏହି ଉତ୍ସବ ପାଳିତ ହୋଇଥାଏ । ମକର ସଂକ୍ରାନ୍ତି ଦିନ ସହସ୍ରାଧିକ ଶ୍ରଦ୍ଧାଳୁ ବୈତରଣୀ ନଦୀର ଭୀମକୁଣ୍ଡଠାରେ ପବିତ୍ର ମକର ବୁଡ଼ ପକାଇବା ସହ ମେଳାର ମଜା ନେଇଥା'ନ୍ତି । ତିନିଦିନ ଧରି ଏଠାରେ ଦୋକାନବଜାର, ନାଚଗୀତ ସାଙ୍ଗକୁ ମେଳାକୁ ସ୍ଥାନୀୟ ଲୋକେ ବେଶ୍ ଉପଭୋଗ କରିଥା'ନ୍ତି ।ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଏକ ସ୍ମରଣିକା ପ୍ରକାଶ ପାଇଥାଏ ।

କରଞ୍ଜିଆ ମହୋତ୍ସବ

ପ୍ରତିବର୍ଷ ଦୋଳଯାତ୍ରା ବେଳକୁ କରଞ୍ଜିଆ ଉପଖଣ୍ଡ ସଦରମହକୁମାଠାରେ ୩ ଦିନ ଧରି 'କରଞ୍ଜିଆ ମହୋତ୍ସବ' ଆୟୋଜିତ ହୋଇଥାଏ । ଦୋଳଯାତ୍ରା ଓ ଫଗୁଣର ମହକକୁ ସାଥୀରେ ଧରି ମହୋତ୍ସବଟି ବେଶ୍ ଆକର୍ଷଣୀୟ ହୋଇଥାଏ । ତିନିଦିନ ଧରି କରଞ୍ଜିଆରେ ଶତାଧିକ ସଂଖ୍ୟାରେ ଦୋକାନବଜାର ସାଙ୍ଗକୁ ମୀନାବଜାର, ଦୋଳି ଓ ସର୍କସ ଦର୍ଶକଙ୍କ ମନ ମୋହିଥାଏ ।

Digitized by srujanika@gmail.com

ଗଙ୍ଗାହାର ମହୋତ୍ସବ

ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଭୀମଦାଠାରେ ଗଙ୍ଗାହାର ନଦୀ କୂଳରେ ପ୍ରତିବର୍ଷ ଗଙ୍ଗାହାର ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ନଦୀକୂଳର ବାଲିପଠାରେ ମେଳା ସାଙ୍ଗକୁ ମୀନାବଜାର, ସର୍କସ ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ । ପ୍ରତିବର୍ଷ ଜାନୁୟାରୀ ମାସରେ ମକର ଉତ୍ସବ ପରେପରେ ଗଙ୍ଗାହାର ନଦୀର ଭୀମଦାଠାରେ ସାନ୍ତାଳମାନଙ୍କର ଅସ୍ଥିବିସର୍ଜନ ପର୍ବ 'ଦାମୋଦର ମେଳା' ଅନୁଷ୍ଠିତ ହୋଇଥାଏ ।

ଆମ ସୀମାନ୍ତ ମହୋତ୍ସବ

ପ୍ରତିବର୍ଷ ଜାନୁୟାରୀ ମାସରେ ସାରସକଣା ବ୍ଲକ୍ ଝାରପୋଖରିଆ (ବମ୍ବେଛକ)ଠାରେ 'ଆମ ସୀମାନ୍ତ ମହୋତ୍ସବ' ଅନୁଷ୍ଠିତ ହୋଇଆସୁଛି । ପାଞ୍ଚ ଦିନ ଧରି ଏହି ଉତ୍ସବ ଚାଲିଥାଏ । ଏଥିରେ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ପ୍ରଦର୍ଶିତ ହେବା ସହିତ ଜିଲ୍ଲା ବାହାରର କଳାକାରମାନେ ନିଜନିଜର କଳା ପ୍ରଦର୍ଶିତ କରିବାର ସୁଯୋଗ ପାଇଥା'ନ୍ତି । ଏହାବ୍ୟତୀତ ମୟୂରଭଞ୍ଜ ଜିଲ୍ଲାର ଶିଳ୍ପ, କୃଷିଜାତ ସାମଗ୍ରୀକୁ ନେଇ ଷ୍ଟଲ୍‌ମାନ ପ୍ରଦର୍ଶିତ ହୋଇଥାଏ ।

ମୟୂରଭଞ୍ଜର ଲୋକନୃତ୍ୟ ପରଂପରା

ମୟୂରଭଞ୍ଜ ଜିଲ୍ଲାର ଲୋକନୃତ୍ୟ ଓ ଲୋକସଙ୍ଗୀତ ପରଂପରା ମହାନ । ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାର କୋଣଅନୁକୋଣରେ ବିଭିନ୍ନ ପ୍ରକାରର ଲୋକନୃତ୍ୟ ଦୃଷ୍ଟିଗୋଚର ହୋଇଥାଏ । ଏଠାକାର କୁଡୁମୀ ମହାନ୍ତ ସଂପ୍ରଦାୟର ଲୋକମାନେ ବୋଲୁଥିବା ଗ୍ରାମ୍ୟ ଗୀତି ଝୁମରଠାରୁ ଆରଂଭ କରି ଛଉ, ଦାସାଁୟ ପର୍ଯ୍ୟନ୍ତ ଲୋକନୃତ୍ୟ ଓ ସଙ୍ଗୀତ ଏ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ଜୀବନକୁ ସମୃଦ୍ଧ କରିପାରିଛି । ମୟୂରଭଞ୍ଜର କିଛି ଲୋକନୃତ୍ୟ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇପାରେ

୧. ଚଢ଼େଇଆ ଚଢ଼େଇଆଣୀ ନାଟ : ଏହା ଏକ ପାରଂପରିକ ଗ୍ରାମ୍ୟ ନୃତ୍ୟ । ଜଙ୍ଗଲରୁ ପକ୍ଷୀ ଶିକାର କରୁଥିବା ଚଢ଼େଇଆ (ବାଣୁଆ) ଏବଂ ଚଢ଼େଇଆର ସ୍ତ୍ରୀ ଚଢ଼େଇଆଣୀ ଦୁଇ ମୁଖ୍ୟ ଚରିତ୍ରଙ୍କ ମାଧ୍ୟମରେ ଗୀତ ଓ ନାଚ ଜରିଆରେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରାଯାଇଥାଏ । ଏଥିରେ ମୟୂରଭଞ୍ଜ ଜିଲ୍ଲାର ବହୁ ଲୋକୋକ୍ତି, ଢଗଢମାଳିଠାରୁ ଆରମ୍ଭ କରି ପୌରାଣିକ ବିଷୟବସ୍ତୁ ମଧ୍ୟ ସ୍ଥାନ ପାଇଥାଏ । ଏହା ସହିତ ବିଭିନ୍ନ ସାମାଜିକ ଓ ପାରିବାରିକ ସମସ୍ୟା ମଧ୍ୟ ଏହି ଲୋକନୃତ୍ୟରେ ସ୍ଥାନ ପାଇଥାଏ ।

୨. ଶୀତଳା ମଙ୍ଗଳ : ଦେବୀ ଶୀତଳାଙ୍କ ମାହାତ୍ମ୍ୟକୁ ନେଇ ଏହି ଲୋକନୃତ୍ୟ ପରଂପରା ସମୃଦ୍ଧ । ମହାଭାରତର ବିରାଟ ରାଜା ମା' ଶୀତଳା ଦେବୀଙ୍କୁ ପୂଜା କରିବାକୁ ରାଜି ନ ହେବାରୁ ଦେବୀ କ୍ରୋଧିତ ହୋଇ ରାଜାଙ୍କ ସମସ୍ତ ସନ୍ତାନକୁ ମାରି ଦିଅନ୍ତି । ଏହି ଘଟଣାରେ ମହାରାଜାଙ୍କ

Digitized by srujanika@gmail.com

ପାଟରାଣୀ ଖୁବ୍ ମର୍ମାହତ ହୋଇପଡ଼ନ୍ତି ଏବଂ ଶେଷରେ ନିଜର ଭୁଲ୍ ବୁଝିପାରି ବିରାଟ ରାଜା ଦେବୀଙ୍କ ଶରଣାପନ୍ନ ହୁଅନ୍ତି । ଏହି ବିଷୟକୁ ଆଧାର କରି ବିଭିନ୍ନ ଲୋକୋକ୍ତି, ଲୋକବିଶ୍ୱାସ, ପରଂପରା ମାଧ୍ୟମରେ ଏହା ପରିପ୍ରକାଶ ହୋଇଥାଏ । ମୟୂରଭଞ୍ଜ ଜିଲ୍ଲାର ପୁରପଲ୍ଲୀରେ ଏହି ନୃତ୍ୟର ଆକର୍ଷଣ ବେଶ ଅଧିକ ।

୩. ଷଠୀ ପାଲା : ଶୀତଳା ପାଲା ଭଳି ଷଠୀ ପାଲା ଷଠୀ ଦେବୀଙ୍କ ମାହାତ୍ମ୍ୟକୁ ନେଇ ଗତିଶୀଳ । ଏହି ପାରଂପରିକ ନୃତ୍ୟ ଓ ଗୀତର ଗଠନ ପାଲାଭଳି । ବିଭିନ୍ନ ପ୍ରକାର ଲୋକୋକ୍ତି ଓ ଲୋକବିଶ୍ୱାସକୁ ଏଥିରେ ମଧ୍ୟ ଉପସ୍ଥାପନ କରାଯାଇଥାଏ ।

୪. ଚାଙ୍ଗୁ ନାଟ : ଏହି ନୃତ୍ୟରେ ମୁଖ୍ୟ ବାଦ୍ୟଯନ୍ତ୍ର ଚାଙ୍ଗୁ ବ୍ୟବହାର ହେଉଥିବାରୁ ଏହାର ଏଭଳି ନାମକରଣ ହୋଇଛି । ମୟୂରଭଞ୍ଜର ବାଥୁଡ଼ି, ଖଡ଼ିଆ, ଲୋଧା, ସଅର ଆଦି ଜନଜାତିଙ୍କ ମଧ୍ୟରେ ଚାଙ୍ଗୁ ନାଟ ବେଶ୍ ପ୍ରଚଳିତ । ଚାଙ୍ଗୁ ନାଟ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ଜନଜାତି ଗୋଷ୍ଠୀଙ୍କ ମଧ୍ୟରେ ପ୍ରଚଳିତ । ମୟୂରଭଞ୍ଜ ଜିଲ୍ଲାର ବାଥୁଡ଼ିମାନେ ସେମାନଙ୍କ ମୁଖ୍ୟ ଦେବତା 'ବଡ଼ାମ୍' ଠାକୁରଙ୍କ ଉଦ୍ଦେଶ୍ୟରେ ଚାଙ୍ଗୁ ନୃତ୍ୟର ଆୟୋଜନ କରିଥା'ନ୍ତି ।

୫. ଚନ୍ଦନ ପାଲା: ଚନ୍ଦନପାଲା ଦୁଇ ପ୍ରକାର । ଗୋଟିଏ ହେଉଛି 'ଶ୍ରୀକୃଷ୍ଣ ଚନ୍ଦନ ପାଲା' ଏବଂ ଅନ୍ୟଟି ହେଉଛି 'ଶ୍ରୀରାମ ଚନ୍ଦନ ପାଲା' । 'ଶ୍ରୀକୃଷ୍ଣ' ଚରିତ୍ର ଆଧାରିତ ଚନ୍ଦନପାଲାର ମୁଖ୍ୟ ବାଦ୍ୟଯନ୍ତ୍ର ଖୋଳ ଓ କୁବ୍‌ଜି ହୋଇଥିବାବେଳେ 'ଶ୍ରୀରାମଚନ୍ଦ୍ର' ଆଧାରିତ ଚନ୍ଦନ ପାଲାରେ ଢୋଲ୍‌କି ଓ ଗୋପୀଯନ୍ତ୍ର ମୁଖ୍ୟ ବାଦ୍ୟଯନ୍ତ୍ର ଅଟେ । ଉଭୟ ପାଲାରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଜୀବନ ଚରିତ୍ର ଓ କାହାଣୀକୁ ସଙ୍ଗୀତ ମାଧ୍ୟମରେ ପରିବେଷଣ କରାଯାଇଥାଏ ।

୬. ଗୟା ପାଲା: ଗୟାସୁର ନିଜ ପିତାଙ୍କ ମୃତ୍ୟୁ ପାଇଁ ଦେବତାମାନଙ୍କୁ ଦାୟୀ କରି ସ୍ୱର୍ଗପୁର ଆକ୍ରମଣ କରନ୍ତି । ଗୟାସୁରର ତାଡ଼ନାରେ ଦେବତାମାନେ ନିଜକୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହୁଅନ୍ତି । ବିଷ୍ଣୁ ଗୟାସୁରକୁ ପାଷାଣ କରି ଦିଅନ୍ତି ଏବଂ ଏହି ସ୍ଥାନ ଗୟା ତୀର୍ଥ ଭାବେ ପରିଚିତ ହୁଏ । ଏହି କଥାବସ୍ତୁ ଆଧାରରେ କୁଡୁମୀ, କୁଂଭାର, କମାର, ପୁରାଣ ଆଦି ଜାତିର ମୃତ୍ୟୁକାଳୀନ ସଂସ୍କାର ସମୟରେ ଏଭଳି ପାଲା ପରିବେଷଣ କରାଯାଇଥାଏ ।

୭. ସ୍ୱର୍ଗାରୋହଣ ପାଲା: ଅଭିଶପ୍ତ ରଜା ଦଶରଥ ମୃତ୍ୟୁ ବେଳକୁ ପୁତ୍ର ମୁଖ ଦେଖିପାରନ୍ତି ନାହିଁ । ମାତା ସୀତା ଶ୍ୱଶୁରଙ୍କୁ ପିଣ୍ଡଦାନ କରିବା ପରେ ଦଶରଥ ସ୍ୱର୍ଗକୁ ଗମନ କରନ୍ତି । ଏହି ବିଷୟବସ୍ତୁକୁ ନେଇ ମୟୂରଭଞ୍ଜର ବିଭିନ୍ନ ଲୋକଗୀତ, କଥନ, ସଂଳାପ ଆଧାରରେ ପାଲା ପରିବେଷଣ କରାଯାଇଥାଏ ।

୮. କାଠି ନାଚ: ଦୁଇ ଖଣ୍ଡ କାଠି (ଲାଠି) ବ୍ୟବହାର କରି ଏହି ନାଚ ପରିବେଷଣ କରାଯାଉଥିବାରୁ ଏହାର ଏଭଳି ନାମକରଣ ହୋଇଛି । ଯଦିଓ ବିଭିନ୍ନ ସ୍ଥାନରେ କାଠି ନାଚ ଦେଖିବାକୁ ମିଳିଥାଏ,

Digitized by srujanika@gmail.com

ତେବେ ମୟୁରଭଞ୍ଜର କାଠିନାଚର ଏକ ନିଆରାପଣ ଥାଏ । ଝୁମର ସଙ୍ଗୀତ ଆଧାରରେ ସାମାଜିକ, ଐତିହାସିକ, ପୌରାଣିକ ଓ ଭୌଗୋଳିକ ବିଷୟବସ୍ତୁକୁ ନେଇ ରାମ ବନବାସ, ସୀତା ବନବାସ, ଇନ୍ଦ୍ରଜିତ ବଧ, କୌରବ-ପାଣ୍ଡବ ପଶାଖେଳ, ଛତ୍ରପତି ଶିବାଜୀ, ମରହଟ୍ଟା ବର୍ଗୀ ଆକ୍ରମଣ, ବିଲବଛା, ବରଦେଖା ଆଦି ପରିବେଷିତ ହୋଇଥାଏ ।

୯. ମନସା ମଙ୍ଗଳ : ସର୍ପ ଦେବୀ ବା ନାଗମାତା ମନସାଙ୍କ ମାହାତ୍ମ୍ୟକୁ ନେଇ ଏହି ଲୋକନାଟକ ପରିବେଷଣ କରାଯାଇଥାଏ । ଚାନ୍ଦ ସୌଦାଗର ସର୍ପାଘାତରେ ମୃତ୍ୟୁବରଣ କରିବା ପରେ ତାଙ୍କ ପତ୍ନୀ କିଭଳି ଦେବୀ ମନସାଙ୍କ ଶରଣାପନ୍ନ ହୋଇ ସ୍ୱାମୀଙ୍କୁ ପୁନର୍ଜୀବିତ କରିଛନ୍ତି, ତାହା ହିଁ ଏହି ଲୋକନାଟକର ମୁଖ୍ୟ ବିଷୟବସ୍ତୁ ।

୧୦. କୃଷ୍ଣ ଯାତ୍ରା: ଲୋକବାଦ୍ୟ ଓ ଲୋକ ପାରଂପରିକ ପୋଷାକପତ୍ର ମାଧ୍ୟମରେ ଶ୍ରୀକୃଷ୍ଣ ଜନ୍ମ ଓ ବାଲ୍ୟଲୀଳା ଆଧାରିତ ଲୋକନାଟକର ନାମ କୃଷ୍ଣ ଯାତ୍ରା ।

୧୧. ସଖୀ ନାଚ : ପାର୍ବତୀଙ୍କ ମାନଭଞ୍ଜନ ଓ ହର-ପାର୍ବତୀ ପ୍ରଣୟ କାହାଣୀକୁ ନେଇ ସଖୀ ନାଚ ଗତିଶୀଳ । ମୟୁରଭଞ୍ଜର ସ୍ଥାନୀୟ ଲୋକୋକ୍ତି, ପହଳି ମାଧ୍ୟମରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ । ଏଥିରେ ଶିବ, ପାର୍ବତୀଙ୍କ ସମେତ ବଗୁଲା, ବଗୁଲି, କେଉଟ, କେଉଟୁଣୀ ଏବଂ ପାର୍ବତୀଙ୍କ ସଖୀମାନେ ଅଂଶଗ୍ରହଣ କରିଥା'ନ୍ତି । ଝୁମର ସଙ୍ଗୀତ ଆଧାରିତ ଏହି ନୃତ୍ୟରେ ମାଦଳ, ବଂଶୀ, ଟଇଁଲା, ଗୋପୀଯଂତ୍ର, ଯୋଡ଼ି ଧୁମ୍‌ସା ଆଦି ବାଦ୍ୟଯଂତ୍ର ବ୍ୟବହୃତ ହୋଇଥାଏ ।

୧୨. ଡାହାର ନାଚ : 'ଡାହାର' ଅର୍ଥ ରାସ୍ତା ବା ଦାଣ୍ଡ । ଏ ନାଚ ଦାଣ୍ଡ ଧୂଳିରେ ଅଭିନୀତ ହୋଇଥାଏ । ସାନ୍ତାଳ, ମୁଣ୍ଡା, ହୋ, କୋହ୍ଲ ସଂପ୍ରଦାୟର ଲୋକମାନେ ଏହି ନୃତ୍ୟ ପରିବେଷଣ କରିଥା'ନ୍ତି । ସାନ୍ତାଳ ଲୋକବିଶ୍ୱାସ ଅନୁସାରେ, ପୃଥିବୀର ସ୍ରଷ୍ଟା ଆଦି ପୁରୁଷ 'ପିଲ୍‌ଚୁ ହାଳାମ୍' ଓ ମହିଳା 'ପିଲ୍‌ଚୁ ବୁଢୀ' ସେମାନଙ୍କ ସନ୍ତାନକୁ ଦାଣ୍ଡ ଧୂଳିରେ ଶିକ୍ଷା ଦେଇଥିବା କଥାବସ୍ତୁ ଏହି ନାଟକରେ ପରିବେଷିତ ହୋଇଥାଏ ।

୧୩. ଦାସାଁୟ ନାଚ: ଶାରଦୀୟ ଦୁର୍ଗା ପୂଜା ଅବସରରେ ଦଶ ଦିନ ଧରି ମୟୁରଭଞ୍ଜ ଜିଲ୍ଲାର ସାନ୍ତାଳ, ହୋ, ମୁଣ୍ଡାମାନଙ୍କ ଦ୍ୱାରା ଦାସାୟଁ ନୃତ୍ୟ ପରିବେଷଣ କରାଯାଇଥାଏ । ଦୁର୍ଗା ପୂଜାର ଠିକ୍ ପୂର୍ବଦିନ ଏହି ନୃତ୍ୟ ଉଦ୍‌ଯାପିତ ହୋଇଥାଏ । ତେବେ ଦଶହରା ସହ ଏହାର କୌଣସି ସଂପର୍କ ନଥାଏ । ଏହା ବିଶେଷକରି ତନ୍ତ୍ର ପରାପଂରାଭିତ୍ତିକ ନୃତ୍ୟ । ଦଶ ଦିନରେ ଆଦିବାସୀମାନେ ଗାଁ ଗାଁ ବୁଲି ନୃତ୍ୟ ପରିବେଷଣ କରନ୍ତି । ଦାସାୟଁର ତାତ୍ତ୍ୱିକ ଅର୍ଥ 'ଦାଃସାୟ' ଅର୍ଥାତ୍ ବର୍ଷାର ଅନ୍ତ । ବର୍ଷା ଦିନର ଶେଷ ଅର୍ଥାତ୍ ଆଶ୍ୱିନ ମାସର ଆରଂଭ ସମୟରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ । ଏହା ଏକ ଦଳଗତ ନୃତ୍ୟ । ଶକ୍ତି ଉପାସନା ସହ ଏହି ନୃତ୍ୟର ଭାବଗତ ସଂପର୍କ ରହିଛି । ତାନ୍ତ୍ରିକ ଗୁରୁଙ୍କ ଅଧୀନରେ ଚେଲାମାନେ ଚତୁର୍ମାସ୍ୟାରେ ଯେଉଁ ବିଦ୍ୟାନୁଷ୍ଠାନ ଆରମ୍ଭ କରିଥା'ନ୍ତି ତାହାକୁ

Digitized by srujanika@gmail.com

ଦଶହରା ଅବସରରେ ଉଦ୍‌ଯାପନ କରନ୍ତି । ଏହି ଦଶଦିନରେ ସେମାନେ ଗାଁଗାଁ ବୁଲି ଲୋକଙ୍କୁ ଔଷଧ ବାଣ୍ଟନ୍ତି, କାହାର ପୀଡ଼ା ଥିଲେ ତାନ୍ତ୍ରିକ ଉପଚାର କରି ଲାଘବ କରନ୍ତି ଓ ଦାନଦକ୍ଷିଣା ଗ୍ରହଣ କରନ୍ତି । ନର୍ତ୍ତକମାନେ ଶାଢ଼ି ପିନ୍ଧନ୍ତି ଓ ସେମାନଙ୍କ ମୁଣ୍ଡରେ ମୟୁରଚନ୍ଦ୍ରିକା ଶୋଭାପାଇଥାଏ ।

୧୪. ଝୁମର ନାଟ : ଝୁମର ସଂପର୍କରେ ଅନ୍ୟ ଏକ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଏଠାରେ ପୁନର୍ବାର ଉଲ୍ଲେଖ ନିଷ୍ପ୍ରୟୋଜନ ।

୧୫. ନାଚନି ନାଟ : ବିବାହ, ବ୍ରତ, ଶିଶୁ ଜନ୍ମ ଉତ୍ସବ ଆଦି ସମୟରେ ଜଣେ ନାରୀ କିମ୍ବା ନାରୀ ବେଶଧାରୀ ପୁରୁଷ ନୃତ୍ୟ ପରିବେଷଣ କରନ୍ତି । ସ୍ଥାନୀୟ ଅଞ୍ଚଳର ଲୌକିକ ବିଷୟବସ୍ତୁ ଏହି ନାଟରେ ସ୍ଥାନ ପାଇଥାଏ ।

୧୬. ଡହରିଆ ନାଟ: କାଳୀପୂଜା ସମୟରେ ମୟୁରଭଞ୍ଜ ଜିଲ୍ଲାରେ କୁଡ଼ୁମୀ ସଂପ୍ରଦାୟର ଲୋକେ ଗୋ ବାନ୍ଦନା ଉତ୍ସବ ପାଳନ କରିଥା'ନ୍ତି । ଗୋ ମାହାତ୍ମ୍ୟ, ମାନବ ସୃଷ୍ଟି ରହସ୍ୟ, ଫଳ ଓ ମଞ୍ଜିର ସୃଷ୍ଟିକୁ ନେଇ ଲୌକିକ ବିଷୟବସ୍ତୁ ଆଧାରରେ ଏହି ନାଟ ପରିବେଷଣ କରାଯାଇଥାଏ । ଏହି ନାଟକରେ ଅଂଶଗ୍ରହଣ କରୁଥିବା କଳାକାରମାନଙ୍କୁ 'ଧେଙ୍ଗୁଆନ୍' କୁହାଯାଏ । ଏମାନେ ମହାଦେବଙ୍କ ପ୍ରତିନିଧି ଭାବେ ଘରଘର ବୁଲି ଗୋରୁମାନଙ୍କ ସଂପର୍କରେ ପ୍ରଚାର ଓ ପ୍ରସାର କରନ୍ତି ।

୧୭. ଛଉ ନାଟ : ଛଉ ନାଟ ସଂପର୍କରେ ଅନ୍ୟତ୍ର ବର୍ଣ୍ଣନା କରାଯାଇଛି । ଏଠାରେ ପୁନର୍ବାର ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ ।

୧୮. ଜାଓ୍ୱା ନାଟ : ଏହି ନାଟ ଭାଦ୍ରବ ମାସରେ କରମ୍ ପୂଜା ପାଳନ ବେଳେ ଅନୁଷ୍ଠିତ ହୋଇଥାଏ । ବିଶେଷକରି ଅବିବାହିତ ଓ ଅପ୍ରାପ୍ତ ବୟସ୍କା କୁମାରୀମାନେ ଜାଓ୍ୱା ନାଚ ପରିବେଷଣ କରିଥା'ନ୍ତି । ଏହା ଏକ ଆଧ୍ୟାତ୍ମିକ ଓ ଭକ୍ତିରସଭରା ନୃତ୍ୟ । ଏଥିରେ ଆଦିରସ କିମ୍ବା ଶୃଙ୍ଗାର ରସର ଆଦୌ ସ୍ଥାନ ନଥାଏ । ଶିଶୁସୁଲଭ ଚପଳତା ଭରା ଭକ୍ତି ସଙ୍ଗୀତ ମାଧ୍ୟମରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିର ସାତ ଦିନ ପୂର୍ବରୁ ଏହି ନାଚ ଆରମ୍ଭ ହୋଇଥାଏ । 'କରମ୍ ଠାକୁର'ଙ୍କ ପୂଜନ ପରେ ଏହି ନାଟ ଶେଷ ହୋଇଥାଏ । କରମ୍ ପୂଜା ଅବସରରେ କୁଡୁମି ମହିଳା, ଯୁବତୀମାନେ ଉପବାସ ରହି 'ଜାଓ୍ୱା' ନେଇ କରମ୍ ପର୍ବ ସ୍ଥଳରେ ପହଞ୍ଚନ୍ତି । କରମ୍ ଠାକୁରଙ୍କୁ ଢୋଲ ମାଦଳର ତାଳେତାଳେ ଏକ ଶୋଭାଯାତ୍ରାରେ ଅଣାଯାଇ ସ୍ଥାପନ କରାଯିବା ପରେ କରମ୍ ଉତ୍ସବ ଆୟୋଜନ କରାଯାଏ । ବ୍ରତ କରିଥିବା ସ୍ତ୍ରୀଲୋକମାନେ ଦୀପ ଜାଳି ସାରାରାତି ଉଜାଗର ରହି କରମ ଠାକୁରଙ୍କୁ ଆବାହନ କରନ୍ତି । ଏହାପରେ ଜାଓ୍ୱା ନୃତ୍ୟ ପରିବେଷଣ କରାଯାଏ । ଏହି ଅବସରରେ ଏକ 'ଜାଓ୍ୱା ରଥ' ପରିଭ୍ରମଣ କରିଥାଏ ।

୧୯. ମାଙ୍କଡ଼ ନାଚ : ଛଣ ବା ନଡ଼ାରେ ପ୍ରସ୍ତୁତ ମାଙ୍କଡ଼ ମୂର୍ତ୍ତି ମାଧ୍ୟମରେ ମୟୁରଭଞ୍ଜ ଜିଲ୍ଲାର ପୁରପଲ୍ଲୀରେ ଏହି ଲୋକନୃତ୍ୟ ପରିବେଷଣ କରାଯାଇଥାଏ । ମକର ପର୍ବର ଶେଷ ଦିନ ଗାଁ

Digitized by srujanika@gmail.com

ମୁଖିଆ, ଗାଁ ପୂଜକ ଏବଂ ଗ୍ରାମର ଯୁବକ, ଯୁବତୀମାନେ ମିଶି ଏହି ନୃତ୍ୟ ପରିବେଷଣ କରିଥା'ନ୍ତି । ଗାଁ ଲୋକେ କୃଷିକର୍ମ କରିବାକୁ ଯାଇ ନିଜ ଅଜ୍ଞାତରେ ସାପ, ବେଙ୍ଗ, କଙ୍କଡ଼ା ତଥା ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମାରି ପାପ କରିଥିବାରୁ ପ୍ରାୟଶ୍ଚିତ ପାଇଁ ଏ ନାଟ କରାଯାଇଥାଏ । ଏହି ନୃତ୍ୟ ତିନି ପ୍ରକାର-୧. ଦେଶୁଆ ମାଙ୍କଡ଼ ନାଚ (ଦିଶମ ଗାଳି), ୨. ଠେଙ୍ଗା ମାଙ୍କଡ଼ ନୃତ୍ୟ (ଠେଙ୍ଗା ଗାଳି), ଅଭିନୟ ମାଙ୍କଡ଼ ନୃତ୍ୟ (ଡାର୍ମା ଗାଳି) । ପ୍ରଥମ ପ୍ରକାର ନୃତ୍ୟରେ ନଡ଼ା ବା ଛଣରେ ପ୍ରସ୍ତୁତ ମାଙ୍କଡ଼, ଦ୍ୱିତୀୟ ପ୍ରକାର ନୃତ୍ୟରେ ବଡ଼ବଡ଼ ଲାଠି (ଠେଙ୍ଗା)ରେ ମାଙ୍କଡ଼ ଚିତ୍ର ଅଙ୍କନ କରାଯାଇ ଏବଂ ତୃତୀୟ ପ୍ରକାର ନୃତ୍ୟରେ ମାଙ୍କଡ଼ର ଅଭିନୟ କରି ଏହି ନୃତ୍ୟ ପରିବେଷଣ କରାଯାଏ ।

୨୦. ଦାଣ୍ଡା (ଦାନ୍‌ଠା) ନାଟ : ଏହା ଏକ ପ୍ରକାର ପୁରୁଷକୈନ୍ଦ୍ରିକ ଯୁଦ୍ଧ ନାଚ । ଏଥିରେ କେବଳ ପୁରୁଷମାନେ ଅଂଶଗ୍ରହଣ କରିଥା'ନ୍ତି । ମୟୁରଭଞ୍ଜିଆ ଭାଷାରେ 'ଦାନ୍' ଅର୍ଥ ତେଇଁବା ଏବଂ 'ଠା' ଅର୍ଥ ଯୁଦ୍ଧ । ମୁଣ୍ଡରେ ମୟୁରଚୂଳ, କାନ୍ଧରେ ଶରମୁଣା, ହାତରେ ଧନୁତୀର, କାଣ୍ଡ, ବର୍ଚ୍ଛା, ଠେଙ୍ଗା ଆଦି ଧରି ମାଦଳ, ଧୁମ୍‌ସା, ଚଡ଼ଚଡ଼ି, କେନ୍ଦରା, ଢୋଲ୍‌କି, ବଇଁଶୀ ଆଦିର ତାଳେତାଳେ ଏହି ନୃତ୍ୟ ପରିବେଷଣ କରାଯାଏ । ନୃତ୍ୟରତ ଯୁବକମାନେ ଭୂମିରେ ଗୁରୁଣ୍ଡି ଗୁରୁଣ୍ଡି କିମ୍ବା ତେଇଁ ତେଇଁ ଗୀତ ଓ ବାଦ୍ୟର ତାଳେତାଳେ ନାଚ ପ୍ରଦର୍ଶନ କରିଥା'ନ୍ତି ।

୨୧. ଲଳିତା ପାଲା : ଜାରା ଶବର ବିଶ୍ୱାବସୁ, ଲଳିତା, ଜଗନ୍ନାଥଙ୍କ କାହାଣୀ ଆଧାରରେ ଏହି ପାଲା ପରିବେଷଣ କରାଯାଇଥାଏ ।

'ଝୁମର' : ମୟୁରଭଞ୍ଜର ଲୋକପ୍ରିୟ ପଲ୍ଲୀଗୀତ

ଛଉ ଓ ଝୁମର; ମୟୁରଭଞ୍ଜର ସଙ୍ଗୀତ ଆକାଶରେ ଦୁଇଟି ଚକ୍‌ଚକ୍ ଦିଶୁଥିବା ଜ୍ୱଳନ୍ତ ତାରକା ଭଳି । ଛଉ ବୀର-ରୁଦ୍ର-ତାଣ୍ଡବ ଭାବ ବ୍ୟଞ୍ଜକ ଥିଲାବେଳେ ଝୁମରକୁ ପଲ୍ଲୀ ଜୀବନ ଶୃଙ୍ଗାର, ପ୍ରେମ ରସରେ ପରିପୂର୍ଣ୍ଣ ଗ୍ରାମ୍ୟ ଗୀତି କୁହାଯାଇଥାଏ । ସିଧା ଅର୍ଥରେ ବୁଝିବାକୁ ଗଲେ, ଝୁମର ଏକ ପ୍ରେମ ରସପୂର୍ଣ୍ଣ ପଲ୍ଲୀଗୀତ । ଝୁମର ସଙ୍ଗୀତର ମଧୁର ମୂର୍ଚ୍ଛନାରେ ମୟୁରଭଞ୍ଜର ପୁରପଲ୍ଲୀ ରୋମାଞ୍ଚିତ ହୋଇଉଠିଥାଏ । ମୟୁରଭଞ୍ଜ ବ୍ୟତୀତ କେନ୍ଦୁଝର, ସୁନ୍ଦରଗଡ଼, ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବୀରଭୂମି, ମାନଭୂମି, ସିଂହଭୂମି, ଶିଖରଭୂମି, ରାଞ୍ଚି, ନାଗପୁର, ପୁରୁଲିଆ, ମେଦିନିପୁର, ବାଙ୍କୁଡ଼ା ଆଦି ଅଞ୍ଚଳରେ ପୁରପଲ୍ଲୀରେ ମଧ୍ୟ ଝୁମର ସଙ୍ଗୀତ ବହୁ କାଳରୁ ପ୍ରଚଳିତ ।

'ଝୁମର'ର ଉତ୍ପତ୍ତି ସଂପର୍କରେ ବହୁମତ ରହିଛି । ମୟୁରଭଞ୍ଜର ପ୍ରଖ୍ୟାତ 'ଝୁମର' ବିଶାରଦ ଗିରିଶ ଚନ୍ଦ୍ର ମହାନ୍ତ 'ଝୁମର'କୁ ଏକ ପଲ୍ଲୀଗୀତ ଭାବେ ଚିତ୍ରିତ କରିଛନ୍ତି । 'ଝୁମର' ସଙ୍ଗୀତରେ ମୁଖ୍ୟତଃ ରାଧାକୃଷ୍ଣ ଓ ଗୋପୀ-କୃଷ୍ଣଙ୍କ ମଧ୍ୟରେ ଥିବା ପ୍ରେମ, ମିଳନ, ବିରହ ଓ ମାନଭଞ୍ଜନ ଜନିତ କାହାଣୀର ବର୍ଣ୍ଣନା ରହିଥାଏ । ଏହା ବ୍ୟତୀତ 'ଝୁମର'ରେ ଗ୍ରାମ୍ୟ କିଶୋର-କିଶୋରୀଙ୍କ

Digitized by srujanika@gmail.com

ଝୁମର ନୃତ୍ୟ ଓ ଗୀତ

ମଧ୍ୟରେ ଥିବା ପ୍ରେମ ଓ ଶୃଙ୍ଗାର, ପଲ୍ଲୀ ଜୀବନର ଚିତ୍ର ମଧ୍ୟ ପ୍ରତିଫଳିତ ହୋଇଥାଏ । ମାତ୍ର, ଆଜିର ଦିନରେ 'ଝୁମର' ସଙ୍ଗୀତରେ ଅଶ୍ଳୀଳତା ପ୍ରବେଶ କରି ଏହାକୁ ଅବକ୍ଷୟ ଆଡକୁ ଟାଣି ନେଇଛି ବୋଲି କିଛି 'ଝୁମର' ବିଶାରଦ ଆଶଙ୍କା ପ୍ରକାଶ କରନ୍ତି । ଝୁମର ବିଶାରଦ ଡ. ଆଦିକନ୍ଦ ମହାନ୍ତଙ୍କ ଭାଷାରେ "ଆନନ୍ଦ ଓ ଉଲ୍ଲାସର ଚୂଡ଼ାନ୍ତ ଅନୁଭୂତି ହେଉଛି ଝୁମର ସଙ୍ଗୀତ । ସଂପୂର୍ଣ୍ଣ ମାନସିକ ଉତ୍‌ଫୁଲ୍ଲତା ନଥିଲେ ଝୁମରକୁ ଉପଭୋଗ କରିହୁଏନି । ଝୁମରରେ ପ୍ରତିଫଳିତ ହୁଏ ଜନ୍ମମାଟି, ପାଣି ପବନ ସହିତ ସାଥୀର ମନମତାଣିଆ ସ୍ମୃତି ।" ଅଧ୍ୟାପକ ଲଳିତ କୁମାର ମହାନ୍ତଙ୍କ ମତରେ ନର୍ତ୍ତକୀର ନୂପୁରର 'ଝୁମ୍ ଝୁମ୍' ଶବ୍ଦରୁ 'ଝୁମର'ର ଉତ୍ପତ୍ତି । 'ଝୁମ୍' ଧାତୁରୁ ଝୁମରର ସୃଷ୍ଟି । 'ଝୁମର' ଶବ୍ଦର ଅର୍ଥ ହେଉଛି 'ଝୁମିବା' । ଯେଉଁ ସଙ୍ଗୀତ ଶୁଣି ମୟୂରଭଞ୍ଜ ଜିଲ୍ଲାର ବଣ, ପାହାଡ଼ର ଲୋକମାନେ ନିଶା ପାନକଲା ଭଳି ଝୁମି ଉଠନ୍ତି ପ୍ରକୃତରେ ତାହା ହିଁ 'ଝୁମର' ।

'ଝୁମର' ସଙ୍ଗୀତ ମାଧ୍ୟମରେ ପୁରପଲ୍ଲୀରେ କୃଷ୍ଣ ସାହିତ୍ୟର ପ୍ରଚାର ଓ ପ୍ରସାର ହୋଇପାରିଥିଲା । 'ଝୁମର'ର ନାମକରଣ ଗାଉଁଲି ଶବ୍ଦ 'ଝମର୍'ରୁ ହୋଇଥିବାର ଅନୁମାନ କରାଯାଏ । ପଲ୍ଲୀ କିଶୋରୀମାନେ ଯେଉଁ ଅଳଙ୍କାର ବ୍ୟବହାର କରୁଥିଲେ, ସେଥିରୁ 'ଝମ୍ ଝମ୍' ଶବ୍ଦ ନିର୍ଗତ ହୋଇଥାଏ । ତେଣୁ ତାହା 'ଝମର୍' । ଉଦାହରଣସ୍ୱରୂପ: 'ଝମର ପାଇଁଣୀ', 'ଝମର ବାଜୁ', 'ଝମର ସୁଦ୍‌ବାହା', 'ଝମର ଗୁନ୍‌ସି', 'ଝମର ସୁଲାକ୍', 'ଝମର ପାଗରା' ଆଦି । କେତେକ ଝୁମର ବିଷାରଦ 'ଝୁମର' କାବ୍ୟ ପରଂପରା ରୀତି ଯୁଗରୁ ଆରମ୍ଭ ହୋଇଛି ବୋଲି ମତ ଦିଅନ୍ତି । ଆରଂଭ କାଳରୁ

Digitized by srujanika@gmail.com

'ଝୁମର' ସଂଗୀତ ଗଦ୍ୟଧର୍ମୀ ଥିଲା । କାଳକ୍ରମେ ଏହାର ରୂପାନ୍ତର ଘଟି ଗୀତିମୟତାର ଅଭ୍ୟୁଦୟ ଘଟିଛି ।

'ଝୁମର' ମୁଖ୍ୟତଃ କୁଡୁମାଲି (କୁର୍ମାଲି) ଭାଷା ଓ କୁଡୁମି (କୁଳମି/ମହାନ୍ତ) ସଂପ୍ରଦାୟରୁ ଉତ୍ପତ୍ତିଲାଭ କରିଛି ବୋଲି କିଛି ବିଶାରଦ ଦାବି କରନ୍ତି । ଅବଶ୍ୟ କୁର୍ମାଲି ବ୍ୟତୀତ 'ଝୁମର' ସଙ୍ଗୀତରେ ମାହାଲି, ମୁଣ୍ଡାରି, ଭୂମିଜ, ବୀର୍‌ହଲ୍, କଡ଼ା, ହୋ, ତୁରୀ, ଆସୁରି, କୋରଓ୍ୱା ଆଦି ଭାଷାର ପ୍ରଚଣ୍ଡ ପ୍ରଭାବ ରହିଛି ବୋଲି କୁହାଯାଏ । ଗଠନ ଓ ପ୍ରୟୋଗ ଦୃଷ୍ଟିରୁ 'ଝୁମର'କୁ ସାଧାରଣତଃ ୬ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା- ୧. ଦରବାରୀ ଝୁମର, ୨. ଭାଦୁରିଆ ଝୁମର, ୩. ବାସନ୍ତୀ ଝୁମର, ୪. ଛଉ ଝୁମର, ୫. କାଠି ଝୁମର, ୬. ରଙ୍ଗୀନ୍ ଝୁମର ।

ମୋଗଲ ସମୟରୁ ରାଜା, ମହାରାଜା ଓ ଜମିଦାରମାନେ ନିଜ ଦରବାରରେ ଝୁମର ନୃତ୍ୟ ଓ ସଙ୍ଗୀତର ଆୟୋଜନ କରୁଥିଲେ । ବାଦ୍ୟଯନ୍ତ୍ରର ତାଳେତାଳେ ଜଣେ କିମ୍ବା ଦୁଇ ଜଣ ନର୍ତ୍ତକୀ ପ୍ରେମ ଓ ପ୍ରଣୟ ରସଭରା ଗୀତ ଗାଇ ସଭାସ୍ଥଳକୁ ମନ୍ତ୍ରମୁଗ୍ଧ କରୁଥିଲେ । ସେହିଭଳି ଭାଦ୍ରବ ମାସ ଏକାଦଶୀ ତିଥିରେ 'କରମ୍ ପର୍ବ' ପାଳନ ସମୟରେ ଭାଦୁରିଆ ଝୁମର ଗାନ କରାଯାଇଥାଏ । ଝୁମରର ରସାଳ ନାଚ, ଗୀତ ଓ ବାଦ୍ୟର ମୂର୍ଚ୍ଛନାରେ ପଲ୍ଲୀଭୂଇଁ ଉଚ୍ଛୁଳି ଉଠିଥାଏ । ବସନ୍ତ ଋତୁରେ ବାସନ୍ତୀ ଝୁମର ପରିବେଷଣ କରାଯାଇଥାଏ । ପୂର୍ବ କାଳରେ ଜଣେ ଯୁବକ ନାଲି ଶାୟା, ରଙ୍ଗୀନ୍ ଶାଢୀ ପରିଧାନ କରି ଯୁବତୀ ବେଶରେ ପ୍ରେମ ଓ ଶୃଙ୍ଗାର ରସପୂର୍ଣ୍ଣ ଗୀତ ଗାଇ ନାଚୁଥିଲା । ଏହା ଖୁବ୍ ଚିତ୍ତ ଉଲ୍ଲାସକ ଓ ପ୍ରେମୋଦୀପକ ଥିଲା । ପରେ ଏହା 'ବାଇ ନାଚ' ନାମରେ ପରିଚିତ ହେଲା । ମକର ସଂକ୍ରାନ୍ତି ସମୟରେ କାଠି ଝୁମର ପରିବେଷିତ ହୋଇଥାଏ । ଏଥିରେ ରାମାୟଣ, ମହାଭାରତ ଆଦି ପୁରାଣର ଉପାଖ୍ୟାନକୁ ଗୀତ ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ । ଆଧୁନିକ କାଳରେ ରାଧାକୃଷ୍ଣ ଲୀଳା ବ୍ୟତୀତ ପଲ୍ଲୀ ଜୀବନର ଚିତ୍ର, ପାରିବାରିକ ଅଶାନ୍ତି, ଦାଂପତ୍ୟ ଜୀବନର ବିତୃଷ୍ଣା, ଦିଅର-ଭାଉଜ ଥଟ୍ଟା ପରିହାସ, ପ୍ରେମିକ-ପ୍ରେମିକା ଛଳ ଏବଂ ଅନ୍ୟାନ୍ୟ ସାମାଜିକ ସମସ୍ୟା 'ଝୁମର' ସଙ୍ଗୀତରେ ପ୍ରବେଶ କରିବାରୁ ଏହା 'ରଙ୍ଗୀନ୍ ଝୁମର'ର ରୂପ ଧାରଣ କରିଛି । ଏମିତିକି ମୟୂରଭଞ୍ଜ ଜିଲ୍ଲାରୁ ଆସାମ ଚା' ବଗିଚାକୁ କାମ କରିବାକୁ ଯାଉଥିବା ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା ମଧ୍ୟ 'ଝୁମର'ରେ ପ୍ରତିଫଳିତ ହୋଇପାରିଛି ।

'ଝୁମର'କୁ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ କରାଇବାରେ ଝୁମର ଗୁରୁ ଗିରିଶ ଚନ୍ଦ୍ର ମହାନ୍ତଙ୍କର ଏକ ବଳିଷ୍ଠ ଭୂମିକା ରହିଛି । ତାଙ୍କର ବହୁ ପ୍ରସିଦ୍ଧ ଝୁମର ପୁସ୍ତକ 'ଦିଦି ମଇଁ ମଲ୍ଲୀ ଫୁଲେ ବାଁଧଲେ ଖୋଁପା' (କୁରୁମାଲି), 'ଝୁମର ରସ ମଞ୍ଜୁଷା' (ସମଗ୍ର ସଂକଳନ), 'ଶହେଟି ଝୁମର' (ଓଡ଼ିଆ), 'ଝୁମର ଓ ଝୁମର ଦେଶ' (ଓଡ଼ିଆ) ଆଦି ମାଧ୍ୟମରେ 'ଝୁମର' ସଙ୍ଗୀତର ବିକାଶ ଲାଭ କରିପାରିଥିଲା । ଏହାବ୍ୟତୀତ ଲାଲ୍ ସାହେବ ଶରତ ଚନ୍ଦ୍ର ଭଞ୍ଜ ମଧ୍ୟ 'ଝୁମର'କୁ ରାଜ୍ୟ ତଥା ରାଜ୍ୟ ବାହାରେ ଲୋକପ୍ରିୟ କରାଇବାରେ ଏକ ବଡ଼ ଭୂମିକା ଗ୍ରହଣ କରନ୍ତି ।

Digitized by srujanika@gmail.com

ମୟୁରଭଞ୍ଜ ଜିଲ୍ଲାର ଦେବୀ/ଶକ୍ତି ପୀଠ

ଦେବୀ ପୀଠ	ସ୍ଥାନ
କୀଚକେଶ୍ୱରୀ	ଖିଚିଂ
କୀଚକେଶ୍ୱରୀ	ବହଳଦା
କୀଚକେଶ୍ୱରୀ	ବାରିପଦା
କୀଚକେଶ୍ୱରୀ	ରାଇରଙ୍ଗପୁରଗଡ଼
ଅମ୍ବିକା	ବାରିପଦା
ଜ୍ୱଳାମୁଖୀ	ବାରିପଦା
ଶୀତଳା	ବାରିପଦା
ବାରୁଣୀଘାଟ ଶ୍ମଶାନ କାଳୀ	ବାରିପଦା
କୁରୁକୁଲ୍ଲା	ଦେବକୁଣ୍ଡ
ଦୁଆରଶୁଣୀ (ଦ୍ୱାରବାସିନୀ)	ବାଙ୍ଗିରିପୋଷି ଘାଟୀ
ବନଦୁର୍ଗା	ଗଡ଼ିଆମାଳ
କଟାଶୁଣୀ	ହରିପୁରଗଡ଼
ପାଶଚଣ୍ଡୀ	ବଡ଼ସାହି
ବାସୁଳୀ	ଠାକୁରମୁଣ୍ଡା
ବାସୁଳୀ	ରରୁଆଁ
ମଙ୍ଗଳା	ରରୁଆଁ
ଶୀତଳା	ଜଡ଼ିପାଳ ଶାସନ
ବିରାଟପାଟ ଦେବୀ	କପ୍ତିପଦା
ମଙ୍ଗଳା	ବାରିପଦା
ତାରିଣୀ	ବାରିପଦା
ହିଙ୍ଗୁଳା	ସୁହାଗପୁର (ବଡ଼ସାହି)
ବରାହୀ	ବଡ଼ସାହି
ମନସା	ବଡ଼ସାହି
ବାସନ୍ତୀ	ଚାନ୍ଦତିହ୍ନା

Digitized by srujanika@gmail.com

ବରାହୀ	ପାଉଁଶିଆ
ସରସ୍ୱତୀ	ଉଦଳା
କାଳୀ	ଉଦଳା
ତାରିଣୀ	ଉଦଳା
କୁଟାଶୁଣୀ	କଇଁସାରି (ଉଦଳା)
ଦୁର୍ଗା	ପୁରୁଣା ବାରିପଦା
ଦୁର୍ଗା	କୁଆମରା (ଗୋପବନ୍ଧୁନଗର)
ମଙ୍ଗଳା	ଚିଲିମା (ଗୋପବନ୍ଧୁନଗର)
ଦୁର୍ଗା	ବଦଲିଗାଁ
ହିଙ୍ଗୁଳା	ବଡ଼ସାହି
ଶକ୍ତିମନ୍ଦିର	କରଞ୍ଜିଆ
ଅମ୍ବିକା	କରଞ୍ଜିଆ
ମଙ୍ଗଳା	କରଞ୍ଜିଆ
କାଳିକା	ରତ୍ନପୁର-ସଠିଲୋ (ବେତନଟୀ)
ଗଡ଼ଚଣ୍ଡୀ	ସଠିଲୋ (ବେତନଟୀ)
ବୁଢଚଣ୍ଡୀ	ବଡ଼ବେଲାକୁଟି (ଡି.ବି.ନଗର)
ଭୀମେଶ୍ୱରୀ	ପେଡ଼ାଗଡ଼ି
ଚାମୁଣ୍ଡା	ପେଡ଼ାଗଡ଼ି
ବରାହୀ	ପେଡ଼ାଗଡ଼ି
ଲଖାଇଚଣ୍ଡୀ	ଘଣ୍ଟଶିଳା (ଢୁଢୁଆବାରୁଣୀ)
ଆମ୍ବିଳିପାଟ	ଜଗନ୍ନାଥଖୁଣ୍ଟା (ବାଙ୍ଗିରିପୋଷି)
ଶ୍ୟାମାକାଳୀ	ଆଡ଼ଶିଳି (କୁଳିଅଣା)
ଫାଗୁଆଶୁଣୀ	ମୟୁରଝୁଡ଼ି, କପ୍ତିପଦା
ମା' ବିରାଟପାଟ	କୁଟଲିଂ (ଉଦଳା)
ଗଡ଼ଚଣ୍ଡୀ	ଗଡ଼ଶିମିଳିପାଳ (ଶିମିଳିପାଳ)
ବାଉଳି ଠାକୁରାଣୀ	ଅଠରଦେଉଳ (ଶିମିଳିପାଳ)
ବନଦୁର୍ଗା	ଅଠରଦେଉଳ (ଶିମିଳିପାଳ)

Digitized by srujanika@gmail.com

ଶାରଳା ଠାକୁରାଣୀ	ମକାବାଡ଼ି (ଶିମିଳିପାଳ)
ସାହାଡ଼ାସୁନ୍ଦରୀ	ବିସିପୁର
ମା' ବିରାଟପାଟ	ଦେବକୁଣ୍ଡ
ମା' ଅମ୍ବିକା	ଦେବକୁଣ୍ଡ
ବାସନ୍ତୀ ଦୁର୍ଗା	ଆଗିରିଆ (ବେତନଟୀ)
ଚଣ୍ଡୀ	କିଶୋରୀପୁର (ବେତନଟୀ)
ମା' କାଳୀମୁହିଁ	ଦିଗାରିଅସ୍ତିଆ (କୁଳିଅଣା)
ମା' ଭୈରବୀ	ଚିତ୍ରଡ଼ା (ମୋରଡ଼ା)
ଦୁଆରଶୁଣୀ	ଚିତ୍ରଡ଼ା (ମୋରଡ଼ା)
ଦୁର୍ଗା	ଘାଟିଅଡ଼ା (ମୋରଡ଼ା)
ମା' ତାରିଣୀ	ମୋରଡ଼ା
ଶୀତଳା	ଶୁଳିଆପଦା
ମଙ୍ଗଳା	ଦେଉଳି
କୁଆଁରୀ	ଝରାଡିହି (ବହଳଦା)
ତାରିଣୀ	କୋଣ (ବହଳଦା)
ମା' ନାକକାଟୀ	ବାଲିଡିହା (ଶ୍ୟାମାଖୁଣ୍ଟା)
ଡାକେଇ ଠାକୁରାଣୀ	ଶୀର୍ଷା (ସାରସକଣା)
ମା' ଗଡ଼ଚଣ୍ଡୀ	ମାଣତ୍ରୀ (ବଡ଼ସାହି)
ମା' ବାସନ୍ତୀ	ନୁଦୁଡିହା (କପ୍ତିପଦା)
ଚାମୁଣ୍ଡା	ଦେବଗ୍ରାମ (ଡି.ବି.ନଗର)
ନାକକାଟି ଠାକୁରାଣୀ	ବାଲିଡିହା (ଶ୍ୟାମାଖୁଣ୍ଟା)

ମୟୁରଭଞ୍ଜ ଜିଲ୍ଲାର ଶୈବପୀଠ

ମୟୁରଭଞ୍ଜ ଭଳି ଏକ ଗଡ଼ଜାତ ଅଞ୍ଚଳରେ ଶୈବ ଧର୍ମାବଲମ୍ବୀଙ୍କ ସଂଖ୍ୟା ଖୁବ୍ ଅଧିକ । ମାଣତ୍ରୀର କଖାରୁଆ ବୈଦ୍ୟନାଥଙ୍କଠାରୁ ଆରଂଭ କରି ଖିଚିଂର କୁଟେଇତୁଣ୍ଡି ଓ ଚନ୍ଦ୍ରଶେଖର ମହାଦେବଙ୍କ ପୀଠ ମୟୁରଭଞ୍ଜ ଜିଲ୍ଲାର ପ୍ରାଚୀନ ଶୈବ ପୀଠ ଭାବେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିପାରିଛି । ମୟୁରଭଞ୍ଜର ଭଞ୍ଜରାଜାମାନେ ପ୍ରଥମେ ଶୈବ ଥିଲେ । ସେମାନଙ୍କର ରାଜକୀୟ ସଂକେତ ବୃଷଭ ଥିଲା । ପରବର୍ତ୍ତୀ ସମୟରେ ଭଞ୍ଜବଂଶୀ ରାଜାମାନେ ଶାକ୍ତ ଓ ବୈଷ୍ଣବ ଧର୍ମାବଲମ୍ବୀ

Digitized by srujanika@gmail.com

ହୋଇଥିଲେ । ଭଞ୍ଜବଂଶୀଙ୍କ ପ୍ରଥମ ରାଜଧାନୀ ଖିଚିଂ ପ୍ରାଥମିକ ପର୍ଯ୍ୟାୟରେ ଏକ ପ୍ରସିଦ୍ଧ ଶୈବପୀଠ ଥିଲା । ଏଠାରୁ ଉଦ୍ଧାର କରାଯାଇଥିବା ପ୍ରାଚୀନ ମନ୍ଦିର ଓ ଭଗ୍ନ କାରୁକାର୍ଯ୍ୟରୁ ଏହା ଶୈବପୀଠ ଥିଲା ବୋଲି ପ୍ରମାଣ ମିଳିଥାଏ । ଖିଚିଂର କୀଚକେଶ୍ୱରୀ ମନ୍ଦିର ପ୍ରଥମେ ଏକ ଶିବ ମନ୍ଦିର ଥିଲା । ଏହା ଧ୍ୱଂସ ପାଇଯିବା ପରେ ପରବର୍ତ୍ତୀ କାଳରେ ଏହି ମନ୍ଦିରକୁ ପୁନରୁଦ୍ଧାର କରି ଏହାକୁ ଏକ ଶକ୍ତିପୀଠ ଭାବେ ବିକାଶ କରାଯାଇଛି । ପ୍ରାଚୀନ କାଳରେ ଖିଚିଂ ଏକ ଅଷ୍ଟାୟତନ ଶୈବ କ୍ଷେତ୍ର ଭାବେ ପ୍ରସିଦ୍ଧିଲାଭ କରିଥିଲା । ଖିଚିଂ ସଂଗ୍ରହାଳୟରେ ଥିବା ଭୈରବ, ଚଣ୍ଡ, ପ୍ରଚଣ୍ଡ, ଅର୍ଦ୍ଧନାରୀଶ୍ୱର, ବିରାଟ ନଟରାଜ ମୂର୍ତ୍ତି, ଉମା ମହେଶ୍ୱର ଯୁଗଳ ମୂର୍ତ୍ତି, ହର ମୂର୍ତ୍ତିକୁ ଅନୁଧ୍ୟାନ କଲେ ଏଠାରେ ଶୈବ ଉପାସନାର ପ୍ରାଚୀନତା ସଂପର୍କରେ ପ୍ରମାଣ ମିଳିଥାଏ । ଖିଚିଂ ନିକଟବର୍ତ୍ତୀ ବେଣୀସାଗର (ଅଧୁନା ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ) ମଧ୍ୟ ଏକ ଅଷ୍ଟାୟତନ ଶୈବକ୍ଷେତ୍ର ଅଟେ । ମୟୂରଭଞ୍ଜ ଜିଲ୍ଲାର ଇତିହାସପ୍ରସିଦ୍ଧ ଖିଚିଂ ଶୈବକ୍ଷେତ୍ର ବ୍ୟତୀତ ଜିଲ୍ଲାର ବହୁ ସ୍ଥାନରେ ଶିବ ମନ୍ଦିରମାନ ଗଢ଼ି ଉଠିଛି । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍‌ର ମାଣତ୍ରିଠାରେ ଥିବା କଖାରୁଆ ବୈଦ୍ୟନାଥ ମନ୍ଦିର ମଧ୍ୟ ଅନ୍ୟତମ ଐତିହାସିକ ଓ ପୁରାତନ ଶୈବପୀଠ ଭାବେ ଜଣାଶୁଣା ।

ମୟୂରଭଞ୍ଜ ଜିଲ୍ଲାର କିଛି ପ୍ରମୁଖ ଶୈବ ପୀଠର ଏକ ତାଲିକା ପ୍ରଦାନ କରାଯାଇଛି ।

ଶୈବ ପୀଠ	ସ୍ଥାନ
ବଟେଶ୍ୱର	ବାରିପଦା (ହରିବଳଦେବଜିଉ ମନ୍ଦିର ପରିସର)
ବରୁଣେଶ୍ୱର	ବାରିପଦା (ହରିବଳଦେବଜିଉ ମନ୍ଦିର ପରିସର)
ମଲ୍ଲୀକେଶ୍ୱର	ବାରିପଦା (ହରିବଳଦେବଜିଉ ମନ୍ଦିର ପରିସର)
ଅବଲୋକିତେଶ୍ୱର	ବାରିପଦା (ହରିବଳଦେବଜିଉ ମନ୍ଦିର ପରିସର)
ବୁଢାରାଉଳେଶ୍ୱର	ବାରିପଦା (ହରିବଳଦେବଜିଉ ମନ୍ଦିର ପରିସର)
ବାରୁଣେଶ୍ୱର	ବାରିପଦା
ବୁଢାରାଉଳେଶ୍ୱର	ତେନ୍ତୁଳିଡିଙ୍ଗା (ବାରିପଦା)
ବାରୁଣେଶ୍ୱର	ବାରୁଣୀ (ବାରିପଦା)
ବାବା ଭଞ୍ଜେଶ୍ୱର	ବାଘଡ଼ାରୋଡ (ବାରିପଦା)
ବାବା ମଣ୍ଡଳେଶ୍ୱର	ଓ୍ୱାଲିଗଞ୍ଜ (ବାରିପଦା)
ବାବା ଆଖଣ୍ଡଳେଶ୍ୱର	ବୁଢ଼ିଖମାରୀ (ବାରିପଦା)
ବନବିହାରୀ	ତକତପୁର (ବାରିପଦା)
ବାବା ପାତାଳେଶ୍ୱର	ତକତପୁର (ବାରିପଦା)

Digitized by srujanika@gmail.com

ହରିହର	ରଘୁନାଥପୁର (ବାରିପଦା)
ନୀଳକଣ୍ଠେଶ୍ୱର	ଦୋ-ମୁହାଁଣୀ (ଖିଚିଂ)
କୁଟେଇତୁଣ୍ଡି	ଖିଚିଂ
ଚନ୍ଦ୍ରଶେଖର	ପାର୍ବତୀପୁର (ଖିଚିଂ)
ଧବଳେଶ୍ୱର	କଖାରୁପଦା (ଖିଚିଂ)
ବିଶ୍ୱେଶ୍ୱର	କାଶିପାଳ (ଖିଚିଂ)
ବ୍ରହ୍ମେଶ୍ୱର	ସରୁବାଲି (ଖିଚିଂ)
ଭସ୍ମେଶ୍ୱର	ପଣସି (ଖଚିଂ)
ସିଦ୍ଧେଶ୍ୱର	ସିଲମାପଣି (ଖିଚିଂ)
କଖାରୁଆ ବୈଦ୍ୟନାଥ	ମାଣିତ୍ରୀ
ବୁଦ୍ଧେଶ୍ୱର	ଦେବଶୋଳ (ରାସଗୋବିନ୍ଦପୁର)
ଶିମଳେଶ୍ୱର	ଶିମଳା (ବାଙ୍ଗିରିପୋଷି)
ସ୍ୱପ୍ନେଶ୍ୱର	ଭୁଆଶୁଣୀ (ବାଙ୍ଗିରିପୋଷି)
ଢୁଢେଶ୍ୱର	ଢୁଢୁଆ ବାରୁଣୀ (ଖୁଣ୍ଟା)
ଏକାଦଶ ରୁଦ୍ର	ଆଦିପୁର
ଶୀତଳେଶ୍ୱର, ଲୋକନାଥ	ବଡ଼ବେଲାକୁଟି (ଡ଼ି.ବି.ନଗର)
କଖାରୁଆ ବାଣେଶ୍ୱର	ଉଠାଣଗାଁ (ଉଦଳା)
ଝାଡ଼େଶ୍ୱର	ସାନଖଲାଡ଼ି-କଲଁସାରି (ଉଦଳା)
ଝିଙ୍କେଶ୍ୱର	ଝିଙ୍କପଦା (କପ୍ତିପଦା)
ଶିଖରେଶ୍ୱର, ଚିତ୍ରେଶ୍ୱର	ମୌଦା (କପ୍ତିପଦା)
ମଲ୍ଲିକେଶ୍ୱର	ବୈରାଟପୁର (କପ୍ତିପଦା)
ଟାଙ୍ଗରେଶ୍ୱର	ଟାଙ୍ଗିରିଆ, କପ୍ତିପଦା
ଛତ୍ରେଶ୍ୱର	ଛତାହୁଡ଼ି, କପ୍ତିପଦା
ଡାଳିମ୍ବେଶ୍ୱର	କଇଁସାରି
ସିଦ୍ଧେଶ୍ୱର	ଶାଳଚୁଆ (ଠାକୁରମୁଣ୍ଡା)
କୁଣ୍ଡେଶ୍ୱର	ଭୀମକୁଣ୍ଡ (ଠାକୁରମୁଣ୍ଡା)
ସ୍ୱପ୍ନେଶ୍ୱର	ସୁନିଦା (ଠାକୁରମୁଣ୍ଡା)

Digitized by srujanika@gmail.com

ଧବଳେଶ୍ୱର	ନିହାଣଗଣ୍ଡି (ଠାକୁରମୁଣ୍ଡା)
ସୁରେଶ୍ୱର	ହାଣ୍ଡିଫୁଟା (ଠାକୁରମୁଣ୍ଡା)
କ୍ଷୀରଦେଶ୍ୱର	ଦୁବପାଳ (ଠାକୁରମୁଣ୍ଡା)
ସର୍ବେଶ୍ୱର	ଠାକୁରମୁଣ୍ଡା
ଅଟଳେଶ୍ୱର	କେନ୍ଦୁଡିଆଣି (ଠାକୁରମୁଣ୍ଡା)
ବିଶେଶ୍ୱର	ମହୁଲଡିହା (ଠାକୁରମୁଣ୍ଡା)
ଛତ୍ରେଶ୍ୱର	ବାଲିମୁଣ୍ଡୁଳି (ଖୁଣ୍ଟା)
ବିଶ୍ୱେଶ୍ୱର, ନିମେଶ୍ୱର	ଖୁଣ୍ଟା
ସ୍ୱର୍ଣ୍ଣେଶ୍ୱର	ନଳଖମାଣ (ଖୁଣ୍ଟା)
ମାଣିକେଶ୍ୱର	ବିସିପୁର (ଖୁଣ୍ଟା)
ସ୍ୱପ୍ନେଶ୍ୱର	ବେତନଟୀ
ଆଖଣ୍ଡଳମଣି	ଯୁଗୁପୁରା (ବେତନଟୀ)
ଭଣ୍ଡେଶ୍ୱର	ହାତୀଝୁରି (ବେତନଟୀ)
ଶକ୍ତିଶ୍ୱର	ସଠିଲୋ (ବେତନଟୀ)
ଧବଳେଶ୍ୱର, ପଦ୍ମେଶ୍ୱର	ଡାରାକୁଟି (ବେତନଟୀ)
ସ୍ୱପ୍ନେଶ୍ୱର	ସଠିଲୋ (ବେତନଟୀ
ମୁକ୍ତେଶ୍ୱର	ଶଂଶା (ବେତନଟୀ)
ଓମ୍କାରେଶ୍ୱର	କୁଳିଅଣା
ଢଳେଶ୍ୱର	ବଡ଼ନୂଆଗାଁ (କୁଳିଅଣା)
ଝାଡ଼େଶ୍ୱର	ଟମକିଆଶୋଳ (କୁଳିଅଣା)
ପ୍ରତାପେଶ୍ୱର	ପ୍ରତାପପୁର (କୁଳିଅଣା)
ତିଳେଶ୍ୱର	ତିଳଗଡ଼ିଆ (କୁଳିଅଣା)
କୁଚଳେଶ୍ୱର	କୁଚେଇ (କୁଳିଅଣା)
ଖଣ୍ଡେଶ୍ୱର	ଗାଙ୍ଗରାଢ (କୁଳିଅଣା)
କୁଳେଶ୍ୱର	କୁଳିପାଳ (କୁଳିଅଣା)
ବାଲୁକେଶ୍ୱର	ବାଲିପାଳ (କୁଳିଅଣା)
କଣ୍ଟେଶ୍ୱର	କମାରପାଳ (କୁଳିଅଣା)

Digitized by srujanika@gmail.com

ଅଙ୍କେଶ୍ୱର	କୁଳିଅଣା ଥାନା ସମ୍ମୁଖ
ଆଳୁଚେକା ବାବା	ଗାଙ୍ଗରାଢ (କୁଳିଅଣା)
ନୀଳକଣ୍ଠେଶ୍ୱର	ନୋଧନା (କୁଳିଅଣା)
ଚନ୍ଦନେଶ୍ୱର	ଚାନ୍ଦୁଆ (କୁଳିଅଣା)
ବାବା କଖାରୁଆ	ମୋରଡ଼ା
ଢଟେଶ୍ୱର	ଛୋଟରାୟପୁର (ମୋରଡ଼ା)
ଢଗତେଶ୍ୱର	କୋହି (ମୋରଡ଼ା)
ଉମାକାନ୍ତେଶ୍ୱର	ଦାନ୍ତିଆମୁହାଁ (ମୋରଡ଼ା)
ଚିତ୍ରେଶ୍ୱର	ଚିତ୍ରଡ଼ା (ମୋରଡ଼ା)
ଲୋକନାଥ	ଝାଡ଼ପୋଖରିଆ (ସାରସକଣା)
ଢଟେଶ୍ୱର	ଢାଲଦା (ସାରସକଣା)
ଝାଡ଼େଶ୍ୱର	ଝାଡ଼ପୋଖରିଆ (ସାରସକଣା)
ଢକେଶ୍ୱର	ଢକା (ସାରସକଣା)
ରାଢେଶ୍ୱର	ରାଢାଲୋକା (ସାରସକଣା)
କୁଶଳେଶ୍ୱର	କୁସୁମୀ (ଶୁଳିଆପଦା)
ଲଙ୍ଗଳେଶ୍ୱର	ବାରି (ଶୁଳିଆପଦା)
ବୈଦ୍ୟନାଥ	ହାଟପଦା (ଶୁଳିଆପଦା)
କାଶେଶ୍ୱର	ଭୁସୁକୁଣ୍ଡା (ଶୁଳିଆପଦା)
ମୁକ୍ତେଶ୍ୱର	ଧାତିକ (ଶୁଳିଆପଦା)
ସ୍ୱପ୍ନେଶ୍ୱର	ବଡ଼ଭାଲିଆ (ଶୁଳିଆପଦା)
ଭୂତେଶ୍ୱର	ବଦଳିଗାଁ (ବଡ଼ସାହି)
ନୀଳକଣ୍ଠେଶ୍ୱର	ସିଂହଟିଆ (ବଡ଼ସାହି)
ବଳଙ୍କେଶ୍ୱର	ଘୁଷୁରିଆ (ବଡ଼ସାହି)
ବିଲ୍ଲେଶ୍ୱର	ବେଲପାଳ (ବଡ଼ସାହି)
କାଦେଶ୍ୱର	ନିଷ୍ଠିତା (ବାଙ୍ଗିରିପୋଷି)
କଖାରୁଆ ବାଣେଶ୍ୱର	ଅଠଣଗାଁ (ଉଦଳା)
ମଣିନାଗେଶ୍ୱର, ସ୍ୱପ୍ନେଶ୍ୱର	ଉଦଳା ସହର

Digitized by srujanika@gmail.com

ଜ୍ୟୋତିର୍ଲିଙ୍ଗେଶ୍ୱର, ଅଷ୍ଟଶମ୍ଭୁ	ଉଦଳା ସହର
ପୂର୍ଣ୍ଣେଶ୍ୱର	ସରଗଡ଼ା (ବିଜାତଳା)
କାଲେଶ୍ୱର	ବଡ଼ାମତଳିଆ (ବିଜାତଳା)
ସିନ୍ଦୁରେଶ୍ୱର	ସିନ୍ଦୂରଗୌରା (ଶ୍ୟାମାଖୁଣ୍ଟା)
ବାଲୁକେଶ୍ୱର	ରଙ୍ଗାମାଟିଆ (ଶ୍ୟାମାଖୁଣ୍ଟା)
ବୁଢେଶ୍ୱର	ମୁନିଦର୍ହ (ଶ୍ୟାମାଖୁଣ୍ଟା)
ଧନେଶ୍ୱର	ଧନପୁର (ଶ୍ୟାମାଖୁଣ୍ଟା)
ସିଦ୍ଧେଶ୍ୱର	ନୁଦୁଡିହା, କପ୍ତିପଦା
ପାଣ୍ଡବେଶ୍ୱର	ପାଣ୍ଡରା (ସାରସକଣା)
ଝାଡ଼େଶ୍ୱର	ଭଞ୍ଜକିଆ (ରରୁଆଁ)
ଜଳେଶ୍ୱର	ବିଶୋଇ
ବାଲୁଙ୍କେଶ୍ୱର	ପୋଖରୀସାହି, କରଞ୍ଜିଆ
ପୂର୍ଣ୍ଣେଶ୍ୱର, ଶୈଳେଶ୍ୱର	କରଞ୍ଜିଆ ସହର
ରସିକେଶ୍ୱର	ରସମତଳା (କରଞ୍ଜିଆ)
ଓମ୍‌କାରେଶ୍ୱର	ରସମତଳା ମଙ୍ଗଳାମନ୍ଦିର ପରିସର (କରଞ୍ଜିଆ ସହର)
ସ୍ୱପ୍ନେଶ୍ୱର	ବାମନାଶାଳ (କରଞ୍ଜିଆ)
ସିଦ୍ଧେଶ୍ୱର	ମାଣିକଛକ (କରଞ୍ଜିଆ)
ଅଶୋକେଶ୍ୱର	ଶରଧା (କରଞ୍ଜିଆ)
ଧବଳେଶ୍ୱର	ବହଳଦା
ନସ୍‌କରିଆ ବାବା	ସୁଣ୍ଡଳ (ରାଇରଙ୍ଗପୁର)
ଖଡ଼କେଶ୍ୱର	ରାଇରଙ୍ଗପୁର
ପୂର୍ଣ୍ଣେଶ୍ୱର	କୁଚେଇବୁଡ଼ି (ରାଇରଙ୍ଗପୁର)
ଐଶାନେଶ୍ୱର	ରାଇରଙ୍ଗପୁରଗଡ଼
ହରିହରେଶ୍ୱର	ଜଗନ୍ନାଥ ମନ୍ଦିର ପରିସର, ରାଇରଙ୍ଗପୁର
ଲୀଳେଶ୍ୱର	ରାଇରଙ୍ଗପୁର ସହର
ଆଖଣ୍ଡଳମଣି	ଆମ୍ବଡିହା (ରାଇରଙ୍ଗପୁର)

Digitized by srujanika@gmail.com

ମୟୁରଭଞ୍ଜ ଜିଲ୍ଲାର ସାପ୍ତାହୀକ ହାଟ

ଅତୀତରେ ଓଡ଼ିଶାର ଗ୍ରାମାଞ୍ଚଳର ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ 'ହାଟ'ର ଏକ ନିଆରା ଭୂମିକା ଥିଲା । ଗ୍ରାମାଞ୍ଚଳରେ ଥିବା ସାପ୍ତହୀକ ହାଟଗୁଡ଼ିକରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏକତ୍ରିତ ହେଉଥିଲେ । ଏହିସବୁ ହାଟମାନଙ୍କରେ ଦ୍ରବ୍ୟର କିଣାବିକା ସହ ପରସ୍ପର ମଧ୍ୟରେ ଭାବର ବିନିମୟ ହୋଇ ପାରୁଥିଲା । ବିଶେଷକରି ଆଦିବାସୀ ଇଲାକାରେ ହାଟଗୁଡ଼ିକ ହିଁ ଯୁବକ, ଯୁବତୀଙ୍କ ମଧ୍ୟରେ ଭାବ ଆଦାନପ୍ରଦାନର ଏକ ସର୍ବୋତ୍କୃଷ୍ଟ କ୍ଷେତ୍ର ଥିଲା । ଉତ୍ତର ଓଡ଼ିଶାର ଗଣପର୍ବ ମକରମେଳାଠାରୁ ଆରଂଭ କରି ବାହନା ପର୍ବ ପର୍ଯ୍ୟନ୍ତ, ଯାବତୀୟ ପର୍ବପର୍ବାଣି ମଧ୍ୟ ଏହି ହାଟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ମକର ମେଳା ସମୟରେ ମୟୁରଭଞ୍ଜ ଜିଲ୍ଲାର ହାଟଗୁଡ଼ିକ ବେଶ୍ ଚଳଚଞ୍ଚଳ ହୋଇ ଉଠିଥାଏ । ଏଠାରେ ଯୁବକ, ଯୁବତୀମାନଙ୍କ ପାଇଁ ଶାଢ଼ୀ, ଡ୍ରେସ୍ ସାଙ୍ଗକୁ ନାନା ପ୍ରକାର ପ୍ରସାଧନୀ ସାମଗ୍ରୀ, ଘରକରଣା ଉପକରଣ, ପନିପରିବା, କୁକୁଡ଼ା, ଛେଳି, ଘୁଷୁରି ମାଂସ, ହାଣ୍ଡିଆ, ମହୁଲି ମଦ, ଚଣା, ବୁଟସିଝା, ପେଁକାଳି ପର୍ଯ୍ୟନ୍ତ ସବୁକିଛି ମିଳିଥାଏ । ମୟୁରଭଞ୍ଜ ଜିଲ୍ଲାବାସୀଙ୍କର ସାମାଜିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ 'ହାଟ'ଗୁଡ଼ିକ ବେଶ୍ ଗୁରୁତ୍ୱ ବହନ କରିଥାଏ । ମୋଟ ଉପରେ ବୁଝିବାକୁ ଗଲେ, ମୟୁରଭଞ୍ଜ ଜିଲ୍ଲାର 'ହାଟ ସଂସ୍କୃତି' ଖୁବ୍ ନିଆରା । ଉତ୍ତର ଓଡ଼ିଶାର ସବୁଠୁ ବଡ଼ ହାଟ ଭାବେ ମୋରଡ଼ା ବ୍ଲକ୍‌ର ଦାନ୍ତିଆମୁହାଁ ହାଟ ପରିଚିତ । ସେହିଭଳି ଗୁଳିଆପଦା ଓ ବାଘଡ଼ାହାଟ ସବାଇ ଘାସ ଓ ଦଉଡ଼ି ବିକ୍ରି ପାଇଁ ବେଶ୍ ପ୍ରସିଦ୍ଧିଲାଭ କରିପାରିଛି । ମୟୁରଭଞ୍ଜ ଜିଲ୍ଲାରେ ଶତାଧିକ ସାପ୍ତାହୀକ 'ହାଟ' ରହିଛି । ସେଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

ସାପ୍ତାହୀକ ହାଟ	**ବାର**
<u>ବାରିପଦା ବ୍ଲକ</u>	<u>ବାର</u>
ଭୋଦୁଶୋଳ ହାଟ	ଶନି, ମଙ୍ଗଳ
ବଡ଼ଯୋଡ଼ ହାଟ	ସୋମ, ଶୁକ୍ର
ଷ୍ଟେସନ ବଜାର ହାଟ (ବାରିପଦା ଟାଉନ୍)	ଗୁରୁ, ରବି
ଦାମୋଦରପୁର	ସୋମ, ଶୁକ୍ର
ଝିଲ୍‌ପି ହାଟ	ସୋମ, ଶୁକ୍ର
ଲକ୍ଷ୍ମୀପୋଷି	ରବି, ବୁଧ
କାଡୁଫିଲ୍‌ଡ ହାଟ	ମଙ୍ଗଳ, ଶନି

Digitized by srujanika@gmail.com

କଇଁଫୁଲିଆ ହାଟ	ବୁଧ
ରାଗ୍‌ଧା ହାଟ	ମଙ୍ଗଳ
ବଡ଼ଯୋଡ଼ ହାଟ	ସୋମ, ଶୁକ୍ର
ଖୁଣ୍ଟା ବ୍ଲକ୍	**ବାର**
ପୁରୁଣାପାଣି ହାଟ	ସୋମ
ବାସିପିଠା	ବୁଧ
ବାଙ୍ଗରା ହାଟ	ଶନି, ମଙ୍ଗଳ
ସପନଚୁଆ	ସୋମ, ଶୁକ୍ର
ବାହାନଡ଼ା	ଶୁକ୍ର
ଭଲଗଡ଼ିଆ	ବୁଧ, ଶନି
ବଡ଼ଫେଣୀ ହାଟ	ଶୁକ୍ରବାର
ଡୁକୁରା ହାଟ	ମଙ୍ଗଳ, ଶୁକ୍ର
ଖୁଣ୍ଟା ହାଟ	ରବି, ଗୁରୁ
ଭୁପଡ଼ ହାଟ	ରବି, ବୁଧ
କୁସୁମଘାଟି	ମଙ୍ଗଳ, ରବି
ବହଳଦା	ମଙ୍ଗଳ, ଶୁକ୍ର
ତାଡ଼କିଝରଣ ହାଟ	ସୋମ, ଗୁରୁ
ବେତନଟୀ ବ୍ଲକ	**ବାର**
ବେତନଟୀ ହାଟ	ସୋମ, ଶୁକ୍ର
ମହୁରୀ-ଡାହିଭାଟି ହାଟ	ଶନି, ବୁଧ
ଚିତାଡିହି	ବୁଧ, ଶନି
କୁଳିଅଣା ବ୍ଲକ	**ବାର**
କୁଳିଅଣା ହାଟ	ରବି
ଭୁଗୁଡ଼ାକଟା	ରବି
ଖାଇଖିଆ	ରବି
ଚାହୁଆ ହାଟ	ସୋମ, ଗୁରୁ

Digitized by srujanika@gmail.com

ଆଡ଼ଶିଳି ହାଟ	ବୁଧ
ପାତିହିଞ୍ଜା ହାଟ	ବୁଧ
ବାଇଗଣବାଡ଼ିଆ	ମଙ୍ଗଳ, ଶନି
ହାତୀମଡ଼ା ହାଟ	ଶୁକ୍ର
ଡୁମୁରଡିହା	ଗୁରୁ
ଶ୍ରୀରାମଡିହି	ମଙ୍ଗଳ
ମୋରଡା ବ୍ଲକ୍	**ବାର**
ଦାନ୍ତିଆମୁହାଁ ହାଟ	ରବି, ଗୁରୁ
ବାରମାଇଲି ହାଟ	ମଙ୍ଗଳ
ଚିତ୍ରଡ଼ା ହାଟ	ସୋମ, ଶୁକ୍ର
ଧାନଶୋଳ	ବୁଧ, ଶନି
ଝିଙ୍କିରିଆ ହାଟ	ଶନି
ସାନମୁଣ୍ଡାବଣି	ଶନି
ଭାଲୁଘେରା	ରବି
ଚିକିଟାମାଟିଆ	ସୋମ
ଗୋପୀନାଥପୁର	ବୁଧ
ମାହାଣପୁର	ବୁଧ
ଖୁରୁଣ୍ଟିଆ	ଗୁରୁ
ସାରସକଣା ବ୍ଲକ୍	**ବାର**
ଝାଡ଼ପୋଖରିଆ ହାଟ	ମଙ୍ଗଳ
ସାରସକଣା ହାଟ	ଶନି
ବଡ଼ଚାଟରା	ବୁଧ
ଧାଙ୍ଗିଡ଼ିଶୋଳ	ବୁଧ, ଶୁକ୍ର
ଶୁଳିଆପଦା ହାଟ	ବୁଧ, ରବି
ଦାନାଦର ହାଟ	ରବି
ବଡାରଗୋଡ଼ା ହାଟ	ରବି

Digitized by srujanika@gmail.com

ବଡ଼ଚାତରା	ରବି
ଢାମଶୋଳା ହାଟ	ସୋମ
ପୋଖରଡିହା	ସୋମ
ପାର୍କ୍‌ଟିଆ	ମଙ୍ଗଳ
ପୋଖରିଆ	ମଙ୍ଗଳ
ବମ୍ବେ ଛକ ହାଟ	ମଙ୍ଗଳ
ଢାର୍କି ହାଟ	ବୁଧ
ଢକା ହାଟ	ଗୁରୁ
ବାଗବୁଡ଼ା	ଗୁରୁ
ପାଣ୍ଡ୍ରା	ଶୁକ୍ର
ଭୁରୁସାଣି	ଶୁକ୍ର
କାଇରାକଚା	ଶୁକ୍ର

ଶୁଳିଆପଦା ବ୍ଲକ	ବାର
ବାଘଡ଼ା	ସୋମ, ଶୁକ୍ର
କୋଷ୍ଠା	ମଙ୍ଗଳ
ଦୁଳିଆପାଳ	ଗୁରୁ, ସୋମ
ବଡ଼ଦେଉଳି	ମଙ୍ଗଳ, ଶୁକ୍ର
ସାନଦେଉଳି	ରବି, ବୁଧ
ସାତଭାୟା	ରବି
କାଳିମହୁଲି	ରବି, ଗୁରୁ
ଥାନିଆ	ସୋମ, ଶନି
ଅଁଳାକୁଡ଼ା	ବୁଧ
ଉଫଲଗଡ଼ିଆ	ରବି
ଭୋଳା	ରବି, ଶୁକ୍ର
ଶୁଳିଆପଦା	ରବି, ବୁଧ
ବଡ଼ନାଚଣା	ସୋମ, ଗୁରୁ
ବିଲୁଆପଦା	ସୋମ

Digitized by srujanika@gmail.com

ଢାମ୍ବାଦି	ମଙ୍ଗଳ, ଶନି
ଦୁଳିଆପଦା	ଗୁରୁ
ଗଣ୍ଡସାହି	ଗୁରୁ
ବଣକାଟି	ଶନି

<u>ରାସଗୋବିନ୍ଦପୁର ବ୍ଲକ</u>	<u>ବାର</u>
ସୁବନଡିହି (ନଳଗଡା)	ରବି, ଶୁକ୍ର
ନଳଗଡା ହାଟ	ବୁଧ, ଶନି
ବାଛୁରିପଲ	ଗୁରୁ

<u>ବଡସାହି ବ୍ଲକ</u>	<u>ବାର</u>
ବଡ଼ସାହି ହାଟ	ଶନି, ମଙ୍ଗଳ
ମାଣତ୍ରୀ ହାଟ	ଗୁରୁ, ରବି
ବାଲିଯୋଡ଼ା ଗୋରୁହାଟ	ଶନି
ଚାନ୍ଦଡିହା	ଗୁରୁ, ରବି
ବେଲପାଳ	ସୋମ, ଶୁକ୍ର
କୋଚିଳାଖୁଣ୍ଟା	ଗୁରୁ, ରବି
ବୈଦ୍ୟପୁର	ସୋମ, ଗୁରୁ
ପ୍ରତାପପୁର ହାଟ	ରବି, ବୁଧ

<u>ବାଙ୍ଗିରିପୋଷି ବ୍ଲକ</u>	<u>ବାର</u>
ଭୁଆଶୁଣୀ ହାଟ	ଶୁକ୍ର, ରବି
ବାଙ୍ଗିରିପୋଷି ହାଟ	ରବି, ବୁଧ
ଅସନା	ସୋମ
କଳାବାଡ଼ିଆ	ବୁଧ
ବୁଢ଼ାମରା	ଗୁରୁ
ପଥୁରି ହାଟ	ଶୁକ୍ର

<u>ଉଦଳା ବ୍ଲକ</u>	<u>ବାର</u>
ଉଦଳା ହାଟ	ମଙ୍ଗଳ, ଶୁକ୍ର

Digitized by srujanika@gmail.com

ନାବ୍ରା ହାଟ	ବୁଧ, ରବି
ଚକ୍ରଧରପୁର	ଶୁକ୍ର, ମଙ୍ଗଳ
ଶାଳମୁଣ୍ଡୁଳି ହାଟ	ମଙ୍ଗଳ
କପ୍ତିପଦା ବ୍ଲକ	**ବାର**
କପ୍ତିପଦା ହାଟ	ଶନି, ବୁଧ
ଶରତ	ମଙ୍ଗଳ
ଯୋଡ଼ାଡିହା	
କଳମଗଡ଼ିଆ	
ପଦ୍ମପୋଖରୀ	
ଠାକୁରମୁଣ୍ଡା ବ୍ଲକ	**ବାର**
ମହୁଲଡିହା	ସୋମ
କେନ୍ଦୁଝିଆଣି	ସୋମ, ଗୁରୁ
ମିତୁଆଣି	ମଙ୍ଗଳ
ଠାକୁରମୁଣ୍ଡା	ବୁଧ
ସାତକୋଶିଆ	ଗୁରୁ
ଢୋରକ	ଗୁରୁ
ହାତୀଗୋଡ଼ା	ଗୁରୁ
ଅସନବଣି	ଶୁକ୍ର
ଖୁଣ୍ଟାପଣି	ଶନି
ଚଂପାଝର	ରବି
ବହଳଦା ବ୍ଲକ	**ବାର**
ବହଂଳଦା ହାଟ	ରବି
ଢାରିଡାଣ୍ଡି	ସୋମ
ଝରାଡିହି	ଗୁରୁ
ଅସନା	ଶନି, ବୁଧ
ଗିଧିଘାଟି	ଶନି

Digitized by srujanika@gmail.com

ରରୁଆଁ ବ୍ଲକ	ବାର
ରରୁଆଁ ହାଟ	ସୋମ, ଗୁରୁ
ଅଙ୍ଗାରପଦା ହାଟ	ରବି
ଭଞ୍ଜକିଆ ହାଟ	ଶନି
ଢାମୁନାଳିଆ ହାଟ	ବୁଧ
ବିଜାତଳା ହାଟ	ବୁଧ

ବିଜାତଳା ବ୍ଲକ	ବାର
ଖନ୍ତ ହାଟ	ସୋମ
ଲୁହାଶିଳା ହାଟ	ରବି
ବଣକାଟି ହାଟ	ରବି
ସରଗଡ଼ା ହାଟ	ସୋମ
ଚଢ଼େଇପାହାଡ଼ି ହାଟ	ଶୁକ୍ର

କୁସୁମୀ ବ୍ଲକ	ବାର
ହାଟବାଦଳା ହାଟ	ବୁଧବାର
ବାଦାମପାହାଡ଼	ରବି
ଭଣ୍ଡନ ହାଟ	ଶୁକ୍ର
କାଶିଆବେଡ଼ା ହାଟ	ଶୁକ୍ର
ଝିପାବନ୍ଧ ହାଟ	ବୁଧ
ପଢ଼ିଆ ହାଟ	ଗୁରୁ
ଦଲ୍‌କି ହାଟ	ଦୈନିକ

ରାଇରଙ୍ଗପୁର ବ୍ଲକ	ବାର
ରାଇରଙ୍ଗପୁର ହାଟ	ଶୁକ୍ର

ତିରିଂ ବ୍ଲକ	ବାର
ଗୋରୁମହିଷାଣି ହାଟ	ମଙ୍ଗଳ
ଢାରିଡାଣ୍ଡି ହାଟ	ସୋମ

Digitized by srujanika@gmail.com

ରତନସାହି ହାଟ	ମଙ୍ଗଳ
ପଣ୍ଡୁପାଣି	ବୁଧ
ଝରାଡିହି	ଗୁରୁ
ଡିରିଂ ହାଟ	ଶୁକ୍ର
ନୂହାପିଲା ହାଟ	ରବି
ଗୁହାଳଡଙ୍ଗରୀ ହାଟ	ରବି
ସରଗୋଡ଼ା ହାଟ	ସୋମ
ଝୁଲଣ ହାଟ	ଶୁକ୍ର
ସୁଦର୍ଶନପୁର ହାଟ	ଶନି

ଶ୍ୟାମାଖୁଣ୍ଟା ବ୍ଲକ	ବାର
ଭାଲୁକି ହାଟ	ସୋମ
ବାଲିଡ଼ହା ହାଟ	ମଙ୍ଗଳ, ଶୁକ୍ର
ରଙ୍ଗାମାଟିଆ ହାଟ	ବୁଧ, ଶନି
ପୋଡ଼ାଡିହା ହାଟ	ରବି, ଶୁକ୍ର
ଧନପୁର ହାଟ	ଗୁରୁ, ରବି
ଲକ୍ଷ୍ମୀପୋଷି (ଶ୍ୟାମାଖୁଣ୍ଟା ବ୍ଲକ୍)	ସୋମ, ଗୁରୁ

କରଞ୍ଜିଆ ବ୍ଲକ	ବାର
କରଞ୍ଜିଆ ହାଟ	ଗୁରୁ
ଡାଟୋ ହାଟ	ଶନି
କେନ୍ଦୁମୁଣ୍ଡି ହାଟ	ରବି
ସିଙ୍ଗଡ଼ା ହାଟ	ସୋମ

ଯଶୀପୁର ବ୍ଲକ	ବାର
ଯଶୀପୁର ହାଟ	ମଙ୍ଗଳ
ଟଙ୍ଗାବିଲା ହାଟ	ଶୁକ୍ର

ମୟୁରଭଞ୍ଜ ଜିଲ୍ଲାର ସାହିତ୍ୟ ଅନୁଷ୍ଠାନ

୦୧. ବାରିପଦା ସାହିତ୍ୟ ସମାଜ, ବାରିପଦା (୧୯୩୪)

Digitized by srujanika@gmail.com

୦୨. ମୟୂରଭଞ୍ଜ ସାହିତ୍ୟ ପରିଷଦ, ବାରିପଦା (୧୯୮୪)
୦୩. ବାରିପଦା ସାହିତ୍ୟ ସଂସଦ, ବାରିପଦା (୧୯୬୫)
୦୪. ପୂଜ୍ୟପୂଜା ସଂସଦ, ବାରିପଦା (୧୯୮୪)
୦୫. ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ, ବାରିପଦା (୧୯୯୫)
୦୬. ନନ୍ଦିଘୋଷ ସାହିତ୍ୟ ସମାଜ, ସାରସକଣା (୧୯୯୪)
୦୭. ପ୍ରତିଶ୍ରୁତି ପ୍ରତିଷ୍ଠାନ, ବାରିପଦା (୧୯୮୩)
୦୮. ସମ୍ବାଦ ସାହିତ୍ୟ ଘର (୨୬ଟି ବ୍ଲକ୍ ଶାଖା)
୦୯. ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା
୧୦. ଶ୍ରୀରାମଚନ୍ଦ୍ର ଭଞ୍ଜ ଯୁବ ସାହିତ୍ୟ ସଂସଦ, ବାରିପଦା
୧୧. ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ, ଝାଡ଼ପୋଖରିଆ, ମୟୂରଭଞ୍ଜ
୧୨. ବଳାଙ୍ଗୀ ମହୋତ୍ସବ ଟ୍ରଷ୍ଟ, ବାରିପଦା
୧୩. ଆରଣ୍ୟକ ସାହିତ୍ୟ ସଂସଦ, ଉଦଳା (୨୦୦୩)
୧୪. ଭକ୍ତିଗାନ ସଞ୍ଚାର ସମିତି, ଉଦଳା (୨୦୧୦)
୧୫. ପୂଜ୍ୟପୂଜା ସଂସ୍ଥାନ, ଉଦଳା (୨୦୧୫)
୧୬. ଗୋପବନ୍ଧୁ ସ୍ମୃତି ପରିଷଦ, ଉଦଳା (୨୦୧୫)
୧୭. ରାଜ୍ୟସ୍ତରୀୟ ମକର ମିଳନ ପାଳନ ସଂସଦ, କପ୍ତିପଦା
୧୮. ଶମୀବୃକ୍ଷ ସାହିତ୍ୟ ସଂସଦ, ପୋଡ଼ାଡିହା, କପ୍ତିପଦା
୧୯. ଲୁଇପା ମହୋତ୍ସବ ପାଳନ କମିଟି, ରାଜୁ, ଉଦଳା
୨୦. ପରିକ୍ରମା ସାହିତ୍ୟ ସଂସଦ, ରାଇରଙ୍ଗପୁର
୨୧. ବାମନଘାଟି ସାହିତ୍ୟ ପରିଷଦ, ରାଇରଙ୍ଗପୁର
୨୨. କରଞ୍ଜିଆ ସାହିତ୍ୟ ସଂସଦ, କରଞ୍ଜିଆ
୨୩. ଶ୍ରୀରାମଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ, ବାରିପଦା
୨୪. ଚିନ୍ତାମଣି ସ୍ମୃତି ପରିଷଦ, ଉଦଳା (୨୦୦୯)
୨୫. ମଙ୍ଗଳବାରୀୟ ସାହିତ୍ୟ ଆସର, ବାରିପଦା
୨୬. ଓଡ଼ିଆ ଜାଗରଣ ମଞ୍ଚ, ବାରିପଦା
୨୭. ଶାଳ୍ମଳୀ ସାହିତ୍ୟ ସଂସଦ, ବାରିପଦା
୨୮. ପରଶମଣି ଶିଶୁ ସାହିତ୍ୟ ସଂସଦ, ବାରିପଦା

Digitized by srujanika@gmail.com

୨୯. ଗୋପବନ୍ଧୁ ସାହିତ୍ୟ ସଂସଦ, ବାରିପଦା
୩୦. ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ, ଚିତ୍ରଡ଼ା
୩୧. ମୟୂର ସାହିତ୍ୟ ସଂସଦ, ବେତନଟୀ
୩୨. ଆମ ସୁନାଚାନ୍ଦ ଶିଶୁ ସାହିତ୍ୟ ସଂସଦ, ବଡ଼ସାହି
୩୩. ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନ, ବେତନଟୀ, ମୟୂରଭଞ୍ଜ
୩୪. ଅନନ୍ୟା ସାହିତ୍ୟ ସଂସଦ, ବୈଶିଙ୍ଗା, ବେତନଟୀ, ମୟୂରଭଞ୍ଜ
୩୫. ଭଗବାନ ସାହୁ ସ୍ମୃତି ପରିଷଦ, ଡେଁଫୌଦା, ବେତନଟୀ, ମୟୂରଭଞ୍ଜ
୩୬. ସାମୟିକୀ ସାହିତ୍ୟ ଅନୁଷ୍ଠାନ, ବାରିପଦା (୧୯୯୪)
୩୭. ମୟୂରଭଞ୍ଜ ପୁସ୍ତକ ମେଳା, ବାରିପଦା

ମୟୂରଭଞ୍ଜ ଜିଲ୍ଲାରୁ ପ୍ରକାଶିତ ସାହିତ୍ୟ ପତ୍ରପତ୍ରିକା

ପତ୍ରିକାର ନାମ	ସ୍ଥାନ	ସଂପାଦକ/ଅନୁଷ୍ଠାନ
୧. ମୟୂରଭଞ୍ଜ ପାକ୍ଷିକ ପତ୍ରିକା(୧୮୭୮)	ବାରିପଦା	ହରପ୍ରସାଦ ଦାସ
୨. ମୟୂରଭଞ୍ଜ (୧୮୭୯)	ବାରିପଦା	
୩. ବ୍ୟବସାୟୀ (୧୮୮୬)	ବାରିପଦା	
୪. ଉତ୍କଳପ୍ରଭା (୧୮୯୧)	ବାରିପଦା	ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତା
୫. ମନୋରମା (୧୯୦୫)	ବାରିପଦା	ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତା
୬. ମୟୂରଭଞ୍ଜ ଗେଜେଟ୍ (୧୯୩୧)	ବାରିପଦା	
୭. ଭଞ୍ଜପ୍ରଦୀପ (୧୯୩୪)	ବାରିପଦା	ପୃଷ୍ଠପୋଷକତା: ପ୍ରତାପଚନ୍ଦ୍ର ଭଞ୍ଜଦେଓ (ସଂପାଦକ: କାଳିନ୍ଦୀ ଚରଣ ପାଣିଗ୍ରାହୀ)
୮.ମୟୂରଭଞ୍ଜ କ୍ରୋନିକଲ୍ (ଇଂରାଜି, ୧୯୩୫)	ବାରିପଦା	ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତା
୯. ଓଡ଼ିଶା ଗଡ଼ଜାତ (୧୯୪୦)	ବାରିପଦା	ସଂପାଦକ: ହରିଶ୍ଚନ୍ଦ୍ର ଦାସ
୧୦. ଭଞ୍ଜପ୍ରଭା (୧୯୪୦)	ବାରିପଦା	ସଂ: ବସନ୍ତ କୁମାର ଶତପଥୀ
୧୧. ମୟୂରଭଞ୍ଜ ଇନ୍‌ଫର୍ମେସନ ବୁଲେଟିନ୍ (୧୯୪୩)	ବାରିପଦା	ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତା

Digitized by srujanika@gmail.com

୧୨. ଆଜାଦୀ (୧୯୪୯)	ବାରିପଦା	ସଂ: ପ୍ରଫୁଲ୍ଲ ଚୌଧୁରୀ
୧୩. ଚନ୍ଦ୍ରିକା (୧୯୫୧)	ବାରିପଦା	ସଂ: ମହେଶ ମହାପାତ୍ର
୧୪. ମୟୁରଭଞ୍ଜ ଜାଗରଣ (୧୯୬୩)	ବାରିପଦା	ସଂ: ରଘୁନାଥ ମିଶ୍ର
୧୫. ରବିବାର (ସାପ୍ତାହିକ)	ରାଇରଙ୍ଗପୁର	ସଂ: ଅଜୟ ଦାଶ
୧୬. ରାକା	ବାରିପଦା	ସଂ: ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି
୧୭. ଲାଭା	ବାରିପଦା	ସଂ: ସନ୍ତୋଷ ମହାନ୍ତି
୧୮. ମରୁକୁସୁମ	ବାରିପଦା	ସଂ: ଦିଲ୍ଲିପ ଦୀକ୍ଷିତ୍
୧୯. ଦୀପକ	ବାରିପଦା	ସଂ: କାହ୍ନୁ ଚରଣ ଦାସପଟ୍ଟନାୟକ
୨୦. ଚରୈବେତି	ବାରିପଦା	ସଂ. ନିମାଇଁ ମହାନ୍ତି
୨୧. ବିପ୍ଳବ	ବାରିପଦା	ସଂ: ବିଜୟ ବାରିକ
୨୨. ମୟୁରଭଞ୍ଜ ସମାଚାର	ବାରିପଦା	ସଂ: ପୂର୍ଣ୍ଣଚନ୍ଦ୍ର ମାଝୀ
୨୩. ବାରିପଦା ଗେଜେଟ୍	ବାରିପଦା	ସଂ: ତ୍ରିଲୋଚନ ଉତ୍ତରକବାଟ
୨୪. ଭାରତଭୂମି	ବାରିପଦା	ସଂ: ହରି ନାରାୟଣ
୨୫. କଣ୍ଟାଫୁଲ	ବାରିପଦା	ସଂ: ଗୋପାଳ ମହାନ୍ତି
୨୬. ଭଞ୍ଜପ୍ରଭା	ବାରିପଦା	ସଂ: ଶଶିଭୂଷଣ ଦାଶ
୨୭. ମୟୁରାକ୍ଷୀ	ବାରିପଦା	ମୟୁରଭଞ୍ଜ ସାହିତ୍ୟ ପରିଷଦ
୨୮. ବୈତରଣୀ	ବାରିପଦା	ସଂ: ମାନସ ପଣ୍ଡା
୨୯. ଯୁଗଭେରୀ	ବାରିପଦା	ସଂ: ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ
୩୦. ଜନମତ	ବାରିପଦା	ସଂ: ଜ୍ଞାନରଂଜନ ବେହେରା
୩୧. ବିଦ୍ରୋହୀ	ବାରିପଦା	ସଂ: ଦୀନବନ୍ଧୁ ଦାସ
୩୨. ମେଘାସନୀ	କରଞ୍ଜିଆ	
୩୩. ସୁନାବୋଇତ	ବାରିପଦା	ସଂ: ଭାଗବତ ପ୍ରସାଦଲେଙ୍କା
୩୪. ଫଗୁଆ	ବାରିପଦା	ସଂ: ଡ. ଆଦିକନ୍ଦ ମହାନ୍ତ
୩୫. ଚରୈବତୀ	ବାରିପଦା	ବାରିପଦା ସାହିତ୍ୟ ସଂସଦ

Digitized by srujanika@gmail.com

୩୬. ପୂର୍ଜ୍ୟପୂଜା	ବାରିପଦା	ପୂଜ୍ୟପୂଜା ସାହିତ୍ୟ ଅନୁଷ୍ଠାନ
୩୭. ଶଙ୍ଖ	ବାରିପଦା	ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ
୩୮. ମକରମଣ୍ଡା		ସାରସକଣା ନନ୍ଦିଘୋଷ ସାହିତ୍ୟ ସମାଜ
୩୯. ପୁନଶ୍ଚ ଉତ୍କଳପ୍ରଭା	ବାରିପଦା	ସଂ: ଡ. କବିତା ବାରିକ
୪୦. ଭଞ୍ଜଦୀପ	ବାରିପଦା	ସଂ: ସୁଚରିତା ମହାନ୍ତି
୪୧. ଉପାନ୍ତ ମହକ	ଝାରପୋଖରିଆ	ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ,ଝାରପୋଖରିଆ, ମୟୂରଭଞ୍ଜ
୪୨. ବଳାଙ୍ଗୀ	ବାରିପଦା	ବଳାଙ୍ଗୀ ମହୋତ୍ସବ ଟ୍ରଷ୍ଟ
୪୩. ଚୈତ୍ରପର୍ବ	ବାରିପଦା	ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ
୪୪. ପ୍ରତିଶ୍ରୁତି	ବାରିପଦା	ସଂ: ଭାଗବତ ପଣ୍ଡା
୪୫. ଧୁମୁସା	ଉଦଳା	ଉଦଳା ମହୋତ୍ସବ କମିଟି
୪୬. ମହାବାହୁ	ଉଦଳା	ଭକ୍ତିଷ୍ଠାନ ସଞ୍ଚାର ସମିତି
୪୭. ମକର ବାର୍ତ୍ତା	କପ୍ତିପଦା	ରାଜ୍ୟସ୍ତରୀୟ ମକରମିଳନପାଳନ ସଂସଦ
୪୮. ମାଟିଫୁଲ	ଉଦଳା	ଆରଣ୍ୟକ ସାହିତ୍ୟ ସଂସଦ
୪୯. ଜଗମୋହନ	ଦିହିରାକୁଳ(ଉଦଳା)	ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି
୫୦.ପଲ୍ଲୀପ୍ରଭା	ବଡ଼ସାହି	ସଂ: କୁମାର ବାବୁଲି
୫୧. ଆମ ସୁନାଚାନ୍ଦ	ବଡ଼ସାହି	ସଂ: କୁମାର ବାବୁଲି
୫୨. ବଳଙ୍ଗ ପୁଅ	ବେତନଟୀ	ସଂ: ପର୍ଶୁରାମ ସାହୁ
୫୩. କଇଁଫୁଲ	ବେତନଟୀ	ସଂ: ପର୍ଶୁରାମ ସାହୁ
୫୪. ଶତରୂପା	ବୈଶିଙ୍ଗା	ସଂ: ରବିନ୍ କୁମାର ପଣ୍ଡା
୫୫. ସୀମାନ୍ତଲିପି	ରାଇରଙ୍ଗପୁର	ସଂ: କୃତିବାସ ପାତ୍ର
୫୬. ସମର୍ପଣ	ରାଇରଙ୍ଗପୁର	ଜଗନ୍ନାଥ ଚେତନା ପ୍ରଚାର ସମିତି
୫୭. ଧରା ସରଗ	ରାଇରଙ୍ଗପୁର	ବାମନଘାଟୀ ମହୋତ୍ସବ କମିଟି
୫୮. ଦାରୁବ୍ରହ୍ମ	ରାଇରଙ୍ଗପୁର	ସଂ: ଲଳିତ ମହାନ୍ତ
୫୯. ମାଟିଫୁଲ	କପ୍ତିପଦା	ସଂ: ବସନ୍ତ କୁମାର ରାଉଳ
୬୦. ବାଣୀପୀଠ	ବଡ଼ସାହି	ସଂ: କୁମାର ବାବୁଲି
୬୧. କଇଁଫୁଲ	ବେତନଟୀ	ଶତଦଳ ଶିଶୁ ସାହିତ୍ୟ ସଂସଦ
୬୨. ଲହରୀ (୧୯୭୦)	ବାରିପଦା	ସଂ. ଜଗତବନ୍ଧୁ ଆଚାର୍ଯ୍ୟ

Digitized by srujanika@gmail.com

about the author

ranjan pradhan

Ranjan Pradhan, among Odisha's best known short story writers occupies a distinct position in research field and the most lovable name in tribal literature. He is a prolific writer-cum-journalist and one of the most competent and serious researcher of Odisha. He has a very good name as a tribal researcher.

Ranjan Pradhan is one of the most favourite Odia short story writer and has a power to fascinate the readers by his unique story telling manner. Playing with words is another identy of Mr. Pradhan. He is known for his seriousness and sincere effort and intellectual content of any of his work.

As a journalist, Mr. Pradhan is a very polite, professional and gentle by nature. He has an outstanding contribution for social service and known as an honest nature lover. Voluntarily by donating blood he saves many precious human lives. For this kind of social service (donating blood and organising blood camps) he has awarded by the honourable Governor of Odisha and from so many organisations.

His campaign to save river and hills is another identity of Mr. Pradhan. He has influenced the society by writing on hill and rivers of Odisha. As a rural journalist he is well known to everybody in the state. He has worked as a journalist in the Sambad districts like Anandapur, Talcher, Anugul, Nabarangapur, Keonjhar, Bhubaneswar and Mayurbhanj as a district correspondent of **Sambad** (The largest circulated Odia daily newspaper). Mostly he

Digitized by srujanika@gmail.com

has done excellent in tribal regions of Odisha as a journalist. He has coined a new concept about **'tribal journalism'** in Odisha.

Ranjan Pradhan was born in a small remote village (Niginipur) of Kendrapada district of Odisha in 1979. He was writting poetry in his school age. He is a graduate in science stream and zoology as his subject. After his graduation from Kendrapada autonomous college, he has completed his Post Graduation in the subject of Odia language and literature from Utkal University. Now he is continuing Ph.D (Doctor in Philosophy) in Odia language and literature from Utkal University of Culture, Bhubaneswar, Odisha.

Ranjan Pradhan is completed PGJMC (Diploma in Journalism and Mass Communication) and MJMC (Master in Journalism and Mass Communication) as his professional courses. He has started his professional career from 'Sambad' (the largest Odia daily news paper of Odisha). He has experienced both as a sub-editor in the desk and district correspondent in many districts of Odisha.

Ranjan Pradhan starts writing in many odia magazines and newspapers from the year of 1992 during his school life. In the year of 2003, the first poetry book **Matigeeta** (The song of the earth) is published. Pradhan's poems are purely folk centric and rich with village experiences. There were the emotional clarity and honesty of experience in his poetry.

Pradhan has written many Odia short stories. He is very popular in the field of Odia short stories. The exceptional thought and exclusive style in short stories has made him unique from others. He is a styleish story writer in Odia literature. An Odia short story **'Bapa'** (the father) wins *the 13th Bhubaneswar book fair Rabi Pattanaik smruti award (2007)*. During his college period, he gets the first position in state level Odia short story competition sponsored by *Jagaruka Sahitya Sanskruti Pratisthan, Kendrapada (1998).*

Digitized by srujanika@gmail.com

Mr. Pradhan has also gets Srusti o' srasta award-2006 (Umerkote, Nabarangapur district of Odisha) for Odia short stories. He bags *Lekhalekhi Youth Odia Short Story Award-2007 (Youth Odia Short Story Award, Bhubaneswar)* for excellence in Odia short stories, *Nirvan Yuva Pratibha Samman-2008 (Jayapur, Koraput, Odisha, for Odia short stories), Umakanta Mohapatra Smruti Samman-2008 (Kedar Nath Gabesana Prathisthana, Bhubaneswar for Odia short stories), Gouri Sankar award-2011, (Shishu Kalam, Bhubaneswar-2011 for tribal research), Paschima Aadibasi Sahitya samman-2013 (Paschima Sahitya Patrika, Bhubaneswar, for Odia short stories), 30th Bhubaneswar book fair Award-2014 for the book 'Aadibasi Nacha O' Geeta', 17th Kalinga Book Fair Award-2014 (Bhubaneswar) for the Book 'Juanga Parbaparbani', 16th Rajadhani Book Fair Award-2015 (Bhubaneswar) for his book 'Gonasika Nandinee; Baitaranee', 19th Manthan Yuba Pratibha Award, Bhubaneswar-2015 (for best Journalist), Yuba Yoti Pratibha Samman-2015, Bhubaneswar (for best Journalist), Kishori Charan Puraskar-2016 (Kishori Charan Smruti Sansada, Katak) for the Odia short story book 'Bhitamin', Chintamani Behera Smruti Kabita Puraskar-2016, Udala, Mayurbhanj for poetry,Punarnaba Sahitya Samman, Chandol, Kendrapada, 2017 (for prose) etc.* He has got Sahitya Akademi's travel grant and visited New Delhi and made an interaction with the eminent writers of India.

Ranjan Pradhan has written many books both in Odia and English languages. The short story collections TANUJAA BALAKU NEI JETESABU BEKARIA GAPA, BHITAMIN and DUMA DEBATA O ANYAANYA GAPA are three masterpeices of the Odia short story world. MAATI GEETA and BHAGABATA TUNGI are two

Digitized by srujanika@gmail.com

odia poem collections of Mr. Pradhan.

Mr. Pradhan gets an opportunity to work in the Koraput tribal region. He joins at Nabarangapur as the district correspondent of Sambad. He works here for a decade long and gets so much tribal experiences here. Thousands of news feature articles and exclusive news stories relating tribal lives publish in Sambad and other leading Odia news papers and magazines. He makes an extensive tribal research orientetion during his staying in Nabarangapur (Koraput).

Ranjan Pradhan writes BANA DANGARARA GAPA (The books on tribal folk tales of Koraput region). He collects above a hundred of tribal folk tales from this region. Then he thinks his another research project on Paraja tribal life and their material culture. The book PARAJA JIBANA O SANSKRUTI (in Odia language) is a masterpiece of his research carieer. This book really identifies him as a true tribal researcher. Again he publishes a massive book on tribal dance, songs and music of Koraput region. AADIBASI NAACHA O GEETA is a mile stone of his research career. In the mean time, Ranjan Pradhan gathers a huge numbers of tribal folk tales from Koraput region. He writes a book TALES FROM HILL AND JUNGLE. This is his first book published in English language.

Another book AEITHIYA, SANSKRUTI O PARYATANA; KEONJHAR concerning heritage, archaeology, culture and tourism of Kendujhar district is another valuable work of Mr. Pradhan. He has done an extensive work on Juang tribal group who are lived in Kenonjhar and Dhenkanal district of Odisha. Mr. Pradhan has written the book JUANGA PARBAPARBANI (in Odia language). This book contains art, culture, ritual, tradition & festivals of the juang tribe (PTG). Then he has written another big book GONASIKA NANDINI BAITARANEE (a massive colourful book on the river Baitaranee of Odisha) in Odia language. This is the best seller book

Digitized by srujanika@gmail.com

and one of the best books regarding river in India.

In the mean time Ranjan Pradhan gets an opportunity to work in Mayurbhanj district. He joins as the district correspondent of SAMBAD here. His next project starts on archeology, heritage, tourism, rituals, tradition, festival and culture of Mayurbhanj district. Then he writes PARYATANA O PRATNATATTWA: MAYURBHANJ (A massive hand book on Mayurbhanj district and Similipal Bio Sphere with thousands of attractive photos) during his Baripada staying.

Many of his Odia short stories and tribal features have broadcast in All India Radio. He has presented many talks in AIR. He has participated many programmes and panel discussions in Door Darshan, All India Radio and other media.

PERSONAL PROFILE

Name

Ranjan Pradhan

Father's name

Maguni Pradhan

Mother's name

Nayana Pradhan

Family

Wife: Pragyan, Daughter: Samiksha and Suchana

Adress for correspondence

District Correspondent
SAMBAD
Mayurbhanj (Baripada)
Fon: 09437213854 (Mob)

Digitized by srujanika@gmail.com

E-Mail

ranjan.pragyan@gmail.com
ranjan_pragyan@rediffmail.com

Date Of Birth
1st May 1979

Self Sketch
Confident, hard working, sincere, honest, organised, caring
Hobbies
Writting and reading research based articles, fiction and non fiction, cinema script writting & collecting news from different news channels, journey for new places.
Zodiac Sign
Libra
Motto of Life
Live with Love
Profession
Journalism

Academic qualification
i) Bsc. Zoology (Hons), Utkal University, Bhubaneswar, Odisha
ii) M.A. in Odia, Utkal University, Bhubaneswar, Odisha
iii) Ph.D (Doctor in Philosophy) in Odia language and literature is continuing. (Utkal University of Culture, Bhubaneswar, Odisha)

Professional qualification
i) Post Graduate Diploma in Journalism & Mass Communication (PGJMC), IGNOU, New Delhi

Digitized by srujanika@gmail.com

ii) Master in Journalism & Mass Communication (MJMC), North Odisha University, Baripada, Odisha

Languages known

Odia, English, Hindi

Experiences

a) Two decade long experience in an Odia daily newspaper Sambad (Both Desk & Field)

b) Five years experience in an Odia literary magazine Abhipsa (Editorial)

c) Exclusive experiences about tribal lives of Koraput (Undivided), Kendujhar and Mayurbhanj Region of Odisha

Awards

1. First Prize in state lavel Odia short story competition sponsored by Jagaruka sahitya sanskruti pratisthan, Kendrapada (1998)
2. Srusti o' srasta literary award-2006, Umerkote, Nabarangapur (For Odia short story)
3. 23th Bhubaneswar book fair Rabi Pattanaik smruti award-2007 (For Odia short story)
4. Lekhalekhi youth Odia short story award-2007, Bhubaneswar (For Odia short story)
5. Nirvan yuva pratibha samman-2008, Jayapur, Odisha (For Odia short story)
6. Umakanta Mohapatra smruti samman-2008, Kedar Nath Gabesana Prathisthana, Bhubaneswar (For Odia short story)
7. Travel grant -2008, Sahitya Akademi, Kolkata (For Odia short story)
8. Gouri Sankar award-2011, Shishu Kalam, Bhubaneswar (For Odia short story)

Digitized by srujanika@gmail.com

9. Paschima Aadibasi Sahitya samman-2013 (Paschima Sahitya Patrika, Bhubaneswar) for tribal research.

10. 30th Bhubaneswar book fair Award-2014 (For the book 'Aadibasi Nacha O' Geeta' (Odia Prose and research)

11. 17th Kalinga Book Fair Award-2014 (For the Book 'Juanga Parbaparbani' (Tribal Research)

12.16th Rajadhani Book Fair Award -2015 (Bhubaneswar) for the book 'Gonasika Nandinee; Baitaranee'

13. 19th Manthan Yuba Pratibha Award-2015, (Bhubaneswar) for best Journalist

14. Yuba Yoti Pratibha Samman-2015, By Sahara Jana Mancha, Bhubaneswar (for best Journalist)

15. Kishori Charan Puraskar-2016 (Kishori Charan Smruti Sansada, Katak) for the Odia short story book 'Bhitamin'

16. Chintamani Behera Smruti Kabita Puraskar-2016, Udala, Mayurbhanj for poetry.

17. Punarnaba Sahitya Samman, Chandol, Kendrapada, 2017

Research Paper Presentation

1. Paper presentation on "Juang Riddle: One of the significant form of the Tribal Folklore" at Berhampur University, organised by National Sahitya Akademi, Kolkata Regional Office and Berhampur University, 13, November 2015.

2. Paper presentation on "Tribal Dance and Song of Koraput region: an anthropological and poetic evaluation" at Utkal University, organised by Institute of Odia Studies and Odia Department of Utkal University, 25 August 2016.

3. Paper presentation on "Juang womens' status in their community life: Past and Present" at Visva Bharati (Santiniketan), W.B., organised by Centre Of Excellence, Department of Odia,

Digitized by srujanika@gmail.com

Visva-Bharati and Ministry of Tribal Affairs, Govt. of India, New Delhi, 2 March 2017.

Books published

1.Mati gita (Odia)

(Modern poems collection, Published by Pine Books, Cuttack, 2003)

2. Tanuja balaku nei jetesabu bekaria gapa (Odia)

(Short stories collection, Published by Ink Odisha, Bhubaneswar, 2004)

3. Vitamin (Odia)

(Short stories collection, Published by Paschima, Bhubaneswar, 2006)

4. Nabarangapur zillara sanskruti o' parayatan (Odia)

(A Hand Book on Nabarangapur district, Published by PRAGYAN PARIMITA, Kendrapada, 2007)

5. Bana Dangarara Gapa (Odia)

(Tribal folk tales of Koraput region, Published by PRAGYAN PARIMITA, Kendrapada, 2007)

6. Paraja Jeeban O Sanskruti (Odia)

(Book on Tribal Research, The Paraja Tribe of Koraput region, Odisha, Published by PRAGYAN PARIMITA, Kendrapada, 2007)

7. Tales from hill and jungle (English)

(Book on Tribal folk tales of Koraput region, Published by Creative Odisha, Kendrapada, 2009)

8. Bhagabata Tungi

(Anthology of modern Odia poems, Published by Creative Odisha, Kendrapada, 2010)

Digitized by srujanika@gmail.com

9. Aadibasi Naacha O Geeta (Odia)

(Book on Tribal Research, Tribal dances and songs collection, Published by Creative Odisha, Kendrapada, 2012)

10. Heritage, culture and tourism: Kendujhar (Odia)

(A massive hand book on Keonjhar district, Published by Creative Odisha, Kendrapada, 2012)

11. Juang Parbaparbani (Odia)

(Research based field study on art, culture, ritual, tradition & festivals of Juang Tribal People, Published by Creative Odisha, Kendrapada, 2014)

12. Gonasika Nandinee, Baitaranee: A river journey of a journalist (Odia)

(A massive colourful book on the river Baitaranee, Published by Creative Odisha, Kendrapada, 2015)

13. Duma Debata O' Anyaanya Gapa

(Anthology of modern Odia short stories, 2017)

14. **Paryatana O Pratnatatwa: Mayurbhanj**

(A massive hand book on Mayurbhanj district and on Similipal Bio Sphere, Published by Creative Odisha, Kendrapada, 2017)

News paper & Magazine items

About thousands of exclusive news stories & field features, short stories, tribal features, poems & other features are published in many leading Odia literary magazines and newspapers including Sambad where the auther is working. There are so much experiences by taking part in panel discussions in Door Darshan, All India Radio and other media.

Ranjan Pradhan

Digitized by srujanika@gmail.com

ସହାୟକ ଗ୍ରନ୍ଥସୂଚୀ

- ଗୋନାସିକା ନନ୍ଦିନୀ ବୈତରଣୀ. ଲେଖକ: ରଂଜନ ପ୍ରଧାନ. ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା. କେନ୍ଦ୍ରାପଡ଼ା (୨୦୧୫)
- ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର. ଲେଖକ: ରଂଜନ ପ୍ରଧାନ. ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା. କେନ୍ଦ୍ରାପଡ଼ା (୨୦୧୨)
- ମୟୂରଭଞ୍ଜ ଇତିହାସ ଓ ସଂସ୍କୃତିର ମୁଖ୍ୟଧାରା. ଲେଖକ: ଡ. ପ୍ରବୋଧ କୁମାର ମିଶ୍ର. ପ୍ରକାଶକ: ବିଦ୍ୟାପୁରୀ. କଟକ(୨୦୧୪)
- ମୟୂରଭଞ୍ଜ ଇତିହାସ. ଲେଖକ: ଶ୍ୟାମସୁନ୍ଦର ଷଡ଼ଙ୍ଗୀ. ପ୍ରଭୁକୃପା ପ୍ରକାଶନୀ. ବାରିପଦା (୨୦୧୩)
- ସ୍ମୃତି ବିଜଡ଼ିତ ମୋ' ମୟୂରଭଞ୍ଜ. ଲେଖକ: ଶିବପ୍ରସାଦ ବିଶ୍ୱାଳ. ପ୍ରକାଶକ: ପୁଷ୍ପପୁଞ୍ଜ. ବାରିପଦା (୨୦୦୬)
- ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ. ଲେଖିକା: ଡ. କବିତା ବାରିକ. ପ୍ରକାଶକ: ହାଇଫେନ୍, ବାଲେଶ୍ୱର (୨୦୧୧)
- ମୋ ସମୟର ଓଡ଼ିଶା. ଲେଖକ: ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ. କିତାବ୍ ମହଲ. କଟକ. ଚତୁର୍ଥ ମୁଦ୍ରଣ (୨୦୦୭)
- ଖିଚିଂର ପ୍ରାଚୀନ ଇତିହାସ ଓ ସଂସ୍କୃତି. ଇେଖକ: ଶ୍ୟାମ ସୁନ୍ଦର ପାଣିଗ୍ରାହୀ. ପ୍ରକାଶକ: ପଦ୍ମକା ପାଣିଗ୍ରାହୀ. ଖିଚିଂ. ମୟୂରଭଞ୍ଜ (୨୦୧୫)
- ମୟୂରଭଞ୍ଜ ଐତିହ୍ୟ. ପ୍ରକାଶକ: ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍‌ଟର. ବାରିପଦା (୨୦୧୧)
- ଭୁଜଙ୍ଗ ରାଜଗଡ଼ କଇଁସାରୀ. ଲେଖକ: କିଶୋର ଚନ୍ଦ୍ର ଦାସବାବୁ. ଉତ୍ତରା ପ୍ରକାଶନୀ. ଉଦଳା (୨୦୧୫)
- ବିରାଟ ବଂଶ. ଲେଖକ: ଶ୍ରୀନାଥ ମିଶ୍ର. ପ୍ରଥମ ପ୍ରକାଶ କାଳ: ୧୯୧୩
- ସ୍ୱପ୍ନପୁରୀ ଶିମିଳିପାଳ. ଲେଖକ: ଉଦୟ କୁମାର ନାୟକ. ପ୍ରକାଶକ: ରୟାଲ୍ ପବ୍ଲିକେଶନ୍ସ. ବାରିପଦା (୨୦୧୫)
- ଦେବକୁଣ୍ଡ (ପଞ୍ଚସାଗର ତୀର୍ଥ). ଲେଖକ: ଡ. ପ୍ରଦୀପ ଚନ୍ଦ୍ର ମହାନ୍ତ. ପ୍ରକାଶକ: ଲାଇଫ୍ କ୍ଲିନିକ୍. ଉଦଳା (୨୦୦୩)
- *Orissa District Gazetteers, Mayurbhanj -Nilamani Senapati, ICS, Rtd, Dr. Nabin Kumar Sahu, The Superintendent, Orissa Govt. Press, Cuttack (1967)*
- *Archaeological Survey of Mayurbhanj -Nagendra Nath Basu, Hare Press, Calcutta (1911)*

Digitized by srujanika@gmail.com

- *Archaeology of Mayurbhanj -Prof. Prabodh Kumar Mishra, D.K. Printworld(P) Ltd. (1997)*
- *Tiger Conservation Plan of Similipal Tiger Reserve (2013-14 to 2022-23), Field Director, Similipal Tiger Reserve-cum-Regional Chief Conservator of Forests, Baripada*
- *Annual Report of the Geological Department, Mayurbhanj State for 1904-05 by P.N. Bose*
- ଓଡ଼ିଶାର ସଂକ୍ଷିପ୍ତ ଜିଲ୍ଲା ପରିଚୟ, ଲେଖକ: ହରିରଂଜନ ମିଶ୍ର, ପ୍ରକାଶକ: ଚିନ୍ମୟ ପ୍ରକାଶନ, ବିନୋଦବିହାରୀ, କଟକ (୨୦୧୫)
- ଝୁମରର କିଛି ଗୁମର ଓ ଅନ୍ୟାନ୍ୟ ପ୍ରବନ୍ଧ, ଲେଖକ: ଦମୟନ୍ତୀ ବେସ୍ରା, କିତାବ ଭବନ, ଭୁବନେଶ୍ୱର (୨୦୧୨)
- ଅନେକ ସ୍ମୃତି ଓ ସ୍ୱପ୍ନର ଶତାବ୍ଦୀ (ବାରିପଦା ପୌରପାଳିକା ଶତବାର୍ଷିକୀ ସ୍ମରଣିକା), ପ୍ରକାଶକ: ବାରିପଦା ପୌରପାଳିକା (୨୦୦୫)
- ଶ୍ରୀଜଗନ୍ନାଥ ମୟୂରଭଞ୍ଜ, ଲେଖକ: ହିମାଂଶୁ ଶେଖର ଆଚାର୍ଯ୍ୟ, ରୟାଲ୍ ପବ୍ଲିକେଶନ୍ସ, ବାରିପଦା (୨୦୧୩)
- ମୟୂରାକ୍ଷୀ, ବାର୍ଷିକ ମୁଖପତ୍ର-୨୦୧୪, ମୟୂରଭଞ୍ଜ ସାହିତ୍ୟ ପରିଷଦ, ବାରିପଦା, ମୟୂରଭଞ୍ଜ
- ଚୈତ୍ର ପର୍ବ, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ସ୍ମରଣିକା, ବାରିପଦା, ୨୦୧୬
- ଉପାନ୍ତ ମହକ, ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ ସ୍ମରଣିକା, ୨୦୧୫
- ଅଠର ଦେଉଳ, ବାଥୁଡ଼ି ସାଂସ୍କୃତିକ ସମାଜ ମୁଖପତ୍ର, ୨୦୦୪
- ଅଠର ଦେଉଳ, ବାଥୁଡ଼ି ସାଂସ୍କୃତିକ ସମାଜ ମୁଖପତ୍ର, ୨୦୦୩
- ଅଠର ଦେଉଳ, ବାଥୁଡ଼ି ସାଂସ୍କୃତିକ ସମାଜ ମୁଖପତ୍ର, ୨୦୧୪
- ଅଠର ଦେଉଳ, ବାଥୁଡ଼ି ସାଂସ୍କୃତିକ ସମାଜ ମୁଖପତ୍ର, ୨୦୦୫
- ଚୈତ୍ରପର୍ବ, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ସ୍ମରଣିକା, ବାରିପଦା, ୨୦୦୫
- ଚୈତ୍ରପର୍ବ, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ସ୍ମରଣିକା, ବାରିପଦା, ୨୦୧୧
- ଚୈତ୍ରପର୍ବ, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ସ୍ମରଣିକା, ବାରିପଦା, ୨୦୦୭
- ବଳାଙ୍ଗୀ, ବଳାଙ୍ଗୀ ମହୋତ୍ସବ ମ୍ୟାନେଜମେଣ୍ଟ ଟ୍ରଷ୍ଟ, ବାରିପଦା, ୨୦୧୫
- ଚୈତ୍ରପର୍ବ, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ସ୍ମରଣିକା, ବାରିପଦା, ୨୦୦୧
- ଚୈତ୍ରପର୍ବ, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ସ୍ମରଣିକା, ବାରିପଦା, ୨୦୧୨

Digitized by srujanika@gmail.com

ରଂଜନ ପ୍ରଧାନଙ୍କ

ଲିଖିତ କିଛି ବହୁମୂଲ୍ୟ ଗ୍ରନ୍ଥ

ଯୋଗାଯୋଗ : ରଂଜନ ପ୍ରଧାନ/ପ୍ରଜ୍ଞା ପ୍ରଧାନ
ଫୋନ୍ : ୯୪୩୭୨୧୩୮୫୪, ୯୪୩୯୨୭୦୫୬୬
E Mail : ranjan.pragyan@gmail.com
ranjan_pragyan@rediffmail.com

୧. ମାଟି ଗୀତ
(ଓଡ଼ିଆ କବିତା ସଂକଳନ, ପ୍ରକାଶକ: ପାଇନ୍ ବୁକ୍ସ, କଟକ, ପ୍ରକାଶ କାଳ : ୨୦୦୩)

୨. ତନୁଜା ବଳକୁ ନେଇ ଯେତେସବୁ ବେକାରିଆ ଗପ
(ଓଡ଼ିଆ କ୍ଷୁଦ୍ର ଗଳ୍ପ ସଂକଳନ, ପ୍ରକାଶକ: ଇଙ୍କ୍ ଓଡ଼ିଶା, ଭୁବନେଶ୍ୱର, ପ୍ରକାଶ କାଳ: ୨୦୦୪)

୩. ଭିଟାମିନ୍
(ଓଡ଼ିଆ କ୍ଷୁଦ୍ର ଗଳ୍ପ ସଂକଳନ, ପ୍ରକାଶକ: ପକ୍ଷିମା, ଭୁବନେଶ୍ୱର, ପ୍ରକାଶ କାଳ: ୨୦୦୬)

୪. ନବରଙ୍ଗପୁର ଜିଲ୍ଲାର ସଂସ୍କୃତି ଓ ପର୍ଯ୍ୟଟନ
(ଜିଲ୍ଲାର ସଂସ୍କୃତି, ପର୍ଯ୍ୟଟନ, ପରଂପରା, ପ୍ରଥାକୁ ନେଇ ଏକ ହ୍ୟାଣ୍ଡ ବୁକ୍, ପ୍ରକାଶକ: ପ୍ରଜ୍ଞା ପରିମିତା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୦୭)

Digitized by srujanika@gmail.com

୫. ବଣ ଡଙ୍ଗରର ଗପ
(ଆଦିବାସୀ ଲୋକ ଗପ ସଂଗ୍ରହ (ଅବିଭକ୍ତ କୋରାପୁଟ ଅଞ୍ଚଳରୁ), ପ୍ରକାଶକ: ପ୍ରଜ୍ଞା ପରିମିତା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୦୭)

୬. ପରଜା ଜୀବନ ଓ ସଂସ୍କୃତି
(ଆଦିବାସୀ ଗବେଷଣାତ୍ମକ ପୁସ୍ତକ, ପ୍ରକାଶକ: ପ୍ରଜ୍ଞା ପରିମିତା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୦୭)

୭. Tales from hill and jungle (English)
(Book on Tribal folk tales of Koraput region, Published by Creative Odisha, Kendrapada, 2009)

୮. ଭାଗବତ ଟୁଙ୍ଗି
(ଓଡ଼ିଆ କବିତା ସଂକଳନ, ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୧୦)

Digitized by srujanika@gmail.com

୯. ଆଦିବାସୀ ନାଚ ଓ ଗୀତ
(ଆଦିବାସୀ ଗବେଷଣା ପୁସ୍ତକ, ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୧୨)

୧୦. ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ: କେନ୍ଦୁଝର
(କେନ୍ଦୁଝର ଜିଲ୍ଲାକୁ ନେଇ ଏକ ବଡ଼ ହ୍ୟାଣ୍ଡବୁକ୍, ପ୍ରକାଶକ: କ୍ରିଏଟିଭ ଓଡ଼ିଶା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୧୨)

୧୧. ଜୁଆଙ୍ଗ ପର୍ବପର୍ବାଣି
(ଆଦିବାସୀ ଗବେଷଣାତ୍ମକ ପୁସ୍ତକ, ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା, ପ୍ରକାଶ କାଳ: ୨୦୧୪)

୧୨. ଗୋନାସିକା ନନ୍ଦିନୀ ବୈତରଣୀ
(ନଦୀକୁ ନେଇ ଏକ ଗବେଷଣାତ୍ମକ ଗ୍ରନ୍ଥ, ପ୍ରକାଶକ: କ୍ରିଏଟିଭ ଓଡ଼ିଶା, ପ୍ରକାଶ କାଳ: ୨୦୧୫)

୧୩. ଡୁମା ଦେବତା ଓ ଅନ୍ୟାନ୍ୟ ଗଳ୍ପ
(ଓଡ଼ିଆ କ୍ଷୁଦ୍ରଗଳ୍ପ ସଂକଳନ, ପ୍ରକାଶ କାଳ: ୨୦୧୭)

୧୪. ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ : ମୟୂରଭଞ୍ଜ
(ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ପ୍ରତ୍ନତତ୍ତ୍ୱ, କଳା, ସଂସ୍କୃତି ଓ ପରଂପରାକୁ ନେଇ ଏକ ବୃହତ୍ ହ୍ୟାଣ୍ଡବୁକ୍, ପ୍ରକାଶକ: କ୍ରିଏଟିଭ ଓଡ଼ିଶା, କେନ୍ଦ୍ରାପଡ଼ା, ପ୍ରକାଶ ଅପେକ୍ଷାରେ)

Digitized by srujanika@gmail.com

Digitized by srujanika@gmail.com

ମୋର ସବୁବେଳେ ଇଚ୍ଛା ଥିଲା ମୟୂରଭଞ୍ଜକୁ ଖୁବ୍ ନିକଟରୁ ଜାଣିବା । ଏହି ଇଚ୍ଛା ଏବେ ମଧ୍ୟ ଅପୂରଣୀୟ ହୋଇରହିଛି । କିନ୍ତୁ ରଂଜନ ପ୍ରଧାନଙ୍କ ମୟୂରଭଞ୍ଜ ଉପରେ ବିଭିନ୍ନ ତଥ୍ୟ ସମ୍ବଳିତ ପୁସ୍ତକଟି ମୋର ଇପ୍‌ସିତ ଇଚ୍ଛାକୁ ଅନେକାଂଶରେ ପୂରଣ କରିବ ବୋଲି ବିଶ୍ୱାସ । ମୟୂରଭଞ୍ଜର ଅତୀତ ଓ ବର୍ତ୍ତମାନକୁ ଭିତ୍ତି କରି ଶ୍ରୀ ପ୍ରଧାନ ଯେଉଁ ଗ୍ରନ୍ଥଟି ପ୍ରସ୍ତୁତ କରିଛନ୍ତି ତାହା ମୂଳରେ ରହିଛି ତାଙ୍କର ଗଭୀର ଆନ୍ତରିକତା ଓ ଅନୁସନ୍ଧିତ୍ସା । ନିଜର ବୃତ୍ତିଗତ ଚାପ ଓ ବ୍ୟସ୍ତତା ସତ୍ତ୍ୱେ ସେ ମୟୂରଭଞ୍ଜ ଜିଲ୍ଲା ସଂପର୍କରେ ଗଭୀର ଅଧ୍ୟୟନ କରିପାରିଛନ୍ତି ଏବଂ ବିଭିନ୍ନ ସ୍ଥାନର ଗୁରୁତ୍ୱ ସଂପର୍କରେ ତଥ୍ୟ ସଂଗ୍ରହ କରିବା ସାଙ୍ଗକୁ ଫଟୋ ଓ ଶବ୍ଦ ମାଧ୍ୟମରେ ସେସବୁକୁ ଆକର୍ଷଣୀୟ ଭାବେ ପରିବେଷଣ କରିବାରେ ସଫଳ ହୋଇଛନ୍ତି । ଏଥିପାଇଁ ସେ ଆମ ସମସ୍ତଙ୍କର ଧନ୍ୟବାଦ ପାଇବା ପାଇଁ ଯୋଗ୍ୟ । ମୋର ଆଶା ଓ ବିଶ୍ୱାସ, ବହିଟି କେବଳ ମୟୂରଭଞ୍ଜବାସୀଙ୍କ ଦ୍ୱାରା ନୁହେଁ ବରଂ ସବୁ ଓଡ଼ିଆ ପାଠକଙ୍କ ଦ୍ୱାରା ବିଶେଷ ଆଦୃତ ହେବ ।

ଡ. ଅରବିନ୍ଦ ବେହେରା

ମୟୂରଭଞ୍ଜ ଉପରେ ଆଧାରିତ ସାମ୍ବାଦିକ ରଂଜନ ପ୍ରଧାନଙ୍କ ଲିଖିତ ବହୁ ମୂଲ୍ୟବାନ ତଥ୍ୟ ସମ୍ବଳିତ ଏହି ସ୍ଥାନକୋଷଟି ପ୍ରକାଶ ପାଇବା ଆମ ସମସ୍ତଙ୍କ ପାଇଁ ଏକ ଖୁସିର ଖବର । ଏହି ଗ୍ରନ୍ଥଟି ପାଇଁ ମୁଁ ବ୍ୟକ୍ତିଗତ ଭାବେ ଆନନ୍ଦିତ ଓ କୃତଜ୍ଞ । ମୟୂରଭଞ୍ଜ ମାଟିରେ ମୋର ଜନ୍ମ ଏବଂ ଜଣେ ଖାଣ୍ଟି ମୟୂରଭଞ୍ଜିଆ ହୋଇଥିବାରୁ ଏହି ବହିଟି ମୋତେ ଅଧିକ ରୋମାଞ୍ଚିତ କରିଛି । ବହିଟି ହାତରେ ଥିଲାବେଳେ ମନେ ହୁଏ ଯେମିତି ସମଗ୍ର ମୟୂରଭଞ୍ଜ ମୋ' ହାତ ପାପୁଲିରେ । ମୟୂରଭଞ୍ଜ ଜିଲ୍ଲାକୁ ନେଇ ଏତେ କଥା ଜାଣିବାର ଅଛି, ତାହା ଶ୍ରୀ ପ୍ରଧାନଙ୍କ ଏହି ଗ୍ରନ୍ଥ ପଢ଼ି ଅବଗତ ହୋଇପାରିଲି । ମୋ' ପରି ସବୁ ମୟୂରଭଞ୍ଜିଆ ଏ ବହିଟିକୁ ନିଜ ପଢ଼ାଘରେ, ର୍‍ୟାକ୍‌ରେ କିମ୍ବା ଟେବୁଲ୍ ଉପରେ ରଖିବା ଉଚିତ୍ ।

ଉତ୍ତମ ମହାନ୍ତି, ପ୍ରଖ୍ୟାତ ସିନେ ଅଭିନେତା

$ 50

₹ 450

ISBN: 978-81-89098-71-6

କଭର ଫଟୋ:

ଖିଚିଂର ମା' କୀଚକେଶ୍ୱରୀ ମନ୍ଦିର ଗାତ୍ରରେ ସ୍ଥାପିତ ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ମୂର୍ତ୍ତି

ପଛ କଭର ଫଟୋ:

ଗୋପବନ୍ଧୁନଗର ବ୍ଲକ୍ ଦେବଗାଁର ସୋନ ନଦୀ କୂଳରେ ପୂଜା ପାଉଥିବା ଚାମୁଣ୍ଡାଙ୍କ ମୂର୍ତ୍ତି

Digitized by srujanika@gmail.com